

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-114 • MONDAY • 20 OCTOBER 2025 • PAGE-12 • ₹ 6.00 | BHUBANESWAR | ବର୍ଷ-୪୩ • ସଂଖ୍ୟା-୧୧୪ • ସୋମବାର • ୨୦ ଅକ୍ଟୋବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦


### ଶୁଭେଚ୍ଛା

ଆଲୋକର ପର୍ବ ଦୀପାବଳି ଓ ମା' ଶ୍ୟାମାକାଳୀଙ୍କ ପୂଜା ଅବସରରେ 'ସକାଳ' ପରିବାର ପକ୍ଷରୁ ହାର୍ଦ୍ଦିକ ଶୁଭେଚ୍ଛା ॥

### 'ସକାଳ'ର ଛୁଟି

ଆଲୋକର ପର୍ବ ପବିତ୍ର ଦୀପାବଳି ଉପଲକ୍ଷେ ୨୦ ତାରିଖ 'ସକାଳ' କାର୍ଯ୍ୟାଳୟ ଛୁଟି ରହୁଥିବାରୁ ପରବର୍ତ୍ତୀ ସଂସ୍କରଣ ୨୨ ତାରିଖ (ବୁଧବାର) ପ୍ରକାଶ ପାଇବ ।

-ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ

## ଆମେରିକାରେ ଶାସନବିରୋଧୀ ବିକ୍ଷୋଭ

# ରାଜା ନୁହେଁ ଟ୍ରମ୍ପ

### ଦେଶବ୍ୟାପୀ ୨୬୦୦ରୁ ଅଧିକ ରାଲି ● ରାସ୍ତାକୁ ଓହ୍ଲାଇଲେ ୭୦ ଲକ୍ଷ ଲୋକ




■ **ୱାଶିଂଟନ, ୧୯ ।୧୦ (ଏଜେନ୍ସି):** ଗତ ଜାନୁଆରୀ ମାସରେ ଦ୍ୱିତୀୟ ଥର ଆମେରିକାର ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସମଗ୍ର ବିଶ୍ୱକୁ ଅଶାନ୍ତ କରି ରଖିଛନ୍ତି ଡୋନାଲ୍ଡ ଟ୍ରମ୍ପ । ଏପରିକି ଏଥିରୁ ଆମେରିକା ବି ବାଦ୍ ପଡ଼ିନାହିଁ । ତାଙ୍କର ଏକଛତ୍ରବାଦ ଆଭିମୁଖ୍ୟ ଓ କଠୋରପନ୍ଥୀ ନୀତିର ଦୃଢ଼ ବିରୋଧ କରି ଆଜି ଲକ୍ଷ ଲକ୍ଷ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । ରାଜନୈତିକ ବିରୋଧୀ, ଗଣମାଧ୍ୟମ ଉପରେ ଟ୍ରମ୍ପଙ୍କ ଆକ୍ରମଣରେ କ୍ଷୁବ୍ଧ ଥିବା ଲୋକେ ସମଗ୍ର ଆମେରିକାରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଦେଶର ସମସ୍ତ ୫୦ଟି ରାଜ୍ୟର ଭିନ୍ନ ଭିନ୍ନ ସହରରେ ୨୬୦୦ରୁ ଅଧିକ ରାଲି ବାହାର କରାଯାଇଛି । ଏହି ରାଲିଗୁଡ଼ିକରେ ପାଖାପାଖି ୭୦ ଲକ୍ଷ ଲୋକ ଅଂଶଗ୍ରହଣ କରିଛନ୍ତି । କେବଳ ନ୍ୟୁୟର୍କରେ ଲକ୍ଷେରୁ ଅଧିକ ଲୋକ ଟାଇମସ୍କ୍ୱାୟରରେ ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଏହି ଆନ୍ଦୋଳନକୁ 'ନୋ କିଙ୍ଗ୍' (ଟ୍ରମ୍ପ ରାଜା ନୁହନ୍ତି) ପ୍ରୋଟେଷ୍ଟ ନାମ ଦିଆଯାଇଛି । ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳରେ ଆମେରିକା ବିଶ୍ୱ ଦରବାରରେ ବଦନାମ ହେଉଛି ବୋଲି ସେମାନେ ଅଭିଯୋଗ କରିଛନ୍ତି । ଟ୍ରମ୍ପଙ୍କ କାର୍ଯ୍ୟକାଳରେ ଏହାକୁ ତୃତୀୟ ବୃହତ୍ ବିକ୍ଷୋଭ ପ୍ରଦର୍ଶନ ବୋଲି କୁହାଯାଉଛି ।

ଟ୍ରମ୍ପଙ୍କ ଶାସନ କାଳରେ ଆମେରିକାରେ ସବୁଠାରୁ ଦୀର୍ଘକାଳୀନ ସଟ୍ ଡାଉନ୍ ଲାଗୁ ହୋଇଛି । ବିକ୍ଷୋଭକାରୀମାନେ ଟ୍ରମ୍ପଙ୍କ ବିରୋଧରେ ପ୍ରବଳ ଅସନ୍ତୋଷ ଜାହିର କରିଛନ୍ତି । ଗଣତନ୍ତ୍ର, ନ୍ୟାୟ ଓ କ୍ଷମତାର ଦୁରୁପଯୋଗ ନେଇ ବିକ୍ଷୋଭକାରୀ ଖୋଲାଖୋଲି ଭାବେ ନିଜର ମତ ରଖିଛନ୍ତି । ତେବେ ଏହି ବିକ୍ଷୋଭ ସଂପୂର୍ଣ୍ଣ ରୂପେ ଶାନ୍ତିପୂର୍ଣ୍ଣ ଥିଲା । ଏହାପୂର୍ବରୁ ଗତ ଜୁନ୍‌ରେ ମଧ୍ୟ 'ନୋ କିଙ୍ଗ୍' ପ୍ରୋଟେଷ୍ଟ ହୋଇଥିଲା ଓ ଏଥିରେ ପାଖାପାଖି ୨୧୦୦ ରାଲି ବାହରା କରାଯାଇଥିଲା । ନ୍ୟୁୟର୍କର ଟାଇମ୍ସ ସ୍କୋୟାର, ବୋଷ୍ଟନ, ଆଟଲାଣ୍ଟା ଓ ଚିକାଗୋ ପାର୍କରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା । ସେହିପରି ୱାସିଂଟନ, ଲସ୍ ଏଞ୍ଜେଲସ ଓ ରିପବ୍ଲିକାନ ପାର୍ଟି ଶାସିତ ଅନ୍ୟ କେତୋଟି ରାଜ୍ୟରେ ମଧ୍ୟ ଆୟୋଜିତ ହୋଇଥିବା ରାଲିରେ ବହୁ ସଂଖ୍ୟାରେ ଲୋକ ଯୋଗ ଦେଇଥିଲେ ।

ରାଷ୍ଟ୍ରପତି ଟ୍ରମ୍ପ ଏହି ବିକ୍ଷୋଭର ତୀବ୍ର ସମାଲୋଚନା କରିଛନ୍ତି । ସେ ତାଙ୍କ ସାମାଜିକ ଗଣମାଧ୍ୟମ 'ଟ୍ରୁଥ୍'ରେ କହିଛନ୍ତି, ସେମାନେ ମୋତେ ରାଜା କହୁଛନ୍ତି, କିନ୍ତୁ ମୁଁ କୌଣସି ରାଜା ନୁହେଁ । ଏହାର କିଛି ସମୟ ପରେ ସେ ଏଆଇ ଦ୍ୱାରା ପ୍ରସ୍ତୁତ ଏକ ଭିଡିଓ କ୍ଲିପ୍ ଜାରି କରିଛନ୍ତି । ଏଥିରେ ସେ ମୁକୁଟ ପିନ୍ଧି ଯୁଦ୍ଧବିମାନ ଉଡ଼ାଉଥିବା ଦେଖାଯାଇଛି । ଏହି ବିମାନରୁ ବିକ୍ଷୋଭକାରୀଙ୍କ ଉପରେ ମଳ ବର୍ଷା ହେଉଥିବା ଭଳି ମନେ ହେଉଛି । ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ମଧ୍ୟ ଏହି ଆନ୍ଦୋଳନକୁ 'ହେଟ୍ ଆମେରିକା ରାଲି' ବୋଲି ବର୍ଣ୍ଣନା କରିବା ସହ ଜୋରଦାର ନାରାବାଜି କରିଛନ୍ତି । ତେବେ ଉପରାଷ୍ଟ୍ରପତି ଭାନ୍ସ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହାନ୍ତି ।

# ଉତ୍ସାହ କମ୍; ଚିନ୍ତା ଅଧିକ

### ଧନ୍‌ତେରାସ୍‌ରେ ଲକ୍ଷେ କୋଟିର ବେପାର

■ **ମୁମ୍ବଇ, ୧୯।୧୦ (ଏଜେନ୍ସି):** ଚଳିତ ବର୍ଷ ଧନ୍‌ତେରାସରେ କିଣାବିକାରେ ନୂଆ ରେକର୍ଡ ସୃଷ୍ଟି ହୋଇଛି । ଭାରତୀୟମାନେ ପ୍ରାୟ ଲକ୍ଷେ କୋଟି ଟଙ୍କା କାରବାର କରିଛନ୍ତି । ଅଲ୍ ଇଣ୍ଡିଆ ଟ୍ରେଡର୍ସ କନ୍‌ଫେଡେରେସନ (ସିଏଆଇଟି) ପକ୍ଷରୁ ଏହି ସୂଚନା ଦିଆଯାଇଛି । ଦରଦାମ ସହିତ ସୁନା ଏବଂ ରୁପା ମୂଲ୍ୟ ବୃଦ୍ଧି ଯୋଗୁଁ ଦୋକାନ ବଜାରରେ ସେତେ ଗହଳି ନ ଥିଲା । ଏହାସତ୍ତ୍ୱେ ଗତ ବର୍ଷ ଅପେକ୍ଷା ୨୫ ପ୍ରତିଶତ ଅଧିକ କାରବାର ହୋଇଛି । ମାତ୍ର ଏହା ପରିମାଣ ତୁଳନାରେ କମ୍ ରହିଛି । ସୁନାମୂଲ୍ୟ ବଢ଼ିବା ଯୋଗୁ ଆଗ୍ରହ କମ୍ ଥିବା ସତ୍ତ୍ୱେ ବିବାହ ଏବଂ ଅନ୍ୟ କାର୍ଯ୍ୟକ୍ରମ ଜନିତ ଚିନ୍ତା ପାଇଁ ଲୋକେ ଧନ୍‌ତେରାସ ଅଫରର ଲାଭ ଉଠାଇଥିଲେ । ଉଚ୍ଚା ଦର ସତ୍ତ୍ୱେ ୬୦ ହଜାର କୋଟି ଟଙ୍କାର ସୁନା ଏବଂ ରୁପା ବିକ୍ରି ହୋଇଛି । କେବଳ ୩୬ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଛି । ଏହା ଗତ ବର୍ଷ ତୁଳନାରେ ୨୫ ପ୍ରତିଶତ ଅଧିକ । ମାତ୍ର ପରିମାଣ ତୁଳନାରେ ୩ କ୍ୱିଣ୍ଟାଲ କମ୍ । ଗତ ବର୍ଷ ଏହି ଅବସରରେ ୩୯ କ୍ୱିଣ୍ଟାଲ ସୁନା ବିକ୍ରି ହୋଇଥିଲା । ଚଳିତ ବର୍ଷ ସୁନା ମୂଲ୍ୟ ୬୫ ପ୍ରତିଶତ ଏବଂ ରୁପା ମୂଲ୍ୟ ୮୧ ପ୍ରତିଶତ ବୃଦ୍ଧି ପାଇଛି । ତେଣୁ ବଜାରରେ ଉତ୍ସାହ ସେତେ ନ ଥିଲେ ବି ଧନୀଶ୍ରେଣୀୟ ଲୋକଙ୍କ କିଣାବିକା ଏବଂ ବିବାହ ଆଦି କାର୍ଯ୍ୟକ୍ରମର ଯୋଗୁଁ ଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ବେପାର ବୃଦ୍ଧି ପାଇଥିଲା । ଏହା କେବଳ କ୍ରୟ ନୁହେଁ,ବରଂ ରଣନୈତିକ ନିବେଶର ସଙ୍କେତ ବୋଲି ମଧ୍ୟ ▶ପୃଷ୍ଠା-୭



**୬୦ ହଜାର କୋଟିର ସୁନା, ରୁପା ବିକ୍ରି**

**ଗତ ବର୍ଷ ତୁଳନାରେ ୨୫% ଅଧିକ କାରବାର**

**ଗତ ବର୍ଷ ୩୯ ଟନ୍ ସୁନା ବିକ୍ରି; ଚଳିତ ବର୍ଷ ବିକ୍ରିହେଲା ୩୬ ଟନ୍**

### ରବିବାର ବିଭିନ୍ନ ଜିଲ୍ଲାରେ ବର୍ଷା

# ଭିଜିବ ଦୀପାବଳି !

■ **ଭୁବନେଶ୍ୱର, ୧୯।୧୦ (ସମିସ):** ଦକ୍ଷିଣ ଆଣ୍ଡାମାନ ସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ କାରଣରୁ ରବିବାର ରାଜ୍ୟର ବିଭିନ୍ନ ଜିଲ୍ଲାରେ ବର୍ଷା ହୋଇଛି । ବିଶେଷକରି ଅନୁଗୋଳ, ଢେଙ୍କାନାଳ, ଖୋର୍ଦ୍ଧା, କଟକ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା ପରି ଜିଲ୍ଲାରେ ଆଜି ବର୍ଷା ସହ ହାଲୁକା ବେଗରେ ପବନ ହୋଇଥିଲା । ସୋମବାର ଦୀପାବଳିକୁ ନେଇ ରାଜ୍ୟବାସୀ ଉତ୍ସାହିତ ଥିବାବେଳେ ଆସନ୍ତାକାଲି ମଧ୍ୟ ଏକାଧିକ ଜିଲ୍ଲାରେ ବର୍ଷା ହେବା ନେଇ ଆକଳନ କରିଛି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ବାଲେଶ୍ୱର, ▶ପୃଷ୍ଠା-୭

### ପୁଲିସ ଚାକିରି ବେପାର

# ଜେଲ୍‌ରେ ଆଉ ୬୩ ପରୀକ୍ଷାର୍ଥୀଙ୍କୁ ଜେରା

■ **ବ୍ରହ୍ମପୁର, ୧୯ ।୧୦ (ସମିସ):** ପୁଲିସ ସବ୍‌ଇନ୍ସପେକ୍ଟର୍ (ଏସ୍‌ଆଇ) ପରୀକ୍ଷା କେଲେଙ୍କାରୀ ମାମଲାରେ ଗିରଫ ୧୨୩ ଅଭିଯୁକ୍ତଙ୍କ ମଧ୍ୟରୁ ରବିବାର ୬୩ଜଣ ପରୀକ୍ଷାର୍ଥୀଙ୍କୁ ବ୍ରହ୍ମପୁର ଜେଲରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଜେରା କରାଯାଇଛି । ଶନିବାର ୩୧ ଜଣଙ୍କୁ ପଚରାଉଚରା କରାଯାଇଥିବା ବେଳେ ରବିବାର ଆଉ ୬୩ ଜଣଙ୍କୁ ପଚରାଉଚରା କରାଯାଇଛି । ଫଳରେ ବର୍ତ୍ତମାନ ସୁଦ୍ଧା ମୋଟ ୯୪ଜଣଙ୍କୁ କ୍ରାଇମବ୍ରାଞ୍ଚ ଜେରା କଲାଣି । ଏଥିରେ ୨ ଦଲାଲ ମଧ୍ୟ ରହିଛନ୍ତି । ଅବଶିଷ୍ଟ ୨୯ଜଣଙ୍କୁ ଆଗାମୀ ଦିନରେ ଜେରା କରାଯିବ । ରବିବାର ତଦନ୍ତକାରୀ ଅଧିକାରୀ ତଥା କ୍ରାଇମବ୍ରାଞ୍ଚ ▶ପୃଷ୍ଠା-୭

# ଜଙ୍ଗଲରେ ଅଷ୍ଟମ ଛାତ୍ରୀଙ୍କୁ ଦୁଷ୍କର୍ମ

■ **ଦାରିଙ୍ଗବାଡ଼ି, ୧୯।୧୦ (ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ ପୁଣି ଲଜ୍ଜା । ଚପଲ କିଣିଦେବା ଆଳରେ ଡାକିନେଇ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ଗ୍ରାମର ଜଣେ ସମ୍ପର୍କୀୟ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି । ଏନେଇ ନାବାଳିକାଙ୍କ ଦାଦା ଶନିବାର ଦାରିଙ୍ଗବାଡି ଥାନାରେ ଅଭିଯୋଗ କରିଛନ୍ତି ।

ସୂଚନାନୁସାରେ, ଦାରିଙ୍ଗବାଡ଼ି ଥାନା ଅଞ୍ଚଳର ଗୋଟିଏ ପରିବାରର ବାପା ଓ ମା' ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଇଛନ୍ତି । ୧୪ ବର୍ଷର ନାବାଳିକା ତାଙ୍କର ୪ ଛୋଟ ଭାଇଭଉଣୀଙ୍କୁ ନେଇ ଘରେ ରହୁଥିଲେ । ଛୋଟ ଭାଇଭଉଣୀଙ୍କ ଦାୟିତ୍ୱ ନେବା ସହ ନିଜେ ପାଠ ପଢୁଥିଲେ । ସେହି ଗ୍ରାମର ଜଣେ ବିବାହିତ ଯୁବକ ଶୁକ୍ରବାର ମଧ୍ୟାହ୍ନରେ ନାବାଳିକାଙ୍କୁ କହିଥିଲେ, ତୁମ ବାପା ତୁମ ପାଇଁ ଚପଲ କିଣିବାକୁ ମୋ ଆକାଉଣ୍ଟକୁ ପଇସା ପଠାଇଛନ୍ତି । ଦାରିଙ୍ଗବାଡି ବଜାର ଯାଇ ଚପଲ କିଣିଦେବି । ନାବାଳିକା ଜଣଙ୍କ ତାଙ୍କ କଥାରେ ବିଶ୍ୱାସ କରି ତାଙ୍କ ସହ ଯାଇଥିଲେ । ହେଲେ ଯୁବକଜଣଙ୍କ ଅଧା ରାସ୍ତାରୁ ବଜାର ନେବା ବଦଳରେ ନାବାଳିକାଙ୍କୁ ଜଙ୍ଗଲର ଏକ ନିଛାଟିଆ ସ୍ଥାନକୁ ନେଇ ମାରଣାସ୍ତ୍ର ଦେଖାଇ ଭୟଭୀତ କରି ଦୁଷ୍କର୍ମ କରିଥିଲେ । ଘଟଣା ସମ୍ପର୍କରେ କାହାକୁ କହିଲେ, ଜୀବନରେ ମାରିଦେବାକୁ ଧମକ ମଧ୍ୟ ଦେଇଥିଲେ ବୋଲି ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି । ନାବାଳିକା ଜଣଙ୍କ ▶ପୃଷ୍ଠା-୭

### ୭ ବର୍ଷର ନାବାଳିକାକୁ ଅସଦାଚରଣ; ବାବା ଗିରଫ



■ **ନନ୍ଦନକାନନ, ୧୯।୧୦ (ସମିସ):** ଜଣେ ୭ବର୍ଷର ନାବାଳିକାକୁ ଅସଦାଚରଣ କରିବା ଅଭିଯୋଗରେ ନନ୍ଦନକାନନ ପୁଲିସ ଜଣେ ବାବାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଅଭିଯୁକ୍ତ ବାବାଜଣଙ୍କ ହେଲେ, ଅମର ଦାସ(୫୦) ।

ପୁଲିସ ସୂଚନାନୁସାରେ, ନାବାଳିକାଜଣଙ୍କ ସପରିବାରେ ନନ୍ଦନକାନନ ଥାନା ଅଞ୍ଚଳରେ ରୁହନ୍ତି । ଶନିବାର ଦିନ ପ୍ରାୟ ସାଢ଼େ ୧ଟାରେ ନାବାଳିକାଜଣଙ୍କ ଘର ପାଖ ଏକ ଦୋକାନକୁ ଯାଉଥିବା ବେଳେ ନିକଟରେ ଥିବା ଏକ ମଠର ବାବା ଅମର ତାକୁ ମଠକୁ ନେଇଯାଇଥିଲେ । ସେହି ସମୟରେ ମଠରେ କେହି ନଥିବାର ସୁଯୋଗ ନେଇ ଅମର ନାବାଳିକାକୁ ଅସଦାଚରଣ କରିଥିଲେ । ଏଥିରେ ଭୟଭୀତ ହୋଇ ନାବାଳିକା ଜଣଙ୍କ ଚିତ୍କାର ▶ପୃଷ୍ଠା-୭

## ନୂଆପଡ଼ା ଉପନିର୍ବାଚନ

# ନାମାଙ୍କନ ପୂର୍ବରୁ ବିଜେଡିର ବିଶାଳ ଶୋଭାଯାତ୍ରା



**ଶୋଭାଯାତ୍ରାରେ ଯୋଗଦେଲେ ଦଳର ବହୁ ବରିଷ୍ଠ ନେତା**

**ଶକ୍ତି ପ୍ରଦର୍ଶନ ନୁହେଁ; ନବୀନଙ୍କ ପ୍ରତି ନୂଆପଡ଼ାବାସୀଙ୍କ ଭଲପାଇବାର ନିଦର୍ଶନ: ସ୍ନେହାଙ୍ଗିନୀ**

■ **ନୂଆପଡା, ୧୯ ।୧୦ (ସମିସ):** ନୂଆପଡା ଉପନିର୍ବାଚନ ପାଇଁ ଆସନ୍ତାକାଲି ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆ ନାମାଙ୍କନ ପତ୍ର ଦାଖଲ କରିବେ । ଏହାପୂର୍ବରୁ ଆଜି ନୂଆପଡ଼ାରେ ବିଜେଡି କରିଛି ବିଶାଳ ଶୋଭାଯାତ୍ରା । ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀଙ୍କ ସମର୍ଥନରେ ସ୍ଥାନୀୟ ଜନସାଧାରଣ ଓ ଦଳୀୟ ନେତା ଏକ ବିଶାଳ ଶୋଭାଯାତ୍ରାରେ ସହରକୁ କମ୍ପମାନ କରିଛନ୍ତି । ବାଣ, ବାଜା ସହ ଲୋକଙ୍କ ନାଚ ଗୀତରେ ସହର ପ୍ରକମ୍ପିତ ହୋଇଛି । ଅନ୍ୟପକ୍ଷରେ ସ୍ନେହାଙ୍ଗିନୀ ଏହା ଶକ୍ତି ପ୍ରଦର୍ଶନ ନୁହେଁ, ବରଂ ନବୀନଙ୍କ ପ୍ରତି ଲୋକମାନଙ୍କର ଭଲପାଇବାର ନିଦର୍ଶନ ବୋଲି କହିଛନ୍ତି । ସ୍ନେହାଙ୍ଗିନୀ ପ୍ରଥମେ ନୂଆପଡାର ଦେବୀ କଣା ଭଏଁରା ମନ୍ଦିରକୁ ଯାଇଥିଲେ । ସେଠାରେ ପୂଜାର୍ଚ୍ଚନା ପରେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ସ୍ୱାଗତ ସମାରୋହରେ ଯୋଗ ଦେଇଥିଲେ । ସଂଘ ତରଫରୁ ଜିଲ୍ଲା ସଭାପତି ତଥା ଜିଲ୍ଲା ପରିଷଦ ସଭ୍ୟ ଭାନୁପ୍ରତାପ ▶ପୃଷ୍ଠା-୭




# ନୂଆ ଆଲୋକ ଦେଖିଲେ ବୁରୁସାହିବାସୀ

କବାଟବନ୍ଧ,୧୯ ।୧୦ (ସମିସ)




ଦୀପାବଳିରେଆଲୋକଦେଖିଲେଆଦିବାସୀପରିବାର। ଦୀର୍ଘ ପ୍ରାୟ ୩ ବର୍ଷ ପରେ ଆଦିବାସୀ ଗାଁ ବୁରୁସାହିରେ ଜଳିଲା ଆଲୁଅ। ସାପ ବେଙ୍ଗ ଆଦି ସରୀସୃପ ସହିତ ଜଙ୍ଗଲୀ ଜନ୍ତୁଙ୍କ ଭୟରୁ ମୁକ୍ତି ପାଇଲେ ପ୍ରାୟ ୩ ଶହ ଲୋକ। ଅବହେଳିତ ଏହି ଗାଁର ନଗ୍ନତାକୁ ଅତି ପାଖରୁ ପ୍ରଶାସନ ଦେଖୁଥିଲେ ମଧ୍ୟ ସେମାନଙ୍କ ଅବହେଳିତ ଜୀବନକୁ ନେଇ କେବେ ବ୍ୟବସ୍ଥାକୁ ପ୍ରୟୋଗ କରିବା ପାଇଁ ଇଛା ପ୍ରକାଶ କରୁ ନଥିଲେ। ଏ ସଂକ୍ରାନ୍ତରେ ଦୈନିକ ଖବର କାଗଜ "ସକାଳ"ରେ ଏକ ତଥ୍ୟଭିତ୍ତିକ ଖବର ଗତ ୧୬ ସେପ୍ଟେମ୍ବରରେ "ବିକାଶ ଖୋଜୁଛି ବୁରୁସାହି' ଶୀର୍ଷକ ପ୍ରକାଶ ପାଇଥିଲା। ଯାଜପୁର ଜିଲ୍ଲାର ଜଣାଶୁଣା ସମାଜସେବୀ ମୋହନ ମହାରଣା ଏ ଖବରକୁ ପ୍ରଶାସନ, ଟାଟା ପାୱାର ଏବଂ ଧର୍ମଶାଳା ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋକର ପର୍ବ ଦୀପାବଳିରେ ସାରା ଭାରତ ଆଲୋକିତ ହେଉଥିବା ବେଳେ ଅନ୍ଧାରରେ କାଳ କାଟୁଛନ୍ତି ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅଞ୍ଜିରା ପଞ୍ଚାୟତର ଆଦିବାସୀ ଗାଁ ବୁରୁସାହିର ୨୮ ପରିବାରକୁ ତୁରନ୍ତ ବିଦ୍ୟୁତ ସଂଯୋଗ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବିବାର ବିଦ୍ୟୁତ ବିଭାଗର ଏକ ୭ ଜଣିଆ ଟିମ୍ ସହିତ ବିଧାୟକଙ୍କ ନିର୍ଦ୍ଦେଶକ୍ରମେ ଯୁବ ନେତା ରାଜେଶ ପାଲ ବୁରୁସାହିରେ ପହଞ୍ଚି ବାସ୍ତବ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହା ପରେ ସେଠାରେ ବିଭାଗୀୟ କର୍ମଚାରୀ ବିଭିନ୍ନ ଯାଞ୍ଚ କରି ଲାଗିଥିବା ୫ଟି ଷ୍ଟ୍ରିଟଲାଇଟକୁ ଜଳାଇଥିଲେ। ବାକି ରହିଥିବା ପରିବାର ପାଇଁ ଯାଇଥିବା ବିଦ୍ୟୁତ ତାର ଏବଂ ବିଭିନ୍ନ ଯନ୍ତ୍ରାଂଶ ନଷ୍ଟ ହୋଇ ଯାଇଥିବା ଜଣାପଡିଥିଲା। ପରବର୍ତ୍ତୀ ସମୟରେ ଆସନ୍ତା ସପ୍ତାହରେ ଏକ ସ୍ୱତନ୍ତ୍ରଶୈଳୀରେ ସେମାନଙ୍କ ଘରକୁ ସମ୍ପୂର୍ଣ୍ଣ ନୂଆ ତାର, ଏବଂ ଅନ୍ୟାନ୍ୟ ଉପକରଣ ଯୋଗାଇ ଦେବାକୁ ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ଗାଁର ଶେଷ ପର୍ଯ୍ୟନ୍ତ ବିଦ୍ୟୁତ ଖୁଣ୍ଟ ନଥିବାରୁ ଆଉ ଦୁଇଟି ଖୁଣ୍ଟର ଆବଶ୍ୟକ ରହିଛି ଏବଂ ଏହାକୁ ଲଗାଯାଇ ସମ୍ପୂର୍ଣ୍ଣ ଗ୍ରାମକୁ ଅଲୋକୀକରଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଉକ୍ତ ଗ୍ରାମକୁ ୨୦୨୨ ମସିହା ପର ଠାରୁ ସ୍ଥାୟୀ ଭାବେ ବିଦ୍ୟୁତ ବିଚ୍ଛିନ୍ନ କରାଯାଇଥିଲା। ଅନ୍ୟ ପକ୍ଷରେ ଏଠାରେ ରହୁଥିବା ଆଦିବାସୀ ପରିବାର ବିଦ୍ୟୁତ ଶକ୍ତି ସମ୍ବନ୍ଧରେ ସମ୍ପୂର୍ଣ୍ଣ ସଚେତନ ନଥିବାରୁ ବର୍ଷା ଦିନ ସର୍ଟ ସର୍କିଟ ଭୟ ରେ ଧନଜୀବନ ହାନି କାରଣରୁ ବିଭାଗ ପକ୍ଷରୁ ଏମାନଙ୍କ ପାଇଁ ଲାଇନ କାଟି ଦିଆଯାଇଥାଏ। ମାତ୍ର ଏଠାରେ ରହୁଥିବା ପରିବାର ବିଦ୍ୟୁତ ବିଲ ପଇଠ କରା ନ ଯିବାରୁ ରାମ କିଷାନ ସିଂ, ଅର୍ଜୁନ ହେମ୍ବ୍ରମ, ବିଜୟ ବାଙ୍ଗରା, ଗଙ୍ଗା ସିଂ, ଗୋପି ଦିଗା ମୁନା, ହାଡ଼ିବନ୍ଧୁ ଲମହା, ଜନମ ସିଂ, ମଧୁ ମୁଣ୍ଡା, ନାଲୁ ଜେରିଆ, ସରୋଜ ସେଠି, ପାଣ୍ଡେ ଚାତରା, ସୁନାରାମ ବାନ୍ଦ୍ରା, ସଞ୍ଜୟ ସେଠି ମୋଟ ୧୩ ଜଣଙ୍କ ବିଦ୍ୟୁତ ସଂଯୋଗ କାଟି ଦିଆ ଯାଇଥିଲା।

## ସାଇବର ଅପରାଧ ରୋକିବାକୁ ସଚେତନତା



କବାଟବନ୍ଧ,୧୯ ।୧୦ (ସମିସ): ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ମଣିଷ ଦିନକୁ ଦିନ ଯେତେ ସହଜରେ ଅନେକ ସୁବିଧା ସୁଯୋଗ ହାସଲ କରୁଛି ପ୍ରତି ବଦଳରେ ସଚେତନ ଅଭାବରୁ ଅନେକ ବହୁ ପରିମାଣର କ୍ଷତି ମଧ୍ୟ କରୁଛି। ଏହାକୁ ଦୁରେଇବା ପାଇଁ ସଚେତନ ମାଧ୍ୟମରେ ପ୍ରୟାସ ଆରମ୍ଭ କରିଛି ସଚେତନ ନାଗରିକ ମଞ୍ଚ। ସଚେତନ ନାଗରିକ ମଞ୍ଚର ଆବାହକ ସରୋଜ କୁମାର ବେହେରା ଶନିବାର ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ସୋରଇଶ୍ୱର ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ କୁଇଜ ପ୍ରତିଯୋଗିତା ମାଧ୍ୟମରେ ସାଇବର ଅପରାଧର ମାଧ୍ୟମ ଓ ଏହା କିପରି ରୋକିହେବ ସେ ସମ୍ବନ୍ଧରେ ସଚେତନ କରିଥିଲେ। ବିଦ୍ୟାଳୟର ୧୫୦ରୁ ଅଧିକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସାଇବର ଅପରାଧୀମାନେ ନିଜକୁ ବ୍ୟାଙ୍କ କର୍ମଚାରୀ, ସେନା ଅଧିକାରୀ, ବିଭିନ୍ନ କମ୍ପାନୀର ଅଧିକାରୀ କହି ବିଭିନ୍ନ ଲାଭଜନକ ଯୋଜନାର ସୁବିଧା ଦେବା ପାଇଁ କହି ମୋବାଇଲ ନମ୍ବର କୁ ଯାଇଥିବା ଓଟିପି ମାଗି ଆକାଉଣ୍ଟରୁ ଟଙ୍କା ଖାଲି କରିଥାନ୍ତି। ଯଦି କେହି ଏହି ଠକେଇର ଶିକାର ହୁଅନ୍ତି ତେବେ ସାଇବର ପୁଲିସ ହେଲ୍ପ ଲାଇନ ୧୯୩୦ରେ ତୁରନ୍ତ ଜଣାଇବା ପାଇଁ ଶ୍ରୀ ବେହେରା ସୂଚନା ଦେଇଥିଲେ। ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ଶରଣ ପୁରସ୍କାର ପ୍ରଦାନ କରିଥିଲେ। ପରିଶେଷରେ ସାଇବର ଅପରାଧ ଏବଂ ଠକେଇ ରୋକିବା ନେଇ ଏକ ସାମୂହିକ ଶପଥ ପାଠ କରାଯାଇଥିଲା। ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, କୃଷ୍ଣ ସାହୁ, ପ୍ରଦୀପ କୁମାର ମଲ୍ଲିକ, ସୁରେଶ ସାହୁ ଏହି କାର୍ଯ୍ୟକ୍ରମ ରେ ଅଂଶଗ୍ରହଣ କରିଥିଲେ। ଘରେ ଘରେ ସାଇବର କ୍ରାଇମ ରୋକିବାକୁ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏହି କାର୍ଯ୍ୟକ୍ରମ କ୍ରିୟାଶୀଳ ହେବ ବୋଲି ଆବାହକ ସରୋଜ ବେହେରା କହିଛନ୍ତି।

## ଶୁଭଶ୍ରୀ ଓଡ଼ିଶା ପ୍ଲାନିଂ ସେବା ପରୀକ୍ଷାରେ ଟପ୍ପର



ପାଣିକୋଇଲି, ୧୯ ।୧୦(ସମିସ): କୋରେଇ ବ୍ଲକ୍ ଜହ୍ନା ପଞ୍ଚାୟତ ଛୋଟରାୟପୁର ଗ୍ରାମ ନିବାସୀ ଭୁବନେଶ୍ୱର ଜିଲ୍ଲା ସିଭିଲ୍ କୋର୍ଟର ବରିଷ୍ଠ ଆଇନ୍‌ଜୀବୀ ରବୀନ୍ଦ୍ର ଖୁଣ୍ଟିଆଙ୍କ ପୁତ୍ରବଧୂ ଶୁଭଶ୍ରୀ ଲେଙ୍କା ଓଡ଼ିଶା ପ୍ଲାନିଂ ସେବା ପରୀକ୍ଷାରେ ରାଜ୍ୟରେ ଟପ୍ପର୍ ହୋଇଛନ୍ତି। ଓପିଏସ୍‌ସି ଦ୍ୱାରା ପରିଚାଳିତ ଏହି ପରୀକ୍ଷାରେ ଶୁଭଶ୍ରୀ ଯୋଜନା ବିଭାଗର ସହାୟକ ନିର୍ଦ୍ଦେଶକ ପଦବୀରେ ରାଜ୍ୟରେ ଶ୍ରେଷ୍ଠ ର୍ୟାଙ୍କ୍‌ରେ ରହିଛନ୍ତି। ଶୁଭଶ୍ରୀ ୯ ବର୍ଷ ହେଲା କେନ୍ଦ୍ରାପଡ଼ା ଡିଗ୍ରୀ କଲେଜରେ ଅର୍ଥନୀତି ବିଭାଗର ଅଧ୍ୟାପିକା ଭାବେ କାର୍ଯ୍ୟରତ ଥିବାବେଳେ ଏବେ ପିପିଲି ଡିଗ୍ରୀ କଲେଜରେ କାର୍ଯ୍ୟରତ ଅଛନ୍ତି।

## ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ

ଯାଜପୁର,୧୯ ।୧୦(ସମିସ): ଯାଜପୁର ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଯାଜପୁର ନଗର ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବକ୍ଷେତ୍ରର ସହକ୍ଷେତ୍ର ପ୍ରଚାରକ ଜଗଦୀଶ ପ୍ରସାଦ ଖାଡ଼େଙ୍ଗା ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ସତ୍ୟରଞ୍ଜନ ନାୟକଙ୍କ ପରିଚାଳନାରେ ସହପ୍ରାନ୍ତ ପ୍ରଚାରକ ଅସିତ କୁମାର ସାହୁ ଯୋଗ ଦେଇ ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମ ଭାଗ ଜାଗ୍ରତ କରିବାକୁ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ବିଭାଗ ପ୍ରଚାରକ ବିଷ୍ଣୁ ପ୍ରସାଦ ନାୟକ, ବାଲେଶ୍ୱର ସହ ବିଭାଗ କାର୍ଯ୍ୟବାହ ବରୁନ ବନଛୋର, ଜିଲ୍ଲା କାର୍ଯ୍ୟବାହ ଅମୀୟ ସାମଲ, ସହ ଜିଲ୍ଲା କାର୍ଯ୍ୟବାହ ସନ୍ଦୀପ ବିଶ୍ୱାଳ, ଜିଲ୍ଲା ପ୍ରଚାରକ ମନୋଜ କୁମାର ସାହୁ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଙ୍ଘର କାର୍ଯ୍ୟଧାରା, ଲକ୍ଷ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଦେଶ ମାତୃକାର ସେବା କରିବା ଓ ପରମ ବୈଭବଶାଳୀ କରିବା ପାଇଁ ଯୁବ ସ୍ୱୟଂ ସେବକ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବ ବ୍ୟବସ୍ଥା ପ୍ରମୁଖ ଲମ୍ବୋଦର ସାହୁଙ୍କ ନେତୃତ୍ୱରେ ବିରଜା ନଗରର ସ୍ୱୟଂସେବକ ମାନେ ଉପସ୍ଥିତ ରହି ଯୁବ ସମ୍ମଳନୀ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

## ରକ୍ତଦାନ ଶିବିର ସହିତ ଚାରା ବଣ୍ଟନ



କୁଆଖିଆ,୧୯ ।୧୦(ସମିସ): ରସୁଲପୁର ବ୍ଲକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ବିପଦର ବନ୍ଧୁ ପରିବାର ଚାରିଟେବୁଲ ଟ୍ରଷ୍ଟ ତରଫରୁ ସିଂହାପୁର ସ୍ଥିତ ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ଚାରା ବଣ୍ଟନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଶିବିର ରେ ୩୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟର କୋଷାଧ୍ୟକ୍ଷ ଭଗବାନ ଦାଶ ଉଦ୍‌ଘାଟନ କରିଥିଲେ। ସମ୍ବର୍ଦ୍ଧିତ ପ୍ରତିଭା ଭାବେ ଡ. ନିରଞ୍ଜନ ଶତପଥୀ, ପ୍ରହଲ୍ଲାଦ ପଣ୍ଡା, ପୁରୁଷୋତ୍ତମ ଖୁଣ୍ଟିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମସ୍ତ ରକ୍ତଦାତାଙ୍କୁ ଚାରା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ସମ୍ପାଦକ ଗୋପାଳ ପାତ୍ର, ପ୍ରତିଷ୍ଠାତା ନିହାର ଆଚାର୍ଯ୍ୟ, ସାଂଗଠନିକ ସମ୍ପାଦକ ଡ. ବସନ୍ତ କୁମାର ପଣ୍ଡା, ଜ୍ଞାନ ରଞ୍ଜନ ରଥ, ରକ୍ତ ସଚିବ ଶୁଭେନ୍ଦୁ ଶତପଥୀ, ଅଭିନ୍ନ ସାହୁ, ସୁଦାମ ଚରଣ ଦାସ, ସତ୍ୟ ନାରାୟଣ ଜେନା, ସନ୍ତୋଷ ନାୟକ, ଅରବିନ୍ଦ ଦାଶ, ଗୋଲକ ରାଉତ, ମିଡିଆ ସେଲ ସମ୍ପାଦକ ମାନସ ମଲ୍ଲିକ, ଶୁଭାଶିଷ ନାୟକ, ବିଦ୍ୟାଧର ସାହୁ, ପ୍ରଭାସିନୀ ମଲ୍ଲ, କୁଳମଣୀ ନାୟକ, ପ୍ରଦୀପ ସାମଲ, ଚନ୍ଦନ ମହାରଣା, ଶିବାନନ୍ଦ ପଣ୍ଡା, ମଣି ଶଙ୍କର ମଲ୍ଲିକ, ସୁଶାନ୍ତ ପୃଷ୍ଟି, ସୁମନ୍ତ ରଥ, ବିକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## କାଳୀ ପୂଜା ପାଇଁ ଜିଲ୍ଲା ପ୍ରଶାସନର ଫ୍ଲାଗ୍‌ମାର୍ଚ୍ଚ



ଯାଜପୁର, ୧୯ ।୧୦(ସମିସ): ଗଣପର୍ବ କାଳୀପୂଜା ଓ ଲକ୍ଷ୍ମୀନାରାୟଣ ପୂଜା ପାଇଁ ଯାଜପୁର ସହର ଚଳଚଞ୍ଚଳ ହୋଇପଡିଛି। ସମସ୍ତ ମେଢ଼ର କର୍ମକର୍ତ୍ତାମାନେ ପୂଜାକୁ ସରସ ସୁନ୍ଦର ଓ ବିଭିନ୍ନ ପ୍ରକାର ଆକର୍ଷଣୀୟ ତୋରଣ ଓ ଅନ୍ୟାନ୍ୟ ସାଜସଜାରେ ଆଗ୍ରହ ପ୍ରକାଶ କରିଛନ୍ତି। ଯାଜପୁର ସହରରେ କାଳୀପୂଜା ଏକ ଗଣପର୍ବ ହୋଇଥିବାରୁ ଯାଜପୁର ଏବଂ ପଡ଼ୋଶୀ ଭଦ୍ରକ ଏବଂ କେନ୍ଦ୍ରାପଡା ଜିଲ୍ଲାରୁ ଅନେକ ଶ୍ରଦ୍ଧାଳୁ ତଥା ଦର୍ଶକ ପୂଜା ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ଯାଜପୁରକୁ ଆସିଥାନ୍ତି। ଚଳିତ ବର୍ଷ ଭକ୍ତ ଏବଂ ଶ୍ରଦ୍ଧାଳୁଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ଶାନ୍ତି କମିଟି ଓ ପୂଜା କମିଟିର ସଦସ୍ୟ ମାନଙ୍କୁ ନେଇ ୩ ଥର ପ୍ରସ୍ତୁତି ବୈଠକ କରାଯାଇଅଛି। ପ୍ରଶାସନିକ କ୍ଷେତ୍ରରେ ଜିଲ୍ଲାପାଳ ଅମ୍ବର କୁମାର କର ଓ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ ଶନିବାର ସନ୍ଧ୍ୟା ୫.୩୦ ମି. ସମୟରେ ଯାଜପୁର ସହରରେ ଏକ ଫ୍ଲାଗ୍‌ମାର୍ଚ୍ଚ ବାହାରି ହାବେଳୀ ବଜାର, ମାର୍କେଟ ଛକ, ହରପାର୍ବତୀ ଛକ, ବଡ଼ ବଜାର, ନାରାୟଣୀ ଛକ, ଗରିଆପୁର ଛକ, କବରସ୍ତାନ, ମେଡିକାଲ ଛକ, ରେଡକ୍ରସ୍ ଛକ, କିଆନାଳୀ ଛକ ଦେଇ ସଂସ୍କୃତି ଭବନ ଠାରେ ପହଞ୍ଚିଥିଲେ। ଜିଲ୍ଲାପାଳ ଅମ୍ବର କୁମାର କର ଏବଂ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ କାଳୀପୂଜା, ଲକ୍ଷ୍ମୀନାରାୟଣ ପୂଜା ଓ ଦୀପାବଳି ଅବସରରେ ଜିଲ୍ଲାବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଜନସାଧାରଣ ଶାନ୍ତିଶୃଙ୍ଖଳାର ସହିତ ଏହି ମହାନ ପର୍ବ ଓ ଭସାଣୀ ଉତ୍ସବକୁ ଶାନ୍ତିପୂର୍ଣ୍ଣ ଭାବରେ ସମାପନ କରିବାକୁ ଅନୁରୋଧ କରିଛନ୍ତି। ସହରରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଫ୍ଲାଗ୍‌ମାର୍ଚ୍ଚରେ ୨ ଜଣ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ୫ ଜଣ ଉପ ଆରକ୍ଷୀ ଅଧିକ୍ଷକ, ୯ ଜଣ ଇନ୍ସପେକ୍ଟର, ୨୩ ପ୍ଲାଟୁନ ଫୋର୍ସ, ୨ ଜଣ ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ ନିୟୋଜିତ ହୋଇଛନ୍ତି। ସାରା ସହରରେ ପ୍ରମୁଖ ଛକ ମାନଙ୍କରେ ୩୨ ଗୋଟି ସିସିଟିଭି କ୍ୟାମେରା, ୮ଟା ପୋଲିସ ସହାୟତା କେନ୍ଦ୍ର ଖୋଲାଯାଇଛି।

## ■ ସ୍ୱାମୀର ସନ୍ଦେହଜନକ ମୃତ୍ୟୁ ଥାନା ସମ୍ମୁଖରେ ସ୍ତ୍ରୀର ଧାରଣା

ବରୀ, ୧୯ ।୧୦(ସମିସ): ପାରିବାରିକ କହଳ ଯୋଗୁଁ ସ୍ୱାମୀଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ଅଭିଯୋଗ କରି ଥାନା ସମ୍ମୁଖରେ ପରିବାର ଲୋକଙ୍କ ପକ୍ଷରୁ ଧାରଣା ଦିଆଯାଇଛି। ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ଅରଙ୍ଗାବାଦ ପଞ୍ଚାୟତ ୫ ନଂ ୱାର୍ଡ ସଭ୍ୟା ବନ୍ଦନା ମଲ୍ଲିକଙ୍କ ପରିବାର ସହିତ ସମ୍ପର୍କିୟ ଭାଇଙ୍କ ସହିତ ପାରିବାରିକ ବିବାଦ ରହିଥିଲା। ଗତ ଗତ ୧୭ ତାରିଖ ରାତିରେ ବନ୍ଦନାଙ୍କ ସ୍ୱାମୀ ସନ୍ତୋଷ ବିଳମ୍ବିତ ରାତ୍ରୀରେ ଘରେ ପହଞ୍ଚିବ ସେ ଅସୁସ୍ଥ ଅନୁଭବ କରୁଛନ୍ତି। ତାଙ୍କୁ ମଦରେ ବିଷ ଦେଇଥିବା ଅଭିଯୋଗ କରିଥିଲେ। ଏହା ପରେ ତାଙ୍କୁ ପରିବାର ଲୋକେ ବିଳମ୍ବିତ ରାତ୍ରୀରେ ବରୀ ରାମଚନ୍ଦ୍ରପୁର ଥାନାକୁ ଯାଇଥିଲେ ମଧ୍ୟ ସେଠାରେ ତାଙ୍କୁ ଡାକ୍ତରଖାନାକୁ ନେବାକୁ ପରାମର୍ଶ ଦେଇଥିଲେ। ସେହି ରାତାରାତି ପ୍ରଥମେ ବରୀ ଡାକ୍ତରଖାନା ପରେ ଯାଜପୁର ମୁଖ୍ୟ ଡାକ୍ତରଖାନା ଓ ପରେ କଟକ ବଡ ଡାକ୍ତରଖାନାରେ ସନ୍ତୋଷଙ୍କୁ ଭର୍ତ୍ତି କରାଯାଇଥିଲା। କିନ୍ତୁ ସେଠାରେ ଗତକାଲି ସନ୍ତୋଷଙ୍କ ମୃତ୍ୟୁ ହୋଇଥିଲା। ଆଜି ତାଙ୍କର ଶବ ବ୍ୟବଚ୍ଛେଦ ହୋଇ ଆସିବା ପରେ ପରିବାର ଲୋକେ ଏଥିପାଇଁ ପୁଲିସକୁ ଦାୟୀ କରିବା ସହିତ ପୁଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି ଥାନା ଆଗରେ ଶବ ରଖି ଧାରଣା ଦେଇଛନ୍ତି। ଘଟଣାସ୍ଥଳରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ପହଞ୍ଚି ତୁରନ୍ତ ମୃତ ପରିବାରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି ମଧ୍ୟ କରିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ, ଯାଜପୁର ଏସଡିପିଓ ପ୍ରଶାନ୍ତ ମାଝୀ ଓ ସଦର ଥାନା ଅଧିକାରୀ ପ୍ରମୁଖ ପହଞ୍ଚି ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି।



## ତ୍ରିଦିବସୀୟ ଯୋଗ ଶିବିର ଆରମ୍ଭ

ବାଲିଚନ୍ଦ୍ରପୁର,୧୯ ।୧୦(ସମିସ): ବଡ଼ଚଣା ବ୍ଲକ ଅନ୍ତର୍ଗତ ରଇପୁରସ୍ଥିତ ଶ୍ରୀଶ୍ରୀ ସିଦ୍ଧ ମହାପୁରୁଷ ପାଠାଗାର, ପଥରନାସୀ ତରଫରୁ ସିଦ୍ଧ ମହାପୁରୁଷ ମଠ ପରିସରରେ ତ୍ରିଦିବସୀୟ ଯୋଗ ଶିବିର କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଛି। ଏହାକୁ ରଇପୁର ସରକାରୀ ଉଚ୍ଚ ବିଦ୍ୟାଳୟର କ୍ରୀଡ଼ ଶିକ୍ଷକ ଯୋଗଗୁରୁ ମୀନକେତନ ସାହୁ ଉଦ୍‌ଘାଟନ କରିଥିଲେ। ସେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୬ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଯୋଗାଭ୍ୟାସ, ପ୍ରାଣାୟମ ଆଦି ଶିଖାଇବା ସହ ସୁସ୍ଥ ଆଦର୍ଶ ଜୀବନ ପାଇଁ ଯୋଗର ଭୂମିକାକୁ ସରଳ ଭାଷାରେ ବୁଝାଇଥିଲେ। ବିଭିନ୍ନ ଗଳ୍ପ ଓ ଉଦାହରଣ ମାଧ୍ୟମରେ ନୈତିକ ଓ ମୂଲ୍ୟଭିତ୍ତିକ ଶିକ୍ଷା ମଧ୍ୟ ପ୍ରଦାନ କରିଥିଲେ। ପାଠାଗାର ତରଫରୁ ଯୋଗ ଗୁରୁ ମୀନକେତନ ସାହୁଙ୍କୁ ଶିକ୍ଷକ ବିଜୟ କୁମାର ଜେନା ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଆଗାମୀ ଦିନରେ ବ୍ୟାପକ କରାଯିବା ସହ ଛାତ୍ର ଛାତ୍ରୀଙ୍କ ଶାରୀରିକ, ନୈତିକ, ଆବେଗିକ, ସାମାଜିକ ଓ ମାନସିକ ବିକାଶକୁ ତ୍ୱରାନ୍ୱିତ କରି ସାମଗ୍ରୀକ ବିକାଶ ସାଧନ ପାଇଁ ପାଠାଗାର ତରଫରୁ ଏକ ଦୀର୍ଘମିଆଦି ଯୋଜନା ରହିଛି ବୋଲି ପାଠାଗାରର ସମ୍ପାଦକ ହିମାଂଶୁ ଭୂଷଣ ଜେନା ପ୍ରକାଶ କରିଛନ୍ତି। ପାଠାଗାରର ମୁଖ୍ୟ ସଂଯୋଜକ ପଣ୍ଡିତ ଭୂପେଶ କୁମାର ସେନାପତି, ପଣ୍ଡିତ ସୁଧୀର କୁମାର ସେନାପତି, ଶିକ୍ଷକ ଲୋକନାଥ ସେନାପତି ସମେତ ବହୁ ସଭ୍ୟ ସଭ୍ୟା ସହଯୋଗ କରିଥଲେ।

## ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ

ଯାଜପୁର,୧୯ ।୧୦(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନ ଠାରେ ଆଭାସୀ ମାଧ୍ୟମରେ ରାଜ୍ୟରେ ୪୭୧ଟି ନୂତନ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ଓଡ଼ିଶାର ୨୮ ଟି ଜିଲ୍ଲାର ୪,୬୯୩ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ବଣ୍ଟନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ ଅନ୍ତ୍ୟୋଦୟ ଗୃହ ଯୋଜନା ଓ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ଶୁଭାରମ୍ଭ କାର୍ଯ୍ୟକ୍ରମ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ କର ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଏହି ଯୋଜନାର ଲାଭ ପହଞ୍ଚାଇବା ଆମର ଲକ୍ଷ୍ୟ ବୋଲି କହିଥିଲେ। ଆଜିର ଏହି ଶୁଭ ଅବସରରେ ଯାଜପୁର ଜିଲ୍ଲାରେ ଯୋଗ୍ୟ ୧,୬୬୫ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର ଗୃହ ନିର୍ମାଣ ନିମନ୍ତେ ତୃତୀୟ ପର୍ଯ୍ୟାୟରେ ପ୍ରଥମ କିସ୍ତି ଆକାରରେ ୪୦ ହଜାର ଟଙ୍କା ଅର୍ଥ ରାଶି ପ୍ରଦାନ କରାଯାଇଛି। ଏହା ସହିତ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯାଜପୁର ଜିଲ୍ଲାର ୧୦ଟି ପଞ୍ଚାୟତ; ବରୀ ବ୍ଲକର ବାଲିବିଲି ପଞ୍ଚାୟତ, ଧର୍ମଶାଳା ବ୍ଲକର ପାଖର ପଞ୍ଚାୟତ, ରସୁଲପୁର ବ୍ଲକର ବଡକଇଞ୍ଚି ପଞ୍ଚାୟତ, କୋରେଇ ବ୍ଲକର ଗୌରପୁର ପଞ୍ଚାୟତ, ବିଞ୍ଝାରପୁର ବ୍ଲକର ଗୁହାଳି ପଞ୍ଚାୟତ, ଦଶରଥପୁର ବ୍ଲକର ଡହଣୀହତା ପଞ୍ଚାୟତ, ଯାଜପୁର ବ୍ଲକର ବଡ଼ସୁଆର ପଞ୍ଚାୟତ, ସୁକିନ୍ଦା ବ୍ଲକର କଙ୍କଡାପାଳ ପଞ୍ଚାୟତ ଏବଂ ବଡ଼ଚଣା ବ୍ଲକର ଶାଳପଦା ଓ ବୈରୀ ପଞ୍ଚାୟତରେ ନୂଆ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆଜିର ଏହି ସଭାରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଅତିରିକ୍ତ ଜିଲ୍ଲା ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲମ୍ବୋଦର ଖୁଣ୍ଟିଆ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

## କସପା ପଞ୍ଚାୟତରେ ବିଜେଡିର ପଦଯାତ୍ରା



ଦଶରଥପୁର,୧୯ ।୧୦(ସମିସ): ଦଶରଥପୁର ବ୍ଲକ ଅଧୀନ କସପା ପଞ୍ଚାୟତରେ ବିଜେଡି ପକ୍ଷରୁ ପଦଯାତ୍ରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମଚାରୀ ପାଟଣା ଭାଟପଡ଼ିଆ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ସ୍ୱତନ୍ତ୍ର ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦିଗାମ୍ବର ମଲ୍ଲିକ ସଭାପତିତ୍ୱ କରିଥିଲେ। ଅତିଥିଭାବେ ଯାଜପୁର ବିଧାୟିକା ସୁଜାତା ସାହୁ, ବରିଷ୍ଠ ବିଜେଡି ନେତା କର୍ଣ୍ଣାଟ କେଶରୀ ଦାସ, ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ର, ପୂର୍ବତନ ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷ ଆଦିକନ୍ଦ ସନ୍ଧିବିଗ୍ର, ୬ ନମ୍ବର ଜିଲ୍ଲାପରିଷଦ ସଭ୍ୟା ମାମିନା ମଲ୍ଲିକ, ସ୍ଥାନୀୟ ସମିତିସଭ୍ୟା ଗାୟତ୍ରୀ ରାଉତ୍, ଯୁବନେତା ଜୟନ୍ତ ମହାନ୍ତି, ମନୋଜ ରାଉତଙ୍କ ସମେତ ସମସ୍ତ ୱାର୍ଡ ସଭ୍ୟ/ସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ବିଜେଡି କାର୍ଯ୍ୟକର୍ତ୍ତା ବ୍ରହ୍ମଚାରୀ ପାଟଣା ସ୍କୁଲ ନିକଟରୁ ଏକ ପଦଯାତ୍ରାରେ ବାହାରି ସ୍ଥାନୀୟ ଲୋକଙ୍କୁ ସଚେତନ କରିଥିଲେ।

## 'ବସୁଧା' ପତ୍ରିକା ପକ୍ଷରୁ ପ୍ରତିଭା ସମ୍ମାନ



ଯାଜପୁର,୧୯ ।୧୦(ସମିସ): ଓଡିଶା ସାରସ୍ୱତ ମଞ୍ଚର ଏକ ସ୍ୱତନ୍ତ୍ର ମହୋତ୍ସବ ଓଡିଶା ସାହିତ୍ୟ ଏକାଡେମୀ ଏବଂ ଓଡିଶା ସାରସ୍ୱତ ମଞ୍ଚର ମିଳିତ ଆନୁକୂଲ୍ୟରେ ସାରସ୍ୱତ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହେକ୍ଷଇଯାଇଛି। ଯାଜପୁର ବ୍ଲକ ସାନସୁଆର ସ୍ଥିତ ମା' ଚଣ୍ଡୀମାତା ମନ୍ଦିର ପ୍ରାଙ୍ଗଣରେ "ବସୁଧା"ର ସମ୍ପାଦକ ଆନନ୍ଦ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଗ୍ଲୋବାଲ ପିସ ଫାଉଣ୍ଡେସନର ପ୍ରତିଷ୍ଠାତା ଡାକ୍ତର ରାଜକିଶୋର ପଣ୍ଡା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ସ୍ତମ୍ଭକାର ଡ. ମନୋରଂଜନ ମହାନ୍ତି, ଉଦଘାଟକ ଭାବେ ଅବସରପ୍ରାପ୍ତ ପ୍ରଧ୍ୟାପକ ଡ. ଦିଲ୍ଲୀପ କୁମାର ପ୍ରଧାନ ଯୋଗଦେଇ ବକ୍ତବ୍ୟ ମାଧ୍ୟମରେ ଓଡ଼ିଆ ଭାଷା ସାହିତ୍ୟ ବିଶେଷକରି ସମାଜ ଗଠନ ସମ୍ପର୍କରେ ମତପ୍ରକାଶ କରିଥିଲେ। ଏହି ଅବସରରେ ବହୁ ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷାବିତ, ସମାଜସେବୀ, ସାରସ୍ୱତ ସାଧକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ଆରମ୍ଭରୁ ଉପସ୍ଥିତ ବହୁ କବି, କବୟତ୍ରୀ କବିତାପାଠ କରିଥିଲେ। ଅଧ୍ୟାପକ ବିଜୟ କୁମାର ଦାଶ ସଭାକୁ ସଞ୍ଚାଳନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ବଜାରରେ ନିମ୍ନମାନର ମିଠା ବିକ୍ରି ଅଭିଯୋଗ

ଧର୍ମଶାଳା,୧୯ ।୧୦(ସମିସ)



ଧର୍ମଶାଳା ବ୍ଲକ ଜାରକା ବଜାରରେ ଥିବା ଅନେକ ମିଠା ବ୍ୟବସାୟୀ ନିମ୍ନମାନର ମିଠା ପ୍ରସ୍ତୁତ କରି ଗ୍ରାହକମାନଙ୍କୁ ଠକୁଥିବା ଦେଖିବାକୁ ଜଣାପଡିଛି। ସେହିପରି ଦୋକାନରେ ମିଠା ରଖା ଯାଉଥିବା ସ୍ଥାନରେ ମାଛି ଓ ଧୂଳି ଉଡି ପଡୁଥିବା ବେଳେ ଏହାକୁ ସଫା ସୁତାର ରଖିବା ପରିବର୍ତ୍ତେ ଅପରିଷ୍କାର ପରିବେଶରେ ଗ୍ରାହକମାନଙ୍କୁ ଦିଆଯାଉଥିବା ଅଭିଯୋଗ ହୋଇଛି। ସାଧାରଣତଃ ବିଭିନ୍ନ ପର୍ବପର୍ବାଣିରେ ମିଠାର ଚାହିଦା ରହିଥାଏ। ବନ୍ଧୁ ଘର ଠାରୁ ଆରମ୍ଭ କରି କୌଣସି ନୂତନ ସ୍ଥାନକୁ ଯିବା ବେଳେ ମିଠା ଦୋକାନରୁ ମିଠା ନେଇ ଯାଇଥାନ୍ତି। ଏହି ସମୟରେ କିଛି ଲୋକେ ପ୍ରଥମେ ମିଠା ଟେଷ୍ଟ କରି ନେଇ ଥାଆନ୍ତି ତ ଆଉ କିଏ ମିଠା ପସନ୍ଦ କରିବା ପରେ ସେହିପରି ପ୍ୟାକେଟ କରି ନେଇଥାଏ। ଜାରକା ବାଜାରୁ ଜଣେ ବ୍ୟକ୍ତି ଏକ ଦୋକାନରୁ ମିଠା ନେଇ ବନ୍ଧୁ ଘରେ ଅପଦସ୍ତ ହୋଇଛନ୍ତି କିଣି ନେଇଥିବା ମିଠା ବାସିଥିବା ଏବଂ ଏଥିରୁ ଗନ୍ଧ ବାହାରୁଥିବା କୁଣିଆଙ୍କ ଠାରୁ ଜାଣିବା ପରେ ମିଠା ବିକ୍ରି କରିଥିବା ଦୋକାନୀଙ୍କୁ ଏ ବିଷୟରେ ପଚାରିବାରୁ ଦୋକାନୀ ଭୁଲ ସ୍ୱୀକାର କରିବା ବଦଳରେ ଖରାପ ବ୍ୟବହାର କରିଥିବା ବ୍ୟକ୍ତି ଜଣଙ୍କ ଅଭିଯୋଗ କହିଛନ୍ତି। ସେହିପରି ବଜାରରେ ଅନେକ ମିଠା ଦୋକାନ ରହିଛି ଏବଂ ସେମାନଙ୍କ ପାଖରେ ସମାନ ଭଳି ନାନା ପ୍ରକାର ମିଠା ମଧ୍ୟ ରହିଛି। କିନ୍ତୁ ସବୁଠାରୁ ବଡ଼ କଥା ଦୋକାନ ରେ ମିଠା ସମାନ ଥିବା ବେଳେ ମିଠାର ଆକାର, ସ୍ୱାଦ ଏବଂ ମାନ ନିମ୍ନମାନର ହୋଇଥିବା ଦେଖିବାକୁ ମିଳୁଛି। ଏହିପରି ଅନ୍ୟ ଜଣେ ଗ୍ରାହକ କହିଛନ୍ତି ଜାରକା ବଜାରର ଅନ୍ୟ ଏକ ମିଠା ଦୋକନକୁ ଯାଇ ଛେନାଝିଲି କିଣିବା ପୂର୍ବରୁ ତାହାର ମୂଲ୍ୟ ପଚାରିଥିଲେ। ଦୋକାନୀ ମଧ୍ୟ ତାହାର ମୂଲ୍ୟ କହିବା ପରେ ଗ୍ରାହକ ଜଣଙ୍କ ଏହା ଅନ୍ୟ ଏକ ଦୋକାନ ଠାରୁ ଛୋଟ ଥିବା କହିଥିଲେ। ଦୋକାନୀ ଜଣଙ୍କ ଭଲ ବ୍ୟବହାର କରିନଥିବା ଗ୍ରାହକ କହିଛନ୍ତି। ପୂର୍ବରୁ ରସଗୋଲା, ଛେନାଗଜା, ଛେନାପୋଡ଼, ଜିଲାପି, ଲଡୁ ଭଳି ମିଠାର ବହୁଳ ବ୍ୟବହାର ହେଉଥିବା ବେଳେ ବର୍ତ୍ତମାନ ଯୁଗୋପଯୋଗୀ ନୂଆ ନୂଆ ଭେରାଇଟିର ମିଠା ବଜାରରେ ଦେଖିବାକୁ ମିଳୁଛି। ଏହି ମିଠା ପ୍ରସ୍ତୁତ ପାଇଁ ଛେନା, ସୁଜି, କ୍ଷୀର, ଚିନି, କାଜୁ, ପେସ୍ତା ବାଦାମ, ଘିଅ, ମିଲକମେଡ୍ ଭଳି ବିଭିନ୍ନ ପ୍ରକାର ସାମଗ୍ରୀର ଆବଶ୍ୟକ ହୋଇଥାଏ। ଯେଉଁ କାରଣରୁ ବଜାରରେ ମିଠା ଦର ଆଗ ଅପେକ୍ଷା ଅଧିକ ମୂଲ୍ୟରେ ବିକ୍ରି ହେଉଛି। ଅନେକ ଅସାଧୁ ବ୍ୟବସାୟୀ ଛେନା ବଦଳରେ ବଜାରରେ ଉପଲବ୍ଧ ବିଭିନ୍ନ ପ୍ରକାର ମିଲ୍କ ପାଉଡର ମିଶାଇ ମିଠା ପ୍ରସ୍ତୁତ କରୁଛନ୍ତି। ମିଠା ରେ ବିଭିନ୍ନ ପ୍ରକାର ରଙ୍ଗ ଓ ଫ୍ଲେବର୍ ନାଁ ରେ କେମିକାଲ ଦିଆଯାଉଛି। ଯାହାକି ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହୋଇଛି।

## ଉତ୍କଳ ସାମ୍ବାଦିକ ସଂଘ ବାର୍ଷିକ ଉତ୍ସବ

ଯାଜପୁର,୧୯ ।୧୦(ସମିସ): ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଜିଲ୍ଲା କୋରେଇ ବ୍ଲକ ଶାଖା ପକ୍ଷରୁ ଦ୍ୱିତୀୟ ବାର୍ଷିକ ଉତ୍ସବ ରଗଡି ସ୍ଥିତ ମା' କାମୁଡେଇ ପୀଠ କଲ୍ୟାଣମଣ୍ଡପ ଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ଉଦଘାଟକ ଭାବେ ଯାଜପୁର ସାଂସଦ ଡ.ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇ ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ ତେଣୁ ବିଭ୍ରାନ୍ତିକର ଖବର ଠାରୁ ଦୁରେଇ ରହି ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ। ମୁଖ୍ୟଅତିଥି ଭାବେ କୋରେଇ ବିଧାୟକ ଆକାଶ ଦାସ ନାୟକ, ମୁଖ୍ୟବକ୍ତା ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସଭାପତି ବିଭୁତି ଭୂଷଣ କର ଯୋଗଦେଇଥିଲେ। ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ସମ୍ପାଦକ ବିଶ୍ୱଜିତ ନାୟକ, କୋରେଇ ଥାନାଧିକାରୀ ରାକେଶ ତ୍ରିପାଠୀ, ଶିକ୍ଷାବିତ ସୁକାନ୍ତ ରାଉତ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦକ ପବିତ୍ର ରଞ୍ଜନ ମହାନ୍ତି ସମ୍ପାଦକୀୟ ବିବରଣୀ ପାଠ କରିଥିବାବେଳେ ଚନ୍ଦ୍ରକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ। କୋରେଇ ବ୍ଲକ ଶାଖାର ବରିଷ୍ଠ ସଭ୍ୟ ସୁକର୍ଣ୍ଣ ରାଉତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଶ୍ୱଜିତ କର ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ପ୍ରତିଭା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବରିଷ୍ଠ ସଭ୍ୟ ରଜତ କୁମାର ସାହା, ନୀଳକଣ୍ଠ ସେନାପତି, ସୁଧୀର କୁମାର ମହାରଣା, ଦେବେନ୍ଦ୍ର କୁମାର ଚକ୍ର, ପ୍ରିୟ ରଞ୍ଜନ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘର ଜାତୀୟ ପରିଷଦ ସଭ୍ୟ ପ୍ରଦୀପ ଚାନ୍ଦ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପସଭାପତି ପ୍ରଦୀପ ଜେନା, ଯଜ୍ଞଦତ୍ତ ତ୍ରିପାଠୀ, ଆଶୁତୋଷ ମହାନ୍ତି, ପ୍ରଦ୍ୟୁମ୍ନ ବୋଇତାଇ, ଅଭିମନ୍ୟୁ ମିଶ୍ର, ବିଦ୍ୟାଧର ବେହେରା, ଦିବ୍ୟକାନ୍ତ କର, ସଞ୍ଜୟ କର, ଲିଙ୍ଗରାଜ ସାହୁ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।



# ଧନତେରସରେ ବୋହି ନେଲେ ଝାଡ଼ୁ

ତୁରୁମୁଙ୍ଗା, ୧୯।୧୦(ସମିସ): ଧନତେରସରେ ଧନ୍ୱନ୍ତରୀଙ୍କୁ ପୂଜା କରିବା ସହ ସୁନା ଗହଣା ଅଳଙ୍କାର କିଣିବା ପ୍ରଥା ଚାଲୁ ରହି ଆସିଥିବା ବେଳେ ଗ୍ରାହକଙ୍କୁ ସୁନା ଦୋକାନ ଅପେକ୍ଷା ଝାଡ଼ୁ ଦୋକାନରେ ଗ୍ରାହକଙ୍କ ଭିଡ଼ ଥିବା ଦେଖିବାକୁ ମିଳିଥିଲା । ବର୍ତ୍ତମାନ ସୁନା ଦର ଆକାଶ ଛୁଆଁ ହୋଇଥିବା ବେଳେ ସୁନା କିଣିବାକୁ ମନ ବଳାଇଥିଲେ ମଧ୍ୟ କେହି ସୁନା କିଣି ପାରୁନାହାନ୍ତି । ଏଭଳି ସ୍ଥିତିରେ କେବଳ ବିଧି ରକ୍ଷା କରିବାକୁ ଲୋକେ ଝାଡ଼ୁ କିଣିବାକୁ ମନ ବଳାଇ ଝାଡ଼ୁ ଦୋକାନରେ ଭିଡ଼ ଜମାଇ ଝାଡ଼ୁ କିଣି ଘରକୁ ନେଇଥିଲେ ।

# ସ୍ଲରି ପାଇପ୍‌ଲାଇନ ଖୋଳାରେ ଅନିୟମିତତା

ଯୋଡ଼ା,୧୯।୧୦(ସମିସ) : କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳ ଅନ୍ତର୍ଗତ ନଇବୁଗା ଅଞ୍ଚଳରେ ଏକ ଖଣି ଓ ଶିଳ୍ପ ସଂସ୍ଥାର ସ୍ଲରି ପାଇପଲାଇନ ଖୋଳାରେ ବନାଞ୍ଚଳକୁ ନେଇ ହୋଇଥିବା ଅନିୟମିତତାର ଯାଞ୍ଚରେ ବନ ବିଭାଗ ଜୁଟିଛି । ଏନେଇ ବାମେବାରୀ ବନପାଳ ବୁଲୁ ନାହାକ କହିଛନ୍ତି ଯେ ବସନ୍ତପୁରଠାରେ ଥିବା ଏକ ପ୍ଲାଣ୍ଟର ସ୍ଲରି ପାଇପଲାଇନ୍ ଖୋଳା କାର୍ଯ୍ୟ ନଇବୁଗା ଅଞ୍ଚଳରେ ଚାଲିଛି । ନେଦୀକୋଟଠାରୁ ନଇବୁଗା ପର୍ଯ୍ୟନ୍ତ ଖୋଳା ଯାଉଥିବା ଏହି ପାଇପଲାଇନର କାମ ଚାଲିଥିବା ବେଳେ ନଇବୁଗାଠାରେ ଥିବା ବନ ବିଭାଗ ଦ୍ୱାରା ଲଗାଯାଇଥିବା ଗଛକୁ ସଂପୃକ୍ତ କମ୍ପାନୀ ମେସିନ ଦ୍ୱାରା କାଟି ଦେଇଥିବା ଅଭିଯୋଗ ହୋଇଥିଲା । ଡିଏଫଓଙ୍କ ନିର୍ଦ୍ଦେଶକ୍ରମେ ଚମ୍ପୁଆ ରେଞ୍ଜର ଏସିଏଫ୍ ଅକ୍ଷୟ ଛତ୍ରିଆ ଘଟଣାସ୍ଥଳରେ ଏହାର ବିଧିବଦ୍ଧ ଯାଞ୍ଚ କରିଛନ୍ତି । ପ୍ରାୟ ୧୨ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ରୂପାନ୍ତରିତ କରାଯାଇଛି । ତେବେ ଲ୍ୟାଣ୍ଡ ୟୁଜ ପେଟର୍ନରେ ସଂପୃକ୍ତ ସ୍ଲରି କମ୍ପାନୀ ଅନିୟମିତତା କରିଥିବା ହେତୁ ବନ ବିଭାଗ ଏହାର ତଦନ୍ତ କରୁଥିବା ଜଣେ ବନ କର୍ମଚାରୀ ସୂଚନା ଦେଇଛନ୍ତି । ସଂପୃକ୍ତ କମ୍ପାନୀର କୌଣସି ମତାମତ ମିଳି ପାରି ନାହିଁ ।

# ବଞ୍ଚୋ ଛକରେ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ଦାବି



ହାଟଡ଼ିହୀ,୧୯।୧୦(ସମିସ): ଆନନ୍ଦପୁର ଭଦ୍ରକ ରାସ୍ତାର ବଞ୍ଚୋ ଛକରେ ଏକ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ଦାବି ଜଣାଇଛନ୍ତି ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ । ଏହି ଛକଟି ଉପରେ ଗ୍ରାମର ଶତାଧିକ ଲୋକ ନିର୍ଭର କରିଥାନ୍ତି । କଲେଜ ଯିବାଆସିବା କରୁଥିବା ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ବଞ୍ଚୋ, ଭାତକରୁଆ ଗ୍ରାମର ଗ୍ରାମବାସୀ ଦୂରଦୁରାନ୍ତକୁ ଯାତାୟାତ ପାଇଁ ଏଠାରେ ବସକୁ ଅପେକ୍ଷା କରିଥା'ନ୍ତି । ଏନେଇ ଗତ ୨୦୨୩ରେ ଉପାଧ୍ୟକ୍ଷ ତତକାଳୀନ ବିଡ଼ିଓ ଏବଂ ଉପଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ପାଞ୍ଚ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦିଆଯାଇଥିଲା । ଏପରିକି ପୁରୁଣା ବିଶ୍ରାମ ଘରଟିକୁ ଭାଙ୍ଗିବା ପାଇଁ ଏନଓସି ମଧ୍ୟ ଦିଆଯାଇଥିଲା । ଆଜି ପର୍ଯ୍ୟନ୍ତ ପୁରୁଣା ଯାତ୍ରୀ ବିଶ୍ରାମାଗାର ଭଙ୍ଗାଗଲାନି କି ନୂତନ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ହେଲାନି । ଫଳରେ ସ୍ଥାନୀୟ ଲୋକମାନେ ବର୍ଷା ହେଲେ ବିପଦସଙ୍କୁଳ ବିଶ୍ରାମଗୃହରେ ବାଧ୍ୟ ହୋଇ ଆଶ୍ରୟ ନେଉଛନ୍ତି । ତୁରନ୍ତ ଯାତ୍ରୀ ବିଶ୍ରାମଗୃହ ନିର୍ମାଣ ପାଇଁ ହାଟଡ଼ିହୀ ବ୍ଲକ୍ ଉପାଧ୍ୟକ୍ଷ ରତିକାନ୍ତ ରାଉତ ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଦାବିପତ୍ର ଦେଇଛନ୍ତି ।

# ସେବା କାର୍ଯ୍ୟକ୍ରମ ଆଧାରିତ ଗୋପକଥା




କେନ୍ଦୁଝର,୧୯।୧୦(ସମିସ): କେନ୍ଦୁଝର ସଦର ବ୍ଲକ ମଇଦାନକେଲ ପଞ୍ଚାୟତ ହରିହରପୁର ଓ ଡିମ୍ବୋ ପଞ୍ଚାୟତର ଚକ ନୂଆ ସାଇଠାରେ ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଆତ୍ମ ଜୀବନୀ ଏବଂ ସେବା କାର୍ଯ୍ୟକ୍ରମ ଆଧାରିତ ଗୋପକଥା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂଯୋଜନାରେ ଓଡିଶା ଗାନ୍ଧୀ ବିଚାର ପରିଷଦ, ପ୍ରଗତି ଫାଉଣ୍ଡେସନ ଟ୍ରଷ୍ଟ, ସ୍ୱସ୍ତି ଫାଉଣ୍ଡେସନ, ସଂଯୋଗ, ସିନ୍ଦୁର ଗୌରୀ ବନଧନ ବିକାଶ କେନ୍ଦ୍ର, କାଳୀରୁକ୍ଷୀ କୃଷକ ଉତ୍ପାଦକ ସଂଗଠନ ସହାୟତାରେ ବିଭିନ୍ନ ସ୍ଥାନରେ ଗୋପ କଥା ଆୟୋଜନ ହୋଇଥିଲା । ଏଥିରେ ଛାତ୍ରଛାତ୍ରୀ ମହିଳା ସଂଗଠନ ସଦସ୍ୟା, କୃଷକ ଭାଇଭଉଣୀ ଅଂଶଗ୍ରହଣ କରିଥିଲେ । କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ବରିଷ୍ଠ ଟ୍ରଷ୍ଟି ଡା. ବିମ୍ବାଧର ବେହେରା ମୁଖ୍ୟବକ୍ତା, ଓଡିଶା ଗାନ୍ଧୀ ବିଚାର ପରିଷଦର ଅଧକ୍ଷ ତଥା ଗାନ୍ଧୀ ତତ୍ତ୍ୱବିତ ଭକ୍ତବତ୍ସଳ ମହାନ୍ତି ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସଙ୍କ ସାକ୍ଷୀଗୋପଳ ବକୁଳବନ ବନ ବିଦ୍ୟାଳୟ ପ୍ରତିଷ୍ଠା ଓ ଗୁରୁକୁଳ ଢାଞ୍ଚାରେ ସଂସ୍କୃତିର ସୁରକ୍ଷା ପାଇଁ ଶିକ୍ଷା ଦାନ, ଆଦର୍ଶ ଛାତ୍ରଛାତ୍ରୀ ନିର୍ମାଣ, ଓଡ଼ିଆ ଭାଷାର ସୁରକ୍ଷା ଏବଂ ଦେଶ ରସ୍ୱାଧିନତା ପାଇଁ ମହାତ୍ମା ଗାନ୍ଧୀ ଡାକରାର କାରାବରଣ, ସର୍ବୋପରି ତାଙ୍କ ଲିଖିତ କାରାକବିତା ବିଷୟରେ ଚର୍ଚ୍ଚା କରିଥିଲେ । ପ୍ରଗତି ଫାଉଣ୍ଡେସନର ସଭାପତି ମନୋଜ ମାହାନ୍ତ, କଳ୍ପନା ନାୟକ, କାଞ୍ଚନଲତା ମାହାନ୍ତ, ରଞ୍ଜୁଲତା ମାହାନ୍ତ, କମଳା ମହାନ୍ତ ସହଯୋଗ କରିଥିଲେ ।

# ପ୍ରଚଣ୍ଡ ଶବ୍ଦକାରୀ ବାଣ ବିକିଲେ କାର୍ଯ୍ୟାନୁଷ୍ଠାନ

କେନ୍ଦୁଝର,୧୯।୧୦(ସମିସ)



**କେନ୍ଦୁଝରରେ ମିଳିଛି ୪୯ ଦୋକାନୀଙ୍କୁ ଲାଇସେନ୍‌ସ**

ଦୀପାବଳି ପାଇଁ କେନ୍ଦୁଝର ସହରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡ଼ିଆରେ ବାଣ ଦୋକାନ କୋଲିବାକୁ ଅନୁମତି ଦିଆଯାଇଛି । ପୌରପାଳିକା, ପୁଲିସ ପକ୍ଷରୁ ବାଣ ବିକ୍ରି ପାଇଁ ଅନୁମତି ଦିଆଯାଇଛି । ଗତବର୍ଷ ଯାଞ୍ଚ ବେଳେ ବାଣ ଦୋକାନଗୁଡିକର ବିଭିନ୍ନ ଅନିୟମିତତା ସାମ୍ନାକୁ ଆସିଥିଲା । ହେଲେ ଚଳିତ ବର୍ଷ ବାଣ ଦୋକାନୀଙ୍କ ପାଇଁ ନିୟମ କଡାକଡି କରାଯାଇଛି । ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ପିସିବି) ପକ୍ଷରୁ ନିୟମ ଉଲ୍ଲଙ୍ଘନରେ ଜରିମାନା ସହ ବାଣ ଦୋକାନୀଙ୍କ ନାମରେ ମାମଲା ରୁଜୁ କରାଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଛି । ସହରର ଧରଣୀଧର ବିଶ୍ୱବିଦ୍ୟାଳୟ ପଡିଆରେ ବାଣ ଦୋକାନ ଖୋଲିଛି । ଏଥିପାଇଁ ଲାଇସେନ୍ସ ଆଣିବା ବାଧ୍ୟତାମୂଳକ କରାଯାଇଛି । ବାଣ ବିକ୍ରି ପାଇଁ ପିସିବିର ନିର୍ଦ୍ଦିଷ୍ଟ ଗାଇଡଲାଇନ ବିଷୟରେ ଦୋକାନୀଙ୍କୁ ଅବଗତ କରାଯାଇଛି । ବାଣ ଦୋକାନୀମାନେ ପୌରପାଳିକା ଠାରୁ ଆବଶ୍ୟକ ଫର୍ମ ଆଣି ଅଗ୍ନିଶମ ଓ ଥାନାରୁ ଅନୁମତି ଆଣିବା ପରେ ୪୯ ଜଣ ଆବେଦନକାରୀଙ୍କୁ ଲାଇସେନ୍ସ ପ୍ରଦାନ କରାଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଅଗ୍ନିଶମ ବିଭାଗ ନିୟମାନୁସାରେ, ଅସ୍ଥାୟୀ ବାଣ ଦୋକାନରେ ଅଗ୍ନି ନିର୍ବାପକ ଯନ୍ତ୍ର ସହିତ ପାଣି ଏବଂ ବାଲି ବାଲଟି ରଖିବେ, ନିର୍ଦ୍ଦିଷ୍ଟ ଦୂରତା ମଧ୍ୟରେ ଦୋକାନ ନିର୍ମାଣ କରିବେ, ପ୍ରଚଣ୍ଡ ଶବ୍ଦ ଓ ପ୍ରଦୂଷଣ ସୃଷ୍ଟି ଭଳି ବାଣ ବିକ୍ରି କରିପାରିବେ ନାହିଁ । ବାଣ ଦୋକାନୀମାନେ କେବଳ ସବୁଜ ବାଣ ବିକ୍ରି କରିବେ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଇଂ ପ୍ରଶାନ୍ତ କର ପ୍ରକାଶ କରିଛନ୍ତି । ଚଳିତବର୍ଷ ଏହାକୁ କଡାକଡି ଭାବେ କାର୍ଯ୍ୟକାରୀ କରିବାକୁ ପୁଲିସ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାଉପରେ ଥାନାୱାରି ପୁଲିସ ସହ ଅଗ୍ନିଶମ ଓ ପିସିବିର ମିଳିତ ଟିମ୍ ଯାଞ୍ଚ କରିବେ । ପ୍ରଥମେ ଦୋକାନ ଖୋଲା ଥିବା ସ୍ଥାନ ଏବଂ ଦୋକାନ ନିର୍ମାଣ ଶୈଳୀ, ସୁରକ୍ଷା ପ୍ରତି ଦୃଷ୍ଟି ଦିଆଯାଇଛି । ବାଣ ଦୋକାନରେ ବିକ୍ରି ହେଉଥିବା ସମସ୍ତ ବାଣଗୁଡିକର ଯାଞ୍ଚ କରାଯିବ ଯଦି କେହି ଧାର୍ଯ୍ୟ ନିୟମର କୌଣସି ଗୋଟିଏ ନିୟମ ଉଲ୍ଲଙ୍ଘନ କରିଥିବେ ସଂଗେ ସଂଗେ କାର୍ଯ୍ୟାନୁଷ୍ଠାନ କରାଯିବ । ସଂପୃକ୍ତ ଦୋକାନୀଟିର ଲାଇସେନ୍ସ ରଦ୍ଦ କରାଯିବା ସହ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି ।

**ରେଳ ସାଇଡିଂରେ ଖଣି ବିଭାଗର ଚଢ଼ଉ**

# ବିପୁଳ ପରିମାଣରେ ଚୋରା ଖଣିଜ ଦ୍ରବ୍ୟ ଜବତ





ବଡ଼ବିଲ, ୧୯।୧୦(ସମିସ): କେନ୍ଦୁଝର ଜିଲ୍ଲା ବଡବିଲ ରେଳ ସାଇଡିଂରେ ଯୋଡ଼ା, କୋଇଡା ଓ ଭୁବନେଶ୍ୱର ଖଣି ବିଭାଗ ପକ୍ଷରୁ ଚଢ଼ଉ କରାଯାଇଛି । ଗଚ୍ଛିତ ଥିବା ବିପୁଳ ପରିମାଣର ବେଆଇନ ଖଣିଜ ପଦାର୍ଥ ଜବତ କରାଯାଇଛି । ଖଣି ବିଭାଗର ଏକ ସ୍ୱତନ୍ତ୍ର ସ୍କ୍ୱାଡ ଏହି ଚଢଉରେ ସାମିଲ ହୋଇ ବଡ଼ବିଲ ରେଳ ସାଇଡିଂରେ ଚଢ଼ଉ କରି ନୂତନ ଭାବେ ଗଚ୍ଛିତ ଥିବା ୧୫୪୦ ଟନ ଓ ପୂର୍ବରୁ ସଂଗୃହିତ କରାଯାଇଥିବା ୯୬୦ ଟନ ଖଣିଜ ଦ୍ରବ୍ୟ ବେଆଇନ ଭାବେ ଗଚ୍ଛିତ ଚୋରା ଚାଲାଣ ପାଇଁ ଯୋଜନା କରାଯାଉଥିବା ନେଇ ଖଣି ବିଭାଗ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରେଳ ସାଇଡିଂରେ ଚଢ଼ଉ କରି ଖଣିଜଗୁଡିକୁ ଜବତ

**ମିଶ୍ରିତ ଖଣିଜ ରେଳ ଯୋଗେ ପରିବହନ ଅଭିଯୋଗ**

କରିବା ସହ ତାର ସଠିକ ମାନ ନିରୂପଣ ପାଇଁ ନମୁନା ସଂଗ୍ରହ କରିଥିବା ଜଣାପଡ଼ିଛି । ଜବତ ଖଣିଜ ଦ୍ରବ୍ୟ ଗୁଡ଼ିକର ଆନୁମାନିକ ମୂଲ୍ୟ କୋଟିଏ ଟଙ୍କାରୁ ଅଧିକ ହେବ ବୋଲି ଖଣି ବିଭାଗ ଅନୁମାନ କରିଛି । ରେଳ ବିଭାଗ କହିବା ଅନୁଯାୟୀ, ସାଇଡିଂର ୬ ନଂ ଅଞ୍ଚଳ ରାସ୍ତାରେ ବଡ ବଡ ଗାତ ହେଇଥିବାରୁ ସେଗୁଡିକ ପୂରଣ କରିବା ପାଇଁ ପୂର୍ବରୁ ଗଚ୍ଛିତ ଖଣିଜକୁ ସେଠାରେ ପକା ଯାଇଥିଲା । ଏ ବିଷୟରେ ଯୋଡ଼ା ଖଣି ଉପନିର୍ଦ୍ଦେଶକ ଦିନେସ ଅଗ୍ରୱାଲ କହିଥିଲେ ଯେ ଗାତ ପୋତିବା ପାଇଁ ହେଲେ ମଧ୍ୟ ରେଳ ବିଭାଗ ଆମଠାରୁ କୌଣସି ଅନୁମତି ନେଇନାହିଁ । ତେଣୁ ଏହି ବେଆଇନ ଚୋରା କାରବାରରେ କେଉଁମାନଙ୍କ ସମ୍ପୃକ୍ତି ଅଛି ତଦନ୍ତ ଚାଲିଛି ।

# ରାଜନଗର ରଘୁନାଥଜୀଉ ମଠରେ ବଇତ ବନ୍ଦାଣ ପ୍ରସ୍ତୁତି

ତୁରୁମୁଙ୍ଗା, ୧୯।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମରେ ଥିବା ରଘୁନାଥଜୀଉ ମଠରେ ଚଳିତବର୍ଷ ହେବାକୁ ଯାଉଥିବା ବଇତବନ୍ଦାଣ ପାଇଁ କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି । ପ୍ରତାପଚନ୍ଦ୍ର ରଣାଙ୍କ ଅଧ୍ୟକ୍ଷତାରେ ବୈଠକରେ ବଇତ ବନ୍ଦାଣ କମିଟିର ସଭାପତି ଧରଣୀଧର ଦାଶ, କୋଷାଧ୍ୟକ୍ଷ ଶଶିରଞ୍ଜନ ମିଶ୍ରଙ୍କ ସମେତ ସମସ୍ତ ସଭ୍ୟ ସାଜସଜ୍ଜା ଶାନ୍ତିଶୃଙ୍ଖଳା ଉପରେ ଆଲୋଚନା କରିଥିଲେ ।



ବୈଠକରେ ରାଜନଗର ସରପଞ୍ଚ ସୁଧାଂଶୁ ଶେଖର ନାୟକ, କାଙ୍ଗାଳି ନାୟକ, ରଞ୍ଜନ କୁମାର ପାଣି, ବସନ୍ତ ମିଶ୍ର, ତୃପ୍ତିରଞ୍ଜନ ସିଂହ, ଦିଲୀପ ସିଂହ, ରଣଜିତ ବେହେରା, ଶ୍ରଦ୍ଧାନନ୍ଦ ପାଣି ଉପସ୍ଥିତ ଥିଲେ । ଚଳିତବର୍ଷ ପୁଣି ଏଠାରେ ବାଲି ଯାତ୍ରା ଅନୁଷ୍ଠିତ ହେବା ସହ ବାଲି ଯାତ୍ରାରେ ବିଭିନ୍ନ ଦୋଳି ମିନାବଜାର ସହ ୭ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ଆଲୋଚନା କରାଯାଇଛି ।

**● ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ପ୍ରଦାନ**

# ୩ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ



ତୁରୁମୁଙ୍ଗା, ୧୯।୧୦(ସମିସ): ପାଟଣା ବ୍ଲକ୍‌ର ୨୦ଟି ପଞ୍ଚାୟତର ୨୭୬ ଜଣ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ପ୍ରଥମ କିସ୍ତି ଏକାଉଣ୍ଟ ମାଧ୍ୟମରେ ପ୍ରଦାନ କାରଯିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ବ୍ଲକର ତିନିଟି ଗ୍ରାମପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ଯମୁନାପଶି, କଣ୍ଟିଆପଡା ଓ ତୁରୁମୁଙ୍ଗା ପଞ୍ଚାୟତର ଭବନର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ବ୍ଲକ ସ୍ୱଭାଗୃହରେ ଆୟୋଜିତ ଆଭାସୀ କାର୍ଯ୍ୟକ୍ରମରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ବିଧାୟକଙ୍କ ପ୍ରତିନିଧି କମଳାକାନ୍ତ ଦାଶ, ବ୍ଲକ ଅଧକ୍ଷା ସୁକାନ୍ତି ନାଏକ, ପୁର୍ବତନ ବ୍ଲକ ଅଧକ୍ଷା ବିଶ୍ୱନାଥ ନାଏକ ପାଟଣା ବିଡ଼ିଓ ମାନସ କୁମାର ଦଣ୍ଡପାଟ, ଏବିଡିଓ ବିଶ୍ୱନାଥ ମଲ୍ଲିକଙ୍କ ସମେତ ସହକାରୀ ଯନ୍ତ୍ରୀ ସୁସ୍ମିତା ବେହେରା, ତୁରୁମୁଙ୍ଗା ସରପଞ୍ଚ ସୁଲେଖା ନାଏକ ଉପସ୍ଥିତ ଥିଲେ ।

# ପ୍ରଗତିଶୀଳ ମଞ୍ଚ ପକ୍ଷରୁ ବୈତରଣୀ ଶଯ୍ୟାରେ ବାଲି ସତ୍ୟାଗ୍ରହ

ଆନନ୍ଦପୁର, ୧୯।୧୦(ସମିସ): ଆନନ୍ଦପୁର ପ୍ରଗତିଶୀଳ ମଞ୍ଚ ପକ୍ଷରୁ ଆବାହକ ଯଜ୍ଞପ୍ରସାଦ ସାହୁଙ୍କ ନେତୃତ୍ୱରେ ରାଜଘାଟଠାରେ ବୈତରଣୀ ନଦୀରେ ବାଲି ସତ୍ୟାଗ୍ରହ ଆରମ୍ଭ ହୋଇଛି । କେନ୍ଦୁଝର ଜିଲ୍ଲା ବିଶେଷକରି ଆନନ୍ଦପୁର ଉପଖଣ୍ଡରେ ବାଲି ଲୁଟ୍ ବେଧଡକ ଭାବେ ଚାଲିଛି । ପ୍ରଶାସନ ଏଥିରେ ଅଙ୍କୁଶ ଲଗାଇବାରେ ଆଦୌ ଇଚ୍ଛା ପ୍ରକାଶ କରୁ ନଥିବା ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି । ବୈତରଣୀ ତଥା ଅନ୍ୟ ନଦୀ ଓ ନାଳର ସୁରକ୍ଷା ପାଇଁ ଏହି ବାଲି ସତ୍ୟାଗ୍ରହ ଆନ୍ଦୋଳନ ଜାରିରହିବ ବୋଲି ମଞ୍ଚ ପକ୍ଷରୁ ସୂଚନା ମିଳିଛି । ଯୁବ ସାମାଜିକ କର୍ମୀ ସତ୍ୟବ୍ରତ ଜେନା ଏଥିରେ ସାମିଲ ହୋଇ କହିଥିଲେ ଯେ ବୈତରଣୀ ଆମ ଜୀବନ ଧାରା । ଏଥିରୁ ବାଲି ଲୁଟ୍ ପାଇଁ ବିଭିନ୍ନ ସ୍ଥାନରେ ଶହ ଶହ ଗଛ କାଟି ଦିଆଯାଇଥିବା ସେ ଅଭିଯୋଗ କରିଛନ୍ତି । ପ୍ରକୃତି ଆମ ମା', ତା' ଗର୍ଭରୁ ଚୋରି ଅପରାଧ ନୁହେଁ କି ବୋଲି ବରିଷ୍ଠ ନେତା କୈଳାଶ ସାମଲ ପ୍ରଶ୍ନ କରିଛନ୍ତି । ବୈତରଣୀ ଆମ ଆସ୍ଥା ଓ ବିଶ୍ୱାସର ପ୍ରତୀକ, ହେଲେ କିଛି ମାଫିଆ ଏହାକୁ କଳା ଟଙ୍କା ପାଇଁ ହତ୍ୟା କରିବାକୁ ଯୋଜନା କରିଥିବା ବେଞ୍ଚାର ମଧୁସୂଦନ ରାଉତ କହିଥିଲେ । ଯୁବ ପରିବେଶବିତ୍ ନୀଳାଚଳ ବେହେରା, ଜଗବନ୍ଧୁ ଜେନା, ଦୈତାରି ମହାକୁଡ, ରୋହନ ଜେନା, ପୂର୍ଣ୍ଣଚନ୍ଦ୍ର ଜେନା, ପ୍ରତାପ ଧଳ, ଦାମୋଦର ସାହୁ, ଏକଲବ୍ୟ ଧଳ, ଉତ୍ସବ ଜେନା, କୈଳାସ ଜେନା,



ଶୁଭକାନ୍ତ ଜେନା ପ୍ରମୁଖ ସତ୍ୟାଗ୍ରହରେ ସାମିଲ ହୋଇ ନିଜର ମତ ରଖିଥିଲେ । ଆଜିର ବାଲି ସତ୍ୟାଗ୍ରହକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ପ୍ରଶାସନ ବାଲି ଚୋରି ଦିଗରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବା ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି ।

**ବୈତରଣୀ ନଦୀ ପଠାରେ ବେଆଇନ ବାଲି ପାହାଡ଼**

# ଖଜୁରିବଣି-ତନେଇପାଳରୁ ଜଙ୍ଗଲ ରାସ୍ତାରେ ଚାଲାଣ

ଆନନ୍ଦପୁର, ୧୯।୧୦ (ସମିସ)

ଆନନ୍ଦପୁର ଅଞ୍ଚଳରୁ ଚୋରା ବାଲି ଏବେ ଜଙ୍ଗଲ ରାସ୍ତାରେ ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ତାନେଇପାଳ ବୁଢୀକୁଦ ଖଜୁରିବଣିରୁ ରାତିରେ ଘଞ୍ଚ ଜଙ୍ଗଲ ରାସ୍ତାରେ ହାଇୱା ଯୋଗେ ଯାଉଥିବା ସୂଚନା ମିଳିଛି । ଖଣି ବିଭାଗ ଓ ପୁଲିସ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବାରୁ ଚୋରା ବାଲି ଚାଲାଣ ଏବେ ଖୋଲାଖୋଲି ଚାଲିଛି । ଆନନ୍ଦପୁର ଉପଖଣ୍ଡରେ ଶହଶହ ଟ୍ରାକ୍ଟର ବାଲି ଚୋରା ଚାଲାଣରେ ନିୟୋଜିତ ହୋଇଥିବା ବେଳେ ଚଢ଼ଉ ହେଉ ନଥିବାରୁ ବ୍ୟାପକ ରାଜସ୍ୱ ହାନି ହେଉଛି । ଆସନ୍ତା ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଖଣି ବିଭାଗ ପକ୍ଷରୁ ଲିଜ୍ ଘାଟରୁ ବାଲି ଖନନ ବନ୍ଦ ରହିଛି । ଏଣେ ଚୋରା ବାଲିଘାଟ ପାଇଁ କୌଣସି କଟକଣା ନାହିଁ । ମାଫିଆମାନେ ମନଇଚ୍ଛା ବିଭିନ୍ନ ସ୍ଥାନରେ ନଦୀକୁ ରାସ୍ତା ନିର୍ମାଣ କରି ବାଲି ଚୋରା ଚାଲାଣ କରୁଛନ୍ତି ।



ଆନନ୍ଦପୁର ତହସିଲ ଅନ୍ତର୍ଗତ ବୁଢ଼ୀକୁଦ ଗ୍ରାମ ନିକଟରେ ଚୋରା ବାଲିଘାଟ ଚାଲିଛି ଏଠାରୁ ୩୦ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ନିୟମିତ ବାଲି ଚାଲାଣ କରି ନଦୀ ପଠାରେ ଗଚ୍ଛିତ ରଖିବା ପରେ ଜଙ୍ଗଲ ରାସ୍ତାରେ ମୟୂରଭଞ୍ଜ ଜିଲ୍ଲାକୁ ହାଇୱା ଯୋଗେ ଚାଲାଣ କରୁଛନ୍ତି । ଗେଣ୍ଡାବସା ଗ୍ରାମ ପଡ଼ିଆରେ ବାଲି ଗଚ୍ଛିତ ରଖାଯାଇ ଏଠାରୁ ରାତିରେ ହାଇୱା ଯୋଗେ ମୟୂରଭଞ୍ଜ ଜିଲ୍ଲାକୁ ଚାଲାଣ କରାଯାଉଛି । ମାଫିଆମାନେ ସ୍ଥାନୀୟ ଲୋକମାନଙ୍କୁ ହାତକରି ମାସିକ ଲକ୍ଷଲକ୍ଷ ଟଙ୍କା ମୁନାଫା କମାଉଛନ୍ତି । ସେହିପରି କୋଡ଼ପଡ଼ା ପଞ୍ଚାୟତ ତନେଇପାଳ ନିକଟରେ ବୈତରଣୀ ନଦୀରେ ଏକ ଚୋରା ବାଲିଘାଟ ନିର୍ମାଣ କରାଯାଇଛି । ଏଠାରେ ମଧ୍ୟ ୨୫ରୁ ଉର୍ଦ୍ଧ୍ୱ ଟ୍ରାକ୍ଟର ଦିନରାତି ବାଲି ଚାଲାଣ କରୁଛନ୍ତି । ଏଠାରୁ ବାଲି ଉଠାଯାଇ ଖଜୁରିବଣୀ ନିକଟରେ ବେଆଇନ୍ ଭାବେ ପାହାଡ଼ ପରି ବାଲି ଗଦା କରାଯାଇଛି ।

ମିଳିଥିବା ସୂଚନା ଅନୁସାରେ, ଖଜୁରିବଣି ଓ ଗେଣ୍ଡାବସାରେ ୧୦୦ଟ୍ରିପରୁ ଅଧିକ ବାଲି ସରକାରୀ ଜମିରେ ମହଜୁଦ କରି ରଖାଯାଇଛି । ଏହି ଅଞ୍ଚଳରେ ଚାଲୁଥିବା ଅନେକ ଟ୍ରାକ୍ଟରର କାଗଜପତ୍ର ନଥିବା ବେଳେ ଡ୍ରାଇଭରମାନଙ୍କର ଲାଇସେନ୍ସ ମଧ୍ୟ ନାହିଁ । ସେହିପରି ଅନଭିଜ୍ଞ ଡ୍ରାଇଭରଙ୍କ ଦ୍ୱାରା ଟ୍ରାକ୍ଟରଗୁଡ଼ିକ ବେପରୁଆ ଭାବେ ଚାଲୁଥିବାରୁ ସାଧାରଣ ଲୋକଙ୍କ ଧନଜୀବନ ପ୍ରତି ବିପଦ ଆଶଙ୍କା ରହୁଛି । ଏହି ଅଞ୍ଚଳ ମୟୂରଭଞ୍ଜ ଜିଲ୍ଲା ସୀମାରେ ରହିଥିବାରୁ ବାଲି ମାଫିଆମାନେ ସହଜରେ ଖସି ଯାଉଛନ୍ତି ବୋଲି ଖଣି ଅଧିକାରୀ ପ୍ରକାଶ କରିଛନ୍ତି । ଖୁବ୍‌ଶୀଘ୍ର ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହିତ ଗଛିତ ବାଲିକୁ ଜବତ କରିବାକୁ ସାଧାରଣରେ ଦାବି ହୋଇଛି ।

# ସତ୍ୟସାଇ ସଂଗଠନ ପକ୍ଷରୁ ମନ୍ଦିର ସଫେଇ

ଆନନ୍ଦପୁର, ୧୯।୧୦ (ସମିସ): ଶ୍ରୀ ସତ୍ୟସାଇଙ୍କ ଜୟନ୍ତୀ ଉପଲକ୍ଷେ ସେବାକାର୍ଯ୍ୟ ଓ ପରିବାର ଭଜନ ଆରମ୍ଭ ହୋଇଛି । ଆନନ୍ଦପୁର ସମିତିର ଆବାହକ ନିତ୍ୟାନନ୍ଦ ସାମଲଙ୍କ ତତ୍ତ୍ୱାବଧାନରେ ଶ୍ରୀ ଦଧିବାମନଜୀଉ ମନ୍ଦିର ପରିସର ସଫେଇ କରାଯାଇଥିଲା । ସମିତି ପକ୍ଷରୁ ଶହେ ପରିବାରରେ ହେବାକୁ ଥିବା ଭଜନ କାର୍ଯ୍ୟକ୍ରମ ଆନନ୍ଦପୁର ଘସିପୁର । କଣ୍ଟିପାଳ ଶୈଳଙ୍ଗ ସରେଇ ଗ୍ରାମରୁ ଆରମ୍ଭ ହୋଇଥିବା ବେଳେ ସମିତି ଆବାହକ ନିତ୍ୟାନନ୍ଦ ସାମଲଙ୍କ ପରିବାରରୁ ଶୁଭାରମ୍ଭ ହୋଇଛି । ପ୍ରତିଦିନ ଭାବ ଓ ଭକ୍ତିରେ ହେଉଥିବା ଏହି ପରିବାର ଭଜନରେ ଡା ଶିଶିର କୁମାର ଦାସ, ଅଧ୍ୟାପକ ପ୍ରମୋଦ ରାଜ, ହାଡିବନ୍ଧୁ ସି ବଂକିମ ପଟ୍ଟନାୟକ ଅସିତ ନାୟକ ବାବୁଲି ମିଶ୍ର ଦିଲୀପ ଧଳ ନନ୍ଦକିଶୋର ଦଳେଇ ରାଜେନ୍ଦ୍ର ସାହୁ ମନରଞ୍ଜନ ସିଂହ ଶ୍ରୀକାନ୍ତ ସାହୁ ଶତ୍ରୁଘ୍ନ ଶତପଥୀ ଅସିତ କୁମାର ନାୟକ ଗୋପରଞ୍ଜନ ପାଣି ନିରୁପମା ପଟ୍ଟନାୟକ ମାମା ମହାପାତ୍ର ଲିଲି ରାଉତ ସମେତ ସାଇ ପରିବାରର ଭାଇଭଉଣୀ ଯୋଗଦେଉଥିବା ଜଣାଯାଇଛି । ଏହି କାର୍ଯ୍ୟକ୍ରମ ଆସନ୍ତା ନଭେମ୍ବର ୨୩ ତାରିଖ ପର୍ଯ୍ୟନ୍ତ ପ୍ରତିଦିନ ଚାଲିବ ବୋଲି ସୂଚନା ମିଳିଛି ।



# ଗଡ଼କୋକଲରେ 'ଗାଁ ଗାଁରେ ଭାଗବତ ଟୁଙ୍ଗି' ଆଲୋଚନା

ବ୍ରହ୍ମଗିରି,୧୯।୧୦(ସମିସ): ରବିବାର ବ୍ରହ୍ମଗିରି ବ୍ଲକ୍ ଅଧୀନ ଗଡ଼କୋକଲଠାରେ 'ଗାଁ ଗାଁରେ ଭାଗବତ ଟୁଙ୍ଗି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଧର୍ମୀଙ୍କ ପାଖରୁ ସୁରକ୍ଷା କରିବା ପାଇଁ ଏଇଠି ୧୦ଥର ରହିଛନ୍ତି ଠାକୁର। ଏଇ ଗାଁରେ ଠାକୁରଙ୍କ ଚକା ରହିଛି। ସେହି ଠାକୁରଙ୍କ କରୁଣା ନ ହେଲେ ତାଙ୍କ ଆଗରେ ତାଙ୍କ କଥା କହିବା ସମ୍ଭବ ନୁହେଁ ବୋଲି କହିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ତଥା ଭାଗବତ ଭାଷ୍ୟକାର ବଦ୍ରି ମିଶ୍ର। ଠାକୁରଙ୍କ ପାତାଳୀ କ୍ଷେତ୍ର ବ୍ରହ୍ମଗିରିର ଗଡ଼କୋକଲଠାରେ ବାମୁଣ୍ଡି ଭାଗବତ ଟୁଙ୍ଗିର ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗାଁ ଗାଁରେ ଭାଗବତ ଟୁଙ୍ଗି କାର୍ଯ୍ୟକ୍ରମକୁ ବଦ୍ରି ମିଶ୍ର ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଯୋଗଦେଇ ଭାଗବତ ଭାଷ୍ୟକାର ତତ୍ତ୍ୱ କବି ଭିକାରୀ ଚରଣ ଜେନା, ଭାଗବତ ଶ୍ରବଣ, ଦର୍ଶନ ଓ ନାମ ଉଚ୍ଚାରଣରେ କିପରି ମଣିଷ ମୁକ୍ତିର ମାର୍ଗ ପାଏ, ସେ ସମ୍ପର୍କରେ କହିଥିବାବେଳେ, ଅନ୍ୟତମ ଅତିଥି ପାଲାକାର ତଥା ଶିକ୍ଷାବିତ୍ ରବିନ୍ଦ୍ର ନାଥ ପ୍ରଧାନ ଅତିବଡ଼ୀ ଜଗନ୍ନାଥ ଦାସ ଓ ଭାଗବତ ଟୁଙ୍ଗିର ପୁନରୁଦ୍ଧାରରେ ଓଡ଼ିଶାରେ ଆଧ୍ୟାତ୍ମିକ ଜନଜାଗରଣ ଆଜିର ଆବଶ୍ୟକତା ବୋଲି ମତବ୍ୟକ୍ତ କରିଥିଲେ। ପଣ୍ଡିତ ଜ୍ୟୋତି ପ୍ରକାଶ ମହାପାତ୍ର ଓ ଯୁବ ଭାଷ୍ୟକାର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ସମାଜସେବୀ ସଚ୍ଚିଦାନନ୍ଦ ମଙ୍ଗରାଜ, ଗ୍ରାମ ସଭାପତି ଭିକାରୀ ଚରଣ ବେହେରା, ପ୍ରାକ୍ତନ ସରପଞ୍ଚ ଅଖାରି ଚରଣ ବେହେରା, ଶିକ୍ଷାବିତ୍ ପ୍ରଫୁଲ୍ଲ ପାଇକରାୟ, ଭାଗବତ ପ୍ରବଚିକା ନିର୍ମଳା ଫତେସିଂହ, ଘରେ ଘରେ ଭାଗବତର ପରିଚାଳିକା ସୁନନ୍ଦା ପଟ୍ଟନାୟକ ଓ ରାଜଶ୍ରୀ ମିଶ୍ର, ଓଡ଼ିଶା ଯୁବ ଚେତନା ସଂଗଠନର ସୁଲୋଚନା ମିଶ୍ର, ଉଷାରାଣୀ ମହାନ୍ତି, ଏ.ମୀନାକୁମାରୀ, ନ୍ୟାସ୍‌ନାଲ ମିଡିଆ ଫାଉଣ୍ଡେସନର ସଭାପତି ରଶ୍ମୀ ରଞ୍ଜନ ଦାଶ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗଡ଼କୋକଲ, କାଣ୍ଡଗୋଡା ଓ କରମଳା ସମେତ ଆଖପାଖ ଗ୍ରାମର ଅନେକ ଗ୍ରାମବାସୀ ଯୋଗଦେଇଥିଲେ।

## କାକଟପୁରରେ ବିଜେଡିର ସଦ୍‌ଭାବନା ଶୋଭାଯାତ୍ରା

# ମହିଳା ସଶକ୍ତୀକରଣକୁ ବାସ୍ତବ ରୂପ ଦେଇଥିଲା ବିଜେଡି

କାକଟପୁର,୧୯।୧୦(ସମିସ): କାକଟପୁର ନିର୍ବାଚନମଣ୍ଡଳୀ ଦୀର୍ଘ ଦଶନ୍ଧି ଧରି ବିଜେଡି ଅକ୍ତିଆରରେ ଥିବାବେଳେ ବର୍ତ୍ତମାନ କାକଟପୁର ବିଜେଡିରେ ମହିଳାଙ୍କୁ ବେଶ୍ ଗୁରୁତ୍ୱ ଦିଆଯାଉଥିବା ଦେଖିବାକୁ ମିଳିଛି। ନିକଟରେ ଶେଷ ହୋଇଥିବା କାକଟପୁର ବିଜେଡିର ସଦ୍‌ଭାବନା ଯାତ୍ରାରେ ଶତାଧିକ ମହିଳା କାକଟପୁର ପଞ୍ଚାୟତର ବିଭିନ୍ନ ୱାର୍ଡ ବୁଲିବା ସହିତ ନବୀନ ପଟ୍ଟନାୟକ ନାରାଦେଇ ବଜାର ପରିକ୍ରମା କରି ନବୀନ ସରକାରଙ୍କ ସମୟରେ ମହିଳା ସଶକ୍ତୀକରଣ ପାଇଁ ବିଭିନ୍ନ ଯୋଜନକୁ ନେଇ ଲୋକଙ୍କ ପାଖରେ ପହଞ୍ଚିଥିଲେ। ମହିଳା ସଶକ୍ତୀକରଣକୁ ପ୍ରାଥମିକତା ଦେଇ ରାଜ୍ୟର ମହିଳାଙ୍କୁ ସଶକ୍ତ କରାଯାଇଥିଲା। ସାମାଜିକ, ରାଜନୈତିକ ଓ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇ ରାଜ୍ୟର ବିକାଶକୁ ଆଗେଇ ନେଇଥିଲେ ମହିଳା। ନବୀନଙ୍କ ଦୂରଦୃଷ୍ଟି ଯୋଗୁଁ ସ୍ଲୋଗାନ ନୁହେଁ, ମହିଳା ସଶକ୍ତୀକରଣ ଏକ ବିପ୍ଳବରେ ପରିଣତ ହୋଇଛି। ସଶକ୍ତ ହେବେ ମା', ସଶକ୍ତ ହେବ ଓଡ଼ିଶା। ମା'ମାନେ କିଭଳି




ସଶକ୍ତ ହେବେ, ସେନେଇ ସବୁବେଳେ ପ୍ରାଥମିକତା ଦେଇ ଆସୁଛି ବିଜୁ ଜନତା ଦଳ। ମହିଳା ସଶକ୍ତୀକରଣ ବିଜେଡି ପାଇଁ କେବଳ ସ୍ଲୋଗାନ ନ ଥିଲା, ଏହାକୁ ବାସ୍ତବ ରୂପ ମଧ୍ୟ ଦେଇଥିଲା ଦଳ। ମିଶନ ଶକ୍ତି ଜରିଆରେ ୭୦ ଲକ୍ଷରୁ ଅଧିକ ମହିଳାଙ୍କୁ ସଶକ୍ତ କରି ସାରା ଦେଶ ପାଇଁ ରୋଲ୍ ମଡେଲ ସାଜିଥିଲା ଓଡ଼ିଶା। ମମତା ହେଉ କି ମିଶନ ଶକ୍ତି, ପୋଷଣ ବଜେଟ୍‌ଠୁ ଆରମ୍ଭ କରି ପଞ୍ଚାୟତସ୍ତରରେ ମହିଳାଙ୍କ ପାଇଁ ୫୦ ପ୍ରତିଶତ ସଂରକ୍ଷଣ। ସବୁଠି ମା'ଙ୍କୁ ମିଳିଛି ହକ୍ ଓ ସମ୍ମାନ। ଲୋକସଭାରେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବାରେ ପ୍ରମୁଖ ଭୂମିକା ନେଇଥିଲା ବିଜେଡି। ଏପରି ଏକ ସମାଜ ଗଢ଼ିବା ପାଇଁ ସଂକଳ୍ପକୁ ଦୃଢ଼ କରିଛି ବିଜେଡି। ଯେଉଁଠି ମହିଳାଙ୍କୁ ବିନା କୌଣସି ବାଧାରେ ଆଗକୁ ବଢ଼ିବାକୁ ଓ ସ୍ୱପ୍ନ ଦେଖିବାକୁ ସମାନ ସୁଯୋଗ ମିଳୁଥିବା ନେଇ ଆହ୍ୱାନ ଦେଇଛନ୍ତି ପୂର୍ବତନ ମନ୍ତ୍ରୀ ତଥା କାକଟପୁର ବିଧାୟକ ତୁଷାରକାନ୍ତି ବେହେରା।

ଦୁର୍ଭାଗ୍ୟଜନକ ରାଜ୍ୟରେ ସରକାର ପରିବର୍ତ୍ତନ ହୋଇ ବିଜେପି ଶାସନ କ୍ଷମତାକୁ ଆସିଛି। ଏହାରି ମଧ୍ୟରେ ୧୪ ମାସ ହେବ ରାଜ୍ୟରେ ମହିଳା ଅସୁରକ୍ଷିତ ହୋଇ ପଡ଼ିଛନ୍ତି। ଦିନକୁ ଦିନ ନିର୍ଯାତନା ବଢ଼ିବା ସହ କର୍ମ କ୍ଷେତ୍ରରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନ, ପର୍ଯ୍ୟଟନସ୍ଥଳୀ ସବୁଠି ତ୍ରାହି ତ୍ରାହି ଡାକିଲେଣି ମା' ଭଉଣୀ। ସଶକ୍ତ ହେବେ କ'ଣ ଏବେ ଘରୁ ବାହାରିବାକୁ ଡରୁଛନ୍ତି ମହିଳା। ମହିଳାଙ୍କ ଅଧିକାର ପାଇଁ ବିଜେଡି ଲଢୁଛି ଓ ଆଗକୁ ବି ଲଢ଼େଇ ଜାରି ରଖିବ। ରାଜ୍ୟରେ ବିଜେପି କ୍ଷମତାକୁ ଆସିବା ପରେ ମହିଳାଙ୍କ ବିରୋଧରେ ଅତ୍ୟାଚାର ହୁ ହୁ ହୋଇ ବଢ଼ିଚାଲିଛି। ଦେଶ ଓ ବିଦେଶରେ ବଦନାମ୍ ହେଲାଣି ଓଡ଼ିଶା। ତେଣୁ ଏବେ ମହିଳାମାନେ କିପରି ଆଗକୁ ବଢ଼ିବେ ସେନେଇ ସରକାର ସଜାଗ ହେବାକୁ ଆହ୍ୱାନ ଦେଇଛନ୍ତି ବିଧାୟକ ଶ୍ରୀ ବେହେରା।

# ପାଲା ଗାୟକ ମଣ୍ଡଳର ସାଂଗଠନିକ ବୈଠକ



ସାକ୍ଷୀଗୋପାଳ,୧୯।୧୦(ସମିସ): ସତ୍ୟବାଦୀ ପାଲା ଗାୟକ ମଣ୍ଡଳର ଏକ ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ବୈଠକ ସ୍ଥାନୀୟ ଶୈବପୀଠ ଶ୍ରୀଶ୍ରୀ କୋଶଳେଶ୍ୱର ମହାଦେବଙ୍କ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟ ସଦସ୍ୟାଙ୍କ ଉପସ୍ଥିତିରେ ସଭାପତି ବିଶ୍ୱନାଥ ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ସମ୍ପାଦକ ରମେଶ ଚନ୍ଦ୍ର ପଲେଇ ଉପସ୍ଥାପନ କରିଥିବା ପୂର୍ବ ବାର୍ଷିକ ସମ୍ମିଳନୀର ଆୟବ୍ୟୟ ହିସାବ ସମୀକ୍ଷା କରାଯାଇଥିଲା। ପୁରୀରେ ଅନୁଷ୍ଠିତ ଗତ ଜିଲ୍ଲା ସମ୍ମିଳନୀ ଓ ରାଜ୍ୟ ପାଲା ଗାୟକ ପରିଷଦ ସମ୍ମିଳନୀର ମାନପତ୍ର ମଣ୍ଡଳ ସଦସ୍ୟମାନଙ୍କୁ ପ୍ରଦାନ କରାଯାଇଥିଲା। ପରେ ମଣ୍ଡଳର ଆଗାମୀ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ସମ୍ୟକ୍ ଆଲୋଚନା କରାଯାଇଥିଲା। ସଭାପତି ଓ ସମ୍ପାଦକଙ୍କ ସମେତ ବିଜୟ ଚନ୍ଦ୍ର ସାମନ୍ତରାୟ, ବରିଷ୍ଠ ଗାୟକ ପ୍ରକାଶ ଚନ୍ଦ୍ର ବଡ଼ଜେନା, ସଦାଶିବ ବରାଳ, ସୁଧୀର ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଶ୍ରୀରାମ ସ୍ୱାଇଁ, ବଳରାମ ଦାସ, ସୁଦର୍ଶନ ପ୍ରଧାନ, ରବିନାରାୟଣ ବେହେରା, ଭରତ ଜେନା, ରବିନ୍ଦ୍ର ସାହୁ, ବିଜୟ ସ୍ୱାଇଁ, ଗାୟିକା ଶୁଭଦ୍ରା ନାୟକ, ରୁମାରଶ୍ମି ପଣ୍ଡା, ପୂର୍ଣ୍ଣିମା ମୁଦୁଲି, କୁମୁଦିନୀ ନାୟକ, ବିଷ୍ଣୁପ୍ରିୟା ପଣ୍ଡା, ସକୁନ୍ତଳା ବେହେରା ଓ ଅନ୍ୟ ସଭ୍ୟସଭ୍ୟା ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# କାର୍ତ୍ତିକରେ ପରିବା ଦର ଆକାଶଛୁଆଁ



କାକଟପୁର,୧୯।୧୦(ସମିସ): ପବିତ୍ର କାର୍ତ୍ତିକ ମାସରେ ଲୋକମାନେ ସାଧାରଣତଃ ନିରାମିଷ ଭୋଜନ ଖାଉଛନ୍ତି। ଏହି ସମୟରେ ବିଭିନ୍ନ ପନିପରିବା ଦର ଆକାଶଛୁଆଁ ହୋଇଥିବାରୁ ସାଧାରଣ ଲୋକଙ୍କ ପକେଟକୁ ବାଧୁଛି ବୋଲି କହିଛନ୍ତି କାକଟପୁର ଅଞ୍ଚଳର କିଛି ଖାଉଟି। ଏବେ ବଜାରରେ ବାଇଗଣ ଚକେଜି ୭୦ରୁ ୮୦ ଟଙ୍କା, ପୋଟଳ ୮୦ରୁ ୯୦, କଲରା ୮୦, କାଙ୍କଣ ୯୦, ଝୁଡ଼ଙ୍ଗ ୭୦, ଫୁଲ କୋବି ଗୋଟା ୮୦, ବନ୍ଧା ୫୦, ଗାଜର କେଜି ୬୦, ବିଟ୍ ୬୦, କନ୍ଦମୂଳ ୫୦, ଟମୋଟୋ ୬୦, ବିନ୍ ୧୨୦, କଖାରୁ ୪୦, ଅମୃତଭଣ୍ଡା ୩୦, କାକୁଡ଼ି ୫୦ ଟଙ୍କା ଦରରେ ବିକ୍ରି ହେଉଛି। କାକଟପୁରକୁ କଟକ, ବରଗଡ଼, ଭୁବନେଶ୍ୱରରୁ ନିୟମିତ ପନିପରିବା ଆଣି କାକଟପୁର ଓ ଏହାର ଆଖପାଖ ଅଞ୍ଚଳରେ ଖୁଚୁରା ଦୋକାନୀମାନଙ୍କୁ ବିକ୍ରି କରୁଥିବା ନୟାହାଟର ପରିବା ବ୍ୟବସାୟୀ ଗଣେଶ ଚନ୍ଦ୍ର ପାତ୍ରଙ୍କୁ ପଚାରିବାରେ, ସ୍ଥାନୀୟ ଅଞ୍ଚଳରେ ଉତ୍ପାଦନ ହେଉଥିବା ପରିବା ଏହି ଅଞ୍ଚଳକୁ ଯଥେଷ୍ଟ ହେଉ ନ ଥିବାରୁ ବାହାର ଅଞ୍ଚଳରୁ ବାଧ୍ୟ ହୋଇ ପନିପରିବା କିଣି ଆଣି ଏଠାରେ ବିକ୍ରି କରୁଛୁ। ପନିପରିବା ଦର ବୃଦ୍ଧି ପାଇଥିବା ସେ ସ୍ୱୀକାର କରିଛନ୍ତି। ଅନ୍ୟ ଜଣେ ବ୍ୟବସାୟୀ ଗୋକୁଳାନନ୍ଦ ସାହୁ କୁହନ୍ତି, ଉଚ୍ଚା ଦରରେ ପନିପରିବା କିଣାଯାଉଥିବାରୁ ଅଧିକ ଦରରେ ବିକ୍ରି ହେଉଛି। ଶୀତ ଋତୁରେ ସ୍ଥାନୀୟ ଅଞ୍ଚଳରୁ ପନିପରିବା ଉତ୍ପାଦନ ହେଲେ ଦର ହ୍ରାସ ପାଇବ। ତେବେ କାର୍ତ୍ତିକ ମାସରେ ପନିପରିବା ଦର କମିବା ବଦଳରେ ବୃଦ୍ଧି ପାଇବ ବୋଲି କହିଥିଲେ। ଅପରପକ୍ଷରେ ଯେଉଁଠି ୨୦୦ ଟଙ୍କାରେ ପରିବା କିଣିଲେ ବ୍ୟାଗ୍ ବୋଝେଇ ହେଉଥିଲା ଏବେ ୫୦୦ ଟଙ୍କାରେ ମଧ ବ୍ୟାଗ୍ ଅଧା ହେଉନାହିଁ ବୋଲି ଜଣେ ଖାଉଟି ସୁଧାଂଶୁ ବିଶ୍ୱାଳ ପ୍ରକାଶ କରିଛନ୍ତି।

# ଅସହାୟ ବୃଦ୍ଧ ଦମ୍ପତିଙ୍କୁ ସହାୟତା

ବଳଙ୍ଗା,୧୯।୧୦(ସମିସ): ବଳଙ୍ଗା ନିକଟ ନୂଆଗାଁ କେନାଲ ବନ୍ଧ ଉପରେ ଭରତ ଦାସ ଓ ତାଙ୍କର ପତ୍ନୀ ଏକ ଛୋଟ କୁଡ଼ିଆରେ ରୁହନ୍ତି। ବୟସ ୭୦ରୁ ଊର୍ଦ୍ଧ୍ୱ। ଏକମାତ୍ର ପୁଅର ଦୁର୍ଘଟଣାଜନିତ ମୃତ୍ୟୁ ହୋଇଯିବାରୁ ଦୟନୀୟ ଅବସ୍ଥାରେ କାଳାତିପାତ କରୁଛନ୍ତି ଉକ୍ତ ବୃଦ୍ଧ ଦମ୍ପତି। ଏନେଇ ବାରମ୍ବାର "ସକାଳ'ରେ ଖବର ପ୍ରକାଶିତ ହେଉଥିବାବେଳେ ମାରୁତି ସେନା ସଂଗଠନ ପକ୍ଷରୁ ତାଙ୍କୁ ନୂତନ ବସ୍ତ୍ର, କିଛି ପରିବାପତ୍ର, ରାସନ ସାମଗ୍ରୀ ଓ ଆର୍ଥିକ ସହାୟତା ଯୋଗେଇ ଦିଆଯାଇଛି। ସେ କିଭଳି ସରକାରୀସ୍ତରରେ କିଛି ସହାୟତା ପାଇପାରିବେ ସେଥିପାଇଁ ପ୍ରୟାସ କରାଯିବ ବୋଲି ମାରୁତି ସେନା ରାଜ୍ୟ ସଭାପତି ପପୁ ଦଳବେହେରା ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବଳରାମ ବାରିକ, ଗୋପାଳ ପାତ୍ର, ଯୋଗେନ୍ଦ୍ର ନାୟକ, ଜଗବନ୍ଧୁ ଦାସ, ଗୁନ ସାହୁ, ରୋଜାଲିନ ନାୟକ, ସ୍ମିତା ପାତ୍ର, ଜୟଶ୍ରୀ ପାଢ଼ୀ, ସସ୍ମିତା ବେଜ, ରିଙ୍କି ବାରିକ, ପ୍ରତିମା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସୁନ୍ଦର ଓ ସୁସ୍ଥ ମନ୍ଦିର ପରିବେଶ ସଚେତନତା

ସାକ୍ଷୀଗୋପାଳ,୧୯।୧୦(ସମିସ): କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସେଣ୍ଟର ଫର୍ ଏନ୍‌ଭିରନ୍‌ମେଣ୍ଟ ଷ୍ଟଡିଜ୍ ଭୁବନେଶ୍ୱରର ସହାୟତା ଏବଂ ମଠସାହି ଉଚ୍ଚ ବିଦ୍ୟାଳୟ, ସତ୍ୟବାଦୀ, ଦ୍ୱାରା ସୁନ୍ଦର ଓ ସୁସ୍ଥ ମନ୍ଦିର ପରିବେଶ ସଚେତନତା କାର୍ଯ୍ୟକ୍ରମ ସ୍ଥାନୀୟ ମୂଳଅଳସା ପଞ୍ଚାୟତ ପରହାଟ ଗ୍ରାମ ମହାବୀର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମଠସାହି ଉଚ୍ଚ ବିଦ୍ୟାଳୟ, ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ନୂଆସୋମେଶ୍ୱରପୁର ଉଚ୍ଚ ବିଦ୍ୟାଳୟ, ପରହାଟ ଉନ୍ନୀତ ବିଦ୍ୟାଳୟର ୩୦ ଜଣ ଶିକ୍ଷକଶିକ୍ଷୟିତ୍ରୀ, ଗ୍ରାମ୍ୟ କମିଟି, ସଂକୀର୍ତ୍ତନମଣ୍ଡଳୀ, ସ୍ଥାନୀୟ ଶ୍ରୀରାମଚନ୍ଦ୍ରପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ଅଶୋକ କୁମାର ରାଉତରାୟ, ସମିତିସଭ୍ୟା ଅମିତା ବେହେରା, ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁପ୍ରିୟା ବରାଳ ପ୍ରମୁଖ ଯୋଗଦେଇ ମନ୍ଦିର ପରିସରରେ ବିଭିନ୍ନ ପ୍ରକାର ଚାରାରୋପଣ ଏବଂ ଆବର୍ଜନାକୁଣ୍ଡ ନିର୍ମାଣ ପରିଦର୍ଶନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟ ସହିତ ଦେବାଳୟର ପରିବେଶ ସୁନ୍ଦରତା ଏବଂ ସ୍ୱଚ୍ଛତା ରଖିବା ବାର୍ତ୍ତା ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶଙ୍କର କୁମାର ସୁବୁଦ୍ଧି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ବାଣ ଫୁଟାଇବା ନେଇ ସଚେତନତା

# ସୁରକ୍ଷିତ ଦୀପାବଳି ପାଳନ ପାଇଁ ଜିଲ୍ଲାପାଳଙ୍କ ଅନୁରୋଧ

ପୁରୀ,୧୯।୧୦(ସମିସ): ଦୀପାବଳି ଉତ୍ସବକୁ ସୁରକ୍ଷିତ ଭାବେ ପାଳନ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସତର୍କତା ଓ ସଚେତନତା ନିର୍ଦ୍ଦେଶନାମା ଜାରି କରାଯାଇଛି। ପୁରୀ ଜିଲ୍ଲାରେ ଏହି ନିର୍ଦ୍ଦେଶନାମାକୁ ସମସ୍ତ ଜନସାଧାରଣ ଅନୁପାଳନ ସହ ସୁରକ୍ଷିତ ଦୀପାବଳି ପାଳନ ଲାଗି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ଦୀପାବଳିକୁ କେବଳ ଦୀପ ଜଳାଇ ପାଳନ କରନ୍ତୁ ଏବଂ ବାଣ ଫୁଟାଇବା ସମୟ ସନ୍ଧ୍ୟା ୭ରୁ ରାତି ୯ଟା ପର୍ଯ୍ୟନ୍ତ ସୀମିତ ରଖନ୍ତୁ। ଅଧିକ ଶବ୍ଦ କରୁଥିବା ବାଣ ଫୁଟାନ୍ତୁ ନାହିଁ, ବାଣର ଶବ୍ଦ ୧୨୫ ଡେସିବଲ୍‌ରୁ ଅଧିକ ହୋଇପାରିବ ନାହିଁ। ଶାନ୍ତି କ୍ଷେତ୍ର ଯଥା- ବଗିଚା, ପାର୍କ, ହସ୍ପିଟାଲ, ଶିକ୍ଷା ସଂସ୍ଥା, କୋର୍ଟ, ଧାର୍ମିକ ସ୍ଥାନ ଇତ୍ୟାଦିର ୧୦୦ ମିଟର ଦୂରତା ମଧ୍ୟରେ ବାଣ ଫଟାଇବା ବର୍ଜିତ। କେବଳ ପରିବେଶ ଉପଯୋଗୀ ବାଣ ଖୋଲା ଜାଗାରେ ଫୁଟାଇବାର ଅନୁମତି ରହିଛି। ଝୁମ୍ପୁଡ଼ି, ଦୋକାନ, ଘର, ଅଗ୍ନିପ୍ରବଣ ସ୍ଥାନ, ରାସ୍ତା ଏବଂ ଅଧିକ ଯାତାୟାତ ସ୍ଥାନରେ ବାଣ ଫୁଟାଇବା ନିଷିଦ୍ଧ। ୧୦ ବର୍ଷରୁ କମ୍ ବୟସର ଶିଶୁମାନେ ଶବ୍ଦ ସୃଷ୍ଟି କରୁଥିବା ବାଣ ଫୁଟାଇବା ଅନୁମତି ନାହିଁ। ସୁପ୍ରିମକୋର୍ଟ କେବଳ ସବୁଜ ବାଣ ବ୍ୟତୀତ ଅନ୍ୟ ସମସ୍ତ ବାଣର ଉତ୍ପାଦନ ଓ ବିକ୍ରିକୁ ନିଷେଧ କରିଛନ୍ତି। ତେଣୁ ଉକ୍ତ ନିୟମ ଅନୁପାଳନ ନ କଲେ ଓଡ଼ିଶା ଫାୟାର କ୍ରାକର୍ସ ଆଣ୍ଡ ଲାଉଡ୍ ସ୍ପିକର୍ସ (ରେଗୁଲେସନ) ଆକ୍ଟ ୧୯୫୮ ଓ ନଏଜ୍ ପଲ୍ୟୁସନ(ରେଗୁଲେସନ ଆଣ୍ଡ କଣ୍ଟ୍ରୋଲ) ରୁଲ୍‌ସ ୨୦୦୦ ଅନୁସାରେ ଦଣ୍ଡନୀୟ। ବାଣ ଫୁଟାଇବା ସମୟରେ ନିକଟରେ ପାଣି କିମ୍ବା ବାଲି ରଖନ୍ତୁ। ବାଣକୁ ହାତରେ ନୁହେଁ, ଭୂମିରେ ରଖି ଜଳାନ୍ତୁ। ବାଣ ଫୁଟିବା ସମୟରେ ସୁରକ୍ଷିତ ଦୂରତାକୁ ଯାଆନ୍ତୁ। ପ୍ରଥମଥରରେ ନ ଫୁଟିଥିବା ବାଣକୁ ପୁଣିଥରେ ଜଳାଇବାର ଚେଷ୍ଟା କରନ୍ତୁ ନାହିଁ। ବ୍ୟବହୃତ ବାଣ ଓ ତାହାର ଅବଶିଷ୍ଟକୁ ସୁରକ୍ଷିତ ଭାବେ ନିଷ୍କାସନ କରନ୍ତୁ, ଯାହାଦ୍ୱାରା ଅକସ୍ମାତ୍ ଅଗ୍ନିକାଣ୍ଡରୁ ସୁରକ୍ଷିତ ରହିହେବ। ପଶୁପକ୍ଷୀଙ୍କୁ ବାଣ ଧୂଆଁରୁ ଓ ଶବ୍ଦରୁ ସୁରକ୍ଷା କରନ୍ତୁ। ବୃଦ୍ଧ ଓ ଶ୍ୱାସରୋଗୀମାନେ ବାଣ ଧୂଆଁରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି। ବାଣ ଫୁଟାଇବା ସମୟରେ ଆଖି ସୁରକ୍ଷା ପାଇଁ ପାରଦର୍ଶୀ ଚଷମା ପିନ୍ଧିବା ଏବଂ ଅତ୍ୟଧିକ ବାଣ ବ୍ୟବହାର କରିବା ପରିବର୍ତ୍ତେ ଦୀପ, ପ୍ରଦୀପ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସହ ପରିବେଶ ଅନୁକୂଳ ପ୍ରକାର ପର୍ବ ପାଳନକୁ ଉତ୍ସାହିତ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସତର୍କ କରାଇଛି।

# ଇକୋ ରିଟ୍ରିଟ୍ ପାଇଁ କ୍ଷେତ୍ର ପରିଦର୍ଶନ



ପୁରୀ,୧୯।୧୦(ସମିସ): ଡିସେମ୍ବର ୧୩ ତାରିଖରୁ ଆରମ୍ଭ ହେବ କୋଣାର୍କ ଇକୋ ରିଟ୍ରିଟ୍। ଏହାର ସଫଳ ଆୟୋଜନ ପାଇଁ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ୧୫ ତାରିଖରେ ଅନୁଷ୍ଠିତ ହେବା ସହ କ୍ଷେତ୍ର ପରିଦର୍ଶନ କରି ଆନୁଷଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହି ଆଧାରରେ ରବିବାର ଅତିରିକ୍ତ ଜିଲ୍ଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଦଳରେ ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ, ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟରଞ୍ଜନ ଦ୍ୱିବେଦୀ, ନିମାପଡ଼ା ପୁଲିସ ଏସ୍‌ଡିପିଓ ନିରଞ୍ଜନ ପାଢ଼ୀ, ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସରୋଜକାନ୍ତ ପ୍ରଧାନ, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ, କୋଣାର୍କ ଏନ୍‌ଏସିର ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ଚାନ୍ଦ, ଅଗ୍ନିଶମ ଅଧିକାରୀ ପ୍ରଭାତ କୁମାର ରାଉତଙ୍କ ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ, କର୍ମଚାରୀ, ଇ-ଫ୍ୟାକ୍ଟର ଏଜେନ୍ସିର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ସାଧନ କେନ୍ଦ୍ରସ୍ତରୀୟ ମାସିକ ଶୈକ୍ଷିକ କାର୍ଯ୍ୟକ୍ରମ

ଡେଲାଙ୍ଗ,୧୯।୧୦(ସମିସ): ମାସିକ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ୪ର୍ଥ ବୈଠକ ବଡ଼ ଆଙ୍କୁଲା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଧାନକେରା ଓ ବଡ଼ ଆଙ୍କୁଲା ସାଧନ କେନ୍ଦ୍ରାଧୀନ ପ୍ରଧାନଶିକ୍ଷକ ଓ ଏଫ୍‌ଏଲ୍‌ଏନ୍ ଶିକ୍ଷକଶିକ୍ଷୟିତ୍ରୀମାନେ ଶୈକ୍ଷିକ ଆଲୋଚନାରେ ଭାଗ ନେଇଥିଲେ। ସିଆର୍‌ସିସି ଲୋକନାଥ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅତିଥି ଭାବେ ଏବିଇଓ ସୁଷମା ଦାଶ ଯୋଗଦେଇ ପଢ଼ିବା ଗଢ଼ିବା, ବହୁଶ୍ରେଣୀୟ ଶିକ୍ଷାଦାନ, ଉଲ୍ଲାସ ଓ ଏହାର ସଫଳ ରୂପାୟଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ହରିଚନ୍ଦନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିକ୍ଷଣ ସୋପାନ, ଶ୍ରେଣୀ ସୁପରିଚାଳନା, ଅକ୍ଟୋବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ଉଲ୍ଲାସ କାର୍ଯ୍ୟକ୍ରମରେ ଅଣସାକ୍ଷର ଚିହ୍ନଟ ଓ ସେମାନଙ୍କୁ ସାକ୍ଷର ଆଦି ସମ୍ବନ୍ଧରେ ଆୟୋଜିତ ପାରସ୍ପରିକ ଆଲୋଚନାଚକ୍ରରେ ଶିକ୍ଷକ ସୂର୍ଯ୍ୟକାନ୍ତ ନାୟକ, ଭଗବାନ ନାୟକ, ଦିଲ୍ଲୀପ ପ୍ରଧାନ, ରବୀନ୍ଦ୍ର ବେହେରା, ଅଭୟ ଚରଣ ସାହୁ, ଅଭୟ ରଥ, କୃଷ୍ଣଚନ୍ଦ୍ର ବେହେରା ଓ ଅନ୍ୟମାନେ ଅଂଶଗ୍ରହଣ କରି ନିଜ ନିଜର ଶୈକ୍ଷିକ ମତପ୍ରକାଶ କରିଥିଲେ। ସେହିପରି ବସନ୍ତପୁର ପ୍ରକଳ୍ପ ଉ.ପ୍ରା. ବିଦ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଶତ୍ରୁଘ୍ନ ବେହେରା, ପ୍ରଧାନଶିକ୍ଷକ ପ୍ରକାଶ ଜେନା, ଅମରେନ୍ଦ୍ର ମଙ୍ଗରାଜ, ସିଆର୍‌ସିସି ପ୍ରଦୀପ ବଳିୟାରସିଂହ ଯୋଗଦେଇ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଆବଶ୍ୟକୀୟ ଶୈକ୍ଷିକ ପରାମର୍ଶ ଦେଇଛନ୍ତି।

ନୟାହାଟ : ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେସ୍ଥଳି ପଞ୍ଚାୟତର ପତିତପାବନ ନୋଡାଲ ୟୁପି ବିଦ୍ୟାଳୟ ଓଟରଠାରେ ଶନିବାର ସାଧନ କର୍ମୀଙ୍କ ମାସିକ ବୈଠକ ଲିଙ୍ଗରାଜ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଛି। ଏଥିରେ ୧୦ଟି ସ୍କୁଲର ଶିକ୍ଷକ ଓ ପ୍ରଧାନଶିକ୍ଷକ ଯୋଗଦେଇଥିଲେ। ପତିତପାବନ ନୋଡାଲ ସ୍କୁଲ୍‌ର ପ୍ରଧାନଶିକ୍ଷକ ସରୋଜ କୁମାର ମିଶ୍ର ବର୍ଣ୍ଣାଳି ଶିକ୍ଷଣ ସୋପାନ ରେଜିଷ୍ଟ୍ରାର ଶୈକ୍ଷିକ କ୍ୟାଲେଣ୍ଡର ପ୍ରମୁଖ ବିଷୟରେ ଆଲୋଚନା କରିଥିଲେ।

# ଭାଗବତ ଶ୍ରବଣରେ ଶାନ୍ତି ଓ ମୁକ୍ତି ମିଳେ

ପୁରୀ,୧୯।୧୦(ସମିସ): ଓଡ଼ିଆ ଭାଗବତ ପ୍ରସାର ପରିଷଦ ଆନୁକୂଲ୍ୟରେ ଓ କ୍ଷେତ୍ରାଧିପତି ଜ୍ୟୋତିର୍ବାସ୍ତୁ ଗବେଷଣା ପ୍ରତିଷ୍ଠାନର ସୌଜନ୍ୟରେ ସୁନ୍ଦରଦାସ ମଠରେ ସାତଦିନବ୍ୟାପୀ ଓଡ଼ିଆ ଭାଗବତ ପାରାୟଣ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଡ. ସିଦ୍ଧେଶ୍ୱର ମହାପାତ୍ର ମୁଖ୍ୟଅତିଥି, ମଠାଧୀଶ ପର୍ଶୁରାମ ଦାସ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଭାଗବତ ପାରାୟଣ ବ୍ୟାସ ରୂପେ ପଣ୍ଡିତ ଦୟାନିଧି ପଣ୍ଡା ସାତ ଦିନ ଧରି ଭାଗବତର ବ୍ୟାଖ୍ୟା ସହିତ ଶ୍ରବଣ, ଭଜନ, ପାରାୟଣ ଓ କୀର୍ତ୍ତନ ଦ୍ୱାରା ଶାନ୍ତି ମିଳେ ବୋଲି ଆଲୋକପାତ କରିଥିଲେ। ପରିଷଦର ସଭାପତି ସମାଜସେବୀ ସତ୍ୟବାଦୀ ଦାଶ, କ୍ଷେତ୍ରାଧିପତିର ସଭାପତି ଡ. ବଳରାମ ଦାଶ ଓ ପୂର୍ବତନ ପ୍ରଶାସକ ବିନୋଦ କୁମାର ପଣ୍ଡା ପ୍ରାରମ୍ଭରୁ ଉଦ୍‌ଯାପନୀ ଦିବସ ପର୍ଯ୍ୟନ୍ତ ଉପସ୍ଥିତ ରହି ସମାଜରେ ଶାନ୍ତି ଓ ମୁକ୍ତି ଭାଗବତ ପଠନ ଦ୍ୱାରା ମିଳିଥାଏ ବୋଲି ମତ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ସୁଶ୍ରୀ ଅଭିଲିପ୍ସା ଦାଶ ଭଜନ ପରିବେଷଣ କରିଥିଲେ। ସମ୍ମାନିତ ଅତିଥି ରୂପେ ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ଗୌରହରି ପ୍ରଧାନ, ପ୍ରବଚକ ପ୍ରମୋଦ କୁମାର, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଭଗବାନ ମହସୁଆର ଓ ଯୋଗାଚାର୍ଯ୍ୟ ପଣ୍ଡିତ ରମାକାନ୍ତ କର ଯୋଗଦେଇଥିଲେ। ଆଲୋଚନାଚକ୍ରରେ ବୈଷ୍ଣବ ଅନନ୍ତ ରାମ ଦାସ, ମହାରାଜ ରାମଦାସ, ଚନ୍ଦନ ମହାପାତ୍ର, ସୁରେନ୍ଦ୍ର ମହାନ୍ତି, କନକଲତା ଦାଶ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାରତୀ ବିଶୋଇ, ଶୁଭଶ୍ରୀ ଦାଶ, ସନ୍ଧ୍ୟା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦେଶାଗତ ପକ୍ଷୀଙ୍କ କଳରବରେ ଚିଲିକା ତଟ ମୁଖରିତ

ବ୍ରହ୍ମଗିରି,୧୯।୧୦(ସମିସ): ଶୀତ ଋତୁ ଆସିଲେ ଚଳଚଞ୍ଚଳ ହୁଏ ଚିଲିକା ପରିବେଶ। ରଙ୍ଗବେରଙ୍ଗର ବିଦେଶାଗତ ପକ୍ଷୀଙ୍କ କଳରବରେ ମୁଖରିତ ହୁଏ ଚିଲିକା ଓ ଏହାର ଉପକୂଳବର୍ତ୍ତୀ ଅଞ୍ଚଳ। ଯେଉଁଥିପାଇଁ ଦେଶ ବିଦେଶରୁ ପର୍ଯ୍ୟଟକଙ୍କ ସୁଅ ଛୁଟେ ଚିଲିକାକୁ। ତେବେ ବିଡ଼ମ୍ବନାର ବିଷୟ ପ୍ରାକୃତିକ ବୈଷମ୍ୟତା ଯୋଗୁଁ ବିଦେଶାଗତ ପକ୍ଷୀଙ୍କ ଆଗମନରେ ବାଧା ସୃଷ୍ଟି କରିଥିଲା। ଧୀରେ ଧୀରେ ଶୀତର ପ୍ରଭାବ ଅନୁଭୂତ ହେଉଥିବାରୁ ବିଦେଶାଗତ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ରଙ୍ଗବେରଙ୍ଗର ପକ୍ଷୀଙ୍କ କଳରବରେ ଚିଲିକା ତଟଦେଶ ପାରିକୁଦ, ନୂଆପଡ଼ା, ଗୁରୁବାଇ, ସିପିଆ, ତିଛିଣି, ସାତପଡ଼ା, ସୋଲାକୁଦି, ପଣ୍ଡା, ଚିଖିଲି, ଚିତ୍ରକୋଟ, ବନମାଳ, ଖଟିଆକୁଦି ଆଦି ଅଞ୍ଚଳ ମୁଖରିତ ହୋଇଉଠିଛି। ବିଶେଷ କରି ଏହି ଅଞ୍ଚଳରେ ବିଦେଶାଗତ ଗଡ଼ୱାଲ, ଶୋଭଲର, ପିଣ୍ଟାଲ, ଗଡ଼ଉଇଟ, ସ୍ୟାଣ୍ଡପାଇପର, ପେଲିକାନ ଆଦି ପ୍ରଜାତିର ପକ୍ଷୀ ଦେଖିବାକୁ ମିଳୁଛି।

ବିଗତ ବର୍ଷମାନଙ୍କ ଭଳି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ, ବାଲୁଗାଁ ତରଫରୁ ଆନୁଷଙ୍ଗିକ ସୁରକ୍ଷା ବ୍ୟବସ୍ଥା ଚଳିତ ବର୍ଷ ମଧ୍ୟ କରାଯାଇଥିବା ଜଣାପଡ଼ିଛି। ଚିଲିକା ନୂଆପଡ଼ାରେ ଅଫିସ ତରଫରୁ ଗୁରୁବାଇ ଏବଂ ସିପିଆଠାରେ ଦୁଇଟି ପକ୍ଷୀ ଶିବିର କରାଯାଇଥିବା ବେଳେ ବନପାଳ ରଶ୍ମୀ ରଞ୍ଜନ ନାୟକ, ବନରକ୍ଷୀ ଲକ୍ଷ୍ମଣ ବେହେରା ଏବଂ ୪ଜଣ ଲେଖାଏଁ ସୁରକ୍ଷା କର୍ମୀ ନିୟୋଜିତ ହୋଇଛନ୍ତି। ସେହିଭଳି ପାରିକୁଦ ପକ୍ଷୀ ସୁରକ୍ଷା ଶିବିର ଅଧୀନ ଅଞ୍ଚଳରେ ମଧ ପକ୍ଷୀ ଅଭୟାରଣ୍ୟ



ନଳବଣ ଫରେଷ୍ଟର ଜିତେନ୍ଦ୍ରୀୟ ଜେନାଙ୍କ ସମେତ ବନରକ୍ଷୀ ତ୍ରିଲୋଚନ ମହାରଣା ଏବଂ ୬ଜଣ ସୁରକ୍ଷା କର୍ମୀ ନିୟୋଜିତ ହୋଇଥିବା ଜଣାପଡ଼ିଛି। ରାତ୍ର କାଳରେ ପାରିକୁଦ ବନ ଶିବିର ତରଫରୁ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ବାଲୁଗାଁ ରେଞ୍ଜର ରଶ୍ମିତା ଜେନା ଏବଂ ଚିଲିକା ନୂଆପଡ଼ା ରେଞ୍ଜର ସୂର୍ଯ୍ୟକାନ୍ତ ମହାରଣା ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା କାର୍ଯ୍ୟକୁ ତଦାରଖ କରୁଛନ୍ତି। ସାତପଡ଼ା ରେଞ୍ଜ ତରଫରୁ ଟୁଆଁ ଗମ୍ଭାରୀ ଏବଂ ବଡ଼ଗୋଠଠାରେ ଦୁଇଟି ପକ୍ଷୀ ସୁରକ୍ଷା ଶିବିର କରାଯାଇଛି। ଆବଶ୍ୟକୀୟ ସୁରକ୍ଷା କର୍ମୀ ସେଠାରେ ମୁତୟନ କରାଯାଇଥିବାବେଳେ ରେଞ୍ଜର ରଞ୍ଜନ କୁମାର ବେହେରା ଏବଂ ବନପାଳ ଅବ୍‌ଦୁଲ ଖାନ୍ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ଦିଗରେ କଡ଼ା ନଜର ରଖିଛନ୍ତି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବାଲୁଗାଁ ଅମ୍ଲାନ ନାୟକ ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା କାର୍ଯ୍ୟକୁ ତଦାରଖ କରୁଥିବା ଜଣାପଡ଼ିଛି। ବନ ବିଭାଗର କଡ଼ା ସୁରକ୍ଷା ଯୋଗୁଁ ଡଲ୍‌ଫିନ୍ ଓ ବିଦେଶାଗତ ବିହଙ୍ଗ ସୁରକ୍ଷିତ ଥିବା ପରିବେଶବିତ୍ ଧନେଶ୍ୱର ବିଧାର କହିଛନ୍ତି।



# ମାଓବାଦୀଙ୍କୁ ଧରାଇବା ପାଇଁ ପୁରସ୍କାର ଘୋଷଣା !



କଲ୍ୟାଣସିଂହପୁର,୧୯।୧୦(ସମିସ): ମାଓବାଦୀ ଧରାନ୍ତୁ ପୁରସ୍କାର ପାଆନ୍ତୁ। ମାଓବାଦୀଙ୍କୁ ଧରାଇବା ପାଇଁ ପୁରସ୍କାର ଘୋଷଣା। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ଦେଖିବାକୁ ମିଳିଛି ମାଓବାଦୀଙ୍କୁ ଧରାଇଲେ ପୁରସ୍କାର ଘୋଷଣା ପୋଷ୍ଟର। କଲ୍ୟାଣସିଂହପୁର ସଦର ଜଗନ୍ନାଥ ମନ୍ଦିର କାନ୍ଥ, ତହସିଲ ଅଫିସର ପାଠକ, ବ୍ଲକ୍ ସଦର ମୁଖ୍ୟ ପାଠକ ଓ ବ୍ଲକର ଦୁର୍ଗମ ଅଞ୍ଚଳର ପାରସାଲିରେ ମଧ୍ୟ ଏହି ପୋଷ୍ଟର ଲାଗିଥିବା ସୂଚନା ମିଳୁଛି। ପୋଷ୍ଟରରେ ବିଭିନ୍ନ ଭାଷାରେ ଲୋକଙ୍କୁ କୁହାଯାଇଛିଯେ ୧୦ ଜଣ ମାଓବାଦୀଙ୍କୁ ଧରାଇଲେ ୨୦ ଲକ୍ଷରୁ ଆରମ୍ଭ ହୋଇ ଏକ କୋଟି ପର୍ଯ୍ୟନ୍ତ ଟଙ୍କା ମିଳିବ ଯିଏ ଧରାଇବେ ତାଙ୍କ ନାମ ଗୁପ୍ତରେ ରଖାଯିବ ବୋଲି ପୋଷ୍ଟର ଉଲେଖ କରାଯାଇଛି। ଯେଉଁଟି ଦେଖିବେ, ସେଠାରୁ ଏହି ମୋବାଇଲ୍ ନମ୍ବର ୯୪୩୭୬ ୪୩୮୩୯/ ୯୪୩୭୬ ୪୩୮୩୯ରେ କଲ୍ କରିବା ପାଇଁ କୁହାଯାଇଛି। ପୁରସ୍କାର ଟଙ୍କା ଗଣେଶ ଉଇକେ (କେନ୍ଦ୍ରୀୟ କମିଟି ସଦସ୍ୟ ) ୧ କୋଟି, ସୁଦର୍ଶନ ଓରଫ ବିକାଶ (ସ୍ପେଶାଲ ଜୋନାଲ କମିଟି ସଦସ୍ୟ) ୫୦ ଲକ୍ଷ, ନିଖିଲ ଓରଫ ଶିବାଜୀ (ସ୍ପେଶାଲ ଜୋନାଲ କମିଟି ସଦସ୍ୟ) ୫୦ ଲକ୍ଷ, ଅଙ୍କିତା ଓରଫ ଇନ୍ଦୁ ୫୦ ଲକ୍ଷ , ଶୁକ୍ରୁ ଓରଫ କ୍ରିଷ୍ଣା ୫୦ ଲକ୍ଷ, ନିତୁ ୫୦ ଲକ୍ଷ, ଶିଲା ଓରଫ ନାଗମଣି (ମିଲିଟାରୀ ପ୍ଲାଟୁନ କମାଣ୍ଡର) ୨୦ ଲକ୍ଷ, ଅନ୍ୱେଷ ଓରଫ ରେଣୁ ୨୦ ଲକ୍ଷ, ମମତା ଓରଫ ସାଇତେ ୨୦ ଲକ୍ଷ ଓ ନକୁଳ ଓରଫ ଚନ୍ଦ୍ରାଙ୍କ ନାମରେ ୨୦ ଲକ୍ଷ ଘୋଷଣା କରାଯାଇଥିବା ପୋଷ୍ଟରରେ ଲେଖା ଯାଇଛି। ଏହି ପୋଷ୍ଟର କିଏ ମାରିଛି, ତାହା ସ୍ପଷ୍ଟ ନାହିଁ।

# ତ୍ରିନାଥ ମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ



କୋରାପୁଟ,୧୯।୧୦(ସମିସ): କୋରାପୁଟ ବ୍ଲକ ମସ୍ତିପୁଟ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଦେଶନାୟକଗୁଡା ଗ୍ରାମରେ କୋରାପୁଟ ବିଧାୟକ ରଘୁରାମ ମାଛଙ୍କ କରକମଳରେ ତ୍ରିନାଥ ମନ୍ଦିର ନିର୍ମାଣ କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଗବତ ସତସଂଘ ଟୁଙ୍ଗୀ ସଂକୀର୍ତ୍ତନ ମଣ୍ଡଳୀର ଜିଲ୍ଲା ସଭାପତି ଡମ୍ବରୁଧର ନାୟକ, ସମ୍ପାଦକ ନାରାୟଣ ନାୟକ, କାର୍ଯ୍ୟକାରୀ ସଭାପତି ଯୋଗେଶ ଖିଲ, ବ୍ଲକ ଉପସଭାପତି ମହାଦେବ ପୂଜାରୀ, ସମ୍ପାଦକ ରଘୁନାଥ ପୂଜାରୀ, କୋଷାଧ୍ୟକ୍ଷ ଟଙ୍କଧର ମୁଖି, ବ୍ଲକ କମିଟି ଭୀମ ଗୌଡ, ଅର୍ଜୁନ ଗୁଣ୍ଡା,ବଳରାମ ମସ୍ତି ଓ ଉପଦେଷ୍ଟା ସୁରେନ୍ଦ୍ର ମସ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ୯ ଗୋଟି ଗ୍ରାମର ସଂକୀର୍ତ୍ତନ ମଣ୍ଡଳୀ ଉପସ୍ଥିତ ରହି ନାମଯଜ୍ଞରେ ସାମିଲ ହୋଇଥିଲେ। କର୍ତ୍ତାଭାବରେ ଗାଁର ମୁଖିଆ ଗଙ୍ଗାଧର ନାୟକ ଉପସ୍ଥିତ ଥିଲେ। ଜଗତଜୀବନ ପଣ୍ଡା ପୁରୋହିତ କାର୍ଯ୍ୟ ତୁଲାଇଥିଲେ। ବିଧାୟକ ଶ୍ରୀମାଛ ସମସ୍ତ ଗାଁରେ ଭାଗବତ ଟୁଙ୍ଗୀ ଓ ନାମ ସଂକୀର୍ତ୍ତନ ମଣ୍ଡପ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# ଆନ୍ଧ୍ର ଜମି ମାଫିଆଙ୍କ ବିରୋଧରେ ସିପିଆଇ(ଏମ୍‌ଏଲ୍)ର ଆନ୍ଦୋଳନ ଧମକ




ରାୟଗଡ଼ା,୧୯।୧୦(ସମିସ): ରବିବାର ସିପିଆଇ (ଏମଏଲ) ଲିବରେସନ ତରଫରୁ ରାୟଗଡା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ରେଙ୍ଗଲପାଡୁ ଗାଁ ଆମ୍ବ ତୋଟାରେ ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିପିଆଇ (ଏମଏଲ) ଲିବରେସନ ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ନିତି ବିରୋଧରେ ବକ୍ତବ୍ୟ ରଖିବା ସହ କୋଲନରା ବ୍ଲକରେ ଆଦିବାସୀମାନଙ୍କ ଦଖଲରେ ରହିଥିବା ଜଙ୍ଗଲ ଜମି ଓ ସରକାରୀ ଜମିକୁ ଆନ୍ଧ୍ର ଜମି ମାଫିଆ ମାନେ ନିଜ କବଜାକୁ ନେବା ଷଡ଼ଯନ୍ତ୍ରକୁ ତୀବ୍ର ସମାଲୋଚନା କରିଥିଲେ। ରେଙ୍ଗଲପାଡୁ ଗ୍ରାମର ଆଦିବାସୀ ମାନଙ୍କୁ ରହିବାକୁ ଘର ଡିହ, ସମ୍ବିଧାନର ୫ମ ଅନୁଚ୍ଛେଦରେ ଆଦିବାସୀ ମାନଙ୍କୁ ଜମିର ଅଧିକାର ଯୋଗାଇବା, ଆନ୍ଧ୍ର ଜମି ମାଫିଆ ମାନେ ଅଣକାପାଡୁ ଗାଁର ଆଦିବାସୀ ମାନଙ୍କ ଦଖଲରେ ଥିବା ଜମିକୁ ଜୋରଜବରଦସ୍ତି ନେବା, ସମସ୍ତଙ୍କୁ ଜଙ୍ଗଲ ଜମି ଓ ଘରଡିହ ପଟା ପ୍ରଦାନ କରିବା, ସମସ୍ତ ଗରିବଙ୍କୁ ୫୦ କେଜି ଚାଉଳ ଯୋଗାଇବା, ୩୦୦ ୟୁନିଟ୍ ବିଦ୍ୟୁତ ଯୋଗାଇବା, ପେନ୍‌ସନ ୫ ହଜାର ଟଙ୍କା ଯୋଗାଇ ଦେବା, ବଡ଼ ଖିଲାପଦର ଗାଁର ଆଦିବାସୀମାନଙ୍କ ଦଖଲରେ ଥିବା ଜମିର ପଟ୍ଟା ପ୍ରଦାନ କରିବା, ତଳ ଶିକାବାଡି ଠାରୁ ଲହରୀଗାଡ଼ା ପର୍ଯ୍ୟନ୍ତ ପକ୍କା ରାସ୍ତା କରିବା ପାଇଁ ଆଲୋଚନା କରିବା ସହ ନଭେମ୍ବର ମାସରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ଯାଏଁ ଧାରଣା ଦେବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସଭାରେ ଶିବ କୁମାର ହୁଇକା, ଅନିରୁଦ୍ଧ ନିଶିକା(ପୂର୍ବତନ ସରପଞ୍ଚ) କୃଷ୍ଣା ପାଲକା, ଦିପାଇ କିଲାକା, ନିଲାଇ କିଲାକା, ସୁଭଦ୍ରା ଉଲକା, ମେଦିରି ଗରଡିଆ, ଅଷ୍ଟମ ଉଲକା, ଆଚାନା ମଣ୍ଡାଙ୍ଗି , ବୃନ୍ଦାବନ ଗୁନା, ଛବିଲାଲ ହିଆଲ, ରାମାରାଓ କୁଦ୍ରୁକା, ମୂର୍ତ୍ତୀ ମିଣିଆକା, ଆଶିକା ଅଟକାଙ୍କ ସମେତ ଅନ୍ୟ ମାନେ ଉପସ୍ଥିତ ଥିବା ଜିଲ୍ଲା ସମ୍ପାଦକ ତ୍ରିପତି ଗମାଙ୍ଗ ଜଣାଇଛନ୍ତି ।

## ସ୍ୱାସ୍ଥ୍ୟ ବିକାଶ ସମିତିର ସାଧାରଣ ପରିଷଦ ବୈଠକ

# ୬୫୦ ଶଯ୍ୟା ବିଶିଷ୍ଟ ମେଡିକାଲ କାର୍ଯ୍ୟକ୍ଷମ ନେଇ ପ୍ରଶ୍ନକଲେ ସାଂସଦ



କୋରାପୁଟ,୧୯।୧୦(ସମିସ): ସ୍ଥାନୀୟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ବିକାଶସମିତିର ୫ମସାଧାରଣପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ସାଂସଦ ସପ୍ତଗିରି ଶଙ୍କର ଉଲାକା ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୬ମାସ ତଳେ ଉଦଘାଟିତ ୬୫୦ ଶର୍ଯ୍ୟା ବିଶିଷ୍ଟ ମେଡିକାଲର କାର୍ଯ୍ୟକ୍ଷମ ନେଇ ପ୍ରଶ୍ନ କରିଥିଲେ। ବର୍ତ୍ତମାନ ସୁଦ୍ଧା ମେଡିକାଲକୁ ଯିବା ପାଇଁ ରାସ୍ତା,ଟାଉନ ପ୍ଲାନିଙ୍ଗ,ଫାୟାର ସେଫ୍ଟି ,ଅକ୍ସିଜେନ ପ୍ଲାଣ୍ଟ ଓ ପାର୍କିଂ ଆଦି କାର୍ଯ୍ୟ ଆଦି ହୋଇନାହିଁ । ଏହି ସବୁ କାର୍ଯ୍ୟ ସରିବା ପାଇଁ ଆଉ ୧ ବର୍ଷ ଲାଗିଯିବ ତେଣୁ କେଉଁ ଉର୍ଦ୍ଦେଶ୍ୟରେ ତରବରିଆ ଭାବେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟନ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି।ମିଥ୍ୟା ତଥ୍ୟ ଦେଇ ତରବରିଆ ଭାବେ ଉଦଘାଟନ କରିବା କାରଣ କଣ ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ତ୍ତମାନ ଚାଲୁଥିବା ମେଡିକାଲ କଲେଜରେ ଅନେକ ସମସ୍ୟା ରହିଛି। ୭ ଜଣ ପ୍ରଫେସର ପଦବୀ ଖାଲି ଥିବା ବେଳେ ଅନେକ ନର୍ସିଂ ଅଫିସର ପଦବୀ ଖାଲି ଥିବା ବେଳେ ଏହାକୁ ଯଥାଶିଘ୍ର ପୂରଣ କରିବା ପାଇଁ ସାଂସଦ ମତ ଦେଇଥିଲେ। ମେଡିକାଲ କଲେଜର ଡିନ ଓ ଅଧିକ୍ଷକଙ୍କ ମଧ୍ୟରେ ସମନ୍ୱୟ ରହୁନଥିବା ସେ ଅଭିଯୋଗ କରିଛନ୍ତି।ବୈଠକରେ ଡାକ୍ତର,ଭିତିଭୂମିର ବିକାଶ,ଆବର୍ଜନ ଉଠାଇବା,ସ୍ୱଚ୍ଛତା,ରୋଗୀ ସେବା ଏବଂ ମେଡିକାଲର ସାର୍ବଜନୀନ ବିକାଶ ପାଇଁ ବୈଠକରେ ଆଲୋଚନା ହୋଇଛି। ୬୫୦ ଶର୍ଯ୍ୟା ବିଶିଷ୍ଟ ମେଡିକାଲ କଲେଜର କାର୍ଯ୍ୟକ୍ଷମ ନେଇ ରହିଥିବା ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟକୁ ଯଥାଶିଘ୍ର ଶେଷ କରିବା ପାଇଁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର ସଂଗ୍ରାମ କେଶରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ମେଡିକାଲ କଲେଜର ଡିନ ଡା. ହରେକୃଷ୍ଣ ଦଳେଇଙ୍କୁ ନୋଡାଲ ଅଫସିର ଭାବେ ନିଯୁକ୍ତ କରାଯାଇଛି। ସେ ବିଭିନ୍ନ ବିଭାଗ ସହ ଆଲୋଚନା କରି ଯଥାଶିଘ୍ର ଅସପୂର୍ଣ୍ଣ ଥିବା କାର୍ଯ୍ୟ ଶେଷ କରି ନୂତନ ମେଡିକାଲକୁ କାର୍ଯ୍ୟକ୍ଷମ କରିବବାକୁ ଶ୍ରୀ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ,କୋରାପୁଟ ପୌରପରିଷଦର ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ,ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ନାଏକ,ମେଡିକାଲର ଅଧିକ୍ଷକ ପ୍ରଫେସର ଡା.ସୁଶାନ୍ତ କୁମାର ସାହୁଙ୍କ ସମେତ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବିଦ୍ୟୁତ୍ ଆଘାତରେ ଚାଷୀଙ୍କ ମୃତ୍ୟୁ

ଜୟପୁର,୧୯। ୧୦(ସମିସ): ଜୟପୁର ସଦରଥାନା ଟାଙ୍କୁଆ ଗ୍ରାମପଞ୍ଚାୟତର ରାଙ୍ଗିଣିଗୁଡା ଗ୍ରାମ ଠାରେ ଆଜି ସକାଳୁ ଜଣେ ଚାଷୀ ନିଜ ଜମିକୁ ଯାଇ ପାଣି ଉଠାର ମଟର ଯାଞ୍ଚ କରୁଥିବା ବେଳେ ସଟସର୍କିଟ ହୋଇ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଫଳରେ ଘଟଣାସ୍ଥଳରେ ଚାଷୀ ଅନିମେଶ ହାଲଦାର (୫୫) ଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏହିପରି ଦୀର୍ଘ ସମୟ ପର୍ଯ୍ୟନ୍ତ ମୃତକ ଚାଷୀ ଘରକୁ ଫେରିନଥିବା ଯୋଗୁଁ ପରିବାର ଲୋକ ବ୍ୟତିବ୍ୟସ୍ତ ହୋଇଥିଲେ। ଏହାପରେ ପତ୍ନୀ ଚମ୍ପା ଖୋଜାଖୋଜି କରିବା ପାଇଁ ଜମିକୁ ଯାଇଥିଲେ। ସେଠାରେ ମଟରଉପରେ ହାତ ରହିଥିବା ବେଳେ ତାଙ୍କର ମୃତଦେହ ସେଠାରେ ପଡରହିଥିଲା। ତୁରନ୍ତ ପରିବାର ଅନ୍ୟାନ୍ୟ ସଦସ୍ୟଙ୍କ ଡାକିବା ପରେ ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ମୃତକଙ୍କ ଶବ ଉଦ୍ଧାର କରିବା ପରେ ଜିଲ୍ଲା ଚିକିତ୍ସାଳୟକୁ ପଠାଇ ଶବବ୍ୟବଚ୍ଛେଦ ସହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏଥିନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଜାରୀ ରହିଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# କାଠ ଫାଳିଆରେ ଆକ୍ରମଣ ମାମଲା, ଅଭିଯୁକ୍ତ ଗିରଫ

ଜୟପୁର ୧୯ ।୧୦ (ସମିସ): ଜୟପୁର ଟାଉନ୍ ଥାନା ପୁଲିସ କାଠ ଫାଳିଆରେ ଆକ୍ରମଣ ମାମଲାରେ ଅଭିଯୁକ୍ତକୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତ ସ୍ଥାନୀୟ ହାନ୍ନାଗୁଡାର ସାଗର ବାଘ (୨୮) । ପୁଲିସ ସୁଚନା ଅନୁଯାୟୀ, ହାନ୍ନାଗୁଡାର ଅଭିଯୁକ୍ତ ସାଗର ବାଘ ସହ ସିମନ ନାଗ ମଧ୍ୟରେ ମୋବାଇଲକୁ କେନ୍ଦ୍ର କରି ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଅଭିଯୁକ୍ତ ସାଗର ଏକ କାଠ ଫାଳିଆରେ ଅଭିଯୋଗକାରୀ ସିମନର ମୁଣ୍ଡରେ ଆକ୍ରମଣ କରିଥିଲେ ଏବଂ ଏଥିରେ ଅଭିଯୋଗକାରୀଙ୍କ ମୁଣ୍ଡ ଫାଟି ଯାଇ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଏନେଇ ଟାଉନ ଥାନାରେ ଲିଖିତ ଅଭିଯୋଗକୁ ଭିତ୍ତି କରାଯାଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛଇ ବୋଲି ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।







# ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ, ୩ ଗିରଫ

ଜୟପୁର,୧୯ ।୧୦(ସମିସ): ଜୟପୁର ଅବକାରୀ ସର୍କଲ ପକ୍ଷରୁ ସ୍ଥାନୀୟ ରେଳଷ୍ଟେସନ ନିକଟରେ ଗଞ୍ଜେଇ ଚାଲାଣ ବେଳେ ଚଢ଼ଉ କରାଯାଇ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ମାନେ ହେଲେ କୋଟପାଡ ଥାନା କୁସୁମି ଗ୍ରାମର ଦୀନବନ୍ଧୁ ପେଣ୍ଠିଆ, ଧଉଡପାଲ ଗ୍ରାମର ମୋଚିରାମ କୁମ୍ଭାର ଏବଂ ରାମନାଥ କୁମ୍ଭାର। ସେମାନଙ୍କ ନିକଟରୁ ୬ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଅଭିଯୁକ୍ତମାନେ ଉକ୍ତ ଗଞ୍ଜେଇକୁ ଏକ ପଲିଥିନ ବ୍ୟାଗରେ ଭର୍ତ୍ତି କରିବା ସହ ଜୟପୁର ରେଳ ଷ୍ଟେସନକୁ ଯାଉଥିବା ବେଳେ ସ୍ଥାନୀୟ ଅବକାରୀ ନିରୀକ୍ଷକ କାଯ୍ୟାଳୟକୁ ସୂଚନା ମିଳିଥିଲା। ତୁରନ୍ତ ବିଭାଗର କର୍ମଚାରୀ ମାନେ ଚଢଉ କରିବା ସହ ଅଭିଯୁକ୍ତ ମାନଙ୍କୁ ଗିରଫ କରିଛନ୍ତି ଏବଂ ଗଞ୍ଜେଇ ଜବତ କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ନିରୀକ୍ଷକ ଶଶୀକାନ୍ତ ଦତ୍ତ ସୂଚନା ଦେଉଛନ୍ତି।

# ବିଶିଷ୍ଟ ବ୍ୟବସାୟୀଙ୍କ ପରଲୋକ

ସେମିଳିଗୁଡ଼ା, ୧୯।୧୦ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରର ବିଶିଷ୍ଟ ବ୍ୟବସାୟୀ ଓ ସମାଜସେବୀ ତଥା ସୀତମ ଇଞ୍ଜିନିୟରିଂ କଲେଜ ର ସମ୍ପାଦକ ଲକ୍ଷ୍ମଣ କୁମାର ରାଉତ ( ୭୫)ଙ୍କର ରବିବାର ସକାଳେ ପରଲୋକ ଘଟିଛି। ଲକ୍ଷ୍ମଣ ରାଉତ ହୃଦଘାତ ହେବା ପରେ ପରିବାର ଲୋକେ ତାଙ୍କୁ ମେଡିକାଲ୍‌କୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାର ହେବା ପରେ ସହରରେ ଏକ ଶୋକର ଖେଳିଯାଇଛି। ଲକ୍ଷ୍ମଣ ରାଉତ ଶିକ୍ଷକ ଭାବରେ ନିଜର ଜୀବନ ଆରମ୍ଭ କରିଥିଲେ।ପରେ ଚାକିରି ଛାଡ଼ି ବ୍ୟବସାୟୀ କରି ସହର ରେ ଏକ ପରିଚିତ ସୃଷ୍ଟି କରିଥିଲେ। ସେ ଆଗ୍ନି ଗଙ୍ଗମ୍ମା ପୂଜା କମିଟି, ଗୁଣ୍ଡିଚା ମନ୍ଦିର କମିଟି,ଶିବ ମନ୍ଦିର,ରାମ ମନ୍ଦିର କମିଟିର ବିଭିନ୍ନ ପଦବୀରେ ରହିଥିଲେ। ସେହିପରି ଲାୟନ୍ସ କ୍ଲବ୍ ଓ ଅନ୍ୟ ଆନୁଷ୍ଠାନରେ ସାମିଲ ରହି ସମାଜସେବୀ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ତାଙ୍କର ପ୍ରମୁଖ ଭୂମିକା ରହୁଥିଲା। ଖବର ପାଇ ପଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ ବିଧାୟକ ରଘୁରାମ ପଡାଲ, ସୁନାବେଡ଼ା ପୌରପରିଷଦ ଅଧ୍ୟକ୍ଷ ଡଃ ରାଜେନ୍ଦ୍ର ପାତ୍ର , ଶିବ ଶକ୍ତି ବଣିକ ସଂଘର କର୍ମକର୍ତ୍ତାଙ୍କ ସମେତ ସହରର ବହୁ ପ୍ରତିଷ୍ଠିତ ବ୍ୟକ୍ତି, ସମାଜସେବୀ, ତାଙ୍କ ନନ୍ଦପୁର ରାସ୍ତାରେ ଥିବା ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗ ଅପୂରଣୀୟ କ୍ଷତି ବୋଲି ସେମିଳିଗୁଡା ସିଟମ୍‌ର ଅଧ୍ୟକ୍ଷ ତଥା ବିଶିଷ୍ଟ ସମାଜସେବୀ କୃଷ୍ଣ ସିଂହ ଜଣାଇଛନ୍ତି।



ସକାଳ
THE SAKALA



# ଆଜି ରଙ୍ଗୀନ ଆଲୋକରେ ଝଲସିବ ରାଉରକେଲା






ରାଉରକେଲା, ୧୯।୧୦(ସମିସ): ରାତି ପାହିଲେ ଆଲୋକର ପର୍ବ ଦୀପାବଳି। ରଙ୍ଗିନ ଆଲୋକ ମାଳାରେ ଝଲସିବ ରାଉରକେଲା। ଘରେ ଘରେ ସୁନ୍ଦର ରଙ୍ଗୋଲି ମଧ୍ୟରେ ଜଳିବ ଦୀପ। ଚାରିଆଡ଼େ ଆଲୋକରେ ଝଲସି ଉଠିବ। ଏହାକୁ ନଜରରେ ରଖି ସହରରେ ବିକ୍ରି ହେଉଛି ଦୀପ, ବାଣ, ଲିଚୁ ଲାଇଟ୍ ଏବଂ ବିଭିନ୍ନ ସ୍ଥାନରେ ମଧ ରଙ୍ଗବେରଙ୍ଗ ମୁରୁଜ। ଘରେ ଘରେ ଚାଲିଛି ପ୍ରସ୍ତୁତି। ସନ୍ଧ୍ୟା ହେଲେ ସହରର ଛକ ଛକରେ ଲାଗିଥିବା ଲାଇଟ୍ ଦୋକାନରେ ଭିଡ ଜମୁଛି। ଲୋକଙ୍କ ଚାହିଦାକୁ ଦେଖି ବ୍ୟବସାୟୀ ମାନେ ମଧ ବିଭିନ୍ନ ଡିଜାଇନର ଲିଚୁ ଲାଇଟ୍ ଓ ଏଲଇଡି ଲାଇଟ୍ ଆଣିଛନ୍ତି। ମାଟି ନିର୍ମିତ ଭଳିକି ଭଳି ଦୀପ ମଧ ରାସ୍ତା ପାଶ୍ୱର୍ରେ ବିକ୍ରି ହେଉଛି। ଇଲେକ୍ଟ୍ରି ଦୋକାନରେ ମଧ ଲିଚୁ ଲାଇଟ୍ ବିକ୍ରି ହେଉଛି। ବିଭିନ୍ନ ସ୍ଥାନରେ ଛୋଟ ଛୋଟ ଦୀପ ଷ୍ଟଲ ଖୋଲିଛି। ସେଥିରେ ଫ୍ୟାନ୍ସି ଲାଇଟ୍, ଏଲଇଡି ଲିଚୁ, ଇଲେକ୍ଟ୍ରିକ ଝୁଲା ଦୀପ, ଇଲେକ୍ଟ୍ରିକ ଝୁମର, ୱାଟର ବଲ୍ ଲାଇଟ୍, ଷ୍ଟାର ଲାଇଟ୍, ପାଲକୋ ଲାଇଟ୍, ଲେଜର ଲାଇଟ୍ ଆଦି ଚାହିଦାରେ ରହିଛି। ଲିଚୁ ଲାଇଟ୍ ୨୦ରୁ ୨୫ ଫୁଟରୁ ଆରମ୍ଭ ହୋଇ ୩ରୁ ୪ଶହ ଫୁଟ ପର୍ଯ୍ୟନ୍ତ ରହିଛି। ଏହାର ଦାମ ଗୋଟାଏକୁ ୫୦ ଟଙ୍କାରୁ ଆରମ୍ଭ ହୋଇ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି।

ସେହିଭଳି ଦୀପ ଭେରାଇଟି ଛୋଟ ଦୀପରୁ ଆରମ୍ଭ କରି ଗଣେଶ ଦୀପ, କଳସ ଡିଜାଇନ୍ ଦୀପ, ନାଲି ଦୀପ, ତ୍ରୀମୁଖି, ପଞ୍ଚମୁଖୀ ଦୀପ ଆଦିର ପସରା ମେଲିଛି। ଏହା ବ୍ୟତୀତ ବିଭିନ୍ନ ଆକୃତିର ମହ୍ମବତୀ, ଚାଇନା ଲାଇଟ୍, ତେଲ, ଘିଅ, ବନ୍ଧୁକ, ଚାଇନା ଗୁଳି, ରସୁଣ ବାଣ ବିକ୍ରି ହେଉଛି। ହେଲେ ପ୍ରମୁଖ ଆକର୍ଷଣ ସାଜିଛି ରଙ୍ଗବେରଙ୍ଗର ମହମବତୀ ହାତୀ, ଘୋଡ଼ା, ବିଭିନ୍ନ ଜୀବଜନ୍ତୁଙ୍କ ଡିଜାଇନ, କଣ୍ଢେଇ ଦୀପ, ପଦ୍ମ ଫୁଲ, ଗୋଲାପ ଫୁଲ ବିଭିନ୍ନ ଆକୃତିର ମହମବତୀ ବିକ୍ରି ହେଉଛି। ଛୋଟ ପିଲା ମାନେ ଏହି ସବୁ ମହମବତୀ କିଣିବାକୁ ଅଧିକ ପସନ୍ଦ କରୁଛନ୍ତି। ଏହାର ଦାମ ଭିନ୍ନ ଭିନ୍ନ ରହିଛି। ଲାଇଟ୍ ଗୁଡ଼ିକ କଲିକତା, ଛତିଶଗଡ଼ ଅଞ୍ଚଳରୁ ଆସୁଥିବା ବେଳେ ଦୀପ ଗୁଡ଼ିକ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା କୁହାଯାଇଛି। ଛୋଟ ଦୀପ ୧୦ ଟଙ୍କାରେ ୧୨ଟି ମିଳୁଥିବା ବେଳେ ବଡ଼ ଏବଂ ରଙ୍ଗିନ୍ ଦୀପ ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ସାଧାରଣ ଛୋଟ ମହମବତୀ ୩୦ରୁ ୫୦ଟଙ୍କା ହୋଇଥିବା ବେଳେ ହାତୀ, ଘୋଡ଼ା, ଜୀବଜନ୍ତୁ ଡିଜାଇନ ମହମବତୀ ଗୁଡ଼ିକର ଦାମ୍ ୭୦ଟଙ୍କାରୁ ୧୫୦ଟଙ୍କା ପର୍ଯ୍ୟନ୍ତ, କଣ୍ଢେଇ ଦୀପ ଫୁଲ ଆକୃତିର ମହମବତୀ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିପରି ବାଣ ଦୋକାନ ଗୁଡ଼ିକରେ ବିଭିନ୍ନ ବାଣ ବିକ୍ରି ହେଉଛି। ସେହିପରି ଧନତେରାସ୍ ଉପଲକ୍ଷେ ସହରରେ ସୁନା ରୂପା ଗହଣା ଦୋକାନ ସମେତ ପୂଜା ସାମଗ୍ରୀ ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ବାସନକୁସନ ଦୋକାନ ଏବଂ ବୈଦ୍ୟୁତିକ ଆଲୋକ ସାଜସଜ୍ଜା ଦୋକାନ ସମେତ ମିଠା ଦୋକାନ ଗୁଡ଼ିକରେ ମଧ ଭିଡ଼ ଦେଖିବାକୁ ମିଳିଛି। ଝାଡୁ, ଲୁଣ, ସୁନା, ରୁପା ଏବଂ ବାସନକୁସନ ଲୋକେ କ୍ରୟ କରିଛନ୍ତି। ସହରର ମୁଖ୍ୟ ବଜାର, ଡେଲି ମାର୍କେଟ, ଟ୍ରାଫିକ୍ ମାର୍କେଟ, ବାସନ୍ତୀ ମାର୍କେଟ, ଚାନ୍ଦ ମାର୍କେଟ, ପ୍ଲାଣ୍ଟସାଇଟ ରୋଡ୍, ପାନପୋଷ ମାର୍କେଟ, ଷ୍ଟିଲ୍ ମାର୍କେଟ, ଗଜପତି ମାର୍କେଟ ଏବଂ ଅନ୍ୟାନ୍ୟ ବଜାରରେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଛି। ଦୀପାବଳି ଯୋଗୁଁ ତିନି ଦିନ ଧରି ସହର ବଜାରରେ ଭିଡ଼କୁ ଦୃଷ୍ଟିରେ ରଖି, ଟ୍ରାଫିକ୍ ପୁଲିସ ମୁଖ୍ୟ ରାସ୍ତା ଏବଂ ସହରର ଛକ ଗୁଡ଼ିକରେ ପୁଲିସ ନିୟୋଜିତ କରାଯାଇଛି।

## ବିଭିନ୍ନ ବିଭାଗର ଘରୋଇକରଣ ପ୍ରତିବାଦରେ ଆରଏସ୍ଏସ୍ ଓ ଜିଏମ୍ଏମ୍‌ର ବିକ୍ଷୋଭ

ରାଉରକେଲା, ୧୯।୧୦(ସମିସ): ସ୍ଥାନୀୟ ସେକ୍ଟର - ୫ ସ୍ଥିତ ରାଉରକେଲା ଇସ୍ପାତ କାରଖାନାର ଟାଉନ ଇଂଜିନିୟରିଂ ଅଫିସ ସମ୍ମୁଖରେ ରାଉରକେଲା ଶ୍ରମିକ ସଂଘ ଏବଂ ଗାଙ୍ଗପୁର ମଜଦୂର ମଞ୍ଚ ତରଫରୁ ଏକ ବିରାଟ ଗଣବିକ୍ଷୋଭ ଆୟୋଜନ କରାଯାଇଥିଲା। ଆରଏସପି ଟାଉନ ଇଂଜିନିୟରିଂ ବିଭାଗର ସିଭିଲ, ଇଲେକ୍ଟ୍ରିକାଲ୍, ଜଳଯୋଗାଣ, ଉଦ୍ୟାନ ବିଭାଗ, ଜନସ୍ୱାସ୍ଥ୍ୟ ବିଭାଗକୁ ଆରଏସପି ତରଫରୁ ଘରୋଇ ସଂସ୍ଥା ହାତରେ ଟେକି ଦେବା ନିଷ୍ପତିକୁ ଗଣବିକ୍ଷୋଭରେ ତୀବ୍ର ପ୍ରତିବାଦ କରାଯାଇଥିଲା। ଏହି ଗଣବିକ୍ଷୋଭରେ ରାଉରକେଲା ଶ୍ରମିକ ସଂଘର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର, ଗାଙ୍ଗପୁର ମଜଦୂର ମଞ୍ଚର କାର୍ଯ୍ୟକାରୀ ସଭାପତି ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କି, ଉପସଭାପତି ସୁଲେମାନ କାଉଡିଆ, ରାଉରକେଲା ଶ୍ରମିକ ସଂଘର ଉପସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ମହାପାତ୍ର, ବରିଷ୍ଠ ଉପସଭାପତି ଆର୍ କେ ପଣ୍ଡା, ଉପସଭାପତି ଅକ୍ଷୟ ଜେନା, ଉପସଭାପତି ନିହାର ଦାସ ପ୍ରମୁଖ ନିଜର ବକ୍ତବ୍ୟ ରଖିଥିଲେ। ଏହି ବିକ୍ଷୋଭରେ ଆରଏସପି କ୍ୱାର୍ଟରଗୁଡିକରେ ଟାଇଲିଂ କାର୍ଯ୍ୟକୁ ସୁନିଶ୍ଚିତ କରିବା, ୨୪ ଘଣ୍ଟା ଭିତରେ କ୍ୱାର୍ଟର ନିକଟରେ ଥିବା ଡ୍ରେନଗୁଡିକୁ ସଫା କରିବା, କ୍ୱାର୍ଟର ସମ୍ପୂର୍ଣ୍ଣ ମରାମତି କରି ନୂତନ ଆଲର୍ଟ ଏଣ୍ଟ କରିବା, ସେକ୍ଟର ଅଞ୍ଚଳର ରାସ୍ତା ଗୁଡିକର ଶୀଘ୍ର ମରାମତି କରିବା ଇତ୍ୟାଦି ୯ ଗୋଟି ଦାବି କରାଯାଇଥିଲା। ସମସ୍ତ ନେତୃମଣ୍ଡଳୀ ରାଉରକେଲା ଇସ୍ପାତ କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟକଳାପକୁ ନିନ୍ଦା କରାଯିବା ସହିତ ଆଗାମୀ ଦିନରେ ଏ ଲଢେଇ ଆହୁରି ତୀବ୍ରତର ହେବ ବୋଲି ପ୍ରଶାନ୍ତ ବେହେରା ଚେତାବନୀ ଦେଇଥିଲେ। ରାଉରକେଲା ଶ୍ରମିକ ସଂଘର ଉପସଭାପତି ବୀରକିଶୋର ଶେଖରଦେଓ, ସୁରେଶ ପାଣିଗ୍ରାହୀ, ସମ୍ପାଦକ ଦୁର୍ଗା ଜେନା, କେ ସି ଆଚାର୍ଯ୍ୟ, ରମାକାନ୍ତ ପରିଡା, ୟୁଥ୍ ଚେୟାରମେନ ବିକାଶ ବେହୁରିଆ, ସୌମ୍ୟ ଧଳ, ରୁଦ୍ର ନାରାୟଣ ବେହେରା, ସୁଜିତ ନାୟକ ଏସ୍ ସି ସେଲ୍ ଅଧ୍ୟକ୍ଷ ଡି ନାୟକ, ରଘୁନାଥ ଭୁକ୍ତା, ଅଖିଳ ପୃଷ୍ଟି, ରଘୁନାଥ ପ୍ରଧାନ, ମନମୋହନ ବେହେରା, ଗାଙ୍ଗପୁର ମଜଦୂର ମଞ୍ଚର, ସନ୍ତୋଷ କୁଜୁର, ଆନନ୍ଦ ଟପ୍ପୋ, ମାଙ୍ଗେ ଏକ୍କାଙ୍କ ସମେତ ଉଭୟ ୟୁନିୟନର ୧ ହଜାରରୁ ଉଜାର କର୍ମକର୍ତ୍ତା, ସମର୍ଥକ ଉପସ୍ଥିତ ଥିଲେ।

## ଆତ୍ମହତ୍ୟା ଉଦ୍ୟମରୁ ଗୁରୁତର ୯ ବର୍ଷର ଶିଶୁର ଜୀବନ ରକ୍ଷା

ରାଉରକେଲା,୧୯।୧୦(ସମିସ): ଏକ ବିରଳ ତଥା ଜଟିଳ ମାମଲାରେ ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ଅଧୀନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇ ଜି ଏଚ)ର ଡାକ୍ତରମାନେ ରାଉରକେଲାର ଏକ ୯ ବର୍ଷୀୟ ଶିଶୁର ଜୀବନ ରକ୍ଷା କରିଛନ୍ତି। ଆତ୍ମହତ୍ୟା ଉଦ୍ୟମ ପରେ ଅଚେତ ଅବସ୍ଥାରେ ଶିଶୁଟିକୁ ନିଦାନ ଇଣ୍ଟେନ୍ସିଭ୍ କେୟାର ୟୁନିଟ୍ (ପିଆଇସିୟୁ) ରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷା କରିବା ପରେ ପିଲାଟିର ବେକରେ ଲିଗେଚର ଚିହ୍ନ ପରିଲକ୍ଷିତ ହୋଇଥିଲା। ତାଙ୍କୁ ତୁରନ୍ତ ଇନଟ୍ୟୁବେଟ୍ କରାଯାଇଥିଲା ଏବଂ ପିଆଇସିୟୁରେ ସିଏମଓ ଇନଚାର୍ଜ ଡକ୍ଟର ଜୟନ୍ତ କୁମାର ଆଚାର୍ଯ୍ୟ, ଡକ୍ଟର ଅର୍ଚ୍ଚନା ବେହେରା, ଡକ୍ଟର ମାୟା ବୋଷ, ଡକ୍ଟର ପୁନମ ଏକ୍କା, ଡକ୍ଟର ବିବେକାନନ୍ଦ ସିଂହ ଏବଂ ଡିଏନବି ଦଳର ତତ୍ତ୍ୱାବଧାନରେ ଜରୁରୀକାଳୀନ ଚିକିତ୍ସା ସେବା ପ୍ରଦାନ କରାଯାଇଥିଲା। ଡକ୍ଟର ବି. କେ. ନାୟକଙ୍କ ନେତୃତ୍ୱରେ ଆନାସ୍ଥେସିଆ ଦଳ ମଧ ଚିକିତ୍ସା ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ତ୍ୱରିତ ଏବଂ ସମନ୍ୱିତ ବହୁବିଧ ପ୍ରୟାସ ମାଧ୍ୟମରେ ରୋଗୀଙ୍କ ସ୍ନାୟୁଗତ ସ୍ଥିତି ଧୀରେ ଧୀରେ ଉନ୍ନତ ହୋଇଥିଲା। ପରେ ତାଙ୍କୁ ସଫଳତାର ସହିତ ଚିକିତ୍ସା କରାଯାଇଥିଲା। ମାନସିକ ପରାମର୍ଶ ସହ ସୁସ୍ଥ ଅବସ୍ଥାରେ ହସ୍ପିଟାଲରୁ ଡିସଚାର୍ଜ କରାଯାଇଥିଲା। କୋମଳମତି ଶିଶୁର ସଫଳ ଆରୋଗ୍ୟ ଲାଭ ପୁଣି ଥରେ ଆଇଜିଏଚର ତ୍ୱରିତ ପ୍ରତିକ୍ରିୟା, ବହୁବିଧ ଶୃଙ୍ଖଳାଗତ ଦଳଗତ କାର୍ଯ୍ୟ ଏବଂ ଉଚ୍ଚଗୁଣବତ୍ତା ସହ ଶିଶୁଙ୍କ ଯତ୍ନ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଛି।

## ୨ ଟ୍ରେନ୍ ଫେରିବାଲାଙ୍କୁ ମାଡ଼

ରାଉରକେଲା, ୧୯।୧୦(ସମିସ): ରାଉରକେଲା ରେଳ ଷ୍ଟେସନ ଦ୍ୱିତୀୟ ପ୍ରବେଶ ପଥଠାରେ ୨ ଜଣ ଟ୍ରେନ ଫେରିବାଲାଙ୍କୁ ମାଡ ମରା ଯାଇଥିବା ଅଭିଯୋଗ ହୋଇଛି। ଦୁହେଁ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଜଣାପଡିଛି। ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ମାଡ ମାରିଥିବା ଦୁର୍ବୃତ୍ତ ଘଟଣା ସ୍ଥଳରେ ସ୍କୁଟି ଛାଡ଼ି ଫେରାର ହୋଇଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ତେବେ ଦାଦାବଟିକୁ ନେଇ ଏହି ଘଟଣା ଘଟିଥିବା ସୂଚନା ମିଳିଛି।

## ନଦୀରୁ ଯୁବକଙ୍କ ଶବ ଉଦ୍ଧାର

ରାଉରକେଲା,୧୯।୧୦(ସମିସ): ସେକ୍ଟର -୧୬ସ୍ଥିତ ତୁମକେଲା ନଦୀରୁ ଜଣେ ଅଜଣା ଯୁବକଙ୍କ ଶବକୁ ଉଦ୍ଧାର କରାଯାଇଛି। ମୃତକଙ୍କ ବୟସ ପାଖାପାଖି ୩୫/୩୬ ବର୍ଷ ହେବ। ପ୍ରାୟ ୩/୪ ଦିନ ପୂର୍ବେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ନଦୀରେ ଗାଧୋଉଥିବା ବେଳେ ବୁଡି ଯାଇଥିବା ପାରିପାଶ୍ୱିର୍କ ସ୍ଥିତିରୁ ପୁଲିସ ଅନୁଧ୍ୟାନ କରିଛି। ନଦୀରେ ଶବ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ରାଉରକେଲା ସରକାରୀ ଡାକ୍ତରଖାନାର ମର୍ଗ ହାଉସରେ ପୁଲିସ ଶବ ରଖି ତଦନ୍ତ ଜାରି ରଖିଛି।

## ଚନ୍ଦ୍ରଶେଖର ଓଡ଼ିଆ ସାହିତ୍ୟ ଜଗତର ଅମ୍ଳାନ ପ୍ରତିଭା




ରାଉରକେଲା, ୧୯।୧୦(ସମିସ): ଓଡ଼ିଆ ସାରସ୍ୱତ ଜଗତରେ ଚନ୍ଦ୍ରଶେଖର ରଥ ଥିଲେ ଜଣେ ବିରଳ ସାଧକ ଏବଂ ଶବ୍ଦସ୍ଥପତି। କେବଳ ଗାଳ୍ପିକ ନୁହନ୍ତି; ସେ ଥିଲେ ଜଣେ ପ୍ରାବନ୍ଧିକ, କବି ଓ ଔପନ୍ୟାସିକ। ସେ ଥିଲେ ଜଣେ ବହୁଭାଷୀ ଲେଖକ। ସଂସ୍କୃତ, ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ସମ୍ବଲପୁରୀ ଆଦି ଭାଷା ଉପରେ ତାଙ୍କର ଅସାଧାରଣ ଦକ୍ଷତା ଥିଲା। ରାଉରକେଲାରେ ପ୍ରଥମ ଥର ପାଇଁ ପ୍ରଗତି ଉତ୍କଳ ସଂଘ ଆନୁକୂଲ୍ୟରେ ଆୟୋଜିତ ଚନ୍ଦ୍ର ଶେଖର ରଥଙ୍କ ୯୭ତମ ଜୟନ୍ତୀ ପାଳନ ଅବସରରେ ବିଶିଷ୍ଟ ବକ୍ତାମାନେ ଏହି ମତବ୍ୟକ୍ତ କରିଛନ୍ତି। ସଭାପତି ପ୍ରତାପ ସ୍ୱାଇଁଙ୍କ ଅଧ୍ୟକ୍ଷତା ଏବଂ ଉପଦେଷ୍ଟା ଭାରତ ଭୂଷଣ ମହାନ୍ତିଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟ ବକ୍ତା ଭାବେ କବି ରାଜୀବ ପାଣି ଯୋଗଦେଇ ସ୍ୱର୍ଗତ ରଥଙ୍କ ପ୍ରଥମ ତଥା ବହୁ ଚର୍ଚ୍ଚିତ ପୁସ୍ତକ ଯନ୍ତ୍ରାରୂଢ଼ ସହ ଅସୂର୍ଯ୍ୟ ଉପନିବେଶ ଏବଂ ନବଜାତକ ଉପନ୍ୟାସ ସମ୍ପର୍କରେ ବିଶଦ ଆଲୋଚନା କରି କହିଲେ ଯେ, ଚନ୍ଦ୍ର ଶେଖର ଥିଲେ ଓଡ଼ିଆ ସାହିତ୍ୟ ଜଗତର ଜଣେ ଅମ୍ଳାନ ପ୍ରତିଭା। ଏ ଜାତି ତାଙ୍କୁ ସବୁଦିନେ ପ୍ରଣତି ଜଣାଇବ। ଅନ୍ୟତମ ଉପସଭାପତି ଡ. ପ୍ରଭାତ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରି କହିଲେ ଉଚ୍ଚ କୋଟୀର ଲେଖା ପାଇଁ ସେ ବିଷୁବ ପୁରସ୍କାରଠାରୁ ଆରମ୍ଭ କରି ଦୁଇ ଥର ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟ ଭାରତୀ ଏବଂ ୨୦୧୮ ରେ ପଦ୍ମଶ୍ରୀ ସମ୍ମାନ ଲାଭ କରିଥିଲେ। ବରେଣ୍ୟ ଅତିଥି ଭାବେ ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଆଲୋକ କବି ଶତପଥୀ ଚନ୍ଦ୍ର ଶେଖରଙ୍କ ସମ୍ପର୍କରେ ନିଜର ଅନୁଭବ ବଖାଣି ଥିଲେ। ଆବାହକ ଭାରତ ଭୂଷଣ ମହାନ୍ତି ମଞ୍ଚ ପରିଚାଳନା ସହ ଚନ୍ଦ୍ର ଶେଖରଙ୍କ ସହ ତାଙ୍କର ବ୍ୟକ୍ତିଗତ ଅନ୍ତରଙ୍ଗ ତଥା ମାର୍ମିକ ଅନୁଭୂତି ଅତ୍ୟନ୍ତ ଭାବ ବିହ୍ୱଳ ହୋଇ ବର୍ଣ୍ଣନା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ଚନ୍ଦ୍ର ଶେଖରଙ୍କ ତୈଳ ଚିତ୍ର ସମ୍ମୁଖରେ ପ୍ରଦୀପ ପ୍ରଜ୍ୱଳନ ଏବଂ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉପସଭାପତି ରଶ୍ମି ରଞ୍ଜନ ବୋଇତାଇ, ସମ୍ପାଦକ ଘନଶ୍ୟାମ ଧଳ, ଯୁଗ୍ମ ସମ୍ପାଦକ ଲକ୍ଷ୍ମଣ ନାଥ ଦାସ, ସାଂସ୍କୃତିକ ସମ୍ପାଦକ ଅଶୋକ ପଟ୍ଟନାୟକ, ଅରବିନ୍ଦ ପାତ୍ର, ଇନ୍ଦ୍ରମଣି ମହାପାତ୍ର, ଧରଣୀଧର ସାମଲ, ଶୁଭ୍ରାଂଶୁ ଶେଖର ମହାପାତ୍ର, ବରୁଣ ନାହାକ, ପରୀକ୍ଷିତ ଗୁରୁ, ପ୍ରସନ୍ନ ମହାନ୍ତି, ପ୍ରଦୀପ ପଟ୍ଟନାୟକ ପ୍ରମୁଖ ସହାୟତା କରିଥିବା ବେଳେ ସହରର ବହୁ ସାହିତ୍ୟ ଅନୁଷ୍ଠାନର ପ୍ରତିନିଧି, ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ସାଧାରଣ ସମ୍ପାଦକ ରାଧାମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ କର୍ମଶାଳା

ରାଉରକେଲା, ୧୯।୧୦(ସମିସ): ସୁନ୍ଦରଗଡର ସଂସ୍କୃତି ଭବନଠାରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ବ୍ଲକ ବିଜ୍ଞାନ ମେଳା ନୋଡାଲ୍ ଅଧିକାରୀ ଏବଂ ଜିଲ୍ଲାର ଭିନ୍ନ ଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଲାଗି ସଷ୍ଟେନେବଲ୍ ଡେଭେଲପମେଣ୍ଟ ଗୋଲ୍ ବା ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ କାର୍ମଶାଳା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ବ୍ଲକ ବିଜ୍ଞାନ ମେଳା ନୋଡାଲ୍ ଅଧିକାରୀ ଏବଂ ଜିଲ୍ଲାର ଭିନ୍ନ ଭିନ୍ନ ଉଚ୍ଚ ବିଦ୍ୟାଳୟରୁ ଆସିଥିବା ୧୫୦ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ନିରନ୍ତର ବିକାଶ ଲକ୍ଷ୍ୟ ଅଧୀନ ୧୭ଟି ଲକ୍ଷ୍ୟ, ତତ୍ସମ୍ବନ୍ଧୀତ ୧୬୯ଟି ଟାର୍ଗେଟ ଏବଂ ଏହି ଟାର୍ଗେଟ ସହ ଜଡିତ ୩୧୧ ଇଣ୍ଡିକେଟର ବା ସୂଚକାଙ୍କ ଇତ୍ୟାଦି ବିଷୟରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଯୋଗଦେଇ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଫାବି ରଶିଦ୍ ବର୍ତ୍ତମାନ ସମୟରେ ନିରନ୍ତର ବିକାଶ ଲକ୍ଷ୍ୟରେ ବର୍ଣ୍ଣିତ ବିଷୟ ଭବିଷ୍ୟତ ପିଢି ଲାଗି କେତେ ଜରୁରୀ ସେ ସମ୍ବନ୍ଧରେ ନିତିଦିନିଆ କାର୍ଯ୍ୟର ଉଦାହରଣ ମାଧ୍ୟମରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଡୁଡୁକା ମହାବିଦ୍ୟାଳୟର ଅଧକ୍ଷା ମିନତୀ ମିଶ୍ର ୧୭ଟି ଲକ୍ଷ୍ୟକୁ ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକଙ୍କ ସମ୍ମୁଖରେ ଅତ୍ୟନ୍ତ ପ୍ରାଞ୍ଜଳ ଭାବେ ଉପସ୍ଥାପନ କରିଥିଲେ। ଲେଫ୍ରିପଡ଼ା ବ୍ଲକ ଛଟେନ୍ ପାଲିସ୍ଥିତ ଏମସିଏଲ ଡି.ଏ.ଭି ପବ୍ଲିକ ସ୍କୁଲର ଶିକ୍ଷୟିତ୍ରୀ ମଧୁସ୍ମିତା ପାଢୀ ମୁଖ୍ୟ ତାଲିମଦାତା ଭାବରେ ଯୋଗ ଦେଇ ବିଭିନ୍ନ କୌତୁକିଆ ପ୍ରଶ୍ନ, ଉତ୍ସାହ ବର୍ଦ୍ଧକ ଭିଡିଓ ଏବଂ ଛାତ୍ରଛାତ୍ରୀମାନଙ୍କୁ ନେଇ ପ୍ରସ୍ତୁତ ମନୁଷ୍ୟ ଶୃଙ୍ଖଳ ମାଧ୍ୟମରେ ସହସ୍ରାବ୍ଦୀ ବିକାଶ ଲକ୍ଷ୍ୟରୁ ନିରନ୍ତର ବିକାଶ ଲକ୍ଷ୍ୟକୁ ପରିବର୍ତ୍ତନ, ନିରନ୍ତର ବିକାଶ ଲକ୍ଷ୍ୟର ୧୭ଟି ଲକ୍ଷ୍ୟ, ୧୬୯ଟି ଟାର୍ଗେଟ ଏବଂ ଏହା ସହ ଜଡ଼ିତ ୩୧୧ ଇଣ୍ଡିକେଟର ବା ସୂଚକାଙ୍କ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ବର୍ଣ୍ଣନା କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଚରଣରେ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଓଡିଆ ସ୍ନାତୋକତ୍ତର ବିଭାଗର ମୁଖ୍ୟ ଅଧ୍ୟାପକ ନୂତନ ଖମାରି ନିରନ୍ତର ବିକାଶ ଲକ୍ଷ୍ୟ କିଭଳି ଭାବରେ ଆଗାମୀ ପିଢିର ଭବିଷ୍ୟତ ସୁରକ୍ଷିତ ରଖିବାରେ ସକ୍ଷମ ଏବଂ ସ୍ୱୟଂ ସମ୍ପୂର୍ଣ୍ଣ ସେ ବିଷୟରେ ଆଲୋକପାତ କରିଥିଲେ।

ଜିଲ୍ଲା ଯୋଜନା କାର୍ଯ୍ୟାଳୟର ସହକାରୀ ନିର୍ଦ୍ଦେଶକ ପ୍ରଦୀପ ତିର୍କୀ ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିବା ବେଳେ ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଉପ ନିର୍ଦ୍ଦେଶକ ସୁଶିଳା ଟପ୍ପୋ କାର୍ଯ୍ୟକ୍ରମର ଉପସଂହାର ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଜିଲ୍ଲା ବିଜ୍ଞାନ ମେଳା ସଂଯୋଜକ ଚନ୍ଦ୍ରଶେଖର ସା, ଓରମାସର ସହକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ କେଶବ ଝାଙ୍କ ସମେତ କର୍ମକର୍ତ୍ତା ନଟବର ସ୍ୱାଇଁ ଉପସ୍ଥିତ ଥିଲେ। ଜିଲ୍ଲା ଯୋଜନା କାର୍ଯ୍ୟାଳୟର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଆରଏସ୍‌ପି ଦ୍ୱାରା ପାର୍ଶ୍ୱ ଅଞ୍ଚଳ ଗ୍ରାମରେ କାର୍ଯ୍ୟକ୍ରମ

ରାଉରକେଲା,୧୯।୧୦(ସମିସ): ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଅଖଣ୍ଡତା ଏବଂ ଦାୟିତ୍ୱପୂର୍ଣ୍ଣ ନାଗରିକତା ହେବା ଉପରେ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ସେଲ ରାଉରକେଲା ଇସ୍ପାତ କାରଖାନା (ଆର ଏସ ପି) ର ସତର୍କତା ବିଭାଗ ଦ୍ୱାରା ପାଶ୍ୱବର୍ତ୍ତୀ ଅଞ୍ଚଳର ବିଭିନ୍ନ ସ୍କୁଲରେ ସାହିତ୍ୟ ଏବଂ ସୃଜନଶୀଳ ପ୍ରତିଯୋଗିତାର ଏକ ଶୃଙ୍ଖଳା ଆୟୋଜନ କରୁଛି। ଖୁଣ୍ଟଗାଁ ସ୍ଥିତ ପିଏମ୍ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମଟି ଇଂରାଜୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାରେ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯେଉଁଠାରେ ୫୦ ଜଣ ଛାତ୍ରଛାତ୍ରୀ ସମାଜରେ ଦାୟିତ୍ୱପୂର୍ଣ୍ଣ ଆଚରଣ ଏବଂ ସଚେତନତା ଉପରେ ସେମାନଙ୍କ ଚିନ୍ତାଧାରା ପ୍ରକାଶ କରିଥିଲେ। ଜୁନିଅର ଶ୍ରେଣୀ ଏବଂ ସିନିୟର ଶ୍ରେଣୀ ବର୍ଗରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ ଆୟୋଜିତ ହୋଇଥିଲା। ଏଥିରେ ୫୦ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ରଙ୍ଗ ଏବଂ ସୃଜନଶୀଳତା ମାଧ୍ୟମରେ କୋମଳମତି ଶିଶୁମାନେ ସଚ୍ଚୋଟତା ଏବଂ ନୈତିକ ଦାୟିତ୍ୱର ବିଷୟକୁ ଦର୍ଶାଇ ଥିଲେ। ଦ୍ୱିତୀୟ ଦିନରେ ୩୮ ଜଣ ଛାତ୍ରଛାତ୍ରୀ ୩ଟି ଭାଷାରେ ଏକ ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସାଧୁତା ଏବଂ ଦାୟିତ୍ୱବୋଧତା ଉପରେ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଗୁଡ଼ିକ ଏକ କୁଇଜ୍ ପ୍ରତିଯୋଗିତା ସହିତ ଶେଷ ହୋଇଥିଲା। ଏଥିରେ ୧୮ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ସଚେତନତା ପ୍ରଦର୍ଶନ କରିଥିଲେ। ଏହି ପଦକ୍ଷେପ ଛାତ୍ରଛାତ୍ରୀଙ୍କଠାରୁ ସକାରାତ୍ମକ ପ୍ରତିକ୍ରିୟାକୁ ପ୍ରତିଫଳିତ କରିଥିଲା। ଯୁବ ମନ ମଧ୍ୟରେ ମୂଲ୍ୟବୋଧ ଭିତ୍ତିକ ଚିନ୍ତାଧାରା ପୋଷଣ କରିବାରେ ବିଦ୍ୟାଳୟଗୁଡ଼ିକର ଭୂମିକାକୁ ଆଲୋକପାତ କରିଥିଲା।

## ହବିଷ୍ୟାଳୀଙ୍କ ପାଇଁ ଉତ୍କଳ ସ୍ନେହୀ ମହିଳା ସମିତିର ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଶିବିର

ରାଉରକେଲା, ୧୯।୧୦(ସମିସ): ପ୍ରତିବର୍ଷ ପରି ଚଳିତ ବର୍ଷ ସେକ୍ଟର -୩, ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରହୁଥିବା ହବିଷିଆଳୀଙ୍କ ପାଇଁ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷଣ ସହ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ସମିତିର ସଭାପତି ସବିତା ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଉକ୍ତ ଶିବିରରେ ଡାକ୍ତର ଗୋକୁଳାନନ୍ଦ ସାହୁ, ଡାକ୍ତର ଶଶିଭୂଷଣ ନେପାକ ଏବଂ ଡାକ୍ତର ଶୈଳେନ୍ଦ୍ର ପ୍ରସାଦଙ୍କ ସହ ଟେକ୍ନିସିଆନ ନିରଞ୍ଜନ ଜେନା, ରାକେଶ ଦାସ ଏବଂ ଦିଲିପ କୁମାର ବାରିକ ବର୍ଷିୟାନ ହବିଷିଆଳୀମାନଙ୍କ ରକ୍ତ ଶର୍କରା, ରକ୍ତଚାପ ଏବଂ ୟୁରିକ ଏସିଡ୍ ପ୍ରଭୃତି ପରୀକ୍ଷା କରିଥିଲେ। ଉପଯୁକ୍ତ ପରାମର୍ଶ ସହ ମାଗଣା ଔଷଧ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମିତିର ସଦସ୍ୟା ସ୍ନିଗ୍ଧା ସାମନ୍ତରାୟ, ମଞ୍ଜୁ ମହାପାତ୍ର, ଗୀତାଞ୍ଜଳି ମିଶ୍ର, ସୁପ୍ରିୟା ମହାନ୍ତି, ସାବିତ୍ରୀ ଦାସ, ବିଜୟଲକ୍ଷ୍ମୀ ମିଶ୍ର, ଗୀତା ସେନାପତି ଏବଂ ଭାରତୀ କର ପ୍ରମୁଖ ସହାୟତା କରିଥିଲେ। ମନ୍ଦିରର ଟ୍ରଷ୍ଟି ଗିରିଜା ଶଙ୍କର ଦ୍ୱିବେଦୀ, ମୁଖ୍ୟ ପୂଜକ ତ୍ରିନାଥ ପାଢ଼ୀ, ସନ୍ତୋଷ ମିଶ୍ର, ତ୍ରିଲୋଚନ ମିଶ୍ର, ଅଜୟ ଦାସ, ଏସ୍.ଏସ୍. ପଣ୍ଡା, ଲକ୍ଷ୍ମଣ ନାଥ ଦାସ, ପ୍ରଦୀପ ପ୍ରଧାନ, ବସନ୍ତ ସେନାପତି, ଡ. ଶକ୍ତି ପ୍ରସାଦ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଓଭରଟେକ୍‌ରୁ ଦୁର୍ଘଟଣା; ବାଇକ୍ ଚାଳକ ଆହତ

ରାଉରକେଲା,୧୯।୧୦(ସମିସ): ପାନପୋଷ ବ୍ରାହ୍ମଣୀ ବ୍ରିଜରେ ଓଭରଟେକ କରିବା ସମୟରେ ଏକ ଦୁର୍ଘଟଣା ଘଟି ଜଣେ ବାଇକ୍ ଚାଳକ ଆହତ ହୋଇଥିବା ଜଣାପଡିଛି। ସୂଚନା ମୁତାବକ, ବେଦବ୍ୟାସ ପଟୁ ବାଇକ୍ ପାନପୋଷ ଆଡ଼କୁ ଆସୁଥିବା ବେଳେ ପାନପୋଷ ପଟୁ ବେଦବ୍ୟାସ ଆଡ଼କୁ ବୋଲେରୋ ଯାଉଥିଲା। ବ୍ରିଜ ଉପରେ ବାଇକ୍ ଚାଳକ ବୋଲେରୋକୁ ଓଭରଟେକ୍ କରିବା ସମୟରେ ଦୁର୍ଘଟଣା ଘଟିଥିଲା। ଫଳରେ ବାଇକ୍ ଚାଳକ ରାସ୍ତାରେ ପଡ଼ି ଆହତ ହୋଇଥିଲେ।

### ତେଲିଙ୍ଗିବାଜା ପତ୍ରିକାର ରାଜ୍ୟସ୍ତରୀୟ କର୍ମଶାଳା

## ଶିଶୁ ସାହିତ୍ୟର ସମୃଦ୍ଧ ମୂଲ୍ୟବୋଧ ହେତୁ ଆଦର ବଢୁଛି



ରାଉରକେଲା, ୧୯ ।୧୦(ସମିସ): ଓଡ଼ିଆ ଶିଶୁ ସାହିତ୍ୟର ଉନ୍ନତ ଲିଖନଶୈଳୀ ଓ ସମୃଦ୍ଧ ମୂଲ୍ୟବୋଧ ଯୋଗୁଁ ପୂର୍ବାପେକ୍ଷା ଏହାର ଆଦୃତି ବୃଦ୍ଧି ପାଉଛି। ତ୍ରୟମାସିକ ଶିଶୁକିଶୋର ପତ୍ରିକା ତେଲିଙ୍ଗିବାଜା ଆନୁକୂଲ୍ୟରେ ଆୟୋଜିତ ରାଜ୍ୟସ୍ତରୀୟ ଶିଶୁ ସାହିତ୍ୟିକ କର୍ମଶାଳାରେ ବିଶିଷ୍ଟ ସାହିତ୍ୟିକମାନେ ମତ ପ୍ରକାଶ କରିଛନ୍ତି। ବେଦବ୍ୟାସସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଅୟୋଜିତ ଦିନିକିଆ କର୍ମଶାଳାରେ ବରିଷ୍ଠ ବିଜ୍ଞାନ ଲେଖିକା ଓ ଶିକ୍ଷାବିତ୍ ଡ. ସରୋଜିନୀ ସାହୁ କହିଲେ ଯେ, ଶିଶୁସାହିତ୍ୟ ଏକ ପ୍ରାଚୀନ ସାହିତ୍ୟ ହୋଇଥିବାରୁ ଏହାକୁ ଅଧିକ ଶିଶୁ ମନଛୁଆଁ କରାଯିବା ଆବଶ୍ୟକ। ସରଳ, ତରଳ ଓ ରସାଳ ଶବ୍ଦ ଚୟନରେ ଏହାକୁ ସୁଖପାଠ୍ୟ କରିବାର ମାର୍ଗଦର୍ଶନ ନିମନ୍ତେ ଏଭଳି କର୍ମଶାଳାର ଉପାଦେୟତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ଗୋପ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ମାସିକ ବାନରସେନା ଶିଶୁ ସମ୍ବାଦପତ୍ରର ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟୋଇ ପ୍ରଦୀପ ପଜ୍ୱଳନ କରି କହିଲେ ଯେ, ଶିଶୁସାହିତ୍ୟ ସମ୍ପ୍ରତି ଏକ ଉଚ୍ଚତର ସୋପାନରେ ଉପନୀତ। ଏହାର ପାଠକ ବୃଦ୍ଧି ନିମନ୍ତେ ସାମୂହିକ ପ୍ରଚେଷ୍ଟା ଆବଶ୍ୟକ। ସମ୍ମାନିତ ବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ଓ ସାହିତ୍ୟିକ ଦେବବ୍ରତ ପଟ୍ଟନାୟକ ଯୋଗ ଦେଇ କହିଲେ ଯେ, ଶିଶୁଙ୍କ ପ୍ରଥମ ଶିକ୍ଷକ ହେଉଛନ୍ତି ମାଆ। ଶିଶୁର ଚପଳତା, ମନସ୍ତତ୍ତ୍ୱ ଓ ଚାଲିଚଳନକୁ ମାଆ ହିଁ ବୁଝିପାରେ; ମାତ୍ର ଆଧୁନିକ ବିଜ୍ଞାନର ଜୟଯାତ୍ରା ଫଳରେ ପିଲାଟି ମୋବାଇଲ୍ ପ୍ରିୟ ହୋଇଯାଏ। ଏଣୁ ଶିଶୁକୁ ପୁସ୍ତକମନସ୍କ କରାଇବା ନିମନ୍ତେ ଶିଶୁ ସାହିତ୍ୟିକଙ୍କ ଲେଖନୀ ଗୁରୁତ୍ୱପୂର୍ଣ୍ଣ। ମୁଖ୍ୟବକ୍ତା ବରିଷ୍ଠ ଶିଶୁ ସାହିତ୍ୟିକ ତ୍ରିଲୋଚନ ମଥାନ କହିଲେ ଯେ, ଶବ୍ଦ ବ୍ରହ୍ମ ହୋଇ ଥିବାରୁ ପ୍ରତ୍ୟେକ ଶିଶୁର ହୃଦୟରେ ଏକ ଆବେଗପୂର୍ଣ୍ଣ ଅଭିଳାଷ ଥାଏ। ସେ ବୋଧଗମ୍ୟ ଭାଷାରେ ଲିଖିତ ଗପ, କବିତା, ଭ୍ରମଣ ଅନୁଭୂତି ଓ ବିଜ୍ଞାନ ପ୍ରବନ୍ଧକୁ ପସନ୍ଦ କରେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ବାନରସେନାର ପାର୍ବଣ ସଂଖ୍ୟା ଲୋକାର୍ପିତ ହୋଇଥିଲା। ପଣ୍ଡିତ ପରିତୋଷ ଦାସ ବନ୍ଦେ ମାତରମ୍ ଗାନ କରିଥିବା ବେଳେ ବିଶିଷ୍ଟ କବି ଓ ରାଜ୍ୟ ପୁରସ୍କୃତ ଶିକ୍ଷକ ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର ମଞ୍ଚ ପରିଚାଳନା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ତେଲିଙ୍ଗିବାଜା ପତ୍ରିକାର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ପିଲାମାନଙ୍କ ପାଇଁ ବିଜ୍ଞାନସାହିତ୍ୟରେ ମୌଳିକତା ଉପରେ ବିଶିଷ୍ଟ ବିଜ୍ଞାନ ଲେଖିକା ଓ ଶିକ୍ଷାବିତ୍ ରଶ୍ମିବାଳା ରାଉତରାୟ ଶିଶୁସାହିତ୍ୟରେ ବିଜ୍ଞାନ କାହିଁକି, ମଞ୍ଜୁଳା କୁମାରୀ ରଥ ବିଜ୍ଞାନକବିତାର ଭିତ୍ତି ଓ କୃତି, ସୁସ୍ମିତା ମହାପାତ୍ର ବିଜ୍ଞାନ ଗଳ୍ପର ଦିଗ ଓ ଦିଗନ୍ତ ଏବଂ ଡ. ସରୋଜିନୀ ସାହୁ ବିଜ୍ଞାନ ରଚନାର ବିବିଧ ବିଭାଗ ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେହିଭଳି କବିତାରେ ପାଠକୀୟତା ସମ୍ପର୍କରେ କବି ତ୍ରିଲୋଚନ ମଥାନ ଓ କବି ପ୍ରକାଶ ଚନ୍ଦ୍ର ଖଟୋଇ ସାରଗର୍ଭକ ଆଲୋଚନା କରିଥିଲେ। ଗଳ୍ପର ଚିତ୍ରକଳ୍ପ ଉପରେ ଜାତୀୟସ୍ତରରେ ପୁରସ୍କୃତ ଶିଶୁସାହିତ୍ୟିକ ଚିତ୍ତରଞ୍ଜନ ବ୍ରହ୍ମା, ବିଶିଷ୍ଟ ଆଲୋଚକ ନୃସିଂହ ଚରଣ ବିଶ୍ୱାଳ ଓ ପ୍ରତିଭାବାନ ଗାଳ୍ପିକା ସ୍ନିଗ୍ଧା ନାୟକ ଚମତ୍କାର ଢଙ୍ଗରେ ମାର୍ମିକ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ଅବସରରେ ବିଶିଷ୍ଟ କବି ବିଜୟଲକ୍ଷ୍ମୀ ପଟ୍ଟନାୟକ ଓ ବରିଷ୍ଠ ଲେଖକ ସତ୍ୟବ୍ରତ ଦାସ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ଖବରକାଗଜର କର୍ମନିଷ୍ଠ ପ୍ରତିନିଧିମାନଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କବି ମନୋରଞ୍ଜନ କଣ୍ଟା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନ ଆରମ୍ଭ ପୂର୍ବରୁ ଶିଶୁ ପୁସ୍ତକ ଓ ପତ୍ରିକା ପ୍ରଦର୍ଶନୀକୁ ଆଶ୍ରମର ସମ୍ପାଦକ ଅଶୋକ ଅଗ୍ରୱାଲ ଉଦ୍‌ଘାଟନ କରିଥିଲେ। ଅପରାହ୍ନ ଅଧିବେଶନରେ ବରିଷ୍ଠ କବି ପୁଷ୍ପଲତା ପଟେଲଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ବିଶିଷ୍ଟ କବି ଓ ଚିକିତ୍ସକ ଡାକ୍ତର ଗୀତାଞ୍ଜଳି ପତ୍ରୀ, ମୁଖ୍ୟବକ୍ତା ରଶ୍ମିବାଳା ରାଉତରାୟ, ସମ୍ମାନିତ ବକ୍ତା ଚିତ୍ତରଞ୍ଜନ ବ୍ରହ୍ମା ଓ ନୃସିଂହ ଚରଣ ବିଶ୍ୱାଳ କର୍ମଶାଳାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ। ସୁଶ୍ରୀ ରାଜଶ୍ରୀଙ୍କ ସଂଯୋଜନାରେ ୧୦ ଜଣ ଛାତ୍ରଛାତ୍ରୀ ସେମାନଙ୍କ ପ୍ରିୟ କବିଙ୍କ କବିତା ପାଠ କରିଥିଲେ। ଏହି ଅବସରରେ ଆଶୁ କବିତା ରଚନା ପ୍ରତିଯୋଗିତାରେ କୃତୀ କବିଙ୍କୁ ପୁରସ୍କୃତ କରାଯାଇଥିଲା। କବି ଅଶୋକ ପାତ୍ର ମଞ୍ଚ ସଂଚାଳନ ସହିତ ଅତିଥି ପରିଚୟ ଦେଇଥିବା ବେଳେ କବୀ କଳ୍ପନା ସାହୁ ଧନ୍ୟବାଦ ଦେଇଥିଲେ।



# କାଳିକିଙ୍କର ଦାସଙ୍କୁ 'ସମୟର ଚକ୍ର' ସାରସ୍ୱତ ସମ୍ମାନ



ବାଲେଶ୍ୱର, ୧୯।୧୦(ସମିସ): ବାଲେଶ୍ୱରର ବିଶିଷ୍ଟ କବି, ଗାଳ୍ପିକ ତଥା ଲେଖକ ଡ. କାଳିକିଙ୍କର ଦାସଙ୍କୁ ସମୟର ଚକ୍ର ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଶା ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡ଼ିଶା ସରକାର ଓ ସମ୍ବାଦ ଭିତ୍ତିକ ମାସିକ ପତ୍ରିକା ସମୟର ଚକ୍ରର ୧୪ ତମ ଶାରଦୀୟ ବାର୍ଷିକ ଉତ୍ସବରେ ଓଡ଼ିଶା ସରକାରଙ୍କ ଉପ - ମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ରାଜ୍ୟ ମହିଳା କମିଶନର ଅଧ୍ୟକ୍ଷା ଶୋଭନା ମହାନ୍ତି ଏହି ସମ୍ମାନ ପ୍ରଦାନ କରିଥିଲେ। କବି ଅଭୟ ଦାସ ଅଧ୍ୟକ୍ଷତା କରିଥିଲେ। ବିଶିଷ୍ଟ ଚିକିତ୍ସକ ଅମିତାଭ ଗିରି, ଉପ ଜିଲ୍ଲାପାଳ ସୁଧାକର ନାୟକ, ପରିବେଶବିଦ୍ ସୁମନ୍ତ ଜେନା, ସମାଜସେବୀ ବିକ୍ରମ ପଣ୍ଡା, ଯୁବ ଉଦ୍ୟୋଗପତି ଆକାଂକ୍ଷା ବେହେରା, ସମୟର ଚକ୍ରର ସମ୍ପାଦକ ସର୍ବେଶ୍ୱର ଜେନା, ବସ୍ତା ବିଧାୟିକା ସୁବାସିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉ କି, ଡ. କାଳିକିଙ୍କର ପ୍ରାୟ ଅଠେଇଶ ଖଣ୍ଡ ମୌଳିକ କବିତା, ଗଳ୍ପ, ଶିଶୁ ଗଳ୍ପ, ଉପନ୍ୟାସ, ସ୍ତମ୍ଭ ସଙ୍କଳନ ଆଦିର ସ୍ରଷ୍ଟା। ଓଡ଼ିଆ ବ୍ୟତୀତ ତାଙ୍କର ଅନେକ ଲେଖା ଇଂରାଜୀ, ହିନ୍ଦୀ ଓ ବଙ୍ଗଳା ଭାଷାରେ ପ୍ରକାଶ ପାଇଛି। ଡ଼ କାଳିକିଙ୍କରଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବାରୁ ବାଲେଶ୍ୱର ଫକୀର ମୋହନ ସାହିତ୍ୟ ପରିଷଦ, କବି ବ୍ରଜନାଥ ରଥ ଫାଉଣ୍ଡେସନ, ସନ୍ତୋଷ ଦାସ ଫାଉଣ୍ଡେସନ ଓ ଓଡ଼ିଶାର ବହୁ ଅନୁଷ୍ଠାନ ସମେତ ଲେଖକ, କବି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଚିଙ୍ଗୁଡ଼ି ଖୋଳପାର ଜୈବ ଉତ୍ପାଦ

# ବିଭିନ୍ନ କ୍ଷେତ୍ର ପାଇଁ ମୂଲ୍ୟବାନ କଞ୍ଚାମାଲ

ବାଲେଶ୍ୱର,୧୯।୧୦(ସମିସ)

ସାଧାରଣତଃ ଚିଙ୍ଗୁଡ଼ି ଖୋଳାପାକୁ ଫିଙ୍ଗି ଦିଆଯାଏ। କାରଣ ଏହା ଗୁରୁତର ପ୍ରଦୂଷଣ ସୃଷ୍ଟି କରେ। ମାତ୍ର ବର୍ତ୍ତମାନ ଏହା ବାୟୋମେଡିକାଲ, ଫାର୍ମାସୁଇଟିକାଲ, କୃଷି ଏବଂ ଶିଳ୍ପ କ୍ଷେତ୍ର ପାଇଁ ମୂଲ୍ୟବାନ କଞ୍ଚାମାଲରେ ପରିଣତ ହେଉଛି। ମାତ୍ର ତିନି ବର୍ଷ କାର୍ଯ୍ୟକାଳରେ ନାଟନୋଭ ସଫଳତାର ସହ ୧ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ସାମୁଦ୍ରିକ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ କରିପାରିଛି। ବାଲେଶ୍ୱରର ଗବେଷକ ଲାଭ କଲେ ଚିଙ୍ଗୁଡ଼ି ଖୋଳପାରୁ ଆବିଷ୍କୃତ ପରିବେଶ-ଅନୁକୂଳ ଜୈବ ଉତ୍ପାଦ ପାଇଁ ପେଟେଣ୍ଟ। ଓଡ଼ିଶାର ତଥା ବାଲେଶ୍ୱରର ସୁନାମଧନ୍ୟ ଗବେଷକ ଡକ୍ଟର ସିଦ୍ଧାର୍ଥ ପତି ଏବଂ ନାଟନୋଭ ବାୟୋସାଇନ୍ସ ନିର୍ଦ୍ଦେଶକ ଡ. ଦେବବ୍ରତ ପଣ୍ଡା ଚିଙ୍ଗୁଡ଼ି ଖୋଳପାରୁ ଉପଲବ୍ଧ 'କାଇଟୋସାନ୍' ଦ୍ୱାରା ମୂଲ୍ୟବାନ ଜୈବ ଉତ୍ପାଦ ତିଆରି କରିବା ପ୍ରକଳ୍ପ ପାଇଁ ସଂପ୍ରତି ପେଟେଣ୍ଟ ପାଇଛନ୍ତି। ଏହି



- ବାଲେଶ୍ୱରର ଗବେଷକ ଡ. ସିଦ୍ଧାର୍ଥ ପତିଙ୍କ ସଫଳତା
- କ୍ୟାପସୁଲ୍ ଆବରଣ ତିଆରି ପାଇଁ ବ୍ୟବହୃତ ହୋଇପାରିବ

ପରିବେଶ-ଅନୁକୂଳ ବାୟୋ-ଉତ୍ପାଦ ଔଷଧ ଶିଳ୍ପରେ ଟାବଲେଟ୍ କ୍ୟାପସୁଲ୍ ଆବରଣ ତିଆରି ପାଇଁ ବ୍ୟବହୃତ ହୋଇପାରିବ ବୋଲି କୁହାଯାଉଛି। 'ସର୍କୁଲାର ଇକୋନୋମି' ଓ "ୱେଷ୍ଟ ଟୁ ୱେଲଥ୍' ମିଶନରେ ପ୍ରେରିତ ଏକ ଷ୍ଟାର୍ଟଅପ୍‌ର ସତ୍ତ୍ୱାଧିକାରୀ ଡକ୍ଟର ପତି କହିଛନ୍ତି, ଯାହାକୁ ଏକଦା ପରିବେଶର ବୋଝ ବୋଲି କୁହାଯାଉଥିଲା, ସେହି ଚିଙ୍ଗୁଡି ଖୋଳପା ଏବେ ଗ୍ଲୋବାଲ୍ ବାୟୋମେଡିକାଲ୍, ଔଷଧ ଜଗତ ତଥା କୃଷି ଓ ଶିଳ୍ପ ଶ୍ରେଣୀ ପାଇଁ ମୂଲ୍ୟବାନ କଞ୍ଚାମାଲ ଭାବରେ ପରିଗଣିତ ହେବ। ତାଙ୍କର ଷ୍ଟାର୍ଟଅପ୍ ସମୁଦ୍ର ପ୍ରକ୍ରିୟାକରଣର ଅବଶେଷ। ବିଶେଷକରି ଚିଙ୍ଗୁଡ଼ି ଖୋଳପାରେ ମହଜୁଦ ଥିବା କାଇଟିନ୍, କାଇଟୋସାନ୍ ଓ କୃଷି ଜୈବ-ଷ୍ଟିମୁଲେଣ୍ଟ୍‌ସକୁ ଜୈବ ଉତ୍ପାଦରେ ପରିଣତ କରେ। ସେ ଆହୁରି କହିଛନ୍ତି, କାଇଟୋସାନ୍ ଏକ ବହୁପ୍ରୟୋଗୀ ବାୟୋପଲିମର୍। ଏହାର ଜୈବ-ବିଘଟନଶୀଳତା, ସୁରକ୍ଷା ଓ ବିଶେଷ ଜୈବ ଗୁଣାବଳୀ ଏହାକୁ ଔଷଧୀୟ କ୍ଷମତା ପ୍ରଦାନ କରେ। ଏହା ବିଭିନ୍ନ ଔଷଧ ତିଆରି କାର୍ଯ୍ୟରେ ସହାୟକ ହେବା ସହିତ ହାଡ଼ ପ୍ରତ୍ୟାରୋପଣ, ଟୀକା ଓ ବାୟୋସେନସର୍, ଜଳ ଶୁଦ୍ଧିକରଣ, କୃଷି, ସୌନ୍ଦର୍ଯ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ ଏକ ମୁଖ୍ୟ ଉପାଦାନରେ ପରିଣତ ହୋଇଛି। ସେହିପରି ଡକ୍ଟର ପଣ୍ଡା କହିଛନ୍ତି, ଏହି ପେଟେଣ୍ଟ କେବଳ ଆରମ୍ଭ ମାତ୍ର; ଆମେ ନିରନ୍ତର ନବୀନତାରେ ବ୍ୟସ୍ତ ଓ ଅନେକ ନୂତନ ପ୍ରଯୁକ୍ତିରେ କାମ କରୁଛୁ। ଆମର ଲକ୍ଷ୍ୟ ହେଉଛି ଭାରତକୁ ଜୈବ ଉତ୍ପାଦ ଓ ବାୟୋ-ଆଧାରିତ ସାମଗ୍ରୀର ବିଶ୍ୱ କେନ୍ଦ୍ରରେ ପରିଣତ କରିବା।

## ● ବାଲେଶ୍ୱର ରେଳଷ୍ଟେସନ

# ସନ୍ଦେହଜନକ ଭାବେ ପଡ଼ିଥିବା ବ୍ୟାଗ୍‌ରୁ ଗଞ୍ଜେଇ ଜବତ



ବାଲେଶ୍ୱର, ୧୯ ।୧୦(ସମିସ): ବାଲେଶ୍ୱର ରେଳଷ୍ଟେସନ ମଧ୍ୟରେ ଆରପିଏଫ ପକ୍ଷରୁ ଚେକିଂ ଚାଲିଥିବା ବେଳେ ଦୁଇଟି ଅଜ୍ଞାତ ବ୍ୟାଗ ଦେଖିବାକୁ ପାଇଥିଲେ। ହେଲେ ଏହି ବ୍ୟାଗର କୌଣସି ମାଲିକ ନ ଥିବା ବେଳେ ଷ୍ଟେସନର ଏକ ସ୍ଥାନରେ ପଡ଼ିଥିବା ବେଳେ ଏହାକୁ ନେଇ ସନ୍ଦେହ କରିଥିଲେ। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଏହି ବ୍ୟାଗକୁ ଖୋଲିବା ପରେ ଏଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପରେ ଓଜନ କରିବା ପରେ ଏହା ୧୫କେଜି ବୋଲି ଜଣାପଡ଼ିଥିଲା। ଖଡଗପୁର ଡିଭିଜନ ଅର୍ନ୍ତଗତ ରେଳ ସୁରକ୍ଷା ବାହିନୀ ପକ୍ଷରୁ ବାଲେଶ୍ୱର ଷ୍ଟେସନରେ ଯାଞ୍ଚ କରାଯାଉଥିବା ସମୟରେ ଏକ ପ୍ଲାଟଫର୍ମରୁ ୧୫କେଜି ଗଞ୍ଜେଇ ଜବତ କରାଯାଇଛି। ବିଶେଷ କରି ଆରପିଏଫ କର୍ମଚାରୀମାନେ ଗୋଟିଏ ଲାଲ ଏବଂ ଗୋଟିଏ ନୀଳ ରଙ୍ଗର ବ୍ୟାଗ ଦୁଇଟି ଅଜ୍ଞାତ ବ୍ୟାଗ ଏକ ଷ୍ଟଲ ନିକଟରେ ରହିଥିବା ଦେଖିବାକୁ ପାଇଥିଲେ। ଦୀର୍ଘ ସମୟ ଧରି ନିରୀକ୍ଷଣ କରିବା ପରେ ଉକ୍ତ ଦୁଇଟି ବ୍ୟାଗକୁ କେହି ନେବାକୁ ଆସି ନ ଥିଲେ। ଯାଞ୍ଚ ପରେ ବ୍ୟାଗରୁ ଗନ୍ଧ ବାହାରୁ ଥିବା ସେଥିରେ କୌଣସି ମାଦକ ଦ୍ରବ୍ୟ ବା ଅନ୍ୟ କୌଣସି ସାମଗ୍ରୀ ରହିଛି ବୋଲି ଅନୁମାନ କରିଥିଲେ। ଏ ନେଇ କର୍ମଚାରୀମାନେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇଥିଲେ। ତେବେ ସେମାନେ ଜିଲ୍ଲାପ୍ରଶାସନକୁ ଜଣାଇଥିଲେ। ତେବେ ମାଜିଷ୍ଟ୍ରେଟ ଭାବେ ଅତିରିକ୍ତ ତହସିଲଦାର ଦିନବନ୍ଧୁ କିସ୍କୁ ଘଟଣା ସ୍ଥଳକୁ ଆସିଥିଲେ। ତାଙ୍କ ଉପସ୍ଥିତିରେ ବ୍ୟାଗକୁ ଖୋଲିବା ପରେ ସେଥିରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ତାହାକୁ ଓଜନ କରିବା ପରେ ତାହା ୧୫କେଜି ବୋଲି ଜଣାପଡ଼ିଥିଲା। ଯାହାର ମୂଲ୍ୟ ଏକ ଲକ୍ଷ ୫୦ହଜାର ଟଙ୍କା ହେବ ବୋଲି ଜଣାଯାଇଛି। ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଉକ୍ତ ଗଞ୍ଜେଇ ବ୍ୟାଗକୁ ସିଲ କରାଯାଇଥିଲା। ଏ ନେଇ ଜିଆରପି ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ବାଣ ବଦଳରେ ହସ ଫୁଟାଇଲେ ହେଲ୍ପ ଫର୍ ୟୁ ଫାଉଣ୍ଡେସନ

## ● କର୍କଟ ରୋଗୀ ରାଜେନ୍ଦ୍ର ଓ ପରିବାରକୁ ସହାୟତା ପ୍ରଦାନ



ବାଲେଶ୍ୱର, ୧୯।୧୦(ସମିସ): ସଦର ବ୍ଲକ ପଦ୍ମପୁର ଗ୍ରାମପଞ୍ଚାୟତର କର୍କଟ ରୋଗୀ ରାଜେନ୍ଦ୍ର ବେହେରାଙ୍କୁ ସ୍ୱେଚ୍ଛାସେବୀ ସଙ୍ଗଠନ ହେଲ୍ପ ଫର୍ ୟୁ ଫାଉଣ୍ଡେସନ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ୬ ହଜାର ଟଙ୍କା ଓ ଦୈନିକ ଆବଶ୍ୟକ ଥିବା ସାମଗ୍ରୀ ସହାୟତା ଜିନିଷ ପ୍ରଦାନ କରିଛନ୍ତି। ପରିବାରର ରୋଜଗାରିଆ ରାଜେନ୍ଦ୍ର ଏବେ ଜୀବନ ଯନ୍ତ୍ରଣାରେ ଛଟପଟ। ଚିକିତ୍ସା ପାଇଁ ଅର୍ଥ ସାଜିଛି ବାଧକ। ରାଜେନ୍ଦ୍ର ଆଜକୁ ତିନି ବର୍ଷ ଧରି କର୍କଟ ରୋଗରେ ଆକ୍ରାନ୍ତ। ବେଶ ହସ ଖୁସିରେ ପରିବାର ଚାଲିଥିଲା। ଅଚାନକ ରାଜେନ୍ଦ୍ରଙ୍କ ପରିବାରକୁ ଦୁଃଖର କଳାବାଦଲର ଘୋଟି ଆସିଲା। ଆଜି ଗୋଟିଏ ଓଳି ଚୁଲି ଜଳୁଛି ତ ଆଉ ଗୋଟିଏ ଓଳି ଭୋକିଲା ରହିବାକୁ ପଡୁଛି। ଏହି ଘଟଣାଟି ରେମୁଣା ବ୍ଲକ ଅନ୍ତର୍ଗତ ପଦ୍ମପୁର ପଞ୍ଚାୟତର ପଦ୍ମପୁର ଗ୍ରାମର୍। ଛିଣ୍ଡା ପଲିଥିନ ଘେରା ଘରେ କାଟୁଛି ଜୀବନ। ଏହି ଘଟଣା ବାବଦରେ ସ୍ଥାନୀୟ ଅଞ୍ଚଳ ବାସୀ ଖବର ଦେବା ପରେ ପବିତ୍ର ଦିପାବଳୀ ଅବସରରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ହେଲ୍ପ ଫର୍ ୟୁ ଫାଉଣ୍ଡେସନ ବାଣ ବଦଳରେ ଅସହାୟ ପରିବାର ମୁହଁରେ ହସ ଫୁଟାଇବା ପାଇଁ ଏକ ଅଭିନବ ପ୍ରୟାସ କରିଛନ୍ତି। ସଙ୍ଗଠନର ସମସ୍ତ ସଦସ୍ୟ, ସଦସ୍ୟା ମାନଙ୍କର କିଛି କିଛି ଆର୍ଥିକ ଅବଦାନ ବଳରେ ରାଜେନ୍ଦ୍ରଙ୍କ ଚିକିତ୍ସା ପାଇଁ କିଛି ଆର୍ଥିକ ସହାୟତା ଓ ପରିବାରକୁ ରେସନ ସାମଗ୍ରୀ, ନୂତନ ବସ୍ତ୍ର, ପନିପରିବା, ମୁଢ଼ି, ଚାଉଳ ପ୍ରଦାନ କରିବା ସହିତ କୁନି କୁନି ପିଲାମାନଙ୍କ ପାଇଁ ପାଠ୍ୟ ଉପକରଣ, ସ୍କୁଲ ବ୍ୟାଗ, କେଣ୍ଡେଲ, ଫୁଲ ଝରି ପ୍ରଦାନ କରିଛନ୍ତି। ଏହି ମହାନତା କାମକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଓଡ଼ିଶା ଓ ଦକ୍ଷିଣ-ପୂର୍ବ ଏସିଆର ପ୍ରାଚୀନ ସମ୍ବନ୍ଧ ଓ ସାମୁଦ୍ରିକ ସଂସ୍କୃତି ସମ୍ପର୍କିତ ଆଲୋଚନାଚକ୍ର




ବାଲେଶ୍ୱର/ବସ୍ତା, ୧୯।୧୦(ସମିସ): ଓଡ଼ିଶା ଓ ଦକ୍ଷିଣ-ପୂର୍ବ ଏସିଆ: ପ୍ରାଚୀନ ସମ୍ବନ୍ଧ ଓ ସାମୁଦ୍ରିକ ସଂସ୍କୃତି ସମ୍ବନ୍ଧୀୟ ଏକ ଦ୍ୱିଦିବସୀୟ ଆଲୋଚନାଚକ୍ର ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଶ୍ୟାମରାୟପୁର ପାଠାଗାରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସ୍ମିତା ଧରଙ୍କ ସଂଯୋଜନାରେ ସେଭ ଲାଇଭ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ପିକେ ଦେ, ପ୍ରଫେସର ଏସକେ ଦାସ, ପ୍ରଫେସର ସୁରେଶ ଚନ୍ଦ୍ର ପାତ୍ର, ସମାଜସେବୀ ମିହିର କୁମାର ଦାଶ, ସରୋଜ କୁମାର ପ୍ରଧାନ, ସେଭ ଲାଇଫ ସଂଗଠନର ସଭାପତି ଅରୁଣ କୁମାର ଦାସ ଅଧିକାରୀ, ସମ୍ପାଦକ ସୁବ୍ରତ ପ୍ରଧାନ, କୋଷାଧ୍ୟକ୍ଷ କଳ୍ପତରୁ ସାମନ୍ତ, ଜୟସ୍ମିତା ବେହେରା, ଅମୃତ ପାତ୍ର, ଜୟନ୍ତୀ ଜେନା, ଗୌରାଙ୍ଗ ଦାସ, ଗଦାଧର ପ୍ରଧାନ, ଗଜେନ୍ଦ୍ର ପ୍ରଧାନ, ଗୋପାଳ ଚନ୍ଦ୍ର ପ୍ରଧାନ, ଦୀପକ ପ୍ରଧାନ, ଗୌରାଙ୍ଗ ଜେନା, ବିଶ୍ୱନାଥ ଜେନା, ତୁଳସୀ ଦତ୍ତ, ସୁଦର୍ଶନ ଦାସ, ଜୟନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# କୁନି ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା



ବାଲେଶ୍ୱର, ୧୯ ।୧୦(ସମିସ): ବାଲେଶ୍ୱର ୱାଇଏମସିଏ ଦ୍ୱାରା ପରିଚାଳିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ କୁନି କୁନି ପିଲାମାନଙ୍କ ମଧ୍ୟରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ସ୍ଥାନୀୟ ପୂର୍ଣ୍ଣିମା ଇଂରାଜୀ ମାଧ୍ୟମ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଏହି ପ୍ରତିଯୋଗିତା ୯୨ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ଡ୍ୟାନସ, ରାଇମିସ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ୱାଇଏମସିଏ ଚେୟାରମେନ ସଲିମ ବିକ୍ରମ କୁମାର ସ୍ୱାଗତ ଭାଷଣ ଦେଇଥିଲେ। ପୂର୍ଣ୍ଣିମା ପ୍ଲେ ସ୍କୁଲର ଅଧ୍ୟକ୍ଷ ଜ୍ୟୋତି ଶଙ୍କର ନନ୍ଦଙ୍କ ସମେତ ନୟମି ବେହେରା, ମାନସୀ ମହାପାତ୍ର ପ୍ରମୁଖ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ୱାଇଏମସିଏର ସମ୍ପାଦକ ସବିନୟ ବେହେରା ଏହି ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ୱାଇଏମସିଏର ବାଲେଶ୍ୱର ସଭ୍ୟ, ସଭ୍ୟା ବିନୋଦିନୀ ସାମନ୍ତରାୟ, ଜୟନ୍ତୀ ନାୟକ, ସୁସ୍ୱପ୍ନା ଦାସ, ସଞ୍ଜନା ମହାପାତ୍ର, ଅନିମେଶ ସିଂ, ସୁବାସିସ ମହାପାତ୍ର, ଶୁଭଜିତ ମହାପାତ୍ର, ସୌମ୍ୟଦିପ୍ତ ମହାପାତ୍ର, ଅର୍ଦ୍ଧେନ୍ଦୁ ଶେଖର ଦାସ, ବିନୟ ଭୂଷଣ ସିନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ନିଶା ବିରୋଧୀ ସଚେତନତା ଶିବିର

ବାଲେଶ୍ୱର,୧୯।୧୦(ସମିସ): ରମାରାଣୀ ବିଜ୍ଞାନ ଓ ବୈଷୟିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତାମୁଲିଆ ଓ ମିଳିତ ନିଶା ନିବାରଣ ଅଭିଯାନର ମିଳିତ ସହଯୋଗରେ ସଭାପତି ପ୍ରଭାକର ସାହୁଙ୍କ ଅଧ୍ୟକ୍ଷତାରେ ନିଶା ବିରୋଧି ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀକାନ୍ତ ଚରଣ ବାରିକ ସ୍ୱାଗତ ଭାଷଣରେ ନିଶା ବିରୋଧରେ "ମନା'ର ପ୍ରୟାସ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦିକା ମମତା ମହାପାତ୍ର ସଚେତନ ହେଲେ ହିଁ ଆମ ଦେଶକୁ ନିଶାମୁକ୍ତ କରାଯାଇପାରିବ ବୋଲି କହିଥିଲେ। ଉପଦେଷ୍ଟା ସୁବ୍ରତ କର ସମାଜରୁ ନିଶାକୁ ଦୂର କରିବା ପାଇଁ ସରକାରଙ୍କ ଆଇନ ପ୍ରଣୟନକୁ ଅପେକ୍ଷା ନକରି ନୂତନ ପିଢ଼ି ଏ ସମ୍ପର୍କରେ ସଚେତନ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡା ନିଶା ସେବନ ନକରି ପଢ଼ିବାର ଓ ସମାଜସେବା ନିଶାରେ ନିଜକୁ ନିୟୋଜିତ କରିବା ପାଇଁ କହିଥିଲେ। ଉପସଭାପତି ଡ. କ୍ଷିତୀଶ୍ୱର ଦାଶ ଶିବିର ଆୟୋଜନର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଶା ବିରୋଧି ବକ୍ତୃତା ପ୍ରଦାନ କରିଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ,



ଦେବଶ୍ୱେତା ରାଉତ ଓ ସତ୍ୟରଞ୍ଜନ ପରିଡ଼ାଙ୍କୁ "ମନା' ପକ୍ଷରୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଇଂ. ପ୍ରବୀନ୍ ବରଦା ସାହୁ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। "ମନା'ର ସଂପାଦିକା ଗୀତାଞ୍ଜଳି ସିଂହ, ବେଣୁଧର ସାହୁ, ଦୟାନିଧି ମହାପାତ୍ର, ଗଙ୍ଗାଧର ପୃଷ୍ଟି, ସଞ୍ଜୟ ପଣ୍ଡା (ଖ) ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର, ୧୯।୧୦(ସମିସ): ଅପମାନ ଓ ଦୁର୍ବ୍ୟବହାର ପାଇଥିବା ସଦର ଥାନା ଅନ୍ତର୍ଗତ ସାହୁପଡ଼ାର ଦୁମୁଦା ଅଞ୍ଚଳର ସନ୍ତୋଷ କୁମାର ମାହାଲ ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ନିବେଦନ କରିଛନ୍ତି। ଅଭିଯୋଗ ଅନୁସାରେ, ଗତ ୧୦ ତାରିଖ ଦିନ ସନ୍ତୋଷ ରେମୁଣା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଫିସରେ ପିଓଙ୍କୁ ଅଫିସରେ ଭେଟି ଏକ ବାର୍ଦ୍ଧକ୍ୟ ଭତ୍ତା ଫର୍ମ ଦେଇଥିଲେ। ତାହା ଦେଖି ତାଙ୍କ ଘରକୁ ଯିବା ପାଇଁ କହିଥିଲେ। ସେହି ଅନୁସାରେ ସନ୍ତୋଷ ତାଙ୍କ ଘରକୁ ଯାଇଥିଲେ। ସେତେବେଳେ ଫର୍ମଟିକୁ ଦେଖି ପଞ୍ଚାୟତ ଅଫିସରୁ ଷ୍ଟାମ୍ପ ମାରି ଆଣିବା ପାଇଁ କହିଥିଲେ। ଫର୍ମରେ ଷ୍ଟାମ୍ପ ଦେବା ପରେ ଲେଖାରେ ଭୁଲ ଥିବା କହି ଚିରି ଦେଇଥିଲେ। ଏଥିସହିତ ସନ୍ତୋଷଙ୍କୁ ଦୁର୍ବ୍ୟବହାର କରିଥିବା ସନ୍ତୋଷ ପ୍ରକାଶ କରିଛନ୍ତି। ପରେ ୧୭ ତାରିଖ ଦିନ ଏକ ରାସନ କାର୍ଡ ଓ ସେଇ ଭତ୍ତା ଫର୍ମ ନେଇ ଉକ୍ତ ପିଓଙ୍କୁ ଦେଇଥିଲେ। ସେ ହଠାତ୍ ଉତକ୍ଷିପ୍ତ ହୋଇ ଭତ୍ତା ଫର୍ମ ଓ ରାସନ କାର୍ଡ ଚିରି ଦେଇଥିଲେ। ଅପମାନ ଓ ଦୁର୍ବ୍ୟବହାର ହୋଇଥିବାରୁ ସନ୍ତୋଷ ଜିଲ୍ଲାପାଳଙ୍କୁ ଭେଟି ଏବାବଦରେ ଏକ ଦାବି ପ୍ରଦାନ କରିଛନ୍ତି। ଏହି ଘଟଣାର ତଦନ୍ତ କରି ବିହୀତ ପଦକ୍ଷେପ ନେବାକୁ ସନ୍ତୋଷ ନିବେଦନ କରିଛନ୍ତି। ଏହି ଦାବିପତ୍ରର ଏକ ନକଲ ବାଲେଶ୍ୱର ପ୍ରୋଜେକ୍ଟ ଡାଇରେକ୍ଟରଙ୍କୁ ପ୍ରଦାନ କରିଛନ୍ତି।




# ମଦମୁକ୍ତି ଯୁବବାହିନୀର ପ୍ରଭାତଫେରୀ କାର୍ଯ୍ୟକ୍ରମ

ବାଲେଶ୍ୱର, ୧୯।୧୦(ସମିସ)



ମଦମୁକ୍ତି ଯୁବବାହିନୀ ପକ୍ଷରୁ ଏକ ପ୍ରଭାତ ଫେରି କାର୍ଯ୍ୟକ୍ରମ ପୋଲିସ ଲାଇନଠାରେ ଅନୁଷ୍ଠିତ ହୋଇଯାଇଛି। ସରକାରଙ୍କ ମଦ ନୀତି ଯୋଗୁଁ ପ୍ରତ୍ୟେକ ଦିନ ଘଟୁଥିବା ଘଟଣା ଓ ସରକାର ଏବଂ ରାଜନେତାମାନେ କିପରି ଏହି ଗମ୍ଭୀର ସମସ୍ୟାକୁ ଅଣଦେଖା କରିଚାଲିଛନ୍ତି ତାହାକୁ ସଙ୍ଗଠନର ସଦସ୍ୟମାନେ ପ୍ଲା-କାର୍ଡ଼ ଓ ଗୀତ ମାଧ୍ୟମରେ ଉପସ୍ଥିତ ଜନସାଧାରଣଙ୍କୁ ପ୍ରଚାରପତ୍ର ପ୍ରଦାନ କରିଥିଲେ। ଗୁଜରାଟ, ବିହାର ଭଳି ଓଡ଼ିଶା ସରକାରଙ୍କୁ ଏହି ଅର୍ଥ ନ ମିଳିଲେ ମଧ୍ୟ ରାଜ୍ୟ ସହଜରେ ଚଳିପାରିବ। କିନ୍ତୁ ମଦ ମିଳୁଥିବା କାରଣରୁ ରାଜ୍ୟରେ ଗାଡ଼ି ଦୁର୍ଘଟଣା, ଘରୋଇ ହିଂସା, ନାରୀ ନିର୍ଯାତନା, ହତ୍ୟା, ବଳାତ୍କାର, ଗୋଷ୍ଠୀ ସଂଘର୍ଷ ପରି ଘଟଣା ଦିନକୁ ଦିନ ବଢ଼ି ଚାଲିଛି। ତେଣୁ ରାଜସ୍ୱ ପାଇଁ ନୁହଁ ବରଂ ରାଜ୍ୟରେ କୃଷି, ରୋଜଗାର, ଗମନାଗମନ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ବିଭିନ୍ନ ମୌଳିକ ସମସ୍ୟା ଉପରୁ ଜନସାଧାରଣଙ୍କ ନଜର ହଟାଇବା ଏବଂ ଯୁବଗୋଷ୍ଠୀଙ୍କୁ ନିଶା ଦ୍ୱାରା ମାନସିକ ପଙ୍ଗୁ କରିବା ସହ ସରକାରଙ୍କୁ ଏ ସଂକ୍ରାନ୍ତରେ ପ୍ରଶ୍ନ ପଚାରିବାର କ୍ଷମତା ହରାଇବା ଭଳି ଷଡ଼ଯନ୍ତ୍ର କରି ରାଜ୍ୟ ସରକାର ମଦ ବିକ୍ରି କରୁଥିବା କଥା ଯୁବାବାହିନୀ ସଦସ୍ୟ ବନ୍ଦେମାତରଂମ୍ ପ୍ରକାଶ କରିଛନ୍ତି। ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ମଦ ବିକ୍ରି କରିବା ଏକ ଜନମଙ୍ଗଳକାରୀ ସରକାରଙ୍କ ଲକ୍ଷଣ ନୁହେଁ, କିନ୍ତୁ ଓଡ଼ିଶାର ଜନସାଧାରଣଙ୍କ ଅନିଚ୍ଛା ସତ୍ତ୍ୱେ ଏ ଅହଙ୍କାରୀ ସରକାର ଅଧିକରୁ ଅଧିକ ମଦ ଦୋକାନକୁ ସ୍ୱକୃତି ପ୍ରଦାନ କରୁଛନ୍ତି। ତେଣୁ ଏହି ବ୍ୟବସ୍ଥାଗତ ବିଶ୍ୱାସଘାତକତା ବିରୁଦ୍ଧରେ ଆଜିର ଯୁବଗୋଷ୍ଠୀ ସ୍ୱର ଉତ୍ତୋଳନ କରିବାକୁ ମଦମୁକ୍ତି ଯୁବବାହିନୀ ପକ୍ଷରୁ ବଳରାମ ବାରିକ ଆହ୍ୱାନ ଦେଇଛନ୍ତି। ମଦ ଦୋକାନ ବନ୍ଦ ପାଇଁ ଆବଶ୍ୟକ ଜନଜାଗରଣର ସୂତ୍ରଧର ଓଡ଼ିଶାର ସ୍ୱାଭିମାନୀ ଯୁବକଟିଏ ହିଁ ହୋଇପାରେ। ଏଥିପାଇଁ ସେହି ଯୁବକ ମାନଙ୍କୁ ସମାଜ କଲ୍ୟାଣର ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯାନରେ ଯୋଡ଼ିବା ନିମିତ୍ତ ମଦମୁକ୍ତି ଯୁବବାହିନୀ ଓଡ଼ିଶା ବିଭିନ୍ନ ବ୍ଲକରେ 'ପ୍ରଭାତଫେରି' କାର୍ଯ୍ୟକ୍ରମ ଆୟୋଜିତ କରିଥାଏ ବୋଲି ଯୁବବାହିନୀର ଅନ୍ୟତମ ସଦସ୍ୟ ପ୍ରମୋଦ ମହାଲିକ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ମଦମୁକ୍ତି ଯୁବବାହିନୀ ବାଲେଶ୍ୱରର ସଦସ୍ୟ ନମିତା ବାରିକ, ପିଙ୍କି ମହାନ୍ତି, ମୁକ୍ତିକାନ୍ତ ପାଣିଗ୍ରାହୀ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।



# ଗର୍ଭବତୀଙ୍କୁ ଆର୍‌ପିଏଫର ସହାୟତା



ରାୟଗଡ଼ା, ୧୯।୧୦(ସମିସ) : ଜଗଦଲପୁର-ଭୁବନେଶ୍ୱର ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନ ଯୋଗେ କୋରାପୁଟରୁ ଭୁବନେଶ୍ୱରକୁ ଯାତ୍ରା କରୁଥିବା ଜଣେ ଗର୍ଭବତୀ ମହିଳା ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ରାୟଗଡ଼ା ଠାରେ ରେଳବାଇ ପୋଲିସ ସୁରକ୍ଷା ବଳ (ଆରପିଏଫ) ତରଫରୁ ତୁରନ୍ତ ଚିକିତ୍ସା ସେବା ଯୋଗାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଆର୍‌ପିଏଫ ତରଫରୁ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଡିଏମଓଙ୍କ ସହ ଯୋଗାଯୋଗ କରାଯାଇ ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଥିଲା। ପରେ ଗର୍ଭବତୀ ମହିଳାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ଜଣାପଡିଛି । ସେ ସୁସ୍ଥ ଥିବା ନେଇ ଏଡିଏମଓ ପ୍ରକାଶ କରିଛନ୍ତି। ଟ୍ରେନରେ ଯାତ୍ରା କରୁଥିବା ଗର୍ଭବତୀ ମହିଳା ଜଣକ ହେଲେ ୩୦ବର୍ଷିୟ ନେହା ନାଜ୍। ଏ ନେଇ ଆରପିଏଫ ତରଫରୁ ମିଳିଥିବା ସୂଚନା ପ୍ରକାରେ, ଗତକାଲି ଅକ୍ଟୋବର ୧୮ ତାରିଖରେ ହୀରାଖଣ୍ଡ ଏକ୍ସପ୍ରେସ ଟ୍ରେନରେ କୋରାପୁଟରୁ ଭୁବନେଶ୍ୱରକୁ ନିଜ ସ୍ୱାମୀ ତାହିର ଅହମ୍ମଦଙ୍କ ସହ ଗର୍ଭବତୀ ମହିଳା ନେହା ଯାତ୍ରା କରୁଥିବା ବେଳେ ରାୟଗଡ଼ା ରେଳ ଷ୍ଟେସନରେ ପହଞ୍ଚିବା ୧୫ମିନିଟ ପୂର୍ବରୁ ଅର୍ଥାତ୍ ରାତ୍ର ୧୧ଟା ୦୫ମିନିଟ୍ ସମୟରେ ଏସସିଏନଏଲ/ୱାଟ୍ ତରଫରୁ ହ୍ୱାଟସ୍‌ଆପ୍ ମେସେଜ ଆସିଥିଲା। ଏସିକୋଚ ଏ-୦୧ ,ବର୍ଥ ନଂ ୪୯ରେ ଥିବା ନେହାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଅବନତି ଥିବା ଏବଂ ଜରୁରୀକାଳନୀ ଚିକିତ୍ସା ସେବା ଆବଶ୍ୟକ ନେଇ ରାୟଗଡ଼ା ଆରପିଏଫ ପୋଲିସକୁ ସୂଚନା ଦିଆଯାଇଥିଲା। ମେସେଜ ପାଇବା ପରେ ଆରପିଏଫ ବିଳମ୍ବ ନ କରି ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଏଡିଏମଓଙ୍କୁ ଅବଗତ କରାଯାଇଥିଲା। ଡ୍ୟୁଟିରେ ଥିବା ଡାକ୍ତରଙ୍କ ସମେତ ଏଡିଏମଓ ତୁରନ୍ତ ରେଳବାଇ ଷ୍ଟେସନରେ ପହଞ୍ଚିଥିଲେ। ରାୟଗଡ଼ାରେ ଟ୍ରେନଟି ୧୧ଟା ୨୦ମିନିଟ୍‌ରେ ପ୍ଲାଟଫର୍ମରେ ପହଞ୍ଚିବା ପରେ ଆରପିଏଫ ହେଡ୍ କନେଷ୍ଟବଳ ଏଲଏନ ସ୍ୱାଇଁ, କନେଷ୍ଟବଳ ତ୍ରିଲୋଚନ ପଣ୍ଡା, ରାଜ କୁମାରଙ୍କ ସମେତ କମରସିଆଲ ଷ୍ଟାଫ୍ ପ୍ରମୁଖ ଏ-୧କୋଚ ଠାରେ ପହଞ୍ଚି ଡାକ୍ତରଙ୍କ ପରାମର୍ଶ କ୍ରମେ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ରେଳଯାତ୍ରୀଙ୍କୁ ଏଭଳି ଜରୁରୀକାଳନୀ ଚିକିତ୍ସା ସେବା ବିଷୟରେ ଖବର ପାଇ ଆରପିଏଫ ପୁଲିସ ତରଫରୁ ତୁରନ୍ତ ସେବା ଯୋଗାଇ ଦେବା ଭଳି ମହତ୍ କାମ ଆରପିଏଫର ଅପରେସନ୍ "ସେବା"ମାଧ୍ୟମରେ ଯୋଗାଇ ଦିଆଯାଉଛି।

## ବିଷ୍ଣୁ ହତ୍ୟାକାଣ୍ଡର ନୂଆମୋଡ଼

# ବାପା ଗିରଫ ପରେ ନାବାଳିକା ଝିଅର ଆତ୍ମହତ୍ୟା



## ତ୍ରିକୋଣୀୟ ପ୍ରେମ ସମ୍ପର୍କ ନେଇ ହୋଇଥିଲା ପ୍ରଚାର

ମାଲକାନଗିରି, ୧୯।୧୦ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅଞ୍ଚଳରେ ବିଷ୍ଣୁ ନାୟକ ହତ୍ୟା ଘଟଣା ଆଜି ଏକ ନୂଆ ମୋଡ ନେଇଛି। ପ୍ରେମ ଜନିତ ଏହି ହତ୍ୟାକାଣ୍ଡରେ ବିଷ୍ଣୁଙ୍କ ପ୍ରେମିକା ବୋଲି କୁହାଯାଉଥିବା ନାବାଳିକା ଝିଅ ଆତ୍ମହତ୍ୟା କରିଛି। ସୂଚନା ଅନୁଯାୟୀ ଗତ କିଛିଦିନ ପୂର୍ବେ ମାଲକାନଗିରି ଜିଲ୍ଲା ମାଥିଲି ଥାନା ଅନ୍ତର୍ଗତ କଡ଼ାପାଲ୍ଲି ପଞ୍ଚାୟତର ରେଙ୍ଗାବେଡା ଗ୍ରାମର ବିଜୟ ନାୟକଙ୍କ ପୁଅ ବିଷ୍ଣୁ ନାୟକଙ୍କ ହତ୍ୟା ଘଟଣାର ପର୍ଦାଫାଶ ହେବା ସହ ମାଥିଲି ପୋଲିସ ତିନି ଜଣଙ୍କୁ ଗିରଫ କରିଥିଲା। ଆସାମୀଙ୍କ ମଧ୍ୟରେ ଶଙ୍କର ହିଣ୍ଡିଆ ରହିଥିବା ବେଳେ ତାଙ୍କ ଝିଅଙ୍କ ତ୍ରିକୋଣୀୟ ଭଲ ପାଇବା ଯୋଗୁଁ ଶଙ୍କର ଓ ତାଙ୍କର ଦୁଇ ସହଯୋଗୀ ସାଗର ସୁନାମ ଏବଂ ମନୋଜ ଗୌଡ଼ ବିଷ୍ଣୁଙ୍କୁ ହତ୍ୟା କରିଥିବା ଆଧାରରେ ମାଥିଲି ପୁଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତେବେ ଏହି ଘଟଣାରେ ଅନ୍ୟ ଜଣେ ଆସାମୀ ଫେରାର ରହିଛି। ଅଭିଯୁକ୍ତ ଶଙ୍କରଙ୍କ ନାବାଳିକା ଝିଅ ଆଜି ଆତ୍ମହତ୍ୟା କରିଛି। ଯାହାକୁ ନେଇ ଶଙ୍କରଙ୍କ ପତ୍ନୀ ତଥା ମୃତ ନାବାଳିକାର ମା' ଗୁଣମତି ସଙ୍ଗୀନ ଅଭିଯୋଗ ଆଣିଛନ୍ତି। ସେ ପ୍ରକାଶ କରିଛନ୍ତି ଯେ, ମୋର ଝିଅର ତ୍ରିକୋଣୀୟ ଭଲ ପାଇବା କଥା ଶୁଣିବା ପରେ ଝିଅ ମାନସିକ ଆଘାତ ପାଇଥିଲା। ଏହା ସହ ଶଙ୍କରଙ୍କ ଗିରଫ ମଧ୍ୟ ତାଙ୍କୁ ବେଶ କଷ୍ଟ ଦେଇଥିଲା। ଯାହାକୁ ନେଇ ଝିଅ କନିଆରି ଫଳ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ତାକୁ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରଯାଇଥିଲା। କିନ୍ତୁ ଚିକିତ୍ସାଧୀନ ଅବସ୍ଥାରେ ଝିଅ ମତ୍ୟୁବରଣ କରିଥିବା ମା' ଗୁଣମତି ଅଭିଯୋଗ କରିଛନ୍ତି। ଏହା ସହ ସେ ଆହୁରି ମଧ୍ୟ କହିଛନ୍ତି ଯେ, ବିଷ୍ଣୁକୁ ମୋର ସ୍ୱାମୀ ହତ୍ୟା କରି ନାହାନ୍ତି, ଫେରାର ଥିବା ଦୀପକ କୁମାର ହିଁ ଏହି ହତ୍ୟା କରିଥିବା ବେଳେ ତାଙ୍କ ସ୍ୱାମୀଙ୍କୁ ମୁକୁଳାଇବାକୁ ସେ ଅନୁରୋଧ କରିଛନ୍ତି।

# ବିଜେଡିର ଜନସଂପର୍କ ପଦଯାତ୍ରା

ଚିତ୍ରକୋଣ୍ଡା, ୧୯ ।୧୦ (ସମିସ):



ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ସ୍ୱାଭିମାନ ଅଞ୍ଚଳରେ ବିଜୁ ଜନତା ଦଳ ପକ୍ଷରୁ ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଗୁରୁପ୍ରିୟା ସେତୁଠାରୁ ବଡପଡ଼ା ପଞ୍ଚାୟତର ଶିବ ମନ୍ଦିର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ପଦଯାତ୍ରାରେ ଶହ ଶହ ସଂଖ୍ୟାରେ ବିଜୁ ଜନତା ଦଳର କର୍ମୀ ଓ ସାଧାରଣ ଜନତା ସାମିଲ ହୋଇଥିଲେ। ଏହି ପଦଯାତ୍ରା ସମୟରେ ବିଜୁ ଜନତା ଦଳର କର୍ମୀ ମାନେ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଥିଲେ। ରାଜ୍ୟରେ ବିକାଶ ନାଁରେ ବିନାଶ ହେଉଥିବା କର୍ମୀ ଅଭିଯୋଗ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ଅସୁରକ୍ଷିତ ନାରୀ ଏବଂ ଦୁର୍ନୀତି ଏହି ସରକାର ସମୟରେ ବଢିଥିବା ବିଜେଡି ଦଳ ଅଭିଯୋଗ କରିଛି। ମାଲକାନଗିରି ଜିଲ୍ଲା ସଭାପତି ମାନସ ମାଡକାମୀ ନେତୃତ୍ୱରେ ଶହ ଶହ କର୍ମୀଙ୍କ ସହ ସମସ୍ତ ପଞ୍ଚାୟତ ସଭାପତି ଓ ଜିଲ୍ଲା ସଭାପତି ଯୋଗ ଦେଇଥିଲେ। ଚିତ୍ରକୋଣ୍ଡା ବ୍ଲକର ସମସ୍ତ ପଞ୍ଚାୟତ ସଭାପତି ମାନଙ୍କୁ ଜିଲ୍ଲାସଭାପତି ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କର ଜଣକଲ୍ୟାଣ ଯୋଜନା ମାଧ୍ୟମରେ ବିଚ୍ଛିନ୍ନାଞ୍ଚଳକୁ କିଭଳି ସ୍ୱାଭିମାନ ଅଞ୍ଚଳ ଭାବରେ ନିର୍ମାଣ କରାଗଲା ଓ ରାଜ୍ୟର ବିକାଶ ଧାରାରେ ଏହି ଅଞ୍ଚଳ ଯୋଡି ହୋଇଛି ସେ ବିଷୟରେ ଉପସ୍ଥିତ ନେତା ମାନେ କହିଥିଲେ। ଏହି ପଦଯାତ୍ରାରେ ବିଜୁ ଜନତା ଦଳର ମାଲକାନଗିରି ଜିଲ୍ଲା ସଭାପତି ମାନସ ମାଡକାମି, ଜିଲ୍ଲାପରିଷଦ ଅଧକ୍ଷା ସମାରି ତାଙ୍ଗୁଲୁ, ଚିତ୍ରକୋଣ୍ଡା ବ୍ଲକ ଅଧକ୍ଷା ରାଜେଶ୍ୱରୀ ଖିଲ, ଚିତ୍ରକୋଣ୍ଡା ବ୍ଲକ ସଭାପତି ରାମଚନ୍ଦ୍ର ଗାଲେଲ, ମହିଳା ସଭାପତି ଲକ୍ଷ୍ମୀପ୍ରିୟା ନାୟକ, ଗୋପାଳ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା

ପଦ୍ମପୁର,୧୯।୧୦(ସମିସ): ରାୟଗଡ଼ ଜିଲ୍ଲା ପଦ୍ମପୁର ବ୍ଲକ୍ ଅଧିନସ୍ଥ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ବ୍ଲକ୍‌ର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟର ପ୍ରାୟ ୭୫ ଜଣ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଶ୍ରୀମଦ୍-ଭଗବତ- ଗୀତା ୭ମ ଅଧ୍ୟାୟ (କର୍ମ ସନ୍ନ୍ୟାସ ଯୋଗ) ଉପରେ ଆଧାରିତ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୩ୟ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଉକ୍ତ ପ୍ରତିଯୋଗିତାର ବିଚାରକ ରୂପେ ଶିକ୍ଷକ ଦିଲୀପ କୁମାର କର, ନିଳ ମାଧବ ପାଣିଗ୍ରାହୀ, ସାନ୍ତନୁ ଦାସ, ସର୍ବେଶ୍ୱର ପରିଡ଼ା, ନିଗମାନନ୍ଦ ପାଣିଗ୍ରାହୀ, ସୌମ୍ୟ ପ୍ରକାଶ ନାୟକ, ଶିକ୍ଷୟିତ୍ରୀ ଅର୍ପିତା ନାୟିକ, ପ୍ରିୟା ପଣ୍ଡା ଓ ବନିତା ରାଣୀ ଖଣ୍ଡାୟତ ରାୟ ପ୍ରମୁଖ ଦାୟିତ୍ୱ ତୁଲାଇ ଥିଲେ। ଏଥିରେ କ ବିଭାଗରେ ୧ମ ସ୍ଥାନ ଶୁଭଶ୍ରୀ ରତ୍ନାଲୁ, ୨ୟ ସ୍ଥାନ ସାଗରିକା ମହାପାତ୍ର, ୩ୟ ସ୍ଥାନ ଧରିତ୍ରୀ ସାହୁ। ସେହିପରି ଖ ବିଭାଗରେ ୧ମ ସ୍ଥାନ ଆଦ୍ୟାଶା ବେହେରା, ୨ୟ ସ୍ଥାନ ତୀର୍ଥ ଚରଣ ପାଣି, ୩ୟ ସ୍ଥାନ ଦୀପିକା ରଣା ଓ ଗ ବିଭାଗରେ ୧ମ ସ୍ଥାନ ଗୌରବ ବେହେରା, ୨ୟ ସ୍ଥାନ ଉର୍ମିଳା ଶବର ଓ ୩ୟ ସ୍ଥାନ ମୋନାଲିସା ମହାପାତ୍ର ଅଳଙ୍କୃତ କରି ଅତିଥିମାନଙ୍କଠାରୁ ମାନପତ୍ର ପାଇ ନିଜ ନିଜ ବିଦ୍ୟାଳୟର ଗୌରବ ବଢ଼ାଇବାରେ ସହାୟକ ହୋଇଥିଲେ। ଏହି ଗୀତା ଆବୃତ୍ତି ପ୍ରତିଯୋଗିତା ବ୍ଲକ୍ ସଂଯୋଜକ ଅବସରପ୍ରାପ୍ତ ଶିକ୍ଷକ ରମେଶ ଚନ୍ଦ୍ର ପାତ୍ର ଓ ଶିକ୍ଷକ ସୁଧାକର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ପ୍ରତିଯୋଗିତାରେ ବ୍ଲକ୍‌ର ବରିଷ୍ଠ ଅବସରପ୍ରାପ୍ତ ଶିକ୍ଷକ ବିଜୟ ପାଣିଗ୍ରାହୀଙ୍କ ସହ ସରସ୍ୱତୀ ବିଦ୍ୟା ମନ୍ଦିରର କର୍ମକର୍ତ୍ତା ,ଗୁରୁଜୀ ଗୁରୁମା ପ୍ରମୁଖ ସହଯୋଗ କରିଥିଲେ।

# ଗୁଣୁପୁର ଟ୍ରାକ୍ଟର ମାଲିକ ମହାସଂଘ ଗଠିତ



ଗୁଣୁପୁର,୧୯।୧୦(ସମିସ): ଗୁଣୁପୁର ସହର ଓ ଆଖପାଖ ଅଞ୍ଚଳର ଟ୍ରାକ୍ଟର ମାଲିକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ସୌରା ପ୍ରଧାନୀ ଗୁଡା ସ୍ଥିତ ଗ୍ରାମଦେବୀ ମନ୍ଦିରରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ବହୁ ସଂଖ୍ୟାର ଟ୍ରାକ୍ଟର ମାଲିକ ମାନେ ଯୋଗ ଦେଇଥିଲେ। ଗୁଣୁପୁର ଟ୍ରାକ୍ଟର ମାଲିକ ମହାସଂଘ ନାମରେ ଏକ ଅସ୍ଥାୟୀ ସଂଘ ଗଠନ କରାଯାଇଛି। ଆଗାମୀ ଦିନରେ ଏହି ସଂଘକୁ ସରକାରୀ ଭାବେ ପଞ୍ଜୀକରଣ କରି ଏକ ସ୍ଥାୟୀ କୋଠାରେ କାର୍ଯ୍ୟାଳୟ ଖୋଲାଯିବ। ଏହି ସଂଘ ଦ୍ୱାରା ମାଲିକଙ୍କ ଭଲ ମନ୍ଦ ଓ ସମସ୍ୟାର ସମାଧାନ ଦିଗରେ କାର୍ଯ୍ୟ କରିବେ ବୋଲି କୁହାଯାଇଛି। ସଙ୍ଘର ସଭାପତି ଭାବେ ଜଗନ୍ନାଥ ମହାନ୍ତି, ଉପ ସଭାପତି ଭାବେ ପୃଥିବୀରାଜ ପାଢ଼ି, ସମ୍ପାଦକ ଭାବେ ବାବୁଲା ରଥ ଏବଂ କୋଷାଧକ୍ଷ ଭାବେ ପ୍ରତାପ ଯୋଗୀଙ୍କୁ ଚୟନ କରାଯାଇଛି।

# ବ୍ଲକ୍‌ସ୍ତରୀୟ ସାମାଜିକ ସଂଗଠନ ଗଠିତ

ମୁନିଗୁଡ଼ା,୧୯ ।୧୦(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡାରେ 'ସବକା ସାଥ ସବକା ବିକାଶ'ର ଏକ ସାମାଜିକ ସଂଗଠନ ଗଠିତ ହୋଇଯାଇଛି। ସଭାପତି ଭାବେ ଏନ. ସୂର୍ଯ୍ୟ ରାଓ, ଉପସଭାପତି ଶିରା ମାଣ୍ଡିକା, ସଂପାଦକ ସୁନିତା ବାଗଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ସେହିପରି ବ୍ଲକ୍‌ର ଆମ୍ବଧୁନି, କୁନାବଣ୍ଡଲି, ଜାମରାଗୁଡା, କାଠଗଡା, ଆଙ୍କୁଲପଦର ଗ୍ରାମରେ ଜଣେ ଜଣେ ପ୍ରତିନିଧି ବଛା ଯାଇଥିବା ସଂଗଠନ ପକ୍ଷରୁ ସୂଚନା ମିଳିଛି। ନିକଟରେ ମୃତ୍ୟୁ ବରଣ କରିଥିବା କନ୍ଦଗତିଗୁଡା ଗ୍ରାମର ରୋହିଣୀ କୁଶୁଲିଆ ପରିବାର ବର୍ଗଙ୍କୁ, ମୁନିଖୋଲ ଗ୍ରାମର ମେଦ୍ରି ସାହିର ମୃତ ହରିଶ୍ଚନ୍ଦ୍ର ଆଲଜିଙ୍ଗ ପରିବାରଙ୍କୁ ଏହି ସାମାଜିକ ସଂଗଠନ କିଛି ଆର୍ଥିକ ସହାୟତା ପ୍ରଦାନ କରିଛି ବୋଲି ସଂଘ ସୂତ୍ରରୁ ସୂଚନା ମିଳିଛି। ବ୍ଲକ୍‌ର ପ୍ରତ୍ୟେକ ଗ୍ରାମରୁ ଜଣେ ଜଣେ ପ୍ରତିନିଧି ବଛା ଯାଇ ଶିକ୍ଷା, ସ୍ୱାସ୍ଥ୍ୟ,ପାନୀୟଜଳ, ଗମନାଗମନ, ଜରୁରୀକାଳୀନ ସେବା କିପରି ସମସ୍ତେ ଉପକୃତ ହୋଇପାରିବେ ସେନେଇ ଗୁରୁତ୍ୱ ଦିଆଯିବା ସହ ଜିଲ୍ଲାର ପ୍ରତ୍ୟେକ ଅନୁକୋଣରେ ପ୍ରତିନିଧି ବଛା ଯାଇ ଗ୍ରାମର ବିକାଶ କିପରି ହେବ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ସାନି ପୁଷିକା, ଦାଶରଥି ପୁଷିକା, ଭକ୍ତ ଭୋଇ, ମାଧବ ପୁଷିକା, ବଇଦି କଣ୍ଡାଗିରି , ନରେନ୍ଦ୍ର ମହାନନ୍ଦିଆ, ସୁରୁଧନ ପଲକିଆ, ମାଳତୀ କାଦ୍ରକା, ଭକ୍ତ ବାଗ, ସରାବୁ ବାଗ , ପରାସର ପଲକିଆ, ସୁରୁଧନ ପଲକିଆ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମ୍ୟାଜିକ୍ ମାଟି ଦୀପରେ ଚାହିଦା



ମାଲକାନଗିରି,୧୯ ।୧୦ (ସମିସ): ଆଲୋକର ପର୍ବ ପବିତ୍ର ଦୀପାବଳି ଉତ୍ସବ ପାଇଁ ସହର ଠାରୁ ସାହିବସ୍ତି ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇଉଠିଛି। ପୂଜାର ମହାଲ ସାଙ୍ଗକୁ ମଣ୍ଡପ ଗୁଡିକ ସଜେଇ ହେଉଛି। ଦୀପାବଳୀ ପାଇଁ ମାଲକାନଗିରି ସହରରେ ମାଟିରେ ନିର୍ମିତ ପାରମ୍ପରିକ ଦୀପର ପସରା କୁମ୍ଭାର ସମ୍ପ୍ରଦାୟ ଓ ଆଦିବାସୀ ମହିଳା ମାନେ ଖୋଲିସାରିଛନ୍ତି। ଏବେ ସହରରେ ଚାଇନା ଦୀପ ବଦଳରେ ଦେଖିବାକୁ ମିଳିଛି ମାଟିରେ ନିର୍ମିତ ମ୍ୟାଜିକ ଦୀପ। ଏହା ପୂର୍ବରୁ ପ୍ରଚଳିତ ଡିବିରୀ ବତୀ ଭଳି ଦେଖିବାକୁ। ଗୋଟିଏ ପାଶ୍ୱର୍ ବଳିତା ଦିଆଯାଇଥିବା ବେଳେ ତଳ ପାଶ୍ୱର୍ରେ ତେଲ ଦେବା ପାଇଁ କଣା ଥିବା ବେଳେ ଏହି ଦୀପ ତଳେ ରହିଲେ ମଧ୍ୟ ତେଲ ତଳେ ନ ପଡ଼ି ଦୁଇରୁ ତିନିଘଣ୍ଟା ଜଳି ଥାଏ। ଏହି ଦୀପକୁ ମାଲକାନଗିରି ଜିଲ୍ଲା ତାର୍ଲକୋଟା ପଞ୍ଚାୟତ କେନ୍ଦୁଗୁଡା ଗ୍ରାମର କମ୍ଲୁ କୁମ୍ଭାର ଓ ତାଙ୍କ ପରିବାର ଅଭିନବ କୌଶଳରେ ନିର୍ମିତ କରିଛନ୍ତି। ଦୀପ ଗୋଟାକୁ ମାତ୍ର ୩୦ଟଙ୍କାରେ ବିକ୍ରୀ କରୁଥିବାରୁ ଗ୍ରାହକ ମାନେ ଖୁସିରେ ଏହି ମ୍ୟାଜିକ ଦୀପକୁ କିଣି ନେଉଛନ୍ତି। ଏହା ବ୍ୟତିତ ୨୦ ଟଙ୍କାରେ ଛୋଟ ମାଟି ଦୀପ, ୫୦ ଟଙ୍କାରେ ବଡ଼ ଫୁଲ ଦୀପ ସହ କଇଁଛ କୁଂପି, ନାନା ପ୍ରକାର ମାଟିରେ ନିର୍ମିତ ସାମଗ୍ରୀ ଗୁଡିକୁ ସୋମନାଥପୁର, ପାଣ୍ଡ୍ରିପାଣି, ମାଲକାନଗିରି, ତର୍ଲାକୋଟା, କେନ୍ଦୁଗୁଡା ଗ୍ରାମର କୁମ୍ଭାର ସମ୍ପ୍ରଦାୟର ମହିଳା ଓ ପୁରଷ ମାନେ ମାଲକାନଗିରି ବଜାରରେ ଦୀପର ପସରା ଖୋଲିଛନ୍ତି। ଡିଏନଏକେ ଛକ, ସୁବାଷ ବୋଷ ଛକ, ଦୈନିକ ବଜାର, ହନୁମାନ ମନ୍ଦିର ନିକଟରେ ଭଳିକି ଭଳି ମାଟିଦୀପର ପସରା ବସାଇ ଦେଇଛନ୍ତି । ଏଠାକୁ ଆସି ଦୀପ ବିକିବା ଆରମ୍ଭ କରିଛନ୍ତି। ମ୍ୟାଜିକ୍ ମାଟିଦୀପ ଚାହିଦା ଅଧିକ ରହିଛି। କେବଳ ଦୀପ ନୁହେଁ, ଫୁଲକୁଣ୍ଡ, ଟଙ୍କା ସଞ୍ଚୟ କରିବା ହୁଣ୍ଡି ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଛି। ଅତ୍ୟାଧୁନିକ ଅନ୍‌ଲାଇନ, ସ୍ମାର୍ଟ ବଜାର କାରବାର ଭିତରେ ନିଜର କୌଳିକ ବୃତ୍ତିକୁ ଏବେ ବି ବଞ୍ଚାଇ ରଖିଛନ୍ତି କୁମ୍ଭାର ପରିବାର। ଏହି ଅବହେଳିତ କୁମ୍ଭାର ପରିବାରଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବା ପାଇଁ କୁମ୍ଭାକାର ଗ୍ରାମବାସୀ ଦାବି କରିଛନ୍ତି।

# ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତି ଅର୍ଥ ରାଶି ପ୍ରଦାନ

କାଲିମେଳା,୧୯।୧୦(ସମିସ): ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ ଅନ୍ତର୍ଗତ କାଲିମେଳା ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ନୂତନ ଗୃହ ମଞ୍ଜୁର ହୋଇଥିବା ସମସ୍ତ ହିତାଧିକାରୀଙ୍କ ଗୃହ ନିର୍ମାଣ ନିମନ୍ତେ ପ୍ରଥମ କିସ୍ତି ୪୦,୦୦୦ ଅର୍ଥରାଶି ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦୀପ କୁମାର କର, ଜିପିଡିଓ ଜଗନ୍ନାଥ ମଣ୍ଡଳ, ବିପିସିଆରଏସ ବିଶ୍ୱଜିତ୍ ସ୍ୱର୍ଣ୍ଣକାର, ପିଇଓ ଦେବେନ୍ଦ୍ର ନାଥ ନାୟକ , ତେଲେରାଇ ଓ ଗମ୍ପାକୋଣ୍ଡା ସରପଞ୍ଚ ସମେତ ଅନ୍ୟାନ୍ୟ ପଦାଧିକାରୀ ମାନେ ଉପସ୍ଥିତ ଥିଲେ। ଏହି କାର୍ଯକ୍ରମରେ କାଲିମେଳା ବ୍ଲକ ଅନ୍ତର୍ଗତ ତେଲେରାଇ ଓ ଗମ୍ପାକୋଣ୍ଡା ପଞ୍ଚାୟତର ନୂତନ ଗୃହ ଭିତ୍ତିପ୍ରସ୍ତର ସହ କାଲିମେଳା ବ୍ଲକରେ ଥିବା ୨୩ ଗୋଟି ଗ୍ରାମ ପଞ୍ଚାୟତର ସର୍ବମୋଟ ୨୪୭ଟି ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରୁ ୧୭୦ ଜଣଙ୍କୁ ପ୍ରଥମ କିସ୍ତି ଅର୍ଥ ରାଶି ୪୦,୦୦୦ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି।

## ସାଇବର ସୁରକ୍ଷା ସଚେତନତା ରଥ ଶୁଭାରମ୍ଭ

# ଯୁବପିଢି ସଚେତନ ହେବା ଆବଶ୍ୟକ : ଜିଲ୍ଲାପାଳ




ରାୟଗଡ଼ା,୧୯।୧୦(ସମିସ) : ସାଇବର ଠକେଇରୁ ରକ୍ଷା ପାଇବା ପାଇଁ ଓଡିଶା ସରକାରଙ୍କ ଗୃହ ଓ ପୋଲିସ ବିଭାଗ ଆନୁକୂଲ୍ୟରେ ସାଇବର ସୁରକ୍ଷା ଅଭିଯାନ ଓଡିଶା-୨୦୨୫ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ଏହାର ଗତକାଲି ଶୁଭାରମ୍ଭ କରିଥିବା ବେଳେ ଆଜି ରାୟଗଡ଼ା ଜିଲ୍ଲା ଓଡିଶା ପୋଲିସ ପ୍ରଶାସନ ଦ୍ୱାରା ରାୟଗଡ଼ାର ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଜିଲ୍ଲାସ୍ତରୀୟ ସାଇବର ସୁରକ୍ଷା ଅଭିଯାନ ଉଦ୍‌ଘାଟନ ହୋଇଛି। ଏହି ଅବସରରେ ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍.କୁମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ରାୟଗଡ଼ା ନଗରପାଳ ପି.ମହେଶ ପଟ୍ଟନାୟକ,ଅତିରିକ୍ତ ଏଏସପି ସ୍ୱସ୍ତିକ ପଣ୍ଡା ପ୍ରମୁଖ ମଞ୍ଚାସୀନ ହୋଇ ଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଡିଜିଟାଲ ଯୁଗରେ ସାଇବର ସୁରକ୍ଷାକୁ ନେଇ ସମସ୍ତେ ଚିନ୍ତାରେ ପଡିଥିବା ବେଳେ କେବଳ ସଚେତନତା ହିଁ ଏହାର ମୂଳ ଅସ୍ତ୍ର ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ସ୍ୱାଗତ ଭାଷଣ ଦେଇ ଏଏସପି ଶ୍ରୀ ପଣ୍ଡା ବର୍ତ୍ତମାନର ସାଇବର ଠକେଇ ମଧ୍ୟରେ ଡିଜିଟାଲ ଆରେଷ୍ଟ ଠକେଇ, ନିବେଶ ଏବଂ ଟ୍ରେଡିଂ ଠକେଇ, ପାର୍ସଲ/କଷ୍ଟମ୍ସ ଠକେଇ, ସେକ୍ସଟୋର୍ସନ ଫାନ୍ଦ, ନକଲି ଋଣ/ତତ୍କାଳ କ୍ରେଡିଟ୍ ଆପ୍, ନକଲି ପରିଚୟ ଏବଂ ଓଟିପି ଠକେଇ, ଚାକିରି ଏବଂ ଘରୁ କାମ କରିବାର ଠକେଇ, ଇ-କମର୍ସ ରିଫଣ୍ଡ/ଅଫର ଠକେଇରେ ବିଭିନ୍ନ ପ୍ରଲୋଭନ ଦେଖାଇ ନିରୀହ ଜନସାଧାରଣଙ୍କୁ ସାଇବର ଠକାମୀର ଶୀକାର କରୁଛନ୍ତି। ତେଣୁ ପ୍ରତିଦିନ ସାଇବର ସୁରକ୍ଷା ପାଇଁ ମୋବାଇଲ ବ୍ୟବହାରକାରୀମାନେ ସତର୍କ ରହିବା ଏବଂ କ୍ଲିକ୍ କରିବା ପୂର୍ବରୁ ଥରେ ଭାବିବା, ଓଟିପି, ପିନ୍, କିମ୍ବା ବ୍ୟାଙ୍କ ପାସୱାର୍ଡ କେବେ କାହାକୁ ସେୟାର ନ କରିବା, ନିଜ ଡିଭାଇସକୁ ସୁରକ୍ଷିତ ରଖିବା, ସୁରକ୍ଷିତ ବ୍ୟାଙ୍କିଙ୍ଗ ଅଭ୍ୟାସ କରିବା, ସୋସିଆଲ ମିଡିଆରେ ସତର୍କତା ରହିବା, କଲ ଏବଂ ମେସେଜ ଉପରେ ସଚେତନ ହେବା, ସୁରକ୍ଷିତ ଅନ୍‌ଲାଇନ ସର୍ଫିଂ କରିବା, ବିଶ୍ୱାସ କରିବା ପୂର୍ବରୁ ଯାଞ୍ଚ କରିବା ଏବଂ କୌଣସି ସନ୍ଦେହଜନକ କାର୍ଯ୍ୟକଳାପ କିମ୍ବା ଆର୍ଥିକ କ୍ଷତି ହେଲେ ପ୍ରଥମ ଏକ ଘଣ୍ଟା ମଧ୍ୟରେ ଜାତୀୟ ସାଇବର କ୍ରାଇମ ହେଲ୍ପଲାଇନ -୧୯୩୦ରେ ତୁରନ୍ତ ରିପୋର୍ଟ କରିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ। ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଡିଜିଟାଲ ପ୍ଲାଟଫର୍ମକୁ ବହୁଳ ଭାବେ ବ୍ୟବହାର କରୁଥିବା ଯୁବପୀଢି ସଚେତନ ହେବା ବହୁତ ଜରୁରୀ ବୋଲି କହିଥିବା ବେଳେ ବିଶେଷ କରି ମହିଳାମାନେ ଏଥିପ୍ରତି ସତର୍କତା ଅବଲମ୍ବନ କରିବା ଆବଶ୍ୟକ ବୋଲି କହିବା ସହ ପୋଲିସ ପ୍ରଶାସନର ଏହି ଅଭିଯାନରେ ସାମିଲ ହୋଇ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଅଭିଯାନ ପାଳନ ଅବସରରେ କରାଯିବାକୁ ଥିବା ବିଭିନ୍ନ ପ୍ରତିଯୋଗିତମାନ ଏବଂ ଜିଲ୍ଲାବାସୀଙ୍କୁ ସଚେତନ କରିବା ପାଇଁ ସାଇବର ସୁରକ୍ଷା ସଚେତନତା ରଥର ପରିଭ୍ରମଣ ସୂଚୀ ବିଷୟରେ ଆଲୋକପାତ କରାଇଥିଲେ। ଏହି କାର୍ଯ୍ୟକ୍ରମକୁ ରାୟଗଡାର ଲୋକପ୍ରିୟ ଘୋଷିକା ବିଦିଶା ଶତପଥୀ ସଂଯୋଜନା କରିଥିଲେ।






# ଦୀପାବଳି ଆଜି; ବାଣ ଓ ଦୀପ ଦୋକାନରେ ଭିଡ଼




ବାରିପଦା, ୧୯।୧୦(ସମିସ)

ଆଲୋକର ପର୍ବ ଦୀପାବଳି ଆସିଥିବା ବେଳେ ଲୋକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ତେବେ ଦୀପାବଳିକୁ ସୋମବାର ନା ମଙ୍ଗଳବାର ପାଳନ କରିବେ ସେନେଇ ଲୋକଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଥିବା ବେଳେ ବାରିପଦା ସହରରେ ବଜାର ଚଳଚଞ୍ଚଳ ହୋଇଛି। ବାଣ, ମିଠା, ଫଳ, କପା କାଠି, ଦୀପ, ମୂର୍ତ୍ତି, ପୋଷାକ, ଅଳଙ୍କାର ଆଦି କିଣାକିଣି ପାଇଁ ବଜାରରେ ଭିଡ଼ ପରିଲକ୍ଷିତ ହୋଇଛି। ଦୋକାନୀ ମଧ୍ୟ ଭଳିକି ଭଳି ବାଣ ପସରା ମେଲାଇଛନ୍ତି। ଘରେ ଘରେ ପୂଜାର୍ଚ୍ଚନା ପାଇଁ ଲୋକେ ପୂଜା ସାମଗ୍ରୀ ସମେତ ମା' ଲକ୍ଷ୍ମୀ, ଶ୍ରୀ ଗଣେଶଙ୍କ ମୂର୍ତ୍ତି କିଣୁଥିବା ଦେଖାଯାଉଛି। ସେହିପରି ପୂଜାରେ ନୂତନ ବସ୍ତ୍ର ପରିଧାନ ପାଇଁ ପୋଷାକ ଓ ଶାଢ଼ି କିଣିବା ପାଇଁ ଦୋକାନରେ ଗହଳି ମଧ୍ୟ ହୋଇଛି। ଦୀପ ବସାଇବା ପାଇଁ ମହିଳା ମାନେ ମୁରୁଜ ଓ ମୁରୁଜ ପକାଇବା ପାଇଁ ଅନେକ ଡିଜାଇନ୍ ଛାଞ୍ଚ କିଣିଛନ୍ତି। ବାରିପଦା ସହରରେ ଟ୍ରାଫିକ ଛକ, ଗୁଜୁରୀ ମାର୍କେଟ, କୃଷ୍ଣଚନ୍ଦ୍ର ଗୋଲେଇ, ଷ୍ଟେସନ ରୋଡ, ଷ୍ଟିଲ ଗୋଲେଇ, କଚେରୀ ମାର୍କେଟ ଆଦି ସ୍ଥାନରେ ଅଧିକ ଭିଡ଼ ହୋଇଥିଲା। ଏଥି ସହିତ କପା କାଠି ବ୍ୟବସାୟୀ ମାନେ ଦୋକାନ ପକାଇଥିବା କିଣିବା ପାଇଁ ଲୋକଙ୍କ ମଧ୍ୟରେ ଆଗ୍ରହ ଦେଖିବାକୁ ମିଳିଥିଲା। ଅନ୍ୟପଟେ ସରକାରୀ କଟକଣା ପାଇଁ ବାଣ ବଜାର ଫିକାପଡ଼ିଛି। କିଛି ଲୋକ ବାଣ ବଦଳରେ ଆକାଶଦୀପ ପ୍ରତି ମନ ବଳାଉଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଦୀପାବଳିରେ ଆକାଶ ଦୀପର ଚାହିଦା ଅଧିକ ରହିଛି।

**କଟକଣା ଓ ମେଘ ପାଇଁ କ୍ଷତି ଆଶଙ୍କା**

ଏଥିସହିତ ବଜାରରେ ଉପଲବ୍ଧ ରଙ୍ଗବେରଙ୍ଗର ଡିଜାଇନ୍ ଦୀପ କିଣିଛନ୍ତି। ସ୍ଥାନୀୟ ମାଟି ଦୀପ ସହ କୋଲକାତାରୁ ଆସିଥିବା ଦୀପ ମଧ୍ୟ ବିକ୍ରି କରୁଛନ୍ତି। ୧୦ଟଙ୍କାରୁ ଆରମ୍ଭ କରି ୩୦୦/୫୦୦ଟଙ୍କା ପର୍ଯ୍ୟନ୍ତ ଦୀପ ରହିଛି। ପାରମ୍ପରିକ ଦୀପ ଓ ତେଲ ଚାହିଦାକୁ ଚାଇନା ଲାଇଟ୍ ଓ ବୈଦ୍ୟୁତିକ ଦୀପ ମାଡି ବସିଛି। ତେବେ ବି ଲୋକେ ନିଜ ପାରମ୍ପରିକ ଦୀପ ଓ ତେଲକୁ ଛାଡ଼ି ନାହାଁନ୍ତି। ଘର ସଜେଇବା ପାଇଁ ଡିଜାଇନ ରଙ୍ଗବେରଙ୍ଗ ମହମବତି, ଲିଚୁ ଲାଇଟ, କ୍ୟାଣ୍ଡେଲ ଲାଇଟ ସମେତ ଅନ୍ୟାନ୍ୟ ଡିଜାଇନର ଲାଇଟ ବିକ୍ରି ହେଉଛି। ସ୍ଥାନୀୟ ଛଉପଡ଼ିଆରେ ବାଣ ବଜାର ହୋଇଥିବା ବେଳେ ବ୍ୟବସାୟ ଟିକେ ମାନ୍ଦା ରହିଛି। ବାଣ ବ୍ୟବସାୟୀ ମାନେ ଭଲ ବ୍ୟବସାୟ ହେବାର ଆଶା ରଖି ଜିଲ୍ଲା ପ୍ରଶାସନ ଠାରୁ ସ୍ୱୀକୃତି ନେଇ ଦୋକାନ ଖୋଲିଛନ୍ତି। ଚଳିତ ଥର କେବଳ ସବୁଜ ବାଣକୁ ଅନୁମତି ଦିଆଯାଇଛି। ଏଣୁ ବ୍ୟବସାୟୀ ମାନେ ସ୍ଥାନୀୟ ଅଞ୍ଚଳର ହାତ ତିଆରି ବାଣସାମଗ୍ରୀ ବିକ୍ରି କରିପାରୁନାହାନ୍ତି। ରବିବାର ମେଘୁଆ ପାଗ ପାଇଁ ବିକ୍ରି ମାନ୍ଦା ପଡ଼ିଛି। ଦୋକାନ ସୁରକ୍ଷା ନିମନ୍ତେ ଅଗ୍ନିଶମ ବାହିନୀର ଟିମ ଅଗ୍ନି ନିର୍ବାପକ ସରଞ୍ଜାମ ସହିତ ନିୟୋଜିତ ରହିଛନ୍ତି। ଏହାର ଅନୁଧ୍ୟାନ ନିମନ୍ତେ ନିୟୋଜିତ ଜିଲ୍ଲା ପ୍ରଶାସନର ଅଧିକାରୀ ମାନେ ମଧ୍ୟ ଯାଞ୍ଚ କରୁଛନ୍ତି। ପ୍ରଶାସନର ସବୁଜ ବାଣ ନିଷ୍ପତ୍ତିକୁ ପରିବେଶବିତଙ୍କ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପର୍ଯ୍ୟନ୍ତ ସମସ୍ତେ ସ୍ୱାଗତ କରିଥିବା ବେଳେ ହୋଲସେଲ୍‌ଫ ବାଣ ବ୍ୟବସାୟୀଙ୍କ ମୁଣ୍ଡ ଉପରେ ଚଡ଼କ ପଡ଼ିଛି। ଗତବର୍ଷ ଦେଢକୋଟି ଟଙ୍କାରୁ ଅଧିକ ବ୍ୟବସାୟ ହୋଇଥିବା ବେଳେ ଚଳିତବର୍ଷ କୋଟିଏରୁ ଅଧିକ ଟଙ୍କାର ବ୍ୟବସାୟରେ ଘାଟା ହେବା ଅନୁମାନ କରାଯାଉଛି। ସରକାରୀ ତଥ୍ୟ ମୁତାବକ ଜିଲ୍ଲାରେ ବାରିପଦା ସହରରେ ପ୍ରାୟ ୮ରୁ ଅଧିକ ଜଣ ଲାଇସେନ୍ସ ପ୍ରାପ୍ତ ହୋଲସେଲ ବ୍ୟବସାୟୀ ରହି ରହିଛନ୍ତି। ଏମାନଙ୍କ ଠାରୁ ବାଣ କିଣି ୧୫୬ଟି ଜଣ ଖୁଚୁରା ବ୍ୟବସାୟୀ ଦୀପାବଳୀରେ ବାଣ ବ୍ୟବସାୟ କରିଥାନ୍ତି। ଛଉପଡ଼ିଆରେ ୨୧ ଓ ମଧୁବନରେ ୧୭ଜଣଙ୍କୁ ଲାଇସେନ୍ସ ଦିଆଯାଇଛି। ଦୀପାବଳୀର ପ୍ରାୟ ତିନି ମାସ ପୂର୍ବରୁ ଏହି ହୋଲସେଲ ବ୍ୟବସାୟୀମାନେ ବିଭିନ୍ନ ବାଣ ତିଆରି କାରଖାନାରୁ ବାଣ ଆଣି ନିଜ ନିଜ ଗୋଦାମରେ ରଖିଥା'ନ୍ତି। ପ୍ରତି ବର୍ଷ ଭଳି ଏବର୍ଷ ମଧ୍ୟ ତାମିଲନାଡୁର ଶିବକାଶୀରୁ ହୋଲସେଲ ବ୍ୟବସାୟୀମାନେ ଲକ୍ଷ ଲକ୍ଷ ଟଙ୍କାର ବାଣ କିଣି ସାରିଛନ୍ତି। ପ୍ରଥମେ ଗ୍ରୀନ ବାଣ ଏବେ ବର୍ଷା ଆଶଙ୍କା ସେମାନଙ୍କ ହୋସ ଉଡ଼ାଇ ଦେଇଛି। ପ୍ରତିବର୍ଷ ଦୀପାବଳୀ ପାଇଁ ଜଣେ ଜଣେ ହୋଲସେଲ ବ୍ୟବସାୟୀ ପ୍ରାୟ ୫୦ରୁ ୭୦ଲକ୍ଷ ଟଙ୍କା ମୂଲ୍ୟର ବାଣ ଆଗୁଆ କିଣି ଗଚ୍ଛିତ ରଖିଥିବା ବେଳେ ସରକାରଙ୍କ ଏହି ଆଶଙ୍କା ବ୍ୟବସାୟୀଙ୍କୁ ହତୋତ୍ସାହିତ କରିଛି। ଏନେଇ ଏଡିଏମ ନେତ୍ରାନନ୍ଦ ମଲ୍ଲିକ କହିଛନ୍ତି ଯେ ଜିଲ୍ଲାରେ ବାରିପଦା ସହରରେ ପ୍ରାୟ ୮ରୁ ଅଧିକ ଜଣ ଲାଇସେନ୍ସ ପ୍ରାପ୍ତ ହୋଲସେଲ ବ୍ୟବସାୟୀ ରହି ରହିଛନ୍ତି। ଏମାନଙ୍କ ଠାରୁ ବାଣ କିଣି ୧୫୬ଟି ଜଣ ଖୁଚୁରା ବ୍ୟବସାୟୀ ଦୀପାବଳୀରେ ବାଣ ବ୍ୟବସାୟ କରିଥାନ୍ତି। ଛଉପଡ଼ିଆରେ ୨୧ ଓ ମଧୁବନରେ ୧୭ଜଣଙ୍କୁ ଲାଇସେନ୍ସ ଦିଆଯାଇଛି। ସୁରକ୍ଷିତ ଭାବେ ବ୍ୟବସାୟ କିପରି କରିବେ ସେନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି।

## ଦୀପାବଳି ପାଇଁ ପିଆର୍‌ଏମ୍ ହସ୍ପିଟାଲରେ ସ୍ୱତନ୍ତ୍ର ବର୍ଣ୍ଣ ୱାର୍ଡ

**ବାରିପଦା, ୧୯।୧୦(ସମିସ):** ଦୀପାବଳିରେ ସନ୍ଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ସରକାରଙ୍କ ପକ୍ଷରୁ ଅନୁମତି ଦିଆଯାଇଛି। ତେବେ ଉକ୍ତ ସମୟରେ ଅଘଟଣର ତୁରନ୍ତ ଚିକିତ୍ସା ଯୋଗାଇବାକୁ ବାରିପଦା ସ୍ଥିତ ପିଆରଏମ ହସ୍ପିଟାଲରେ ସ୍ୱତନ୍ତ୍ର ବର୍ଣ୍ଣ ୱାର୍ଡ ଖୋଲାଯାଇଛି। କାଜୁଆଲିଟିରେ ବର୍ଣ୍ଣ ୱାର୍ଡ ଖୋଲା ଯାଇ ୨୪ଘଣ୍ଟିଆ ସେବା ନିମନ୍ତେ ସ୍ୱତନ୍ତ୍ର ଡାକ୍ତର ନିଯୁକ୍ତ କରାଯାଇଛି। ଆଶୁ ଚିକିତ୍ସା ପାଇଁ ଟେଷ୍ଟିଂ ଓ ଡ୍ରେସିଂ ୟୁନିଟକୁ ପ୍ରସ୍ତୁତ ରଖିବା ସହ ସର୍ଜରୀ ବିଭାଗରେ ସ୍ୱତନ୍ତ୍ର ବେଡ୍ ମଧ୍ୟ ରଖାଯାଇଛି। ଏଥିସହିତ ବାଣ ଫୁଟିବା ବେଳେ ଚକ୍ଷୁ, କର୍ଣ୍ଣରେ ପ୍ରଭାବ ପଡ଼ିବା ସମେତ ଶ୍ୱାସକ୍ରିୟାରେ ମଧ୍ୟ ସମସ୍ୟା ହୋଇଥାଏ। ତେଣୁ ଚକ୍ଷୁ, କର୍ଣ୍ଣ ଓ ନାଶା ବିଭାଗରେ ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି କର୍ତ୍ତୃପକ୍ଷ କହିଛନ୍ତି। ତେବେ ଅଧିକ ଶବ୍ଦ ଓ ପରିବେଶ ପ୍ରଦୂଷିତ କରୁଥିବା ବାଣ ନଫୁଟାଇବାକୁ ମଧ୍ୟ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିବେଦନ କରାଯାଇଛି। ଏଥି ସହିତ ଦୀପାବଳି ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ଓ ଅଗ୍ନିଶମ ବିଭାଗ ପକ୍ଷରୁ ମଧ୍ୟ ସ୍ୱତନ୍ତ୍ର ଦୃଷ୍ଟି ପ୍ରଦାନ କରି ଅଘଟଣ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିଥିବାର ଜଣାପଡ଼ିଛି।

## ହସ୍ପିଟାଲ ପରିସରରୁ ଉଦ୍ଧାର ଗଳିତ ମୃତଦେହର ମିଳିଲା ପରିଚୟ

**ବାରିପଦା, ୧୯।୧୦(ସମିସ):** ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲ ପରିସରରୁ ଗତ ଶୁକ୍ରବାର ଉଦ୍ଧାର ହୋଇଥିବା ଅଚିହ୍ନା ଗଳିତ ମୃତଦେହର ପରିଚୟ ମିଳିଛି। ମୃତକ ଜଣକ ହେଉଛନ୍ତି ବାରିପଦା ଟାଉନ ଥାନା ଅନ୍ତର୍ଗତ ୱାର୍ଡ଼ ନଂ ୨୭ ତକତପୁର ଅଞ୍ଚଳର ନରସିଂ ହାଁସଦା(୩୪)। ତାଙ୍କର ଶରୀର ଅସୁସ୍ଥ ଥିବାରୁ ସେ ଗତ ଅକ୍ଟୋବର ୫ତାରିଖରେ ପିଆରଏମ ହସ୍ପିଟାଲକୁ ନିଜର ଚିକିତ୍ସା ପାଇଁ ଆସିଥିଲେ। କିନ୍ତୁ ତା'ପରଠୁ ଘରକୁ ଆଉ ଫେରିନଥିଲେ। ପରିବାର ଲୋକେ ଅନେକ ସ୍ଥାନରେ ଖୋଜା ଖୋଜି କରିବା ପରେ ମଧ୍ୟ କୋଣସି ଖୋଜ ଖବର ପାଉନଥିଲେ। ଯାହାକୁ ନେଇ ବାରିପଦା ଟାଉନ ଥାନାରେ ତାଙ୍କ ସ୍ତ୍ରୀ ଲକ୍ଷ୍ମୀ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ମୃତଦେହ ଉଦ୍ଧାର ହୋଇଥିବା ବେଳେ ପୁଲିସ ତଦନ୍ତ କରି ପରିଚୟ ମିଳିଥିଲା। ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଥିଲେ ହେଁ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

## ହାତୀ ପାଇଁ ଅଞ୍ଚଳବାସୀ ଭୟଭୀତ



**ମୋରଡ଼ା/ରାସଗୋବିନ୍ଦପୁର, ୧୯।୧୦ (ସମିସ):** ମୋରଡ଼ା ବ୍ଲକରେ ବର୍ଷତମାମ ହାତୀ ଉପଦ୍ରବ ଲାଗି ରହିଥିବା ବେଳେ ଏଥିରେ ପୂର୍ଣ୍ଣଚ୍ଛେଦ ପଡୁନାହିଁ। ରାସଗୋବିନ୍ଦପୁର ରେଞ୍ଜ ଅଧୀନ ମୋରଡା ବ୍ଲକର ମାଳିହତା ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଏକ ଗୋଠଛଡ଼ା ଦନ୍ତାହାତୀ ପ୍ରବେଶ କରିଥିବାର ଦେଖିବାକୁ ମିଳିଛି। ସୂଚନାଯୋଗ୍ୟ ଯେ ବେତନଟୀ ରେଞ୍ଜର ବୈଶିଙ୍ଗା ଜଙ୍ଗଲରୁ ୧୯ଟିକିଆ ଝାଡ଼ଖଣ୍ଡି ହାତୀପଲ ଫୁଲଝରି ଜଙ୍ଗଲକୁ ଆସୁଥିଲେ। ରାତି ସମୟରେ ଗୋଟାଏ ହାତୀ ଗୋଠରୁ ବାହାରି ବାଟବଣା ହୋଇଯାଇଥିଲା। ସକାଳ ୭ଟା ସମୟରେ ଉକ୍ତ ହାତୀ ଗାଁ ଭିତରକୁ ପ୍ରବେଶ କରିବା ପରେ ଲୋକମାନେ ହାତୀକୁ ଘେରି ଯାଇଥିଲେ। ଫଳରେ ହାତୀ ସଠିକ ରାସ୍ତା ନ ପାଇ ମୋରଡା-ବାରିପଦା ମୁଖ୍ୟ ରାସ୍ତା ଉପରେ ଯାଉଥିବାର ଦେଖିବାକୁ ମିଳିଥିଲା। ଯାହାଫଳରେ ହାତୀଟିକୁ ଦେଖିବାକୁ ନାହିଁ ନ ଥିବା ଭିଡ଼ ଲାଗିଥିଲା। ତେବେ ରାସଗୋବିନ୍ଦପୁର ବନବିଭାଗ ବହୁ କଷ୍ଟରେ ହାତୀକୁ ଘଉଡାଇ ଫୁଲଝରୀ ଜଙ୍ଗଲକୁ ପ୍ରବେଶ କରାଇଥିଲେ। ହାତୀପଲ ବ୍ୟାପକ ଧାନ ଫସଲ ନଷ୍ଟ କରିଥିବାର ଦେଖିବାକୁ ମିଳିଛି। ତେବେ ଯଥାଶୀଘ୍ର କ୍ଷୟକ୍ଷତି ଆକଳନ କରି ଲୋକଙ୍କୁ କ୍ଷତିପୂରଣ ଦେବାକୁ କଂଗ୍ରେସ ନେତା ତାପସ ରଞ୍ଜନ ରାଉତ, ଶୁଭ ମହାନ୍ତ, ରାଜେଶ ପଡ଼ିହାରି ଦାବି କରିଛନ୍ତି।

## ଜୋନାଲସ୍ତରୀୟ କଳା ଉତ୍ସବ
## ଝରାଡ଼ିହି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଦ୍ୱିତୀୟ

**ରାଇରଙ୍ଗପୁର/ବହଳଦା, ୧୯।୧୦(ସମିସ):** ପିମ୍‌ଶ୍ରୀ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଝରାଡ଼ିହି ଜିଲ୍ଲାସ୍ତରୀୟ କଳା ଉତ୍ସବରେ ନୃତ୍ୟ ବିଭାଗରେ ମୟୂରଭଞ୍ଜ ଜିଲ୍ଲାରେ ପ୍ରଥମ ସ୍ଥାନ ଅଳଙ୍କୃତ କରି ଜୋନାଲସ୍ତରକୁ ଉତୀର୍ଣ୍ଣ ହୋଇଥିଲା ଏବଂ ପରବର୍ତ୍ତୀ ସମୟରେ ବାଲେଶ୍ୱର ଜିଲ୍ଲା ସ୍କୁଲଠାରେ ଆୟୋଜିତ ଜୋନାଲସ୍ତରୀୟ ମୟୂରଭଞ୍ଜ ଜିଲ୍ଲା ଦଳ ଗତ ନୃତ୍ୟ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଳଙ୍କୃତ କରି ପୁରସ୍କୃତ ହୋଇଛି। ଜିଲ୍ଲାସ୍ତରରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ସେଠୀ, ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଯୋଜକ ଚିନ୍ମୟ ଦାସ ପଟ୍ଟନାୟକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମମତାମୟୀ ବିଶ୍ୱାଳ, ଆଇଇଡି କୋର୍ଡିନେଟର ନିରଞ୍ଜନ ନାୟକ, ବାଳିକା ସଂଯୋଜିକା ପ୍ରଫୁଲ୍ଲ କୁମାର ବାରିକ, ଟ୍ରାଇବାଲ କୋର୍ଡିନେଟର ସପନ କୁମାର ପୃଷ୍ଟିଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିରେ ବିଶିଷ୍ଟ ବିଚାରକ ଭାବେ ଅଜିତ କୁମାର ଜେନା ଓ



ପ୍ରଧାନଶିକ୍ଷୟିତ୍ରୀ ଆରତୀ ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ବିଦ୍ୟାଳୟର ଗାଇଡ଼ ଶିକ୍ଷୟିତ୍ରୀ ଭାବେ ଦେବକୀ ଗୋପାଲ, ମଧୁସ୍ମିତା ମହାନ୍ତ ଓ ପ୍ରଶାନ୍ତ କୁମାର ମହାନ୍ତଙ୍କ ନେତୃତ୍ୱରେ ଛାତ୍ରୀ ସୋନାମଣି ହାଁସଦା, ସଲମା ମାଝୀ, ମାଲ୍ଲହ ହେମ୍ବ୍ରମ, ଛିତା ମାଝୀ, ରାଣୀ ମାର୍ଣ୍ଡି ପ୍ରମୁଖ ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣି, ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଦୁଇଟି ଦୋକାନ ସଟର ଭାଙ୍ଗି ରୁପା ଓ ଟଙ୍କା ଚୋରି

**ବାରିପଦା, ୧୯।୧୦(ସମିସ):** ବାରିପଦା ସହରରେ କିଛି ଦିନର ବ୍ୟବଧାନ ପରେ ପୁଣି ଚୋରି ଘଟଣା ଘଟିଛି। ରାତିରେ ଦୁଇଟି ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏନେଇ ସୁନାମୁହିଁ ଅଞ୍ଚଳର ଦିଲ୍ଲୀପ କୁମାର ବେହେରା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କର ଷ୍ଟେସନ ବଜାରରେ ଦୁଇଟି ଦୋକାନ ରହିଛି। ସେ ପ୍ରତିଦିନ ଭଳି ରାତିରେ ଦୋକାନ ବନ୍ଦ କରିଥିଲେ। ରାତିରେ ଜନଶୂନ୍ୟ ଥିବା ବେଳେ ଏହାର ସୁଯୋଗ ନେଇ ଚୋରି କରିଛନ୍ତି। ଦୋକାନ ସଟର ତାଲା ଭାଙ୍ଗି ୬୦, ୦୦୦ ଟଙ୍କା ଓ ୩କିଲୋ ଗ୍ରାମର ରୁପା ଚୋରି କରିଛନ୍ତି। ଯାହାକି ତାଙ୍କୁ ଦୀପାବଳି ପାଇଁ ଉପହାରରେ ମିଳିଥିଲା। ସକାଳୁ ଦୋକାନ ଖୋଲିବା ବେଳକୁ ଚୋରି ନେଇ ଜାଣିବାକୁ ପାଇଥିଲେ। ଚୋରି ବାବଦରେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଜାରି ରଖିଛନ୍ତି।

## ବେଆଇନ ବାଣ ଜବତ

**ବାରିପଦା, ୧୯।୧୦(ସମିସ):** ଦୀପାବଳି ପୂର୍ବରୁ ବାରିପଦା ଟାଉନ ଥାନା ପୁଲିସ ବେଆଇନ ଭାବେ ବାଣ ବିକ୍ରି କରୁଥିବା ବେଳେ ବାଣ ଜବତ କରାଯାଇଛି। ଏହାସହିତ ଜଣକୁ ଗିରଫ କରାଯାଇଛି। ଗିରଫ ଜଣକ ହେଲେ ଷ୍ଟେସନ ବଜାର ଅଞ୍ଚଳର ସେକ ମନିରଉଦ୍ଦିନ (୪୨)। ପୁଲିସ ପାଟ୍ରୋଲିଂ ଜାରି ଥିବା ବେଳେ ବେଆଇନ ଭାବେ ବାଣ ବିକ୍ରି କରୁଥିବାର ସୂଚନା ମିଳିଥିଲା। ଯାହାକୁ ନେଇ ଷ୍ଟେସନ ବଜାର ସ୍ଥିତ ଦୋକାନରେ ପୁଲିସ ଚଢ଼ାଉ କରିଥିଲେ। କୋଣସି ଅନୁମତି ପତ୍ର ନଥାଇ ବିଭିନ୍ନ ବାଣ ବିକ୍ରି କରୁଥିବାର ଜଣାପଡ଼ିଥିଲା। ସରକାରୀ ନିୟମକୁ ଅବମାନନା କରି ବାଣ ବିକ୍ରି କରୁଥିବା ନେଇ ପୁଲିସ ପକ୍ଷରୁ ଦୋକାନର ବାଣ ଜବତ କରି ବାରିପଦା ଟାଉନ ଥାନାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି।

# ଗୋପୂଜାର ନିଆରା ପରମ୍ପରା 'ବାନ୍ଦଣାପର୍ବ'




ବାରିପଦା, ୧୯।୧୦(ମନୋଜ ପଣ୍ଡା)

ଚଳିତ ବର୍ଷ ଆଲୋକର ପର୍ବ ଦୀପାବଳି ସୋମବାର ୨୦ତାରିଖରେ ପାଳନହେବ। ତ୍ରୟୋଦଶୀକୁ ଧନତେରାସ୍ ଓ ଧନ୍ୱନ୍ତରୀ ଜୟନ୍ତୀ, ଚତୁର୍ଦ୍ଦଶୀରେ ନରକ ନାଶିନୀ ଚତୁର୍ଦ୍ଦଶୀ ପାଳିତ ହେଉଥିବା ବେଳେ ଦୀପାବଳି ପରଦିନ ପ୍ରତିପଦାରେ ଗୋବର୍ଦ୍ଧନ ପୂଜା ଓ ଦ୍ୱିତୀୟାରେ ଯମ ଦ୍ୱିତୀୟା ବା ଭୈୟାଦୁଜା ପାଳିତ ହୋଇଥାଏ। ୫ଦିନ ଭିନ୍ନଭିନ୍ନ ପରମ୍ପରାରେ ପର୍ବ ସବୁ ପାଳିତ ହୋଇଥାଏ। ତେବେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାରେ ମୁଣ୍ଡା, ଭୂମିଜ, ବାଥୁଡି, ଲୋଧା, ମାହାଲି, କାଳନ୍ଦୀ, ବଗାଲ, କୁମ୍ଭାର, କମାର, ଓରାଙ୍ଗ, ଗଣ୍ଡ ଓ କୁଡୁମୀ ସମ୍ପ୍ରଦାୟର ଲୋକଙ୍କର 'ବାନ୍ଦଣା ପର୍ବ' ଓ ସାନ୍ତାଳ ସମ୍ପ୍ରଦାୟର ଲୋକଙ୍କ 'ସହରାୟ ପର୍ବ' ପାଳନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସମଗ୍ର ଜିଲ୍ଲା ଉତ୍ସବ ମୁଖର ହୋଇଛି। ସମସ୍ତେ ମା'କାଳୀଙ୍କୁ ଧନଦେବୀ ଓ ବନଦେବୀର ପ୍ରତୀକ ଭାବେ ପୂଜା କରିଥାନ୍ତି। ପ୍ରକୃତି ବିଶ୍ୱାସୀ କୁଡୁମୀ ସମ୍ପ୍ରଦାୟର ଲୋକେ ଚାଷ କାର୍ଯ୍ୟକୁ ଜୀବନଧାରଣର ପନ୍ଥା ଭାବେ ବାଛି ନେଇ ଥିବାରୁ ନିଜର ଧନ ସମ୍ପତ୍ତିର ମୁଖ୍ୟ ସହାୟତା ପ୍ରଦାନ କରୁଥିବା ଗୋ-ସମ୍ପଦଙ୍କୁ ଏହି ଅବସରରେ ପୂଜା କରିବା ସେମାନଙ୍କର ନିଆରା ପରମ୍ପରା। କୁଡୁମୀମାନେ ବନ୍ଦଣା ପର୍ବକୁ ୩ଟି ପର୍ଯ୍ୟାୟରେ ପାଳନ କରିଥାନ୍ତି। ପ୍ରଥମ ଦିନ ପୂଜାକୁ ଗୋଠପୂଜା କୁହାଯାଇଥାଏ। ଦୀପାବଳି ଅପରାହ୍ଣରେ ଗୋଧୂଳି ସମୟରେ ଏହା ପାଳନ କରାଯାଇଥାଏ। ଗାଁ ମୁଣ୍ଡପଡ଼ିଆ ବା ଖୋଲା ସ୍ଥାନରେ ଗୋବର ଦ୍ୱାରା ଲିପାଯାଇ ଶିବ, ପାର୍ବତୀ ଓ ବାସୁଆ ଷଣ୍ଡ ଚିତ୍ର ଚାଉଳରେ ଅଙ୍କାଯାଇ ଷଣ୍ଡର କୂଜରେ ଦେଶୀ କୁକୁଡ଼ା ଅଣ୍ଡା ରଖାଯାଇଥାଏ।। ଗ୍ରାମର ନାୟା ବା ପୂଜକ ପାରମ୍ପାରିକ ପୂଜାନୀତି ସମ୍ପୂର୍ଣ୍ଣ କରିବା ପରେ ଗୋଠରୁ ଫେରୁଥିବା ଗୋପଲଙ୍କୁ ସେହି ପୂଜାସ୍ଥଳୀ ଦେଇ ଛଡ଼ାଯାଇଥାଏ। ଯେଉଁ ଗୋରୁ ଖୁରାରେ ବାଜି ଅଣ୍ଡାଟି ଭାଙ୍ଗିବ ସେହି ଗୋରୁର ମାଲିକ ନିଜକୁ ଭାଗ୍ୟବାନ ମଣିଥାନ୍ତି। ତାଙ୍କର ଆମନ୍ତ୍ରଣରେ ସେହି ସନ୍ଧ୍ୟାରେ ସମସ୍ତ ଗ୍ରାମବାସୀ ଆତିଥ୍ୟ ଗ୍ରହଣ ପୂର୍ବକ ଭୋଜିଭାତ ଖାଇ ତାଙ୍କ ଘରୁ ଧେଙ୍ଗୁଆନ ବା ସ୍ୱତନ୍ତ୍ର ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥାନ୍ତି। ମାଦଳର ତାଳେତାଳେ ନାଚଗୀତର ଆସରରେ ମଜିଥାନ୍ତି ଗ୍ରାମବାସୀ। ପୂଜକ ଗୋରୁ ମାଲିକଙ୍କ ଠାରୁ ନୂଆ ଲୁଗା ପାଇ ଅଣ୍ଡା ଭାଙ୍ଗିଥିବା ଗୋରୁ ଦେହରେ ନାଲିରଙ୍ଗ ଲଗାଇ ଦିଅନ୍ତି। କେତେକ ସ୍ଥାନରେ ପୂଜା ସମୟରେ ବଳିପ୍ରଥା ନଜିର ରହିଛି। ତହିଁ ପରଦିନ ଆରମ୍ଭ ହୋଇଯାଏ ଗରୟା ପୂଜା। ଏହି ଦିନ କୁଡୁମୀମାନେ ଧର୍ମ ତଥା ପ୍ରକୃତିକୁ ପୂଜା କରନ୍ତି। ସାନ୍ତାଳ ମାନେ ଡାଡ଼ିର ଓ ହେମାଲବୁରୁ, ଗ୍ରାମଦେବୀଙ୍କୁ ପୂଜା କରୁଥିବା ବେଳେ ଅନ୍ୟ ସମ୍ପ୍ରଦାୟର ଲୋକେ ସେମାନଙ୍କର ନିର୍ଦ୍ଦିଷ୍ଟ ଦେବାଦେବୀଙ୍କୁ ପୂଜା କରିଥାନ୍ତି। ଏହି ଦିନ ସମସ୍ତେ ପ୍ରକୃତି ମାଧ୍ୟମରେ ଶିବପାର୍ବତୀଙ୍କୁ ପୂଜା କରୁଥିଲେ ହେଁ ସମସ୍ତ ଦାଣ୍ଡରୁ ଗୁହାଳ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଲଟା ପାନିଆ କ୍ଷୀରରେ ଝୋଟି ପକାଯାଇଥାଏ। ଯାହାକୁ ପାଣ୍ଡିଆ ଝୋଟି କୁହାଯାଏ। ଏଥି ସହିତ ଘରର ବୋହୂମାନେ ସକାଳୁ ଗାଧୋଇ ଓଦା ଲୁଗାରେ ଚୂନା ତିଆରି କରି ଗୁଡ଼ ଓ ଘିଅରେ ସ୍ୱତନ୍ତ୍ର ଗରୟା ପିଠା ତିଆରି କରନ୍ତି। ଗୁହାଳରେ କଇଁଫୁଲର ସାଜସଜ୍ୟା କରି ଏହି ପିଠାକୁ ନିର୍ମିତ ଠାକୁର ଗାରୟା ତଥା ବଡ଼ପାହାଡ଼ଙ୍କ ଠାରେ ଭୋଗ ଲଗାନ୍ତି। ଏଥିସହିତ କୁକୁଡ଼ା ବଳି ବା ବାଗୁଦ ମୌଳିକ ସଂଖ୍ୟାନୁସାରେ ଦିଅନ୍ତି। ଗୋବର୍ଦ୍ଧନ ପୂଜା ଅନୁଯାୟୀ ସନ୍ଧ୍ୟାରେ ଗୋରୁଗାଇ ଶିଙ୍ଗରେ ତେଲଘିଅ ଲଗାଇ ନୂଆଧାନ ଗନ୍ଧର ମଉଡ଼ ବା ମୁକୁଟ ପିନ୍ଧାଇ ବନ୍ଦାପନା କରିଥାନ୍ତି। ପର୍ବର ଶେଷ ଦିନ ଅନୁଷ୍ଠିତ ହୋଇଥାଏ ଗୋରୁ ଖୁଣ୍ଟା ତଥା ଗୋରୁଚୁମା ପର୍ବ। ଭୂତ, ପ୍ରେତ, ଡାହାଣୀ ପ୍ରକୃତି ସୃଷ୍ଟିଶକ୍ତିଙ୍କ ପ୍ରଭାବରୁ ଗୋଜାତିକୁ ରକ୍ଷା ପାଇଁ ମେଥି, ଭାଲିଆ ଓ ସୋରିଷ ଆଦି ଏକ ମାଟିପାତ୍ର ବା ସରାରେ ରଖି ନୂତନ ଲୁଗା ପରିଧାନ ପୂର୍ବକ ଗୃହକର୍ତ୍ତୀ ଜାଳିଥାନ୍ତି। ସେଥିରୁ ନିର୍ଗତ ଧୂଆଁକୁ ଗୋରୁଗାଈଙ୍କ ଦେହରେ ସ୍ପର୍ଶ କରାଯାଏ। ଯାହାକୁ ନିମଛାନ୍ କୁହାଯାଏ ଏହାପରେ ବଳଦଙ୍କୁ ନେଇ ଆରମ୍ଭ ହୋଇଥାଏ ଗୋରୁ ଖୁଣ୍ଟା। ବିଭିନ୍ନ ଚିତାରେ ଅଙ୍କିତ ବଳଦଙ୍କୁ ଉତ୍ତମ ଭାବେ ଖାଇବାକୁ ଦିଆଯାଇ ଶକ୍ତ ଦଉଡ଼ି ବା ପଘାରେ ଗାଁ ରାସ୍ତାରେ ନିଜନିଜ ଘର ସମ୍ମୁଖରେ ପୋତା ଯାଇଥିବା ଖୁଣ୍ଟରେ ବନ୍ଧାଯାଏ। ବଣଜଙ୍ଗଲରେ ଚରି ବୁଲୁଥିବା ଗୋରୁଗାଈଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ସହିତ ସାହାସୀ କରିବା ଉଦ୍ଦେଶ୍ୟରେ ମାଦଳ, ନାଚ ଓ ଗୀତର ତାଳରେ ତାଲିମ ଦିଆଯାଏ। ସମ୍ପ୍ରତି କଳଲଙ୍ଗଳର ବ୍ୟବହାର, ଗୋସମ୍ପଦର କ୍ଷୟ ଓ ଆଧୁନିକ ଚଳଣିରେ ଏହି ପର୍ବ ଫିକା ପଡ଼ିବାକୁ ଲାଗିଥିବା ବେଳେ ମୟୂରଭଞ୍ଜର କୁଡୁମୀ ବହୁଳ ଗ୍ରାମରେ ଏହି ପରମ୍ପରା ଏବେ ବି ରହିଛି। ଅନ୍ୟପକ୍ଷରେ ଆଧୁନିକ ଚାଲିଚଳଣିରେ କୁଡୁମୀ ଯୁବଗୋଷ୍ଠୀ ନିଜର ପରମ୍ପରାର ଗୁରୁତ୍ୱ ପ୍ରତି ଅନାଗ୍ରହ ଏକ ଅଶୁଭ ସଙ୍କେତ ବୋଲି ଆଦିବାସୀ କୁଡମୀ ସମାଜର ରାଜ୍ୟ ଯୁବ ସଭାପତି ସ୍ନେହାଶୀଷ ମହାନ୍ତ ମତ ଦିଅନ୍ତି। ମୟୂରଭଞ୍ଜରେ ୨୦/୨୧ତାରିଖ ସୋମ ଓ ମଙ୍ଗଳବାର ଅପରାହ୍ଣରେ ଗୋଠପୂଜା, ୨୨ତାରିଖ ବୁଧବାର ଗୋବର୍ଦ୍ଧନ ପୂଜା, ୨୪ତାରିଖ ଶୁକ୍ରବାର ଗୋବନ୍ଧାଣ ସହିତ ଗୋରୁଖୁଣ୍ଟା ପର୍ବ ପାଳିତ ହେବ।

**୫ଦିନିଆ ପର୍ବ ପାଳନ ପାଇଁ ମୟୂରଭଞ୍ଜ ଉତ୍ସବମୁଖର**





# ବନ କର୍ମଚାରୀ ନାଁରେ ରାଜପଥରୁ ଚାନ୍ଦା ଆଦାୟ

ରାଜଘାଟ, ୧୯।୧୦ (ସମିସ)

ଶାଳକ ଥିଲେ ରେଞ୍ଜର, ଭିଣୋଇ ନିଜକୁ ବନବିଭାଗ କର୍ମଚାରୀ କହି ରାଜପଥରୁ କରୁଛନ୍ତି ବେଆଇନ ଚାନ୍ଦା ଆଦାୟ। ରାଜପଥରେ ଯାତାୟାତ କରୁଥିବା ସମସ୍ତ ଯାନ ବାହାନର ଚାଳକଙ୍କୁ ବନ ବିଭାଗର ଭୟ ଦେଖାଇ କରୁଛନ୍ତି ଚାନ୍ଦା ଆଦାୟ। ଏ ବାବୁ ଜଣକ ହେଉଛନ୍ତି ଭିଣୋଇ ଟୁନା ବାବୁ, ତାଙ୍କର କାମ ହେଉଛି ଶାଳକ ରେଞ୍ଜରଙ୍କ ନାମରେ ଚାନ୍ଦା ଆଦୟ କରିବା। ସୂଚନା ଅନୁଯାୟୀ ୬୦ ନଂ ଜାତୀୟ ରାଜପଥ ବସ୍ତା ଥାନା ଅନ୍ତର୍ଗତ ରାଜଘାଟ ସୁବର୍ଣ୍ଣରେଖା ବ୍ରିଜ ନିକଟରେ ସ୍ଥାୟୀ କ୍ୟାମ୍ପ କରି ବସ୍ତାର ଅଶୋକ ମହାନ୍ତି ଓରଫ ଟୁନା ବାବୁ ବନ ବିଭାଗର କୌଣସି କର୍ମଚାରୀ ନ ହୋଇ ମଧ୍ୟ ନିଜକୁ ବନ ବିଭାଗ କର୍ମଚାରୀ କହି ରାସ୍ତାରେ ଯାତାୟାତ କରୁଥିବା ସମସ୍ତ ମାଲ ବୋଝେଇ ଗାଡିରୁ ଅର୍ଥ ଆଦାୟ କରୁଛନ୍ତି। ଏହି ଟୁନା ବାବୁଙ୍କ ଶାଳକ ବହୁ ବର୍ଷ ତଳେ ଜଳେଶ୍ୱର ବନବିଭାଗ କାର୍ଯ୍ୟାଳୟରେ ଅଧିକାରୀ ଭାବରେ କାର୍ଯ୍ୟ କରୁଥିଲେ, ତାଙ୍କରି ବଳରେ ବଳିଆନ ହୋଇ ଏହି ଠାରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ କରି ବେଆଇନ ଭାବରେ ବନ୍ୟଜାତ ଦ୍ରବ୍ୟ ପରି ବହନ କରୁଥିବା ଯାନ ବାହାନରୁ ଜରିମାନା ଆଦାୟ କରୁଥିଲେ,



ତେବେ ସେ ରେଞ୍ଜର ଜଣକ ଜଳେଶ୍ୱରରୁ ବଦଳି ହୋଇ ଚାଲି ଯାଇଥିଲେ ମଧ୍ୟ ଟୁନା ବାବୁ ୨୦୧୭ ମସିହାରୁ ଏହି ଠାରେ ଆସ୍ଥାନ ଜମାଇ ବସିଛନ୍ତି। ବନ୍ୟଜାତ ଦ୍ରବ୍ୟ ପରିବହନ କରୁଥିବା ସମସ୍ତ ଗାଡିରୁ ଜରିମାନା ଆଦାୟ ବାହାନରେ ଜୋରଜବରଦସ୍ତ ୫୦ ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ବେଆଇନ ଜରିମାନା ଆଦାୟ ନେଉଛନ୍ତି। ବନ ବିଭାଗ ଅଧିକାରୀମାନେ ଜାଣିଶୁଣି ତାଙ୍କୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହୋଇଛି। ଆଉ ଏହି ବେଆଇନ ଜରିମାନା ଅର୍ଥରେ କୁଆଡେ ବନ ବିଭାଗର କର୍ମଚାରୀଙ୍କ ଭାଗ ରହିଥିବା ଅଭିଯୋଗ ଆସିଛି। ବେଆଇନ ଜରିମାନା ନେଉଥିବା ବେଳେ ଆମେ ପଚାରିବାରୁ ମାଡାମ କହିଛନ୍ତି କହି ଆମ ଉପରେ ଫଁ ଫଁ ହୋଇ ଚାଲି ଯାଇଥିଲେ ଟୁନା ବାବୁ।

ଏ ବାବଦରେ ଜିଲ୍ଲା ବନ ଅଧିକାରୀ ଜୟଶ୍ରୀ ମୁର୍ମୁଙ୍କ ଫୋନ ଯୋଗେ ପଚାରିବାରୁ ଏଠାରେ ଆମର କୌଣସି ଅଫିସ ନାହିଁ କିମ୍ବା ଅଶୋକ ମହାନ୍ତି ଓରଫ ଟୁନା ବାବୁ ନାମରେ ତାଙ୍କ ବିଭାଗରେ କେହି କର୍ମଚାରୀ ନଥିବା କହିଥିଲେ। ତେବେ ଟୁନା ବାବୁ କେଉଁ ସାହାସରେ ଆଉ କାହା ଇସାରାରେ ଗାଡିରୁ ଚାନ୍ଦା ଆଦୟ କରୁଛନ୍ତି, ବନ ବିଭାଗ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଜମିବ ଗଣ୍ଡିବେଡ ସାର୍ବଜନୀନ କାଳୀପୂଜା

ଖଇରା, ୧୯ ।୧୦ (ସମିସ): ଖଇରା ବ୍ଲକ ଅଧୀନ ଗଣ୍ଡିବେଡ ଠାରେ ବଣିକ ସଂଘ ଆନୁକୂଲ୍ୟରେ ପାଳିତ ହୋଇ ଆସୁଥିବା ସାର୍ବଜନୀନ କାଳୀପୂଜା ଚଳିତ ବର୍ଷ ଅଷ୍ଟମବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାକୁ ୬ଦିନ ଧରି ଜାକଜମକରେ ପାଳନ କରିବାକୁ ବଣିକସଂଘ ଦିନରାତି ଉଦ୍ୟମ ଚଳାଇଛି। ବଣିକ ସଂଘର ସଭାପତି ଇଂ ରାଜେଶ ମହାକୁଡ, ସମ୍ପାଦକ ଅଭିମନ୍ୟୁ ରାଉଳ, ଉପସଭାପତି ପୁରସ୍ତମ ମହାନ୍ତି, ସହସମ୍ପାଦକ ପଙ୍କଜ ବାରିକ, ଆବାହକ କୃଷ୍ଣଚନ୍ଦ୍ର ସାହୁ ଓ ପଦ୍ମଲୋଚନ ଜେନାଙ୍କ ସମେତ ସମସ୍ତ ସଭ୍ୟଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇ ୬ଦିନର କାର୍ଯ୍ୟକ୍ରମର ଚୁଡାନ୍ତ ରୁପରେଖ ପ୍ରସ୍ତୁତ କରାଯାଇଛି। ୨୦ତାରିଖ ଦିନ ଘଟୋତ୍ତଳ ସାଙ୍ଗକୁ ମାଙ୍କୁ ଆବହନ, ୨୨ତାରିଖ ଭଜନ ସଂଧ୍ୟା, ୨୩ତାରିଖ ଷ୍ଟାର ନାଇଟ, ୨୪ତାରିଖ ମ୍ୟାଜିକ ସୋ ସାଙ୍ଗକୁ ରେକର୍ଡ ଡ୍ୟାନ୍ସ, ୨୫ତାରିଖ ରେ ସମସ୍ତଙ୍କ ପାଇଁ ପ୍ରସାଦ ବ୍ୟବସ୍ଥା ଏବଂ ୨୬ତାରିଖରେ ମା'ଙ୍କୁ ମେଲାଣି ଦିଆଯିବ। ତାସହିତ ବିଭିନ୍ନ ଦିବସରେ ସ୍ଥାନୀୟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯିବାର ବ୍ୟବସ୍ଥା କରାଯାଇଛି।

## ସୋର ଓ ବାଲେଶ୍ୱର ମାରାଥନର ମିଳିତ ପ୍ରମୋ ରନ୍

ସୋର, ୧୯।୧୦(ସମିସ): ସୋର ମାରାଥନ ଆୟୋଜନରେ ଆଜି ସକାଳ ୬.୩୦ଟାରେ ସୋର ଷ୍ଟେସନ୍ ରୋଡରେ ସୋର ମାରାଥନ ଓ ବାଲେଶ୍ୱର ମାରାଥନ୍ ମିଳିତ ଭାବେ ଏକ ପ୍ରମୋ ରନ ଆୟୋଜନ କରିଥିଲେ। ଏଥିରେ ୧୦୦ଜଣ ଯୋଗ ଦେଇଥିଲେ। ବାଲେଶ୍ୱର ମାରାଥନ୍‌ର ୧୦ଜଣିଆ ଦଳ ସହ ସୋର ମାରାଥନର ସଦସ୍ୟ, ପାସ ଏକାଡେମୀ, ମୀନାରାଣୀ ଆଇ ଟି ଆଇ, ସୋର ତାଇକାଣ୍ଡୋ ଆସୋସିଏସନ୍‌ର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଆସନ୍ତା ୨୩ ନଭେମ୍ବରରେ ବାଲେଶ୍ୱର ମାରାଥନ, ଆସନ୍ତା ୩୦ ନଭେମ୍ବରରେ ସୋର ମାରାଥନ୍ ଅୟୋଜନ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଗୁଡ଼ିଖାଲରେ ଶିବ ମୁନିଙ୍କ ଜୟନ୍ତୀ

ରାଜଘାଟ, ୧୯।୧୦ (ସମିସ): ବସ୍ତା ବ୍ଲକ ଗୁଡିଖାଲ ମୁନି ସମାଜ ଆନୁକୂଲ୍ୟରେ ମୁନି ସମାଜର ସଂସ୍ଥାପକ ସଦ୍ ଗୁରୁଦେବ ଶିବମୁନିଙ୍କ ୧୪୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ମୁନିରାଜ ଗୁଡିଖାଲ ଶାଖାର ସହ ସମ୍ପାଦକ ବଳରାମ ମୁନିଙ୍କ ସଭାପତିତ୍ୱ ଆୟୋଜିତ ଏହି ୨ ଦିନିଆ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରାନ୍ତ ମୁନିସମାଜର ସମାଜର ସଭାପତି ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ସୁଧାଂଶୁ ମୁନି, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଅନ୍ନପୂର୍ଣ୍ଣା ସେନାପତି, ଯୋଗୀ ପରମାନନ୍ଦ ବାରିକ, ଗୁଡିଖାଲ ଜୋନ୍ ସଙ୍ଗଠକ ଚିତ୍ତରଞ୍ଜନ ମୁନି, ଗଦାଧର ମୁନି, ଯୋଗ ଶିକ୍ଷୟିତ୍ରୀ ବନ୍ଦିନୀ ଜେନା ପ୍ରମୁଖ ଯୋଗଦେଇ 'ଆଗଜ୍ଞାନ ଚଉତିଷା' ପୁସ୍ତକ ଉନ୍ମୋଚନ କରିବା ସହ ଶିବ ମୁନିଙ୍କ ସତ୍ୟ ସିଦ୍ଧାନ୍ତ ଉପରେ ସାରଗର୍ଭକ ପ୍ରବଚନ ପ୍ରଦାନ କରିଥିଲେ। ଯୋଗୀ କୃପାସିନ୍ଧୁ ମୁନି ସତ୍ୟ ପତାକା ଉତ୍ତୋଳନ କରିଥିବାବେଳେ ଗୁଡିଖାଲ ମୁନି ସମାଜର ସମ୍ପାଦକ ଗୋପାଳକୃଷ୍ଣ ମୁନି ଅତିଥି ପରିଚୟ ଓ ସଙ୍ଗଠନ ପ୍ରଚାର ମୁନି ଅରୁଣ ମୁନି ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ସାଧନ ସଂଯୋଜକଙ୍କୁ ସେବା ନିବୃତ୍ତ ସମ୍ବର୍ଦ୍ଧନା

ଖଇରା, ୧୯ ।୧୦ (ସମିସ): ଖଇରା ବ୍ଲକ ଅଧୀନ ହରିପୁର କ୍ଲଷ୍ଟରର ଆଞ୍ଚଳିକ ସାଧନ ସଂଯୋଜକ ବିଶ୍ୱନାଥ ଧିଦାଙ୍କୁ ଶାନ୍ତଲତା ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ସେବା ନିବୃତ୍ତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପ୍ରଧାନଶିକ୍ଷୟିତ୍ରୀ ବାସନ୍ତୀ ନାୟକ ସଭାରେ ଅଧ୍ୟକ୍ଷତା କରିଥିଲେ। ବିଆରସିସି ମାଣିକ ମିଶ୍ର ମୁଖ୍ୟ ଅତିଥି, ନବ ନିଯୁକ୍ତ ସିଆରସିସି ସରୋଜ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସହକାରୀ ଶିକ୍ଷକ ରଞ୍ଜନ କୁମାର ମହଲା ଅତିଥି ପରିଚୟ, ଦେବସ୍ମିତା ପାତ୍ର ବେଦପାଠ ଓ ବୁଦ୍ଧଦେବ ନାଇକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆରତିରାଣୀ ମହାନ୍ତିଙ୍କ ଶ୍ରଦ୍ଧାଞ୍ଜଳି ସଭା

ଭୋଗରାଇ, ୧୯।୧୦(ସମିସ): ଭୋଗରାଇ ବ୍ଲକ ଦେହୁର୍ଦ୍ଧା ପଞ୍ଚାୟତର ବନାବସାଣ ଗ୍ରାମରେ ସ୍ୱର୍ଗତ ଶ୍ରୀହରି ମହାନ୍ତିଙ୍କ ଧର୍ମପତ୍ନୀ ଆରତିରାଣୀ ମହାନ୍ତିଙ୍କ ଚତୁର୍ଥ ଶ୍ରଦ୍ଧାବାର୍ଷିକୀ ଉପଲକ୍ଷେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଶ୍ରଦ୍ଧାଞ୍ଜଳି ସଭାରେ ଝିଅ ସବିତା ମହାନ୍ତି, ଜ୍ୱାଇଁ ପ୍ରଶାନ୍ତ ମହାନ୍ତି, ଆଶିଷ ପାତ୍ର, ଆଶିଷ ମହାନ୍ତି, ସୁନିଲ କର, ବିଦ୍ୟୁତ୍‌ଭୂଷଣ ଦାସ, କ୍ୟାପଟେନ ଅଶୋକ ଦାସ, ମଣିକିଙ୍କର ପଟ୍ଟନାୟକ, ଅମଳେନ୍ଦୁ ଦାସ, ନଟୋରଞ୍ଜନ ଘଡାଇ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଦିଲ୍ଲୀପ ପାତ୍ର, ଦିବ୍ୟ ସୁନ୍ଦର ଦାସ, ଅନିରୁଦ୍ଧ ପାତ୍ର, ଚନ୍ଦନ ପ୍ରଧାନ, ଅଜିତ ଚାନ୍ଦ, ବ୍ରଜକିଶୋର ମହାନ୍ତି, କୁନ୍ତଳ ଭଞ୍ଜ, ଅଶୋକ ଦତ୍ତ, ଶଶିକାନ୍ତ ହାତୀ, ରଞ୍ଜନ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପୁଅ ଅଂଶୁମାନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଦୋକାନୀଙ୍କ ବିୟୋଗରେ ବଜାର କମିଟିର ଶୋକସଭା

ରୂପସା, ୧୯।୧୦ (ସମିସ) : ସଦର ବ୍ଲକ ଅଧିନସ୍ଥ ଶ୍ରୀରାମପୁର ପଞ୍ଚାୟତ ହଳଦୀପାଳ ବଜାରରେ ଜଣେ ଦୋକାନୀଙ୍କ ବିୟୋଗରେ ଆଜି ବଜାର କମିଟି ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମୃତକ ଜଣକ ହେଲେ ସ୍ଥାନୀୟ ପୁରାଣ ଗ୍ରାମର ମାନ ଗୋବିନ୍ଦ ପାତ୍ର। ୩୫ ବର୍ଷ ଧରି ତାଙ୍କର ଏହି ବଜାରରେ ଏକ ଟେଲର ଦୋକାନ ରହିଛି। କିଛିଦିନ ପୂର୍ବରୁ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ ଡାକ୍ତରଖାନାକୁ ନିଆଯାଉଥିବା ବେଳେ ଶନିବାର ଅପରାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ସମ୍ମାନ ଜଣାଇ ଆଜି ବଜାର କମିଟି ପକ୍ଷରୁ ଗୋଟିଏ ଓଳି ଦୋକାନ ବନ୍ଦ କରାଯିବା ସହିତ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜୟକୃଷ୍ଣ ପତି, ରାଧାକୃଷ୍ଣ ବାରିକ, ହରିଶ ଚନ୍ଦ୍ର ନାୟକ, ଜିତେନ୍ଦ୍ର ବାରିକ, ପ୍ରତାପ ମହାପାତ୍ର, ଗଙ୍ଗାଧର ଜେନା, ବ୍ରଜ କିଶୋର ରଣା, ପୁରୁଷୋତ୍ତମ ନାୟକ, ସୁରେଶ ଚନ୍ଦ୍ର ପାଣି, ଜୟକୃଷ୍ଣ ଦାସ, ସୁରେଶ ମହାପାତ୍ର, ଜ୍ଞାନ ରଞ୍ଜନ ସାହୁ, ଗୋବିନ୍ଦ ସାହୁ ଓ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିବା ସହିତ ତାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ।

## ଇନ୍‌ଟାକ ଚାପ୍ଟର ପକ୍ଷରୁ ଦୁଇଦିନିଆ କର୍ମଶାଳା

ବାଲେଶ୍ୱର, ୧୯ ।୧୦(ସମିସ): ଇନଟାକ ପକ୍ଷରୁ ଦୁଇ ଦିନିଆ ଟେରାକୋଟା ନିର୍ମାଣ କର୍ମଶାଳା ସ୍ଥାନୀୟ କଳା ଓ ଚାରୁକଳା ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଶୁଭାରମ୍ଭ କରିଥିଲେ। ବାଲେଶ୍ୱର ଇନଟାକ ଚାପ୍ଟରର ଆବାହକ ଉଦୟ ରଞ୍ଜନ ଦାସ ଏହି ସଭାରେ ସଭାପତିତ୍ୱ କରିଥିଲେ। କୋ କନଭେନର ସଂଗ୍ରାମ କୁମାର ଦାସ ଯୋଗଦେଇ ଭାଗ ନେଇଥିବା ସ୍ଥାନୀୟ ବିଦ୍ୟାଳୟର ପିଲାମାନଙ୍କୁ ଇନଟାକ ସମ୍ପର୍କରେ ଓ ଏହାର କାର୍ଯ୍ୟକଳାପ ବିଷୟରେ ଜଣାଇଥିଲେ। ଅନ୍ୟତମ ଅତିରିକ୍ତ ସହ ଆବାହକ ନିକୁଞ୍ଜ ବିହାରୀ ଦାସ ଛାତ୍ରଛାତ୍ରୀମାନଙ୍କୁ ଏହି କର୍ମଶାଳା ବିଷୟରେ ତାଙ୍କ ବକ୍ତବ୍ୟ ମାଧ୍ୟରେ ଅବଗତ କରାଇଥିଲେ। ଶେଷରେ ଅତିରିକ୍ତ ସହ ଆବାହିକା ସୁଶ୍ରୀ ଅର୍ଚ୍ଚନା ନନ୍ଦୀ ଧନ୍ୟବାଦ ଦେଇଥିଲେ। ଇନଟାକର ସଦସ୍ୟ ଭାବଗ୍ରାହୀ ମହାନ୍ତି, ସତ୍ୟନାରାୟଣ ନନ୍ଦ, ହରେନ୍ଦ୍ର ଚନ୍ଦ୍ର ରଣା, ଅଖିଳ କୁମାର ଦାସ, ସୌରଭ ବେହେରା ଓ ସଲିମ ସୁବା ଆଦି ସଦସ୍ୟ ସହଯୋଗ କରିଥିଲେ। ଏହି ଦୁଇଦିନିଆ କାର୍ଯ୍ୟକ୍ରମରେ ସ୍ଥାନୀୟ ୭ଟି ବିଦ୍ୟାଳୟରୁ ୩୩ ଜଣ ଛାତ୍ରଛାତ୍ରୀମାନଙ୍କୁ କର୍ମଶାଳାରେ ଯୋଗଦେଇଥିଲେ।

## ରାଇବଣିଆ ଚାଷୀଙ୍କୁ କଲବଲ କଲାଣି ହାତୀପଲ

ଜଳେଶ୍ୱର ବ୍ଲକ, ୧୯।୧୦(ସମିସ) : ରାଇବଣିଆ ଅଞ୍ଚଳରେ ମୋଟ ଉପରେ କହିବାକୁ ଗଲେ ୨୨୬୩ ହେକ୍ଟର ପ୍ରାକୃତିକ ଜଙ୍ଗଲରେ ପରିପୂର୍ଣ୍ଣ ତା ସାଙ୍ଗକୁ ଶହ ଶହ ହେକ୍ଟର ସରକାରୀ ଜମିରେ ଜଙ୍ଗଲ ଭରି ରହିଛି। ସେଥି ପାଇଁ ବର୍ଷର ଅଧିକାଂଶ ସମୟ ଝାଡ଼ଖଣ୍ଡ ହାତୀପଲ ଠାରୁ ଆରମ୍ଭ କରି ନୀଳଗିରି ହାତୀ ପୋଲ ଚାଷୀଙ୍କର ଅମଳ ସମୟରେ ରାଇବଣିଆ ଅଞ୍ଚଳକୁ ଖାଦ୍ୟ ଅନ୍ୱେଷଣରେ ପଳାଇ ଆସି ଚାଷୀଙ୍କର ବ୍ୟାପକ କ୍ଷୟକ୍ଷତି କରିଥାନ୍ତି। ଗତ ଏକ ସପ୍ତାହ ଧରି ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ରେଞ୍ଜ ଦେଇ ୧୯ ଟିକିଆ ଶିମିଳିପାଳ ହାତୀପଲ ଆମ୍ବତୁମ୍ବା, କ୍ଷୀରକୋଳସାହି, ଦୁଧିଆଶୋଳ, ହୁହାପଡ଼ା, ବାଖୁଡ଼ିପଦା, ଭାଡ଼ରପଦା, ଭୋଳ ଆଦି ଅଞ୍ଚଳରେ ଆସି ଚାଷୀଙ୍କ ଧାନ ବିଲରେ ପଶି ବ୍ୟାପକ କ୍ଷତି କରୁଛନ୍ତି। ଯାହାକୁ ନେଇ ଚିନ୍ତା ଓ ଭୟରେ ଚାଷୀ। ବନ ବିଭାଗ ହାତୀକୁ ଘୋଡାଇବାକୁ ଚେଷ୍ଟା ଜାରି ରଖିଥିବା ବେଳେ ରାଇବଣିଆ ବନବିଭାଗ ଲୋକଙ୍କ ଧନ ଜୀବନପ୍ରତି ଯଥେଷ୍ଟ ଯତ୍ନବାନ ରହିଥିବା କଥା ରାଇବଣିଆ ବନ ବିଭାଗର ଅଧିକାରୀ ପ୍ରହ୍ଲାଦ ନାୟକ କହିଛନ୍ତି।





## ପରିତ୍ୟକ୍ତ କୂଅରୁ ବାହାରିଲା ଶିବଲିଙ୍ଗ

ଜଳେଶ୍ୱର ବ୍ଲକ, ୧୯।୧୦(ସମିସ): ବାଲେଶ୍ୱର ଜିଲ୍ଲା ରାଇବଣିଆ ଅଞ୍ଚଳର କଳମା ଗ୍ରାମ ପଞ୍ଚାୟତର ଗୁଣ୍ଡରୁଶୋଳ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ଶିବଲିଙ୍ଗ ବାହାରିଛି। ଗ୍ରାମବାସୀଙ୍କ କହିବା ଅନୁସାରେ, ତାରାକାନ୍ତ ଦାସଙ୍କ ପୁଅ ମନୋଜ ଦାସଙ୍କୁ ସ୍ୱପ୍ନାଦେଶ ପାଇଥିଲେ କି ଗ୍ରାମର ବିଲ ମଝିରେ ଥିବା ଏକ ପରିତ୍ୟକ୍ତ କୂଅ ଭିତରେ ଶିବ ଲିଙ୍ଗ ଅଛି। ବାରମ୍ବାର ସ୍ୱପ୍ନାଦେଶ ହେବା ପରେ ଗ୍ରାମର ଭଦ୍ର ବ୍ୟକ୍ତି ଓ ପୂଜକଙ୍କୁ ନେଇ କୂଅର ପାଣିକୁ ଶୁଖାଇ ଶିବଲିଙ୍ଗ ବାହାର କରି ଧୂପ, ଦୀପ ଶଙ୍ଖ ଝାଳି ବଜାଇ ଗ୍ରାମରେ ଥିବା ଶିବ ମନ୍ଦିରରେ ଆଣି ପୂଜାର୍ଚ୍ଚନା କରିଥିଲେ।

## କମର୍ଦ୍ଦା ମଣ୍ଡଳ ପକ୍ଷରୁ ବିଜେପିର ବନ୍ଧୁମିଳନ

ଭୋଗରାଇ, ୧୯।୧୦(ସମିସ): ଭୋଗରାଇ ବିଜେପି ପକ୍ଷରୁ ଦୁଡପଳ ପଞ୍ଚାୟତ ପଡ଼ିଆରେ କମର୍ଦ୍ଦା ମଣ୍ଡଳ ପକ୍ଷରୁ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମଣିକିଙ୍କର ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଉତ୍ତର ବାଲେଶ୍ୱର ସଭାପତି ପ୍ରଦୀପ ପଣ୍ଡା, ଭୋଗରାଇ ବିଜେପି ନେତା ଆଶିଷ ପାତ୍ର, ବରିଷ୍ଠ ବିଜେପି ନେତା ଅଂଶୁମାନ ମହାନ୍ତି, ସଞ୍ଜୀବ ସାହୁ, ସିଆଁରୋଇ ସମିତି ସଦସ୍ୟ ଆଶିଷ ମହାନ୍ତି, ବସ୍ତା ବିଜେପି ନେତା ରବୀନ୍ଦ୍ର ଅଣ୍ଡିଆ, ଜୟରାମପୁର ସମିତି ସଦସ୍ୟ ରାଧାକାନ୍ତ ପ୍ରଧାନ, ବରିଷ୍ଠ ବିଜେପି ନେତା ସୁନୀଲ କର, କ୍ୟାପଟେନ୍ ଅଶୋକ ଦାସ, ରାଜକୁମାର ଦାସ, ଭୋଗରାଇ ମଣ୍ଡଳ ସଭାପତି ପରାମାନନ୍ଦ ପରିଡ଼ା, କମର୍ଦ୍ଦା ମଣ୍ଡଳ ସଭାପତି ସତ୍ୟବ୍ରତ ଜେନା, ନାଚିନ୍ଦା ମଣ୍ଡଳ ଅଜିତ ଚାନ୍ଦ, ଦେହୁଦା ମଣ୍ଡଳ ସଭାପତି ବ୍ରଜକିଶୋର ମହାନ୍ତି, କଖଡା ମଣ୍ଡଳ ସଭାପତି ସସ୍ମିତା ଦେ, ଚନ୍ଦନେଶ୍ୱର ମଣ୍ଡଳ ସଭାପତି ଚନ୍ଦନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ରକ୍ତଦାନ ଶିବିର, ୧୪୭ ୟୁନିଟ୍ ସଂଗୃହୀତ

ସୋର, ୧୯।୧୦(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ରାଇପୁରସ୍ଥିତ କେ .ଏଲ .ଏମ. ହସ୍ପିଟାଲ ପରିସରରେ ସଞ୍ଜୁକ୍ତା ମହାପାତ୍ରଙ୍କ ସ୍ମୃତିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ହସ୍ପିଟାଲର କର୍ମଚାରୀ ଏବଂ ଜନସାଧାରଣଙ୍କ ମିଳିତ ଉଦ୍ୟମରେ ୧୪୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି।

ଏହି ଶିବିରକୁ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଶଶାଙ୍କ ଶେଖର ଆଚାର୍ଯ୍ୟ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପଦ୍ମ ଲୋଚନ ଦିବେଦୀ, ନେତ୍ରାନନ୍ଦ ରାଉତ, ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ପତି ଯୋଗଦେଇ ଥିଲେ।

ଏହି ଅବସରରେ ମାତୃ ଓ ଶିଶୁ ମୃତ୍ୟୁହାର ରୋକିବାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅଇଁରୀ ଗ୍ରାମର ଆଶା ବିଳାସିନୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ



କରାଯାଇଥିଲା। ଡାକ୍ତର ଧୀରେଶ କୁମାର ଷଡଙ୍ଗୀ ଏବଂ ଅସୀମା ଶତପଥୀ ମଞ୍ଚ ପରିଚାଳନା କରିଥିଲେ। ସୁବେଦାର୍ ମେଜର୍ ଗିରିଶ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

## ନୀଳଗିରି ରକ୍ତଦାତା ସଂଘର ଜରୁରୀ ବୈଠକ




ନୀଳଗିରି, ୧୯।୧୦ (ସମିସ): ନୀଳଗିରି ରକ୍ତ କେନ୍ଦ୍ରରେ ଟେକ୍ନିସିଆନ୍ ପଦବୀ ପୂରଣ ପାଇଁ ନୀଳଗିରି ରକ୍ତଦାତା ସଂଘ ତରଫରୁ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ଦିଆଯିବା ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଓ ନୀଳଗିରି ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ସାତ ଦିନ ଭିତରେ ଦାବି ପୂରଣ ନହେଲେ ସଂଘ ପକ୍ଷରୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଆଗରେ ଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଜିଲ୍ଲା ଚିକିତ୍ସା ଅଧିକାରୀ ଦୁଇ ଦିନ ଭିତରେ ଟେକ୍ନିସିଆନ୍ ପଦବୀ ପୂରଣ କରାଯିବ ବୋଲି ସୂଚନା ଦେଇଥିଲେ। କିନ୍ତୁ ଏଯାବତ ପୂରଣ ହୋଇ ନାହିଁ। ଫଳରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ରୋଗୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥି ପାଇଁ ଆଜି ସଂଘ ପକ୍ଷରୁ ସଭାପତି ଗୋପାଳଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ ସଂଘର ସାଧାରଣ ସମ୍ପାଦକ ବିଜୟ କୁମାର ପାତ୍ର, ବରିଷ୍ଠ ଉପଦେଷ୍ଟା ରବି ରାଉତ, ଉପସଭାପତି ଭଗବାନ ମହାନ୍ତି, ଅମରେନ୍ଦ୍ର ନାୟକ, ପ୍ରଫୁଲ୍ଲ ଦଲେଇ, ତପସ୍ୱିନୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ଅକ୍ଟୋବର ତିରିଶ ତାରିଖ ଠାରୁ ଉପଖଣ୍ଡ ଚିକିତ୍ସା ଳୟ, ନୀଳଗିରି ସମ୍ମୁଖ ରେ ଦାବୀ ପୂରଣ ହେବା ପର୍ଯ୍ୟନ୍ତ ସଂଘ ପକ୍ଷରୁ ଧାରଣା ଦିଆଯିବ ବୋଲି ସ୍ଥିର ହୋଇଛି ବୋଲି ସଂଘର ସମ୍ପାଦକ ବିଜୟ ପାତ୍ର ସୂଚନା ଦେଇଛନ୍ତି।

## ରୋଗିଣା ଅଜାର ସମ୍ପତ୍ତି ହଡ଼ପିନେଲା ନାତି

ଜଳେଶ୍ୱର ବ୍ଲକ, ୧୯।୧୦(ସମିସ) : ଶଯ୍ୟାଶାୟୀ ୯୫ ବର୍ଷ ବୟସ୍କ ପୂର୍ଣ୍ଣଚନ୍ଦ୍ର ଘୋଷଙ୍କୁ ଡାକ୍ତର ଦେଖାଇବା ନାଁରେ ତାଙ୍କ ଠାରୁ ସମ୍ପତ୍ତି ହଡ଼ପ କରିନେଲା ନାତି। ରାଇବଣିଆ ଥାନା ଅନ୍ତର୍ଗତ ଶ୍ରୀରାମପୁର ଗ୍ରାମ ପଞ୍ଚାୟତର ପେଣ୍ଡରସାହି ଗ୍ରାମର ପୂର୍ଣ୍ଣଚନ୍ଦ୍ର ଘୋଷ ପିତା ବଳରାମ ଘୋଷଙ୍କ ନାମରେ ନାମିତ ଥିବା ୫ଟି ଖାତା ନମ୍ବର ରେ ୪୪ଗୋଟି ପ୍ଲଟରେ ମୋଟ୍ ୧୨.୮୩ ଡ଼ିସିମିଲ ସମ୍ପତ୍ତି ବଳରାମ ଘୋଷଙ୍କ ମୃତ୍ୟୁ ପରେ ୪ ଜଣ ପୁତ୍ରଙ୍କ ନାମରେ ନାମିତ ଥିବା ଏହି ସମ୍ପତ୍ତିକୁ ପୂର୍ଣ୍ଣଚନ୍ଦ୍ର ଘୋଷଙ୍କ ଝିଅର ପୁତ୍ର କୌଣସି ଲିଗାଲ ହେୟାର ମାନଙ୍କୁ ନ ନେଇ ତଞ୍ଚକତା କରି ଶଯ୍ୟାଶାୟୀ ଅଜା ପୂର୍ଣ୍ଣଚନ୍ଦ୍ରଙ୍କ ଠାରୁ ୨ଏକରରୁ ଉର୍ଦ୍ଧ୍ୱ ସମ୍ପତ୍ତି ନିଜ ନାମରେ ନାମିତ କରାଇ ନେଇ ଥିବା ପୂର୍ଣ୍ଣଚନ୍ଦ୍ରଙ୍କ ସ୍ତ୍ରୀ ବାସନ୍ତୀ ଘୋଷ



ଅଭିଯୋଗ କରିଛନ୍ତି। ବାସନ୍ତୀଙ୍କର ପୁତ୍ର ନ ଥିବା ହେତୁ ଏହି ବୃଦ୍ଧା ଅବସ୍ଥାରେ ତାଙ୍କର ଔଷଧ ଖର୍ଚ୍ଚ ଠାରୁ ଆରମ୍ଭ କରି ଖାଦ୍ୟ ପାନୀୟ ସାଙ୍ଗକୁ ରହିବାର ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି ଯାହା ଫଳରେ ଲୋକଙ୍କ ଘରେ ମାଗି ଯାଚି ଚାଲିବାକୁ ପଡୁଛି। ଯାହାକୁ ନେଇ ପୂର୍ଣ୍ଣଚନ୍ଦ୍ରଙ୍କ ସାନ ଝିଅ ସରୋଜିନୀ ଓ ବାସନ୍ତୀ ନ୍ୟାୟ ପାଇଁ ତହସିଲଠାରୁ ଆରମ୍ଭ କରି ସବ୍‌ରେଜିଷ୍ଟ୍ରାର ଅଫିସ ଓ ରାଇବଣିଆ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ବାସନ୍ତୀଙ୍କ ନାତି ସପନ ପଡ଼ିଆରି ପୂର୍ଣ୍ଣଚନ୍ଦ୍ରଙ୍କ ଠାରୁ ଚଞ୍ଚକତା କରି ହାତେଇ ନେଇଥିବା ସମ୍ପତ୍ତି କିପରି ଭାବରେ ଫେରି ପାଇବେ ସେ ନେଇ ଗୁହାରୀ ଜଣାଇଛନ୍ତି।

## ବିଚିତ୍ରପୁର ମେଳାରେ ଜୁଆ ପସରା

ଭୋଗରାଇ, ୧୯।୧୦(ସମିସ)

ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନ୍ତର୍ଗତ ଚନ୍ଦନେଶ୍ୱର ପୁଲିସ ଫାଣ୍ଡି ଅଧୀନରେ ଥିବା ବିଚିତ୍ରପୁର ଲକ୍ଷ୍ମୀପୂଜା ଅବସରରେ ଚାଲିଥିବା ୧୫ଦିନିଆ ମେଳାରେ ଖୁଲମ ଖୋଲା ଜୁଆ ମେଳା ଚାଲିଛି। ଉକ୍ତ ମେଳାକୁ ବହୁ ଦୂର ଦୂରାନ୍ତରୁ ବଡ଼ ବଡ଼ ଦୋକାନ ଆସୁଥିବାରୁ ପ୍ରତ୍ୟେକ ସନ୍ଧ୍ୟାରେ ହଜାର ହଜାର ଲୋକ ମେଳା ବୁଲିବାକୁ ଆସନ୍ତି। ଘର କରଣା ଜିନିଷ ସହିତ ବିଭିନ୍ନ ପ୍ରକାର ସୁସ୍ୱାଦୁ ଚଟପଟା ଖାଦ୍ୟର ମଜା ନେଇ ରାତିରେ ମଞ୍ଚ ଯାତ୍ରା ଦେଖି ବିଳମ୍ବିତ ରାତିରେ ଘରକୁ ଫେରନ୍ତି। ଜନଗହଳିକୁ ଦୃଷ୍ଟିରେ କିଛି ଅସାଧୁ ବ୍ୟକ୍ତି ମେଳା ମଧ୍ୟରେ ବିଭିନ୍ନ ସ୍ଥାନରେ ହୋଟେଲ ନାଁରେ ମଦ ବ୍ୟବସାୟ



କରି ମାଲେମାଲ ହେଉଛନ୍ତି। ଯୁବଗୋଷ୍ଠୀ ମଧ୍ୟ ମଦ ପିଇ ହିତାହିତ ଜ୍ଞାନ ଭୁଲି ଅଧିକ ରୋଜଗାର କରିବା ଆଶାରେ ରାତିସାରା ଜୁଆ ଖେଳରେ ବୁଡ଼ି ରହି ସର୍ବସ୍ୱାନ୍ତ ହେଉଛନ୍ତି। ମେଳା ମଧ୍ୟରେ ଥିବା ଲକ୍ଷ୍ମୀ ଠାକୁରାଣୀଙ୍କ ମନ୍ଦିର ପାର୍ଶ୍ୱ ଓ ମେଳାର ବିଭିନ୍ନ ପାର୍ଶ୍ୱରେ ଖୁଲମ ଖୋଲା ଜୁଆ ଖେଳରେ ବହୁ ଯୁବବର୍ଗଙ୍କ ଗହଳି ହେଉଥିବା ବେଳେ ଆୟୋଜକ ନିରବ ରହୁଥିବା ଦେଖିବାକୁ ମିଳିଛି। ମେଳାରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ମଧ୍ୟ ନାହିଁ। ମେଳାରେ ବିଭିନ୍ନ ସ୍ଥାନରେ ଉପୁଜୁଥିବା ଗଣ୍ଡଗୋଳର ସୂଚନା ପାଇ ମଧ୍ୟ ପୁଲିସ ମେଳାକୁ ଯାଇ ଗଣ୍ଡଗୋଳର ସମାଧାନ କରୁଛି, ହେଲେ

**ସବୁଜାଣି ପ୍ରଶାସନ ନିରବ**

ମଦ ଓ ଜୁଆ ଖେଳ ଉପରେ ନଜର ପଡୁନାହିଁ କେମିତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ଏହା କେବଳ ମେଳା ପରିପ୍ରେକ୍ଷୀରେ ନୁହେଁ, ଖୁଲମଖୁଲା ମଦ ବିକ୍ରି ସହିତ ଜୁଆ ଖେଳ ନିତିଦିନିଆ ଅଭ୍ୟାସରେ ପରିଣତ ହେଉଥିବାରୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଲାଗି ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଆଦର୍ଶ ବିଦ୍ୟାଳୟ ପଡ଼ିଆରେ ଜମୁଛି ପାଣି

# ଅଧିକାରୀଙ୍କୁ କାରଣଦର୍ଶାଅ ନୋଟିସ

**ଟାଙ୍ଗୀ,୧୯ ।୧୦(ସମିସ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କନ୍ଦରକଣା ସ୍ଥିତ ଆଦର୍ଶ ବିଦ୍ୟାଳୟ ସମ୍ମୁଖରେ ଥିବା ପଡ଼ିଆରେ ପାଣି ଜମି ରହୁଥିବାରୁ ଛାତ୍ରଛାତ୍ରୀ ଯିବା ଆସିବାରେ ସମସ୍ୟା ହେବାରୁ ଅଭିଭାବକଙ୍କ ଅନୁରୋଧ କ୍ରମେ ପ୍ରାକ୍ତନ ସରପଞ୍ଚ ଅମୂଲ୍ୟ କୁମାର ସାହୁ ଜିଲ୍ଲାପାଳ କଟକଙ୍କ ନିକଟରେ ଅଭିଯୋଗ କରିଥିଲେ । ଉକ୍ତ ସମସ୍ୟା ବିଷୟରେ ସକାଳ ଖବରକାଗଜରେ ମଧ୍ୟ ପ୍ରକାଶିତ ହୋଇଥିଲା । ଫଳସ୍ୱରୂପ ଏହାର ସମାଧାନ ନିମନ୍ତେ ଜିଲ୍ଲାପାଳ ଟାଙ୍ଗୀ ଚୌଦ୍ୱାର ବିଡିଓଙ୍କୁ ଚିଠି କରିବା ଦ୍ୱାରା ବିଡିଓ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଥିବା ଅଭିଯୋଗକାରୀ ଶ୍ରୀ ସାହୁଙ୍କୁ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚିଠି କରିଥିବା ଜଣାପଡିଛି ।

## ଗଞ୍ଜେଇ ଗଛକୁ ଉପାଡ଼ିଲା ପ୍ରଶାସନ

**କଣ୍ଟାପଡ଼ା,୧୯।୧୦(ସମିସ):** ଗଞ୍ଜେଇ ଗଛରେ ଭର୍ତ୍ତି ହୋଇଗଲାଣି ଓଲଟପୁର ଥାନା ଅନ୍ତର୍ଗତ ଇଚ୍ଛାପୁର ସ୍ଥିତ ବାଇରୋଇ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଶୀର୍ଷକ ଏକ ଖବର ଦୈନିକ ସକାଳ ଖବରକାଗଜରେ ଗତ ୧୩ ତାରିଖରେ ସଚିତ୍ର ପ୍ରକାଶିତ ହେବା ପରେ ସ୍ଥାନୀୟ ପ୍ରଶାସନ ଗଞ୍ଜେଇ ଗଛଗୁଡ଼ିକୁ ଉପାଡି ନଷ୍ଟ କରିଥିବା ଦେଖିବାକୁ ମିଳିଛି । ପୂର୍ବ ପରି ଗଣ୍ଡା ଗଣ୍ଡା ଦେଶୀ ଓ ବିଦେଶୀ ମଦ ବୋତଲ ଏବେ ବି ପଡ଼ି ରହିଥିବା ଦେଖିବାକୁ ମିଳିଥିବା ବେଳେ ଦିନ ଛାଡି ସନ୍ଧ୍ୟା ପରେ ନିଶାଡିଙ୍କ ଆସର ଏବେ ମଧ୍ୟ ସ୍ୱାସ୍ଥ୍ୟ ଆରୋଗ୍ୟ ମନ୍ଦିର ପରିସରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଜମୁଥିବା ଦେଖିବାକୁ ମିଳିଛି । ପ୍ରତ୍ୟହ ଓଲଟପୁର ପୁଲିସ ଫୁଲନଖରା-ନିଆଳି ରାଜ୍ୟ ରାଜପଥ ଠାରୁ ମାତ୍ର ୫ ମିଟର ଦୂରରେ ଥିବା ଏହି ସ୍ୱାସ୍ଥ୍ୟକେନ୍ଦ୍ର ପାଖରେ ପାଟ୍ରୋଲିଂ କରୁଥିଲେ ମଧ୍ୟ ମୋବାଇଲ ଫୋନରେ ଭିଡିଓ ଦେଖୁଥିବା ଅଧିକାରୀଙ୍କ ନଜରରେ ଏହା ପଡୁ ନ ଥିବା ସ୍ଥାନୀୟ ରାସ୍ତା ବ୍ୟବହାର କାରୀ ଓ ଜନ ସାଧାରଣଙ୍କ ମଧ୍ୟରେ ଆଲୋଚନା ହେଉଥିବା ଦେଖିବାକୁ ମିଳିଛି ।

## ମାଙ୍କଡ଼ ଉପଦ୍ରବରେ ଗ୍ରାମବାସୀ ଅତିଷ୍ଠ

**ତିଗିରିଆ,୧୯ ।୧୦(ସମିସ):** ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅଧିନ ଶେଷଗାଁ, ତେନ୍ତୁଳିରଗଡି ଗ୍ରାମ ସହ ଆଠଗଡ ବ୍ଲକର ବିଶ୍ୱନାଥପୁର ଓ ଜେନାପଦା ଗ୍ରାମରେ କିଛିଦିନ ହେବ ଦଳେ ମାଙ୍କଡଙ୍କ ଉତ୍ପାତ ବୃଦ୍ଧି ପାଇଛି । ମାଙ୍କଡ ପଲ ଗ୍ରାମରେ ପଶି ଗ୍ରାମବାସୀ ଓ ପଥଚାରୀଙ୍କୁ ଅତର୍କିତ ଭାବେ ଆକ୍ରମଣ କରିବା ସହ ଫସଲ ନଷ୍ଟ ଓ ଘର ଦ୍ୱାର ଭାଙ୍ଗି ଦେଉଥିବା ଅଭିଯୋଗ ହୋଇଛି । ମାଙ୍କଡ ଆକ୍ରମଣରେ ବହୁ ଲୋକ ଆହତ ହୋଇଥିବା ଜଣାପଡିଛି । ଏ ସମ୍ପର୍କରେ ସ୍ଥାନୀୟ ବନ ବିଭାଗକୁ ଗ୍ରାମବାସୀଙ୍କ ତରଫରୁ ଅବଗତ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଆତଙ୍କ ସୃଷ୍ଟି କରିଥିବା ମାଙ୍କଡ ଦଳକୁ ଧରିବା ପାଇଁ ବନ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରିନଥିବା ଜଣାପଡିଛି । ଫଳରେ ଏଥିନେଇ ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି । ବନ ବିଭାଗ ପକ୍ଷରୁ ମାଙ୍କଡଙ୍କୁ ଧରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ପିପି. କଲେଜର ରାଷ୍ଟ୍ରୀୟ ପୋଷଣ ଅଭିଯାନ

**ନିଶ୍ଚିନ୍ତକୋଇଲି,୧୯ ।୧୦(ସମିସ):** ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟରେ ରାଜ୍ୟ ସରକାରଙ୍କର ନିର୍ଦ୍ଦେଶକ୍ରମେ ରାଷ୍ଟ୍ରୀୟ ପୋଷଣ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଶିଶିର କୁମାର ସାହୁଙ୍କ ସଂଯୋଜନାରେ ଏଥିରେ ମୁଖ୍ୟଅତିଥି ଭାବେ ରାସାୟନିକ ବିଜ୍ଞାନର ମୁଖ୍ୟ ପ୍ରାଧ୍ୟାପକ ରଶ୍ମିରଂଜନ ପଟ୍ଟନାୟକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ଡ. ଦେବଯାନୀ ସିହ୍ନା, ଦୀପକ କୁମାର ଦ୍ୱିବେଦୀ, ମଧୁସ୍ମିତା ପାଳ, ଅଶ୍ୱିର୍ଯ୍ୟା ଦାସ, ପ୍ରିୟଙ୍କା ପାୟଲ, ଯୁଗାନ୍ତର ନାୟକ ପ୍ରମୁଖ ଯୋଗ ଦେଇଥିଲେ । ଅଧ୍ୟାପକ ଶିଶିର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୀପାବଳି ପାଇଁ ସଜେଇ ହୋଇଛି ଚୌଦ୍ୱାର

# ଅବାଧରେ ଚାଲିଛି ବେଆଇନ ବାଣ ବିକ୍ରି



### ବାଣ ଦୋକାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ଫୁଁ’

### ପୁଲିସର ଜ୍ଞାତସାରରେ ଚାଲିଛି ବେଆଇନ ବାଣ ତିଆରି

**ଚୌଦ୍ୱାର,୧୯।୧୦(ସମିସ):** ପବିତ୍ର ଦୀପାବଳି ନିମନ୍ତେ ସଜେଇ ହୋଇଛି ଚୌଦ୍ୱାର । ମା’ କାଳୀଙ୍କ ପୂଜାର୍ଚ୍ଚନା ସହ ଘର ଅଗଣାରେ ଶୋଭା ପାଉଛି ଦୀପାଳି ମାଳା । ଏହି ଅବସରରେ ବଡ଼ବଡୁଆ ଡାକ ସାଙ୍ଗକୁ ବାଣ ଫୁଟାଇବାର ମଜା ଉଠାଇବାକୁ ବ୍ୟସ୍ତ ହୋଇ ପଡ଼ିଛନ୍ତି ଆବାଳ ବୃଦ୍ଧବନିତା । ସେହିଭଳି ଧନତେରାସ ନିମନ୍ତେ ପୂଜା ସାମଗ୍ରୀ ଦୋକାନ ଠାରୁ ବିଭିନ୍ନ ଗହଣା ଦୋକାନରେ ଦେଖିବାକୁ ମିଳିଛି ଭିଡ଼ । ତେବେ ସୁନା ଦର ଆକାଶ ଛୁଆଁ ରହିଥିବାବେଳେ ଚାନ୍ଦି ସାମଗ୍ରୀ କିଣି ମନ ମେଣ୍ଟାଉଛନ୍ତି କିଛି ଲୋକେ । ଆଉ କିଛି ଗରିବ ଲୋକ ମଧ୍ୟ ପୂଜା ସାମଗ୍ରୀ ଦୋକାନରୁ ଝାଡୁ କଉଡ଼ି ଆଦି କିଣି ଧନତେରସ ପାଳନ କରୁଥିବା ଦେଖିବାକୁ ମିଳିଛି । ତେବେ ସବୁଠୁ ବଡ଼କଥା ହେଲା ଦୀପାବଳିରେ ବାଣ ଫୁଟାଇବାର ପ୍ରଥା । ମନ ଖୁସି ପାଇଁ ଲକ୍ଷାଧିକ ଟଙ୍କାର ବାଣକୁ ନିମିଷକ ମଧ୍ୟରେ ଜଳାଇ ଦେଉଛନ୍ତି ପିଲା ଓ ଯୁବବର୍ଗ । ଏବେ ବାଣ ପ୍ରସ୍ତୁତି ପାଇଁ ପ୍ରଶାସନ ପକ୍ଷରୁ କଟକଣା ଜାରି ହୋଇଥିଲେ ମଧ୍ୟ ଜଗତପୁର ପଦ୍ମପୁର ଠାରୁ ଆରମ୍ଭ କରି ଆଠଗଡ଼ର ତିଗିରିଆ ଅଞ୍ଚଳ ବାଣ ତିଆରି କ୍ଷେତ୍ରରେ ନିଜର ପରିଚୟ ସୃଷ୍ଟି କରିଛି । ସେହିଭଳି ଚୌଦ୍ୱାର ଥାନା ଅଧିନସ୍ତ ନଖରା, ବେଗୁନିଆ, ଗରୁଡ଼ ଗାଁ ଓ ଚାଞ୍ଚୋ ଗ୍ରାମରେ ମଧ୍ୟ ଚୋରାରେ ବାଣ ତିଆରି ହୋଇ ବିକ୍ରି ହେଉଛି । ଏପରିକି ଗଳି କନ୍ଦିରେ ବେଆଇନ ବାଣ ବିକ୍ରି ହେଉଥିଲେ ମଧ୍ୟ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛି ଚୌଦ୍ୱାର ପୁଲିସ । ଚଳିତ ବର୍ଷ ତିଗିରିଆରେ ବାଣ ତିଆରି ବେଳେ ଅଘଟଣ ଘଟି ୨ଜଣ ଯୁବକଙ୍କ ମୃତ୍ୟୁ ହୋଇଥିଲେ ମଧ୍ୟ ଚୌଦ୍ୱାର ପୁଲିସର ଚେତା ପଶୁନି । ଏପରିକି ଥାନା ଅଧିକାରୀମାନେ ବାଣ ପ୍ରସ୍ତୁତ କରୁଥିବା ଲୋକଙ୍କ ଠାରୁ ଉକ୍ରୋଚ ନେଇ ବାଣ ତିଆରି ପାଇଁ ପ୍ରଶୟ ଦେଉଥିବାବେଳେ କିଛି କିଛି ବାଣ ଉପରିସ୍ଥ ଅଧିକାରୀଙ୍କୁ ଦେଇ ସନ୍ତୁଷ୍ଟ କରାଯାଉଛି । ଏପରିକି ଲୋକ ଦେଖାଣିଆ ଭାବେ କିଛି ଅଦରକାରୀ ବାରୁଦ ଓ ବାଣ ତିଆରି ସାମଗ୍ରୀ ଜବତ କରି ପୁଲିସ ବାହାବାହା ନେଉଛି । ତେବେ ଚୌଦ୍ୱାର ଅଞ୍ଚଳରେ ଅନେକ ସ୍ଥାନରେ ବେଆଇନ ବାଣ ତିଆରି ହେଉଥିବାବେଳେ ପୁଲିସ ସବୁ ଜାଣି ଚୁପ ରହିବା ପଛରେ କି ରହସ୍ୟ ରହିଛି ତାହାକୁ ନେଇ ବଜାରଘାଟରେ ଏବେ ଚର୍ଚ୍ଚା ।

ସେହିଭଳି ନାମୀଦାମୀ ବାଣ କମ୍ପାନୀ ପ୍ରସ୍ତୁତ ବାଣକୁ ବିକ୍ରି ପାଇଁ ଅନୁମତି ଥିବାବେଳେ ପ୍ରତ୍ୟେକ ବାଣ ଦୋକାନରେ ଦେଖିବାକୁ ମିଳିଛି ବେଆଇନ ହାତ ତିଆରି ବାଣ । ଏହି ବାଣ ଫୁଟାଇବା ବେଳେ ଯଦି କିଛି ଅଘଟଣ ଘଟେ ଏଥିପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠାଇଛନ୍ତି ବୁଦ୍ଧିଜୀବୀ । ଅନ୍ୟପକ୍ଷରେ ଚୌଦ୍ୱାର ଅଞ୍ଚଳରେ ୨୦ଟି ବାଣ ଦୋକାନକୁ ବାଣ ବିକ୍ରି କରିବା ପାଇଁ ସାମୟିକ ଅନୁମତି ଦିଆଯାଇଥିବା ଚୌଦ୍ୱାର ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ପ୍ରକାଶ କହିଛନ୍ତି । କିନ୍ତୁ ଅନୁମତି ପ୍ରାପ୍ତ ବାଣ ଦୋକାନରେ ଅଗ୍ନି ନିରାପତ୍ତା ବାଧ୍ୟତାମୂଳକ ରହିଥିବାବେଳେ ଏଠାରେ ସେଭଳି କୌଣସି ପଦକ୍ଷେପ ନିଆଯାଇ ନ ଥିବା ଦେଖିବାକୁ ମିଳିଛି । ପ୍ରତ୍ୟେକ ବାଣ ଦୋକାନ ନିକଟରେ ବାଲି ଭର୍ତ୍ତି ବାଲଟି ବ୍ୟବସ୍ଥିତ ଭାବେ ରଖିବାର ନିୟମ ଥିବାବେଳେ ଏଠାରେ ଏଣେତେଣେ ପଡ଼ିଥିବାରୁ ଏଥି ପ୍ରତି ସମ୍ପୂର୍ଣ୍ଣ ଅଣଦେଖା କରାଯାଇଥିବା କୁହାଯାଉଛି ।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି





**ନିଶ୍ଚିନ୍ତକୋଇଲି,୧୯ ।୧୦(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ମାଣପୁର ପଞ୍ଚାୟତ ପାଇକନ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନ୍ଧାରମଣୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି । ସିଆରସିସି ଟୁନିଆ ସିଂଙ୍କ ତତ୍ତ୍ୱାବଧାନରେ ଚାରୋଟି ବିଦ୍ୟାଳୟର ୬୮ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ୧୭ ଜଣ କୃତୀ ଛାତ୍ର ଛାତ୍ରୀଙ୍କୁ ବ୍ଲକସ୍ତରୀୟ ସୁରଭିରେ ଅଂଶଗ୍ରହଣ ପାଇଁ ମନୋନୀତ କରାଯାଇଛି । ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପ୍ରଧାନଶିକ୍ଷକ ଯତୀନ୍ଦ୍ର ଲେଙ୍କା, ମୁଖ୍ୟବକ୍ତା ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି ଲେଙ୍କା, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ସିଆରସିସି ସୁନାକର ଭୋଇ, ଶିକ୍ଷକ କୈଳାସ ସେଠୀ, ସବିତା ପଣ୍ଡା, ସୋନାଲିନ୍ ମହାନ୍ତି, ବ୍ରହ୍ମାନନ୍ଦ ସାମନ୍ତ, ଜାହାଙ୍ଗୀର ହୁସେନ, ଅରୁଣ କୁମାର ରାଉତ,ବନିତା ବେହେରା, ହେମଲତା ସାହୁ, ନନ୍ଦିତା ମହାରଣା ପ୍ରମୁଖ ଯୋଗଦେଇଥିଲେ । ସେହିପରି ଇସାଣୀବରହମପୁର ପଞ୍ଚାୟତରେ ଥିବା ଚନ୍ଦ୍ରଶେଖର ସରକାରୀ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ସିଆରସିସି ଜିତେନ୍ ମାରାଣ୍ଡିଙ୍କ ତତ୍ତ୍ୱାବଧାନାରେ ଏଥିରେ ୬ଟି ବିଦ୍ୟାଳୟର ୬୬ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା ବେଳେ ସେମାନଙ୍କ ମଧ୍ୟରେ ୧୭ ଜଣ ଛାତ୍ରଛାତ୍ରୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ମନୋନୀତ ହୋଇଥିଲେ । କ୍ଲଷ୍ଟରର ପୂର୍ବତନ ସିଆରସିସି ସୁନାକର ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ପ୍ରଦୀପ୍ତ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ସସ୍ମିତା ସେଠୀ, ସୟଦ ମକସୁଦ୍ ହୁସେନ୍ ଆଜାଦ୍, ଅବଦୁଲ ସଲାମ, ରଶ୍ମିରେଖା ସାହୁ, ନୟନକିଶୋର ଦାସ, ଦମୟନ୍ତୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ରଗଡ଼ିପଡ଼ା ନୋଡାଲ କ୍ଲଷ୍ଟର୍ ଭାଗିଦାରୀ ବୈଠକ

**ବଡମ୍ବା,୧୯ ।୧୦(ସମିସ):** ବଡମ୍ବା ବ୍ଲକ ଅନ୍ତର୍ଗତ ରଗଡିପଡା କ୍ଲଷ୍ଟରର ନୂଆପଡା ପ୍ରକଳ୍ପ ଉଚ୍ଚପ୍ରାଥମିକ ବିଦ୍ୟାଳୟ, ସୁନ୍ଦରିଆ ପରିସରରେ ଚଳିତ ମାସର ଭାଗିଦାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ବିଭୁ ବନ୍ଦନା ସହ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଘୁନାଥ ସେଠୀ, ସାଧନ କେନ୍ଦ୍ର ସଂଯୋଜକ ସୁରସୁନ୍ଦର ଶତପଥୀ ଓ ଅନ୍ୟ ବିଦ୍ୟାଳୟର ପ୍ରାଥମିକ ଶ୍ରେଣୀରେ ପାଠ ପଢ଼ାଉଥିବା ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ । ଶାନ୍ତିଲତା ନାଏକ, ଅନିତା କୁମାରୀ ନାଏକ, ଜ୍ୟୋତି ପଟ୍ଟନାୟକ, ସୁଲୋଚନା ସାହୁ, ଅମିତାରାଣୀ ବେହେରା, ସୁଧାଂଶୁ ଭୂଷଣ ରାଉତରାୟ, ରାଜକିଶୋର ବେହେରା, ଭାଗ୍ୟଲକ୍ଷ୍ମୀ ମନ୍ତ୍ରୀ, ସତୀଶ କୁମାର ମହାନ୍ତି ପ୍ରମୁଖ ଶିକ୍ଷକ, ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ । ପ୍ରଧାନଶିକ୍ଷକ ରମେଶଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।



## ମାସିକ କ୍ଲଷ୍ଟରସ୍ତରୀୟ ବୈଠକ



**ନରସିଂହପୁର,୧୯ ।୧୦(ସମିସ):** ନରସିଂହପୁର ବ୍ଲକ କୋକଳବା ସରକାରୀ ଉପ୍ରା ବିଦ୍ୟାଳୟର ଚତୁର୍ଥ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ବୈଠକ ପ୍ରଗଳା ସରକାରୀ ଉପ୍ରା ବିଦ୍ୟାଳୟ, ନଖପଡା ଠାରେ ଅନୁଷ୍ଠିତ ହୋଇଯାଇଛି । କ୍ଲଷ୍ଟର ସ୍କୁଲର ପ୍ରଧାନ ଶିକ୍ଷକ ନିତ୍ୟରଂଜନ ମହାପାତ୍ରଙ୍କ ପୌରହିତ୍ୟରେ ଆୟୋଜିତ ତଥା ବରିଷ୍ଠ ଶିକ୍ଷକ ନିରଂଜନ ବାରିକଙ୍କ ପରିଚାଳନାରେ ଆୟୋଜିତ ବୈଠକରେ ସମ୍ମାନିତ ଅତିଥି ରୂପେ ସହକାରୀ ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷ୍ମୀଧର ବେହେରା, ରଂଜନ ସାହୁ ତଥା କ୍ଲଷ୍ଟର ର ସମସ୍ତ ପ୍ରଧାନ ଶିକ୍ଷକ,ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।

## ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଂକ୍ରାନ୍ତ ପ୍ରଶିକ୍ଷଣ



**ନିଶ୍ଚିନ୍ତକୋଇଲି,୧୯ ।୧୦(ସମିସ):** ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟଅଧୀନ ଜନାର୍ଦ୍ଦନପୁର ଆଞ୍ଚଳିକ ସାଧନ କେନ୍ଦ୍ରର ଚତୁର୍ଥମାସିକ ବୈଠକ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସଂକ୍ରାନ୍ତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ବୈଠକରେ କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଯୋଗଦେଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି । ସିଆରସିସି ଉମେଶଚନ୍ଦ୍ର ରାଉତଙ୍କ ସଂଯୋଜନାରେ ଏଥିରେ ଡାଏଟ୍‌ର ଶିକ୍ଷକ ପ୍ରଶିକ୍ଷକ ଜଗବନ୍ଧୁ ବେହେରା, ସହକାରୀ ବ୍ଲକ ଶିକ୍ଷାଅଧିକାରୀ ଜାକୀର ହୁସେନ୍ ପ୍ରମୁଖ ଯୋଗଦେଇଥିଲେ । ପ୍ରଥମେ ଶିଶୁ ବାଟିକା ଶିଶୁମାନଙ୍କୁ କିଭଳି ଶିକ୍ଷଣୀୟ ବିଷୟରେ ଶିକ୍ଷା ପ୍ରଦାନ କରାଯିବ ସେ ସଂକ୍ରାନ୍ତରେ ଆଲୋଚନା କରିବା ସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଶ୍ରେଣୀର ଭାଷା ସମ୍ବନ୍ଧୀୟ ପାଠ୍ୟପୁସ୍ତକ, କବିତା ପୋଷ୍ଟର, ଚିତ୍ର ପୋଷ୍ଟର, କାର୍ଯ୍ୟପୁସ୍ତିକା, ଗଳ୍ପକାର୍ଡ, ବଡବହି ଏବଂ ଗଣିତ ସମ୍ବନ୍ଧୀୟ ସଂଖ୍ୟା ଗଣନା, ଯୋଗ ଓ ବିୟୋଗ ଇତ୍ୟାଦି ବିଷୟରେ ବିଶଦ୍ ଆଲୋଚନା କରିଥିଲେ ।

# ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା




**ଟାଙ୍ଗୀ,୧୯।୧୦(ସମିସ):** ସାଇବର ଅପରାଧ ବିଶେଷକରି ଡିଜିଟାଲ ଆରେଷ୍ଟ ଓ ପ୍ରଲୋଭନ ଦ୍ୱାରା ଠକେଇ ଘଟଣା ସମଗ୍ର ଦେଶରେ ଚର୍ଚ୍ଚାକୁ ଆସିଛି । ବିଶେଷକରି ଭୟ କିମ୍ବା ଲୋଭ ଦେଖାଇ ଆପଣଙ୍କଠାରୁ ତଥ୍ୟ ହାସଲ କରୁଛନ୍ତି ଓ ଏହାକୁ ଆଧାରକରି କୋଟି କୋଟି ଟଙ୍କା ଲୁଟ୍ କରୁଛନ୍ତି । ଉକ୍ତ ଅପରାଧକୁ ରୋକିବା ନିମନ୍ତେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶନିବାର ଶୁଭାରମ୍ଭ କରିଛନ୍ତି । ଏହାର ସିଧାପ୍ରସାରଣ କାର୍ଯ୍ୟକ୍ରମ ସବୁ ଥାନା ପକ୍ଷରୁ ପ୍ରଦର୍ଶିତ କରାଯାଇଛି । ଏହିକ୍ରମରେ କଟକ ଜିଲ୍ଲା ଟାଙ୍ଗୀ ଥାନା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକ ପରିଚାଳନା କରିଥିଲାବେଳେ ଭାରପ୍ରାପ୍ତ ଆରକ୍ଷୀ ନିରୀକ୍ଷକ ଶିବପ୍ରସାଦ ଭଦ୍ର ସହାୟତା କରିଥିଲେ । ଅଞ୍ଚଳର ବିଭିନ୍ନ ଲୋକ ପ୍ରତିନିଧି, ସମାଜସେବୀ, ଶିକ୍ଷାବିତ ତଥା ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇଥିଲେ ।

### ନିଆଳି

ନିଆଳି ଥାନାରେ ଶନିବାର ଅନୁଷ୍ଠିତ ଏହି ଶିବିରରେ ଥାନାଧିକାରୀ ଦିଲ୍ଲୀପ କୁମାର କାଣ୍ଡି, ଏସ୍ଆଇ ପ୍ରଶାନ୍ତ ବେହେରା, ଏଏସ୍ଆଇ ରାଜିବ ଲୋଚନ ଦାସଙ୍କ ସମେତ ନିଆଳି ମହାବିଦ୍ୟାଳୟର ଅଧ୍ୟାପକ ହିରଣ୍ୟବିଦାରକ ମହାପାତ୍ର ଏବଂ ପ୍ରାଚୀ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅବ୍‌ଦୁଲ୍ ଅମିନ୍ ଖାନ୍ ପ୍ରମୁଖ ଯୋଗ ଦେଇଥିଲେ । ଶିବିରରେ ନିଆଳି ମହାବିଦ୍ୟାଳୟ, ପ୍ରାଚୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ନିଆଳି ହାଇସ୍କୁଲର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ ।

## ମନ୍ଦିର କୂଅରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

# ସାଲେପୁରରେ ପଶ୍ଚିମବଙ୍ଗ ପୁଲିସର ତଦନ୍ତ



**ସାଲେପୁର,୧୯ ।୧୦(ସମିସ):** ମନ୍ଦିର କୂଅରୁ ଯୁବକର ଗଳିତ ମୃତଦେହ ଉଦ୍ଧାର ଘଟଣାରେ ଆଜି ପଶ୍ଚିମବଙ୍ଗ ପୁଲିସ ସାଲେପୁରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ଯୁବକର ମୃତ୍ୟୁ କିପରି ହେଲା, କେଉଁ ପରିସ୍ଥିତିରେ ସେ ଓଡ଼ିଶା ଆସି ସାଲେପୁର ଅଞ୍ଚଳରେ ପହଞ୍ଚିଲା, କୂଅରେ କିପରି ପଡି ମୃତ୍ୟୁବରଣ କଲା, ଏ ସମସ୍ତ ଦିଗକୁ ଆଧାର କରି ପଶ୍ଚିମବଙ୍ଗର ୨ଜଣିଆ ପୁଲିସ ଟିମ୍ ଯୁବକର ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ପ୍ରକାଶ ଯେ ଗତ ୧୭ ତାରିଖ ଦିନ ସକାଳେ ସାହେଶ୍ୱରୀ ମନ୍ଦିର ପରିସରରେ ଥିବା ଏକ କୂଅ ମଧ୍ୟରୁ ପଶ୍ଚିମବଙ୍ଗ ଅଞ୍ଚଳର ରମେଶ ମାଂଝି(୨୬)ଙ୍କ ଗଳିତ ମୃତଦେହ ସାଲେପୁର ପୁଲିସ ଉଦ୍ଧାର କରିଥିଲା । ମୃତ ରମେଶଙ୍କ ପ୍ୟାଣ୍ଟ ପକେଟରୁ ପ୍ୟାନ୍ କାର୍ଡ ଓ ଏଟିଏମ କାର୍ଡରୁ ତାର ପରିଚୟ ପାଇବା ପରେ ସାଲେପୁର ପୁଲିସ ପଶ୍ଚିମବଙ୍ଗ ପୁଲିସ ସହ ଯୋଗାଯୋଗ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ କଟକ ପଠାଇଥିଲା । ଏହି ଘଟଣାରେ ଆଜି ପଶ୍ଚିମବଙ୍ଗରୁ ଆସିଥିବା ସିଦ୍ଧାର୍ଥ ଘୋଷ ଓ ଅନ୍ୟ ଜଣେ ଅଧିକାରୀ ସାଲେପୁରରେ ପହଞ୍ଚି ମୃତ ରମେଶଙ୍କ ଭାଇ ଓ ସଂପର୍କୀୟମାନେ ଘଟଣାସ୍ଥଳରେ ପହଞ୍ଚି ମୃତ ରମେଶର ମୃତଦେହ ଉଦ୍ଧାର ହୋଇଥିବା ସ୍ଥାନ ଠାରୁ ଆରମ୍ଭ କରି ସାଲେପୁର ବଜାରର କେଉଁ କେଉଁ ସ୍ଥାନରେ ଚଳପ୍ରଚଳ କରିଥିଲା ଓ କେଉଁଦିନ ସେ ସାଲେପୁର ଆସିଥିଲା, ସେ ସମସ୍ତ ଘଟଣାକୁ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରି ସିସିଟିଭି ଯାଞ୍ଚ କରି ତଦନ୍ତ ଆରମ୍ଭ କରିଛନ୍ତି । ଅପରପକ୍ଷରେ ମୃତ ରମେଶଙ୍କ ଦେହ ଅସୁସ୍ଥ ଥିବାରୁ ସେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଯାଇଥିବା ଖବର ପଶ୍ଚିମବଙ୍ଗ ପୁଲିସ ଖବର ପାଇବା ପରେ ପଶ୍ଚିମବଙ୍ଗ ପୁଲିସ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଡାକ୍ତରଙ୍କ ସହ ରମେଶ ସଂପର୍କରେ ପଚରାଉଚରା କରିଥିବା ଜଣାଯାଇଛି । ତଦନ୍ତ ଶେଷ ପରେ ରମେଶର ମୃତ୍ୟୁର କାରଣ ଜଣାପଡିବ ବୋଲି ତଦନ୍ତକାରୀ ଅଧିକାରୀ ସିଦ୍ଧାର୍ଥ ଘୋଷ ଆମ ପ୍ରତିନିଧିଙ୍କ ନିକଟରେ ପ୍ରକାଶ କରିବା ସହ ରମେଶର ମୃତଦେହକୁ ଆଜି ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ପ୍ରକାଶ କରିଛନ୍ତି ।

# ପ୍ରତିଷ୍ଠାକୁ ୧୧୫ ବର୍ଷ ପୂରିବ
# ବଦଳିପାରୁନି ବିଦ୍ୟାଳୟର ରୂପରେଖ






**ବନ୍ତ/ଆଗରପଡ଼ା, ୧୯।୧୦(ସମିସ)**

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଡ଼ାଳପଙ୍କସ୍ଥ ଯୋଗୀନ୍ଦ୍ର ପ୍ରାଥମିକ ବିଦ୍ୟାଳୟଠାରେ ଶିକ୍ଷାଦାନ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ୧୯୧୧ ଜାନୁଆରୀ ୧ ତାରିଖରେ ସ୍ଥାପିତ ହୋଇଥିବା ଉକ୍ତ ବିଦ୍ୟାଳୟ ଆଉ ଦିନ କେଇଟା ପରେ ୧୧୫ବର୍ଷ ପୂରଣ କରିବ। ଶିକ୍ଷକ ଅଛନ୍ତି, ପିଲାବି ଅଛନ୍ତି କିନ୍ତୁ ଶ୍ରେଣୀଗୃହ ଅଭାବରୁ ଏଠାରେ ଶିକ୍ଷା ଦାନରେ ଘୋର ସମସ୍ୟା ଉପୁଜୁଛି। ଏହି ପ୍ରାଥମିକ ବିଦ୍ୟାଳୟରେ ୫ଟି ଶ୍ରେଣୀ ପାଇଁ ଦୁଇଟି ଗୃହ ଉଦ୍ଦିଷ୍ଟ ଥିବା ବେଳେ ୩ ଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହାମଧ୍ୟରେ ୧୧୪ ବର୍ଷ ଅତିକ୍ରମ କରି ସାରିଥିଲେ ସୁଦ୍ଧା ବିଦ୍ୟାଳୟଟିର ଶୈକ୍ଷିକ ପରିବେଶରେ ଉନ୍ନତି ହୋଇପାରିନାହିଁ। ଚଳିତ ଶିକ୍ଷାବର୍ଷରେ ୭୫ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଉକ୍ତ ବିଦ୍ୟାଳୟରେ ଦୁଇଟି ଗୃହରେ ୬ଟି ଶ୍ରେଣୀର ପାଠ ପଢ଼ା କିପରି ଚାଲିଛି। ଏଠାରେ କିପରି ଅଧ୍ୟାପନା କାର୍ଯ୍ୟ ସମ୍ପାଦନ ହେଉଛି ସେଥିନେଇ ଅଭିଭାବକଙ୍କ ଚିନ୍ତା ବଢ଼ିଯାଇଛି। ଗୋଟିଏ କୋଠରୀରେ ୪ଟି ଶ୍ରେଣୀ ଓ ଅନ୍ୟ କୋଠରୀରେ ୨ଟି ଶ୍ରେଣୀର ପାଠପଢ଼ା ଚାଲିଆସୁଛି। ୨୦୨୩-୨୪ ଆର୍ଥିକ ବର୍ଷରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଯୋଜନାରେ ୭ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଗୋଟିଏ ଶ୍ରେଣୀ ଗୃହ ନିର୍ମାଣ ହୋଇଥିଲେ ସୁଦ୍ଧା ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରି ନଥିବାରୁ ବିଦ୍ୟାଳୟଟିର କୌଣସି କାର୍ଯ୍ୟାଳୟ ନଥିବାରୁ ପାଠପଢ଼ା ସହ ସମସ୍ତ ଆସବାବପତ୍ର ୨ଟି ଗୃହରୁ ଗୋଟିଏ ଶ୍ରେଣୀ ଗୃହରେ ରହୁଥିବାରୁ ଅଫିସ କାର୍ଯ୍ୟ ସହ ଅନ୍ୟ ସମସ୍ତ କାର୍ଯ୍ୟ ଉକ୍ତ ଗୃହରେ ସମ୍ପାଦିତ ହେଉଥିବାରୁ ଏହା ମଧ୍ୟ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରୁଥିବାର ଜଣାପଡ଼ିଛି। ବିଦ୍ୟାଳୟ ପରିସରରେ ଏକ ପୋଖରୀ ଥିବାରୁ ଏହା ମଧ୍ୟ କୋମଳମତି ପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବିପଦ ସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟାଳୟ କାର୍ଯ୍ୟାଳୟଟିର ମରାମତି କରାଯାଇଥିଲେ ସୁଦ୍ଧା ତାହା ଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରୁନଥିବା ବେଳେ ଶ୍ରେଣୀ ଗୃହ ଅଭାବରୁ ସାଂସଦଙ୍କ ପାଣ୍ଠିରୁ ଅନୁମୋଦିତ କମ୍ପ୍ୟୁଟର ଅଫିସ ଗୃହରେ ପଡ଼ିରହି ବ୍ୟବହାର ଯୋଗ୍ୟ ହୋଇ ନପାରି ଖତ ଖାଉଛି। ସେହିପରି ବିଦ୍ୟାଳୟ ସମ୍ମୁଖ ପାଖକୁ ଛାଡ଼ି ଅନ୍ୟ ପାର୍ଶ୍ୱରେ ସ୍ଥାୟୀ ପାଚେରି ନିର୍ମାଣ ହୋଇନଥିବାରୁ ଏହା ମଧ୍ୟ ପିଲାଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ କୌଣସି ପରିସ୍ରାଗାରର ସୁବନ୍ଦୋବସ୍ତ ଆଜି ପର୍ଯ୍ୟନ୍ତ ହୋଇପାରି ନାହିଁ। ଏତେ ପୁରାତନ ବିଦ୍ୟାଳୟଟିରେ ଏହିପରି ଅବ୍ୟବସ୍ଥା ଯଦି ଲାଗି ରହେ ତେବେ ଏହା ନିଶ୍ଚିନ୍ତ ଭାବେ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ କୁପ୍ରବାହ ପକାଇବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରୁଛନ୍ତି। ଏତେ ପୁରାତନ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାର ସମାଧାନ ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

**୨ କୋଠରୀରେ ୬ ଶ୍ରେଣୀର ପାଠପଢ଼ା**

## ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ତୃତୀୟ ବାର୍ଷିକ ଉତ୍ସବ

**ବାସୁଦେବପୁର, ୧୯ ।୧୦(ସମିସ):** ବାସୁଦେବପୁର ପୌରପାଳିକା ନୂଆବସ୍ତାଣ୍ଡ ଛକର ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ପୀଠର ୩ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବସ୍ତାଣ୍ଡ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ପୀଠରେ ସକାଳେ ଏକ କଳସ ଶୋଭାଯାତ୍ରା ବାହାରି ବାଲୁକେଶ୍ୱର ଶିବ ମନ୍ଦିର ପୋଖରୀରେ କର୍ତ୍ତା ଭାବେ ନିତ୍ୟାନନ୍ଦ ପଳିତା ଓ ପବିତ୍ରା ପଳିତା କଳସ ବୁଡାଇଥିଲେ। ମନ୍ଦିର ପରିସରରେ ଅନୁଷ୍ଠିତ ହୋମଯଜ୍ଞ ସହ ବେଦମନ୍ତ୍ରରେ ପ୍ରକମ୍ପିତ ହୋଇଥିଲା। ପଣ୍ଡିତ ଅନନ୍ତ ନାରାୟଣ ଶତପଥୀ, ପଣ୍ଡିତ ନାରାୟଣଚନ୍ଦ୍ର ପଣ୍ଡା, ପଣ୍ଡିତ ଯଦୁନାଥ ଷଡଙ୍ଗୀ ଓ ମନୋରଞ୍ଜନ ପାଢ଼ୀଙ୍କ ମନ୍ତ୍ର ଧ୍ୱନିରେ ମୁଖରିତ ହେଉଛି ସମଗ୍ର ପରିବେଶ। ପୂର୍ବରୁ ବସ୍ତାଣ୍ଡ କାଳୀ କମିଟି ପକ୍ଷରୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇ ଆସୁଥିଲେ। ୨୦୨୩ରେ କମିଟି ପକ୍ଷରୁ ମା' ଦକ୍ଷିଣେଶ୍ୱରୀ କାଳୀଙ୍କ ପୀଠରେ ପଥର ମୂର୍ତ୍ତି ସ୍ଥାପନ କରାଯାଇ ପ୍ରତିଦିନ ପୂଜା ପାଇ ଆସୁଛନ୍ତି। କମିଟିର ମଦନମୋହନ ମହାନ୍ତି, ଲକ୍ଷ୍ମୀଧର ପରିଡ଼ା, ସୁବାସଚନ୍ଦ୍ର ବାରିକ, ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ ବାରିକ, ପ୍ରଶାନ୍ତ ମଲ୍ଲିକ, ଗଗନ ବିହାରୀ ବାରିକ ପ୍ରମୁଖ ଯୋଗ ଦେଇଥିଲେ। କମିଟି ପକ୍ଷରୁ ଦୁଇ ହଜାର ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।



## ଚିନ୍ତାରେ ହବିଷ୍ୟାଳି; ଶହେ ମୁହାଁ ପରିବା ଦର

**ବାରିକପୁର, ୧୯ ।୧୦(ସମିସ):** ଏବେ ଧର୍ମ ପାଳନ ପାଇଁ ଉଦ୍ଦିଷ୍ଟ କାର୍ତ୍ତିକ ମାସରେ ହବିଷ୍ୟାଳିଙ୍କ ବ୍ରତ ଆରମ୍ଭ ହୋଇଛି। ଅନେକ ଗୃହସ୍ଥଙ୍କ ସମେତ ବିଭିନ୍ନ ଦେବାଦେବୀ ପୀଠରେ ଶ୍ରଦ୍ଧାଳୁମାନେ ମାସେ ଯାଏଁ କାର୍ତ୍ତିକ ବ୍ରତର ଶୁଭାରମ୍ଭ କରିଛନ୍ତି। ବିଶେଷ କରି ଏହି ମାସରେ ବ୍ରତଧାରୀଙ୍କ ସମେତ ଅନ୍ୟାନ୍ୟ ଜନସାଧାରଣ ଆମିଷ ଭକ୍ଷଣ କରି ନଥାନ୍ତି। ସାତ୍ତ୍ୱିକ ଭୋଜନ ପାଇଁ ସମସ୍ତେ ସବୁଜ ପନିପରିବା ଉପରେ ନିର୍ଭର କରିଥାନ୍ତି। ଏତିକି ବେଳକୁ ପ୍ରତ୍ୟେକ ବର୍ଷ ପନିପରିବା ଦର ଆକାଶଛୁଆଁ ହେଉଛି। ଏବେ କାର୍ତ୍ତିକ ଆସୁ ଆସୁ ପରିବା ଦର ଏବେ ଶହେ ମୁହାଁ ହୋଇଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟ ବଜାରଗୁଡ଼ିକରେ ପନିପରିବା ଦର ଦିନକୁ ଦିନ ବୃଦ୍ଧି ପାଉଥିବା ଦେଖାଯାଇଛି। ବ୍ଲକର ମଞ୍ଜୁରୀ ରୋଡ, ବାରିକପୁର, କୁଲଣା, ଧାମନଗର ଛକ, ଛତାବର, ମାଳଦା, ସରସଦା, ଆଖୁଆପଦା ଆଦି ଗ୍ରାମ୍ୟ ବଜାରଗୁଡିକରେ ସାଧାରଣ ଲୋକଟିଏ ପରିବା କିଣିବା କଷ୍ଟକର ହେଉଛି। ଶହେ ଦୁଇଶହ ଟଙ୍କାରେ ପରିବା କିଣିଲେ ମଧ୍ୟ ଦୁଇ କେଜିଆ ପଲିଥିନ ସମ୍ପୂର୍ଣ୍ଣ ହେଉନାହିଁ। ସୂଚନା ମୁତାବକ, ବଜାରରେ ଫୁଲ କୋବି କେଜି ପ୍ରତି ୮୦ ଟଙ୍କା ବିକ୍ରି ହେଉଥିବା ବେଳେ ପୋଟଳ କେଜି ୮୦, ସଜନା ଛୁଇଁ ୮୦, ବାଇଗଣ ୮୦, ଝୁଡୁଙ୍ଗ ୮୦, ବିମସ ୮୦, ମାଟି ଆଳୁ ୬୦, ଗାଜର କେଜି ପ୍ରତି ୬୦ ଟଙ୍କା ବିକ୍ରି ହେଉଛି। କେବଳ ଜହ୍ନି, ଭେଣ୍ଡି, କଲରା, କଖାରୁ, ଅମୃତ ଭଣ୍ଡା ଆଦି ୪୦/୫୦ ଟଙ୍କାରେ ରହିଛି। ଯେହେତୁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ପାଳବାଡିରୁ କୌଣସି ପନିପରିବା ପର୍ଯ୍ୟାପ୍ତ ମିଳୁ ନାହିଁ ତେଣୁ ଆମଦାନୀ ପରିବା ଦର ଆକାଶଛୁଆଁ ହେଉଛି। ଏହାଛଡା ଶୀତ ଦିନିଆ ପରିବା ମଧ୍ୟ ଏଯାଏଁ ହୋଇ ନାହିଁ। ତେଣୁ କାର୍ତ୍ତିକ ମାସ ଶେଷ ସୁଦ୍ଧା ଅନେକ ପନିପରିବା ଦର ୧୦୦ ଡେଇଁବା ଆଶଙ୍କା ରହିଛି। ପନିପରିବା ଦର ବୃଦ୍ଧିକୁ ନେଇ ଜନସାଧାରଣଙ୍କ ସମେତ ହବିଷାଳୀ ମାନେ ଚିନ୍ତା ପ୍ରକଟ କରିଛନ୍ତି।

## ଧାନବିଲ ଶୁଖିଲା ଠକ ଠକ: ଚାଷୀଙ୍କୁ ଭରସା ଲଘୁଚାପ ବର୍ଷା

**ବାରିକପୁର, ୧୯ ।୧୦(ସମିସ):** ଏବେ ଖରିଫ୍ ଧାନ ଚାଷରେ ଥୋଡ ସମୟ ଉପନୀତ ହୋଇଥିବା ବେଳେ ପର୍ଯ୍ୟାୟକ୍ରମେ ଗଛ ଆହାର ସଂଗ୍ରହ କରିବ। ଏଥିପାଇଁ ଚାଷ ଜମିରେ ପାଣିର ପ୍ରଚୁର ଆବଶ୍ୟକତା ରହିଛି। ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ଚାଷ ଜମି ଗୁଡିକ ଦିନକୁ ଦିନ ସୁଖିଲା ଠକ ଠକ୍ ଦେଖା ଯାଉଛି। ଏପରିକି ମାଇନର କେନାଲ ପାଶ୍ୱର୍ରେ ଥିବା କ୍ଷେତରେ ବୁନ୍ଦାଏ ପାଣି ନାହିଁ। ଏହାଛଡା କେନାଲ ଶେଷ ମୁଣ୍ଡରେ ପାଣି ପହଞ୍ଚିବା କଷ୍ଟକର ହେଉଛି। ବିଶେଷ କରି ଜଳହରି, ବିରୋଳୀ, ସାରଣା, ଚାଙ୍ଗୁଆ, ଚର୍ତ୍ତୁଭୁଜପୁର, ରାଢ଼ୋ, ଗିଲପଦୀ, ସିମିଳିଆ, ମାଳୀପଦି, ଅଙ୍ଗାରଗଡ଼ିଆ, କୋରକଦା, କୁମ୍ଭାରିଆ, କୋରିଗାଁ, ବେଲଗଡ଼ିଆ, ନୂଆ ପୋଖରୀ, ନାଉରିଗଡ଼ିଆ, ବିରିଗଡ଼ିଆ, ଆଳିହା ପ୍ରମୁଖ ସ୍ଥାନରେ ଜଳାଭାବ ଦେଖାଦେଇଛି। ଗାଁ ତଳ ଜମିରେ ପାଣି ନାହିଁ। ସେଠାରେ କେନାଲ ପାଣି ପହଞ୍ଚିବା ସ୍ୱପ୍ନ ହୋଇଛି। କେଉଁଠି ଚାଷୀମାନେ ଇଲେକ୍ଟ୍ରି ମୋଟର ଯୋଗେ ଚାଷ ଜମିକୁ ପାଣି ମଡାଉଛନ୍ତି ତ ପୁଣି କେଉଁ ଚାଷୀ ରାତି କାକର ଉପରେ ଭରସା କରିଛନ୍ତି। ମାଇନର କେନାଲ ଓ କାଡାନାଳ ଠିକ୍ ସମୟରେ କାମରେ ଆସୁନାହିଁ। ସେଗୁଡିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଲତା ଗୁଳ୍ମ ରେ ଭର୍ତ୍ତି ହୋଇଯାଇଛି। ତେଣୁ ମୁଖ୍ୟ କେନାଲରେ ପାଣି ଥିଲେ ମଧ୍ୟ ପ୍ରଶାସନିକ ସ୍ଥାଣୁତା ଯୋଗୁଁ ହଜାର ହଜାର ହେକ୍ଟର ଚାଷଜମି ଏବେ ଶୁଖିଲା ପଡ଼ିଛି। ଶୁଖିଲା ଜମିକୁ ଦେଖି ହତବାକ୍ ହେଉଛନ୍ତି ଚାଷୀ। ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁଁ ଯଦି କିଛି ବର୍ଷା ହୁଏ ତାହେଲେ ଚାଷୀ ମାନଙ୍କ ଜଳ କଷ୍ଟ ଦୁର ହେବ ବୋଲି ମତପ୍ରକାଶ ପାଇଛି।



## ସଂସ୍କାରଧର୍ମୀ ପୌରାଣିକ ପୁସ୍ତକ 'ଉର୍ମିଳା' ଲୋକାର୍ପିତ



ଦୋବଲ, ୧୯ ।୧୦(ସମିସ): ସାରସ୍ୱତ ସାଧକ ପ୍ରମୋଦ କୁମାର ମିଶ୍ରଙ୍କ ସାମାଜିକ ଚେତନାଧର୍ମୀ ଓ ପୌରାଣିକ କଥାବସ୍ତୁକୁ ନେଇ ରଚିତ ପୁସ୍ତକ 'ଉର୍ମିଳା' ଲୋକାର୍ପିତ ହୋଇଯାଇଛି। ଦିହୁଡ଼ି ଆନନ୍ଦପୁର ହରମହାଦେବ ମନ୍ଦିର ନିକଟରେ ରାମଚନ୍ଦ୍ର ଦାଶ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଭଦ୍ରକ ଉପଜିଲ୍ଲାପାଳ କାର୍ତ୍ତିକନାଥ ମଣ୍ଡଳ ଓ ଶିଳ୍ପପତି ଇଂ ଅଭୟ ସୂତାର ଏହାର ଲୋକାର୍ପଣ କରିଛନ୍ତି। ଭାରତୀୟ ଚେତନାର ଅନ୍ତଃସ୍ୱରରେ ସାମାଜିକ ପ୍ରତିବଦ୍ଧତା, ବ୍ୟକ୍ତିଗତ ଜୀବନରେ ତ୍ୟାଗ, ଆଦର୍ଶବୋଧ ଅଙ୍କୁରିତ କରିବାରେ ଯେଉଁ କତିପୟ ସାହିତ୍ୟ କୃତିର ଅବଦାନ ପ୍ରାତଃ ସ୍ମରଣୀୟ, ତନ୍ମଧ୍ୟରେ ମହାକାବ୍ୟ ରାମାୟଣ ସର୍ବାଗ୍ରେ। ରାମାୟଣର ଚରିତ୍ରମାନଙ୍କ ମଧ୍ୟରୁ ସାଧାରଣ ଜନଚେତନାରେ ସ୍ୱଚ୍ଛ ଆଲୋଚିତ ଚରିତ୍ରଟିଏ ହେଉଛନ୍ତି ରାମାନୁଜ ଲକ୍ଷ୍ମଣଙ୍କ ଧର୍ମପତ୍ନୀ ଦେବୀ 'ଉର୍ମିଳା'। ଲକ୍ଷ୍ମଣ ଯେତେବେଳେ ପ୍ରଭୁ ଶ୍ରୀରାମଚନ୍ଦ୍ର ଆଉ ମାଆ ଜାନକୀଙ୍କ ସହ ଚଉଦବର୍ଷ ଧରି ବନଗମନ କରିଛନ୍ତି, ପତିଙ୍କଠାରୁ ଦୂରରେ ଦୀର୍ଘଦିନର ସାଧନାମଗ୍ନ ଜୀବନ ଅତିବାହିତ କରିଛନ୍ତି ଦେବୀ ଉର୍ମିଳା। ଏହି ପୁସ୍ତକ ମାଧ୍ୟମରେ ଉର୍ମିଳାଙ୍କ ଜୀବନ ସମ୍ପର୍କରେ ଆଲୋଚନା କରିଛନ୍ତି ଲେଖକ ପ୍ରମୋଦ ମିଶ୍ର। ସଭା ସଞ୍ଚାଳନ କରିଥିଲେ ପଣ୍ଡିତ ଭୂପତି ଭୂଷଣ ମିଶ୍ର। ଅତିଥି ପରିଚୟ ପ୍ରଦାନ କରିଥିଲେ ଗୀତିକାର ଓ ନାଟ୍ୟକାର କୁଳମଣି ବେହେରା। ଆୟୋଜନ କରିଥିଲେ ସୀତାଂଶୁ ଦାଶ, ବୃନ୍ଦାବନ ମହାନ୍ତି, ବିଜୟ କୁମାର ଦାସ, ମାନଗୋବିନ୍ଦ ଦାସ, ବିଶ୍ୱମ୍ଭର ରାଉତ।

## ଆଜି ଦୀପାବଳି
## ବଡ଼ବଡୁଆଙ୍କୁ ଡାକିବାକୁ କାଉଁରିଆ କାଠି ଅଭାବ



**ବନ୍ତ/ଆଗରପଡ଼ା, ୧୯।୧୦(ସମିସ):** ଦୀପାବଳି ପର୍ବରେ ଓଡ଼ିଆମାନେ ଏକ ସାଙ୍ଗରେ କାଉଁରିଆ କାଠିକୁ ଜଳାଇ ସପରିବାର ଗାଁ ଦାଣ୍ଡରେ ଏକତ୍ରିତ ହୋଇ 'ବଡ଼ବଡୁଆ ହୋ ଅନ୍ଧାରରେ ଆସ ଦୀପାବଳି ଆଲୋକ ଦେଖି ଆମକୁ ଆଲୋକିତ କର' ବୋଲି ପ୍ରାର୍ଥନା କରିଥାନ୍ତି। ଆଜିର ଦିନରେ କାଉଁରିଆ କାଠିର ଅଭାବ ପରିଲକ୍ଷିତ ହେଉଛି। କାରଣ ସମୟଚକ୍ରରେ ହଜି ଯାଉଛି ଝୋଟର ଚାହିଦା। ଯଦ୍ୱାରା ବଜାର ମୂଲ୍ୟରେ ଏହାର ହ୍ରାସ ଘଟୁଛି। ବଜାର ମୂଲ୍ୟରେ ହ୍ରାସ ଯୋଗୁଁ ଦିନକୁ ଦିନ ନଳିତା ଚାଷ ପ୍ରତି ବିମୁଖ ହେବାରେ ଲାଗିଛି ଚାଷୀ। ବନ୍ତ ବ୍ଲକର ବିଭିନ୍ନ ପଞ୍ଚାୟତରେ ଏହି ଚାଷ ପାଇଁ ଭିତ୍ତିଭୂମି ରହିଥିଲେ ସୁଦ୍ଧା ପରିଶ୍ରମ ତୁଳନାରେ ସେମାନେ ସେମାନଙ୍କ ପ୍ରାପ୍ୟ ପାଇପାରୁ ନଥିବାରୁ ଉକ୍ତ ଚାଷ ପ୍ରତି ବିମୁଖ ହେବାରେ ଲାଗିଥିବା ଜଣାପଡ଼ିଛି। ଯଦ୍ୱାରା କାଉଁରିଆ କାଠିର ଅଭାବ ପରିଲକ୍ଷିତ ହେଉଛି। ଓଡ଼ଙ୍ଗ ପଞ୍ଚାୟତ ବୋଡ଼କପାଟଣା ଓ ବୋଡ଼କମୁହାଜୀବୀ ଗ୍ରାମର କିଛି ଚାଷୀଙ୍କ କହିବାନୁଯାୟୀ, ଦିନଥିଲା ଉକ୍ତ ଅଞ୍ଚଳରେ ପାଖାପାଖି ୭ ହେକ୍ଟର ଜମିରେ ନଳିତା ଚାଷ କରାଯାଉଥିଲା। ଉକ୍ତ ଚାଷ କରି ସେମାନେ ସେମାନଙ୍କ ପରିବାର ପ୍ରତିପୋଷଣ ମଧ୍ୟ କରିପାରୁଥିଲେ। ଦିନକୁ ଦିନ ବଜାରରେ ଝୋଟର ଚାହିଦା କମିବା ଯୋଗୁଁ ତାର ମୂଲ୍ୟରେ ମଧ୍ୟ ହ୍ରାସ ଘଟିଛି। କିଛି ବର୍ଷ ହେବ ଝୋଟର ବଜାର ଦର କ୍ୱିଣ୍ଟାଲ ପ୍ରତି ୪ହଜାରରୁ ସାଢେ଼୪ହଜାର ରହିଥିବା ବେଳେ ଏହାର ମୂଲ୍ୟ ଯଦି ବୃଦ୍ଧି ପାଇ ୭ହଜାରରୁ ୮ହଜାର ହୋଇପାରନ୍ତା ତେବେ ସେମାନେ ସେମାନଙ୍କ ପରିଶ୍ରମ ଅନୁସାରେ କିଛି ଲାଭ ପାଇପାରନ୍ତେ। ଏହା ହୋଇପାରୁ ନଥିବାରୁ ଉକ୍ତ ଚାଷ ପ୍ରତି ସେମାନଙ୍କ ଆଗ୍ରହ କମିବାରେ ଲାଗିଛି। ଚଳିତ ବର୍ଷ ଉକ୍ତ ଅଞ୍ଚଳରେ ୪ରୁ ୫ହେକ୍ଟର ଜମିରେ ଉକ୍ତ ଚାଷ ହୋଇଥିଲା। ଅପରପକ୍ଷରେ କିଛି ଚାଷୀ ନିଜ ଚାଷ ଜମିରେ ପରିବା ଚାଷ କରି ଏହାଠୁ ଅଧିକ ଲାଭ ପାଉଥିବାର ମଧ୍ୟ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସରକାରଙ୍କ ଦ୍ୱାରା ଉକ୍ତ ଚାଷ ପ୍ରତି ମିଳୁଥିବା ପ୍ରୋତ୍ସାହନ ରାଶି ମଧ୍ୟ ଚାଷୀଙ୍କ ପାଖରେ ଠିକ୍ ଭାବେ ପହଞ୍ଚି ପାରୁନଥିବା ସେମାନେ ଅଭିଯୋଗ କରନ୍ତି। ତେଣୁ ଉକ୍ତ ଚାଷ ପ୍ରତି ଚାଷୀ ବିମୁଖ ହେବାର ଲାଗିଥିବାରୁ ସବୁ ପରମ୍ପରା ଲୋପ ପାଇବାରେ ଲାଗିଛି। ନଳିତା ଚାଷ ବୁଡ଼ିଯାଉଥିବାରୁ ଦୀପାବଳି ପର୍ବରେ ଏକସାଙ୍ଗରେ ସପରିବାର ଓ ସାହିପଡ଼ିଶା ମିଶି ବଡ଼ବଡୁଆଙ୍କୁ ଡ଼ାକିବାର ପ୍ରଥା ଲୋପ ପାଇବାକୁ ବସିଛି। କାରଣ ଏହି ପ୍ରଥାରେ କାଉଁରିଆ କାଠିର ଭୂମିକା ଅତି ଗୁରୁତ୍ୱ। ଏହାକୁ ଜାଳି ବଡ଼ବଡୁଆଙ୍କୁ ଡ଼ାକାଯାଇଥାଏ। ସେହିପରି ଝୋଟରେ ନିର୍ମିତ ବହୁ ନିତ୍ୟବ୍ୟବହାର୍ଯ୍ୟ ଜିନିଷ ଯେପରି ବାଣି, ଦଉଡ଼ି, ଗୋରୁ ପଘା, ସିକା ଆଦି ମଧ୍ୟ ଦେଖିବାକୁ ମିଳୁନାହିଁ। ବିଭାଗୀୟ ଅଧିକାରୀ ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ସୁବିଧାସୁଯୋଗ ଚାଷୀଙ୍କଠାରେ ପହଞ୍ଚାଇବା ସହ ବୁଡ଼ିଯାଉଥିବା ନଳିତା ଚାଷକୁ ଉଜ୍ଜିବିତ ରଖିବା ପାଇଁ ଚେଷ୍ଟିତ ହେଲେ ଲୋପ ପାଇଯାଉଥିବା ବହୁ ପୁରାତନ ପରମ୍ପରା ପୁଣି ଫେରିଆସନ୍ତା ବୋଲି ବୁଦ୍ଧିଜୀବୀ ଆଶା କରିଛନ୍ତି।

## ଅସମ୍ପୂର୍ଣ୍ଣ କେନାଲ ରାସ୍ତା



**ବାରିକପୁର, ୧୯ ।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକ ବାରିକପୁର କାଳିତ୍ରା ପୀଠ ନିକଟସ୍ଥ ରାଜପଥର ବାମ ପାର୍ଶ୍ୱରେ ଥିବା କେନାଲ ରାସ୍ତା ନବୀକରଣ କାର୍ଯ୍ୟ ବନ୍ଦ ହୋଇ ପଡ଼ି ରହିଛି। ଜଳସମ୍ପଦ ବିଭାଗ ପକ୍ଷରୁ ମାଟି ମୋରମ ହୋଇ ପଡ଼ିଥିବା ୫ନମ୍ବର କେନାଲ ରାସ୍ତାର ପିଚୁ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ ବରାଦ ହୋଇଛି। ବିଶେଷ କରି ବୋହୁ ଦରଡାଠାରେ ନିର୍ମିତ ହୋଇଥିବା ଜେଲ୍ ନିକଟକୁ ଏହି ରାସ୍ତା ସଂଯୋଗ କରୁଛି। ତେଣୁ ଗୁରୁତ୍ୱ ଦୃଷ୍ଟିରୁ ଏହାର ନବୀକରଣ କାର୍ଯ୍ୟ ଗତ ମାର୍ଚ୍ଚ ମାସରୁ ଆରମ୍ଭ ହୋଇଥିଲେ ସୁଦ୍ଧା ଏଯାଏଁ ସମ୍ପୂର୍ଣ୍ଣ ହୋଇ ନାହିଁ। କେନାଲ ରାସ୍ତାରେ ପ୍ରାଥମିକ ଭାବେ କେବଳ ଡଷ୍ଟ ଓ କ୍ଷୁଦ୍ର ମେଟାଲ ପଡ଼ିଛି। ଏହାଛଡା ଆଉ କୌଣସି କାର୍ଯ୍ୟ ଏଯାଏଁ ହୋଇ ନାହିଁ। ଏପଟେ ଏହି ରାସ୍ତାରେ ଦୈନିକ ଯାତାୟାତ କରୁଥିବା ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଧାପନ୍ତରିଆ କାମ ଯୋଗୁଁ ମୋଟରସାଇକଲ ଓ ସାଇକଲ ଆରୋହୀମାନେ ଛୋଟମୋଟ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ତେଣୁ ଯଥାଶୀଘ୍ର ରାସ୍ତା ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏନେଇ ଜଳସମ୍ପଦ ବିଭାଗ ଯନ୍ତ୍ରୀଙ୍କଠାରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଅନ୍ନପୂର୍ଣ୍ଣା ମିଶ୍ରଙ୍କ ସ୍ମୃତିସଭା

**ଭଦ୍ରକ, ୧୯ ।୧୦(ସମିସ):** ନନ୍ଦିଘୋଷ ଟିଭିର ଜିଲ୍ଲା ସାମ୍ବାଦିକ ମହେଶ ମିଶ୍ରଙ୍କ ମାତା ସ୍ୱର୍ଗତ ଅନ୍ନପୂର୍ଣ୍ଣା ମିଶ୍ରଙ୍କ ଏକାଦଶାହ ସ୍ମୃତିସଭା ୩୦ନମ୍ବର ୱାର୍ଡ ଦାସସାହିସ୍ଥିତ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ୍ କୁମାର ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, କାଉନସିଲର ଆଶୀଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉନସିଲର ପ୍ରଭାତ ମାଝୀ, ଯୁବନେତା ସୂର୍ଯ୍ୟକୁମାର ଦାସଙ୍କ ସମେତ ବହୁ ଜିଲ୍ଲାସ୍ତରୀୟ ସାମ୍ବାଦିକ ତଥା ବିଶିଷ୍ଟ ବ୍ୟକ୍ତିମ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## କୋଠାର ଜେନାସାହିରେ ସମସ୍ୟା ବହୁତ, ସମାଧାନ କମ୍



**ଅସୁରାଳି, ୧୯ ।୧୦(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ କୋଠାର ପଞ୍ଚାୟତରେ ଜେନାସାହିରେ ବାସ କରୁଥିବା ବହୁ ପରିବାର ଆଜି ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି। ଏଠାର ଅନେକ ଯୋଗ୍ୟ ନାଗରିକ ବାସଗୃହ, ରାସନ କାର୍ଡ ଓ ଭତ୍ତା ଯୋଗାଣରେ ଅନ୍ୟାୟ ଭାବେ ଅଣଦିଆ ହୋଇ ରହିଛନ୍ତି। ଏହି ସାହିର ରେବତୀ ଜେନା (୬୫)ଙ୍କ ଦୁଃଖ କହିଲେ ନସରେ। ସ୍ୱାମୀଙ୍କ ମୃତ୍ୟୁକୁ ୩ ବର୍ଷ ପୁରିଲାଣି। ଏହାପରେ ତିନି ପୁଅ ମଧ୍ୟରୁ ଦୁଇଜଣ ତାଙ୍କୁ ଅଲଗା କରିଦେଇଛନ୍ତି। ସାନପୁଅ ଦାଦନ ଖଟିବାକୁ ବାହାରି ଯାଇଥିବାରୁ ଘରେ ଚୁଲି ଜଳେ, କିନ୍ତୁ ଜୀବନ ଜରି ପାଲ ତଳେ ଚାଲିଛି। ଏତେ ଯନ୍ତ୍ରଣା ମଧ୍ୟରେ ଥିବା ସତ୍ତ୍ୱେ ରେବତୀ ଜେନା ଅନ୍ୟାୟ ଭାବେ ବାସଗୃହରୁ ବଞ୍ଚିତ। ଏହିପରି ଅବସ୍ଥା ରୂପା ମଲିକ, ଝୁନାରାଣୀ ଜେନା, ମନୋରମା ଜେନା, ସବିତା ଜେନା ଓ ଅନ୍ୟାନ୍ୟ ବାସିନ୍ଦାଙ୍କ ପାଖରେ ମଧ୍ୟ ଦେଖିବାକୁ ମିଳିଛି। ସୀମା ରାଣୀ ଓ ପୂର୍ଣ୍ଣମା ଜେନାଙ୍କ ପାଖରେ ବାସଗୃହ ନାହିଁ କି ରାସନ କାର୍ଡ ନାହିଁ। ଏହା ଦ୍ୱାରା ସ୍ପଷ୍ଟ ହୁଏ ଯେ ପ୍ରଶାସନଙ୍କ ଦାୟିତ୍ୱ ଏଠି ଅପୂର୍ଣ୍ଣ ଅଛି। ସରକାରଙ୍କ ଅପାରଗତାକୁ ଦର୍ଶାଏ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଜନତା ଏବେ ଏକତ୍ରିତ ହୋଇ ଦାବି କରୁଛନ୍ତି ଯେ ସମସ୍ତ ଯୋଗ୍ୟ ବାସିନ୍ଦାଙ୍କୁ ବାସଗୃହ ଓ ଭତ୍ତା ଦିଆଯାଉ। ଏହି ବିଷୟରେ ପିଇଓ ସରୋଜିନୀ ବେହେରା କହିଛନ୍ତି, 'ଅନଲାଇନ୍ ହୋଇ ସାରିଛି, ଖୁବ୍ ଶୀଘ୍ର ସମସ୍ତେ ବାସଗୃହ ଓ ଭତ୍ତା ପାଇବେ'। ଏହି ଅବସ୍ଥା ଦେଖି ଏକ ପ୍ରଶ୍ନ ଉଠେ, ସରକାରଙ୍କ ଦାୟିତ୍ୱ କେଉଁଠି? ଯେଉଁଠି ଜନସାଧାରଣ ଯନ୍ତ୍ରଣାରେ ଯୁଝୁଛନ୍ତି, ସେଠି ନୀତି ଓ ଯୋଜନା କେବେ ପ୍ରୟୋଗ ହେବ?

## ଅଧ୍ୟାପକ ଡ. ପୀତାମ୍ବର ସ୍ୱାଇଁଙ୍କ ଜୟନ୍ତୀ ଉତ୍ସବ ପ୍ରସ୍ତୁତି



**ଭଦ୍ରକ, ୧୯ ।୧୦(ସବିସ):** ବାଗ୍ମୀଶେଖର, ଅଧ୍ୟାପକ ଡ.ପୀତାମ୍ବର ସ୍ୱାଇଁଙ୍କ ୯୪ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ 'ବିଶେଷ ଖବର' କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ନୂତନ ଭାବେ ମନୋନୀତ ସଭାପତି ଡ.ଶଶଧର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସମସ୍ତ ନୂତନ ପଦାଧିକାରୀ ଆସନ୍ତା ନଭେମ୍ବର ୧୭ ତାରିଖରେ ହେବାକୁ ଥିବା ଏହି ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବର ବିଭିନ୍ନ ବିଷୟରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହେଲା। କମଳାକାନ୍ତ ସ୍ୱାଇଁ, ଆଡଭୋକେଟ ନିତ୍ୟାନନ୍ଦ ଦାସ, ଗୋବର୍ଦ୍ଧନ ସାମଲ, ହୃଦାନନ୍ଦ ପାଣିଗ୍ରାହୀ, ଡ. ବଳରାମ ମିଶ୍ର, ପବିତ୍ର ପାଣିଗ୍ରାହୀ, ଅରୁଣ ପାତ୍ର, ମନୋରଞ୍ଜନ ଦାସ, ଡ. ବିଶ୍ୱରଞ୍ଜନ ଦାସ, ରତିକାନ୍ତ ବେହେରା, ଶ୍ରୀହର୍ଷ ସ୍ୱାଇଁ ପ୍ରଭୃତି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବଞ୍ଚିବାର ରାହା ଖୋଜି ଖୋଜି ଶେଷରେ ଆଖି ବୁଜିଲେ ପୂର୍ଣ୍ଣିମା

**ବନ୍ତ/ଆଗରପଡ଼ା, ୧୯।୧୦(ସମିସ)**

ବର୍ଷ ବର୍ଷ ଧରି ଶଯ୍ୟାରେ ଭାଗ୍ୟକୁ ଆଦରି ପଡ଼ିରହିବା ପରେ ବର୍ଷ ୨୦୨୩ରେ ସରକାରଙ୍କ ତରଫରୁ ଗୋଟିଏ ହ୍ୱିଲ ଚେୟାର ତାଙ୍କୁ ପ୍ରଦାନ କରାଯାଇଥିଲା; କିନ୍ତୁ ସେ ତାକୁ ବ୍ୟବହାର କରିପାରି ନଥିଲେ। ଭତ୍ତା ଟଙ୍କା କେବଳ ତାଙ୍କ ବଞ୍ଚିବାର ସାହାରା ପାଲଟିଥିଲା। ସରକାର ଭିନ୍ନକ୍ଷମଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ବିଭିନ୍ନ ପ୍ରକାର ଯୋଜନାମାନ ପ୍ରସ୍ତୁତ କରି ଏଥିପାଇଁ ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଉକ୍ତ ଯୋଜନାଗୁଡ଼ିକ ସଫଳ ହୋଇପାରୁ ନଥିବା ଜଣାପଡୁଛି।

ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ରାମଚନ୍ଦ୍ରପୁର ଗ୍ରାମର ପୂର୍ଣ୍ଣିମା ନାୟକ। ୨୧ ବର୍ଷ ଧରି କେବଳ ସେ ଶୋଇ ରହିଥିଲେ। ଏପରି ସ୍ଥଳେ ସରକାରୀ ସ୍ତରରେ ସେ କେବଳ ମାସିକ ୫୦୦ ପରେ ୭୦୦ ଓ ମରିବା ବେଳକୁ ୧୦୦୦ଟଙ୍କା ଭତ୍ତା ପାଉଥିଲେ। ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ଠିକ୍ ନରହିବାରୁ ସେ ବିବାହର ବର୍ଷେ ମଧ୍ୟରେ ଗତି କରୁଥିଲେ ସୁଦ୍ଧା ପୂର୍ଣ୍ଣିମାକୁ ନିଜ ଘରେ ଆଶ୍ରୟ ଦେଇ ତାଙ୍କ ସେବା କରୁଥିଲେ। ୨୦୦୩ରେ ପୂର୍ଣ୍ଣିମାଙ୍କ ଆଣ୍ଠୁ ଗଣ୍ଠି ଧରିଲା।



ପରେ ଆସି ନିଜ ବାପଘରେ ରହୁଛନ୍ତି। ତାଙ୍କ ବାପା, ମା' ଓ ଭାଇଙ୍କ ମୃତ୍ୟୁ ଘଟି ସାରିଥିବା ବେଳେ ଅନ୍ୟ ଏକ ଭାଇ ଆର୍ଥିକ ଅନଟନ ଆସ୍ତେ ଆସ୍ତେ ସେ ଆଉ ଚଲାବୁଲା କରି ପାରିଲେ ନାହିଁ। ଆର୍ଥିକ ଅନାଟନ ଚିକିତ୍ସାରେ ଅନ୍ତରାୟ ସୃଷ୍ଟି କଲା। ପ୍ରାଥମିକ ଚିକିତ୍ସା ପରେ ସେ ୨୧ ବର୍ଷ ଧରି ଶଯ୍ୟାରେ ଭାଗ୍ୟକୁ ଆଦରି ପଡ଼ି ରହିଥିଲେ। ଦିନକୁ ଦିନ ତାଙ୍କ ହାତ ଗୋଡ଼ ସବୁ ବଙ୍କା ହୋଇଯାଉଥିଲା। ବାରମ୍ବାର ଅଭିଯୋଗ କରାଯାଉଥିଲେ ସୁଦ୍ଧା ତାଙ୍କୁ ଶଯ୍ୟାଶାୟୀ ହେବାର ୧୯ ପର୍ଯ୍ୟନ୍ତ ସରକାରୀ ସ୍ତରରେ ପ୍ରଶାସନ ତରଫରୁ ଟ୍ରାଇସାଇକେଲଟିଏ ମଧ୍ୟ ଯୋଗାଇ

- ୨୧ ବର୍ଷ ଧରି ଶଯ୍ୟାଶାୟୀ ଥିଲେ
- ଭତ୍ତା ଟଙ୍କା ସାହାରା ପାଲଟିଥିଲା
- ସ୍ମୃତି ସାଉଁଟୁଛି ହ୍ୱିଲ୍‌ଚେୟାର

ଦିଆଯାଇପାରି ନଥିଲା। ଯଦ୍ୱାରା ସେ ତାଙ୍କ ପ୍ରତିଦିନର ନିତ୍ୟକର୍ମ ମଧ୍ୟ ସେହି ବିଛଣାରେ କରୁଥିଲେ। ଦୈନିକ 'ସକାଳ'ରେ ଉକ୍ତ ଖବର ପ୍ରକାଶ ପାଇବା ପରେ ୨୦୨୩ ମେ ମାସ ୨୩ ବନ୍ତ ପ୍ରଶାସନ ପକ୍ଷରୁ ତାଙ୍କୁ ହ୍ୱିଲ ଚେୟାରଟିଏ ପ୍ରଦାନ କରାଯାଇଥିଲା କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯୋଗୁଁ ସେ ତାକୁ ବ୍ୟବହାର କରି ପାରିନଥିଲେ। ସେହିପରି ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା। ୨୦୨୦ ଅକ୍ଟୋବରରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ତତ୍କାଳୀନ ବିଡ଼ିଓ, ସାମାଜିକ କଲ୍ୟାଣ ଭାରପ୍ରାପ୍ତ ଅଧିକାରୀ ପ୍ରମୁଖ ଘଟଣାସ୍ଥଳକୁ ଆସି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ପ୍ରଦାନ କରିଥିଲେ। ପ୍ରତିବଦଳରେ ଅନ୍ନପୂର୍ଣ୍ଣା ଯୋଜନାରେ ପୂର୍ଣ୍ଣିମାଙ୍କୁ ବାଦ ଦିଆଯାଇଥିଲା। ମାସିକ ୫୦୦ଟଙ୍କାକୁ ନେଇ ସେ ବଞ୍ଚି ରହିଥିଲେ। ଏହିପରି ଭାବରେ ବଞ୍ଚିବାର ରାହା ଖୋଜି ଖୋଜି ଶେଷରେ ୭ଦିନ ତଳେ ପୂର୍ଣ୍ଣିମା ସବୁ ଦିନ ପାଇଁ ଆଖି ବୁଜି ଦେଇଥିବା ଜଣାପଡ଼ିଛି। ଏଭଳି ଆହୁରି ଅନେକ ଭିନ୍ନକ୍ଷମ ଆଜିବି ସରକାରୀ ସହାୟତାକୁ ଚାହିଁ ବସିଛନ୍ତି। ଏମାନଙ୍କୁ ଚିହ୍ନଟ ସହ ତୁରନ୍ତ ଉପଯୁକ୍ତ ସହାୟତା ଯୋଗାଇ ଦେଲେ ସେମାନେ ବଞ୍ଚି ରହିବାର ମାନ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

# ଭୁବନେଶ୍ୱର ସିଟି



## ଅଟିଜିମ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଉତ୍ସବ



ଭୁବନେଶ୍ୱର,୧୯।୧୦(ସମିସ): ସମାଜସେବା ଓ ମାନବିକ ମୂଲ୍ୟବୋଧରେ ସଦା ସଚେତନ ଗୋଲ୍ଡେନ ଇଗଲ ଫାଉଣ୍ଡେସନ ପକ୍ଷରୁ ଏବର୍ଷ ଦୀପାବଳି ଅବସରରେ ଅଟିଜିମ ପିଲାଙ୍କ ସହ ଏକ ସ୍ୱତନ୍ତ୍ର ଉତ୍ସବ ଆୟୋଜିତ ହୋଇଛି। ଅଟିଜିମ୍ ସେଣ୍ଟର, ଗଜପତି ନଗରଠାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ମୁହଁରେ ଖୁସି ଆଣିବାକୁ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ପିଲାମାନଙ୍କ ପାଇଁ ଗୁପଚୁପ୍, ସ୍ୟାଣ୍ଡୱିଚ୍ ଭଳି ଖାଦ୍ୟ ବ୍ୟବସ୍ଥା ସହିତ ନାଚ-ଗୀତ, ଖେଳ-ଧୂଳା ଓ ବାଣା ଫୁଟା ଆୟୋଜନ ହୋଇଥିଲା। ଏହି ଆୟୋଜନର ପଛରେ ସ୍ଥାପକ ରତିକାନ୍ତ ଦାସ ସହ ସୌମ୍ୟ, ଅମିତ, ରାକେଶ, ପ୍ରଜ୍ଞା ପାରମିତା ଓ ଗାର୍ଗୀଙ୍କ ମିଳିତ ଉଦ୍ୟମ ରହିଥିଲା। ଏହି ସୁଦୃଢ଼ ପ୍ରୟାସକୁ ରାଜ୍ୟ ସମାଜ ସେବା ସଂଗଠନର ସଭାପତି ନାରାୟଣ ସାହୁ ନିଜେ ଉପସ୍ଥିତ ହୋଇ ସ୍ୱାଗତ କରିଥିଲେ। ଗୋଲ୍ଡେନ ଇଗଲ ଫାଉଣ୍ଡେସନର ଏହି ପଦକ୍ଷେପ ଦୀପାବଳିକୁ କେବଳ ଆଲୋକର ନୁହେଁ, ମନର ଆଲୋକର ଉତ୍ସବରେ ପରିଣତ କରିଦେଇଥିଲା ବୋଲି ଉତ୍ସବରେ ମତ ପ୍ରକାଶ ପାଇଥିଲା।

## ଅଗ୍ରଗାମୀ ଅଘରିଆ ସାମାଜ ପକ୍ଷରୁ ନୂଆଖାଇ ଭେଟ୍‌ଘାଟ୍




ଭୁବନେଶ୍ୱର,୧୯।୧୦(ସମିସ): ଅଗ୍ରଗାମୀ ଅଘରିଆ ସାମଜ ପକ୍ଷରୁ ଭୁବନେଶ୍ୱର ପଟିଆ ଅଞ୍ଚଳରେ ଥିବା ଏକ ମଣ୍ଡପରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଧୂମଧାମରେ ପାଳିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସୁଶାନ୍ତ ରାଉତ ଯୋଗଦେଇ ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ରାଜଧାନୀରେ ବସବାସ କରୁଥିବା ପଶ୍ଚିମ ଓଡିଶାର ଭାଇ ଭଉଣୀମାନଙ୍କୁ ଏକାଠି କରିବା, ଭାଇଚାରା ଭିତରେ ଭାବର ଆଦାନ ପ୍ରଦାନ କରିବା ଉଦ୍ଦେଶ୍ୟ ରଖି ଦୀର୍ଘ ବର୍ଷ ଧରି ସଙ୍ଗଠନ କାର୍ଯ୍ୟକ୍ରମ କରିଆସୁଛି। ରାଜଧାନୀରେ ରହୁଥିବା ପଶ୍ଚିମ ଓଡ଼ିଶାବାସୀ ଏକାଠି ହୋଇ ଗୋଟେ ଛାତ ତଳେ ନିଜର ପରମ୍ପରା ଭିତରେ ନିଜକୁ ହଜାଇଛନ୍ତି। ଖାଇବାର ବ୍ୟବସ୍ଥା ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ପଶ୍ଚିମ ଓଡିଶାର ଭାଷା, ସଂସ୍କୃତି ଆଜି ବିଶ୍ୱ ଦରବାରରେ ପହଁଚି ସାରିଲାଣି, ନୂଆଖାଇ ପରମ୍ପରା ଆଉ ପଶ୍ଚିମ ଓଡିଶା ଭିତରେ ନାହିଁ, ରାଜ୍ୟ ତଥା ଦେଶବିଦେଶରେ ବି ନୂଆଖାଇ ପରି ପବିତ୍ର ପରମ୍ପରାକୁ ଆଗାମୀ ପୀଢୀ ଜାଣିବା ବୁଝିବା ପାଇଁ ଏଭଳି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ରହିଚି ବୋଲି ଆୟୋଜକ ପ୍ରକାଶ କରିଛନ୍ତି।

## ସତ୍ୟସାଇ ମହିଳା ମହାବିଦ୍ୟାଳୟରେ ପୋଷଣ ସଚେତନତା



ଭୁବନେଶ୍ୱର, ୧୯ ।୧୦(ସମିସ): ଶ୍ରୀସତ୍ୟସାଇ ମହିଳା ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ଓ ଏନ୍‌ଏସ୍‌ଏସ୍ ୟୁନିଟ୍ ପକ୍ଷରୁ ପୋଷଣ ମାସ ଅବସରରେ 'ପୋଷଣ ସଚେତନତା ଓ ସନ୍ତୁଳିତ ଖାଦ୍ୟ'ର ଗୁରୁତ୍ୱ ବିଷୟରେ ସଚେତନ କରାଯାଇଛି। ଗୃହ ବିଜ୍ଞାନ ବିଭାଗର ଅଧ୍ୟାପିକା ଡ. ରଶ୍ମିତା ପରିଡ଼ା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ବିଦ୍ୟୁଲତା ପାଣିଗ୍ରାହୀ ଉନ୍ନତ ସମାଜ ଓ ସଭ୍ୟତା ପାଇଁ ପୋଷଣ ଅପରିହାର୍ଯ୍ୟ ବୋଲି କହିବା ସହ ବ୍ୟାପକ ସଚେତନତା ପାଇଁ ବିଦ୍ୟାର୍ଥୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଛନ୍ତି। ମୁଖ୍ୟ ଅତିଥି ଭାବେ ସୋନାଲି ସିନ୍‌ହା ଯୋଗଦେଇ ପୋଷଣ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଓ ସ୍ୱସ୍ଥ୍ୟ ଖାଦ୍ୟ ଅଭ୍ୟାସ ଗଠନ ପାଇଁ ପ୍ରାୟୋଗିକ ପଦ୍ଧତି ବିଷୟରେ ଆଲୋକପାତ କରିଥିଲେ। ବିଶେଷ କରି ଯୁବ ଓ ମହିଳାଙ୍କ ପାଇଁ ପୋଷଣ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ଛାତ୍ରୀମାନେ ବିଭିନ୍ନ ପ୍ରଶ୍ନ ପଚାରିବା ସହ ଦୈନିକ ଜୀବନରେ ପୋଷଣ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

## ସାରସ୍ୱତ ସମାଜର ବାର୍ଷିକୋତ୍ସବ



ଭୁବନେଶ୍ୱର,୧୯।୧୦(ସମିସ): ସାରସ୍ୱତ ସମାଜର ୧୫ତମ ବାର୍ଷିକ ଉତ୍ସବ ଜୟଦେବ ଭବନ ପ୍ରେକ୍ଷାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାପତି ରାଜକିଶୋର ପତି ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ସାରସ୍ୱତ ସଂସଦ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ଡ. ହିମାଦ୍ରୀ ତନୟା ମିଶ୍ର ପରିଚାଳନା କରିଥିବାବେଳେ ସାଂସଦ ଭର୍ତ୍ତୃହରି ମହତାବ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବିଶିଷ୍ଟ ଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ। ଡ. ଦେବାଶିଷ ମହାପାତ୍ରଙ୍କୁ 'ସାରସ୍ୱତ ରତ୍ନ', ଡ. ଶରତ ଚନ୍ଦ୍ର ପରିଡ଼ା ଓ ଧରିତ୍ରୀ ମହାନ୍ତିଙ୍କୁ 'ସାରସ୍ୱତ ଗୌରବ' ସମ୍ମାନ ସହ ୩୫ ଜଣ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଆଜି ଦୀପାବଳି**

# ଝିଲିମିଲି ଆଲୁଅରେ ଝଲସୁଛି ସହର

ଭୁବନେଶ୍ୱର, ୧୯ ।୧୦ (ସମିସ):



ଦୀପାବଳି ପାଇଁ ସହରଠାରୁ ନେଇ ଗାଁ ପର୍ଯ୍ୟନ୍ତ ଚଳଚଞ୍ଚଳ ହୋଇପଡଡ଼ଛି। ଦୀପ, ବାଣ, ମୁରୁଜ, ଲିଟୁ, ଆଦି କିଣିବା ପାଇଁ ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ଦୀପାବଳି ପାଇଁ ଚଳଚଞ୍ଚଳ ହୋଇପଡ଼ିଛି ରାଜଧାନୀ। ଗହଣା ଦୋକାନ ଠାରୁ ଆରମ୍ଭ କରି ଲୁଗା, ଫଳ, ମିଠା, ବାଣ, ଗିଫ୍ଟ, ଲିଟୁ ଲାଇଟ ଆଦି ଦୋକାନରେ ମଧ ଗହଳି ଦେଖିବାକୁ ମିଳିଛି। ବିଶେଷ କରି ଦୀପାବଳି ପାଇଁ ଦୀପ ଓ ତେଲ ପାଇଁ ମଧ ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ଏଥିସହିତ ଭଳିକିଭଳି ମିଠା କିଣିବା ପାଇଁ ମିଠା ଦୋକାନରେ ଭିଡ଼ ଦେଖିବାକୁ ମିଳିଛି। ବର୍ଫିରେ ମଧ ବିଭିନ୍ନ କିସମ ରହିଛି। ସେଥିରେ ଡ୍ରାଏ ଫ୍ରୁଟ୍ ବର୍ଫି, କାଜୁ ବର୍ଫି, ଡ୍ରାଏ ଫ୍ରୁଟ୍ ଲଡୁ ବର୍ଫି, ଅଞ୍ଜିର ବର୍ଫି, ଆଲମଣ୍ଡ ବର୍ଫି ଭଳି ମିଠା ଲୋକଙ୍କ ଚାହିଦାରେ ରହିଛି। ଏଥିସହିତ ଲୋକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ଗିଫ୍ଟ ପ୍ୟାକ୍, ହାତରେ ତିଆରି ଚକୋଲେଟ୍, ଫ୍ୟାନ୍ସି ମିଠା ମଧ କେତେକ ଦୋକାନରେ ଦେଖିବାକୁ ମିଳିଛି। ସହରର ବିଭିନ୍ନ ହାଟ ବଜାରରେ ପିତୃ ପୁରୁଷଙ୍କୁ ଡାକିବା ପାଇଁ କାଉଁରିଆ କାଠି ସହିତ ଦୀପ, ଜଡା ତେଲ, ରାଶି ତେଲ, ପୋଲାଙ୍ଗ ତେଲକୁ ଲୋକମାନେ କିଣୁଥିବାର ଦେଖିବାକୁ ମିଳିଛି। ଜଡା ତେଲ ଦର ୧ ଶହ ଟଙ୍କା ରହିଛି। ଏହିପରି କାଉଁରିଆ କାଠି ବିଡା ଦାମ ବିଡା ପିଛା ୩୦ ଟଙ୍କା ରହିଛି। ଏଥିସହିତ ଘର ସାଜସଜ୍ଜା କରିବା ପାଇଁ ପ୍ଲାଷ୍ଟିକ ଫୁଲ ସହିତ ଗେଣ୍ଡୁ ଫୁଲ ମଧ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ବର୍ତ୍ତମାନର ଟ୍ରେଣ୍ଡ ଅନୁସାରେ ଆକାଶ ଦୀପ ଚାହିଦା ଢେର୍ ରହିଛି କ୍ଷ ଗୋଟିକର ଦମ୍ ୧୫ ରୁ ୨୦ ଟଙ୍କା ରହିଥିବା ବେଳେ ଯୁବପିଢ଼ି ଏହାକୁ ଅଧିକ ମାତ୍ରାରେ କିଣୁଛନ୍ତି।

## ଓଡ଼ିଶା ଲେଖକ ସମବାୟ ସମିତିର ମାସିକ ସାହିତ୍ୟ ଆଲୋଚନା



ଭୁବନେଶ୍ୱର,୧୯।୧୦(ସମିସ): ନାରୀର ବାସ୍ତବ ଜୀବନକୁ ଚିତ୍ରଣ କରିବାରେ ସାହିତ୍ୟିକା ବସନ୍ତ କୁମାରୀ ପଟ୍ଟନାୟକ ଜଣେ ସଫଳ କଥାଶିଳ୍ପୀ, କାହାଣୀ ସଂଯୋଜନାରେ ସମାଜକୁ ଯାର ମନୋଭାବ ଏବଂ ଚରିତ୍ର ମାନଙ୍କ ମନସ୍ତାତ୍ତ୍ୱିକ ବିଶ୍ଳେଷଣ ତାଙ୍କ ସାହିତ୍ୟର ବିଶେଷତ୍ୱ ବୋଲି କହିଛନ୍ତି ବିଶିଷ୍ଟ କଥାଶିଳ୍ପୀ ତଥା ଓଡିଶା ଲେଖକ ସମବାୟ ସମିତିର ପ୍ରାକ୍ତନ ଉପସଭାପତି ବନଜ ଦେବୀ। ସମିତିର ସଭାପତି ପୀତବାସ ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବସନ୍ତ କୁମାରୀଙ୍କ ଉପନ୍ୟାସ, ଗଳ୍ପ, କବିତା ଓ ଏକାଙ୍କିକା ବିଷୟରେ ଆଲୋଚନା କରି ତାଙ୍କ ସର୍ବଶ୍ରେଷ୍ଠ ଉପନ୍ୟାସ ଅମତା ବାଜ ଉପରେ ଆଲୋଚନା କରିଥିଲେ। ସାମାଜିକ ବ୍ୟବସ୍ଥାରେ ନାରୀର ଜୀବନଚର୍ଯ୍ୟାର ରୂପଚିତ୍ର ସଫଳ ଭାବେ ଆଙ୍କିଛନ୍ତି ବୋଲି ଉପସଭାପତି ଡ. ପ୍ରେମଲତାଦେବୀ ମତପ୍ରକାଶ କରିଥିଲେ। ସାହିତ୍ୟିକା ଆରତୀ କର ଓ ମିନତୀ ଷଡଙ୍ଗୀ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଥିରେ ସୁକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ ରମାକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ। ସଭା ପ୍ରାରମ୍ଭରୁ ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ ପ୍ରଫେସର ଡ. ସୁରେନ୍ଦ୍ରନାଥ ଦାଶଙ୍କର ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା।

## 'ଆଧୁନିକ ସାହିତ୍ୟ ଓ ପତ୍ରପତ୍ରିକା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ପରି'

ଭୁବନେଶ୍ୱର, ୧୯ ।୧୦(ସମିସ): ସାହିତ୍ୟ ପତ୍ରିକା 'ଝରଣା ' ଓ 'ଚିରସମର୍ଥା'ର ଉନ୍ମୋଚନ ଉତ୍ସବ ଏବଂ ଏକ ଆଲୋଚନା ଚକ୍ର ସ୍ଥାନୀୟ ବୁଦ୍ଧମନ୍ଦିର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଯାଇଛି। ଝରଣା ଓ ଚିରସମର୍ଥା ପତ୍ରିକାର ସମ୍ପାଦକ ତଥା ଗାଳ୍ପିକ ମନୋଜ କୁମାର ଜେନା ଏହି ସଭାରେ ସଭାପତିତ୍ୱ କରିଥିଲେ। ଚିର ସମର୍ଥାର ମୁଖ୍ୟ ସମ୍ପାଦିକା ଇନ୍ଦୁରେଖା ପଣ୍ଡା ଉକ୍ତ ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ସ୍ୱର୍ଗତ ଶଙ୍କର୍ଷଣ ପଣ୍ଡାଙ୍କର ପତ୍ରିକା ପାଇଁ ଅନବଦ୍ୟ ଅବଦାନ ସମ୍ପର୍କରେ ଅବତାରଣା କରିଥିଲେ। 'ସାହିତ୍ୟର ବିକାଶରେ ପତ୍ରପତ୍ରିକାର ଭୂମିକା' ଶୀର୍ଷକ ଆଲୋଚନାରେ ଅଂଶ ଗ୍ରହଣ କରି ସୁସାହିତ୍ୟିକ ଡାକ୍ତର ଇନ୍ଦ୍ରମଣି ଜେନା ପ୍ରକାଶ କରିଥିଲେ ଯେ ସାହିତ୍ୟର ପ୍ରଚାର ଓ ପ୍ରସାର ନିମନ୍ତେ ପତ୍ରପତ୍ରିକା ଏକ ବିଶିଷ୍ଟ ମାଧ୍ୟମ। ଡ. ଶରତ ଚନ୍ଦ୍ର ରଥ କହିଥିଲେ ଯେ ଆଧୁନିକ ସାହିତ୍ୟ ଓ ପତ୍ରପତ୍ରିକା ଗୋଟିଏ ମୁଦ୍ରାର ଦୁଇ ପାଶ୍ୱର୍ ପରି ଓତପ୍ରୋତ ଭାବେ ଜଡିତ। ଡ. ବିବେକାନନ୍ଦ ପାଣିଗ୍ରାହୀ ଓଡ଼ିଆ ପତ୍ରପତ୍ରିକାର ଧରା ଓ ଧାରା ଉପରେ ଆଲୋକପାତ କରିଥିଲେ। ସଭାପତି ମନୋଜ କୁମାର ଜେନା ପତ୍ରପତ୍ରିକାକୁ ଆଧୁନିକ ସାହିତ୍ୟର ଭିତ୍ତିଭୂମି ଭାବରେ ବିଚାର କରିଥିଲେ। ଏହି ଉତ୍ସବରେ ପଣ୍ଡିତ ରଘୁନାଥ ମିଶ୍ରଙ୍କ ଦ୍ୱାରା ଅନୂଦିତ ଶ୍ରୀମଦ ଭଗବଦ ଗୀତା ମଧ୍ୟ ଉଦଘାଟିତ ହୋଇଥିଲା ଓ ବକ୍ତାମାନେ ଏହି ପୁସ୍ତକ ଉପରେ ଆଲୋଚନା କରିଥିଲେ। ଶେଷରେ ସୁସାହିତ୍ୟିକା କାନନବାଳା ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



## ଦୃଷ୍ଟିବାଧିତ ଫୁଟ୍‌ବଲ ତାଲିମ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୯ ।୧୦ (ସମିସ): ସାମାଜିକ ଅନୁଷ୍ଠାନ ବୁଲ୍ସଆଇ ପକ୍ଷରୁ ଜଟଣୀସ୍ଥିତ ଆଇଆଇସି କମ୍ପ୍ଲେକ୍ସରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିବାଧିକ ଫୁଟ୍‌ବଲ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ତିନିଦିନିଆ ଏହି ଶିବିରରେ ବିଭିନ୍ନ ଜିଲ୍ଲାର ଦୃଷ୍ଟିବାଧିତ ଖେଳ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ସହ-ପ୍ରଶିକ୍ଷକ ନରେଶ ସିଂ ନୟାଲ ଏଥିରେ ମାଷ୍ଟର ଟ୍ରେନର୍ ଭାବେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଡେପୁଟୀ ସେକ୍ରେଟାରୀ ସନ୍ନ୍ୟାସୀ ବେହେରା ଯୋଗଦେଇ ବୁଲ୍ସଆଇର ଏହି କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ସେହିଭଳି ଅତିରିକ୍ତ ଶାସନ ସଚିବ ଭାସ୍କର ରାଇତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ ହିଆଲ, ଆଇଆଇସିର ଅଧିକ୍ଷକ ତ୍ରିନାଥ ପାଢ଼ୀ, ବିକେ ପିଙ୍କି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଭାରତ ସରକାରଙ୍କ ଭିନ୍ନକ୍ଷମ ବିଭାଗର ମୁଖ୍ୟ ଆୟୁକ୍ତ ପ୍ରବୀଣ କୁମାର, ରାଜ୍ୟର ବ୍ରତତୀ ହରିଚନ୍ଦନ ଯୋଗଦେଇଥିଲେ। ରାଜ୍ୟର କୋଣ ଅନୁକୋଣରୁ ଦୃଷ୍ଟିବାଧିତ ଖେଳାଳିଙ୍କୁ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ଏହାର ମୁଖ୍ୟ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଛନ୍ତି।

## 'ସାହିତ୍ୟରେ ସ୍ନେହ, ଶାନ୍ତି, ଉଦାରତା, ପ୍ରେମ ନଥିଲେ ଏହା ଚିରକାଳ ତିଷ୍ଠି ପାରେ ନାହିଁ'

ଭୁବନେଶ୍ୱର,୧୯ ।୧୦(ସମିସ): ସମଗ୍ର ମାନବ ଜାତି ମଧ୍ୟରେ ଶାନ୍ତି, ମୈତ୍ରୀ ଓ ଐକ୍ୟର ବାର୍ତ୍ତା ପ୍ରଚାର ପ୍ରସାର କରିବା ଅନାମ ଗୋଷ୍ଠୀର ଲକ୍ଷ୍ୟ। ସର୍ବାଧିକ ବ୍ୟକ୍ତିଙ୍କ ବୋଧଗମ୍ୟ ଓ ହୃଦୟସ୍ପର୍ଶୀ ହେବା ପାଇଁ ଅନାମ କବିତା ଛନ୍ଦୋବଦ୍ଧ, ଶ୍ରୁତିମଧୁର, ସାବଲୀଳ ତଥା ଆବୃତ୍ତିଧର୍ମୀ ହେବା ଜରୁରୀ ବୋଲି ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଧଉଳି ରିଭ୍ୟୁ ଟ୍ରଷ୍ଟଙ୍କ ମିଳିତ ସହଯୋଗରେ ସଂସ୍କୃତି ଭବନରେ ଆୟୋଜିତ 'ଅନାମ କାବ୍ୟ ଆନ୍ଦୋଳନ'ରେ ଏକଦିବସୀୟ ଆଲୋଚନାଚକ୍ର ଓ କବିତା ପାଠୋତ୍ସବରେ ମତ ପ୍ରକାଶ ପାଇଛି। ବିଶିଷ୍ଟ କଥାଶିଳ୍ପୀ ଗୌରହରି ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଯୋଗଦେଇ ଅନାମ ସାହିତ୍ୟ ପ୍ରଶ୍ନ ଓ ଆହ୍ୱାନ କରେ ବୋଲି କହିଥିଲେ। କବି ବଂଶୀଧର ଷଡ଼ଙ୍ଗୀ ଗୋଟିଏ କାଳଖଣ୍ଡରେ ଅନାମ ଏକ ବିରାଟ ପରିବର୍ତ୍ତନ ଆଣିଥିଲା ବୋଲି କହିଥିଲେ। ସଭାପତି ଶ୍ରୀ ଦାସ ନିଜ ଅଭିଭାଷଣରେ ସାହିତ୍ୟରେ ସ୍ନେହ, ଶାନ୍ତି, ଉଦାରତା, ପ୍ରେମ, ତିତିକ୍ଷା ଆଦି ନଥିଲେ ଏହା ଚିରକାଳ ତିଷ୍ଠି ପାରେ ନାହିଁ ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ମନୁ ଦାଶ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଏକାଡେମୀର ସଚିବ ଚନ୍ଦ୍ରଶେଖର ହୋତା ଯୋଗ ଦେଇଥିଲେ।

ପ୍ରଥମ ଅଧିବେଶନରେ ବିଶିଷ୍ଟ ସାହିତ୍ୟିକ ପ୍ରଫେସର କୈଳାସ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ସାହିତ୍ୟିକ ପବିତ୍ର ମୋହନ ଦାଶ, ବିଜୟଲକ୍ଷ୍ମୀ ଦାଶ, ରବୀନ୍ଦ୍ର କୁମାର ଦାସ, ଜ୍ଞାନୀ ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। କବି ଫନୀ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କବିତା ପାଠୋତ୍ସବରେ ହରିଶ୍ଚନ୍ଦ୍ର ବେହେରା, ନେତ୍ରାନନ୍ଦ ସାମନ୍ତରାୟ, କାମଦେବ ମହାରଣା ଓ ମନୁ ଦାଶ ଯୋଗଦାନ କରି ଅନାମ କାବ୍ୟ ସମ୍ପର୍କିତ କବିତା ପାଠ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗ ଦେଇଥିଲେ। ଏକାଡେମୀର ସହ-ସଚିବ ସଞ୍ଜୟ କୁମାର ଛୁଆଳସିଂହ ଧନ୍ୟବାଦ ଦେଇଥିଲେ।

## ଭୁବନେଶ୍ୱରରେ ଗୀତା ଆବୃତ୍ତି ପ୍ରତିଯୋଗିତା

ଭୁବନେଶ୍ୱର,୧୯।୧୦(ସମିସ): ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ଭୀମଟାଙ୍ଗୀ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜ୍ଞାନପ୍ରଭା ମିଶନର ସମ୍ପାଦିକା ସ୍ୱାମୀ ଶାରଦାନନ୍ଦ ଗିରିଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ ସହ ଏହି କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଥିଲା। ୨୫ଟି ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟର ୧୨୫ ଜଣ ପ୍ରତିଯୋଗୀ ୪ଟି ବର୍ଗରେ ଭାଗ ନେଇ ଭଗବଦ୍ ଗୀତାର ୫ମ ଅଧ୍ୟାୟ ଆବୃତ୍ତି କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ ବିଜେତାଙ୍କୁ ଏକ ବର୍ଷର ବୃତ୍ତି ପ୍ରଦାନ କରାଯିବ। ଭୀମଟାଙ୍ଗୀ ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଉଲ୍ଲାସ କୁମାର ଲେଙ୍କା, ଗୀତା ପରିବାରର ପ୍ରମୋଦ କୁମାର ମହାନ୍ତି, ରଘୁନାଥ ପାଢ଼ୀ ଓ ପ୍ରଜ୍ଞାନ ମିଶନର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ସମସ୍ତ ପ୍ରତିଯୋଗୀଙ୍କୁ ପଞ୍ଚମ ଅଧ୍ୟାୟ ସମ୍ବଳିତ ଗୀତା ପୁସ୍ତକ ପ୍ରଦାନ କରାଯାଇଥିଲା।



## କବି ଡ. ଜଗତବନ୍ଧୁଙ୍କ ପୁସ୍ତକ ଉନ୍ମୋଚନ

ଭୁବନେଶ୍ୱର,୧୯ ।୧୦(ସମିସ): ସୁବର୍ଣ୍ଣଶ୍ରୀ ପ୍ରକାଶନୀ (ବାଲେଶ୍ୱର) ଦ୍ୱାରା ପ୍ରକାଶିତ କବି ଡ. ଜଗତବନ୍ଧୁ ଆଚାର୍ଯ୍ୟଙ୍କ ତିନି ଖଣ୍ଡ କବିତା ପୁସ୍ତକ 'କାକଟସର ଲୁହ', 'ଅପରିଚିତ ସହର', 'ବାଟଭୁଲା ଚଢ଼େଇର ଗୀତ' ଏବଂ ଭ୍ରମଣ କାହାଣୀ 'ଶ୍ରୀଲଙ୍କାରେ ସାତ ରାତି'ର ଶୁଭ ଉନ୍ମୋଚନ ରେଡ଼କ୍ରସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ବିଶିଷ୍ଟ କଥାକାର ଦାଶ ବେନହୁର, ମୁଖ୍ୟବକ୍ତା ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ପଦ୍ମଶ୍ରୀ ଡ. ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଡ. ଆଚାର୍ଯ୍ୟଙ୍କ କବିତା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ଲକ୍ଷ୍ମୀପ୍ରିୟା ବେହେରା ଓ ପ୍ରଫେସର ରୁଦ୍ରନାରାୟଣ ମହାପାତ୍ର ଭ୍ରମଣ ସାହିତ୍ୟର ଦୃଷ୍ଟିକୋଣ ଓ ସୌନ୍ଦର୍ଯ୍ୟ ସମ୍ପର୍କେ ଆଲୋଚନା କରିଥିଲେ। ପ୍ରକାଶକ ଡ. କାଳୀପଦ ପଣ୍ଡା ଓ ଅନେକ ସାରସ୍ୱତ ସାଧକ ଉପସ୍ଥିତ ଥିଲେ। ଓଡ଼ିଆ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଡ. ଶର୍ମିଷ୍ଠା ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାଞ୍ଚଦିନ ହେବ ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ

ନନ୍ଦନକାନନ,୧୯।୧୦(ସମିସ) : ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ ଆସନ୍ତା ନଭେମ୍ବର ୫ ତାରିଖ କାର୍ତ୍ତିକ ପୂର୍ଣ୍ଣିମାଠାରୁ ନଭେମ୍ବର ୯ ତାରିଖ ପର୍ଯ୍ୟନ୍ତ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବ। କାର୍ତ୍ତିକ ପୂର୍ଣ୍ଣିମାରେ ପୌରାଣିକ ପରମ୍ପରା ଅନୁଯାୟୀ ପୁରୀ ମୁଖ୍ୟ କେନାଲରେ ବୋଇତ ବନ୍ଦାଣ ହେବ। ସନ୍ଧ୍ୟା ୫ଟାରେ ମହୋତ୍ସବ ସମାରୋହର ମଞ୍ଚ ଉଦ୍‌ଘାଟନ କରାଯିବ ବୋଲି ଚୂଡ଼ଙ୍ଗଗଡ଼ ବାରଙ୍ଗ ମହୋତ୍ସବ କମିଟି ତରଫରୁ ସଭାପତି ତୁଷାରକାନ୍ତ ଚକ୍ରବର୍ତ୍ତିଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ନଭେମ୍ବର ୨ତାରିଖରେ ନରଣପୁର ରାମେଶ୍ୱର ମନ୍ଦିର ନିକଟରୁ ବାରଙ୍ଗ ମା, କନକଦୁର୍ଗା ମନ୍ଦିର ପର୍ଯ୍ୟନ୍ତ ଏକ ଗଣ ଦୌଡ଼ର ଆୟୋଜନ କରାଯାଇଛି। ଅଖଣ୍ଡବାରଙ୍ଗର ୧୯ ଟି ଗ୍ରାମପଞ୍ଚାୟତର ସମସ୍ତ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଚୂଡ଼ଙ୍ଗ ଐତିହ୍ୟ ସମ୍ବନ୍ଧରେ ବକ୍ତୃତା ଓ ସାଧାରଣ ଜ୍ଞାନର ପ୍ରତିଯୋଗିତା, କ୍ରୀଡ଼ାବିତଙ୍କୁ ନେଇ ଫୁଟବଲ ଓ କ୍ରିକେଟ ପ୍ରତିଯୋଗିତା କରାଯିବ। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ।

ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଉତ୍ସବ ପେଣ୍ଡାଲରେ ରାଜ୍ୟର ପାଇକ ସମର ସଜ୍ଜା, ସମ୍ବଲପୁରୀ ନୃତ୍ୟ, ଛଉ ନୃତ୍ୟ ଭଳି ବିଭିନ୍ନ ଲୋକକଳା ନୃତ୍ୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ସାମ୍ବାଦିକ ସମ୍ମିଳନୀରେ ଉପଦେଷ୍ଟା ବସନ୍ତ ମହାପାତ୍ର, ସୁନିଲ ସିଂ, ସମ୍ପାଦକ ରାମ ଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ମଲ୍ଲିକ, ପ୍ରମୋଦ ରାଉତ, ତପନ ସେଠୀ , ବାବୁଲି ସ୍ୱାଇଁ, ଦୀପକ ସ୍ୱାଇଁ, ଭୂପତି ଭୂଷଣ ପାଣି, ସନ୍ତୋଷ ଷଡ଼ଙ୍ଗୀ, ସୁନୀଲ ସ୍ୱାଇଁ ଓ କମିଟିର ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବ୍ୟକ୍ତିତ୍ୱ ନିର୍ମାଣରେ ସହାୟକ ହୋଇଥାଏ ସେବା ମନୋଭାବ

ଭୁବନେଶ୍ୱର, ୧୯ ।୧୦(ସମିସ):



**ଓୟୁଟିଆର୍‌ରେ ଏନ୍‌ଏସ୍‌ଏସ୍ ଶିବିର**

ରାଷ୍ଟ୍ରୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର)ରେ ଚାଲିଥିବା ଯୁବ ନେତୃତ୍ୱ ପ୍ରଶିକ୍ଷଣ (ୱାଇଏଲ୍‌ଟି) କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ୧୧ଟି ଶିକ୍ଷାନୁଷ୍ଠାନର ପ୍ରାୟ ୧୧୦ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ମୋଟ ୧୦ଟି ଅଧିବେଶନରେ ସାମାଜିକ କର୍ତ୍ତବ୍ୟ, ଆଧ୍ୟାତ୍ମିକ ଦିଗ୍‌ଦର୍ଶନ, ସ୍ୱାସ୍ଥ୍ୟ ଓ ମାନସିକ ଚାପ ପରିଚାଳନା ପରି ବିଭିନ୍ନ ପ୍ରସଙ୍ଗରେ ବିଶେଷଜ୍ଞମାନେ ସ୍ୱେଚ୍ଛାସେବୀଙ୍କୁ ମାର୍ଗଦର୍ଶନ ଦେଇଛନ୍ତି। ସେହିପରି ପିଲାଙ୍କ ମଧ୍ୟରେ ଥିବା ପ୍ରତିଭା ପ୍ରଦର୍ଶନ କରିବା ସହିତ ସେମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସେବା ଯୋଜନା ଆଞ୍ଚଳିକ ନିର୍ଦ୍ଦେଶିକା ସରିତା ପଟେଲ, ଡେପୁଟି ସେକ୍ରେଟାରୀ ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସେବା ମନୋଭାବ ବ୍ୟକ୍ତିତ୍ୱ ନିର୍ମାଣରେ ସହାୟକ ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏନ୍‌ଏସ୍‌ଏସ୍ ସେଲ ସଂଯୋଜିକା ପ୍ରଫେସର ସବିତା ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଫିସର୍ ରୋଜାଲିନ୍ ଦାଲାଇ, ଟ୍ୱିଙ୍କଲ୍ କିସ୍କୁ, ଲାଲବହାଦୁର ମାଝୀ, ଜିତେନ୍ଦ୍ର ନାୟକ, ବିଷ୍ଣୁ ନାରାୟଣ ମହାପାତ୍ର ଓ ଦେବାଶିଷ ଗାଉଣ୍ଟିଆ ପ୍ରମୁଖ ସହଯୋଗ କରିଥିଲେ।

## କାଳୀମୁଖୀ ମନ୍ଦିରରେ କାଳୀପୂଜା



ଆସିକା, ୧୯ ।୧୦(ସମିସ): ଆସିକା ହାପଦା ସ୍ଥିତ କାଳୀ ମୁଖୀ ମନ୍ଦିରରେ ତିନି ଦିନିଆ କାଳୀ ପୂଜା ଉତ୍ସବ ଶୁଭାରମ୍ଭ ହୋଇଛି। ପ୍ରଥମ ଦିବସରେ ମା'ଙ୍କ ସ୍ନାନ ଓ ମାଜଣା ସହ ବାଲ ଧୂପ ପରେ ମଧ୍ୟାହ୍ନରେ ପୂଜା ମଣ୍ଡପରେ ସ୍ତୋତ୍ରିୟ ବ୍ରାହ୍ମଣଙ୍କ ଦ୍ୱାରା ସ୍ୱତନ୍ତ୍ର ପୂଜା ଓ ଚଣ୍ଡୀ ପାଠ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଆଳତି ଓ ଅନ୍ୟାନ୍ୟ ପୂଜା ଓ ହୋମ ପରେ ଶତାଧିକ ଶ୍ରଦ୍ଧାଳୁଙ୍କ ନିମନ୍ତେ ପ୍ରସାଦ ସେବନ ଆୟୋଜନ କରାଯାଇଥିଲା। ରବିବାର ତ୍ରୟୋଦଶୀ ଯୁକ୍ତ ଚତୁର୍ଦ୍ଦଶୀ ତିଥି ବା ଶ୍ୟାମାକାଳୀ ପୂଜା ହେତୁ ବୈଷ୍ଣବ ରୀତି ନୀତି ଅନୁଯାୟୀ ଦିନ ତମାମ ବିଭିନ୍ନ ପୂଜା ଓ ଚଣ୍ଡୀପାଠ ସହ ରାତ୍ରିରେ ଯଜ୍ଞାନୁଷ୍ଠାନ ଚାଲୁ ରହିଛି। ସୋମବାର ଦିନ ଦୀପାବଳୀରେ ପୂଜା ଉଦଯାପିତ ହେବ। ପୂଜା କାର୍ଯ୍ୟରେ ପଣ୍ଡିତ କାହ୍ନୁ ଚରଣ ମହାପାତ୍ର ଓ କାହ୍ନୁ ଚରଣ ତ୍ରିପାଠୀ ତଥା ଚଣ୍ଡୀ ପାଠରେ ପଣ୍ଡିତ ଦିଲ୍ଲୀପ ବେବର୍ତ୍ତା ନିୟୋଜିତ ରହିଛନ୍ତି। ଆୟୋଜିତ ପୂଜାରେ ମା'ଙ୍କ ଆଶିଷ ପାଇବା ନେଇ ବହୁ ଭକ୍ତଙ୍କ ସମାଗମ ହେଉଛି।

● ଇ-କେୱାଇସି ବାଧ୍ୟତାମୂଳକ

## ଧରାପଡ଼ିବେ ନକଲି ଶ୍ରମିକ

ଭଞ୍ଜନଗର, ୧୯ ।୧୦(ସମିସ): ମନରେଗା ଯୋଜନାର ଅନେକ ଗଳା ବାଟରେ ସୁଯୋଗ ନେଇ କୋଟି କୋଟି ଟଙ୍କା ଲୁଟ୍ ହେଉଥିଲା। ଏନେଇ ବିଭିନ୍ନ ସମୟରେ ଅଭିଯୋଗ ମଧ୍ୟ ହେଉଥିଲା। ତେଣୁ ଯୋଜନାରେ ସ୍ୱଚ୍ଛତା ଆଣିବାକୁ ରାଜ୍ୟ ସରକାର ସମସ୍ତ ଜବ୍‌କାର୍ଡଧାରୀଙ୍କ ଇ-କେୱାଇସି ବାଧ୍ୟତାମୂଳକ କରିଛନ୍ତି। ଯେଉଁମାନେ ଇ-କେୱାଇସି ଅପଡେଟ୍ କରିବେ ସେମାନେ ହିଁ ଆଗାମୀ ଦିନରେ କାମ କରିପାରିବେ। ଅକ୍ଟୋବର ୩୧ ପର୍ଯ୍ୟନ୍ତ ଇ-କେୱାଇସି ଅପଡେଟ୍ ଚାଲିବ। ଭଞ୍ଜନଗର ବ୍ଲକରେ ମଧ୍ୟ ଏହି ପ୍ରକ୍ରିୟା ଚାଲିଛି। ବିଡିଓ ଭାରତୀ ଦେବୀ ଏବଂ ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ପ୍ରତ୍ୟକ୍ଷ ଭାବେ ବିଭିନ୍ନ ଗ୍ରାମ ବୁଲି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ଏହି ଯୋଜନାରେ କାମ ଜଣେ କରୁଥିଲେ ଆଉ ଜଣେ ବେନିଫିସିଆରି ଭାବେ ଟଙ୍କା ଉଠାଉଥିଲେ। ଏଭଳି ଗଳା ବାଟର ସୁଯୋଗ ନେଇ ବିପୁଳ ଅର୍ଥ ବାଟମାରଣ ହେଉଥିଲା। ଏଥିରେ ଅଫିସରଙ୍କଠାରୁ ଆରମ୍ଭ କରି କୁଳିନେତା, ମଧ୍ୟସ୍ଥି ଲାଭବାନ ହେଉଥିଲେ।

## ମା' ଶ୍ୟାମାକାଳୀ ପୂଜା ଲାଗି କଳସ ଯାତ୍ରା

ବୁଗୁଡ଼ା, ୧୯ ।୧୦(ସମିସ): ବୁଗୁଡ଼ା ବ୍ଲକ ଗୋଲିଆ ଗ୍ରାମର ଟେଲୁଗୁ ସାହିରେ ଲଙ୍କେଶ୍ୱର ପାଠାଗାର ପକ୍ଷରୁ ଆୟୋଜିତ ମା' ଶ୍ୟାମାକାଳୀଙ୍କ ପୂଜା ଉପଲକ୍ଷେ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ନିକଟସ୍ଥ ବାଘୁଆ ନଦୀପଠାରେ ପୁରୋହିତ ଉମାତନୟ ହୋତା, ଗୋଦାବରୀଶ ହୋତା ଓ ଶଶାଙ୍କଭୂଷଣ ହୋତା ପ୍ରମୁଖ ଯଥାବିଧି ପ୍ରକାରେ ପୂଜାପାଠ ସମ୍ପାଦନ କରିଥିବା ବେଳେ ନାରାୟଣ ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ଶତାଧିକ ମହିଳା ଓ ପୁରୁଷ କଳସରେ ନଦୀରୁ ଜଳ ଘେନି ଗ୍ରାମ ପରିକ୍ରମା କରି ମା'ଙ୍କ ଅସ୍ଥାୟୀ ପୂଜା ମଣ୍ଡପରେ ପହଞ୍ଚି ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପାଠାଗାର ସଦସ୍ୟଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ସାମ୍ବାଦିକଙ୍କ ମାତୃ ବିୟୋଗ

ଆସିକା, ୧୯ ।୧୦(ସମିସ): ଆସିକା ଅଞ୍ଚଳର ଜଣାଶୁଣା ଧର୍ମପ୍ରାଣା ମହିଳା ଜୟନ୍ତୀ ଦାସଙ୍କ ୭ ୯ ବର୍ଷ ବୟସରେ ପରଲୋକ ଘଟିଛି। ସ୍ୱର୍ଗତା ଦାସଙ୍କ ମଧ୍ୟମ ପୁତ୍ର ତଥା ସାମ୍ବାଦିକ ସରୋଜ ଦାସଙ୍କ ଅର୍ବାନ୍ ବ୍ୟାଙ୍କ ରୋଡ଼ସ୍ଥିତ ବାସଭବନରେ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ଶୋକବ୍ୟକ୍ତ କରିଛନ୍ତି। ଆସିକା ପ୍ରେସ କ୍ଲବ ପ୍ରତିଷ୍ଠାତା ତଥା ବରିଷ୍ଠ ସାମ୍ବାଦିକ ବିପିନ ଦାସଙ୍କ ଧର୍ମପତ୍ନୀ ଶ୍ରୀମତି ଦାସ ଜଣେ ପରୋପକାରୀ, ଆଧ୍ୟାତ୍ମିକ ପ୍ରେମୀ ମହିଳା ଭାବେ ପରିଚିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କର ତିନି ପୁଅ, ବୋହୂ, ନାତି ନାତୁଣୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ତାଙ୍କ ପାର୍ଥିବ ଶରୀରକୁ ପୁରୀ ସ୍ୱର୍ଗଦ୍ୱାରକୁ ସଂସ୍କାର ନିମନ୍ତେ ନିଆଯାଇଛି। ତାଙ୍କ ବିୟୋଗରେରେ ସାମ୍ବାଦିକ ସୁରେନ୍ଦ୍ରନାଥ ସାହୁ, ଜଗନ୍ନାଥ ପାତ୍ର, ଏସ. ନାର୍ଶୀମୁଲୁ ଆଚାରି, ମନୋଜ ମୁନି, ମୁନାଫ ସରିଫ୍, ଅନିଲ ପାଣିଗ୍ରାହୀ, ସନ୍ତୋଷ ମିଶ୍ର, ନରେନ୍ଦ୍ର ସାହୁ, ବିଶିଷ୍ଟ ସଂଗଠକ ଅଜିତ୍ କୁମାର ପଟ୍ଟନାୟକ, ନାରାୟଣ ସ୍ୱାଇଁ, ଏମ୍. ତାରିଣୀ ସେନାପତି, ଆଇନଜୀବୀ ଦିଲ୍ଲୀପ ପାଣିଗ୍ରାହୀ, ସନ୍ତୋଷ ପାଣିଗ୍ରାହୀ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ଛତ୍ରପୁର, ୧୯ ।୧୦(ସମିସ): ଛତ୍ରପୁର ସ୍ଥିତ ରୋଟାରୀ କ୍ଲବ ତଥା ବିଜୁ ପଟ୍ଟନାୟକ ହୋମିଓପାଥିକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ, ବ୍ରହ୍ମପୁରର ମିଳିତ ସହଯୋଗରେ ବିପୁଳିଙ୍ଗି ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ରୋଟାରୀ କ୍ଲବ ସଭାପତି ତଥା ହାଇକୋର୍ଟ ଓକିଲ ପଦ୍ମ ଚରଣ ସାହୁଙ୍କ ଦ୍ୱାରା ଉଦଘାଟିତ ଶିବିରରେ ଡାକ୍ତରୀ ଦଳର ନେତୃତ୍ୱ ନେଇଥିଲେ ଡ଼ଃ ଶ୍ୟାମସୁନ୍ଦର ମହାରଣା। ସେହିପରି ଡ଼ଃ ସିଦ୍ଧାର୍ଥ ଶତପଥୀ, ଡ଼ଃ ଜି. ବେଦ ବିକାଶ, ଡ଼ଃ ସମରେନ୍ଦ୍ର ସାହୁ ଓ ହୋମିଓ ସହାୟକ ନୀଳମାଧବ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆସିଥିବା ଡାକ୍ତରୀ ଦଳ ଶତାଧିକ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଯକ୍ଷ୍ମା, ମଧୁମେହ, ଥାଇରଏଡ଼ ତଥା ଗଣ୍ଠି ଯନ୍ତ୍ରଣା ଭଳି ଅନେକ ରୋଗରୁ କିପରି ହୋମିଓପ୍ୟାଥି ଔଷଧ ସେବନ ଦ୍ୱାରା ମୁକ୍ତି ମିଳିପାରିବ ସେ ନେଇ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଛତ୍ରପୁର ରୋଟାରୀ କ୍ଲବର ପୂର୍ବତନ ସଭାପତି ନିରଞ୍ଜନ ପାତ୍ର, ସମ୍ପାଦକ ଡମ୍ବୁରୁଧର ସାହୁ, ଉପସଭାପତି ଡ଼ଃ ଅଜୟ ତ୍ରିପାଠୀ, ଗଜପତି ଜିଲ୍ଲା ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସ୍ଥାନୀୟ ସରପଞ୍ଚ ହୀନା ସେଠୀ, ସୁରେଶ ଦାଶ, ସମାଜସେବୀ ମନୋଜ ମିଶ୍ର, ଦିନେଶ ମହାନ୍ତି, ଲକ୍ଷ୍ମଣ ସେଠୀ, ତ୍ରିନାଥ ପାତ୍ର, ବୈରାଗୀ ସାହୁ, ବିରଭଦ୍ର ପାଣିଗ୍ରାହୀ, ଘନଶ୍ୟାମ ପାତ୍ର ଓ ସ୍ଥାନୀୟ ସମିତି ସଭ୍ୟ ସହାୟତା କରିଥିଲେ।

କୋଦଳାକୁ ସବ୍‌ଡିଭିଜନ ମାନ୍ୟତା ଦାବି

# ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ ଗଠିତ

କୋଦଳା, ୧୯ ।୧୦(ସମିସ)



ଗଞ୍ଜାମ ଜିଲ୍ଲାର କୋଦଳା ତହସିଲ ସର୍ବ ପୁରାତନ। ଏହାକୁ ଏବେ ସବ୍ ଡିଭିଜନ ମାନ୍ୟତା ଦାବି କରୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଇତିହାସରୁ ଜଣାପଡ଼େ ଯେ ବ୍ରିଟିଶ ଶାସନ ସମୟରେ ଏହା ଏକ ଉପଖଣ୍ଡ ଭାବେ ପରିଚିତ ଥିଲା। ବହୁ ପୁରାତନ ତହସିଲ କୋଦଳା ଏବେ ଅବହେଳିତ ହୋଇ ରହିଯାଇଛି। ଏଣୁ କୋଦଳାକୁ ଏବେ ଉପଖଣ୍ଡ ତଥା ସବ୍ ଡିଭିଜନ ମାନ୍ୟତା ଦାବି କରୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକଙ୍କ ସମର୍ଥନରେ ଆଜି ଗଠିତ ହୋଇଛି କୋଦଳା ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚ। କୋଦଳା ଦଣ୍ଡିଶ୍ୱର ମନ୍ଦିର ପ୍ରାଙ୍ଗଣରେ ରବିବାର ଏହି ମଞ୍ଚର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ସଂଯୋଜନା ତଥା କୋଦଳା ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏହି ଦାବିକୁ ଆଗାମୀ ଦିନରେ କିପରି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ ସେନେଇ ଆଲୋଚନା କରାଯାଇଥିଲା। ଏଥିରେ ସମାଜସେବୀ ତଥା ପୂର୍ବତନ କାଉନସିଲର ସନ୍ତୋଷ ନାୟକ, ଆଇନଜୀବୀ ମୀରାବାଇ ଦେଓ, କାଉନସିଲର ମନୋରଞ୍ଜନ ଡାକୁଆ, ବରିଷ୍ଠ ନାଗରିକ ସଂଘର ସଭାପତି ସୂର୍ଯ୍ୟ ନାରାୟଣ ଦୋରା, ସମାଜସେବୀ ବିଶ୍ୱନାଥ ତ୍ରିପାଠୀ, ଗଣେଶ ଯୁବକ ସଂଘ ସଭାପତି ସନ୍ତୋଷ କୁମାର ପ୍ରଧାନ, ଶିକ୍ଷକ ନେତା ରବି ନାରାୟଣ ଶତପଥି, ଜଗବନ୍ଧୁ ସାହୁ, କାଳି ପ୍ରସାଦ ରଥ, ଚନ୍ଦନ ସ୍ୱାଇଁ, ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ, କୃଷ୍ଣଚନ୍ଦ୍ର ପଲେଇ, ସୂର୍ଯ୍ୟ ନାରାୟଣ ବଡ୍ଡୁ, ପବିତ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'



ରମ୍ଭା, ୧୯।୧୦(ସମିସ): ଅନନ୍ତ ଗୁଞ୍ଜର ଉଚ୍ଚ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲ ଯୋଗ ଦେଇଥିବା ବେଳେ ପୂର୍ବତନ ସରପଞ୍ଚ କୃଷ୍ଣ ଚନ୍ଦ୍ର ସାହୁ, ସିଆରସିସି ଲିପନ ପଣ୍ଡା, ଶିକ୍ଷକ ଅରୁଣ କୁମାର ମିଶ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଭୋବନି ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ପରିଶେଷରେ କୃତି ପ୍ରତିଯୋଗୀମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀ, ଅଭିଭାବକ, ଗ୍ରାମର ଭଦ୍ରବ୍ୟକ୍ତି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ରାଣୀ ଜଗଦ୍ଦେବ ଓ ନୀରଜ ପଟ୍ଟନାୟକଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ସିଆରସିସି ତଥା ଶିକ୍ଷକ ଦୁର୍ଯ୍ୟୋଧନ ପଲେଇ ମଞ୍ଚ ପରିଚାଳନା କରିଥିବା ବେଳେ ବାସନ୍ତୀ ଷଡ଼ଙ୍ଗୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କୋର୍ଟ ରାୟ ପରେ ନାଏବ ସରପଞ୍ଚ ପଦ କାଏମ

ପୁରୁଷୋତ୍ତମପୁର, ୧୯ ।୧୦(ସମିସ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପୁର ପଞ୍ଚାୟତର ଏକ ନିର୍ବାଚନୀ ମାମଲାରେ ଅଦାଲତଙ୍କ ରାୟ ପ୍ରକାଶ ପରେ ପଞ୍ଚାୟତର ୧ ନମ୍ବର ୱାର୍ଡର ୱାର୍ଡ ମେମ୍ବର ହରପ୍ରିୟା ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାହା ସହିତ ନାଏବ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଗତ ପଞ୍ଚାୟତ ନିର୍ବାଚନରେ ହରପ୍ରିୟା ପାତ୍ର ପ୍ରତାପୁର ପଞ୍ଚାୟତ ୧ ନମ୍ବର ୱାର୍ଡରୁ ୱାର୍ଡ ସଭ୍ୟା ଭାବେ ନିର୍ବାଚିତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ନାଏବ ସରପଞ୍ଚ ଭାବେ ମଧ୍ୟ ନିର୍ବାଚିତ ହୋଇଥିଲେ ଏହାକୁ ନେଇ ପ୍ରତିପକ୍ଷ ଶୈଳେନ୍ଦ୍ରି ବେହେରାଙ୍କ ପକ୍ଷରୁ ଏକ ମାମଲା ସିଭିଲ ଜର୍ଜ (ଜୁନିଅର ଡିଭିଜନ) ପୁରୁଷୋତ୍ତମପୁରରେ ଦାୟର ହୋଇଥିଲା। ମାମଲା ବିଚାରଣ କରି କୋର୍ଟ ହରପ୍ରିୟାଙ୍କୁ ୱାର୍ଡ ସଭ୍ୟା ଭାବେ କାଏମ ରଖି ପ୍ରତିପକ୍ଷଙ୍କ ଦାବିକୁ କୋର୍ଟ ଆଗ୍ରହ କରିଥିଲେ। ଗତ ଜୁନ ୧୭ ତାରିଖରେ କୋର୍ଟ ରାୟ ପ୍ରକାଶ କରିଛନ୍ତି। ପୁରୁଷୋତ୍ତମପୁର ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡ଼ିଓ ଶରତ ଚନ୍ଦ୍ର ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ଏ ସମ୍ପର୍କରେ ସମ୍ପୃକ୍ତ ପଞ୍ଚାୟତ ସରପଞ୍ଚ ଓ ନିର୍ବାହୀ ଅଧିକାରୀଙ୍କୁ ପତ୍ର ଲେଖି ମାନ୍ୟବର କୋର୍ଟ ରୟକୁ କାଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହରପ୍ରିୟା ପାତ୍ର ପ୍ରତାପୁର ପଞ୍ଚାୟତରେ ନାଏବ ସରପଞ୍ଚ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ହରପ୍ରିୟା ପକ୍ଷରୁ ଆଇନଜୀବୀ ଗୌରୀଶଙ୍କର ରାଉଳ ମାମଲା ଲଢ଼ିଥିଲେ।

## ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

କୁକୁଡ଼ାଖଣ୍ଡି, ୧୯ ।୧୦(ସମିସ): ଦକ୍ଷିଣପୁର କ୍ଲଷ୍ଟରସ୍ଥ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପଦରବାଲୀରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଲାଞ୍ଜିଆ ସମିତିସଭ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ କାହ୍ନୁଚରଣ ପାତ୍ର



ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଦକ୍ଷିଣପୁର କ୍ଲଷ୍ଟରର ୧୨ଟି ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଓ ଏଫ୍‌ଏଲ୍‌ଏନ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଆମ୍ବଗଡ଼ ବିଦ୍ୟାଳୟର ସୁନିତା ସାହୁ ଓ ଜନତା ସାହୁ, ଗୁଣ୍ଡବନ୍ଧ ବିଦ୍ୟାଳୟର ସୁଜାତା କୁମାରୀ ସାହୁ ଓ ରୁନୁ ବରଡ, ଦକ୍ଷିଣ ପୁର ବିଦ୍ୟାଳୟ ଏ. ପୁଷ୍ପଲତା ଓ ମନୀଷା ବଡମୁଣ୍ଡି, ଲାଞ୍ଜିଆ ବିଦ୍ୟାଳୟର ନମିତା ମହାରଣା ଓ ରଞ୍ଜୁଲତା ପଟ୍ଟନାୟକ, ବାଳକୃଷ୍ଣପୁର ବିଦ୍ୟାଳୟର ଶଶୀରେଖା ମଲ୍ଲିକ ଓ କଲ୍ୟାଣୀ ତ୍ରିପାଠୀ, ଭେନୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଅଲକା ମିଶ୍ର ଓ ଦେବକୀ ମଳିକ, ଭଗବାନପୁର ବିଦ୍ୟାଳୟର କନକଲତା ମହାନ୍ତି ଓ ଶିବାନନ୍ଦ ସାହୁ, ବୁଦାଲୁଣ୍ଡି ବିଦ୍ୟାଳୟର ମହାଲକ୍ଷ୍ମୀ କର, ବାଘଝରି ବିଦ୍ୟାଳୟର ସରସ୍ୱତୀ ଆଚାରୀ, ବିରିବାଡିଆ ବିଦ୍ୟାଳୟର ସୋମିୟ ରଞ୍ଜନ ଦାସ, ତଳକୁମ୍ଭାଝରିର ସୁଶ୍ରୀ ସଙ୍ଗୀତା ପାତ୍ର ଓ ଏସ.ଏସ କୁମ୍ଭାଝରିର ପି. ନରସିଂହ ଯୋଗ ଦେଇଥିଲେ। କ୍ଲଷ୍ଟର ସିଆର୍‌ସିସି ଦୃଷ୍ମନ୍ତ କୁମାର ପଟ୍ଟନାୟକ ବୈଠକ ପରିଚାଳନା କରିଥିଲେ। ବୈଠକ ଚାଲିଥିବାବେଳେ କୁକୁଡ଼ାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଅଚାନକ ଏମ୍‌ସିଏମ୍‌କୁ ପରିଦର୍ଶନରେ ଆସି ସମୀକ୍ଷା କରିଥିଲେ। ସିଆରସିସି ଦୃଷ୍ମନ୍ତ ପଟ୍ଟନାୟକଙ୍କୁ ଏମସିଏମ କାର୍ଯ୍ୟ ଚାଲୁ ରଖିବାପାଇଁ ଆଦେଶ ଦେଇଥିଲେ।

## 'ଆମ ପୁଲିସ ସମିତି'ର ରକ୍ତଦାନ ଶିବିର

ବେଲଗୁଣ୍ଠା, ୧୯ ।୧୦(ସମିସ): ଗାଙ୍ଗପୁର ଆମ ପୁଲିସ ସମିତି ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି। ୧୨୧ ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନଙ୍କ ପରିଚାଳନାରେ ହୋଇଥିବା ଏହି ଶିବିରକୁ ଭଞ୍ଜନଗର ଉପଖଣ୍ଡ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ ଶୁଭାରମ୍ଭ କରିଥିଲେ। ସୋରଡା ବିଧାୟକ ନୀଳମଣି ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।ଅନ୍ୟତମ ଅତିଥି ଭାବେ ଏସ.ଡି.ପି.ଓ ଡଃ ଦିପକ କୁମାର ମିଶ୍ର, ଯୁବ ସଙ୍ଗଠକ ଜିତେନ୍ଦ୍ର କୁମାର ନାୟକ ଯୋଗଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଘୁମୁସର ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ତଥା ସମିତି ସଭ୍ୟ କେ.ରବୀନ୍ଦ୍ର କୁମାର ପାତ୍ର, ବେଲଗୁଣ୍ଠା ପ୍ରେସ୍ କ୍ଲବ୍ ସଭାପତି ପ୍ରଦ୍ୟୁମ୍ନ ପାତ୍ର, ଗାଙ୍ଗପୁର ସରପଞ୍ଚ ପ୍ରତିନିଧି ସୁରେନ୍ଦ୍ର ଡାକୁଆ, ବେଲଗୁଣ୍ଠା ପ୍ରେସ୍ କ୍ଲବ ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ଅଧ୍ୟାପକ ଡ଼ଃ ସଞ୍ଜୀବ କୁମାର ଦାଶ, ପାଇଲିପଡ଼ା ମେଡିକଲ୍ ଅଫିସର ଡ଼ାଃ ଜନାର୍ଦ୍ଦନ ମୋହିନୀ, ଶିବରାମ ମହାରଣା, ରଞ୍ଜିତ ଭୂୟାଁ, ସ ।ମାଞ୍ଚଳ ବିଷୋୟୀ, ମହନ୍ତ ରାମକୃଷ୍ଣ ଦାଶ, ଚିତ୍ରସେନ ବିଶ୍ୱାଳ, ବଡବୋରସିଂ ସରପଞ୍ଚ ରାମେଶ୍ୱର ପାତ୍ର, ଝାଡବନ୍ଧ ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ମୁନିଗାଡି ସରପଞ୍ଚ ପ୍ରତିନିଧି ସନ୍ତୋଷ ସ୍ୱାଇଁ, ଏସ୍. ଆଇ ଆର୍ତ୍ତତ୍ରାଣ ଦାନୀ ଓ ଅଜୟ ମଲ୍ଲିକ, ବିଶ୍ୱମ୍ବର ଜେନା, ଏ.ଏସ. ଆଇ .ୟାଇ ଭି ନାଇଡୁ ଓ ସୁଷମା ବେହେରା ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଗାଙ୍ଗପୁର ଥାନାଧିକାରୀ ବନବିହାରୀ ପ୍ରଧାନ ଓ ପ୍ରେସ କ୍ଲବ ସଭାପତି ପ୍ରଦ୍ୟୁମ୍ନ ପାତ୍ର ପରିଚାଳନା କରିଥିଲେ। ଭଞ୍ଜନଗର ରକ୍ତ ଭଣ୍ଡାର କର୍ମଚାରୀ ମାନେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

ଧରାକୋଟ, ୧୯ ।୧୦(ସମିସ): ଧରାକୋଟ ବ୍ଲକ ବଡଗଡ଼ ଥାନା ହରଭଙ୍ଗି କେନାଲରୁ ଜଣେ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତଦେହ ପୁଲିସ ଉଦ୍ଧାର କରିଛି। ଏଯାଏ ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ନଥିବା ବେଳେ ମୃତ୍ୟୁର କାରଣ ମଧ୍ୟ ଅସ୍ପଷ୍ଟ ରହିଛି। ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଥିବା ବେଳେ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ପଠାଯାଇଛି। ଅପର ପକ୍ଷରେ ଶବଟିର ହାତ, ଜଂଘ ସହ ଶରୀରର କିଛି ଅଂଶରେ କ୍ଷତ ଚିହ୍ନ ରହିଛି। ତାଙ୍କୁ କେହି ହତ୍ୟା କରିଥିବା ଅନୁମାନ କରାଯାଉଥିବାବେଳେ ପୁଲିସି ଘଟଣାର ତଦନ୍ତ ଜାରି ରଖିଛି।

## ଭିଡିଓ ବାର୍ତ୍ତାରେ ସାଇବର ସଚେତନତା



ଜଗନ୍ନାଥପ୍ରସାଦ, ୧୯ ।୧୦(ସମିସ): ଜଗନ୍ନାଥ ପ୍ରସାଦ ଥାନା ପକ୍ଷରୁ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ମୁଖ୍ୟ ବଜାର ଠାରେ ଭିଡ଼ିଓ ବାର୍ତ୍ତା ମାଧ୍ୟମରେ ସାଇବର ସଚେତନତା କରିଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଛାତ୍ରଛାତ୍ରୀ ବିଶେଷଭାବେ ସାଇବର ଠକେଇର ଶିକାର ହେଉଥିବାରୁ ସେମାନେ କିଭଳି ଇଣ୍ଟରନେଟ୍ ସୁରକ୍ଷା ଅଭ୍ୟାସ, ଇଣ୍ଟରନେଟ୍ ବ୍ୟବହାରର ନୈତିକ ନିୟମ, ସୋସିଆଲ ମିଡିଆ ବ୍ୟବହାର କ୍ଷେତ୍ରରେ ସତର୍କତା ଆଦି ସମ୍ପର୍କରେ ବିଶେଷଭାବେ ଅବଗତ ହେବାପାଇଁ ପୁଲିସ ପ୍ରଶାସନ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ଏସଆଇ ବଂଶୀଧର ମଲ୍ଲିକ, ଏସଆଇ ଜ୍ୟୋତିରଞ୍ଜନ ସାହୁ, ରଞ୍ଜିତ କୁମାର ମାଝୀ ଓ ଅନ୍ୟାନ୍ୟ ଥାନା କର୍ମଚାରୀ ଉପସ୍ଥିତ ରହିଥିଲେ।

## ଭାଗବତ ସତ୍‌ସଙ୍ଗ ଉଦ୍‌ଯାପିତ

ଧରାକୋଟ, ୧୯ ।୧୦(ସମିସ): ଧରାକୋଟ ଜଗନ୍ନାଥ ମନ୍ଦିରରେ ଗତ ଏକ ସପ୍ତାହ ବ୍ୟାପୀ ଚାଲିଥିବା ଭାଗବତ କଥାମୃତ ସତସଙ୍ଗ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। କୃଷ୍ଣ ଷଷ୍ଠୀ ଠାରୁ କୃଷ୍ଣ ଦ୍ୱାଦଶୀ ପର୍ଯ୍ୟନ୍ତ ପ୍ରତିଦିନ ମନ୍ଦିର କଲ୍ୟାଣ ମଣ୍ଡପରେ ଏହି କାର୍ଯ୍ୟକ୍ରମ ଚାଲିଥିଲା। କାର୍ଯ୍ୟକ୍ରମରେ ପୁରୁଷୋତ୍ତମପୁର ନିକଟସ୍ଥ ପ୍ରତାପୁର ସ୍ଥିତ ଲକ୍ଷ୍ମୀ ନାରାୟଣ ମଠ ମହନ୍ତ ରାଜେନ୍ଦ୍ର ଦାସ ମହାରାଜ ଭାଗବତ ପାଠ କରିଥିଲେ। ଏହାକୁ ଶ୍ରବଣ ପାଇଁ ଧରାକୋଟ ଅଞ୍ଚଳର ବିଭିନ୍ନ ଗ୍ରାମରୁ ଭକ୍ତ ମାନଙ୍କ ଭିଡ ଜମିଥିଲା। ସୀତାସ୍ୱାମୀ ସତସଙ୍ଗ କେନ୍ଦ୍ରର ପଦ୍ମ ଚରଣ ବାରିକ, ଗୋଲକ ବିହାରୀ ସାହୁ, ଯୋଗେନ୍ଦ୍ର ଘୋଷଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଓଡ଼ିଆ ଆଲୋଚନା ଓ କବିତା ପାଠୋତ୍ସବ

ଟିକାବାଲି, ୧୯।୧୦(ସମିସ)




ଟିକାବାଲି ସାହିତ୍ୟ ସଂସଦର ବାର୍ଷିକୋତ୍ସବ ସଭାପତି ଦୀନବନ୍ଧୁ ମହାନ୍ତିଙ୍କ ସଭାପତତ୍ୱରେ ଏଏମସିଏସ ମହାବିଦ୍ୟାଳୟର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଫୁଲବାଣୀ ଲେଖକ ସାମୁଖ୍ୟର ସଭାପତି ରବୀନ୍ଦ୍ର ନାଥ ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ଉପସଚିବ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଆଲୋଚନାର ଶୀର୍ଷକ ସ୍ୱାଧୀନତାର ପରବର୍ତ୍ତୀ ସାହିତ୍ୟରେ କିପରି ପରିବର୍ତ୍ତନ ଘଟିଛି ଏବଂ ମଣିଷ ଜୀବନ ଅସହାୟତାର ରଡ଼ ନିଆଁରେ କିପରି ଜର୍ଜରିତ ଏବଂ ଓଡ଼ିଆ ଅସ୍ମିତାର କିପରି ସମୃଦ୍ଧି କରିପାରିବା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନରେ ସମ୍ପାଦକ ତଥା ପ୍ରତିଷ୍ଠାତା ମନୋଜ କୁମାର ଭୋଇ ସମ୍ପାଦକୀୟ ବିବରଣୀ ପଠନ କରିଥିବା ବେଳେ ଉପସଭାପତି ଗୁରୁପ୍ରସାଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଦସ୍ୟ ଦୀନକୃଷ୍ଣ ମହାପାତ୍ର ପରିଚାଳନା କରିଥିବା ବେଳେ, ଡ଼ ସୁଶାନ୍ତ କୁମାର ନାୟକ ଅନୁଷ୍ଠାନର କିଛି ସ୍ମୃତିକୁ ବଖାଣିଥିଲେ। ସଦସ୍ୟ ବନମାଳୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ କବିତା ପାଠୋତ୍ସବରେ ଜିଲ୍ଲା ତଥା ଜିଲ୍ଲା ବାହାରର ବହୁ କବି କବିତା ପାଠ କରିଥିଲେ। ୭୦ରୁ ଅଧିକ କବିଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ସ୍ମରଣିକା 'ଶବ୍ଦବ୍ରହ୍ମ' ଅତିଥି ମାନଙ୍କଦ୍ୱାରା ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସୂବର୍ଣ୍ଣପୁରର ଡ଼.ନିରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରାକ୍ତନ ଅଧକ୍ଷ ଡ଼ ପୁଣ୍ଡେନ୍ଦୁ ତ୍ରିପାଠୀ ଯୋଗ ଦେଇଥିଲେ। ଉପସଭାପତି ଗୁରୁପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। କବିତା ସଂଯୋଜନା ବନିତା ମହାରଣା ଓ ପ୍ରେମଲତା ସାହୁ କରିଥିଲେ। କାହ୍ନୁ ଚରଣ ପାତ୍ର, ଶ୍ରୀକାନ୍ତ ଚୌଧୁରୀ ଏବଂ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସହ ସମ୍ପାଦିତା ଲତାଞ୍ଜଳି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ବିକାଶ ଦାବି

ପାରଳାଖେମୁଣ୍ଡି, ୧୯ ।୧୦(ସମିସ): ପାରଳାଖେମୁଣ୍ଡିସ୍ଥିତ ଶତାୟୁ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟର ବିକାଶ କରାଯିବାକୁ ଦାବି ହେଉଛି। ଶିକ୍ଷାର ଉନ୍ନତି ସହ ସାକ୍ଷର କରିବା ପାଇଁ ପ୍ରଜାବତ୍ସଳ ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏହି ବିଦ୍ୟାଳୟର ଉନ୍ନତିକରଣ କରିଥିଲେ। ପୂର୍ବପୁରୁଷଙ୍କ ଦ୍ୱାରା ନିର୍ମିତ ଏହି ବିଦ୍ୟାଳୟ ଆଗାମୀ ଭବିଷ୍ୟତ ନିର୍ମାଣରେ ପ୍ରମୁଖ ଭୂମିକା ଗ୍ରହଣ କରୁ ବୋଲି ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ଇଚ୍ଛା ଥିଲା। ଉକ୍ତ ବିଦ୍ୟାଳୟ ୧୫୦ ବର୍ଷ ପୁରାତନ ହୋଇଥିବା ବେଳେ ଏହାର ନିର୍ମାଣ ଶୈଳୀ ଓ ବିଦେଶରୁ ଘଣ୍ଟା ଅଣାଯାଇ ବିଦ୍ୟାଳୟର ସୌନ୍ଦର୍ଯ୍ୟ ବର୍ଦ୍ଧନ କରାଯାଇଥିଲା। କାଳକ୍ରମେ ବିଦ୍ୟାଳୟର ସୌନ୍ଦର୍ଯ୍ୟ ହରାଇବା ସହ ଜରାଜୀର୍ଣ୍ଣ ହୋଇପଡ଼ିଛି। ବାରମ୍ବାର ବିଦ୍ୟାଳୟରେ ବହୁ ସରକାରୀ କାର୍ଯ୍ୟକ୍ରମ ଓ ନିର୍ବାଚନ ପାଇଁ ଷ୍ଟ୍ରଙ୍ଗରୁମ୍ ଭାବେ ବ୍ୟବହାର କରାଯାଇ ଭିତ୍ତିଭୂମିର ନଷ୍ଟ କରାଯାଇଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ସମୟ ଅନ୍ତରାଳେ ବିଭିନ୍ନ ସ୍ତରରୁ ବାରମ୍ବାର ଏହାର ବିକାଶ ପାଇଁ ଦାବି ହେଉଥିଲେ ମଧ୍ୟ ଶିକ୍ଷା ବିଭାଗର ଅବହେଳା କରୁଥିବା ଅଭିଯୋଗ ହେଉଛି। ସ୍କୁଲ କର୍ତ୍ତୃପକ୍ଷ ଓ ସ୍ଥାନୀୟ ଅଞ୍ଚଳବାସୀ ଜିଲ୍ଲାପାଳ, ଶିକ୍ଷା ବିଭାଗ ଓ ସ୍ଥାନୀୟ ସାଂସଦଙ୍କୁ ଏସମ୍ପର୍କରେ ଏବେ ଦାବି ଜଣାଇଛନ୍ତି। ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅନେକ ଆଦିବାସୀ ବିଦ୍ୟାର୍ଥୀ ସ୍କୁଲରେ ଥିବା ୧୨୫ ଶଯ୍ୟା ବିଶିଷ୍ଟ ହଷ୍ଟେଲ୍ ଯୋଗୁଁ ବାହାରେ ରହୁଥିବା ଅଭିଯୋଗ ହୋଇଛି। ହଷ୍ଟେଲର ଶଯ୍ୟା ସଂଖ୍ୟା ୧୨୫ ରୁ ୨୦୦କୁ ବୃଦ୍ଧି କରିବା, ସ୍କୁଲର ପୁନରୁଦ୍ଧାର କିମ୍ବା ମରାମତି, ସୌନ୍ଦର୍ଯ୍ୟକରଣ, ଶୌଚାଳୟ ନିର୍ମାଣ, ସୋଲାର ଲାଇଟ ବ୍ୟବସ୍ଥା, ନଳକୂପ ଖନନ, ସାଇକଲ ଷ୍ଟାଣ୍ଡ ସମେତ ପ୍ରତ୍ୟେକ ଶ୍ରେଣୀ କକ୍ଷ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥା ପାଇଁ ଦାବି ହୋଇଛି।



# ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପିଅନଙ୍କ ଧମକ

**କେନ୍ଦ୍ରାପଡ଼ା, ୧୯।୧୦(ସମିସ):** ବିଗତ ଦିନରେ ଅନେକ ଅଧିକାରୀଙ୍କୁ ଭିଜିଲାନ୍ସ ଧମକ ଦେଇ ଚର୍ଚ୍ଚାକୁ ଆସିଥିବା ଜଣେ ପିଅନ ପୁଣିଥରେ ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକଙ୍କୁ ଧମକ ଦେଇଛନ୍ତି। ତାଙ୍କ କ୍ୟାରିଅର ବରବାଦ କରିବା ସହ ଭିଜିଲାନ୍ସରେ ଧରାଇଦେବା ଧମକ ଦେଇଥିବା ଅଭିଯୋଗ ହୋଇଛି। କେବଳ ପିଅନ ନୁହଁନ୍ତି ପିଅନଙ୍କ ପତ୍ନୀ ମଧ୍ୟ ବାରମ୍ବାର ଫୋନ କରି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ବିଭିନ୍ନ ଧମକଚମକ ଦେଉଥିବା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ ଅଭିଯୋଗ କରିଛନ୍ତି।

ଜିଲ୍ଲା ଶିକ୍ଷାଧିକାରୀ କହିଛନ୍ତି, ପିଅନ ଜଣକ ପୂର୍ବରୁ କେନ୍ଦ୍ରାପଡ଼ା ଉଚ୍ଚବିଦ୍ୟାଳୟରେ କାର୍ଯ୍ୟରତ ଥିବା ସମୟରେ ଅବହେଳା କରିବା ଓ ବିଶୃଙ୍ଖଳିତ ଆଚରଣ କରିବା ଅଭିଯୋଗରେ ନିଲମ୍ବିତ ହୋଇଥିଲେ। ନିଲମ୍ବନ ହଟିବା ପରେ ତାଙ୍କୁ ମହାକାଳପଡ଼ା ବଦଳି କରାଯାଇଥିଲା। ଏହାପରେ ସେ ଶ୍ୟାମସୁନ୍ଦରପୁର ଉଚ୍ଚବିଦ୍ୟାଳୟକୁ ବଦଳି ହୋଇଆସିଥିଲେ। ତାଙ୍କ ବିରୋଧରେ ଏବେ ବିଭାଗୀୟ ତଦନ୍ତ ଚାଲିଛି। ବିଭାଗୀୟ ତଦନ୍ତ ନ କରି ତାଙ୍କୁ କ୍ଲିନଚିଟ

- ମୋର କେହି କିଛି କରିପାରିବେନି
- ବିରୋଧରେ ଗଲେ ଭିଜିଲାନ୍ସରେ ଧରାଇଦେବି

ଦେବା ପାଇଁ ସେ ଦାବି କରୁଛନ୍ତି। ଏଥିରେ ମୁଁ ରାଜି ନ ହେବାରୁ ମୋତେ ଭିଜିଲାନ୍ସରେ ଧରାଇ ଦେବା ଧମକ ଦେଉଥିବା ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବାରିକ କହିଛନ୍ତି। ପୂର୍ବରୁ ଦୁଇଜଣ ଶିକ୍ଷା ବିଭାଗ ଅଧିକାରୀଙ୍କୁ ଏହି ପିଅନ ଜଣଙ୍କ ଭିଜିଲାନ୍ସରେ ଧରାଇ ଦେଇଥିଲେ। ଏହି ସାହସରେ ସେ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କୁ ଧମକ ଦେଉଛନ୍ତି। କେତେକ ଅଧିକାରୀଙ୍କୁ ଭିଜିଲାନ୍ସ ଧମକ ଦେଇ ବ୍ଲାକମେଲିଂ କରି ବହୁ ଅର୍ଥ ଆଦାୟ କରୁଥିବା ଭଳି ସଙ୍ଗିନ ଅଭିଯୋଗ ତାଙ୍କ ବିରୋଧରେ ରହିଛି। ଏଭଳି ଘଟଣାକୁ ନେଇ ସାରା ଜିଲ୍ଲାରେ ହଟଚମଟ ସୃଷ୍ଟି ହୋଇଛି।

## ବିବାହିତା ପ୍ରେମିକାଙ୍କୁ ଦେଖା କରିବାକୁ ଆସି ଯବାନ ହଟହଟା

# ଗଛରେ ବାନ୍ଧିଲେ ଲୋକେ; ଉଦ୍ଧାର କଲା ପୁଲିସ

**ଗରଦପୁର, ୧୯।୧୦(ସମିସ):** ବିଏସ୍‌ଏଫ୍‌ରେ କାର୍ଯ୍ୟରତ ଜଣେ ଯବାନ ବିବାହିତ ପ୍ରେମିକାଙ୍କୁ ବିଳମ୍ବିତ ରାତିରେ ଦେଖା କରିବାକୁ ଆସି ହଟହଟା ହୋଇଛନ୍ତି। ସ୍ଥାନୀୟ ଲୋକ ଯବାନଙ୍କୁ ବିବାହିତ ପ୍ରେମିକାଙ୍କ ଘରୁ ଧରି ସମ୍ମୁଖରେ ଏକ ଗଛରେ ବାନ୍ଧି ପକାଇଥିଲେ। କୁଆଡ଼େ ଆସିଥିଲେ ବୋଲି ପଚାରିଥିଲେ। ଯବାନ ଜଣଙ୍କ କିଛି ନ କହିବାରୁ ରାତି ସାରା ବନ୍ଧା ହୋଇ ରହିଥିଲେ। ରବିବାର ସକାଳୁ ପାଟକୁରା ପୁଲିସ ଖବର ପାଇ ଯବାନଙ୍କୁ ଉଦ୍ଧାର କରିଛି। ଏଭଳି ଏକ ଘଟଣା କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଧୀନ ଗରଦପୁର ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି।

ଯବାନ ଜଣଙ୍କ ସାନବେଟରା ଅଞ୍ଚଳର ବୋଲି ଜଣାପଡ଼ିଛି। ବିବାହିତ ପ୍ରେମିକାଙ୍କ ନିଜ ଘର ଡାହଳପୁର ଅଞ୍ଚଳରେ। ସେ ନୈନ୍ଦିପୁର ଅଞ୍ଚଳରେ ବିବାହ କରିଛନ୍ତି। ତାଙ୍କ ସ୍ୱାମୀ ଗୁଜୁରାଟରେ ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରନ୍ତି। ବିବାହକୁ ମାତ୍ର ୩ ମାସ ହୋଇଛି। ବିବାହର ଦେଢ଼ ମାସ ପରେ ସ୍ୱାମୀ ଗୁଜୁରାଟ ପଳାଇଯାଇଥିଲେ। ଏହି ସମୟରେ ଯବାନ ଜଣକ ୧୭ ଦିନିଆ ଛୁଟି କରି ନିଜ ଅଞ୍ଚଳକୁ ଆସିଛନ୍ତି। ଶନିବାର ବିଳମ୍ବିତ ରାତିରେ ବିବାହିତ ପ୍ରେମିକାଙ୍କ ଘରେ ପଶି ହଟହଟା ହୋଇଛନ୍ତି। ଏ ନେଇ ଥାନାରେ ଏକ ଲିଖିତ ଅଭିଯୋଗ ପରେ ଘଟଣାର ରଫାଦଫା ପାଇଁ ଉଦ୍ୟମ ଚାଲିଛି। ବିବାହିତ ପ୍ରେମିକାଙ୍କୁ ଯବାନ ବିବାହ କରିବେ ବୋଲି ଚର୍ଚ୍ଚା ଜୋର ଧରିଛି।

## ସିଟୁର କେନ୍ଦ୍ରାପଡ଼ା ଜିଲ୍ଲା ସମନ୍ୱୟ ସମିତି ସମ୍ମିଳନୀ

**କେନ୍ଦ୍ରାପଡ଼ା, ୧୯।୧୦(ସମିସ):** ସିଆଇଟିୟୁର ଦ୍ୱିତୀୟ ସମନ୍ୱୟ ସମିତି ସମ୍ମିଳନୀ ଖଡିଅଙ୍ଗସ୍ଥ ଜିଲ୍ଲା କାର୍ଯ୍ୟାଳୟରେ ସାଥୀ ଜଗତଜୀବନ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ୫୦ରୁ ଊର୍ଦ୍ଧ୍ୱ ଜିଲ୍ଲା ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ। ଅତୀତରେ ସିଟୁ ପକ୍ଷରୁ ନିର୍ମାଣ ଶ୍ରମିକ ଓ ବିଦ୍ୟାଳୟ ପାଚିକା, ଅଣସଂଗଠିତ ତଥା ଗ୍ରାମୀଣ ଶ୍ରମିକ ଓ ଦାଦନ ଶ୍ରମିକଙ୍କ ଉନ୍ନତି ପାଇଁ ଯେଉଁ କାର୍ଯ୍ୟ କରାଯାଇଥିଲା, ସେ ସମ୍ପର୍କରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହିତ ହୋଇଥିଲା। ଆଗାମୀ ଦିନରେ ପାଚିକାଙ୍କୁ ଦୈନିକ ସର୍ବନିମ୍ନ ମଜୁରି ସମେତ ମାସିକ ୨୬ ହଜାର ଟଙ୍କା ପ୍ରଦାନ, ନିର୍ମାଣ ଶ୍ରମିକଙ୍କ ମୃତ୍ୟୁକାଳୀନ ସହାୟତା ୫ ଲକ୍ଷ ଟଙ୍କା, କନ୍ୟା ବିବାହ ସହାୟତା ୧ ଲକ୍ଷ ଟଙ୍କା କରିବାକୁ ସମ୍ମିଳନୀରେ ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ୪ଟି ଶ୍ରମକୋର୍ଡ ବାତିଲ, ୮ ଘଣ୍ଟା ଶ୍ରମ ବଦଳରେ ମୋହନ ସରକାରଙ୍କ ୧୦ ଘଣ୍ଟା ଶ୍ରମ ଆଇନ ଓ ରାତ୍ରକାଳୀନ କାର୍ଯ୍ୟରେ ମହିଳା ଶ୍ରମିକଙ୍କୁ କାର୍ଯ୍ୟ କରାଇବା ଆଦେଶକୁ ସମ୍ମିଳନୀରେ ଦୃଢ ବିରୋଧ କରାଯାଇଥିଲା। ଆଇଏନଟିୟୁସି ଜିଲ୍ଲା ସଭାପତି ମୁକ୍ତାର ଖାଁ ଓ ଅନ୍ୟତମ ନେତା ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଜଗତଜୀବନ ଦାଶ ସଂଯୋଜକ ଥାଇ ୨୧ ଜଣିଆ ଜିଲ୍ଲା ସମନ୍ୱୟ ସମିତି ଚୟନ କରାଯାଇଥିଲା। ମାଧବ ଦାସ, ବିନୟ ମଲିକ, ରବୀନ୍ଦ୍ର ମହାକୁଳ, ଅଶୋକ ନାଥ, ନିର୍ମଳା ସିଂହ, ସତ୍ୟଭାମା ସାହୁ, ସ୍ନେହଲତା ଗାହାଣ, ମାନଭଞ୍ଜନ ଷଡଙ୍ଗୀ, ନିରାକାର ସାହୁ, ଅକ୍ଷୟ ତରାଇ, ସୁଷମା ପଣ୍ଡା, ଗୋପବନ୍ଧୁ ବେହେରା, କିଶୋର ସାହୁ, ପରମେଶ୍ୱର ସୁତାର, ଧୀବର ବେହେରା, ନୃସିଂହ ତରାଇ, ମଥୁରୀ ମଲିକ ପ୍ରମୁଖଙ୍କୁ ଚୟନ କରାଯାଇଥିଲା।



# ଜିଲ୍ଲାସ୍ତରୀୟ ବିଦ୍ୱତ ପରିଷଦର ବୈଠକ



**ଆଳି, ୧୯।୧୦(ସମିସ):** ଓଡ଼ିଶା ଶିକ୍ଷା ବିକାଶ ସମିତିର ଉତ୍ତର ପୂର୍ବ ସମ୍ଭାଗ ଓ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା ବିଦ୍ୱତ ପରିଷଦ ବୈଠକ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିରର ସମ୍ପାଦକ ସୁଶାନ୍ତ କୁମାର ଦାଶ ଓ ପ୍ରଧାନଆଚାର୍ଯ୍ୟ ଅମର ବାରିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ବିଶିଷ୍ଟ ବକ୍ତା ଯୋଗଦେଇ ଆମଘରେ ବେଦ, ଉପନିଷଦ, ଭାଗବତ, ପୋଥି ପୂଜା କରାଯିବା ସହିତ ଏହାକୁ ପ୍ରତ୍ୟେକ ଦିନ ପାଠ କରିବା ଉଚିତ ବୋଲି ପ୍ରକାଶ କରିଛନ୍ତି।

ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ଏହି ବୈଠକରେ ଆଳି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ସାହିତ୍ୟିକ ବନମାଳୀ ସେନାପତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷା ବିକାଶ ସମିତିର ପ୍ରାନ୍ତ ନିରୀକ୍ଷକ ତଥା ବିଦ୍ୱତ ପରିଷଦର ସଂଯୋଜକ ଅଶ୍ୱିନୀ ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ କପିଳ ମିଶ୍ର, କେନ୍ଦ୍ରାପଡ଼ା ଜିଲ୍ଲା ବିଦ୍ୱତ ପରିଷଦ ସଭାପତି ଗୋଲେଖ ଭୂୟାଁ, ଆଳିର ସଂକୁଳ ପ୍ରମୁଖ ପ୍ରଫୁଲ୍ଲ ସୂତାର, କେନ୍ଦ୍ରାପଡ଼ାର ଦୈତାରୀ ପାତ୍ର, ମାର୍ଶାଘାଇର ରବୀନ୍ଦ୍ର ଦାସ, ପଟ୍ଟାମୁଣ୍ଡାଇର ପ୍ରମୋଦ ନାୟକ, ବିଲିକଣାର ପୁରୁଷୋତ୍ତମ ଦାସ, ଅଭିରାମ ଲେଙ୍କା, ରାମନଗରର ଦୀପକ ଜେନା ଓ କେନ୍ଦ୍ରାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନାରାୟଣ ପଣ୍ଡା ପ୍ରମୁଖ ଯୋଗଦେଇ ଭାରତୀୟ ପରମ୍ପରା ବିଷୟରେ ଆଲୋଚନା କରିଥିଲେ। ଆମ ଠାକୁର ଘରେ ବେଦ, ଉପନିଷଦ, ଭାଗବତ, ପୋଥି କେବଳ ପୂଜା କରା ନ ଯାଉ। ଏହାକୁ ପ୍ରତ୍ୟେକ ଦିନ ଆମେମାନେ ପଢ଼ିବା ଉଚିତ। ଏହା ଯଦି କରାଯିବ ତେବେ ଆମ ପରିବେଶ ଅଧିକ ପବିତ୍ରତାରେ ଭରିଯିବ। ଆମେ ଅଧିକ ସଂସ୍କୃତି ସମ୍ପନ୍ନ ହେବା। ଜୀବନ ସୁଖମୟ ହେବ। ପ୍ରଧାନଅଚାର୍ଯ୍ୟ ଅମର ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସୁଶାନ୍ତ ଦାଶ ସ୍ୱାଗତ ଭାଷଣ ଓ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇଦିନିଆ ଡ୍ରାମା ମହୋତ୍ସବ ଉଦ୍‌ଯାପିତ



**ଡେରାବିଶ, ୧୯।୧୦(ସମିସ):** ଡେରାବିଶ ବ୍ଲକ ଦାନପୁର ପଞ୍ଚାୟତ ଅନ୍ତର୍ଗତ ଦୋହଳୀ ହାଇସ୍କୁଲ ପଡ଼ିଆରେ ମହାଲକ୍ଷ୍ମୀ ନାଟ୍ୟ ପରିଷଦ ପକ୍ଷରୁ ଚାଲିଥିବା ଦୁଇଦିନିଆ ଡ୍ରାମା ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ଦିବସରେ ବ୍ଲକ ଉପାଧ୍ୟକ୍ଷ ତଥା ବରିଷ୍ଠ ବିଜେଡି ନେତା ଦେବାଶିଷ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ୧୪ନଂ ଜିଲ୍ଲା ପରିଷଦ ସଦସ୍ୟ ଅରବିନ୍ଦ ମଲିକ, ସମାଜସେବୀ ମନିନ୍ଦ୍ର ରଥ ଓ ବିଭୂତି ଭୂଷଣ ଭୟାଁ ଯୋଗଦଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ନାଟ୍ୟ ନିର୍ଦ୍ଦେଶକ ମନୋରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶନାରେ ପ୍ରଥମ ରାତ୍ରରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା 'ସବୁ ଉପରବାଲାର ଖେଳ' ଓ ଦ୍ୱିତୀୟ ରାତ୍ରରେ 'ହା କୃଷ୍ଣ ବୋଲି ଯାଉ ଜୀବ' ନାଟକ ସ୍ଥାନୀୟ ଅଞ୍ଚଳର ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପାଟକୁରାର ବରିଷ୍ଠ କଂଗ୍ରେସ ନେତା ଡ. ରତିକାନ୍ତ କାନୁନ୍‌ଗୋ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଓ ବ୍ଲକ କଂଗ୍ରେସ ସଭାପତି ଉମେଶ ତ୍ରିପାଠୀ ଯୋଗଦେଇ ଗ୍ରାମାଞ୍ଚଳରେ ନାଟ୍ୟ ପରମ୍ପରା ଲୋକଙ୍କ ମଧ୍ୟରେ ଥିବା ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିଥାଏ ବୋଲି କହିଥିଲେ। ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ସଭାରେ ଜିତେନ୍ଦ୍ରେ ରଥ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିବାବେଳେ ଲକ୍ଷ୍ମୀଧର ସୂତାର ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ନାଟ୍ୟ ପରିଷଦର ପୁରାତନ କଳାକାର ଓ ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମନୋଜ ମହାନ୍ତି, ଅମୀୟ ରାଉଳ, ସଞ୍ଜୀବ ମହାନ୍ତି, ଦିଲ୍ଲୀପ ପୃଷ୍ଟି, ପ୍ରମୋଦ ସେଠୀ, ଜଗତଜୀବନ ରାଉତ, ରାକେଶ ଦାସ ମହୋତ୍ସବ ପରିଚାଳନାରେ ସହଯୋଗ କରିଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି ଉଦ୍‌ଯାପିତ

**ରାଜନଗର, ୧୯।୧୦(ସମିସ):** ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚବିଦ୍ୟାଳୟ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ନଗଡ଼ ଠାକୁର ବାସୁଦେବ ନୋଡାଲ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଓସ୍ତିଆ ସରପଞ୍ଚ ବୈଦେହୀ ଦାସ ଏହି ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରଧାନଶିକ୍ଷକ ଅନୀଲ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ରାଜନଗର ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ଲୁକ୍କାୟିତ ପ୍ରତିଭାକୁ ଉନ୍ମୋଚନ କରିବାରେ ସୁରଭି ଏକ ବଡ ପ୍ଲାଟଫର୍ମ। ସବୁ ସ୍ତରରେ ଏ କାର୍ଯ୍ୟକ୍ରମକୁ ସହଯୋଗ ମିଳିବା ଆବଶ୍ୟକ ରହିଛି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ, ପ୍ରାକ୍ତନ ସରପଞ୍ଚ କେଦାର ସାହୁ, ଶିକ୍ଷାବିତ ପ୍ରସନ୍ନ ଦାସ, ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ ସେଠୀ, ଶିକ୍ଷକ ନେତା ବୀରକିଶୋର ଜେନା, ପ୍ରାକ୍ତନ ସିଆରସିସି ସୁନୀଲ ଦାଶ, ପ୍ରଧାନଶିକ୍ଷକ ସନାତନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପଣ୍ଡିତ ବରାଦାକାନ୍ତ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଶିକ୍ଷକନେତା ହେମନ୍ତ ବାରିକ, ସଙ୍ଗୀତ ଗୁରୁ ଜ୍ଞାନରଞ୍ଜନ ପରିଡ଼ା, ରାମଚନ୍ଦ୍ର ବାରିକ, ନୃତ୍ୟଗୁରୁ ସୁକୁମାର ପରିଡ଼ା, ନାରାୟଣ କହ୍ନର, ଦିଲ୍ଲୀପ ସ୍ୱାଇଁ, ତାପସ ରାଉତ, ଅନଙ୍ଗ ଜେନା, ଅରବିନ୍ଦ ମହାନ୍ତି, ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ/ସଦସ୍ୟା ପରିଚାଳନା କରିଥିଲେ। କ୍ଲଷ୍ଟରର ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସିନିୟର ତର୍କ ବିଭାଗରେ ସୌମ୍ୟରଞ୍ଜନ ପ୍ରଧାନ ପ୍ରଥମ ହୋଇଥିବାବେଳେ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜଗନ୍ନାଥପୁର ଶାସନ ନୋଡାଲ ଶିକ୍ଷା ନିକେତନ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଶିକ୍ଷକ ଅରୁଣ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।



## ନାଗାନାରାୟଣ ବିଦ୍ୟାଳୟ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କଳା ଉତ୍ସବ ପାଇଁ ମନୋନୀତ

**ରାଜନଗର, ୧୯।୧୦(ସମିସ):** ରାଜନଗର ବ୍ଲକ ଡାଙ୍ଗମାଳସ୍ଥ ନାଗାନାରାୟଣ ଉଚ୍ଚ ମାଧ୍ୟମିକ ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ ରାଜ୍ୟସ୍ତରୀୟ କଳା ଉତ୍ସବ ପାଇଁ ମନୋନୀତ ହୋଇଛନ୍ତି। ଏହି ଛାତ୍ରଛାତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲାସ୍ତରୀୟ କଳା ଉତ୍ସବରେ କ୍ଷୁଦ୍ର ନାଟକ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରି କଟକ ଖାନନଗର ସରକାରୀ ଉଚ୍ଚବିଦ୍ୟାଳୟରେ ଆୟୋଜିତ ଜିଲ୍ଲାସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ କରି କ୍ଷୁଦ୍ର ନାଟକ ବୃଦ୍ଧାଶ୍ରମ ପରିବେଷଣ କରି ପ୍ରଥମ ସ୍ଥାନ ଅଧିକାର କରି ଆସନ୍ତା ୨୨ ଓ ୨୩ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉଚ୍ଚ ମାଧ୍ୟମିକ ଶ୍ରେଣୀର ସ୍ମୃତିଲିପି ବେହେରା, ରାଣୀ ରାୟ, ମାଧ୍ୟମିକ ଶ୍ରେଣୀର ତୃପ୍ତି ପ୍ରିୟଦର୍ଶିନୀ ବାରିକ, ଶଙ୍କର ସେଠୀ ଏହି ସଫଳତା ହାସଲ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ସଫଳତା ପାଇଁ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାର୍ତ୍ତିକ ବେହେରାଙ୍କ ସମେତ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଶୁଭେଚ୍ଛା ଜଣାଇଛନ୍ତି। ଖାନନଗର ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରଥମନାଥ ଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କଟକ ଜିଲ୍ଲା ଶିକ୍ଷାଧିକାରୀ ନିତ୍ୟାନନ୍ଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥଲେ।



## ଜନତା ବିଦ୍ୟାଳୟରେ ଶିଶୁ ମହୋତ୍ସବ

**ଗୋବିନ୍ଦପୁର, ୧୯।୧୦(ସମିସ):** ଆଳି ବ୍ଲକ ଅନ୍ତର୍ଗତ ପାଳିମୀ ଜନତା ନୋଡାଲ ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏରଡଙ୍ଗ ଓ ପାଳିମି ପଞ୍ଚାୟତର ୧୦ଟି ବିଦ୍ୟାଳୟ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଆଳି ବ୍ଲକ ଶିକ୍ଷାଧିକାରୀ ସଞ୍ଜୀବ ବେହୁରା, ସରପଞ୍ଚ ରଞ୍ଜିତ ସାମଲ, ସମ୍ମାନିତ ଅତିଥି ବିଦ୍ୟାଳୟର ସଭାପତି ଅନ୍ତର୍ଯ୍ୟାମୀ ମଲ୍ଲିକ, ପ୍ରଧାନଶିକ୍ଷୟିତ୍ରୀ ସୁଭସ୍ମିତା ବେହେରା, ମୁଖ୍ୟବକ୍ତା ଜନକଲ୍ୟାଣ ନୋଡାଲ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଅଲେଖ ମହାନ୍ତି, ସିଆରସିସି ପରମେଶ୍ୱର ସେଠୀ, ଶିକ୍ଷକ ମନ୍ମଥ ଶିଅଳ, ବରିଷ୍ଠ କିରାଣି ଜ୍ଞାନିନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ୧୧ଟି ଇଭେଣ୍ଟର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବବୁଲ ରଥ, ଶିକ୍ଷକ ଅଙ୍କୁର ମଲ୍ଲିକ, ଶିକ୍ଷୟିତ୍ରୀ ନିବେଦିତା ଭୂୟାଁ, ଜ୍ୟୋତିର୍ମୟୀ ଓଝା, ସମୀକ୍ଷାରାଣୀ ଦାସ, ବୀଣାପାଣି ଦାସ, ସ୍ୱପ୍ନାପ୍ରିୟା ମଲ୍ଲିକ, ପଦ୍ମିନୀ ରାଉତ, କର୍ମଚାରୀ ନଟବର ବାରିକ, ବିଜୟ ଦାସ, ଶିକ୍ଷକ ପରେଶ ରେଡ୍ଡୀ ପ୍ରମୁଖ ପରିଚାଳନା କରିଥିଲେ।



## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ବୈଠକ



**ପଟ୍ଟାମୁଣ୍ଡାଇ, ୧୯।୧୦(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଆଜୀବନ ସଦସ୍ୟ ସଦସ୍ୟାଙ୍କୁ ନେଇ ଜିଲ୍ଲାସ୍ତରୀୟ ବୈଠକ ଆଜି ପଟ୍ଟାମୁଣ୍ଡାଇ ରାଧାରମଣ ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଲୋକ ସଂସଦ ଜିଲ୍ଲା ସଭାପତି ପ୍ରଫେସର ଅଧିକାରୀ ଲକ୍ଷ୍ମୀନାରାୟଣ ଦାଶଙ୍କ ପୌରୋହିତ୍ୟରେ ଆୟୋଜିତ ଜିଲ୍ଲା ବୈଠକରେ ପଟ୍ଟାମୁଣ୍ଡାଇ ବ୍ଲକର ପ୍ରାଧ୍ୟାପକ ସୁନୀଲ ପ୍ରଧାନ, ପ୍ରଧାନଶିକ୍ଷୟିତ୍ରୀ ଆରାଧନା ଦାଶ, ଶିକ୍ଷୟିତ୍ରୀ ଅନୀତା ଧଳ, ଚିତ୍ରକର ରାଜେନ୍ଦ୍ର ଦାଶ, କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟାପକ ପ୍ରଦ୍ୟୁମ୍ନ ପ୍ରଧାନ, ଆଳି ବ୍ଲକର ଉଷାରାଣୀ ମଲ୍ଲିକ, ନରେନ୍ଦ୍ର ଦାଶ, ଗୋବିନ୍ଦ ନନ୍ଦ, ଅଭୟ ସୂତାର ଦେବେନ୍ଦ୍ର ପଣ୍ଡା, ଡେରାବିଶ ବ୍ଲକର ପ୍ରମୋଦ ଦାଶ, ମଞ୍ଜୁଶ୍ରୀ ବରାଳ, ବିଶ୍ୱରଞ୍ଜନ ସାହୁ, ଶୁଭେନ୍ଦୁ କର ଓ ପୂର୍ଣ୍ଣେନ୍ଦୁ କର ପ୍ରମୁଖ ବହୁ ସଦସ୍ୟ ସଦସ୍ୟା ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଆଳି, ରାଜନଗର, ରାଜକନିକା, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଆଦି ୫ଟି ବ୍ଲକର ସବୁ ସ୍କୁଲରେ ଆଗାମୀ ଦିନରେ ଉଦ୍‌ବୋଧନୀ କାର୍ଯ୍ୟକ୍ରମ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯିବା ସହିତ ବିବେକାନନ୍ଦଙ୍କ ଜୀବନ ଓ ଦର୍ଶନ ଉପରେ ୬ଟି ବ୍ଲକର ୬ଟି କଲେଜରେ ଆଲୋଚନାଚକ୍ର ଆୟୋଜନ କରାଯିବା ଉପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଥିଲା। ଆସନ୍ତା ଡିସେମ୍ବର ୨୮ ତାରିଖରେ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ପୂର୍ବ ସମ୍ଭାଗ ସମ୍ମିଳନୀ କେନ୍ଦ୍ରାପଡ଼ା ସ୍ୱୟଂଶାସିତ କଲେଜରେ ଆୟୋଜନ କରାଯିବା ସମ୍ପର୍କରେ ସମ୍ମିଳନୀ ସଦସ୍ୟ/ସଦସ୍ୟା ଆଲୋଚନା କରିଥିଲେ। ପୂର୍ଣ୍ଣେନ୍ଦୁ କର ଧନ୍ୟବାଦ ଦେଇଥିଲେ।

## ଦୁର୍ଘଟଣାରେ ଯୁବକ ଗୁରୁତର

**ପଟ୍ଟାମୁଣ୍ଡାଇ(ଦାଣ୍ଡିସାହି), ୧୯।୧୦ (ସମିସ):** ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ତୁଳସୀଡ଼ିଆ ଗ୍ରାମର ସନ୍ତୋଷ ସେଠୀ ସ୍କୁଟିରେ ଅଳପୁଆରୁ ରାସନ ସାମଗ୍ରୀ ନେଇ ଫେରୁଥିବାବେଳେ ଆଳପୁଆ ବିଶ୍ୱାଳ ସାହି ନିକଟସ୍ଥ ରାସ୍ତାରେ ଏକ ଗାଇ ସହିତ ଧକ୍କା ହେବାରୁ ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କ ମୁଣ୍ଡ ପଛରେ ମାଡ଼ ହୋଇ ଅଧିକ ରକ୍ତସ୍ରାବ ହେତୁ କଟକ ବଡ଼ ମେଡିକାଲକୁ ପଠାଇ ଦିଆଯାଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି।

## ବିରଳ କଇଁଛ ଉଦ୍ଧାର

**କେନ୍ଦ୍ରାପଡ଼ା, ୧୯।୧୦(ସମିସ):** କରାଣ୍ଡିଆ ନଦୀରୁ ଏକ ବିରଳ କଇଁଛ ଉଦ୍ଧାର ହୋଇଛି। ମାଛ ଧରିବା ସମୟରେ ଜାଲରେ ପ୍ରାୟ ୮୦ କେଜି ଓଜନର ଏକ ବିରାଟକାୟ କଇଁଛ ଧରାପଡ଼ିଥିଲା। ଖବର ପାଇ ସଦର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି କଇଁଛକୁ ଉଦ୍ଧାର କରିଥିଲା। ଏହାପରେ ଉକ୍ତ ବିରଳ କଇଁଛକୁ ନଦୀରେ ଛଡ଼ାଯାଇଛି।



## ଲଛମନଜୀଉ ଓ ମା' ଲକ୍ଷ୍ମୀ ମନ୍ଦିର ପରିସର ସଫେଇ

**ଡେରାବିଶ, ୧୯।୧୦(ସମିସ):** କୁଶିଆପାଳ ଓ ଗୁଆଳସିଂ ପଞ୍ଚାୟତ ମଧ୍ୟସ୍ଥ ପ୍ରକୃତିମିତ୍ର ଦି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟୋଟାଲ୍ ଫିଟନେସ୍ ଆଣ୍ଡ ଷ୍ଟ୍ରେସ୍ ମ୍ୟାନେଜମେଣ୍ଟ ଓ କେନ୍ଦ୍ରାପଡ଼ା ପୂର୍ବତନ ସୈନିକ ସଂଘ ମିଳିତ ଭାବେ ପବିତ୍ର ଦୀପାବଳି ଉପଲକ୍ଷେ ବ୍ଲକ ଅନ୍ତର୍ଗତ କୁଶିଆପାଳ ପଞ୍ଚାୟତ ବାଲିପାଟଣାସ୍ଥ ଲଛମନଜୀଉଙ୍କ ମନ୍ଦିର ଓ ନିକଟସ୍ଥ ମା' ଲକ୍ଷ୍ମୀ ମନ୍ଦିର ପରିସରରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସୁବେଦାର ମେଜର ବ୍ରଜକିଶୋର ସାହୁଙ୍କ ତତ୍ତ୍ୱାବଧାନରେ ଛାତ୍ରଛାତ୍ରୀ ଦିଲ୍ଲୀପ ବେହେରା, ବିପିନ ନାଥ, ବର୍ଷା ପଟ୍ଟନାୟକ, ସୋନିତା ସାହୁ ଓ ଦେବଯାନୀ ବେହେରାଙ୍କ ସମେତ ବହୁ ଛାତ୍ରଛାତ୍ରୀ ସଫେଇ କାର୍ଯ୍ୟକ୍ରମରେ ସାମିଲ ଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ଜିଲ୍ଲା ପୂର୍ବତନ ସୈନିକ ସଂଘ ସହସମ୍ପାଦକ ଅକ୍ଷୟ ସାହୁ, ସଭାପତି କ୍ୟାପଟେନ ସୁରେନ୍ଦ୍ର ସାହୁ, କ୍ୟାପଟେନ୍ ଅଭୟ ଲେଙ୍କା, ସୁବେଦାର ନାରାୟଣ ଜେନା, ହାବିଲଦାର ଅମୂଲ୍ୟ ବାରିକ ପ୍ରମୁଖ ଯୋଗ ଦେଇଥିଲେ।



# ଆଦର୍ଶ ଥାନା ପକ୍ଷରୁ ସାଇବର ସଚେତନତା

**ପଟ୍ଟାମୁଣ୍ଡାଇ, ୧୯।୧୦(ସମିସ)**




ରାଜ୍ୟ ସରକାର ଓ ଜିଲ୍ଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ସାଇବର ଅପରାଧ ରୋକିବା ପାଇଁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପକ୍ଷରୁ ସ୍ଥାନୀୟ ବାଇପାସ ଛକଠାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ବନ୍ଦନା ପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଲେ, ସାରା ବିଶ୍ୱରେ ସାଇବର ଅପରାଧ ବ୍ୟାଧି ଭଳି ମାଡ଼ି ଚାଲିବା ସହିତ ଏକ ଆହ୍ୱାନ ଭାବେ ଦେଖାଦେଇଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ଲୋକେ ସାଇବର ଅପରାଧ ସମ୍ପର୍କରେ ସଚେତନ ନ ଥିବାରୁ ଅନେକ ସମୟରେ ଏହାର ଶିକାର ହୋଇ ସର୍ବସ୍ୱାନ୍ତ ହେବା ଘଟଣା ପ୍ରଶାସନ ଦୃଷ୍ଟିକୁ ଆସିଛି। ଜନସାଧାରଣ ସାଇବର ଅପରାଧରୁ ରକ୍ଷା ପାଇବା ପାଇଁ କୌଣସି ଅଜଣା ଫୋନ କଲ ନ ଧରିବା, ଅଜଣା ବ୍ୟକ୍ତି ଫୋନ କରି ଓଟିପି ମାଗିଲେ ନ ଦେବା ସହିତ ନିକଟସ୍ଥ ସାଇବର ଥାନା, ପୁଲିସ ଥାନା କିମ୍ବା ହେଲ୍‌ପଲାଇନ ନମ୍ବର ୧୯୩୦କୁ ଜଣାଇବା ପାଇଁ ପରାମର୍ଶ ଦେଇ ସାଇବର ଅପରାଧ ବିଷୟରେ ଜନସଚେତନତା ସୃଷ୍ଟି କରିଥିଲେ। ସାଇବର ଅପରାଧୀ ଅଜଣା ନମ୍ବରରୁ ଫୋନ କରି ବ୍ୟାଙ୍କ ଆକାଉଣ୍ଟ ନମ୍ବର ମାଗିବା ଓ ବିନା କାରଣରେ ଓଟିପି ନମ୍ବର ନେଇ ବ୍ୟାଙ୍କ ଆକାଉଣ୍ଟରେ ଥିବା ଟଙ୍କା ଲୁଟି ନେଇ ନିରୀହ ସାଧାରଣ ଜନତାଙ୍କୁ ସର୍ବସ୍ୱାନ୍ତ କରିବା ଘଟଣା ବିକଶିତ ସଭ୍ୟ ସମାଜ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଥିବାରୁ ସାଧାରଣ ଲୋକମାନେ ସଚେତନ ହୋଇ ଏ କ୍ଷେତ୍ରରେ ଅତ୍ୟନ୍ତ ସତର୍କତା ଅବଲମ୍ବନ କରି ସାଇବର ଅପରାଧ ନିୟନ୍ତ୍ରଣ ଦିଗରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ।

ପ୍ରଥମେ ସାଇବର ଅପରାଧ ରୋକିବା ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ରଥକୁ ସ୍ୱାଗତ କରାଯାଇଥିଲା। ଏହି ରଥ ସହିତ ସ୍ୱତନ୍ତ୍ର ମଞ୍ଚ ପ୍ରସ୍ତୁତ କରାଯାଇଥିଲା। ସ୍ୱତନ୍ତ୍ର ଭାବେ ସଜ୍ଜିତ ରଥରେ ସାଇବର ଅପରାଧ ରୋକିବା ସମ୍ପର୍କରେ ସଚେତନତା ପାଇଁ ବିଭିନ୍ନ ପୋଷ୍ଟର ମରାଯିବା ସହିତ ଏଲସିଡି ମଧ୍ୟ ଲଗାଯାଇ ସାଇବର ଅପରାଧ ନିୟନ୍ତ୍ରଣର ବିଭିନ୍ନ କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗୃହ ସଚିବ, ମେଗା ଷ୍ଟାର ଅମିତାଭ ବଚନ ସାଇବର ଅପରାଧ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନତା ବାର୍ତ୍ତା ଦେଇଥିଲେ। ଏ ଅବସରରେ କେନ୍ଦ୍ରାପଡ଼ା ଭାବଗ୍ରାହୀ କଳାନିକେତନ କଳାକାର ସଙ୍ଗୀତ ଓ ନୃତ୍ୟ ମାଧ୍ୟମରେ ସାଇବର ଅପରାଧ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସାମ୍ବାଦିକ, ପୁଲିସ ଅଧିକାରୀ ଓ ଜନସାଧାରଣ ଯୋଗ ଦେଇଥିଲେ।

## ହବିଷ୍ୟାଳୀଙ୍କ ପଞ୍ଚୁକ ବ୍ରତ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡ଼ା, ୧୯।୧୦(ସମିସ):** ଗରାପୁରସ୍ଥ ଶିବାନନ୍ଦ ଆଶ୍ରମରେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ତୁଳସୀକ୍ଷେତ୍ରରେ ହବିଷ୍ୟାଳୀଙ୍କ କାର୍ତ୍ତିକ ପଞ୍ଚୁକ ବ୍ରତ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୩୧ରୁ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ତୁଳସୀକ୍ଷେତ୍ରରେ ଏହି ବ୍ରତ ପାଳନ କରାଯିବ। ବଳଦେବଜୀଉଙ୍କ ଯାତ୍ରୀ ନିବାସରେ ହବିଷ୍ୟାଳୀଙ୍କ ପାଇଁ କାର୍ତ୍ତିକ ପଞ୍ଚୁକ ବ୍ରତ ପାଳନ ଅବସରରେ ଦୈନିକ ବିଭିନ୍ନ ସାଧୁସନ୍ଥଙ୍କ ଦ୍ୱାରା ଆଧ୍ୟାତ୍ମିକ ପ୍ରବଚନ, ଆଲୋଚନାଚକ୍ର ଓ ସଂକୀର୍ତ୍ତନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ପଞ୍ଚୁକ ବ୍ରତ ବିଧି ମୁତାବକ ପାଳନ ପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଥିଲା। ବୈଠକରେ ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ, ଅଭିମନ୍ୟୁ ଗୋଛାୟତ, ଗୋଲଖ ବେହେରା, ଅମୀୟ ପଣ୍ଡା, ବଳଦେବ ସେନା ସଭାପତି ପପୁନ ସ୍ୱାଇଁ, ସେନା ସମ୍ପାଦକ ଓ ସଦସ୍ୟ ଦ୍ରୌପଦୀ ରାଉତ, ରୀତାଞ୍ଜଳି ନାଥ, ପାର୍ବତୀ ବେହେରା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ବ୍ରହ୍ମଚାରୀ ନୃସିଂହ ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଲଖନପୁର କୋଇଲା କ୍ଷେତ୍ରରେ ଦୀପୋତ୍ସବ

# ଦୀନବାନ୍ଧବ କ୍ଷେତ୍ରରେ ଜଳିଲା ୧ଲକ୍ଷ ୨୫ ହଜାର ଦୀପ





**ଇବଥର୍ମାଲ, ୧୯ ।୧୦(ସମିସ)**

ଏମ୍‌ସିଏଲ ଲଖନପୁର କୋଇଲା କ୍ଷେତ୍ର ଅଞ୍ଚଳ ବନ୍ଧବାହାଲରେ ଆଜି ସାମୂହିକ ଦୀପଦାନ ଉତ୍ସବ ପାଳିତ ହୋଇଛି । ଦୀପାବଳୀ ଅବସରରେ ଏହି ବର୍ଷକୁ ଧରି ଚାରିବର୍ଷ ହେବ ଏକ ମହାନ ପ୍ରୟାସ ଆରମ୍ଭ କରାଯାଇଥିବା ବେଳେ ଚଳିତ ବର୍ଷ ଅଯୋଧ୍ୟାକୁ ଛାଡିଦେଲେ ସମଗ୍ର ଭାରତ ବର୍ଷରେ ଏଭଳି ଏତେ ଦୀପ ଏକାସାଙ୍ଗରେ ଜଳି ଉତ୍ସବ ପାଳନ କରିବା ଦ୍ୱିତୀୟ ବୋଲି କୁହାଯାଇଛି । ଶାନ୍ତି, ମୈତ୍ରୀ ଓ ଭାଇଚାରାଭାବ ସହ ରାଷ୍ଟ୍ର ଗଠନ ନେଇ ଲଖନପୁର କ୍ଷେତ୍ର ପକ୍ଷରୁ ପ୍ରଥମ ବର୍ଷ ୫, ୧୦୦, ଦ୍ୱିତୀୟ ବର୍ଷ ୫୧, ୦୫୧, ତୃତୀୟ ବର୍ଷ ୧, ୧୧, ୧୧୧, ଚତୁର୍ଥ ବର୍ଷ ୧, ୨୧, ୦୦୦ ଦୀପ ଜଳାଯାଇଥିବା ବେଳେ ଚଳିତ ବର୍ଷ ୧, ୨୫, ୫୨୧ ଦୀପ ପ୍ରଜ୍ୱଳନ କରା ଯାଇଛି । ଏହି କାର୍ଯ୍ୟକୁ ସଫଳ କରିବାକୁ ଆଜକୁ ୫ଦିନ ହେବ ଦୀନବାନ୍ଧବ କ୍ଷେତ୍ର ଭାବେ ପରିଚିତ ଜଗନ୍ନାଥ ମନ୍ଦିରର ସମ୍ମୁଖରେ, ସେଣ୍ଟ୍ରାଲ ପାର୍କରେ ତଥା କଲ୍ୟାଣମଣ୍ଡପ ସମ୍ମୁଖ ରାସ୍ତା ଗୁଡ଼ିକ ଅବରୋଧ କରାଯାଇ ପ୍ରଥମେ ଧୋଇ ଦେବାପରେ ଏମସିଏଲ ଲଖନପୁର କ୍ଷେତ୍ର କର୍ମଚାରୀ, ମହିଳା କର୍ମଚାରୀ, ସ୍କୁଲ ଛାତ୍ରଛାତ୍ରୀ କଲୋନୀରେ ମହିଳାମାନେ ବିଭିନ୍ନ ରଙ୍ଗୋଲି କରିଥିଲେ । ଏଥିରେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓ୍ୱଦ କିଶୋର ପାଣ୍ଡେ ମୁଖ୍ୟ କର୍ତ୍ତା କାର୍ଯ୍ୟନିର୍ବାହ କରିଥିଲେ । ସନ୍ଧ୍ୟାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ପାଖରେ ଏମସିଏଲ୍ ଡିଟି ସଞ୍ଜୟ କୁମାର ଝା ତଥା ସିଭିଲ ହେଡ୍‌କ୍ୱାଟର ପ୍ରଣବ କୁମାର ପଟେଲ ଠାକୁରଙ୍କୁ ପୂଜାର୍ଚ୍ଚନା ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା । ଦୀପଦାନ କରିବାପରେ ସମୂହ ଦୀପଦାନ କରା ଯାଇଥିଲା ।ଏହି ଅବସରରେ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ଏମସିଏଲ ସିଏମଡି ଅନନ୍ତ ଉଦୟ କାଉଲେ, ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ବ୍ରଜରାଜନଗର ଏସଡିପିଓ ଚିନ୍ତାମଣି ପ୍ରଧାନ, ବିଜେପି ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ବିଜେପି ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡ଼ଙ୍ଗୀ ପ୍ରମୁଖ ସାମିଲ ହୋଇଥିଲେ । ଲଖନପୁର, ଜିଏମ୍ ମାଇନିଙ୍ଗ ସତ୍ୟଭୂଷଣ ବାରିକ, ସିଡବ୍ଲୁଏସ୍ ଜିଏମ୍ ସମିର କୁମାର ତଥା ଶ୍ରମିକ ସଂଗଠନର ଜେସିସି ମେମ୍ବର ସମସ୍ତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ । ଆଇଏଲବିଏଲ୍ ପକ୍ଷରୁ ୬୭ହଜାର, କୋଲଓ୍ୱାସେରୀ ପକ୍ଷରୁ ୨୪ହଜାର, ଜିଏମ୍ କାର୍ଯ୍ୟାଳୟ ପକ୍ଷରୁ ୨୩ହଜାର, ସିଡବ୍ଲୁଏସ୍ ପକ୍ଷରୁ ୧୧ହଜାର, ମନ୍ଦିର କମିଟି ପକ୍ଷରୁ ୫୨୧ ଦୀପଦାନ କରାଯାଇଥିଲା । ଏଥିପାଇଁ ମନ୍ଦିର ସମ୍ମୁଖ ବଡ଼ଦାଣ୍ଡ, ପାର୍କ, ମନ୍ଦିର ପରିସରରେ ବିଭିନ୍ନ ରଙ୍ଗ ବେରଙ୍ଗର ଚିତାକର୍ଷକ ଝୋଟି, ରଙ୍ଗ ବେରଙ୍ଗ ଆଲୋକ ସଜ୍ଜାକରାଯାଇଥିଲା । ଏଥିରେ ବିଭାଗୀୟ ଅଧିକରୀ ସମେତ କର୍ମଚାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଶ୍ରମିକ ସଂଗଠନ ସ୍କୁଲ ଛାତ୍ରଛାତ୍ରୀ, ଓ ମନ୍ଦିର କମିଟି ପକ୍ଷରୁ ଅକ୍ଳାନ୍ତ ପରିଶ୍ରମ କରା ଯାଇଥିଲା । ଉତ୍ସବରେ ବନ୍ଧବାହାଲ ତଥା ଆଖପାଖ ଅଞ୍ଚଳରୁ ୨୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ ।

## ପୌରପରିଷଦସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



**ଝାରସୁଗୁଡ଼ା, ୧୯ ।୧୦(ସମିସ):** ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ସ୍ଥାନୀୟ ପିଏମ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ବେଲପାହାଡ଼ ପୌରପରିଷଦ ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏହି ଅବସରରେ ପ୍ରଜ୍ଞାନ ମିଶନ ଜିଲ୍ଲା ମୁଖ୍ୟ ସଂଯୋଜକ ଶିବପ୍ରିୟା ମିଶ୍ରଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବେଲପାହାଡ଼ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା ଡ. ଅନୁପମା ଦାଶ ମୁଖ୍ୟ ଅତିଥି ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚୀନ୍ଦ୍ର ପଟେଲ ଉଦ୍‌ଘାଟକ, ପ୍ରଜ୍ଞାନ ମିଶନ ସଂଯୋଜକ ଅମ୍ବିକା ପ୍ରସାଦ ଦାଶ ଓ ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ପୁରୀର ସମ୍ପାଦକ ଚିନ୍ତାମଣି ଦାସ, ଅରୁଣେନ୍ଦୁ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜୀବନ ଗଠନରେ ଗୀତାର ଭୂମିକା ଓ ଆଜିର ପରିସ୍ଥିତିରେ ଗୀତାପାଠର ଆବଶ୍ୟକତା ବିଷୟରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ସଂଯୋଜକ ଶିବପ୍ରିୟା ମିଶ୍ର ଏ ଅଭିଯାନର ଆଭିମୁଖ୍ୟ ଜ୍ଞାପନ କରିବା ସହ ଅଧିକ ଛାତ୍ରଛାତ୍ରୀଙ୍କୁ ଏଥିପାଇଁ ଉତ୍ସାହିତ କରିବାକୁ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦଙ୍କୁ ଆହ୍ୱାନ ଦେଇଥିଲେ । ଶିକ୍ଷକ ରଘୁନାଥ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ କୁଶ ସା ଧନ୍ୟବାଦ ଅର୍ପଣ କରିଥିଲେ । ବେଲପାହାଡ଼ ପୌରପରିଷଦ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟ ତଥା ମହାବିଦ୍ୟାଳୟର ପ୍ରାୟ ପଚାଶ ଜଣ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ସଂସ୍କୃତ ଶିକ୍ଷକ ପଣ୍ଡିତ ରଘୁନାଥ ଦାଶ, ରାଧାକାନ୍ତ ବାରିକ, ସୁରେନ୍ଦ୍ର ରାଉତ ବିଚାରକର ଦାୟିତ୍ୱ ତୁଲାଇଥିଲେ । ଏହି ପ୍ରତିଯୋଗିତାରେ 'କ' ବିଭାଗରେ ଭାଗ୍ୟଶ୍ରୀ ପ୍ରଧାନ ଓ ଅଭିରାମ ସାହୁ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବାବେଳେ 'ଖ' ବିଭାଗରେ ଶ୍ରୀଲେଖା ଷଡ଼ଙ୍ଗୀ, ନମନ ବଗାର, ଆଦିତ୍ୟ ଭୋଇ, 'ଗ' ବିଭାଗରେ ସଂକେତ କୁମାର ଦାଶ, ଆଲୋକ କୁମାର ମିଶ୍ର, ଜହ୍ନବୀ ମିତ୍ର ଓ 'ଘ' ବିଭାଗରେ ବିଜୟ ଲକ୍ଷ୍ମୀ ଚକ୍ରବର୍ତ୍ତୀ, ତନିଷା ସେଠ, ସୁସ୍ମିତା ପଣ୍ଡା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ପୁରସ୍କୃତ ହୋଇଛନ୍ତି ।

## ବିଧାୟକଙ୍କ ଅଭିଯୋଗ ଶୁଣାଣି



**ଦେବଗଡ଼, ୧୯ ।୧୦(ସମିସ):** ରିଆମାଳ ବ୍ଲକ ସଦର ମହକୁମାରେ ବିଧାୟକଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୪ଟି ସାମୂହିକ ଏବଂ ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାପଡ଼ିଛି । ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ ଯୋଗଦେଇ ଲୋକଙ୍କର ଅଭିଯୋଗ ଶୁଣିଥିଲେ । ଏଥିସହ ପଞ୍ଜିକୃତ ହୋଇଥିବା ସମସ୍ତ ଅଭିଯୋଗ ବିଧାୟକଙ୍କ ଦୃଷ୍ଟିକୁ ଅଣାଯାଇ ତୁରନ୍ତ ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅଭିଯୋଗ ମଧ୍ୟରେ ଛତାବର କଙ୍କରଖୋଲ ରାସ୍ତା ନିର୍ମାଣରେ ଅନିୟମିତତା କାରଣରୁ ଏବେ ମରଣଯନ୍ତା ପାଲଟିଥିବା ବେଳେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଏବଂ ତୁରନ୍ତ ରାସ୍ତା ମରାମତି ପାଇଁ ଅଭିଯୋଗ ହୋଇଥିଲା । ସେହିପରି ବୁଢିଦୋ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ଠାରୁ ବରପାଲି ରାସ୍ତାର ଉନ୍ନତି କରଣ ପାଇଁ ସ୍ଥାନୀୟ ଲୋକ ଦୃଷ୍ଟି ଆକର୍ଷଣ କରିଥିଲେ । ସେହିପରି ପାନୀୟଜଳ ସମସ୍ୟାର ସମାଧାନ, ୮୦ ବର୍ଷରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧାଙ୍କର ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଭୂମିହୀନ ପରିବାରକୁ ଜମି ପଟ୍ଟା ପ୍ରଦାନ, ଗରିବ ହିତାଧିକାରୀଙ୍କୁ ଆବାସଗୃହ ଯୋଗାଇ ଦେବା ଆଦି ଅଭିଯୋଗ ହୋଇଥିବା ଜଣାପଡ଼ିଛି ।

## ଶିଶୁ ବାଟିକାର ମାତୃ କର୍ମଶାଳା କାର୍ଯ୍ୟକ୍ରମ

**ଝାରସୁଗୁଡା, ୧୯।୧୦(ସମିସ):** ବ୍ରଜରାଜନଗର ଶିଶୁ ବାଟିକାରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ସାମ୍ପାଦକ ସାହେବ ରାଓ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ରନାଥ ଠାକୁର ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଯୁଗ୍ମ ସମ୍ପାଦକ ବିଜୟ ସାହୁ କାର୍ଯ୍ୟକ୍ରମରେ ନିରୀକ୍ଷକ ଦାୟିତ୍ୱ ସମ୍ପାଦନ କରିଥିଲେ । ଶିଶୁ ବାଟିକା ପ୍ରମୁଖ ବୀଣାପାଣି ପଣ୍ଡା କର୍ମଶାଳାର ବିଷୟ ଶିଶୁ ବାଟିକାର ସ୍ୱରୂପ ଓ ପାଠ୍ୟକ୍ରମ କ୍ରିୟାକଳାପ ବିଷୟକୁ ମା' ମାନଙ୍କୁ କହିଥିଲେ । ଏହାପରେ ବୌଦ୍ଧିକ ଦକ୍ଷତା, ଶାରୀରିକ ଦକ୍ଷତା, ମାନସିକ ଦକ୍ଷତା ଆଦି ବିଭିନ୍ନ କାଳାଂଶ ମା'ମାନେ କରିଥିଲେ । ମା'ମାନଙ୍କ ଅନୁଭବ କଥନ ପରେ ବରିଷ୍ଠା ଆଚାର୍ଯ୍ୟ ମୀରା ରାଉତ ଧନ୍ୟବାଦ ଅର୍ପଣ କରିଥିଲେ । ଉଷା ଗୁରୁମା, ପ୍ରେମଲତା ଗୁରୁମା, ସୁନୀତି ଗୁରୁମା, ସରିତା ଗୁରୁମା, ଦିପ୍ତି ଗୁରୁ ମା, ପ୍ରିୟଙ୍କା ଗୁରୁମା, ନିଳିମା ଗୁରୁମା ଓ ସେବକ ଓ ସେବିକା ମାନେ ସହଯୋଗ କରିଥିଲେ ।

ଇବଥର୍ମାଲ: ଲଖନପୁର ବ୍ଲକ ବନ୍ଧବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବନ୍ଧବାହାଲ ଶିଶୁ ବାଟିକା ବିଭାଗ ପକ୍ଷରୁ ଜଗନ୍ନାଥନଗର ବିଦ୍ୟାଳୟ ଠାରେ ଓଡ଼ିଶା ଶିକ୍ଷା ବିକାଶ ସମିତି ଯୋଜନାନୁସାରେ 'ମାତୃକର୍ମଶାଳା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଶିଶୁ ଅରୁଣ, ଉଦୟ ଓ ପ୍ରଭାତ ଶ୍ରେଣୀର କୁନି ଶିଶୁଙ୍କ ମା' ମାନଙ୍କୁ ନେଇ ପ୍ରଧାନଆଚାର୍ଯ୍ୟ ଅରୁଣ ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସମିତି ସଦସ୍ୟା ଗୀତାରାଣୀ ମେହେର ଏହାର ଉଦ୍‌ଘାଟନ କରିଥିଲେ । ପ୍ରଧାନଆଚାର୍ଯ୍ୟ ଅତିଥିଗଣଙ୍କ ପରିଚୟ କରିଥିବା ବେଳେ ଶିଶୁବାଟିକା ପ୍ରମୁଖ ରୋଜାଲି ହୋତା ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପଶ୍ଚିମ ସମ୍ଭାଗ, ସମ୍ବଲପୁର ବିଭାଗର ସହ ସମ୍ଭାଗ ନିରୀକ୍ଷକ ପ୍ରଦୁପ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ହିନ୍ଦୁ ଘରର ସଙ୍କଳ୍ପନା ଓ ଶିଶୁ ମାନଙ୍କର ସର୍ବାଙ୍ଗୀନ ବିକାଶରେ ମା' ମାନଙ୍କର ଭୂମିକା ବିଷୟରେ ଆଲୋଚନା କରିଥିଲେ । କର୍ମଶାଳାରେ ସମୁଦାୟ ୫୬ ଜଣ ମା' ଯୋଗ ଦେଇଥିଲେ । ଶିଶୁ ବାଟିକାର ୧୨ଟି ଶୈକ୍ଷିକ ବ୍ୟବସ୍ଥା ଆଧାରରେ ମୋଟ ୫ଟି ବିକାଶ କାଳାଂଶ ତଥା ଆତ୍ମିକ ବିକାଶ, ମାନସିକ ବିକାଶ, ବୌଦ୍ଧିକ ବିକାଶ, ପ୍ରାଣୀକ ବିକାଶ ଓ ଶାରୀରିକ ବିକାଶ ଉପରେ ଯଥାକ୍ରମେ ଗୁରୁଜୀ ସୀମାଞ୍ଚଳ ଜେନା, ପ୍ରଜ୍ଞାପରମିତା ଦାଶ, ରୂପମା ଗୁପ୍ତା, ରଶ୍ମିତା ପାଢ଼ୀ, ରଶ୍ମିତା ସେଠ୍ ପୂଜା ମେହେର ପ୍ରମୁଖ ଗୁରୁମା ବିସ୍ତୃତ ଆଲୋକପାତ କରିଥିଲେ । ସମାପନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନ, ଆଦିତ୍ୟ ସିଂଦେଓ, ବିଦ୍ୟାଳୟର ସଦସ୍ୟା ମଞ୍ଜୁଲତା ଭୁମିଜ ଓ ପୁଷ୍ପାଞ୍ଜଳି ବାରିକ ପ୍ରମୁଖ ଯୋଗ ଦେଇଥିଲେ । ଗୁରୁମା ସତ୍ୟଭାମା ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ସ୍ଥାନୀୟ ସମ୍ପାଦକ ଅଭିନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।






## ସାଗରପାଲି ନଖୁ ବାବା ମଠରେ କଲତା ସମାଜର ବନ୍ଧୁମିଳନ

**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସାଗରପାଲି ଗ୍ରାମ ନଖୁବାବା ମଠରେ ଭଅଁରଖୋଲ ଗୁଡ଼ି କୁଲତା ସମାଜର ବାର୍ଷିକ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଛି । କୁଲତା ସମାଜକୁ ଉନ୍ନତ, ସଶକ୍ତ, ଶିକ୍ଷା ଯୁକ୍ତ, ସମାଜ ଗଠନ କରିବା ଦିଗରେ ଅତିଥିମାନେ ଅଲୋକପାତ କରିଥିଲେ । ଏହାସହ ବର୍ତ୍ତମାନ ସାମଜିକ ଓ ଆଧୁନିକ ପରିସ୍ଥିତିରେ ଯୁବ ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟ, ଏକ ସୁସ୍ଥ, ଉନ୍ନତ ସମାଜ ଗଠନ ସକାଶେ ଆହ୍ୱାନ ଆଦି ବିଭିନ୍ନ ବିଷୟ ବସ୍ତୁ ଉପରେ ଉପସ୍ଥିତ ଅଥିତି ମାନେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ କୁଲତା ସମାଜ କଦେଲପିଟା ପୀଠ ସଭାପତି କ୍ଷୀରୋଦ ପଧାନ, ସମ୍ପାଦକ ରମେଶ ସା, ଜଗଦୀଶ ପ୍ରଧାନ, କୋଷାଧ୍ୟକ୍ଷ ନିରାକାର ବଡ୍ହାଇଙ୍କ ସହ ବରତାପ ଗୁଡ଼ି ପୂର୍ବତନ ସଭାପତି କୁଳମଣି ସାହୁ, ଖଗେଶ୍ୱର ପଧାନ, ତେଜରାମ ପ୍ରଧାନ, ବାଘମୁଣ୍ଡା ଗୁଡ଼ି ସଭାପତି ଏବଂ ସଦସ୍ୟ, ସମରବଗା ଗୁଡ଼ି ସଭାପତି ଅକ୍ଷୟ ପଧାନ ଏବଂ ସଦସ୍ୟ ଉପସ୍ଥିତ ଥିବାବେଳେ କୁଲତା ସମାଜର ବରିଷ୍ଠ ସଦସ୍ୟ ଭାବଗ୍ରାହୀ ସାହୁଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାନୁରଖୋଲ ଗୁଡ଼ି ସଭାପତି ଦୋଳଗୋବିନ୍ଦ ବିଶ୍ୱାଳଙ୍କ ସହ ସାଗରପାଲି, ଠେବରା, ଭଅଁରଖୋଲ, ଡୁଡୁଗା, ସାହୁପଡ଼ା, ଖଲିଆପାଲି ଆଦି ଗ୍ରାମର କୁଲତା ସମାଜର ଶତାଧିକ ମହିଳା ପୁରୁଷ, ଯୁବକ, ଯୁବତୀ ଯୋଗଦେଇଥିଲେ ।

## ଜୋନାଲସ୍ତରୀୟ କରାଟେ ଓ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା



**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଡିଏଭି ନ୍ୟାସନାଲ୍ ସ୍ପୋର୍ଟସ୍, ଓଡ଼ିଶା କ୍ଲଷ୍ଟର ଏବଂ ଜୋନାଲସ୍ତରୀୟ କରାଟେ ଓ ତାଇକ୍ୱୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା ଡିଏଭି ବିଦ୍ୟାଳୟ ସମୂହ ଅନ୍ତର୍ଗତ ୪୨ଟି ବିଦ୍ୟାଳୟ ତଥା କ୍ଲଷ୍ଟର-୧, ୨ ଓ ୩ରୁ ଦୁଇ ଶହରୁ ଉହରୁ ମାର୍ଶାଲ୍ ଆର୍ଟ ଖେଳାଳିମାନେ ନିଜ ଶକ୍ତି, ଶିଷ୍ଟାଚାର ଓ କ୍ରୀଡା ଆତ୍ମାକୁ ପ୍ରଦର୍ଶନ କରିଛନ୍ତି । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶାରୀରିକ ଫିଟନେସ୍, ସ୍ୱୟଂରକ୍ଷା ଦକ୍ଷତା ଏବଂ ମାନସିକ ସବଳତା ମନୋଭାବକୁ ପ୍ରୋତ୍ସାହନ ଦେବା ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ । ଡିଏଭି କଲେଜ ମ୍ୟାନେଜିଂ କମିଟି ଓ ଡିଏଭି ସ୍ପୋର୍ଟସ୍ ଅଧୀନରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ଜାତୀୟସ୍ତରର ଚାମ୍ପିଅନସିପ୍ ପାଇଁ ପ୍ରତିଭାଶାଳୀ ଖେଳାଳିମାନଙ୍କୁ ଚିହ୍ନଟ କରିବାରେ ସାହାଯ୍ୟ କରିବ ବୋଲି ସୂତ୍ରରୁ ପ୍ରକାଶ ।

## 'ଗୋହିରା ଉତ୍ସବ' ପାଳନ ପାଇଁ ପ୍ରସ୍ତୁତି ବୈଠକ

**ଦେବଗଡ଼, ୧୯ ।୧୦(ସମିସ):** ଗୋହିରା ଆଞ୍ଚଳିକ ଉନ୍ନୟନ ସମିତିର ପକ୍ଷରୁ ଅପରାହ୍ନରେ ଶିବ ମନ୍ଦିର ପ୍ରାଙ୍ଗଣରେ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମିତି ସଭାପତି ତରଣୀ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାୟ ଷାଠିଏ ଜଣ ସଭ୍ୟଙ୍କ ଉପସ୍ଥିତିରେ ଦିଲ୍ଲୀପ କୁମାର ନାୟକ 'ଗୋହିରା ମହୋତ୍ସବ' ପାଇଁ ପ୍ରସ୍ତାବ ଆଗତ କରିଥିଲେ । ଦେବଗଡ଼ ନେହେରୁ ଯୁବକ ସଂଘ ସଂଯୋଜକ ପ୍ରଦୀପ ବିଶ୍ୱାଳ ଗୋହିରା ଉତ୍ସବ ପାଳନ ଅବସରରେ ଗଠନ ମୂଳକ ପରାମର୍ଶ ଦେଇଥିଲେ । ଏହାକୁ ସମିତିର ସମ୍ପାଦକ ପ୍ରଦୀପ କୁମାର ସାହୁ, ଉପସଭାପତି ଉପେନ୍ଦ୍ର ନାୟକ, ସହ ସମ୍ପାଦକ ମହେଶ୍ୱର ପ୍ରଧାନ ସ୍ୱାଗତ କରିଥିଲେ । କୋଷାଧ୍ୟକ୍ଷ ରଞ୍ଜିତ କୁମାର ପ୍ରଧାନଙ୍କ ଦ୍ୱାରା ବୈଠକରେ ଆୟବ୍ୟୟର ହିସାବ ପ୍ରଦାନ କରାଯାଇଥିଲା । ସମିତିର ସଭ୍ୟ ଭୂପେନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ଉଦିତ କୁମାର ନାୟକ, ଶିକ୍ଷକ ସୁନୀଲ କୁମାର ସାହୁ, ସମାଜସେବୀ ଅଚ୍ୟୁତାନନ୍ଦ ନାୟକ, ସୁରେଶ ଚନ୍ଦ୍ର ପାତ୍ର, ଶିକ୍ଷକ ରଞ୍ଜନ କୁମାର ବ୍ରହ୍ମା, ସିନୁ ପ୍ରଧାନ, ମିତ୍ରଭାନୁ ବେହେରା, ଅଜୟ ସାହୁ ଓ ଆଠଟି ପଞ୍ଚାୟତର ସଭ୍ୟ ପ୍ରମୁଖ ବୈଠକରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ସଭ୍ୟ ଲକ୍ଷଣ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।



## ଓପିଏସ୍‌ସିରେ କୃତୀଙ୍କୁ ଲକ୍ଷେଘର ସମାଜ ବିକାଶ ପରିଷଦ ପକ୍ଷରୁ ସମ୍ମାନ

**ଝାରସୁଗୁଡ଼ା, ୧୯ ।୧୦(ସମିସ):** ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ସମରବଗା ପଞ୍ଚାୟତ ଦୁଆନମୁଣ୍ଡା ଗାଁ ଲକ୍ଷେଘର ସମାଜର ଝିଅ ଅନୁପମା ଗର୍ଡ଼ିଆ ଓପିଏସସି ପରିକ୍ଷାରେ ୨୮୦ ର୍‌ୟାଙ୍କ ରଖି ଉତ୍ତୀର୍ଣ୍ଣ ହୋଇଥିବାରୁ ରବିବାର ପୂର୍ବାହ୍ନରେ ଲକ୍ଷେଘର ସମାଜର ପ୍ରତିନିଧି ମଣ୍ଡଳ ତାଙ୍କ ଘରେ ଯାଇ ଅନୁପମାଙ୍କୁ ଭେଟି ସମ୍ମାନିତ କରିଛନ୍ତି । ଲକ୍ଷେଘର ସମାଜ ବିକାଶ ପରିଷଦ ଝାରସୁଗୁଡ଼ା ପକ୍ଷରୁ ଜିଲ୍ଲାର ସଭାପତି ପ୍ରେମସାଗର, ଉପସଭାପତି ଗୌରାଙ୍ଗ ଜଗତ, ଉପଦେଷ୍ଟା ଭୋପାଲ ଚନ୍ଦ୍ର ଜୟପୁରିଆ, ସନାତନ ମହାନନ୍ଦ ସମ୍ପାଦକ ଗଙ୍ଗାଧର କଣ୍ଟା, କୋଷାଧ୍ୟକ୍ଷ ମୁରଲୀ ଛଛାନ ପ୍ରମୁଖ ସମ୍ମାନିତ କରିଥିଲେ ।



## ତ୍ରିଦିବସୀୟ ଫୁଟବଲ; ଏନ୍‌ଟିପିସି ଦର୍ଲିପାଲି ଚାମ୍ପିଅନ



**ଇବଥର୍ମାଲ, ୧୯ ।୧୦(ସମିସ):** ଲଖନପୁର ବ୍ଲକ ସରଣ୍ଡାମାଲ ପଞ୍ଚାୟତ ତଲିବାହାଲସ୍ଥିତ ଗ୍ରୀନୱାଲ୍ଡ ଆସୋସିଏସନ୍ ତରଫରୁ ୩୫ ତମ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ତଲିବାହାଲ ଖେଳ ପଡ଼ିଆରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟରେ ସମ୍ବଲପୁର, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୬ ଟି ଦଳ ଭାଗ ନେଇଥିଲେ । ପ୍ରଥମ ସେମିଫାଇନାଲ ଏନ୍‌ଟିପିସି ଦର୍ଲିପାଲି ସୁନ୍ଦରଗଡ଼ ଓ ଷ୍ଟାନଲି ସ୍ପୋର୍ଟସ ବ୍ରଜରାଜନଗର ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଏନ୍‌ଟିପିସି ଦଳ ବିଜୟୀ ହୋଇ ଫାଇନାଲକୁ ଯାଇଥିବାବେଳେ ଦ୍ୱିତୀୟ ସେମିଫାଇନାଲ ବିବିୱାଇ ଏସ୍ ସମ୍ବଲପୁର ଓ ସଞ୍ଜୀବ ଏକାଦଶ ଗୋପାଳପୁର ସୁନ୍ଦରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ବିବିୱାଇ ଏସ୍ ସମ୍ବଲପୁର ବିଜୟୀ ହୋଇ ଫାଇନାଲ ଖେଳିଥିଲା । ଏହି ଖେଳରେ ଏନ୍‌ଟିପିସି ଦର୍ଲିପାଲି ସୁନ୍ଦରଗଡ଼ ୪-୧ ଗୋଲରେ ବିବିୱାଇଏସ୍ ସମ୍ବଲପୁର ଠାରୁ ବିଜୟୀ ହୋଇଥିଲା । ବିଜୟୀ ଦଳକୁ ଟ୍ରଫି ସହ ୫୦ ହଜାର ପୁରସ୍କାର ରାଶି ସହ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପ୍ରଦାନ କରା ଯାଇଥିଲା । ପ୍ଲେୟାର ଅଫ୍ ଦ ଟୁର୍ଣ୍ଣାମେଣ୍ଟ ପବିତ୍ର ଓରାମ ଏନ୍‌ଟିପିସି ଦର୍ଲିପାଲିଙ୍କୁ ପୁରସ୍କୃତ କରା ଯାଇଥିଲା । ଆଜିର ଏହି ଫାଇନାଲ ଖେଳର ପୁରସ୍କାର ବିବରଣୀ ସଭାରେ ମୁଖ୍ୟଅତିଥି ଭାବରେ ସରଣ୍ଡାମାଲ ସରପଞ୍ଚ ଝରଣା ସେଠ୍ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ଗୋପାଳ ପାଢ଼ୀ, ମିତ୍ରଭାନୁ ପାଢ଼ୀ, ଗଙ୍ଗାଧର ସା, କାମଦେବ ପାଢ଼ୀ, ହରିଲାଲ ସା, ଗିରିଶ ଜୟପୁରିଆ, ପୁରନ୍ଦର ଭୋଇ, ନନ୍ଦଲାଲ ସେନାପତି, ଉମାକାନ୍ତ ପଣ୍ଡା, ଦାମୋଦର ବଢେଇ ପ୍ରମୁଖ ଯୋଗ ଦେଇଥିଲେ । ଫାଇନାଲ ଖେଳକୁ ରେଫରୀ ନବୀନ ଦେଓ, ମିଥୁନ ବଡକ, ଅରୁଣ ମିର୍ଦ୍ଧା ଖେଳେଇ ଥିଲେ ।କ୍ଲବ ସଦସ୍ୟ ଅନନ୍ତ କାଲୋ, ହେମନ୍ତ ଧୁରୁଆ, ହିମାଂଶୁ ଦେହେରୀ, ଆଲୋକ ସେନାପତି, ମନୋଜ ଓରାମ, ବେଦବ୍ୟାସ ମାଁ, ଦିପତେଶ ମାଁ ସହଯୋଗ କରିଥିଲେ । ଶ୍ରୀପତି ଓରାମ ଧାରା ବିବରଣୀ ପ୍ରଦାନ କରିଥିଲେ ।

### ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଦାବି

# ଯୁବ ଏକତା ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା

**ଦେବଗଡ଼, ୧୯ ।୧୦(ସମିସ):** ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ସ୍ଥାନାନ୍ତର ପରଠାରୁ ଜିଲ୍ଲାରେ ଦେଖା ଦେଇଥିବା ଜନ ଅସନ୍ତୋଷ ଦିନକୁ ଦିନ ତେଜିବାରେ ରେ ଲାଗିଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୂଆଁବାଲିରୋଇକୁ ସ୍ଥାନାନ୍ତର ପରଠାରୁ ଜନ ସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ନାନା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଥିବା ବେଳେ ଏକ ଅଣ ରାଜନୈତିକ ସଂଗଠନ ଭାବେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଗତ କିଛି ମାସଠାରୁ ପୁରୁଣା ଚିକିତ୍ସାଳୟ କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇବା ନେଇ ଜିଲ୍ଲା ପ୍ରଶାସନ ଠାରୁ ରାଜ୍ୟ ସରକାର ପର୍ଯ୍ୟନ୍ତ ଦାବି ହୋଇଆସୁଛି । ମାତ୍ର ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଜିଲ୍ଲାବାସୀଙ୍କ ଦାବିକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଦିନ ଗଡ଼ାଇ ଚାଲିଥିବାରୁ ଜନ ଅସନ୍ତୋଷ ଦିନକୁ ଦିନ ଜନ ଆନ୍ଦୋଳନର ରୂପ ନେବାକୁ ବସିଛି । ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୋଠା ରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟ ସେବା ଯୋଗାଇବା ଦାବିନେଇ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ଦେବଗଡ଼ ବନ୍ଦ ଆନ୍ଦୋଳନ ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ମାସ ମଧ୍ୟରେ ଏହାର ସମାଧାନ ପାଇଁ ଆନ୍ଦୋଳନକାରୀ ମାନଙ୍କୁ ପ୍ରତିଶ୍ରୁତି ଦେଇ ଆନ୍ଦୋଳନକୁ ସ୍ଥଗିତ ରଖିବାରେ ସଫଳ ହୋଇଥିଲେ ମଧ୍ୟ ବାସ୍ତବିକ ଏହା କାର୍ଯ୍ୟକାରୀ ନ ହେବାରୁ ମଞ୍ଚ ପକ୍ଷରୁ ପୁନର୍ବାର ଆନ୍ଦୋଳନ ଆରମ୍ଭ ହୋଇଛି ।



ଏହି କ୍ରମରେ ଆଜି ଅପରାହ୍ନରେ ଜିଲ୍ଲା ଯୁବ ଏକତା ମଞ୍ଚ ପକ୍ଷରୁ ସୁରଞ୍ଜିତ ମହାପାତ୍ରଙ୍କ ଆବାହକତ୍ୱ ଓ ପୌରପରିଷଦ କାଉଁନସିଲର ଧର୍ମେନ୍ଦ୍ର କୁମାର ଦେବତାଙ୍କ ନେତୃତ୍ୱରେ ମଞ୍ଚର ଶତାଧିକ ସଦସ୍ୟ ପ୍ରଧାନପାଟେଶ୍ୱରୀ ମନ୍ଦିରରେ ମଥା ଟେକି ଏକ ବାଇକ ରାଲିରେ ନଗର ପରିକ୍ରମା କରି ଜନ ସଚେତନତା ସୃଷ୍ଟି କରିବା ପରେ ଗୋପବନ୍ଧୁ ଛକ ଠାରେ ଆୟୋଜିତ ଖୋଲାମଞ୍ଚ ଆଲୋଚନା ସ୍ଥଳିରେ ପହଁଚିଥିଲେ । ସେଠାରେ ଅନୁଷ୍ଠିତ ଖୋଲା ମଞ୍ଚ ଆଲୋଚନାରେ ଶତାଧିକ ଜନ ସାଧାରଣ ସହ ବିଭିନ୍ନ ଅନୁଷ୍ଠାନର ନେତୃବୃନ୍ଦ ନିଜ ନିଜ ମତପ୍ରକାଶ କରିବା ସହ ମଞ୍ଚର ଦାବିକୁ ଯଥାର୍ଥ ବୋଲି ଅବିହିତ କରିଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ପୁରୁଣା କୋଠାରେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ନ ଯୋଗାଇବା ପର୍ଯ୍ୟନ୍ତ ପ୍ରତିଦିନ ଆନ୍ଦୋଳନକୁ ଭିନ୍ନଭିନ୍ନ ଢଙ୍ଗରେ ଜାରି ରଖିବାକୁ ମତବ୍ୟକ୍ତ କରିଥିଲେ । ଏହି ଖୋଲାମଞ୍ଚରେ ବହୁ ବରିଷ୍ଠ ନାଗରିକ, ଡ୍ରାଇଭର ମହାସଂଘ, ଆମ୍ବେଦକର ଯୁବ ସଂଘ, ବଣିକ ସଂଘ, ଓକିଲ ସଂଘ, ସାମ୍ବାଦିକ ସଂଘ, ବିଭିନ୍ନ ରାଜନୈତିକ ଦଳର ପଦାଧିକାରୀଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ଥିଲେ ।





# ସେକ୍ସ ଆଉ ନିଶାରେ ରାଜଧାନୀ ଉବୁଟୁବୁ

ଭୁବନେଶ୍ୱର,୧୯ ।୧୦ (ସମିସ):

ସେକ୍ସ ରାକେଟ୍ ଆଉ ନିଶା କାରବାରରେ ଏବେ ବୁଡ଼ିଛି ରାଜଧାନୀ। ଯୁବପିଢ଼ିଙ୍କ ଠାରୁ ଆରମ୍ଭ କରି ସମସ୍ତ ବୟସ୍କ ବର୍ଗର ଲୋକଙ୍କୁ ଘାରୁଛି ନିଶାଦ୍ରବ୍ୟ ଆଉ ଯୁବତୀ ଯୋଗାଡ଼ କରିବାର ନିଶା। ଏଥିପାଇଁ ହଜାର ହଜାର ଟଙ୍କା ଉଡ଼ାଇବାକୁ ବି ସେମାନେ ପ୍ରସ୍ତୁତ। ଯାହାର ଫଇଦା ଉଠାଉଛନ୍ତି ଆସାଧୁ ନିଶା ବେପାରୀ ଆଉ ସେକ୍ସ ର୍‌ୟାକେଟ୍‌ର କିଙ୍ଗପିନ୍। କେତେବେଳେ ଏଥିପାଇଁ ଗୁଳି ଫୁଟୁଛି ତ ଆଉ କେତେବେଳେ ଲୋକଙ୍କ ମୁଣ୍ଡ ଗଡ଼ୁଛି। ଏଭଳି ଆସାଧୁ ବ୍ୟବସାୟ ରାଜଧାନୀରେ ଖୋଲାଖୋଲି ଚାଲୁଛି। ସମସ୍ତଙ୍କ ଜାଣତରେ ଚାଲୁଥିଲେ ହେଁ ପୁଲିସ ଏହା ଜାଣିପାରୁ ନାହିଁ। ଲୋକଦେଖାଣିଆ ଗିରଫଦାରୀ କରି ପୁଲିସ ଯେଉଁ ଭଳି ବାହାବା ନେବାରେ ଲାଗିଛି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି।

ଆନ୍ଧ୍ରପଦେଶର ଜଣେ ଟ୍ରକ୍ ଡ୍ରାଇଭର ରାତି ୧୨ଟା ପରେ ଖଣ୍ଡଗିରି ଛକରେ ପହଞ୍ଚିଲେ। ଟ୍ରକ୍‌ରୁ ଓହ୍ଲାଇ ଜଣେ ଅଚିହ୍ନା ଲୋକଙ୍କ ସହ କଥା ହେଲେ। ଓଡ଼ିଆ କି ହିନ୍ଦୀ କୌଣସି ଗୋଟିଏ ବି ଭାଷା ଠିକ୍ ଭାବେ କହି ପାରୁ ନଥିଲେ। ହାତର ଠାର୍ ଆଉ ଖଣ୍ଡି ଇଂରାଜୀ ହିନ୍ଦୀରେ ଲିକର୍... ଲିକର୍..., ଗାଞ୍ଜା..., ଗାଞ୍ଜା... ବୋଲି କହିଲେ। ସମ୍ପୃକ୍ତ ଅଚିହ୍ନା ବ୍ୟକ୍ତି ଜଣଙ୍କ ରାଜଧାନୀର ନିଶା କାରବାର ସମସ୍ତ ଠିକଣା ଗୋଟି ଗୋଟି ତାଙ୍କୁ କହିଦେଲେ। ଆଇଁଗିଣିଆ ଆଲୁଗଦି, ଧିରୁକୁଟି ବସ୍ତି, କଟକରୋଡ୍, ଷ୍ଟେସନ ବଜାର, ସାଲିଆସାହି, କାରଗିଲ୍ ବସ୍ତି ସବୁର ଠିକଣା ନକ୍ସା ସହ ବତାଇଦେଲେ। କେମିତି ଯିବ, କେଉଁଠିକି ଯିବ, କେତେ ଟଙ୍କା ଅଧିକ ଦେବାକୁ ପଡ଼ିବ ସବୁକିଛି। ରାଜଧାନୀରେ ଓଡ଼ିଶା କହି କିମ୍ବା ବୁଝି ପାରୁ ନ ଥିବା ଟ୍ରକ୍ ଡ୍ରାଇଭର ଯଦି ଏସବୁ ଅତି ସହଜରେ ଜାଣି ପାରୁଛି, ତେବେ ପୁଲିସ କିମ୍ବା ଅବକାରୀ ବିଭାଗକୁ କିପରି ଏହି ଠିକଣା ଅଛପା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି।

ସେହିପରି ରାଜଧାନୀର ଗଳିକନ୍ଦିରେ ଗଞ୍ଜେଇ, ଡ୍ରଗ୍ସ, ହେରୋଇନ୍, କୋକେନ୍ ଭଳି ନିଶା ଅତି ସହଜରେ ଉପଲବ୍ଧ ହୋଇଯାଉଛି। ସମସ୍ତଙ୍କୁ ଜଣା କିଏ ଏହି କାରବାର କରୁଛି। ଆଉ କେଉଁଠି ମିଳୁଛି। ପୁଲିସ କେବଳ ସବୁ ଜାଣିଅଜଣା



ଭଳି ଅଭିନୟ କରିବାରେ ବ୍ୟସ୍ତ। ଜଣେ ବେଆଇନ୍ ମଦ ବ୍ୟବସାୟୀ କହିଛନ୍ତି ପୁଲିସ ଆଉ ଅବକାରୀ ବିଭାଗକୁ ମାସିକିଆ ଯାଉଛି। ପୁଲିସ ସିଧାସଳଖ ନେଉ ନାହିଁ। ବରଂ ମଧ୍ୟସ୍ଥଙ୍କ ଦ୍ୱାରା ନେଉଛି। ଏହା ପରେ ବି ୨ରୁ ୩ମାସ ମଧ୍ୟରେ ଲୋକ ଦେଖାଣିଆ ଥରେ ଆମକୁ ଗିରଫ ହେବାକୁ ପଡୁଛି। ଥରେ ଗିରଫ ହେଲେ ପୁଲିସ ୩ମାସ ପର୍ଯ୍ୟନ୍ତ କିଛି କହିବନି। ଏପରିକି ନିଶା କାରବାର ପାଇଁ ପୁଲିସକୁ ଖବରଦେବାରୁ ବିଏମ୍‌ସିର ସଫେଇ ମଜଦୁର ସଂଘର ସଭାପତି ସହଦେବ ନାୟକଙ୍କୁ ହତ୍ୟା କରାଯାଇଥିଲା ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଥିଲେ।

ସେକ୍ସ ର୍‌ୟାକେଟ୍ କାରବାରରେ ମଧ୍ୟ କୌଣସି ରୋକ୍ ନାହିଁ। ଅଧିକାଂଶ ହୋଟେଲ

**ଅବାଧ ଉପଲବ୍ଧ, ଜାଣିସିଆଣିଆ ପୁଲିସ**

ଏବଂ ଲଜ୍‌ରେ ହୋଟେଲ ମାଲିକ କିମ୍ବା ମ୍ୟାନେଜର କର୍ମଚାରୀଙ୍କୁ ଧରି ଅବାଧରେ ସେକ୍ସ ରାକେଟ୍ ଚଳାଉଛନ୍ତି। ଗ୍ରାହକଙ୍କୁ ପ୍ରଥମେ ଯୁବତୀଙ୍କ ଫଟୋ ଦେଖାଯାଉଛି। ପରେ ଦାମ୍ ସ୍ଥିର ହେଉଛି। କିଛି କାରବାର ଅନ୍‌ଲାଇନ୍ ମାଧ୍ୟମରେ ବି ଚାଲୁଛି। ଆଉ କିଛିକୁ କିଙ୍ଗପିନ୍ ମାନେ ଭଡ଼ା ଘର, ଲଜ୍ ଏବଂ ପାର୍ଲର୍‌ରେ ଚଳାଉଛନ୍ତି। ନିକଟରେ ରାଜଧାନୀରେ ଏକ ସେକ୍ସ ର୍‌ୟାକେଟ୍ ପର୍ଦ୍ଦାଫାସ୍ ହେବା ପରେ ପୁଲିସକୁ ନେଇ ଆଙ୍ଗୁଠି ଉଠିବାରେ ଲାଗିଛି।

ରାଜ୍ୟ ରାଜଧାନୀ ଭୁବନେଶ୍ୱର ମନ୍ଦିରମାଳିନୀ ସହର ଭାବେ ବେଶ୍ ପରିଚିତ। ହେଲେ ପୁଲିସର ଅପାରଗତା ଏବଂ ଜାଣିସିଆଣିଆ ବ୍ୟବହାର ଭୁବନେଶ୍ୱର ଛବିକୁ ଲଗାତାର ଭାବେ ମଳିନ କରିବାରେ ଲାଗିଛି। ନିଶା କାରବାରରେ ରୋକ୍ ଲଗାଇବାକୁ କମିସନରେଟ୍ ପୁଲିସ ଏବଂ ଅବକାରୀ ବିଭାଗ ପକ୍ଷରୁ ଅପରେସନ୍ ହ୍ୱାଇଟ୍ ସ୍ୱାଇଡର୍ ଆରମ୍ଭ କରାଯାଇଥିଲା। ହେଲେ ପରିସ୍ଥିତି ଯାହାକୁ ସେଇଆ। ନିଶା ବେପାରୀଙ୍କ ସଂଖ୍ୟା ଦିନକୁ ଦିନ ବଢୁଛି ସିନା, କମିବାର ନାଁ ଧରୁନି। ଭୁବନେଶ୍ୱରରେ ଏନ୍‌ସିବିର ସ୍ଥାୟୀ କାର୍ଯ୍ୟାଳୟ ଖୋଲିଲା। ସେଶାଲ୍ କ୍ରାଇମ୍ ୟୁନିଟ୍, ସ୍ପେଶାଲ୍ ସ୍କ୍ୱାର୍ଡ କମିସନରେଟ୍ ପୁଲିସ ଅଧୀନରେ ଏସବୁ ଅପରାଧକୁ ରୋକିବାକୁ କାମ କରୁଛି। ଗୁଇନ୍ଦା ବିଭାଗ ତଥ୍ୟ ସଂଗ୍ରହ କରୁଛି, ଥାନା ସ୍ତରରେ ପୁଲିସ କାର୍ଯ୍ୟକରୁଛି। ହେଲେ ସେକ୍ସ ଆଉ ନିଶା କାରବାର କମିବା ବଦଳରେ ଅପରାଧର ମାୟାଜାଲ ଭିତରକୁ ରାଜଧାନୀ ଅଧିକରୁ ଅଧିକ ଚାଲିଯାଉଛି।

## ରାସ୍ତାରେ ମାଡ଼ ମାରି ଲୁଟ୍; ଦୁଇ ଗିରଫ

ଭୁବନେଶ୍ୱର,୧୯ ।୧୦(ସମିସ): ରାସ୍ତାରେ ଅଟକାଇ ମାଡ଼ ମାରି ଲୁଟ୍‌ପାଟ କରିଥିବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ଚନ୍ଦ୍ରଶେଖରପୁର ବିଡିଏ କଲୋନୀର ଦୀପକ କୁମାର ନାୟକ ଓରଫ୍ ଦୀପୁ (୨୭) ଓ ଅନନ୍ତ ନାରାୟଣ ବସ୍ତିର ସୁବାଶିଷ ଜେନା ଓରଫ୍ ପପୁ (୨୪)। ପୁଲିସ ସୂଚନା ଅନୁସାରେ, ଗତ ଶୁକ୍ରବାର ରାତିରେ କୃତିବିଭବ ପାତ୍ର ଓ ତାଙ୍କ ବନ୍ଧୁ ଦିବ୍ୟଜ୍ୟୋତି ଶତପଥୀ ମହାରାଜା ହଲ୍‌ରୁ ସିନେମା ଦେଖି ଘରକୁ ଫେରୁଥିଲେ। ସୈନିକ ସ୍କୁଲ ନିକଟରେ ଦୀପୁ, ପପୁ ଓ ତାଙ୍କ ସହଯୋଗୀ ଏକ ବୁଲେଟ୍‌ରେ ଆସି ସେମାନଙ୍କୁ ରାସ୍ତାରେ ଅଟକାଇଥିଲେ। ଅଭିଯୁକ୍ତମାନେ ଦୁଇ ବନ୍ଧୁଙ୍କୁ ଆକ୍ରମଣ



କରିବା ସହ କୃତିବିଭବଙ୍କ ଠାରୁ ମୋବାଇଲ୍ ଫୋନ୍ ଓ ଏକ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଏଥିସହିତ ଦିବ୍ୟଜ୍ୟୋତିଙ୍କ ଠାରୁ ଏକ ହାତ ଘଣ୍ଟା, ପାନ୍ କାର୍ଡ, ଆଧାର କାର୍ଡ, ଏଟିଏମ୍ କାର୍ଡ ଓ ନଗଦ ୩୦୦ ଟଙ୍କା ଥିବା ଏକ କଳା ରଙ୍ଗର ପର୍ସ ମଧ୍ୟ ଛଡ଼ାଇ ନେଇଥିଲେ। କୃତିବିଭବଙ୍କ ଅଭିଯୋଗକ୍ରମେ ମୈତ୍ରୀ ବିହାର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି ଦୀପୁ ଓ ପପୁକୁ ଗିରଫ କରିବା ସହ ସେମାନଙ୍କ ଠାରୁ ୧୭୦୦ ଟଙ୍କା ଓ ଘଟଣାରେ ବ୍ୟବହୃତ ବୁଲେଟ୍‌କୁ ଜବତ କରିଥିଲା ପୁଲିସ। ଦିପୁ ନାମରେ ପୂର୍ବରୁ ମଧ୍ୟ ଚନ୍ଦ୍ରଶେଖରପୁର ଥାନାରେ ଏକ ମାମଲା ରହିଥିବା ତଦନ୍ତ ବେଳେ ଜଣାପଡ଼ିଛି।

## ଲୁହାରଡ୍ ଚୋରି ଅଭିଯୋଗରେ ସୁରକ୍ଷା କର୍ମୀ ଗିରଫ

ନନ୍ଦନକାନନ,୧୯।୧୦(ସମିସ): ନନ୍ଦନକାନନ ପୁଲିସ ଲୁହା ରଡ୍ ଚୋରି କରିବା ଅଭିଯୋଗରେ



ଦୁଇଜଣ ସିକ୍ୟୁରିଟି କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଅଭିଯୁକ୍ତ ମଧ୍ୟରେ ଜଣେ ଢେଙ୍କାନାଳ ସଦର ଥାନା ଚନ୍ଦ୍ରଶେଖର ପ୍ରସାଦର ପିଣ୍ଟୁ ସେଠୀ (୨୮) ସିକ୍ୟୁରିଟି ସୁପର ଭାଇଜର ଭାବେ କାର୍ଯ୍ୟ କରୁଥିବାବେଳେ ଓ ଅନ୍ୟ ଜଣେ ବାରଙ୍ଗ ଥାନା ମଧୁବନର ବିକର୍ଣ୍ଣ ଜେନା(୪୦) ସିକ୍ୟୁରିଟି ଗାର୍ଡ ଭାବେ ଆଇଏସବିଏସ ସଂସ୍ଥା ତରଫରୁ ରଘୁନାଥପୁର ଅଞ୍ଚଳରେ ଥିବା ଏସିଆନ ରିଗାଲ କନଷ୍ଟ୍ରକ୍ସନ ସାଇଟରେ କାର୍ଯ୍ୟ କରୁଥିଲେ। ନିର୍ମାଣ ପାଇଁ ରଖା ହୋଇଥିବା ଲୁହା ରଡ୍‌ରୁ ୯ବଣ୍ଡଲ ଲୁହା ରଡ୍ ଚୋରିକରି ବିକି ଦେଇଥିଲେ। ଏ ନେଇ ଆଇଏସ୍‌ବିଏସ୍ ସଂସ୍ଥାର ଇନଚାର୍ଜ ଗୋପାଳ ସ୍ୱରୂପ ସେଠୀ ନନ୍ଦନକାନନ ଥାନାରେ ଅଭିଯୋଗ କରିଥିଲେ ବୋଲି ପୁଲିସ ସୂଚନା ଦେଇଛି।

## ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ; ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୧୯।୧୦ (ସମିସ): ନାବାଳିକାକୁ ଦୁଷ୍କର୍ମ ଉଦ୍ୟମ କରିଥିବା ଅଭିଯୋଗରେ



ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଫୁଲେଶ୍ୱରୀ ବସ୍ତିର ବିକାଶ ପ୍ରଧାନ (୨୨)। ପୁଲିସ ସୂଚନା ଅନୁଯାୟୀ, ପୀଡ଼ିତା ଫୁଲେଶ୍ୱରୀ ବସ୍ତି ଅଞ୍ଚଳରେ ରହୁଥିବା ବେଳେ ଡ୍ରାଇଭର ଭାବେ କାମ କରୁଥିବା ବିକାଶ ତାଙ୍କ ଘର ପାଖରେ ରହୁଥିଲା। ଘଟଣା ଦିନ ନାବାଳିକାଙ୍କ ବାପାମାଆ କାମ ପାଇଁ ବାହାରକୁ ଯାଇଥିବା ସମୟରେ ସେ ଏକାକୀ ଘରେ ଥିଲେ। ବିକାଶ ତାଙ୍କ ଘରେ ପଶି ନାବାଳିକାଙ୍କୁ ଏକା ଥିବାର ଦେଖିଥିଲେ। ପରିସ୍ଥିତିର ସୁଯୋଗ ନେଇ ବିକାଶ ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲା। ସେହି ସମୟରେ ହଠାତ୍ ତାଙ୍କ ମାଆ ଘରେ ପହଞ୍ଚି ଝିଅକୁ ରକ୍ଷା କରିଥିଲେ। ଏ ନେଇ ପୀଡ଼ିତାଙ୍କ ମାଆ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବିକାଶକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

## ଯାତ୍ରା ପାର୍ଟି ନାଁରେ ଫେରାଦ ହେଲେ ରାଜା ଆଚାର୍ଯ୍ୟ

ଭୁବନେଶ୍ୱର,୧୯।୧୦(ସମିସ): କଳିଙ୍ଗ ଗଣନାଟ୍ୟ ଯାତ୍ରା ପାର୍ଟି ନାମରେ ବଡ଼ଗଡ଼ ଥାନାରେ ଅଭିଯୋଗ କରିଛନ୍ତି ରାଜା ଆଚାର୍ଯ୍ୟ। ପୁଲିସ ତାଙ୍କ ଅଭିଯୋଗକୁ ଗ୍ରହଣ କରି ତଦନ୍ତ କରୁଛି। ରାଜାଙ୍କ ଅଭିଯୋଗ ଅନୁସାରେ, ରାଜଧାନୀର ରାଜା ଆଚାର୍ଯ୍ୟ ନାମରେ ବହି କଳିଙ୍ଗ ଗଣନାଟ୍ୟ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ କରି ୨୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ରୋଜଗାର କଲାଣି। ରାଜା ଏବଂ ତାଙ୍କ ପରିବାର ନାମରେ ମିଛ ପ୍ରଚାର କରି ଯାତ୍ରା ପାର୍ଟି ଟଙ୍କା ରୋଜଗାର କରୁଛି। ଯାହାକି ତାଙ୍କ ପରିବାର ଏବଂ ତାଙ୍କର ମାନସମ୍ମାନ ହାନି କରିଛି। ତେଣୁ ଏହା ଏକ ପ୍ରକାର ବେଆଇନ ଆଦାୟ ବୋଲି ସେ କହିଛନ୍ତି। ତେଣୁ ପୁଲିସକୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜା ନିବେଦନ କରିଛନ୍ତି।

## ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସମ୍ମୁଖରେ ଆମରଣ ଅନଶନ ୨୯ରୁ



ଭୁବନେଶ୍ୱର,୧୯ ।୧୦(ସମିସ): ସୈନିକ ସ୍କୁଲ ଅବୈଧ ଡମ୍ପିଂୟାର୍ଡ ପାଇଁ ବିଏମ୍‌ସି ବିରୋଧରେ କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ତାଙ୍କୁ ନିୟମ ମାନି କାର୍ଯ୍ୟ କରିବାକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଗତ ୩ ତାରିଖରେ ଏକ ଆଡଭାଇଜରୀ ଜାରି କରିଛି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଆଜି ପର୍ଯ୍ୟନ୍ତ ଦୀର୍ଘ ୨୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ସେଠାରେ ବିଏମସି ବେଆଇନ ଭାବେ ଅଳିଆ ଗଦା କରୁଥିଲା। ବେଆଇନ କାର୍ଯ୍ୟ ବିରୋଧରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କୌଣସି କାର୍ଯ୍ୟାନୁଷ୍ଠାନ ନେଲାନି କି ଅଳିଆ ଗଦା ବନ୍ଦ ବି କଲାନି। ଏଣୁ ବୋର୍ଡର ଏହି ଚରମ ନିଷ୍କ୍ରିୟତା ବିରୋଧରେ ଆସନ୍ତା ୨୯ ତାରିଖରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ 'ସୈନିକ ସ୍କୁଲ ବଞ୍ଚାଅ ଅଳିଆଗଦା ହଟାଅ ଅଭିଯାନ' ଆମରଣ ଅନଶନ କରିବ ବୋଲି ଏକ ବୈଠକରେ ନିଷ୍ପତ୍ତି ନିଆଯାଇଛି। ସୈନିକ ସ୍କୁଲର ୨୦ ଏକରରୁ ଅଧିକ ଜମିରେ ଅବୈଧ ଭାବେ ଅଳିଆ ଗଦା କରିବା ଯୋଗୁଁ ଅସହ୍ୟ ଦୁର୍ଗନ୍ଧ, ପରିବେଶ ପ୍ରଦୂଷଣ, ଶ୍ୱାସ, ଚର୍ମ ରୋଗ ଏବଂ ସମ୍ଭାବ୍ୟ କର୍କଟ ରୋଗ ସମେତ ଜନସ୍ୱାସ୍ଥ୍ୟ ବିପଦ ସୃଷ୍ଟି ହୋଇଚାଲିଛି। ଅଳିଆ ଗଦା ହଟାଅ ଅଭିଯାନ, ବିଏମ୍‌ସିଓ ପଲ୍ୟୁସନ ବୋର୍ଡର ମିଳିତ ଅନୁସନ୍ଧାନ ୯ ସେପ୍ଟେମ୍ବରରେ ନିଶ୍ଚିତ କରାଯାଇଥିଲା ଯେ ପ୍ରକ୍ରିୟାକରଣ ୟୁନିଟ୍ ପାଇଁ କୌଣସି ବୈଧ କାଗଜପତ୍ର ନାହିଁ। କୌଣସି ନିୟମ ଅନୁପାଳନ ନ ହେବା ଜାଣିବା ସତ୍ତ୍ୱେ ସିଟିଓ ଜାରି କରିବା ପଲ୍ୟୁସନ କଣ୍ଟ୍ରୋଲ ବୋର୍ଡର ଗୁରୁତର ପ୍ରକ୍ରିୟାଗତ ତ୍ରୁଟି। ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀ ଏଥିପାଇଁ ସମ୍ପୂର୍ଣ୍ଣ ଦାୟୀ ବୋଲି ମତପ୍ରକାଶ ପାଇଥିଲା। ବୈଠକରେ ବାସୁଦେବ ଭଟ୍ଟ, ଦିଲୀପ ଦାସ ଶର୍ମା, ଅଶୋକ ପାଇକରାୟ, ପ୍ରସନ୍ନ ବିଷୋୟୀ, ଚିନ୍ତାମଣି ବାରିକ, ସନ୍ଦୀପ୍ତ ଦାସ, ଶଙ୍କର୍ଷଣ ବାରିକ, ସଞ୍ଜୟ ମଲ୍ଲିକ, ଲଲାଟ କେଶରୀ ଜେନା ଅଶୋକ ବଳବନ୍ତରାୟ, ଆବାହକ ଦିଲ୍ଲୀପ ଦାସ ଶର୍ମା ପ୍ରମୁଖ ଉପସ୍ଥିତ ରହି ଏହି ନିଷ୍ପତ୍ତି ନେଇଛନ୍ତି।

**ବିଏମ୍‌ସି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି**

## ଜିଆଇଏ ପ୍ରଦାନ ଦାବିରେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ସହ ଆଲୋଚନା

ଭୁବନେଶ୍ୱର, ୧୯ ।୧୦ (ସମିସ): ବେସରକାରୀ ଅନୁଦାନପ୍ରାପ୍ତ ଏବଂ ଅଣଅନୁଦାନପ୍ରାପ୍ତ ମହାବିଦ୍ୟାଳୟରେ ପରିଚାଳନା କମିଟି ଦ୍ୱାରା ୨୦୦୮ ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅଧ୍ୟାପକ ଏବଂ କର୍ମଚାରୀମାନେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଆଲୋଚନା କରିଛନ୍ତି। ଏହି ସମୟ ମଧ୍ୟରେ ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ପରିସରଭୁକ୍ତ ବା ଗ୍ରାଣ୍ଟଇନ୍ ଏଡ୍ (ଜିଆଇଏ) ପ୍ରଦାନ କରିବା ପାଇଁ ସେମାନେ ଦାବି କରିଛନ୍ତି। ଖୁବଶୀଘ୍ର ଜିଆଇଏ ପ୍ରଦାନ କରିବା ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ସଂଘ ପକ୍ଷରୁ କୁହାଯାଇଛି। ଅନ୍ୟଥା ସାମୟିକ ଭାବରେ ସ୍ଥଗିତ ଥିବା ଆନ୍ଦୋଳନକୁ ପୁଣିଥରେ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ଆଲୋଚନାରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସମେତ ବିଧାୟକ ଆଶ୍ରିତ ପଟ୍ଟନାୟକ, ବିଭାଗୀୟ ସଚିବ ଅରବିନ୍ଦ ଅଗ୍ରୱାଲ, ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର, ସଂଘର ସଭାପତି ବିଶ୍ୱରଂଜନ ଦାସ ଓ ସଂଘର ୭ ଜଣ ପ୍ରତିନିଧି ଉପସ୍ଥିତ ଥିଲେ।

### ଦୁଇଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଯାପିତ

## ମଡେଲ ହେବ ରାଜସ୍ୱ ବିଭାଗ: ମନ୍ତ୍ରୀ

ଭୁବନେଶ୍ୱର, ୧୯।୧୦ (ସମିସ): ସରକାର ପ୍ରତି ପଞ୍ଚାୟତରେ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଖୋଲିବା ପାଇଁ ନିଷ୍ପତ୍ତି ନେଇଥିବା ବେଳେ ସମସ୍ତ ପ୍ରକାରର ଭିତ୍ତିଭୂମିର ଉନ୍ନତି କରାଯିବ। ଖାଲି ପଦ ପୂରଣ ସହ ଆଧୁନିକୀକରଣ ଦିଗରେ କାର୍ଯ୍ୟ କରାଯିବ। ଓଡ଼ିଶା ରାଜସ୍ୱ ବିଭାଗକୁ ଏକ ମଡେଲ ବିଭାଗରେ ପରିଣତ କରିବାକୁ ସମସ୍ତେ ବଦ୍ଧପରିକର ହୁଅନ୍ତୁ। ଦୁଇଦିନିଆ କେନ୍ଦ୍ରାଞ୍ଚଳ ରାଜସ୍ୱ ସମ୍ମିଳନୀ ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଆଜି ରାଜସ୍ୱ ଅଧିକାରୀମାନଙ୍କୁ ଏପରି ଆହ୍ୱାନ ଦେଇଛନ୍ତି। ସମସ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଜନସାଧାରଣଙ୍କୁ ସଠିକ୍ ଭାବେ ରାଜସ୍ୱ ସେବା ଯୋଗାଇଦେବା ପାଇଁ ରାଜସ୍ୱ ଅଧିକାରୀମାନେ ନିରନ୍ତର କାର୍ଯ୍ୟ ଜାରି ରଖନ୍ତୁ ବୋଲି ସେ କହିଛନ୍ତି।

ଭୁବନେଶ୍ୱର ଗୋଠପାଟଣାସ୍ଥିତ ରାଜସ୍ୱ ଅଧିକାରୀଙ୍କ ପ୍ରଶିକ୍ଷଣ ଅନୁଷ୍ଠାନ(ରୋଟି) ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ପୂଜାରୀ କହିଲେ ଯେ ହାଇଟେକ୍ ସର୍ଭେକୁ ନିର୍ଭୁଲ ଭାବରେ ନିର୍ଦ୍ଦିଷ୍ଟ ସମୟସୀମା



ମଧ୍ୟରେ ସାରିବାକୁ ପଡ଼ିବ। ତାହେଲେ ଜମିଜମା ବ୍ୟବସ୍ଥା ଓ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ଓ ଜନସାଧାରଣ ଏହାର ସୁଫଳ ପାଇପାରିବେ। ରାଜସ୍ୱ ଆଇନ କେତେଦୂର ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି ସେ ସମ୍ପର୍କରେ ସମୀକ୍ଷା କରିବା ଆବଶ୍ୟକ। ଯଦି ଏହାର ସଠିକ୍ ଅନୁପାଳନ ହେଉନାହିଁ, ତା'ର କାରଣ ସମ୍ପର୍କରେ ତର୍ଜମାର ଆବଶ୍ୟକତା ରହିଛି। ଆମକୁ ଜନସାଧାରଣଙ୍କ ଆଶା ଓ ଆକାଂକ୍ଷା ପୂରଣ ଦିଗରେ କାର୍ଯ୍ୟ କରିବାକୁ ପଡ଼ିବ। ଏହି ଅବସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଗୁହା ପୁନମ ତାପସ କୁମାର, ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ରୋଟିର ନିର୍ଦ୍ଦେଶିକା ମଧୁସ୍ମିତା ସାହୁ ପ୍ରମୁଖ ମତବ୍ୟକ୍ତ କରିଥିଲେ।

# ଆଲର୍ଟରେ ପୁଲିସ, ଅଗ୍ନିଶମ ବାହିନୀ

ଭୁବନେଶ୍ୱର,୧୯।୧୦(ସମିସ):

ଆଲୋକର ପର୍ବ ଦୀପାବଳି ପାଇଁ ଆଲର୍ଟରେ ରହିବାକୁ ପୁଲିସ ଏବଂ ଅଗ୍ନିଶମ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ବାଣ ଫୁଟାଇବା ସମୟରେ ଯେପରି କିଛି ଅଘଟଣ ଘଟିଲେ ଏହାର ମୁକାବିଲା ପାଇଁ ସଜାଗ ରହିବାକୁ କୁହାଯାଇଛି। ଯେଉଁଥି ପାଇଁ ରାଜଧାନୀରେ ୨୦ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ। ଆହୁରି ମଧ୍ୟ ସହରର ଗଳି କନ୍ଦିରେ ପୁଲିସର ସ୍ପେଶାଲ ଟିମ୍ ପଇଁତରା ମାରିବେ। ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ଅନୁମତି ଦିଆଯାଇଛି। ଯଦି ଏହି ସମୟ ବାହାରେ କେହି ବାଣ ଫୁଟାନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଆହୁରି ମଧ୍ୟ ବାଣ ଫୁଟାଇବା ସମୟରେ ଅଘଟଣ ପାଇଁ ଅଗ୍ନିଶମ ବିଭାଗ ପକ୍ଷରୁ ଲିଙ୍ଗରାଜ ମନ୍ଦିର, ସତ୍ୟନଗର କାଳୀ ମନ୍ଦିର ଓ ବରମୁଣ୍ଡା କାଳୀ ମନ୍ଦିର ନିକଟରେ ୩ଟି ଅସ୍ଥାୟୀ ଅଗ୍ନିଶମ କେନ୍ଦ୍ର କରାଯାଇଛି।

ନୟାପଲ୍ଲୀ ଆଇଆରବି ଭିଲେଜରେ ପାଟ୍ରୋଲିଂ ଟିମ୍ ପଇଁତରା ମାରିବ। ସେହିପରି ରସୁଲଗଡ଼ ଶିଳ୍ପାଞ୍ଚଳ, ବରମୁଣ୍ଡା ଅଞ୍ଚଳ, ସୁନ୍ଦରପଦା ଅଞ୍ଚଳ, ପଟିଆ, ଏଜି ଛକ ଟ୍ରାଫିକ୍ ଥାନା ନିକଟରେ ରହିବାକୁ ଥିବାବେଳେ ପାଟ୍ରୋଲିଂ ପାର୍ଟି-୭ ଡିସିପି କଣ୍ଟ୍ରୋଲ ରୁମ୍ ସହ ଆଟାଚ ରହିବ, ପାଟ୍ରୋଲିଂ ପାର୍ଟି-୮ ପୁରୁଣା ଭୁବନେଶ୍ୱର ଠାରୁ ଟଙ୍କାପାଣୀ




ରୋଡ୍ ବୁଲିବ ଏବଂ ଶେଷରେ ପାଟ୍ରୋଲିଂ ପାର୍ଟି-୯ ବରମୁଣ୍ଡାଠାରୁ ତମାଣ୍ଡୋ ଅଞ୍ଚଳରେ ପାଟ୍ରୋଲିଂ କରିବ।

ସେହିପରି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଜାରି କରାଯାଇଛି ଚିଠି। ଦୀପାବଳିକୁ ନଜରରେ ରଖି କ୍ୟାପିଟାଲ ହସ୍ପିଟାଲରେ ସ୍ୱତନ୍ତ୍ର ଚିକିତ୍ସା ବ୍ୟବସ୍ଥା କରାଯାଇଛି। ସ୍ୱତନ୍ତ୍ର ଭାବେ ଏକ ଡାକ୍ତରୀ ଦଳ ଗଠନ କରାଯାଇଛି। କାଜୁଆଲିଟି ଠାରୁ ଆରମ୍ଭ କରି ଡ୍ରେସିଂ ରୁମ୍ ପର୍ଯ୍ୟନ୍ତ ଅଧିକ ସ୍ୱାସ୍ଥ୍ୟ କର୍ମୀ ନିୟୋଜିତ କରାଯିବ। ସ୍ୱତନ୍ତ୍ର ଭାବେ ଚର୍ମ, ଅସ୍ଥିଶଲ୍ୟ, ଚକ୍ଷୁ ଓ ଭେଷଜ ବିଶେଷଜ୍ଞଙ୍କୁ ନିୟୋଜିତ କରାଯିବ। କାଜୁଆଲିଟି ବାହାରେ ଅଧିକ ସଂଖ୍ୟାରେ ଷ୍ଟ୍ରେଚର ଓ ହୁଇଲ୍ ଚେୟାର ବ୍ୟବସ୍ଥା କରାଯାଇଛି। ଯଦି ଅଧିକ ପୋଡ଼ା ରୋଗୀ ଆସନ୍ତି ତାହେଲେ ବର୍ଣ୍ଣ ୟୁନିଟ୍ ପଠାଯିବ। ସେଠାରେ ପ୍ରାଥମିକ ପର୍ଯ୍ୟାୟରେ ଅଧିକ ୪ଟି ଶଯ୍ୟା ରହିଛି ବୋଲି ଅଧୀକ୍ଷକ ଡାକ୍ତର

**ସହରର ୩ଟି ସ୍ଥାନରେ ହେବ ଅସ୍ଥାୟୀ ଷ୍ଟେସନ**

**ହସ୍ପିଟାଲରେ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ନିର୍ଦ୍ଦେଶ**

**ଗଳି କନ୍ଦିରେ ବୁଲିବ ପୁଲିସର ସ୍ପେଶାଲ ଟିମ୍**

ଧନଞ୍ଜୟ ଦାସ କହିଛନ୍ତି। ସେପଟେ ସୁରକ୍ଷିତ ଓ ନିରାପଦ ଭାବେ ବାଣ ଫୁଟାଯିବା ପାଇଁ ନିବେଦନ କରାଯାଇଛି। ଆଖିରେ ଚଷମା ପିନ୍ଧି, ପାଖରେ ପାଣି ରଖି ସତର୍କତା ସହ ଦୀପାବଳି ପାଳିବା ପାଇଁ ପରାମର୍ଶ ଦିଆଯାଇଛି। ଏହାସହ ଗ୍ରୀନ୍ ବାଣ ବ୍ୟବହାର କରିବାକୁ ନିବେଦନ କରାଯାଉଛି। ଡାକ୍ତର ଦାସ ପରାମର୍ଶ ଦେଇଛନ୍ତି, ଆଲୋକ ପର୍ବ ଦୀପାବଳିକୁ ଆନନ୍ଦ ଓ ପାରମ୍ପରିକ ଢଙ୍ଗରେ ପାଳନ କରନ୍ତୁ। ବିଶେଷ କରି ବାଣ ଫୁଟାଇଲା ବେଳେ ସତର୍କତା ଅବଲମ୍ବନ କରନ୍ତୁ। ପିଲାଙ୍କ ପାଖରେ ଅଭିଭାବକମାନେ ଉପସ୍ଥିତ ରହନ୍ତୁ। ପାଖରେ ଅଧିକ ପରିମାଣରେ ପାଣି ମହଜୁଦ ରଖନ୍ତୁ। ସୂତା ବସ୍ତ୍ର ପିନ୍ଧନ୍ତୁ। କୌଣସି ଅଘଟଣ ହେଲେ ତୁରନ୍ତ ହସ୍ପିଟାଲ ଆଣନ୍ତୁ। ସବୁଠାରୁ ବଡ଼ କଥା ପରିବେଶ ସୁରକ୍ଷା ସହିତ ଶବ୍ଦ ପ୍ରଦୂଷଣରୁ ଦୂରେଇ ରହି ଆଲୋକର ପର୍ବ ପାଳନ କରନ୍ତୁ ବୋଲି ସେ ପରାମର୍ଶ ଦେଇଛନ୍ତି।

## ୪୦ କେଜି ମିଠା ନଷ୍ଟ, ୧୨ଙ୍କୁ ନୋଟିସ୍

ଭୁବନେଶ୍ୱର,୧୯ ।୧୦(ସମିସ): ଦୀପାବଳି ପାଇଁ ବିଏମ୍‌ସି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଭିନ୍ନ ମିଠା ଦୋକାନ ଉପରେ ଚଢ଼ଉ କରାଯାଇଛି। ଗତ ୩ ଦିନ ମଧ୍ୟରେ ୧୨ମିଠା ଦୋକାନକୁ ନୋଟିସ କରାଯାଇଥିଲା ବେଳେ ୪୦କେଜି ମିଠାକୁ ନଷ୍ଟ କରାଯାଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ମିଠା ପ୍ରସ୍ତୁତ କରିବା ସହିତ ଅପମିଶ୍ରଣ କରି ବିକ୍ରି କରାଯାଉଥିବା ଜାଣିବା ପରେ ଏହି ଚଢ଼ଉ କରାଯାଇଥିଲା। ମୋଟ୍ ୫୨ଟି ନମୁନା ସଂଗ୍ରହ କରାଯାଇଥିଲାବେଳେ ୧୫,୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ରବିବାର ମଧ୍ୟ ଡେଲ୍‌ଟା ଛକ, ଘାଟିକିଆ, ଭରତପୁର ଏବଂ ଶୈଳଶ୍ରୀ ଅଞ୍ଚଳରେ ଚଢ଼ଉ କରାଯାଇଥିଲା।



# ଗଞ୍ଜାମରେ ନିର୍ଦ୍ଧୁମ୍ ବର୍ଷା; ବାଣ ବେପାର ମାନ୍ଦା





ବ୍ରହ୍ମପୁର,୧୯ ।୧୦(ସମିସ)

## ମଧ୍ୟାହ୍ନରେ ଛେଚିଲା; ସହର ଜଳାର୍ଣ୍ଣବ

ଗଞ୍ଜାମ ଜିଲ୍ଲା ସମେତ ବ୍ରହ୍ମପୁର ସହରରେ ସୋମବାର ମଧ୍ୟାହ୍ନରୁ ନିର୍ଦ୍ଧୁମ୍ ବର୍ଷା ହୋଇଛି। ଫଳରେ ସହରର ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ଆଣ୍ଠୁଏ ଲେଖାଏଁ ପାଣି ପ୍ରବାହିତ ସହ ଜଳାର୍ଣ୍ଣବ ହୋଇପଡ଼ିଥିଲା ରେଶମ ସହର। ସେହିଭଳି ଗଞ୍ଜାମ ଜିଲ୍ଲାର ବହୁ ବ୍ଲକରେ ମଧ ବର୍ଷା ହୋଇଥିବା ବେଳେ ଦୀପାବଳୀ ଲାଗି ବାଣ ବେପାର ପୁରା ମାନ୍ଦା ପଡ଼ିଯାଇଛି। ଏତେ ଜୋର୍‌ରେ ବର୍ଷା ହୋଇଥିଲା ଯେ, ଲୋକେ ବାହାରକୁ ବାହାରିବା ଅସମ୍ଭବ ହୋଇଥିଲା। ରାତି ପର୍ଯ୍ୟନ୍ତ ପାଗ ମେଘୁଆ ସହ ଝିପିଝିପି ବର୍ଷା ଲାଗି ରହିଥିଲା। ସୂଚନା ଅନୁସାରେ ଛତ୍ରପୁର ବ୍ଲକରେ ୯.୮ ମିଲି ମିଟର ବର୍ଷା ହୋଇଥିବା ବେଳେ ଗଞ୍ଜାମ ବ୍ଲକରେ ୩ମିଲିମିଟର ବର୍ଷା ହୋଇଛି। ସେହିଭଳି କବିସୂର୍ଯ୍ୟନଗରରେ ୨ମିମି, ଖଲ୍ଲିକୋଟରେ ୨୧ ମିମି, ହିଞ୍ଜିଳି ୫ମିମି, ରଙ୍ଗେଇଲୁଣ୍ଡା ୨୨ମିମି, କୁକୁଡ଼ାଖଣ୍ଡି ୩.୫ମିମି, ଚିକିଟି ବ୍ଲକରେ ୪୨ମିମି, ପାତ୍ରପୁର ବ୍ଲକରେ ୧୬.୪ମିମି, ଗୋପାଳପୁର ଏନଏସିରେ ୪ମିମି ଓ ବ୍ରହ୍ମପୁର ଗାନ୍ଧୀନଗର ପଏଣ୍ଟରେ ୨୩ଏବଂ ବ୍ରଜରାଜନଗରରେ ୨୩.୩ମିଲିମିଟର ବର୍ଷା ରେକଡର୍ ହୋଇଥିବା ସୂଚନା ମିଳିଛି।



## ଛତା ତଳେ ଗୁଜୁରାଣର ରାହା...

ସହରରେ ଦିନତମାମ ଝିପିଝିପି ବର୍ଷା ହୋଇଥିଲା। ଏଭଳି ବର୍ଷା ସରହର ବିଭିନ୍ନ ସ୍ଥାନରେ ରାସ୍ତା କଡ଼ରେ ବସି ଦୀପାବଳି ପାଇଁ ପୂଜା ସାମଗ୍ରୀ ବିକୁଥିବା ବ୍ୟବସାୟୀଙ୍କ କଷ୍ଟ ଦ୍ୱିଗୁଣ କରିଥିଲା। ସହର ଉପଖଣ୍ଡରୁ ଆସିଥିବା ବ୍ୟବସାୟୀମାନେ ବର୍ଷାରେ ଭିଜି ସାମଗ୍ରୀ ବିକୁଥିବା ଦେଖିବାକୁ ମିଳିଛି। ଦୀପାବଳି ପାଇଁ ଆଖୁ, କାଉଁରିଆ କାଠି, ଆମ୍ବପତ୍ର, ଦୂବ, ବରକୋଳି ପତ୍ର ଓ କଦଳିପତ୍ର ଭଳି ବିଭିନ୍ନ ପୂଜା ସାମଗ୍ରୀ ଆବଶ୍ୟକତା ରହିଥାଏ। ଏଭଳି ସାମଗ୍ରୀ ସହରରେ ମିଳିବା କଷ୍ଟକର। ଏହାକୁ ଦୃଷ୍ଟିରେ ରଖି ବ୍ରହ୍ମପୁର ଉପଖଣ୍ଡରୁ ବହୁ ଗ୍ରାମାଞ୍ଚଳ ବ୍ୟବସାୟୀ କିଛିଦିନ ପୂର୍ବେ ସହରକୁ ଆସି ରାସ୍ତା କଡ଼ରେ ପୂଜା ସାମଗ୍ରୀ ବିକ୍ରି କରିଥାନ୍ତି। ସହରର ଗିରି ମାର୍କେଟ, ସାନ ବଜାର, ବଡ଼ ବଜାର, କମାପଲ୍ଲୀ, କୋର୍ଟପେଟା ଓ ଇଂଜିନିୟରିଂ ସ୍କୁଲ ଛକ ଭଳି ବିଭିନ୍ନ ସ୍ଥାନରେ ବ୍ୟବସାୟୀମାନେ ଏଭଳି ଖରାବର୍ଷାରେ ବିକ୍ରି କରିଥିବା ଦେଖିବାକୁ ମିଳିଛି। ରବିବାର ନିର୍ଦ୍ଧୁମ୍ ବର୍ଷାରେ ସେମାନେ ଛତା ଧରି ତ କିଏ ଜଳିପାଲ ବାନ୍ଧି ଅତି ଦୟନୀୟ ଭାବେ ବିକୁଥିବା ଦେଖିବାକୁ ମିଳିଥିଲା।

# କଳିଙ୍ଗ ସାହିତ୍ୟ ସମାଜର 'ହେମନ୍ତ ମହୋତ୍ସବ'

ବ୍ରହ୍ମପୁର,୧୯ ।୧୦(ସମିସ): କଳିଙ୍ଗ ସାହିତ୍ୟ ସମାଜର ହେମନ୍ତ ମହୋତ୍ସବ ଉତ୍କଳ ଆଶ୍ରମ ଜାତୀୟ ଭବନରେ ଅନୁଷ୍ଠିତ ହୋଇଛି। ଏ ଅବସରରେ ଯୁବପିଢ଼ି ସମାବେଶ "ଅଳପ ସମୁଦ୍ର-ଅନେକ ଲହଡ଼ି' ଓ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। କଳିଙ୍ଗ ସାହିତ୍ୟ ସମାଜ ସଭାପତି ଡ. ସିଦ୍ଧାର୍ଥ ଶଙ୍କର ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ ଧନଞ୍ଜୟ ସ୍ୱାଇଁ ଏହି ମହୋତ୍ସବରେ ମୁଖ୍ୟଅତିଥି ରୂପେ ଯୋଗଦେଇ ସର୍ଜନଶୀଳ ଅନୁଚିନ୍ତା ଏବଂ କଥା-କବିତାର ପ୍ରାଣଧର୍ମ, ଶୈଳୀ ପ୍ରକରଣ ସମ୍ବନ୍ଧରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ରୂପେ ଗାଳ୍ପିକା ଡାକ୍ତର ମଞ୍ଜୁବାଳା ପଣ୍ଡା ତାଙ୍କ ବକ୍ତବ୍ୟରେ କ୍ଷୁଦ୍ରଗଳ୍ପ ରଚନା ନିମନ୍ତେ ମାନସିକ ପ୍ରସ୍ତୁତି, ଅନୁଭୂତ ସତ୍ୟ, ଅଙ୍ଗେନିଭା ଘଟଣା ଓ ଚାରିପାଖର ମଣିଷମାନଙ୍କ ଆର୍ତ୍ତି ଓ ବେଦନା ବିଷୟରେ ଆଲୋକପାତ କରିଥିଲେ। ହେମନ୍ତ ମହୋତ୍ସବ ଅବସରରେ ପ୍ରଶସ୍ତିପତ୍ର ଓ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ଡ. ମନୋରମା ବିଶ୍ୱାଳ ମହାପାତ୍ର, କବି ଧନଞ୍ଜୟ ସ୍ୱାଇଁ, ଗାଳ୍ପିକା ଡା. ମଞ୍ଜୁବାଳା ପଣ୍ଡା, ସ୍ତମ୍ଭକାର ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍), ବିଜ୍ଞାନ ଲେଖକ କିଶୋର ଚନ୍ଦ୍ର ମହାନ୍ତି, ଡ. ତ୍ରିପତି ମିଶ୍ର, ଅଶୋକ କୁମାର ବ୍ରହ୍ମା, ବୈରାଗୀ ଚରଣ ସାହୁ ପ୍ରଭୃତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। କଳିଙ୍ଗ ସାହିତ୍ୟ ସମାଜର ମୁଖପତ୍ର 'ସାହିତ୍ୟ'ର ଯୁବପିଢ଼ି ବିଶେଷାଙ୍କ ଏବଂ ଡ. ତାରାପ୍ରସାଦ ଦାଶଙ୍କ ଦ୍ୱାରା ଅନୂଦିତ ପ୍ରାଧ୍ୟାପକ କୈଳାସ



ନାଥ ସ୍ୱାଇଁ ଗଳ୍ପ ସଂକଳନ 'ଭଏସ୍ ଅଫ୍ ଆଗୋନି ଆଣ୍ଡ ଅଦର ଷ୍ଟୋରିଜ୍' ଅତିଥିମାନଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ଏହି ମହୋତ୍ସବରେ ସଂପାଦକ ଡ. ଶରତ କୁମାର ଜେନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ପ୍ରାକ୍-ସୂଚନା ଓ ଡ. ହୃଷୀକେଶ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଡ. ରମେଶ ଚନ୍ଦ୍ର ପ୍ରଧାନ, ଡ. ସଞ୍ଜୟ କୁମାର ପଣ୍ଡା, ଡ. ମନୋରଞ୍ଜନ ବିଷୋୟୀ, ଡ. ବନମାଳୀ ପାଣିଗ୍ରାହୀ ଦିନବନ୍ଧୁ ଶ୍ରୀପଲ୍ଲଭ, ନଳିନୀକାନ୍ତ ଗୌଡ଼ ପ୍ରମୁଖ ମାନପତ୍ର ପାଠ କରିଥିବା ବେଳେ କୋଷାଧ୍ୟକ୍ଷ ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରଥମ ଅଧିବେଶନରେ ଡ. ପାଢୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। କବି ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଓ ସୁଖ୍ୟାତ କବି ଅନୁପ କୁମାର ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ରତ୍ନାକର ସୀୟ ଓ ଗୀତାରାଣୀ ବିଷୋୟୀଙ୍କ ସଂଯୋଜନାରେ ଅନୁଷ୍ଠିତ 'ଅଳପ ସମୁଦ୍ର-ଅନେକ ଲହଡ଼ି' ଶୀର୍ଷକ କବିତା ପାଠୋତ୍ସବରେ କବିତା ଆବୃତ୍ତି ହୋଇଥିଲା। ଦ୍ୱିତୀୟ ଅଧିବେଶନରେ ସାହିତ୍ୟ ସମାଜର ଉପ-ସଭାପତି ଡ. ବନମାଳୀ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ଡ. ଦିପୁନ୍ ପୁହାଣଙ୍କ ସଂଚାଳନାରେ ଅନୁଷ୍ଠିତ ଆଲୋଚନାଚକ୍ର ହୋଇଥିଲା।

# ଧର୍ମପ୍ରାଣାଙ୍କ ପରଲୋକ



ବ୍ରହ୍ମପୁର,୧୯ ।୧୦(ସମିସ): ବ୍ରହ୍ମପୁର ସହରର ଜଣାଶୁଣା ତଥା ଧର୍ମପ୍ରାଣା ମହିଳା ତଥା ବରିଷ୍ଠ ଆଇନଜୀବୀ, ସାମ୍ବାଦିକ ରବୀନ୍ଦ୍ର କୁମାର ସାହୁଙ୍କ ମାତା ବିଷ୍ଣୁପ୍ରିୟା ସାହୁଙ୍କ ଶନିବାର ରାତ୍ର ୮ଟା ୫୦ରେ ୮୧ବର୍ଷ ବୟସରେ ପରଲୋକ ଘଟିଛି। କିଛିଦିନ ଧରି ସେ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଖବର ପ୍ରଚାରିତ ପରେ ଚାରିଆଡ଼େ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷଦର୍ଶନ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ରବୀନ୍ଦ୍ରଙ୍କ ସମେତ ପୁଅ ସୁରେନ୍ଦ୍ର, ରାଜେନ୍ଦ୍ର, ଉପେନ୍ଦ୍ର, ଜିତେନ୍ଦ୍ର, ଧିରେନ୍ଦ୍ର ଝିଅ ଆଶାଲତା, ଶାନ୍ତିଲତା ଓ ନାତି ଶକ୍ତିଙ୍କ ସମେତ ୫ ବୋହୂ ଓ ନାତିନାତୁଣୀ ଉପସ୍ଥିତ ଥିଲେ।

# ଲାୟନ୍ସ କ୍ଲବ୍ ଅଫ୍ ବ୍ରହ୍ମପୁର ଗୋଲ୍ଡ ପକ୍ଷରୁ ସିପିଆର୍ ସଚେତନତା

ବ୍ରହ୍ମପୁର,୧୯ ।୧୦(ସମିସ): ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲରେ ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡ ପକ୍ଷରୁ ସିପିଆର ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କ୍ଲବର ସଭାପତି ଲାୟନ୍ ଲୋକନାଥ ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇଞ୍ଜିନିୟରିଂ ସ୍କୁଲର ଅଧ୍ୟକ୍ଷ ଏ.ଏସ୍ ରାଜ, ଡ଼. ବଦ୍ରି ଦଣ୍ଡପାଣି ଏବଂ ଲାୟନ୍ସ କ୍ଲବ ଅଫ୍ ବ୍ରହ୍ମପୁର ଗୋଲ୍ଡର ଜେନେରାଲ ଫିଜିସିଆନ୍ ଏବଂ ପରାମର୍ଶଦାତା ଡ. ଟି. ଓମପ୍ରକାଶ ଉପସ୍ଥିତ ଥିଲେ। ଛାତ୍ର ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ଜୀବନ ରକ୍ଷାକାରୀ କୌଶଳ ସମ୍ପର୍କରେ ସଚେତନତା ସୃଷ୍ଟି କରିବା କାର୍ଡିୟ ପଲ୍ମୋନାରୀ ରିସସିଟେସନ୍(ସିପିଆର)ର ଅବଗତି ନିମନ୍ତେ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଥିଲା। କାର୍ଯ୍ୟକ୍ରମରେ ବାୟୋଟେକ୍ନୋଲୋଜି ବିଭାଗର ପାକ୍‌ଲିଟି ଶ୍ୱେତାଙ୍ଗିନୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ଲାୟନ୍ସ ଲାୟନ୍ ପ୍ରଶାସକ ରୂପେଶ ମିଶ୍ର, ପୂର୍ବତନ ସଭାପତି ଇ. ଡିଲେସୁ ରେଡ୍ଡି, ସଚିବ ଦୀନବନ୍ଧୁ ଗୌଡ଼ା, ଉପାଧ୍ୟକ୍ଷ ଜ୍ୟୋତ୍ସ୍ନାମୟୀ ପ୍ରଧାନ, ସେବା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପ୍ରଧାନ, ସୁନିଲ ପଟ୍ଟନାୟକ ଏବଂ ସତ୍ୟ ପ୍ରସାଦ ପଟ୍ଟନାୟକଙ୍କ ସମତେ ବହୁ ସଦସ୍ୟ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ମହାନ ସଂଘ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ବ୍ରହ୍ମପୁର,୧୯ ।୧୦(ସମିସ): ମହାନ ସଂଘର ୪୦ତମ ବାର୍ଷିକ ଉତ୍ସବ ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ବର୍ଗର ପ୍ରତିଯୋଗିତା ହୋଇଯାଇଛି। ସଂଘ ସଭାପତି ସୁଶାନ୍ତ କୁମାର ସାବତଙ୍କ ତତ୍ତ୍ୱାବଧାନରେ ଗୁରୁକୁଳ ଇଣ୍ଟରନେସେନାଲ୍ ପବ୍ଲିକ ସ୍କୁଲରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ନୃତ୍ୟ, ସାଧାରଣ ଜ୍ଞାନ ଭଳି ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅନ୍ୟପକ୍ଷରେ ମହିଳା ଓ ଯୁବତୀଙ୍କ ନେଇ ଆସନ୍ତା ୨୬ତାରିଖ ନୃତ୍ୟ, ଝୋଟି, ବିନା ଅଗ୍ନିରେ ଖାଦ୍ୟ ପ୍ରସ୍ତୁତି, ମେହେନ୍ଦି ଓ ହୁଳହୁଳି ଆଦି ପ୍ରତିଯୋଗିତା ହେବ। ଆସନ୍ତା ନଭେମ୍ବର ୨ତାରିଖ ଗଞ୍ଜାମ କଳା ପରିଷଦରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯିବ ବୋଲି ନିଷ୍ପତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ସଞ୍ଜୟ କୁମାର ମାଝୀ, ପ୍ରସାନ୍ତ ଗୌଡ଼, ମନୋରଞ୍ଜନ ପାଢ଼ି, ନମିତା ରାଉତ୍, ସବିତା ସାହୁ, ତପନ କୁମାର ପଣ୍ଡା, ପି. ବୁଛି ବାବୁ, ଉମା ଶଙ୍କର ପାଣି, ଭି.ରବି କୁମାର ଗୁପ୍ତା ଓ ସୁଦୀପ ସାହୁଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।

## କାର୍ତ୍ତିକରେ ଆକାଶଛୁଆଁ ପରିବା ଦର

# ବାଇଗଣ, ଅଳଡ଼ି, ବିନ୍ସ ଓ ପୋଟଳ ୮୦ ପାର୍

ବ୍ରହ୍ମପୁର,୧୯ ।୧୦(ସମିସ): କାର୍ତ୍ତିକ ଆରମ୍ଭରୁ ଆକାଶଛୁଆଁ ହୋଇଛି ପନିପରିବା ଦର। ବୃଦ୍ଧି ପାଉଥିବା କଞ୍ଚା ପନିପରିବାର ଦରକୁ ନେଇ ଖାଉଟିଙ୍କ ଚିନ୍ତା ଦ୍ୱିଗୁଣିତ କରିଦେଇଛି। କାର୍ତ୍ତିକ ମାସରେ ଅନେକ ଲୋକ ଆମିଷ ଖାଉ ନଥିବାରୁର ପନିପରିବାର ଚାହିଦା ଅଧିକ ରହିବା ସ୍ୱାଭାବିକ। ତେବେ କିଛିଦିନ ପୂର୍ବେ ପରିବା ମୂଲ୍ୟ ଯାହା ଥିଲା ସେଥିରେ ହଠାତ୍ ଦ୍ରୁତ ବୃଦ୍ଧି ପାଇଛି। ପ୍ରତ୍ୟେକ କଞ୍ଚା ପରିବା ଦର କିଲୋ ପିଛା ୧୦ରୁ ୨୦ଟଙ୍କା ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ଫଳରେ ଘରର ବଜେଟକୁ ନିୟନ୍ତ୍ରଣ କରି ଅଳ୍ପରେ ସବୁକିଛି ଚଳାଇବାକୁ ବାଧ ହେଉଥିବା କହିଛନ୍ତି ଗୃହିଣୀ। ବାଇଗଣ, ପୋଟଳ, ଅଳଡି ଓ କାଙ୍କଡ଼ ୮୦ ଛୁଇଁଲାଣି। ୫୦୦ଟଙ୍କା ଧରି ବଜାରକୁ ଗଲେ ବ୍ୟାଗ ଭର୍ତ୍ତି ହେଉନଥିବା କହିଛନ୍ତି ସାଧାରଣ ଗ୍ରାହକ। ସେହିପରି କେଜି ୪୦ଟଙ୍କା ତଳକୁ ବଜାରରେ କୌଣସି ପରିବା ନାହିଁ। ବ୍ରହ୍ମପୁର ସହରର ବିଭିନ୍ନ ବଜାରରେ ସମାନ ପରିସ୍ଥିତି । ବ୍ୟବସାୟୀ ଚଢ଼ା ଦରରେ କିଣୁ ଥିବାରୁ ଚଢ଼ା ଦରରେ ବିକ୍ରି କରିବାକୁ ବାଧ ହେଉଥିବା କହିଛନ୍ତି। ଫଳରେ ବ୍ୟବସାୟ ମାନ୍ଦା ରହିଥିବା କହିଛନ୍ତି ବ୍ୟବସାୟୀ ରାମ ସାହୁ। ବଜାରରେ ବାଇଗଣ କିଲୋ ପ୍ରତି ୮୦ଟଙ୍କା ଥିବାବେଳେ ଟମାଟ ୪୦, କଟକି ପୋଟଳ ୮୦ଟଙ୍କା, ଅମୃତଭଣ୍ଡା ୩୦, ବୋଇତାଳୁ ୩୦, ଅଳଡ଼ି ୭୦ଟଙ୍କା, କନ୍ଦମୂଳ ୬୦, ସାରୁ ୪୦, ଦେଶୀଆଳୁ ୪୦ଟଙ୍କା, ଦେଶୀ କାଙ୍କଡ଼ ୨୨୦, ଗୁଆଁର ୬୦ଟଙ୍କା, ବିନ୍ସ ୨୨୦, ବନ୍ଧାକୋବି ୪୦ ଏବଂ କଞ୍ଚାକଦଳୀ ୫୦ଟଙ୍କାରେ ବିକ୍ରି ହେଉଛି। ସେହିପରି ଦର ଅଧିକ ଯୋଗୁଁ ଗ୍ରାହକମାନେ କିଲେ ପରିବା ସ୍ଥାନରେ ଅଧାକିଲୋ ନେବାକୁ ବାଧ ହେଉଛନ୍ତି।



## ଶପଥ ନେଲେ ଛାତ୍ରଛାତ୍ରୀ

# 'ବାଣ ନୁହେଁ; ହସ ଫୁଟେଇବୁ'



ବ୍ରହ୍ମପୁର,୧୯ ।୧୦(ସମିସ)

'ଅସତୋ ମାଂ ସତ୍‌ଗମୟ, ତମସୋ ମାଂ ଜ୍ୟୋତିର୍ଗମୟ'। ଦୀପାବଳୀ ଆଲୋକର ପର୍ବ, ପ୍ରେମ ଓ ସଦ୍‌ଭାବର ପର୍ବ। ଏହି ପର୍ବକୁ ହର୍ଷୋଲ୍ଲାସର ସହ ଦୀପ ଜାଳି, ଖଜା ପିଠା ଖାଇ ବାଣ ନ ଫୁଟେଇ ପାଳନ କରିବୁ ଓ ଅନ୍ୟମାନଙ୍କୁ ମଧ ଏଥିପାଇଁ ପ୍ରେରିତ କରିବା ସହ ସମସ୍ତଙ୍କ ମୁହଁରେ ହସ ଫୁଟାଇବୁ ବୋଲି ଛାତ୍ରଛାତ୍ରୀମାନେ ଶପଥ ନେଇଛନ୍ତି। ଦୀପାବଳୀରେ ଅତ୍ୟଧିକ ବାଣ ଫୁଟିବା ଦ୍ୱାରା ସେଥିରୁ ନିର୍ଗତ ଧୂଆଁ ପରିବେଶକୁ ବିଷାକ୍ତ କରିଦିଏ। ସମ୍ପ୍ରତି ଶରତ ଋତୁ ଯୋଗୁ ପବନ ଚଳାଚଳ ବିଶେଷ ହେଉନଥିବାରୁ ଏଭଳି ସ୍ଥିତି ଜାରି ରହିଲେ ଆଗାମୀ ଦିନରେ ପରିବେଶ ପ୍ରତି ବେଶ ବିପଦ ମଧ। ଏଣୁ ପ୍ରଚଣ୍ଡ ଶବ୍ଦ କରି ବାଣ ଓ ପରିବେଶ ଦୂଷିତ ଭଳି କାର୍ଯ୍ୟରୁ ନିବୃତ୍ତ ରହିବା ଲାଗି ଛାତ୍ରଛାତ୍ରୀ ଶପଥ ନେଇଛନ୍ତି।

ସୂଚନାଯୋଗ୍ୟ ଯେ, ପୂର୍ବାହ୍ନରେ ଆର୍ଯ୍ୟଭଟ୍ଟ ପ୍ରକୃତି ଓ ପରିବେଶ ଫାଉଣ୍ଡେସନ ଆନୁକୂଲ୍ୟରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା। ସହର ତଥା ଆଖ ପାଖ ଅଞ୍ଚଳରୁ ବିଭିନ୍ନ ସ୍କୁଲ ଓ କଲେଜର ଅନେକ ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶପଥ ପାଠ କରିଥିଲେ। ବରିଷ୍ଠ ଶିକ୍ଷାବିତ୍ ତଥା ଫାଉଣ୍ଡେସନର ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ଖାଡଙ୍ଗା ଛାତ୍ରଛାତ୍ରୀ ତଥା ଉପସ୍ଥିତ ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ। ଫାଉଣ୍ଡେସନ ଅଧ୍ୟକ୍ଷ ସୁଧୀର ରାଉତ ଦୀପାବଳୀର ମହତ୍ତ୍ୱ ବୁଝେଇବା ସହ ବାଣ ଫୁଟେଇବା ଦ୍ୱାରା ସୃଷ୍ଟି ହେଉଥିବା ପରିବେଶୀୟ କ୍ଷତି ଓ ସାଧାରଣ ସ୍ୱାସ୍ଥ୍ୟଗତ କ୍ଷତି ବିଷୟରେ ବୁଝାଇଥିଲେ। ବାଣ ଫୁଟାରୁ ନିବୃତ ରହି ଆଲୋକରେ ମହାପର୍ବ ଦୀପାବଳୀ ପାଳନ କରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ଆର୍ଯ୍ୟଭଟ୍ଟ ଫାଉଣ୍ଡେସନ୍‌ର ସ୍ୱେଚ୍ଛାସେବୀ ସୁଶାନ୍ତ ମହାନ୍ତି, ଶୁଭେନ୍ଦୁ ପାତ୍ର, କେ ଘନଶ୍ୟାମ, ଦେବୀ ପ୍ରସାଦ ମଙ୍ଗରାଜ, ଫୁଲଟାର ପୂର୍ବତନ ସରପଞ୍ଚ ମାଧବ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଆଇନଜୀବୀ ପୀତବାସ ହତ୍ୟା ମାମଲା

# ପୁଣି ଜଣଙ୍କୁ ଭୁବନେଶ୍ୱରରୁ ଉଠାଇଲା ପୁଲିସ

### ଅଟକ କର୍ପୋରେଟର ଓ ଅପରାଧୀଙ୍କୁ ମୁହାଁମୁହିଁ ଜେରା

ବ୍ରହ୍ମପୁର,୧୯ ।୧୦(ସମିସ): ପୀତବାସ ହତ୍ୟାକାଣ୍ଡ ଘଟଣାର ମାଷ୍ଟରମାଇଣ୍ଡ କିଏ? ହତ୍ୟାକାଣ୍ଡର କାରଣ କଣ ଜାଣିବା ପାଇଁ କେବଳ ସ୍ୱର୍ଗତ ପୀତବାସ ପଣ୍ଡାଙ୍କ ପରିବାର ଲୋକ କାହିଁକି ସମସ୍ତେ ଚାତକ ଭଳି ଚାହିଁ ରହିଛନ୍ତି। ପୂର୍ବରୁ ଘଟଣାରେ ପୁଲିସ ୮ ଜଣଙ୍କୁ ଅଟକ ରଖି ଜେରା କରୁଥିବା ବେଳେ ଭୁବନେଶ୍ୱରରୁ ପୁଣି ଜଣଙ୍କୁ ଉଠାଇ ଆଣିଛି ବ୍ରହ୍ମପୁର ପୁଲିସ। ଫଳରେ ଅଟକ ସଂଖ୍ୟା ୯କୁ ବୃଦ୍ଧି ପାଇଥିବା ଜଣାପଡିଛି। ସେପଟେ ଦିର୍ଘ ୪ଦିନ ଧରି ଅଟକ ଥିବା ଜନୈକ କର୍ପୋରେଟର ଓ ଅପରାଧୀଙ୍କୁ ପୁଲିସ ମୁହାଁମୁହିଁ ଜେରା କରୁଥିବା ଜଣାପଡିଛି। ପୀତବାସ ହତ୍ୟା ମାମଲାର ପ୍ରକୃତ ରହସ୍ୟ ଉନ୍ମୋଚନ ସହିତ ଷଡଯନ୍ତ୍ରକାରୀଙ୍କ ନିକଟରେ ପହଞ୍ଚିବା ପାଇଁ ପୁଲିସ ପର୍ଯ୍ୟାୟକ୍ରମେ ମଦ ବ୍ୟବସାୟୀ, ବିଲ୍ଡର, କର୍ପୋରେଟର, ଆଇନଜୀବୀ, ସମାଜସେବୀ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କୁ ପଚରାଉଚରା କରି ସେମାନଙ୍କ ଠାରୁ ବହୁ ତଥ୍ୟ ହାସଲ କରିଛି। ମିଳିଥିବା ତଥ୍ୟ ସିସିଟିଭି ଫୁଟେଜ୍, ଫୋନ କଲ ବିବରଣୀ, ଅର୍ଥ ଦେଣନେଣକୁ ଆଧାର କରି ଏବଂ ଅଟକ ବ୍ୟକ୍ତିଙ୍କ ଠାରୁ ଓଗାଳିଥିବା ସୂଚନାକୁ ନେଇ ପୁଲିସ ତଦନ୍ତକୁ ଆଗକୁ ବଢାଇଛି। ଘଟଣାର ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚିବା ପାଇଁ ପୁଲିସକୁ ନିଶ୍ଚିତ ଭାବେ କିଛି ସମୟ ଲାଗୁଛି। ତେବେ ହତ୍ୟାକାଣ୍ଡ ଷଡଯନ୍ତ୍ରର ଚେର କେତେଦୂର ଲମ୍ବିଛି ତାହା ଘଟଣାର ପର୍ଦ୍ଦାଫାସ୍ ପରେ ହିଁ ସ୍ପଷ୍ଟ ହେବ।






୧୯/୧୦/୨୦୨୫ (ରବିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୫,୮୪,୦୯୨/- ସୁନା: ୦୦.୨୩୦ ଗ୍ରାମ୍ ରୁପା: ୩୩.୪୦୦ ଗ୍ରାମ୍





● ବେଆଇନ ବାଣ ବିକ୍ରି

## ୧୯ ଦିନରେ ୨୪ ମାମଲା, ୨୪ ଗିରଫ

ପୁରୀ,୧୯।୧୦(ସମିସ): ଦୀପାବଳି ପୂର୍ବରୁ ପୁରୀ ପୁଲିସ ବେଆଇନ ବାଣ ବିକ୍ରିକୁ ନେଇ ଚଢ଼ଉ ଜାରି ରଖିଛି। ଯେହେତୁ ଗତବର୍ଷ ଚନ୍ଦନ ଯାତ୍ରାର ଭଉଁରୀ ଦିନ ନରେନ୍ଦ୍ର ପୁଷ୍କରିଣୀରେ ବାଣ ବିସ୍ଫୋରଣ ଘଟି ଅନେକଙ୍କ ଜୀବନ ଯାଇଥିଲା, ତେଣୁ ଏଥର ବାଣ ବିକ୍ରି ଉପରେ ପ୍ରଶାସନ ତୀକ୍ଷ୍ଣ ନଜର ରଖିଛି। ତେଣୁ ବେଆଇନ ଭାବେ ବାଣ ବିକ୍ରି ହେଉଥିବା ସ୍ଥାନରେ ପୁଲିସ ଚଢ଼ଉ କରି ଗତ ୧୯ ଦିନରେ ୨୪ ଜଣଙ୍କୁ ଗିରଫ କରିଥିବାବେଳେ ଲକ୍ଷ ଲକ୍ଷ ଟଙ୍କାର ବାଣ ଜବତ କରିଛି। ଗତବର୍ଷ ନରେନ୍ଦ୍ର ପୁଷ୍କରିଣୀଠାରେ ଭୟାନକ ବାଣ ବିସ୍ଫୋରଣ ଘଟିଥିଲା। ଯେଉଁଥିରେ ୧୭ ଜଣଙ୍କ ଜୀବନ ଅକାଳରେ ଚାଲିଯାଇଥିଲା। ତେଣୁ ଚଳିତବର୍ଷ ପୁରୀ ଜିଲ୍ଲାରେ ବାଣ ଫୁଟାଇବା ନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଗାଇଡ୍‌ଲାଇନ୍ କରାଯାଇଥିବା ବେଳେ ବାଣ ବିକ୍ରି ଉପରେ ମଧ୍ୟ ନଜର ରହିଛି। ଅପରପକ୍ଷେ ଦୀପାବଳି ପାଇଁ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେଆଇନ ବାଣ ବିକ୍ରି କରାଯାଉଛି। ପୁଲିସ ପକ୍ଷରୁ ବେଆଇନ ବାଣ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରହିଛି। ଚଳିତମାସ ୧ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ୧୯ ଦିନରେ ଜିଲ୍ଲାର ବିଭିନ୍ନ ସବ୍‌ଡିଭିଜନରେ ୨୪ଟି ମାମଲା ରୁଜୁ କରାଯାଇ ୨୪ ଜଣଙ୍କୁ ଗିରଫ କରାଯାଇଛି। ପିପିଲି ସବ୍‌ଡିଭିଜନରେ ୬ଟି ମାମଲା ଓ ୫ ଗିରଫ, ନିମାପଡ଼ା ସବ୍‌ଡିଭିଜନରେ ୫ ମାମଲାରେ ୫ ଗିରଫ, ସଦର ସବ୍‌ଡିଭିଜନରେ ୬ ମାମଲାରେ ୭ ଗିରଫ, ସିଟି ସବ୍‌ଡିଭିଜନରେ ୪ଟି ମାମଲା ହୋଇ ୪ ଜଣଙ୍କୁ ଗିରଫ କରାଯାଇଛି।

## ପାଣି ପଡ଼ିବାରୁ ମରଣାନ୍ତକ ଆକ୍ରମଣ, ଜଣେ ଗିରଫ

ପୁରୀ,୧୯।୧୦(ସମିସ): ନିର୍ମାଣାଧୀନ କୋଠାରୁ ପଡ଼ୋଶୀଙ୍କ ଘର ଉପରେ ପାଣି ପଡ଼ିବାରୁ ଜଣଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ମାମଲାରେ ବଳିଆପଣ୍ଡା ଥାନା ପୁଲିସ ଜଣକୁ ଗିରଫ କରିଛି। ଅଭିଯୁକ୍ତ ହେଲେ ବିର୍ଲା ଛକ ନିକଟ ଗୌଡ଼ବାଡ଼ ସାହିର ଶଙ୍କର୍ଷଣ ସାହୁ। ଅଭିଯୋଗ ଅନୁଯାୟୀ, ବିର୍ଲା ଗେଷ୍ଟ ହାଉସ୍ ଛକ ନିକଟରେ ଶିବୁନା ପଲେଇଙ୍କ କୋଠା ନିର୍ମାଣ ଚାଲିଛି। ଏଠାରେ ଡେଲାଙ୍ଗ ବେରବୋଇ ଗ୍ରାମର ଜଗବନ୍ଧୁ ପଲେଇ କାମ କରନ୍ତି। ଶନିବାର ରାତି ପ୍ରାୟ ୯ଟା ୪୦ ମିନିଟ୍ ସମୟରେ କାମ ଚାଲୁଥିବାବେଳେ ପଡ଼ୋଶୀ ଘର ଉପରେ କିଛି ପାଣି ପଡ଼ିଯାଇଥିଲା। ଏହାକୁ ନେଇ ଅଭିଯୁକ୍ତ ଶଙ୍କର୍ଷଣ ଏବଂ ତାଙ୍କ ଭାଇ ଚକ୍ରଧର ସାହୁ ଜଗବନ୍ଧୁଙ୍କ ସହ ପାଟିତୁଣ୍ଡ କରିବା ସହ ତାଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ କ୍ଷତାକ୍ତ ହୋଇଥିଲେ ଜଗବନ୍ଧୁ। ଏ ନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା (ନଂ.୨୦୩/୨୫) ରୁଜୁ କରି ଶଙ୍କର୍ଷଣଙ୍କୁ ଗିରଫ କରିଥିଲା। ଏଥିସହ ଲୁହାରଡ୍ ଏବଂ ଗୋଟିଏ ବାଇକ୍ ମଧ୍ୟ ଜବତ କରିଛି ପୁଲିସ।

## ପ୍ରଚାରକ ଅନନ୍ତ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପ୍ରସ୍ତୁତି ବୈଠକ

ପୁରୀ,୧୯।୧୦(ସମିସ): ସତ୍ୟବାଦୀ ଯୁଗ ନିର୍ମାତା ତଥା ପୁଣ୍ୟାତ୍ମା ପ୍ରଚାରକ ଅନନ୍ତ ମିଶ୍ରଙ୍କ ୧୪୨ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ ସ୍ଥାନୀୟ ଭକ୍ତ ସାଲବେଗ ସମାଧି ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ରବୀନ୍ଦ୍ରନାଥ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଆସନ୍ତା ୨୮ ତାରିଖରେ ପୁରୀ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ପ୍ରଚାରକ ଅନନ୍ତ ମିଶ୍ରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ହେବା ସହିତ ଚଳିତବର୍ଷ ନିମନ୍ତେ ଓଡ଼ିଶାର ପ୍ରଖ୍ୟାତ ଅନୁବାଦିକା ଡ. ଶକୁନ୍ତଳା ବଳିଆରସିଂହଙ୍କୁ 'ସତ୍ୟବାଦୀ ସପ୍ତସଖା ଭାଷା ସମ୍ମାନ', କେନ୍ଦ୍ର ବାଲ୍‌ସାହିତ୍ୟ ପୁରସ୍କାରପ୍ରାପ୍ତ ବରିଷ୍ଠ ଶିଶୁ ସାହିତ୍ୟିକ ଡ. ରାଜକିଶୋର ପାଢ଼ୀଙ୍କୁ 'ପ୍ରଚାରକ ଅନନ୍ତ ମିଶ୍ର ସ୍ମୃତି କଥା ସମ୍ମାନ', ଡ. ବିଶ୍ୱନାଥ ବଳିଆରସିଂହଙ୍କୁ 'ଉତ୍କଳ ଗୁରୁବ୍ରହ୍ମା ସମ୍ମାନ', ପଦ୍ମଚରଣ ମହାପାତ୍ରଙ୍କୁ 'ସତ୍ୟବାଦୀ ସପ୍ତସଖା ସେବା ସମ୍ମାନ' ଓ ସୁବାସିନୀ ଧଳଙ୍କୁ 'ଉତ୍କଳ ସାରସ୍ୱତ ସମ୍ମାନ' ପ୍ରଦାନ କରାଯିବ। ଅନୁଷ୍ଠାନର ସମ୍ପାଦକ ପଣ୍ଡିତ ବିଜୟ କୁମାର ଛାଟୋଇ ଉତ୍ସବର କାର୍ଯ୍ୟସୂଚୀ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବୈଠକରେ ଅନୁଷ୍ଠାନର ଅନ୍ୟତମ ସଦସ୍ୟ ଡ. ହେମନ୍ତ କୁମାର ଛୋଟରାୟ, ଗୋପାଳକୃଷ୍ଣ ଆଚାର୍ଯ୍ୟ, ନବଘନ ଶତପଥୀ, ଶ୍ରୀ ଆଚାର୍ଯ୍ୟ, ପଣ୍ଡିତ ସଦାଶିବ ମିଶ୍ର, ବିଜୟ ପରିଡ଼ା ଓ ମନୋରମା ଛାଟୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସାତଲହଡ଼ି ମଠରେ ହେବ ମାସିକ କାର୍ଯ୍ୟକ୍ରମ

ପୁରୀ,୧୯।୧୦(ସମିସ): ଓଡ଼ିଆ ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସମାଧି ପୀଠ ସାତଲହଡ଼ି ମଠ ଉପରେ ଦଖଲକାରୀଙ୍କ ଆଖି ପଡ଼ିଛି। ପୁରୀ ପ୍ରଶାସନ ମଧ୍ୟ ଏହି ଆଧ୍ୟାତ୍ମିକସ୍ଥଳୀକୁ ଦଖଲ କରି ସେଠାରେ କାର୍ଯ୍ୟାଳୟ କଲାଣି। ଦୀର୍ଘବର୍ଷ ହେବ କମିଟିର ନୀରବତାର ସୁଯୋଗ ନେଇ ଅପରାଧୀ ଓ ନିଶାଖୋର ସେଠାରେ ଆଡ୍ଡା ଜମାଇବା ଆରମ୍ଭ କଲେଣି। ପ୍ରଶାସନର ଇଚ୍ଛାଶକ୍ତି ଅଭାବରୁ ନିର୍ମିତ ଦୋକାନ ଘର ଭଡ଼ା ଲାଗୁନି। ସେପଟେ ବର୍ଷକରେ ଥରେ ସେଠାରେ ଭାଗବତ ପାଠ କରି ଝାଡ଼ିଝୁଡ଼ି ହେଉଛନ୍ତି ସରକାର। ଯଦି ଏପରି ଧାରା ଲାଗିରୁହେ ତେବେ ଦିନେ ଭାଗବତ ପ୍ରଣେତା ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସମାଧି ପୀଠ ଏକ ହୋଟେଲରେ ପରିଣତ ହେବ ବୋଲି ଅଭିଯୋଗ ନେଇ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଭେଟି ଆଲୋଚନା କରିଛନ୍ତି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର। ସାତଲହଡ଼ି ମଠ ବିକାଶ ପାଇଁ ତୁରନ୍ତ ଏକ ସୁଦୃଢ଼ କମିଟି ଓ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପ୍ରତି ମାସରେ ପୁରୀରେ କରୁଥିବା ଶ୍ରୀଜଗନ୍ନାଥାୟନ ପରି ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରତି ମାସରେ ଭାଗବତ ସମ୍ପର୍କିତ କାର୍ଯ୍ୟକ୍ରମ କରିବାକୁ ପ୍ରସ୍ତାବ ଦେଇଛନ୍ତି। ତେବେ ବିଭାଗୀୟ ମନ୍ତ୍ରୀ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ଓଡ଼ିଶା ସାହିତ୍ୟ ଏକାଡେମୀ ସମ୍ପାଦକ ଡ. ଚନ୍ଦ୍ରଶେଖର ହୋତାଙ୍କୁ ମାସିକ କାର୍ଯ୍ୟକ୍ରମ ଆରମ୍ଭ ପାଇଁ ବଜେଟ୍ ଉପସ୍ଥାପନ କରି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

▶ ଜୁଆ ଆଡ୍ଡାରେ 'ଅପରେସନ ଚକ୍ର'

# ୧୪ ଜୁଆଡ଼ି ଗିରଫ, ୭.୭୧ଲକ୍ଷ ଟଙ୍କା ଜବତ





**୨ଟି ଦାମୀ କାର୍, ୬ ବାଇକ୍ ଜବତ**

ପୁରୀ,୧୯।୧୦(ସମିସ): ପୁରୀ ସହରକୁ ଅପରାଧ ଓ ନିଶାମୁକ୍ତ କରିବା ପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଚାଲିଛି 'ଅପରେସନ ଚକ୍ର'। ବିଭିନ୍ନ ଥାନାର ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ସଞ୍ଜ ନଇଁଲେ ପ୍ରମୁଖ ସ୍ଥାନରେ ଚାଲିଛି ନାକାବନ୍ଦୀ। ଗାଡ଼ିମୋଟର ଯାଞ୍ଚ ସାଙ୍ଗକୁ ଅପରାଧୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଉଛି ପୁଲିସ। ସେହିପରି ବେଆଇନ ନିଶା କାରବାର ଏବଂ ଜୁଆ ଆଡ୍ଡା ଉପରେ ବି ଚଢ଼ଉ ଜାରି ରହିଛି। ଏହାରି ଭିତରେ ପୁଲିସକୁ ଏକାଧିକ ସଫଳତା ମିଳିଥିବାବେଳେ ଏକ ବଡ଼ଧରଣର ଜୁଆ ଆଡ୍ଡାରେ ପଶିଛି 'ଅପରେସନ ଚକ୍ର'। ସଦର ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ୧୪ ଜଣ ଜୁଆଡ଼ି ଧରାପଡ଼ିଥିବାବେଳେ ୭ଲକ୍ଷ ୭୧ ହଜାର ଟଙ୍କା ଜବତ କରାଯାଇଛି ବୋଲି ରବିବାର ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ସଦର ଆଇଆଇସି ସୁନୀଲ କୁମାର ପ୍ରଧାନ କହିଛନ୍ତି, ସୋମନାଥ ରଉତ ଓରଫ ଜଟିଆଙ୍କ ନେତୃତ୍ୱରେ ଖଡ଼ିପଦା ଗ୍ରାମରେ ଏକ ବଡ଼ଧରଣର ଜୁଆ ଆଡ୍ଡା ଦୀର୍ଘଦିନ ଧରି ଚାଲିଥିବା ପୁଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଯୋଜନା ଅନୁଯାୟୀ, ଶନିବାର ରାତିରେ ଚଢ଼ଉ ପାଇଁ ସଦର ଥାନା ପୁଲିସ ନିଷ୍ପତ୍ତି ନେଇଥିଲା। ଏଥିପାଇଁ ଏସ୍‌ପି ପ୍ରତୀକ ସିଂଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ଶନିବାର ରାତିରେ ମେଳଣ ପଡ଼ିଆ ନିକଟ କୋଠଘରେ ଚାଲିଥିବା ଜୁଆ ଆଡ୍ଡା ଉପରେ ଚଢ଼ଉ କରାଯାଇ ୧୪ ଜଣଙ୍କୁ କାବୁ କରାଯାଇଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଖଡ଼ିପଦାର ମାନସ ପ୍ରଧାନ, ପୁରୀ ଟାଉନ୍ ଥାନା ମାର୍କଣ୍ଡେଶ୍ୱର ସାହିର ବିଜୟ ସ୍ୱାଇଁ, ଚନ୍ଦନପୁର ଦାମୋଦରପୁରର ପ୍ରମୋଦ ମହାନ୍ତି, କୁମାରପଡ଼ା ଗୋପବନ୍ଧୁ ଲେନ୍‌ର ମଧୁସୂଦନ ପ୍ରଧାନ, ଗଞ୍ଜାମ ରମ୍ଭା ସିପକୁଦାର ପ୍ରସନ୍ନ ନାହାକ, ଖଡ଼ିପଦାର ଅମିତ ସାହୁ, ଟାଉନ୍ ଥାନା ଗୌଡ଼ବାଡ଼ ସାହିର ପ୍ରମୋଦ ବରାଳ, ବଳିଆପଣ୍ଡା ଥାନା ଗୌଡ଼ବାଡ଼ ସାହିର ପବିତ୍ର ମଲ୍ଲିକ, ନୟାଗଡ଼ ଜିଲ୍ଲା ଚାନ୍ଦପୁରର ପିଣ୍ଟୁ ମାଝୀ, କଣାସର ରାଜେଶ ବେହେରା, ବାସେଳିସାହି ଲୋକନାଥ ରୋଡ୍‌ର ଲକ୍ଷ୍ମୀଧର ବାରିକ, ବାସେଳିସାହି ଲୋକନାଥ ଘାଟର ଜଗନ୍ନାଥ ସାହୁ, ବାସେଳିସାହି ଲୋକନାଥ ରୋଡ୍ ହାତୀଶାଳର ପ୍ରଦୀପ୍ତ ଦାଶ ଏବଂ ଖଡ଼ିପଦାର ଧ୍ରୁବ ଚରଣ ବଳିୟାରସିଂ। ସେମାନଙ୍କଠାରୁ ୭ଲକ୍ଷ ୭୧ ହଜାର ୭୦୦ ଟଙ୍କା, ୨ଟି ଦାମୀ କାର୍ (ମହିନ୍ଦ୍ରା ଏକ୍ସୟୁଭି ଓ କିଆ), ୬ଟି ବାଇକ୍, ୧୨ ପ୍ୟାକେଟ୍ ତାସମୁଠା ଏବଂ ୬୦ଟି ପ୍ଲାଷ୍ଟିକ୍ ଟୋକନ ଜବତ କରାଯାଇଛି। ତେବେ ଚଢ଼ଉବେଳେ ମାଷ୍ଟରମାଇଣ୍ଡ ଜଟିଆ ଖସିଯିବାକୁ ସକ୍ଷମ ହୋଇଛି। ଏ ନେଇ ସଦର ଥାନାରେ ଏକ ମାମଲା (ନଂ.୬୩୬/୨୫) ରୁଜୁ କରାଯାଇ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

## ୟୁକେରେ ସୁଦାମଙ୍କ ସ୍ୟାଣ୍ଡ ଆନିମେସନ

ପୁରୀ,୧୯।୧୦(ସମିସ): ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନ ୟୁନାଇଟେଡ୍ କିଙ୍ଗଡମ୍‌ର ଚେଷ୍ଟରଫିଲ୍ଡଠାରେ ସ୍ୟାଣ୍ଡ ଆନିମେସନ ଓ ଲାଇଭ୍ ଶୋ' କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ୧୫ ମିନିଟର ସ୍ୟାଣ୍ଡ ଆନିମେସନ କରିଥିଲେ। ବାୟୁ ପ୍ରଦୂଷଣ ଓ ପ୍ଲାଷ୍ଟିକମୁକ୍ତ ପରିବେଶ ବାର୍ତ୍ତା ଉପରେ ଏହା ପର୍ଯ୍ୟବସିତ ଥିଲା। ଦୀପାବଳି ସମ୍ପର୍କରେ ଆନିମେଶନ କରି ସେ ବୁଝାଇଥିଲେ ଅଯୋଧ୍ୟାକୁ ଫେରିଥିଲେ ସେତେବେଳେ ଅଯୋଧ୍ୟାର ଜନତା ଦୀପ ଜଳାଇ ଶ୍ରୀରାମଙ୍କୁ ସ୍ୱାଗତ କରିଥିଲେ। ଏହାକୁ ହଲ୍‌ରେ ଥିବା ଦର୍ଶକ ଓ ଅତିଥି ପ୍ରଶଂସା କରିଥିଲେ।



ଏହି ଶୋ' ଚଳିତମାସ ୧୧ରୁ ୧୪ ତାରିଖ ପର୍ଯ୍ୟନ୍ତ ଏସିଆନ ଅସୋସିଏସନ ଅଫ୍ ଚେଷ୍ଟରଫିଲ୍ଡ ଦ୍ୱାରା ୱାଇନ୍‌ଡିଙ୍ଗ୍ ହ୍ୱିଲ୍ ଥିଏଟରଠାରେ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏଥିରେ ସୁଦାମ ଦି ଷ୍ଟୋରୀ ଅଫ୍ ଦୀପାବଳି ଉପରେ ଯେ, ଦୀପାବଳି ହେଉଛି ଆଲୋକର ପର୍ବ। ଅନ୍ଧାରକୁ ଆଲୋକ ଦୂରୀଭୂତ କରିଥାଏ। ଠିକ୍ ସେମିତି ଅସତ୍ୟ ଉପରେ ସତ୍ୟର ବିଜୟକୁ ପ୍ରତିନିଧିତ୍ୱ କରେ ଦୀପାବଳି। ଯେତେବେଳେ ଶ୍ରୀରାମ ଶ୍ରୀଲଙ୍କାରେ ରାବଣକୁ ବଧ କରି

ଏତଦ୍‌ବ୍ୟତୀତ ସୁଦାମ ୧୨ ତାରିଖରେ ଶିଶୁମାନଙ୍କ ପାଇଁ ସ୍ୟାଣ୍ଡ ଆର୍ଟ ୱାର୍କସପ୍ ଓ ୧୩ରେ ଚେଷ୍ଟରଫିଲ୍ଡ ଚର୍ଚ୍ଚରେ ବାଲୁକା କଳା ନିର୍ମାଣ କରିଥିଲେ। ପରେ ବେଲ୍‌ଫାଷ୍ଟ ଆଇସିସି ଥିଏଟରରେ ଅନୁଷ୍ଠିତ ନର୍ଦନ ଆୟାରଲାଣ୍ଡ ଅକ୍ଟୋବର ଉତ୍ସବରେ ଅଂଶଗ୍ରହଣ କରିଥିଲେ। ସୁଦାମଙ୍କ ସ୍ୟାଣ୍ଡ ଆନିମେଶନ ନର୍ଦନ ଆୟାରଲାଣ୍ଡର ପର୍ଯ୍ୟଟନସ୍ଥଳୀ ଓ ଭାରତୀୟ ପର୍ଯ୍ୟଟନସ୍ଥଳୀ, ସଂସ୍କୃତି ଓ ଐତିହ୍ୟ କୋଣାର୍କ ମନ୍ଦିର ସମ୍ପର୍କରେ ଦର୍ଶାଯାଇଥିଲା। ହଲ୍‌ରେ ୫୦୦ରୁ ଉର୍ଦ୍ଧ୍ୱ ଦର୍ଶକ ଓ ଅତିଥି ଉପଭୋଗ କରିଥିଲେ।

■ କାଳୀପୂଜା, ଦୀପାବଳି ପାଇଁ ପୁଲିସର ପ୍ରସ୍ତୁତି

## ମୁତୟନ ହେବେ ୨୮ ପ୍ଲାଟୁନ୍ ଫୋର୍ସ

ପୁରୀ,୧୯।୧୦(ସମିସ): କାଳୀପୂଜା, ଦୀପାବଳି ଓ ପୟାଶ୍ରାଦ୍ଧ ପାଇଁ ପୁରୀ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଏଥର ସୋମବାର ଓ ମଙ୍ଗଳବାର ଦୁଇଦିନ ଧରି ପୁଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ପୟାଶ୍ରାଦ୍ଧ ଅବସରରେ ବଡ଼ବଡୁଆ ଡାକ ପାଇଁ ସିଂହଦ୍ୱାର ସମ୍ମୁଖରେ ହେବ ଭକ୍ତଙ୍କ ଭିଡ଼। କାଉଁରିଆ କାଠି ଚାଳି ବଡ଼ବଡୁଆଙ୍କୁ ଆଲୋକରେ ମେଲାଣି ଦେବେ ଶ୍ରଦ୍ଧାଳୁ। ଏଥିପାଇଁ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଭକ୍ତମାନେ ଶ୍ରୀକ୍ଷେତ୍ର ଆସିବେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ସିଂହଦ୍ୱାର ସମ୍ମୁଖରେ ଭିଡ଼ ଲାଗିବ। ଏଥର ପ୍ରବଳ ଗହଳି ହେବା ସମ୍ଭାବନା ରହିଛି। ସେହିପରି ମହାପ୍ରଭୁଙ୍କ ଦର୍ଶନ ପାଇଁ ବି ଭକ୍ତଙ୍କ ଭିଡ଼ ହେବ। ବୀରଗୋବିନ୍ଦପୁର ଦକ୍ଷିଣକାଳୀ ପୀଠରେ ମଧ୍ୟ ଶ୍ରଦ୍ଧାଳୁଙ୍କ ସମାଗମ ରହିବ। ତେଣୁ ଏ ସବୁକୁ ଦୃଷ୍ଟିରେ ରଖି ପୁଲିସ ଶାନ୍ତିଶୃଙ୍ଖଳା ରକ୍ଷା, ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଟ୍ରାଫିକ୍ ସୁପରିଚାଳନା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛି। ବଡ଼ବଡୁଆ ଡାକିବା ପାଇଁ ଏମାରମଠ ଚକଡ଼ାରେ ଲୁହା ବ୍ୟାରିକେଡ୍ ମାଧ୍ୟମରେ ଚାରୋଟି ସ୍ଥାନ ନିରୂପଣ କରାଯିବା ସହ ସୁରକ୍ଷା ଦାୟିତ୍ୱରେ ସମୁଦାୟ ୨୮ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ ରହିବେ ବୋଲି ଏସ୍‌ପି ପ୍ରତୀକ ସିଂ କହିଛନ୍ତି। ତେବେ ସରକାର ଦୁଇଦିନ ଛୁଟି ଘୋଷଣା କରିଥିବାରୁ ପ୍ରଶାସନ ତରଫରୁ ଦୁଇଦିନ ପାଇଁ ପୟାଶ୍ରାଦ୍ଧ ବ୍ୟବସ୍ଥା ସହ ଭୋର୍ ୪ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଟ୍ରାଫିକ୍ କଟକଣା ଲାଗୁ ହେବ। ଏହି ଦୁଇଦିନ ମାର୍କେଟ୍ ଛକ, ସୋଲାଖିଆ ବରଗଛ, ବାସୁଦେବ ଛକ ଏବଂ ମୋଚିସାହି ଛକଠାରୁ ସିଂହଦ୍ୱାରକୁ ଗାଡ଼ି ଛଡ଼ାଯିବ ନାହିଁ ବୋଲି ଏସ୍‌ପି କହିଛନ୍ତି। ସେହିପରି ଆମ୍ବୁଲାନ୍ସ ସହିତ ମେଡିକାଲ କର୍ମଚାରୀ ସିଂହଦ୍ୱାର ଏବଂ କାକୁଡ଼ିଖାଇ ଛକଠାରେ ମୁତୟନ ରହିବେ। ବୀରଗୋବିନ୍ଦପୁର ଦକ୍ଷିଣକାଳୀ, ବୀରପ୍ରତାପପୁରର ଦେବୀ କାମରୁପା ଏବଂ ସମୟାଜପୁରର ଉଗ୍ରତାରାଙ୍କ ଭସାଣି ପାଇଁ ମଧ୍ୟ ସ୍ୱତନ୍ତ୍ର ପୁଲିସ ବ୍ୟବସ୍ଥା କରାଯାଇଛି। ସେହିପରି ହବିଷ୍ୟାଳିଙ୍କ ରହଣି ସ୍ଥଳ, ପୁଷ୍କରିଣୀରେ ପୁଲିସ ମୁତୟନ ସହ ଟ୍ରାଫିକ୍ ସୁପରିଚାଳନା କରାଯିବ। ମୋଟର ସାଇକଲ ପାଟ୍ରୋଲିଂକୁ କଡ଼ାକଡ଼ି କରାଯିବ।

## ଜିଲ୍ଲାର ୬ଟି ଗ୍ରାମପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

ପୁରୀ, ୧୯।୧୦ (ସମିସ): ରବିବାର ଓସ୍‌ୱାନ ସମ୍ମିଳନୀ କକ୍ଷରେ ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ପୁରୀ ଜିଲ୍ଲାରେ ୬ଟି ଗ୍ରାମ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ୬ଟି ପଞ୍ଚାୟତ ହେଲା ଡେଲାଙ୍ଗ ବ୍ଲକ୍‌ର କଲ୍ୟାଣପୁର, ଗୋପ ବ୍ଲକ୍‌ର ଉଭାର, କଣାସ ବ୍ଲକ୍‌ର ଗଡ଼ବଳଭଦ୍ରପୁର, କୃଷ୍ଣପ୍ରସାଦ ବ୍ଲକ୍‌ର ଗୋପୀନାଥପୁର, ନିମାପଡ଼ାର ଭୋଗସଳଦା ଓ ସଦର ବ୍ଲକ୍‌ର ପ୍ରତାପ ପୁରୁଷୋତ୍ତମପୁର। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ଦ୍ୱାରା ମଧ୍ୟ ପୁରୀ ଜିଲ୍ଲାର ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୨,୩୨୧ ଜଣ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ୪୦ ହଜାର ଟଙ୍କା ହିସାବରେ ୯ କୋଟି ୫୨ ଲକ୍ଷ ଟଙ୍କା ଭର୍ଚୁଆଲ୍ ମାଧ୍ୟମରେ ପ୍ରଦାନ କରାଯାଇଛି।



ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଅନ୍ତ୍ୟୋଦୟ ଆବାସ ଯୋଜନାର ହିତାଧିକାରୀମାନଙ୍କୁ ଏହାର କାର୍ଯ୍ୟାଦେଶ ପ୍ରଦାନ କରିବା ସହ ସେମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଗୃହଗୁଡ଼ିକୁ ପୂର୍ଣ୍ଣାଙ୍ଗ କରିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି, ସଦର ବିଡିଓ ସମ୍ବିତ ଶତପଥୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ବଳରାମ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଭାସୀ ମାଧ୍ୟମରେ ସମସ୍ତ ବ୍ଲକ୍‌ରେ ବିଡିଓ, ପଞ୍ଚାୟତ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।






# ସଦାଶିବ ପରିସରରେ ଶ୍ରୀକ୍ଷେତ୍ର ଟ୍ୟାଲେଣ୍ଟ ଫେଷ୍ଟ



ପୁରୀ, ୧୯।୧୦ (ସମିସ): ଶ୍ରୀସଦାଶିବ ପରିସରରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସହଭାଗିତାରେ ରବିବାର ବିନାୟକ ଆର୍ଟ ଆଣ୍ଡ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦ୍ୱିତୀୟ ବାର୍ଷିକ "ଶ୍ରୀକ୍ଷେତ୍ର ଟ୍ୟାଲେଣ୍ଟ ଫେଷ୍ଟ' ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ କନ୍ଧମାଳ ଦାରିଙ୍ଗିବାଡ଼ିର ବନାନୀ ସାହିତ୍ୟ ସଂସଦ ସଭାପତି ପତିତପାବନ ରାଉତ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ଚିତ୍ରକଳା, ଝୋଟି, ରଙ୍ଗୋଲି, ଆଧୁନିକ ନୃତ୍ୟ, କୌତୁକ ପୋଷାକ ଆଦି ପ୍ରତିଯୋଗିତା ହୋଇଥିଲା। ମୁଖ୍ୟଅତିଥି ପତିତପାବନ ରାଉତ, ସମ୍ମାନିତ ଅତିଥି ରମେଶ ଚନ୍ଦ୍ର ଦାଶ, ରବିନ୍ଦ୍ରନାଥ ବାହିନୀପତି, ପର୍ଶୁରାମ ପାତ୍ର, ସୁକାନ୍ତ ପଣ୍ଡା, ପ୍ରତିଭା ଦାଶ, ସ୍ୱର୍ଣ୍ଣଲତା ତ୍ରିପାଠୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଆଧୁନିକ ନୃତ୍ୟ, ଲୋକଗୀତ, ଭଜନ ନୃତ୍ୟାଭିନୟରେ ଅତିଥି ଭାବେ ସର୍ବଶ୍ରୀ ସଞ୍ଜୟ ବରାଳ, ଶରତ ମିଶ୍ର, ଦେବୀଦତ୍ତ ମିଶ୍ର, ଡ. ସସ୍ମିତା ମିଶ୍ର, ଅର୍ଚ୍ଚନା ରାଉତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ତୃତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମର ସମାପନ ଉତ୍ସବରେ ମହାପ୍ରଭୁଙ୍କ ନିକଟରେ ସନ୍ଧ୍ୟାଦୀପ ପ୍ରଜ୍ୱଳନ କରିଥିଲେ ପରିସରର ନିର୍ଦ୍ଦେଶକ ପ୍ରଫେସର ଡ. ପ୍ରଭାତ କୁମାର ମହାପାତ୍ର। ପରେ ଶାସ୍ତ୍ରୀୟ ନୃତ୍ୟ, ଭଜନ ନୃତ୍ୟାଭିନୟ ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରଯାଇଥିଲା। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଫେସର ଡ. ମହାପାତ୍ର, ମୁଖ୍ୟଅତିଥି ମଧୁସୂଦନ ସିଂହାରୀ, ଉମାକାନ୍ତ ନାୟକ, ଦିଗ୍‌ଦର୍ଶନ ପଟ୍ଟନାୟକ, ଡ. ପ୍ରଭାକର ତ୍ରିପାଠୀ, ଡ. ବିଶ୍ୱନାଥ ମିଶ୍ର, ବୈଦେହୀ ପ୍ରିୟା ଚାନ୍ଦ ଅତିଥି ଭାବେ ଯୋଗଦେଇଥିଲେ। ବିଚାରକ ଓ ଗୁରୁ ବିଜୟଲକ୍ଷ୍ମୀ ଦାଶ, ସୁଶ୍ରୀ ସବିତା ପଣ୍ଡା, ବିନାୟକ ଦାସ, ମୃତ୍ୟୁଞ୍ଜୟ ବାରିକ, ଦେବାଶିଷ ସିଂ, ଅନ୍ନପୂର୍ଣ୍ଣା ଦେବୀ, ବାଳକୃଷ୍ଣ ଜେନା, ଚନ୍ଦ୍ରଶେଖର ସାହୁ, ମୋହିନୀ ସାହୁ, ଉଷାରାଣୀ ପାଇକରାୟ, କମଳ କୁମାର ଦାଶଙ୍କୁ ସଂଯୋଜନା ପାଇଁ ଅନୁଷ୍ଠାନର ସମ୍ପାଦକ ଗୌରାଙ୍ଗ ଚରଣ ଦାସ, ନିର୍ଦ୍ଦେଶିକା ସୁଜାତା ସିହ୍ନା ଉପଢୌକନ, ଉତ୍ତରୀୟ, ସ୍ମୃତିଫଳକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ କମଳ କୁମାର ଦାଶ ଓ ପରିଚାଳନା କରିଥିଲେ ଅନୁଷ୍ଠାନର ସଭାପତି ଉମାକାନ୍ତ ମହାପାତ୍ର। ଶେଷରେ ଧନ୍ୟବାଦ ଦେଇଥିଲେ ବିନାୟକ ଆର୍ଟ ଆଣ୍ଡ ଡ୍ୟାନ୍ସ ଏକାଡେମୀର ସମ୍ପାଦକ ଗୌରାଙ୍ଗ ଚରଣ ଦାସ।




# ପାରାଦୀପ ନଗର ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା





**ପାରାଦୀପ,୧୯।୧୦(ସମିସ):**

ପାରାଦୀପ ନଗର ବିଜେଡି ପକ୍ଷରୁ ଆଜି ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ନୂଆବଜାରସ୍ଥ ବିଜୁ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟରୁ ବାହାରି ବଡ଼ପଡ଼ିଆ ଥାନା ଛକ ଦେଇ ୧୪ ନମ୍ବର ୱାର୍ଡ ଓ ନୂଆବଜାରରେ ଥିବା ବିଜେଡି ପାର୍ଟି ଅଫିସରେ ପହଞ୍ଚିଥିଲା। ସେଠାରେ ଆୟୋଜିତ ସଭାରେ ଦଳୀୟ ନେତା ବିଜେପି ସରକାରର ଶାସନ ବ୍ୟବସ୍ଥା ସମ୍ପର୍କରେ ଲୋକଙ୍କୁ ଜଣାଇବା ସହିତ ସେମାନଙ୍କ ନେତୃତ୍ୱଙ୍କ ଉପରେ ବର୍ଷିଥିଲେ। ଏହି ଜନସମ୍ପର୍କ ଯାତ୍ରାରେ ପାରାଦୀପର ୧୯ଟି ୱାର୍ଡର ହଜାର ହଜାର କର୍ମୀ ଅଂଶଗ୍ରହଣ କରିଥିଲେ। ଏ ଅବସରରେ ବିଜେପି ସରକାରର ବିଫଳତା ଓ କୁଶାସନ ବିଷୟରେ ଲୋକଙ୍କୁ କହିବା ସହିତ ସଚେତନ କରାଯାଇଥିଲା। ବିଜେପିର ଅସଲ ଚେହେରାକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ଲକ୍ଷ୍ୟ ନେଇ ବିଜେଡି ପକ୍ଷରୁ ସାରା ପାରାଦୀପ ନିର୍ବାଚନମଣ୍ଡଳୀରେ ପଦଯାତ୍ରା କରାଯିବ।

ବରିଷ୍ଠ ବିଜେଡି ନେତା ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଥିଲେ, ରାଜ୍ୟବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି କ୍ଷମତାକୁ ଆସିଛି। ୧୬ ମାସରେ ବିଜେପି ସରକାର ରାଜ୍ୟବାସୀଙ୍କୁ ସୁଶାସନ ପ୍ରଦାନ ଓ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛି। ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହେବା ସହ ମହିଳା ଅସୁରକ୍ଷିତ ହୋଇପଡିଛନ୍ତି। ସରକାର ରାଜ୍ୟରେ ନୂଆ ମଦ ଦୋକାନ ଓ ମଦ କାରଖାନା ଖୋଲୁଛନ୍ତି। ସାର ମୁଠେ ପାଇଁ ଚାଷୀ ଆଜି ରାଜରାସ୍ତାରେ। ମିଶନ ଶକ୍ତିକୁ ବନ୍ଦ କରିବା ପାଇଁ ସରକାର ଚକ୍ରାନ୍ତ କରୁଛନ୍ତି। ରାଜ୍ୟରେ ଓଡ଼ିଆ ଅସ୍ମିତା ଭୂଲୁଣ୍ଠିତ ହେଉଛି। ବିଏସକେଆଇ ବଦଳରେ ରାଜ୍ୟ ସରକାର ଆୟୁଷ୍ମାନ ଆଣିଲେ ହେଁ ବିଏସକେଆଇରେ ମିଳୁଥିବା ସୁବିଧା ଆୟୁଷ୍ମାନରେ ମିଳିପାରୁନାହିଁ। ଯୁବବର୍ଗଙ୍କୁ ଚାକିରି ଦେବା ପ୍ରତିଶ୍ରୁତି ପ୍ରତାରଣାରେ ପରିଣତ ହୋଇଥିବାବେଳେ ଚାକିରି ଖୋଲା ବଜାରରେ ବିକ୍ରି ହେଉଥିବା ଅଭିଯୋଗ କରିଛନ୍ତି। ଜନସମ୍ପର୍କ ପଦଯାତ୍ରାରେ ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ, ତାଙ୍କ ସହଧର୍ମିଣୀ ଗୀତାଞ୍ଜଳି ରାଉତରାୟ, ବରିଷ୍ଠ ବିଜେଡି ନେତା ବାପି ସର୍ଖେଲ, ତାଙ୍କ ସହଧର୍ମିଣୀ ମୋନିଦୀପା ସର୍ଖେଲ, ରାଜ୍ୟ ସମ୍ପାଦକ ସନ୍ତୋଷ ପଟ୍ଟନାୟକ, ପୂର୍ବତନ ଜିଲ୍ଲା ପରିଷଦ ସବିତା ମହାପାତ୍ର, କୁମରବର ନାୟକ, ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଜ୍ୟୋତିକାନ୍ତ ପରିଡା, ସମୀର ବିଶ୍ୱାଳ, ରଶ୍ମିରଞ୍ଜନ ପରିଡା, ମାନସ ବିଶ୍ୱାଳ, ସୁଶୀଲ ମହାପାତ୍ର, ଅନୁପ ସାହାଣୀ, ବିକ୍ରମ ମହାନ୍ତି, କୈଳାସ ସାହୁ, କାଉନସିଲର ମନୋଜ ନାୟକ, ନରେନ୍ଦ୍ର ରାଉତଙ୍କ ସମେତ ଛାତ୍ର ବିଜେଡି, ଯୁବ ବିଜେଡି, ପୂର୍ବତନ କାଉନସିଲର, ୧୯ ୱାର୍ଡ ବସ୍ତି ମୁଖିଆ ପ୍ରମୁଖ ସାମିଲ ଥିଲେ।

## ପାଚିକା ସହାୟିକା ସଙ୍ଘ ପକ୍ଷରୁ ଧାରଣା



**ଜଗତସିଂହପୁର,୧୯।୧୦(ସମିସ):** ୮ ଦଫା ଦାବି ନେଇ ଏଆଇୟୁଟିୟୁସି ଅନୁବନ୍ଧିତ ଓଡ଼ିଶା ମିଳିତ ପାଚିକା ସହାୟିକା ସଙ୍ଘ ଜଗତସିଂହପୁର ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଜିଲ୍ଲା କମିଟି ସଭାପତି ପ୍ରଦୀପ୍ତ ରାମଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଆନ୍ଦୋଳନରେ କୃଷ୍ଣପ୍ରିୟା ପତି, ଲକ୍ଷ୍ମୀପ୍ରିୟା ମହାନ୍ତି, ଅଞ୍ଜନା ନାୟକ, ରୀତାଞ୍ଜଳି ପଣ୍ଡା, ହେମଲତା ନାୟକ, କାମିନୀ ଜେନା, କଳ୍ପନା ପାତ୍ର ଓ ଦୁର୍ଗାବତୀ ଦାସ ପ୍ରମୁଖ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଚିକା ସହାୟିକା ବିଦ୍ୟାଳୟ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଦାୟିତ୍ୱ ସୂଚାରୁରୂପେ ତୁଲାଇ ଆସୁଥିଲେ ମଧ୍ୟ ସେମାନଙ୍କୁ ଅତି ନଗଣ୍ୟ ପାରିଶ୍ରମିକ ପ୍ରଦାନ କରାଯାଉଛି। ଛାତ୍ରଛାତ୍ରୀ ସଂଖ୍ୟା ବଢିବା ସହିତ ଆନୁପାତିକ ଭିତ୍ତିରେ ଅତିରିକ୍ତ ପାଚିକା ସହାୟିକା ନିଯୁକ୍ତି କରାଯାଉ ନ ଥିବାରୁ ସେମାନଙ୍କ ଉପରେ କାର୍ଯ୍ୟଭାର ରହୁଥିବା ଶ୍ରୀ ରାମ ଅଭିଯୋଗ କରିଛନ୍ତି। ବାରମ୍ବାର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ବାଧ୍ୟହୋଇ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିବା କମିଟି ପକ୍ଷରୁ କୁହାଯାଇଛି। ଏସବୁ ସମସ୍ୟା ସମ୍ବଳିତ ୮ ଦଫା ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

## ଗୀତା ଆବୃତ୍ତି ପ୍ରତିଯୋଗିତା



**ବାଲିକୁଦା,୧୯।୧୦(ସମିସ):** କଣିଆ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୩ଟି ବର୍ଗରେ ୬୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସାହିତ୍ୟିକ ରମେଶ ବହିରାଙ୍କ ସଭାପତିତ୍ୱରେ ଆୟୋଜିତ ଜଗତସିଂହପୁର ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ମନୋଜ ଦାସ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ସୁରେଶ ଚୌଧୁରୀ, ସମ୍ମାନିତ ଅତିଥି ଦୁର୍ଗାଚରଣ ସ୍ୱାଇଁ, ବରିଷ୍ଠ ଶିକ୍ଷକ ଫନିନ୍ଦ୍ର ଶତପଥୀ, ରାଜେଶ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ସଂଯୋଜକ ସତ୍ୟବ୍ରତ ବିଶ୍ୱାଳ ଗୀତାର ମହତ୍ତ୍ୱ ଓ ପ୍ରତିଯୋଗିତାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ବ୍ଲକ ସଂଯୋଜକ ଚନ୍ଦ୍ରଶେଖର ଶତପଥୀ, ଫଣିନ୍ଦ୍ର ଶତପଥୀ, ଶୁଭଶ୍ରୀ ରାଉତ ସହଯୋଗ କରିଥିଲେ। ବିଚାରକ ଭାବେ ପଣ୍ଡିତ ଅଜୟ ଶତପଥି, ରମେଶ ବହିରା, ପଣ୍ଡିତ ସୁଦର୍ଶନ ନାୟକ ଯୋଗ ଦେଇଥିଲେ। 'କ' ବିଭାଗରେ ଅଂଶୁମାନ ନାୟକ ପ୍ରଥମ, ଉଦିତ ମନ୍ଦାକିନୀ ପୃଷ୍ଟି ଦ୍ୱିତୀୟ, ଏସକେ ଅର୍ଘ୍ୟ ସ୍ୱରୂପ ଓ ସାଇ ଶୀତଳ ନାୟକ ଯୁଗ୍ମ ତୃତୀୟ, 'ଖ' ବିଭାଗରେ ଧୃତିଦୀପା ପୃଷ୍ଟି ପ୍ରଥମ, ଶାଶ୍ୱତୀ ଷଡ଼ଙ୍ଗୀ ଦ୍ୱିତୀୟ, ଆସ୍ତା ବିନାୟକ ନନ୍ଦ ତୃତୀୟ, 'ଗ' ବିଭାଗରେ ସରଣାଞ୍ଜଳି ଶାଶ୍ୱତ ପ୍ରଥମ, ଓମ୍ ପ୍ରକାଶ ନାୟକ ଦ୍ୱିତୀୟ, ଫାରାହ ଫିର୍ଦୋସ ତୃତୀୟ ସ୍ଥାନ ଲାଭ କରିଥିଲେ। ଏମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ।

## ବିଜେପି ରାଜ୍ୟ ସମ୍ପାଦିକାଙ୍କୁ ସମ୍ବର୍ଦ୍ଧନା



**ଜଗତସିଂହପୁର,୧୯।୧୦(ସମିସ):** ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ରାଜ୍ୟ କମିଟି ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏହି କମିଟିରେ ଜଗତସିଂହପୁର ଜିଲ୍ଲାର ନାରୀନେତ୍ରୀ ସ୍ମିତା ପ୍ରଧାନଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ମିଳିଛି। ସମ୍ପାଦିକା ଶ୍ରୀମତୀ ମହାନ୍ତି ମା' ଶାରଳାଙ୍କ ଦର୍ଶନ କରି କାର୍ଯ୍ୟ ଆରମ୍ଭ କରିଛନ୍ତି। ଏ ଅବସରରେ ଜଗତସିଂହପୁର ଜିଲ୍ଲା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ପ୍ରତାପ ମିଶ୍ର, ପ୍ରାକ୍ତନ ଜିଲ୍ଲା ସଭାପତି ସତ୍ୟବ୍ରତ ମହାପାତ୍ର, ଜିଲ୍ଲା ଉପସଭାପତି କଳ୍ପନା ମହାନ୍ତି, ସର୍ଜନ ସିଂହ, ମିଡ଼ିଆ ସେଲ ଅଧ୍ୟକ୍ଷ ଗଣେଶ ମହାନ୍ତି, ସାଂସଦ ପ୍ରତିନିଧି ସମୀର ନାୟକ, ଗୀତାଞ୍ଜଳି ସାହୁ, ପ୍ରଜ୍ଞା ପ୍ରଣବ ଆଚାର୍ଯ୍ୟ, ଲିଙ୍ଗରାଜ ଲେଙ୍କା, ରାଜନାରାୟ ସାହୁ, ହୃଷିକେଶ ନନ୍ଦ, ବାମଦେବ ମଲ୍ଲିକ, ବୁଲୁ ମହାପାତ୍ର ପ୍ରମୁଖ ସମ୍ବର୍ଦ୍ଧିତ କରିଛନ୍ତି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପ୍ରଧାନଶିକ୍ଷକ ଗିରଫ

**ଜଗତସିଂହପୁର,୧୯।୧୦(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପୁରୁଣାଗଡ଼ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ଦାସ ଜଣେ ଚତୁର୍ଥ ଶ୍ରେଣୀ ଛାତ୍ରୀଙ୍କ ପ୍ରତି ଅସଦାଚରଣ କରିଥିବା ଅଭିଯୋଗରେ ଗିରଫ ହୋଇଛନ୍ତି। ୧୮ ତାରିଖରେ ଉକ୍ତ ନାବାଳିକା ଛାତ୍ରୀଙ୍କ ପରିବାର ପକ୍ଷରୁ ଘଟଣା ସମ୍ପର୍କରେ ଏତଲା ଦିଆଯାଇଥିଲା। ସଦର ଥାନା ପୁଲିସ ପକ୍ସୋ ଆକ୍ଟରେ ମାମଲା ରୁଜୁ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ଅପହରଣ ନେଇ ଥାନାରେ ଅଭିଯୋଗ

**ପାରାଦୀପ,୧୯।୧୦(ସମିସ):** ଗୁଡୁ ଦାସ ନାମକ ଜଣେ ବ୍ୟକ୍ତିଙ୍କୁ ସୁକାନ୍ତ ନାମକ ଜଣେ ବ୍ୟକ୍ତି ଅପହରଣ କରି ନେଇଥିବା ତାଙ୍କ ଶାଶୂ ଡିଙ୍କିଆର ଝୁନା ସାମଲ ଅଭୟଚାନ୍ଦପୁର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ବଡ଼ ଜ୍ୱାଇଁ ଗୁଡୁ ଦାସ ତାଙ୍କ ଝିଅକୁ ଅଠରବାଙ୍କୀ ମେଡିକାଲରେ ଡାକ୍ତରଙ୍କୁ ଦେଖାଇବାକୁ ନେଇଥିବାବେଳେ ସୁକାନ୍ତ ଜବରଦସ୍ତ ତାଙ୍କୁ ଅପହରଣ କରିନେଇଛି। ତାଙ୍କୁ ଉଦ୍ଧାର କରିବା ପାଇଁ ଝୁନା ସାମଲ ଥାନା ଅଧିକାରୀଙ୍କୁ ବିବେଦନ କରିଛନ୍ତି।

# ୧୧ ଦିନରେ ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ଧାରଣା



**ପାରାଦୀପ, ୧୯।୧୦(ସମିସ):** ୧୦ ତାରିଖରୁ ଆରମ୍ଭ ହୋଇଥିବା ଜଗନ୍ନାଥ ଟ୍ରକ୍ ମାଲିକ ସଂଘ ଧାରଣା ୧୧ ଦିନରେ ପହଞ୍ଚିଛି। ତେବେ କୌଣସି ନିଷ୍କର୍ଷ ଏ ପର୍ଯ୍ୟନ୍ତ ବାହାରିପାରିନାହିଁ। ଏଭଳି ଧାରଣାକୁ ବର୍ତ୍ତମାନ ରହିଥିବା କର୍ମକର୍ତ୍ତା ବେଆଇନ, ଭିତ୍ତିହୀନ ଓ ଆଗକୁ ସଙ୍ଘ ନିର୍ବାଚନ ଥିବାରୁ ନାଟକ କରାଯାଉଥିବା ଅଭିଯୋଗ କରୁଥିବାବେଳେ ଧାରଣାରେ ବସିଥିବା ମାଲିକ ଏହାର ସ୍ଥାୟୀ ସମାଧାନ ହେବା ସହ ସେମାନଙ୍କର ୪ଟି ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ ବୋଲି ଚେତାବନୀ ଦେଇଛନ୍ତି। କିନ୍ତୁ ତିନିଦିନ ଧରି ଆମରଣ ଅନଶନରେ ବସିଥିବା ଉପେନ୍ଦ୍ର ନାଥ ସାହୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ସାଂସଦ ବିଭୂପ୍ରସାଦ ତରାଇ ଧାରଣାସ୍ଥଳରେ ପହଞ୍ଚିଥିଲେ। ଆଲୋଚନା କରିବା ସହିତ ଉପେନ୍ଦ୍ର ନାଥ ସାହୁଙ୍କୁ ଫଳରସ ପିଆଇ ଅନଶନରୁ ଉଠାଇଥିଲେ। ତେବେ ଧାରଣା ଚାଲିବା ନେଇ ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନ ସଂଘର କର୍ମକର୍ତ୍ତାଙ୍କ ବ୍ୟାପକ ଅନିୟମିତତା ଅଭିଯୋଗରେ କିଛି ସଭ୍ୟ ଧାରଣାରେ ବସିବା ସହ ପ୍ରଶାସନର ସହାୟତା ଲୋଡିଥିଲେ। ପ୍ରଶାସନ କର୍ମକର୍ତ୍ତାଙ୍କୁ ଡାକି ଏହାର ସମୀକ୍ଷା ମଧ୍ୟ କରିଥିଲେ। ଉଭୟ ପକ୍ଷଙ୍କୁ ନେଇ ଏକ କମିଟି କରିବାକୁ ପ୍ରଶାସନ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ କର୍ମକର୍ତ୍ତା କୋର୍ଟର ଆଶ୍ରୟ ନେଇଥିଲେ। ପରେ ଜେନେରାଲ ବଡି ପାଇଁ ଡକାଯାଇଥିଲା। ଆଇନ୍‌ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଭୟରେ ପ୍ରଶାସନ ପକ୍ଷରୁ ୧୬୩ ଲଗାଯାଇଥିଲା। ଫଳରେ ସାଧାରଣ ବୈଠକ ବନ୍ଦ ହୋଇଥିଲା। ଏହାର ପ୍ରତିବାଦରେ ୧୦ ତାରିଖରୁ ସଂଘ ପରିସରରେ ସଭ୍ୟମାନେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳଙ୍କୁ ଜଣାଇବାରୁ ଜିଲ୍ଲାପାଳ କଳିଙ୍ଗ ବାଲିଯାତ୍ରା ପାଇଁ ବ୍ୟସ୍ତ ଥିବାରୁ ଆସନ୍ତା ୧୦ ତାରିଖ ପରେ ଆଲୋଚନା କରାଯିବ ବୋଲି କହିଥିଲେ ମଧ୍ୟ ଧାରଣାକାରୀ ମାଲିକ ରାଜି ନ ହୋଇ ଧାରଣା ପ୍ରତ୍ୟାହୃତ ହେବ ନାହିଁ ବୋଲି କହିଥିଲେ। ସାଧାରଣ ସମ୍ପାଦକ ବିଶ୍ୱରଂଜନ ପଲେଇଙ୍କୁ ପଚାରିବାରୁ ସେ କହିଛନ୍ତି, ସଂଘରେ କୌଣସି ଅନିୟମିତତା ହୋଇନାହିଁ। ସ୍ଲିପ ଅନୁସାରେ ଲୋଡ ଦିଆଯାଉଛି। ସେମାନେ ଜାଣିଶୁଣି ସଂଘରେ ଫାଟ ସୃଷ୍ଟି କରିବା ସହିତ ସାଧାରଣ ସଭା କରାଇ ଦେଉନାହାଁନ୍ତି ବୋଲି ଶ୍ରୀ ପଲାଇ କହିଛନ୍ତି।

# ଗୀତା ଆବୃତ୍ତି ପ୍ରତିଯୋଗିତା

**କୁଜଙ୍ଗ,୧୯।୧୦(ସମିସ):** ରାହାମା ବଜାରସ୍ଥ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଜ୍ଞାନ ମିଶନ ପକ୍ଷରୁ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ତିର୍ତ୍ତୋଲ ବ୍ଲକ୍‌ର ବିଭିନ୍ନ ବିଦ୍ୟାଳୟରୁ ୮୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ଗୀତା ଆବୃତ୍ତି କରିଥିଲେ। ମୁଖ୍ୟଅତିଥି ରୂପେ ଅନୁଷ୍ଠାନର ସମ୍ପାଦକ ଦୀପକ ଦାସ ଯୋଗଦେଇ ଶ୍ରୀମଦ୍ ଭଗବତ୍ ଗୀତାଙ୍କ



ମହତ ବାଣୀ ଉପରେ ଆଲୋକପାତ କରିଥିଲେ। ପ୍ରଧାନଆଚାର୍ଯ୍ୟ ଶ୍ରୀକାନ୍ତ ଶତପଥି ପ୍ରତ୍ୟେକ ଦିନ ଗୀତା ପଠନ ଦ୍ୱାରା ସମସ୍ତଙ୍କ ମାନସିକ ସୁଦୃଢ ହୋଇଥାଏ ବୋଲି ଉପସ୍ଥାପନା କରିଥିଲେ। ବିଚାରକ ଭାବେ ଝୁଲରାମ ଦାସ, ନାରାୟଣ ନାୟକ, ଡ ଶିଦ୍ଧେଶ୍ୱର ପଣ୍ଡା, ବାଣୀ କନ୍ୟା ଡ. ଆରତୀ ତ୍ରିପାଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଅଞ୍ଜନା ମହାନ୍ତି, ଚୈତନ୍ୟ ରାଉତ, ଶ୍ରୀମତୀ ସଂଯୁକ୍ତା ଦାଶ, ନାଟ୍ୟକାର ପ୍ରଭାତ ପରିଜା, କବି ଆଶିଷ ପରିଡ଼ା ଯୋଗଦାନ କରିଥିଲେ। ଏ ଗ୍ରୁପ୍‌ରେ ସୁବାଶିଷ ରାଉତ ପ୍ରଥମ, ରୁଦ୍ର ଆଚାର୍ଯ୍ୟ ଦ୍ୱିତୀୟ, ଦିବ୍ୟାଶ୍ରୀ ପ୍ରିୟଦର୍ଶିନୀ ତୃତୀୟ, ବି ଗ୍ରୁପ୍‌ରେ ଆରାଧ ପ୍ରିୟଦର୍ଶିନୀ ଭୂୟାଁ ପ୍ରଥମ, ସତ୍ୟପ୍ରକାଶ ରାଉତ ଦ୍ୱିତୀୟ, ପ୍ରିୟାଂଶୁ ନାୟକ ଓ ଶ୍ରଦ୍ଧାରାଣୀ ଜେନା ଯୁଗ୍ମ ତୃତୀୟ, ସି ଗ୍ରୁପରେ ଶୁଭସ୍ମିତା ସ୍ୱାଇଁ ପ୍ରଥମ, ଅଙ୍କିତା ମହାନ୍ତି ଦ୍ୱିତୀୟ, ଅନୁସ୍କା ସାହୁ ଓ ଏସ୍ ଶିବନ୍ୟା ଯୁଗ୍ମ ତୃତୀୟ, ଡି ଗ୍ରୁପ୍‌ରେ ସାଇସ୍ମିତା ପରିଜା, ସୃଷ୍ଟି ତେଜସ୍ୱିନୀ ଦାଶ ପ୍ରଥମ ଓ ଦ୍ୱିତୀୟ ହୋଇଥିଲେ।

## ଗୀତା ଆବୃତ୍ତି ପ୍ରତିଯୋଗିତା



**ପାରାଦୀପ,୧୯।୧୦(ସମିସ):** ଧର୍ମେଶ୍ୱର ମହାଦେବ ମନ୍ଦିର ସଭାଗୃହରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଶ୍ରୀମତୀ ମଧୁଜ୍ୟୋସ୍ନା ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଭାରପ୍ରାପ୍ତ ଡେପୁଟି ଚେୟାରମ୍ୟାନ କ୍ୟାପଟେନ ଅଲେଖ ସାହୁ ଯୋଗଦେଇ ବିଜେତାଙ୍କୁ ପୁରସ୍କୃତ କରିଥିଲେ। ଉପଦେଷ୍ଟା ଆବାସ ଚୌଧୁରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଜଗତସିଂହପୁର, କେନ୍ଦ୍ରାପଡ଼ା ଓ ଯାଜପୁରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ୨ ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଅତିଥିମାନେ ଗୀତାର ମୂଲ୍ୟବୋଧ ସମ୍ପର୍କରେ ସୂଚନା ଦେବା ସହିତ ମଣିଷର ଦୈନନ୍ଦିନ ଜୀବନରେ ଗୀତାର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ଅବକ୍ଷୟମୁଖୀ ସମାଜରେ ସନାତନ ଧର୍ମୀଙ୍କୁ ସଠିକ ମାର୍ଗଦର୍ଶନ ନିମନ୍ତେ ଚିନ୍ମୟ ମିଶନର ସମସ୍ତ କାର୍ଯ୍ୟକର୍ତ୍ତା ଅଭିପ୍ରେତ। ଆଗାମୀ କାଲିର ଯୁବଗୋଷ୍ଠୀ ମଧ୍ୟରେ ଗୀତା ପଠନ ପ୍ରତି ଶ୍ରଦ୍ଧା ଓ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ସାରା ଦେଶରେ ଗୀତା ଆବୃତି ପ୍ରତିଯୋଗିତା ଆୟୋଜନ କରାଯାଉଥିବା ଉପଦେଷ୍ଟା ଶ୍ରୀ ଚୌଧୁରୀ କହିଥିଲେ।

## ସାହିତ୍ୟ ପରିଷଦର କାର୍ତ୍ତିକ ସାହିତ୍ୟ ଆସର

**ଜଗତସିଂହପୁର,୧୯।୧୦(ସମିସ):** ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ସ୍ଥାନୀୟ ଶ୍ରୀକୃଷ୍ଣ ଏକାଡେମୀ ପରିସରରେ କାର୍ତ୍ତିକ ସାହିତ୍ୟ ଆସର ସଭାପତି ତଥା ବିଶିଷ୍ଟ



କଥାଶିଳ୍ପୀ ଇଂ. ବିଷ୍ଣୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ରୂପେ ବିଶିଷ୍ଟ ସାହିତ୍ୟିକ ଡ. ଜ୍ୟୋତିର୍ମୟୀ ମହାନ୍ତି, କବି ଅଜୟ କୁମାର ବେହେରା ପ୍ରମୁଖ ଯୋଗଦେଇ ଶିଶୁ ସାହିତ୍ୟର ଉନ୍ମେଷ ଓ ବିକାଶ ଉପରେ ଆଲୋଚନା କରିଥିଲେ।

ସେହିପରି ନାଟ୍ୟକାର ଗଣେଶ ମହାନ୍ତି, ଗାଳ୍ପିକ ପୂର୍ଣ୍ଣ ମିଶ୍ର, କବି ବଂଶୀଧର ବେହେରା, ସୌଦାମିନୀ ରାଉତ ଓ ସ୍ନେହମଞ୍ଜରୀ ସ୍ୱାଇଁ ପ୍ରମୁଖ ଏଥିରେ ଯୋଗଦେଇ ସାହିତ୍ୟ ଆସରର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ପଞ୍ଚାନନ ପୋଲାଇ ଏକ ଲିଖିତ ସନ୍ଦର୍ଭ ପଠନ କରିଥିଲେ। ପରେ କବି ପୂର୍ଣ୍ଣାନନ୍ଦ ମହାନ୍ତିଙ୍କ ସଂଯୋଜନାରେ କବି ଗଣେଶ ମହାନ୍ତି, ଡା. କୈଳାସ ମଲ୍ଲିକ, ଡ. ବିଜୟ କୁମାର ବିଶ୍ୱାଳ, ପରୀକ୍ଷିତ ମହାନ୍ତି, ରବୀନ୍ଦ୍ର ନାଥ ବେହେରା, ଶେଷଦେବ ଛୋଟରାୟ, ରମେଶ ଚନ୍ଦ୍ର ବହିରା, ସନ୍ତୋଷ ଦାସ, ଶୁଭଲକ୍ଷ୍ମୀ ମହାପାତ୍ର, ଅଜୟ ବାରିକ, ନୀଳକଣ୍ଠ ମିଶ୍ର, ସବ୍ୟସାଚୀ ତ୍ରିପାଠୀ, ଜ୍ଞାନରଞ୍ଜନ ସ୍ୱାଇଁ, ଦେବତା ନିର୍ମାଲ୍ୟ ପ୍ରସାଦ ଷଡ଼ଙ୍ଗୀ, ସୁକାନ୍ତ କୁମାର ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସମ୍ପାଦକ ଉମାକାନ୍ତ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ କୋଷାଧ୍ୟକ୍ଷ ପୂର୍ଣ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୩୫ ଲିଟର ମଦ ଜବତ, ୨ ଗିରଫ

**ଜଗତସିଂହପୁର,୧୯।୧୦(ସମିସ):** ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ମାର୍କଣ୍ଡପୁରରେ ଚୋରାରେ ମଦ ବିକ୍ରି କରୁଥିବାବେଳେ ୨ ଜଣ ନିଶା ବେପାରୀ ପୁଲିସ ହାତରେ ଧରାପଡ଼ିଛନ୍ତି। ଗିରଫ ଦୁଇ ଅଭିଯୁକ୍ତ ହେଲେ ମାର୍କଣ୍ଡପୁର ଗ୍ରାମର ବିଶ୍ୱଜିତ୍ ବେହେରା ଓ ଗାଲୁପଡ଼ାର ରବୀନ୍ଦ୍ର କୁମାର ସାହୁ। ଉଭୟ ମାର୍କଣ୍ଡପୁରଠାରେ ଚୋରାମଦ ବ୍ୟବସାୟ କରୁଥିବା ସୂଚନା ପାଇବା ପରେ ସଦର ଥାନା ପୁଲିସ ସେଠାରେ ଚଢ଼ଉ କରିଥିଲା। ଏମାନଙ୍କ ନିକଟରୁ ୩୫ ଲିଟର ଆସ୍କାଫର୍ଟି ଜବତ ହୋଇଥିବା ଜଗତସିଂହପୁର ଥାନା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## ପୂର୍ବତନ ମନ୍ତ୍ରୀ ଲକ୍ଷ୍ମଣ ମଲ୍ଲିକଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ସଭା

# 'ଲକ୍ଷ୍ମଣଙ୍କ ବ୍ୟକ୍ତିତ୍ୱ ହିଁ ତାଙ୍କ ପରିଚୟ'



**ଜଗତସିଂହପୁର,୧୯।୧୦(ସମିସ):**

ଜଗତସିଂହପୁର ଜିଲ୍ଲାର ବର୍ଷିୟାନ୍ ରାଜନେତା, ପୂର୍ବତନ ମନ୍ତ୍ରୀ, ସାଂସଦ, ପ୍ରଥମ ଜିଲ୍ଲା ପରିଷଦ ସଭାପତି ଲକ୍ଷ୍ମଣ ମଲ୍ଲିକଙ୍କ ୧୧ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ସଭାପତି ବିପ୍ଳବ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଆଦିକବି ସାରଳା ଦାସ ସଂସ୍କୃତି ଭବନରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ବରିଷ୍ଠ ସାମ୍ବାଦିକ ରବି ଦାସ ଯୋଗଦେଇ ଲକ୍ଷ୍ମଣ ମଲ୍ଲିକଙ୍କ ବ୍ୟକ୍ତିତ୍ୱ ହିଁ ତାଙ୍କ ପରିଚୟ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ବକ୍ତା ଭାବେ ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ ଯୋଗଦେଇ ସ୍ୱର୍ଗତ ମଲ୍ଲିକଙ୍କ କାର୍ଯ୍ୟଦକ୍ଷତା ଓ ଜଣେ ରାଜନେତା ଭାବେ ପ୍ରତିଷ୍ଠା ଅର୍ଜନ କରି ସେ ଯେପରି ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲେ, ଆଜିର ସମୟରେ ଏପରି ରାଜନୈତିକ ବ୍ୟକ୍ତି ମିଳିବା କଷ୍ଟକର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭାପତି ନଟବର ବାରିକ ଯୋଗଦେଇ ମାନବ ସେବା ହିଁ ମାଧବ ସେବା ଏହାହିଁ ଥିଲା ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଜୀବନର ମୂଳମନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟ ଅତିଥି ଭାବେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ ନଳିନୀ ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ଶିକ୍ଷାବିତ୍ ନିକୁଞ୍ଜ ବେହେରା, ପ୍ରଶାନ୍ତ ମଲ୍ଲିକ, ମାନସ ରଥ, ବେଦଦ୍ୟୁତ ପୃଷ୍ଟି, ଅଶୋକ ଜେନା, ସୁଦର୍ଶନ ବେହେରା, ସର୍ବେଶ୍ୱର ପଣ୍ଡା, ଲକ୍ଷ୍ମୀନାରାୟଣ ସାମନ୍ତରାୟ, ଅଦ୍ୱୈତ ଜେନା, ପ୍ରିୟମ୍ବଦା ପାଣି, ଜ୍ଞାନରଞ୍ଜନ ପୃଷ୍ଟି ପ୍ରମୁଖ ଯୋଗଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ଏ ଅବସରରେ ଲକ୍ଷ୍ମଣ ମଲ୍ଲିକ ସ୍ମୃତି କମିଟି ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ଅକ୍ଷୟ ଦାସ, ନାରୀନେତ୍ରୀ ସୁଚିତ୍ରା ବେହୁରା, ଭରତ ସାହୁ, ବରିଷ୍ଠ ରାଜନେତା ବୈଷ୍ଣବ ନାୟକ, ଗୁଣନିଧି ତ୍ରିପାଠୀ, କାଳନ୍ଦୀ ଦାସଙ୍କୁ ଲକ୍ଷ୍ମଣ ମଲ୍ଲିକ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ମୃତି କମିଟି ଉପସଭାପତି ଅଭୟ ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କମିଟି ସମ୍ପାଦିକା ପ୍ରତିମା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାତଃ ସମୟରେ କଲେଜ ଛକ ଗଣେଶ ମନ୍ଦିର ନିକଟରେ ତିଳୋତର୍ପଣ କରାଯାଇଥିଲା। ଶ୍ରଦ୍ଧାଞ୍ଜଳି ସଭା ପ୍ରାରମ୍ଭରେ ପୂର୍ବତନ ବିଧାୟକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମଲ୍ଲିକ ଓ ସ୍ୱର୍ଗତ ଲକ୍ଷ୍ମଣ ମଲ୍ଲିକଙ୍କ ଧର୍ମପତ୍ନୀ ହାରାମଣି ମଲ୍ଲିକଙ୍କ ବିୟୋଗରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦେବୀପ୍ରସାଦ ଚୌଧୁରୀ, ପ୍ରସନ୍ନ ସାମନ୍ତରାୟ, ପ୍ରଶାନ୍ତ ମହାପାତ୍ର, ରାଜକିଶୋର ଗୋଚ୍ଛାୟତ, କେଦାର ବିଶ୍ୱାଳ, ଭାଗ୍ୟଧର ସ୍ୱାଇଁ, ମିନୁ ଚୌଧୁରୀ, ରବି ଦାସ, ସୌମ୍ୟରଞ୍ଜନ ମହାନ୍ତି, ସୌମ୍ୟରଞ୍ଜନ ରାଉତ, ରୂପଶ୍ରୀ ରାଗିଣୀ ଦାସ, ଜଗଦାନନ୍ଦ ବେହେରା, ସମୀର ଖୁଣ୍ଟିଆ, ପ୍ରାଣକୃଷ୍ଣ ପଶାୟତ, ଅବନୀକାନ୍ତ ମହାରଣା, ଶରତ ତ୍ରିପାଠୀ, ବିଶ୍ୱଜିତ ପୋଥାଳ, ଇମତିୟାଜ ଅହମ୍ମଦ ଖାଁ, ସେଖ୍ ହେଦାୟତ ଅଲ୍ଲୀ ପ୍ରମୁଖ ଯୋଗଦେଇ ଲକ୍ଷ୍ମଣ ମଲ୍ଲିକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଆଲୋକର ମହାପର୍ବ ଦୀପାବଳି

# ଦୀପର ଚାହିଦା କମୁଛି, ପ୍ରଭାବିତ କରୁଛି ଚାଇନା ଲାଇଟ୍




ନିଆଳି,୧୯।୧୦(ସମିସ):

ଆଜି ପାଳନ ହେଉଛି ଆଲୋକର ମହାପର୍ବ ଦୀପାବଳି। ବଜାରରେ ଚାଇନା ଲାଇଟ୍‌ର ବହୁଳ ବ୍ୟବହାର ଯୋଗୁଁ ଏହା ଦୀପ ବେପାରକୁ ପ୍ରଭାବିତ କରୁଥିବା ଦେଖିବାକୁ ମିଳିଛି। ଫଳରେ ଧିରେ ଧିରେ ଦୀପର ଚାହିଦା କମୁଥିବାରୁ ବଜାରରେ ଦୀପ ବେପାର ମାନ୍ଦା। ଫଳରେ ଦୀପ ତିଆରି କାରିଗର ଓ ବେପାରୀଙ୍କ ମନରେ ଖୁସି ନାହିଁ। ପୂର୍ବରୁ ନିଆଳି ଅଞ୍ଚଳର ବିଭିନ୍ନ ସ୍ଥାନରେ ଥିବା କୁମ୍ଭକାରମାନେ ବର୍ଷତମାମ୍ ଦୀପ ତିଆରି କରୁଥିବା ବେଳେ ଦୀପାବଳିକୁ ଏହି ଦୀପ ବିକ୍ରି କରି ଭଲ ଦି ପଇସା ରୋଜଗାର କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ମାତ୍ର କିଛି ବର୍ଷ ଧରି ବଜାରରେ ବହୁଳ ମାତ୍ରାରେ ଚାଇନା ପ୍ରସ୍ତୁତ ବିଦ୍ୟୁତ୍ ଆଲୋକବତୀ ଓ ମହମବତୀ ବ୍ୟବହାର ଯୋଗୁଁ ଦୀପ ବେପାର ଏକ ପ୍ରକାର ପ୍ରଭାବିତ ହୋଇଛି। ନିଆଳି ବଜାରରେ ବିଭିନ୍ନ ସ୍ଥାନରେ ଚାଇନା ବିଦ୍ୟୁତ୍ ଆଲୋକବତୀ ଓ ମହମବତୀ ବିକ୍ରି ହେଉଥିବା ବେଳେ ସ୍ଥାନୀୟ କେତେକ ଅଞ୍ଚଳର କୁମ୍ଭକାର ସେମାନଙ୍କର ଦୀପ ବିକ୍ରି ପାଇଁ ପସରା ମେଲାଉଥିଲେ ମଧ୍ୟ ସେତେ ଭଲ ବେପାର ହେଉ ନ ଥିବା ଦେଖିବାକୁ ମିଳିଛି। ଫଳରେ ଆଗାମୀ ଦିନରେ କୁମ୍ଭକାରମାନେ ଆଉ ଦୀପ ତିଆରି ନ କରିବାର ଅବସ୍ଥା ସୃଷ୍ଟି ହୋଇଛି। ଏମିତିକି କୁମ୍ଭକାରମାନେ ସେମାନଙ୍କର କୌଳିକ ବୃତ୍ତି ହରାଇବେ ବୋଲି ଆଲୋଚନା ହେଉଛି। ଅନ୍ୟ ପକ୍ଷରେ ଚାଇନାରୁ ଆସୁଥିବା ବିଦ୍ୟୁତ୍ ଆଲୋକବତୀ ଉପରେ ଅଙ୍କୁଶ ଲଗାଯିବା ସହ କୁମ୍ଭକାର ପରିବାରକୁ ପ୍ରୋତ୍ସାହନ ଦେଇ ସେମାନଙ୍କ ତିଆରି ଦୀପକୁ ବଜାରରେ ବିକ୍ରି କରିବା ପାଇଁ ବହୁ କୁମ୍ଭକାର ଦାବି କରିଛନ୍ତି।

# ବିଜେଡିର ଜନସମ୍ପର୍କ ପଦଯାତ୍ରା



ଆଠଗଡ,୧୯।୧୦(ସମିସ): ଆଠଗଡ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଆଠଗଡ ବ୍ଲକ ୨ନଂ ଜିଲ୍ଲା ପରିଷଦ ଜୋନରେ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଠଗଡ ବିଜେଡି ସଭାପତି ରବିନ୍ଦ୍ର ନାଥ ରାଉତଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଠଗଡ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଦଳୀୟ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରା ଖୁଣ୍ଟୁଣୀ ଯାତ୍ରା ପଡିଆରୁ ଆରମ୍ଭ ହୋଇ ଖୁଣ୍ଟୁଣୀ, ରମ୍ଭେଇ, ରାଧାଦାମୋଦରପୁର, ରାଧାକିଶୋରପୁର, ବେଲଦା ଗ୍ରାମ ଦେଇ ଖମାର ନୂଆଗାଁଠାରେ ଶେଷ ହୋଇଥିଲା। ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ପରିଚାଳିତ ଏହି କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ପୁରୁଷ ଏକତ୍ରିତ ହୋଇ ବିଶାଳ ଶୋଭାଯାତ୍ରାରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଆଠଗଡ ୧ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ତଥା ଆଠଗଡ ବ୍ଲକ ମହିଳା ବିଜେଡି ସଭାନେତ୍ରୀ ଶାନ୍ତିଲତା ବେହେରା, ରାଜ୍ୟ ମହିଳା ବିଜେଡି ସମ୍ପାଦିକା ମିତାଲି ରାଉତ, ବାସନ୍ତୀ ରାଉଳ, ୨ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା ମିନତୀ ଗାଗରାଇ, ବିଧାୟକଙ୍କ ପ୍ରତିନିଧି ରଞ୍ଜନ ଆଚାର୍ଯ୍ୟ, ଯୁବ ବିଜେଡି ସଭାପତି ବିନୋଦ ମାଝି, ଛାତ୍ର ବିଜେଡି ସଭାପତି ସତ୍ୟପ୍ରିୟ ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ବଳଭଦ୍ର ବାଘ, ଯୁବନେତା ସରପଞ୍ଚ ଅଜିତ ଦାସ, ଜ୍ଞାନ ରଞ୍ଜନ ଦାଶ, ଶକ୍ତିକାନ୍ତ ସାହୁ, କୈଳାସ ଦାସ, ବିପିନ ବିହାରୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ୍ତ ଦାସ ଧନ୍ୟବାଦ ଦେଇଥିଲେ।

## ତୃତୀୟ ନେତ୍ର ପୁସ୍ତକ ଉନ୍ମୋଚିତ



କଟକ,୧୯।୧୦(ସମିସ): 'ପ୍ରାଚୀ' ସାହିତ୍ୟ ସମାଜ ଓ ସାହିତ୍ୟ ସଂସଦର ସାହିତ୍ୟ ସଭା, କବିତା ପାଠ ଓ ପୁସ୍ତକ ଉନ୍ମୋଚନ ସ୍ଥାନୀୟ କଟକର ଟାଉନ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଫେସର ମନ୍ଦାକିନୀ ଦାସ ସଭାପତିତ୍ୱ କରି ତୃତୀୟ ନେତ୍ର ପୁସ୍ତକ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଫେସର ଡ. ବୈଷ୍ଣବ ଚରଣ ସାମଲ, ମୁଖ୍ୟବକ୍ତା ଭାବେ ପ୍ରଫେସର ଡଃ ନଟବର ଶତପଥୀ, ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଡଃ ବାବାଜୀ ପଟ୍ଟନାୟକ ଓ ସମ୍ମାନୀୟ ଅତିଥି ଭାବେ ପ୍ରଫେସର ଡ. ସଚ୍ଚିନ୍ଦ୍ର ରାଉଳ, ପ୍ରାଧ୍ୟାପକ ଡ. ବିଦ୍ୟା ଭୂଷଣ ମହାନ୍ତି ଯୋଗଦାନ କରିଥିଲେ। ଏହି ସଭାରେ ପ୍ରଫେସର ଡ ନରୋତ୍ତମ ଗାଣଙ୍କ ତୃତୀୟ ନେତ୍ର ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ସଭାରେ ପ୍ରଫେସର ଡ. ଲବଙ୍ଗଲତା ବିଶୋଇଙ୍କୁ ପ୍ରାଚୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଭା ଆରମ୍ଭରେ ଅଜିତ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଓ ଡ. ଓଁକାର ରାଉତ ଧନ୍ୟବାଦ ଦେଇଥିଲେ। କବିତା ପାଠୋତ୍ସବରେ ଡ. ବସନ୍ତ କୁମାରୀ ନନ୍ଦ ସଂଯୋଜନା କରିଥିଲେ।

## ଦେଓଝରରେ ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା

ନରସିଂହପୁର,୧୯।୧୦(ସମିସ): ନରସିଂହପୁର ବ୍ଲକ ଅଧୀନ ଚମ୍ପେଶ୍ୱରସ୍ଥିତ ପଦ୍ମନାଭ ମେମୋରିଆଲ ପବ୍ଲିକ ସ୍କୁଲ ପରିସରରେ ଦେଓଝର ସାହିତ୍ୟ ଆସର ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଫେସର କୁଳମଣି ବାରିକ ଉଦଘାଟକ, ସମାଜସେବୀ ପ୍ରଦୀପ



ପଟ୍ଟନାୟକ ମୁଖ୍ୟଅତିଥି, ସମାଜସେବୀ ଶକ୍ତିପ୍ରସାଦ ମିଶ୍ର ମୁଖ୍ୟବକ୍ତା, ଅତିଥିଭାବେ କବି ଦୁର୍ଯ୍ୟୋଧନ ବରାଳ, ରବିନାରାୟଣ ମଙ୍ଗରାଜ, ପ୍ରଫେସର ମନୋଜ ମହାପାତ୍ର, ଅଧ୍ୟାପିକା କୃଷ୍ଣପ୍ରିୟା ବେହେରା, କବି ପ୍ରଭାତୀ ମହାପାତ୍ର ପଣ୍ଡା, କରୁଣାକର ଶତ୍ରୁସଲ, ସୁଦାମ ସୁଲେମାନ ଗୋଛି, ଶ୍ରୀନିବାସ ପ୍ରଧାନ, ଧନେଶ୍ୱର ସ୍ୱାଇଁ, ଅକ୍ଷୟ ସାମଲ, ଇଞ୍ଜିନିଅର ରାମ ସେବକ ବରାଳ, ପ୍ରିନ୍ସିପାଲ ମଧୁସ୍ମିତା ବରାଳ, ଜଗଦୀଶ ସାହୁ, କଳିଙ୍ଗ କେଶରୀ ପ୍ରଧାନ, ଜ୍ଞାନରଞ୍ଜନ ଦାସ, ତପନ ବେହେରା, ପରେଶ ପ୍ରସାଦ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ଧଳ, କଳ୍ପନା ରାଉତ, ସବିତା ମହାନ୍ତି, ଜ୍ୟୋତିର୍ମୟୀ ପଣ୍ଡା, ବୀଣାପାଣି ଜେନା, ନିରଞ୍ଜନ ମହାପାତ୍ର, ସହଦେବ ମଲିକ, ଶ୍ରୀଧର ବାରିକ ପ୍ରମୁଖ ୬୦ ଜଣ କବି କବିତା ପଠନ କରିଥିଲେ।

# କଟକ ଜିଲ୍ଲାସ୍ତରୀୟ ପୋଷଣ ମାସ



କଟକ,୧୯।୧୦(ସମିସ): ଜିଲ୍ଲାସ୍ତରୀୟ ପୋଷଣ ମାସ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଆଜିର ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଡ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର ମା' ଓ ଶିଶୁଙ୍କ ଉତ୍ତମ ପୋଷଣ ଖାଦ୍ୟ ଏବଂ ପିଲାମାନଙ୍କୁ ଶିକ୍ଷା ପ୍ରଦାନ କ୍ଷେତ୍ରରେ ନିଜର ମତ ପ୍ରକାଶ କରିବା ସହ ଠିକ୍ ସମୟରେ ଉଚିତ ପରିମାଣର ଖାଦ୍ୟ ଖାଇବା, ଯେତେ ସମ୍ଭବ ବାହାର ଖାଦ୍ୟଠାରୁ ଦୂରେଇ ରହିବା, ସ୍ୱଦେଶୀ ଖାଦ୍ୟ, ମାଣ୍ଡିଆଯୁକ୍ତ ଖାଦ୍ୟ, ସବୁଜ ପନିପରିବା ଆଦି ଖାଇବା ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ରଶ୍ମିତା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ସମାରୋହରେ ରମାଦେବୀ ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ତପତି ଦାସ, ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ବବିତା ଜେନା, ଜିଲ୍ଲା ପୋଷଣ ସଂଯୋଜକ ଶ୍ରୀକାନ୍ତ ଜେନା ପ୍ରମୁଖ ଉପସ୍ଥିତ ରହି ମା' ପାଇଁ ଗଛଟିଏ ଲଗେଇବା ପାଇଁ ଆହ୍ୱାନ ଦେଇଥିଲେ। ଜିଲ୍ଲାସ୍ତରୀୟ ପୋଷଣ ମାସ ପାଳନ ନିମନ୍ତେ ପୂର୍ବାହ୍ନ ୯ ଘଟିକା ୩୦ ମିନିଟ ସମୟରେ ଲୋକଙ୍କ ସଚେତନତା ପାଇଁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିଥିଲା। ମାଣ୍ଡିଆରେ ତିଆରି ବିଭିନ୍ନ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶିତ କରାଯାଇଥିଲା। ପୋଷଣ ମାସର କାର୍ଯ୍ୟକ୍ରମ ଉପରେ ବିଭିନ୍ନ ସ୍କୁଲ୍ ଓ କାଲେଜ୍‌ର ଛାତ୍ରଛାତ୍ରୀଙ୍କ ମଧ୍ୟରେ ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଥିଲା ଓ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲ୍ଲାର ସମସ୍ତ ଗୋଷ୍ଠୀ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟାଳୟରୁ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମଣ୍ଡଳ ପରିଦର୍ଶିକା, ବ୍ଲକ ପୋଷଣ ସଂଯୋଜକ ଓ ଅଙ୍ଗନୱାଡ଼ି କର୍ମୀ ଯୋଗ ଦେଇଥିଲେ। ଜିଲ୍ଲା କାର୍ଯ୍ୟକାରୀ ଅଧିକାରୀ ସ୍ୱର୍ଣ୍ଣମୟୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ପ୍ରାଥମିକ ଉପଚାର କାର୍ଯ୍ୟକ୍ରମ



କଟକ,୧୯।୧୦(ସମିସ): ଷ୍ଟୁଆର୍ଟ ବିଜ୍ଞାନ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କର ଏକ ଦିବସୀୟ ପ୍ରାଥମିକ ଉପଚାର କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଦୀପା ନାଗଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟଅତିଥି ତଥା ଫାଷ୍ଟ ଏଡ୍ ରିସୋର୍ସ ପର୍ସନ ଭାବେ ଲକ୍ଷ୍ମଣ ସ୍ୱାଇଁ (ନ୍ୟାସନାଲ ଲେଭେଲ ଫାଷ୍ଟ ଏଡ୍ ମାଷ୍ଟର ଟ୍ରେନର) ଭାରତୀୟ ରେଡକ୍ରସ ସୋସାଇଟି, ଓଡ଼ିଶା ରାଜ୍ୟ ଶାଖା ଯୋଗଦେଇଥିଲା। ଡ. ଅବନୀ କୁମାର ସାହୁ, ରସାୟନବିଜ୍ଞାନ ମୁଖ୍ୟ ଯୋଗଦେଇ ପ୍ରାଥମିକ ଉପଚାରର ମହତ୍ତ୍ୱ ସମ୍ବନ୍ଧରେ ସ୍ୱେଚ୍ଛାସେବୀଙ୍କୁ ପ୍ରାବଧାନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଡ. ସସ୍ମିତା ପଟ୍ଟନାୟକ ଓ ଡ. ସ୍ମିତା ମହାନ୍ତି, ଯୁବ ରେଡକ୍ରସ୍ ପରାମର୍ଶଦାତା କାର୍ଯ୍ୟକ୍ରମକୁ ସୁପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ୱେଚ୍ଛାସେବୀ କିପରି ଦୁର୍ଘଟଣାଗ୍ରସ୍ତ ଲୋକଙ୍କୁ ସହାୟତା କରିପାରିବେ, ସେ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ରିକୋଭରୀ, ସିପିଆର୍, ଚୋକିଂ, ଡ୍ରାଉନିଂ, ବର୍ଣ୍ଣ, ସୋଫିକେସନ, ବ୍ଲିଡିଂ, ହାର୍ଟ ଆଟାକ୍, ଫ୍ରାକ୍‌ଚର, ଷ୍ଟ୍ରୋକ, ଆନିମଲ ବାଇଟ ଇତ୍ୟାଦି ସଂପର୍କରେ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ରଜତୀ ରାଉତ ପ୍ରମୁଖ ଯୋଗଦେଇଥିଲେ।

# ଆର୍‌ଏସ୍‌ଏସ୍‌ର ଏକ ଶହ ବର୍ଷ ଶୀର୍ଷକ ସେମିନାର

କଟକ,୧୯।୧୦(ସମିସ): ଏକ ବୈଭବଶାଳୀ ରାଷ୍ଟ୍ର ନିର୍ମାଣ ଲକ୍ଷ୍ୟ ନେଇ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ବହୁ ଘାତପ୍ରତିଘାତ ମଧ୍ୟରେ ଶହେବର୍ଷ ଧରି କାର୍ଯ୍ୟ କରିଚାଲିଛି ବୋଲି ସଂଘର ବରିଷ୍ଠ ପ୍ରଚାରକ ତଥା ସମ୍ପର୍କ ବିଭାଗର ପୂର୍ବକ୍ଷେତ୍ର ପ୍ରମୁଖ ବିଦ୍ୟୁତ୍ ମୁଖାର୍ଜୀ କହିଛନ୍ତି। ଶନିବାର ପୂର୍ବାହ୍ନରେ ସ୍ଥାନୀୟ ଗ୍ରାଣ୍ଡ ରେସିଡେନ୍ସିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଆର୍‌ଏସ୍‌ଏସ୍ - ଏକଶହ ବର୍ଷ' ଶୀର୍ଷକ ସେମିନାରରେ ଯୋଗଦେଇ ଶ୍ରୀ ମୁଖାର୍ଜୀ କହିଲେ ଯେ, ଭାରତୀୟ ପରିବାର ବ୍ୟବସ୍ଥା ସାରା ବିଶ୍ୱରେ ଅନନ୍ୟ ଏବଂ ଆମକୁ ଏହି ବ୍ୟବସ୍ଥାକୁ ବଜାୟ ରଖିବାକୁ ହେବ। ରୋଟାରୀ କ୍ଲବ ଅଫ୍ କଟକ ମିଲେନିୟମର ପୂର୍ବତନ ସଭାପତି ଡକ୍ଟର ଅନଙ୍ଗ ମୋହନ ଦ୍ୱିବେଦୀ ଓ ରୋଟାରୀ ଜିଲ୍ଲା ୩୨୬୨ର ପୂର୍ବତନ ପ୍ରାନ୍ତପାଳ ଅଶୋକ ବିହାରୀ ମହାପାତ୍ରଙ୍କ ଯୁଗ୍ମ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଂଘର ପୂର୍ବପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଡକ୍ଟର ନାରାୟଣ ମହାନ୍ତି ସ୍ୱାଗତ ଭାଷଣ ଦେଲାପରେ ଆଡ୍‌ଭୋକେଟ ସର୍ବେଶ୍ୱର ବେହେରା ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଶ୍ରୀ ମହାନ୍ତି କାମ ଓ କ୍ରୋଧକୁ ପରିହାର କରି ରାଷ୍ଟ୍ର ପ୍ରତି ଆମର କର୍ତ୍ତବ୍ୟ ପାଳନ କରିବା ପାଇଁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ରୋଟାରୀ ଜିଲ୍ଲାର ପୂର୍ବତନ ପ୍ରାନ୍ତପାଳ ଦେବାଶିଷ ମିଶ୍ର ଓ ଶାନ୍ତନୁ କୁମାର ପାଣିଙ୍କ ସମେତ ଅନେକ ରୋଟାରୀଆନ୍ ଓ ବୁଦ୍ଧିଜୀବୀ ଯୋଗଦେଇଥିଲେ। ଶେଷରେ ସଂଘର କଟକ ବିଭାଗ ସହ ସଂଘଚାଳକ କିଶୋର କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।




## ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନାଚକ୍ର

କଟକ,୧୯।୧୦(ସମିସ): ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପିଲାମାନଙ୍କର ବ୍ୟକ୍ତିତ୍ୱର ବିକାଶରେ ଇଶ୍ୱରୀୟ ପ୍ରଭାବ ଶୀର୍ଷକ ଏକ ଆଲୋଚନାଚକ୍ର ଅଧ୍ୟକ୍ଷା ଡ. ସ୍ନେହଲତା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ମୋବାଇଲ ଠାରୁ କିଛି ସମୟ ଦୂରେଇ ରହି ଇଶ୍ୱରଙ୍କ ନାମ ନେଲେ ହିଁ ସବୁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଅଧ୍ୟକ୍ଷା ଡ. ମିଶ୍ର ପିଲାମାନଙ୍କୁ ବୁଝାଇଥିଲେ। ଏହି ଅବସରରେ ବିଖ୍ୟାତ ସ୍ନାୟୁରୋଗ ବିଶେଷଜ୍ଞ ଡା. ଗୀତା ମହାନ୍ତି, ପ୍ରାଧ୍ୟାପିକା ଡ. ଗୀତା ମହାପାତ୍ର, ଶିବାନନ୍ଦ ଟ୍ରଷ୍ଟର ସଭ୍ୟ ନୃସିଂହ ଦାଶ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ସତସଙ୍ଗ ଓ ନାମ ସଂକୀର୍ତ୍ତନ ଦ୍ୱାରା ହିଁ ସବୁ କଷ୍ଟରୁ ମୁକୁଳି ପାରିବ ବୋଲି ପିଲାମାନଙ୍କୁ ବୁଝାଇଥିଲେ। ଏନଏସଏସ ପ୍ରୋଗ୍ରାମ ଅଫିସର ଡ. ସଞ୍ଜୟ ରାଉତ୍ ଧନ୍ୟବାଦ ଦେଇଥିଲେ। ଆଲୋଚନାଚକ୍ରରେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ଇପିଏଫ୍ ପେନ୍‌ସନ୍ ସଂଘର ରାଜ୍ୟ କମିଟି ବୈଠକ




କଟକ,୧୯।୧୦(ସମିସ): ଅଲ ଓଡିଶା ଇପିଏଫ ପେନସନର୍ସ ଆସୋସିଏସନର ରାଜ୍ୟ କମିଟି ଏବଂ କଟକ ଆଞ୍ଚଳିକ କମିଟି କର୍ମକର୍ତ୍ତାଙ୍କ ଏକ ମିଳିତ ବୈଠକ ଗତ କାଲି କଟକ ଖାନନଗର ସ୍ଥିତ କାଳୀ ଭବନରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ କମିଟିର ସଭାପତି ଇଓ ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦ୍ରପଡା, ପୁରୀ, ଖୋର୍ଦ୍ଧା ଓ କଟକ ଜିଲ୍ଲାର କର୍ମକର୍ତ୍ତାମାନେ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ତଥା ସର୍ବ ଭାରତୀୟ ଉପସଭାପତି ଭାଗ୍ୟଧର ବ୍ରହ୍ମା ଉଦବୋଧନ ଦେଇ ସାରା ଦେଶର ୮୫ ଲକ୍ଷ ଇପିଏଫ ପେନସନଭୋଗୀ ପରିବାର ଦୀର୍ଘ ବର୍ଷ ଧରି ସାମ୍ନା କରୁଥିବା ସମସ୍ୟା ଯଥା ସର୍ବନିମ୍ନ ପେନସନ ବୃଦ୍ଧି ଏବଂ ନିଶୁଳ୍କ ଚିକିତ୍ସା ସୁବିଧା ଯୋଗାଇଦେବାରେ କେନ୍ଦ୍ର ସରକାରଙ୍କ ଚରମ ଅବହେଳାକୁ ଘୋର ନିନ୍ଦା କରିଥିଲେ। ସର୍ବନିମ୍ନ ପେନସନ ୯ ହଜାର ଟଙ୍କାକୁ ବୃଦ୍ଧି କରିବା ସହ ନିଶୁଳ୍କ ଚିକିତ୍ସା ସୁବିଧା ତୁରନ୍ତ ଯୋଗାଇଦେବା ଲାଗି ଆସନ୍ତା ନଭେମ୍ବର ୧୬ ତାରିଖରେ ରାଜଭବନ ଆଗରେ ଧାରଣା ଦେବା ସହ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଜ୍ୟପାଳଙ୍କ ଜରିଆରେ ଦାବିପତ୍ର ଦେବା ଲାଗି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଗଲା। ଏହିଭଳି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ସଠିକ ଭାବେ ପାଳନ କରି ବର୍ଦ୍ଧିତ ପେନସନ ଦେବା ଲାଗି ଇପିଏଫ କର୍ତ୍ତୃପକ୍ଷଙ୍କ ଅହେତୁକ ବିଳମ୍ବ ବାବଦରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଆବଶ୍ୟକ ସ୍ଥଳେ ଆଇନର ଆଶ୍ରୟ ନେବା ଲାଗି ନିଷ୍ପତ୍ତି ନିଆଗଲା। ଆସନ୍ତା ନଭେମ୍ବର ୩ ତାରିଖରେ ଆସୋସିଏସନର ୮ମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ସ୍ଥିତ ଲୋହିଆ ଏକାଡେମୀରେ ପାଳନ କରିବା ଲାଗି ନିଷ୍ପତ୍ତି ହେବା ସହ ପ୍ରତ୍ୟେକ ଜିଲ୍ଲାରୁ ବହୁ ସଂଖ୍ୟାରେ ପ୍ରତିନିଧିମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ସ୍ଥିର ହେଲା। ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଝୁଣ୍ଟିଆ ଉପସ୍ଥିତ କର୍ମକର୍ତ୍ତାଙ୍କୁ ସମ୍ବୋଧିତ କରିବା ସହ ଧନ୍ୟବାଦ ଦେଇଥିଲେ।

## ବାବୁଜଙ୍ଗ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ

ନିଶ୍ଚିନ୍ତକୋଇଲି,୧୯।୧୦(ସମିସ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବାବୁଜଙ୍ଗ ପଞ୍ଚାୟତ ସାଧୁଚରଣ ଉଚ୍ଚ ସରକାରୀ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ହିମାଂଶୁ ଶେଖର ସିଂଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ୧୦ଟି ବିଦ୍ୟାଳୟର ୧୧୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ସେମାନଙ୍କର ଲୁକାୟିତ ପ୍ରତିଭାକୁ ପରିପ୍ରକାଶ କରିଥିଲେ। ଏହି ପ୍ରତିଯୋଗୀଙ୍କ ମଧ୍ୟରୁ ୧୮ ଜଣ କୃତୀ ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମନୋନୀତ କରାଯାଇଥିଲା। ଏହାର ପୁରସ୍କାର ବିତରଣୀ ଉତ୍ସବରେ ସିଆରସିସି ଶ୍ରୀ ସିଂଙ୍କ ପୌରହିତ୍ୟରେ ମୁଖ୍ୟଅତିଥି ଭାବେ ସରପଞ୍ଚ ମିଲନ ଭୂୟାଁ, ସମ୍ମାନିତ ଅତିଥି ଭାବେ ପ୍ରଧାନଶିକ୍ଷକ ନିରୂପମା ମିଶ୍ର, ପ୍ରାକ୍ତନ ସିଆରସିସି ଧନେଶ୍ୱର ସାହୁ, ମିର୍ ଆଦିଲ ଅଲ୍ଲୀ, ଲକ୍ଷ୍ମୀନାରାୟଣ ସାହୁ, ସୋନାଲିକା ସାହୁ, ବିଜୟ ବରାଳ, ବନପ୍ରଭା ବେହେରା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ବଣ୍ଟନ କରିଥିଲେ।




## କରଞ୍ଜିରେ ପ୍ରାଣୀ ଚିକିତ୍ସା ଶିବିର

ଟାଙ୍ଗୀ,୧୯।୧୦(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ କରଞ୍ଜି ଗ୍ରାମରେ ଓଡ଼ିଶା ଲାଇଫ୍ ଷ୍ଟକ ଡେଭଲପମେଣ୍ଟ ସୋସାଇଟି କଟକ ଚାପ୍ଟର ଓ ବିଶ୍ୱନାହାକାଣୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଇକୋ କ୍ଲବ୍ ଓ ଯୁବ ରେଡକ୍ରସର ମିଳିତ ଆନୁକୂଲ୍ୟରେ ପ୍ରାଣୀ ଚିକିତ୍ସା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପଶୁ ଚିକିତ୍ସକ ଡ଼ ପ୍ରଦୀପ ଦାସ, ଡ଼ କେଶବ ଚନ୍ଦ୍ର ଦାସ, ଡ଼ କେଶବଚନ୍ଦ୍ର ଦାସ, ଡ଼ ବିଚିତ୍ରାନନ୍ଦ ସାହୁ, ଡ଼ ପ୍ରଭାତ ସାହୁ, ଡ଼ ବିନୋଦ ନାୟକ, ଡ଼ ବିରକିଶୋର ପରିଡ଼ା ଓ ଟାଙ୍ଗୀ ଭିଏସ ଡ଼ ପ୍ରଦୀପ୍ତ ରଥ ପ୍ରମୁଖ ୬୯୦ ଗାଈ, ବାଛୁରି, ଛେଳି, ମେଣ୍ଢା, ମଇଁଷି ଓ ପକ୍ଷୀଙ୍କ ଚିକିତ୍ସା କରାଯାଇ ମାଗଣାରେ ଔଷଧ ଓ ହାତୀଆ ଘାସ ଚାରା ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରରେ ସ୍ଥାନୀୟ ସରପଞ୍ଚ ମହେଶ୍ୱର ମହାନ୍ତ, ସମିତି ସଭ୍ୟ ଅଜିତ ନାୟକ ଓ ଗାଁ ମୁଖିଆ ପ୍ରମୁଖ ଉପସ୍ଥିତ ଥିଲେ। ଏଲଆଇ ପ୍ରକାଶିନୀ, ଗୋମିତ୍ର, ଅଙ୍ଗନବାଡି, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।



# ବୋର୍ଡସ୍କୁଲ୍‌ରେ କ୍ୟାରିୟର କାଉନ୍‌ସେଲିଂ କର୍ମଶାଳା

କଟକ,୧୯।୧୦(ସମିସ):

ବୋର୍ଡସ୍କୁଲ୍‌ରେ କ୍ୟାରିୟର କାଉନସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶନିବାର ସେକେଣ୍ଡାରୀ ବୋଡର୍ ହାଇସ୍କୁଲ୍ ୧୯୮୬ ମାଟ୍ରିକ୍ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ତରଫରୁ ପ୍ରେରଣାଦାୟୀ କଥା ଓ କ୍ୟାରିଅର କାଉନସେଲିଂ ସିରିଜ୍‌ର ପ୍ରଥମ କର୍ମଶାଳା ଆନିମେସନ କ୍ଷେତ୍ରରେ କ୍ୟାରିୟର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ଅଶୋକ ଶତପଥୀଙ୍କ ଉପସ୍ଥିତିରେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଦୈତାରୀ ସାହୁ ମୁଖ୍ୟଅତିଥିଭାବେ ଏହି କର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ପଞ୍ଚସଖା ଶିକ୍ଷା ସେତୁ କମିଟି ସଭାପତି ପୁଣ୍ୟଶ୍ଳୋକ ଦାସ, ବିଦ୍ୟାଳୟ ପ୍ରାକ୍ତନ ଛାତ୍ରସଂସଦ ସମ୍ପାଦକ ସୁବ୍ରତ ମହାନ୍ତି ଓ ଉପସଭାପତି ଅମିୟ ରଞ୍ଜନ ମହାପାତ୍ର ସମ୍ମାନିତ ଅତିଥିଭାବେ ଏହି କର୍ମଶାଳାରେ ଯୋଗଦାନ କରିଥିଲେ। ବୋଡର୍ ହାଇସ୍କୁଲ୍ ୧୯୮୬ ଛାତ୍ର ତଥା ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ ଓ ଚିତ୍ର ଉପନ୍ୟାସକାର ରଣଜିତ୍ ମହାନ୍ତି ଆନିମେସନ କ୍ଷେତ୍ରରେ କ୍ୟାରିୟର ଗଠନ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେବା ସହ ନିଜ ସହଯୋଗୀଙ୍କ ସହାୟତାରେ ଆନିମେସନ ତିଆରିର ଜୀବନ୍ତ କୌଶଳ ପ୍ରଦର୍ଶନ କରିଥିଲେ। ଛାତ୍ରଛାତ୍ରୀମାନେ ଆନିମେସନ ପ୍ରସ୍ତୁତି କୌଶଳ ଦେଖିବା ସହ ନିଜେ ମଧ୍ୟ ଆନିମେସନ ପ୍ରସ୍ତୁତ କରି ଅତ୍ୟନ୍ତ ଉତ୍ସାହିତ ହୋଇଥିଲେ। ଭାରତ ତଥା ବିଶ୍ୱର କୋଣ ଅନୁକୋଣରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ୧୯୮୬ ବ୍ୟାଚ୍ ଛାତ୍ରଛାତ୍ରୀଙ୍କୁ ଯୋଡି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ନିମନ୍ତେ ପ୍ରତ୍ୟେକ ମାସରେ ଏହିପରି ଏକ କର୍ମଶାଳା ଆୟୋଜନ କରିବାକୁ ଲକ୍ଷ୍ୟ ରଖିଥିବା କଥା ଉକ୍ତ ବ୍ୟାଚ୍ ଛାତ୍ର ପାର୍ଥ ପ୍ରତିମ ପ୍ରକାଶ କରିଥିଲେ। ୧୯୮୬ ବ୍ୟାଚ୍ ଛାତ୍ରଛାତ୍ରୀ ଅଶୋକ ଦାସ, କୈଳାସ ଚନ୍ଦ୍ର ଶତପଥୀ, ସୁକାନ୍ତ ଶତପଥୀ, ଅନିନ୍ଦ୍ୟ ସାମଲ, ସୁବ୍ରତ ରାୟ ଚୌଧୁରୀ, ମାନସୀ ଧଳ, ମମତା ମହାନ୍ତି ଓ ପ୍ରାକ୍ତନ ଛାତ୍ର ରଶ୍ମିରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିବା ସହ ସମସ୍ତ ଆୟୋଜନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି ଦୈତ୍ୟାରୀ ସାହୁ ଓ ଚିତ୍ର ଉପନ୍ୟାସକାର ରଣଜିତ୍ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପୁଷ୍ପିତା ନାୟକ, ସୌଭାଗ୍ୟମଞ୍ଜରୀ ମହାପାତ୍ର, ପ୍ରମିଳା ଜେନା, ଗୌରାଙ୍ଗ ଚନ୍ଦ୍ର ଘଡ଼ାଇ, ମଦନମୋହନ ବେହେରା, ସ୍ମୃତିଲିପ୍ସା ସାହୁ, ସୁଚିସ୍ମିତା ରଥ, ସାଗରିକା ମହାନ୍ତି, କର୍ମଚାରୀ ପ୍ରଶାନ୍ତ ମହାନ୍ତି ଓ ଅମର ପ୍ରସାଦ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ।



# ଜିଲ୍ଲାରେ ୨୪ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ

**ସମ୍ବଲପୁର, ୧୯।୧୦(ସମିସ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ୪୭୧ଟି ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଏହା ସହ ଅନ୍ତ୍ୟୋଦୋୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟରେ ୪୮, ୭୯୩ ଜଣ ହିତାଧିକାରୀଙ୍କୁ ଗୃହ ନିର୍ମାଣ ଲାଗି ପ୍ରଥମ କିସ୍ତି ଅର୍ଥ ରାଶି (ନୂଆପଡ଼ା ଓ କଳାହାଣ୍ଡି ବ୍ୟତୀତ ଅନ୍ୟ ୨୮ ଟି ଜିଲ୍ଲାରେ) ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ମଧ୍ୟ ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲ୍ଲାରେ ସମସ୍ତ ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ସିଧା ସଳଖ ପ୍ରସାରଣ ହୋଇଥିଲା। ସୂଚନା ଅନୁଯାୟୀ ସମ୍ବଲପୁର ଜିଲ୍ଲାରେ ୨୪ଟି ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ବାମରା ବ୍ଲକର ବାବୁନିକ୍ତିମାଲ ପଞ୍ଚାୟତ, ଜୋରବଗା ପଞ୍ଚାୟତ, ମହୁଲପାଲି ପଞ୍ଚାୟତ, ଗଡ଼ପୋସ ପଞ୍ଚାୟତ, ଜମନକିରା ବ୍ଲକର ଜମନକିରା ପଞ୍ଚାୟତ, ଟିକ୍ଲିପଡ଼ା ପଞ୍ଚାୟତ, ରେଙ୍ଗାଲି ବ୍ଲକର ଖିଣ୍ଡା ପଞ୍ଚାୟତ, ଲଇଡ଼ା ପଞ୍ଚାୟତ, ଲପଙ୍ଗା ପଞ୍ଚାୟତ, ଧନକଉଡ଼ା ବ୍ଲକର ଶାସନ ପଞ୍ଚାୟତ, କଳାମାଟି ପଞ୍ଚାୟତ, ରେଢ଼ାଖୋଲ ବ୍ଲକର ବଡ଼ମାଲ ପଞ୍ଚାୟତ, ବନସାଜଲ୍ ପଞ୍ଚାୟତ, ନାକଟିଦେଉଳ ବ୍ଲକର ବାଲାମ ପଞ୍ଚାୟତ, ବାଟଗାଁ ପଞ୍ଚାୟତ, ଗିରିଶଚନ୍ଦ୍ରପୁର ପଞ୍ଚାୟତ, ଯୁଯୁମୁରା ବ୍ଲକର ବାହାମ ପଞ୍ଚାୟତ, ଗୋଡ଼ଲୋଇସିଂ ପଞ୍ଚାୟତ, କୁଚିଣ୍ଡା ବ୍ଲକର ଖଣ୍ଡୋକଟା ପଞ୍ଚାୟତ, ବାଙ୍କେ ପଞ୍ଚାୟତ, କୁନ୍ତରା ପଞ୍ଚାୟତ, କୁସୁମୀ ପଞ୍ଚାୟତ, ଟାଇଁସର ପଞ୍ଚାୟତରେ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ହୋଇଛି। ପ୍ରତ୍ୟେକ କାର୍ଯ୍ୟାଳୟର ୩୫ ଲକ୍ଷ ବ୍ୟୟ ଅଟକଳ ରହିଛି।



ଅନ୍ତ୍ୟୋଦୋୟ ଗୃହ ଯୋଜନା ଅଧୀନରେ ବାମରା ବ୍ଲକରେ ୧୩୦, ଧନକଉଡ଼ା ବ୍ଲକରେ ୭୪, ଜମନକିରା ବ୍ଲକର ୨୮୨, ଯୁଯୁମୁରା ବ୍ଲକର ୧୯୨, କୁଚିଣ୍ଡା ବ୍ଲକର ୧୫୯, ମାନେଶ୍ୱର ବ୍ଲକର ୧୨୪, ନାକଟିଦେଉଳ ବ୍ଲକର ୨୦୭, ରେଢ଼ାଖୋଲ ବ୍ଲକର ୨୭୭, ରେଙ୍ଗାଲି ବ୍ଲକର ୧୫୭ ଜନ ହିତାଧିକାରୀଙ୍କୁ ଗୃହ ନିର୍ମାଣ ନିମନ୍ତେ ପ୍ରଥମ କିସ୍ତି ଅର୍ଥ ୪୦ହଜାର ରାଶି ପ୍ରଦାନ କରାଯାଇଛି।

**ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ୍ କିସ୍ତି ପାଇଲେ ୧୫୯୨ ହିତାଧିକାରୀ**

ସଙ୍କୀର୍ତ୍ତନ କିଷାନ (କୁସୁମୀ ସରପଞ୍ଚ), ଆଭାସୀ ମାଧ୍ୟମରେ କୁଚିଣ୍ଡାରୁ ମୁଖ୍ୟମନ୍ତ୍ରୀଙ୍କ ସହିତ କଥା ହୋଇଥିଲେ। କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆଭାଷୀ ମାଧ୍ୟମରେ ଯୋଗ ଦେଇଥିଲେ।

## ସମ୍ବଲପୁରରେ ଧଳାଜହର ବେପାର

**ସମ୍ବଲପୁର, ୧୯।୧୦(ସମିସ):** ସମ୍ବଲପୁର ସହରରେ ବ୍ରାଉନସୁଗର ବେପାର ବଢ଼ିବାରେ ଲାଗିଛି। ପୁଲିସ ପକ୍ଷରୁ ଚଢଉ କରି ବିଭିନ୍ନ ସ୍ଥାନରୁ ଜବତ କରୁଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ କାରବାର ରୋକିବାରେ ବିଫଳ ସାଜିଛି। ଟାଉନ ଥାନା ପୁଲିସ ବ୍ରାଉନସୁଗର କାରବାରରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଧନୁପାଲି ଥାନା ମୋତିଝରଣର ମେହବୁବ ଆଲମ(୩୯) ଓ ଏମଡି ଇମରାନ ଅଲି(୩୨) ଏବଂ କ୍ଷେତରାଜପୁର ଥାନ ବଙ୍ଗାଳପଡ଼ାର ବିଷ୍ଣୁ ମଣ୍ଡେକର(୨୯)। ସେମାନଙ୍କ ନିକଟରୁ ୧୨.୫ ଗ୍ରାମ ଧଳା ଜହର, ୪ଟି ମୋବାଇଲ ଓ ୬ ହଜାର ଟଙ୍କା ଜବତ କରିଛି। ଫାଟକ ମାଳିପଡ଼ା ନିକଟରେ କାରବାର ହେଉଥିବା ନେଇ ପୁଲିସ ଖବର ପାଇ ଚଢଉ କରିଥିଲା। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲଣ କରିଛି। ସୂଚନା ଅନୁସାରେ ସହରରେ ଦିନକୁ ଦିନ କୋରେକ୍ସ ଓ ଧଳା ଜହର ବେପାର ବଢ଼ିବାରେ ଲାଗିଛି। ବିଶେଷ ଭାବେ କୌଣସି ପର୍ବ ସମୟ ଆସିଲେ ପୁଲିସ ଓ ଅବକାରୀ ବିଭାଗ ଚଢଉ କରିଥାଏ। କିନ୍ତୁ ପର୍ବ ପରେ ପୁଣି ବେପାର ଚାଲିଥାଏ।



**୧୨ ଗ୍ରାମ ଜବତ, ୩ ଗିରଫ**

## ବିଦ୍ୟୁତ୍ ଆଘାତରେ ଯୁବକ ଆହତ

**କୁଚିଣ୍ଡା, ୧୯ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ଅନ୍ତର୍ଗତ ବାମରା ବିଜୁ ପଟ୍ଟନାୟକ ଛକ ନିକଟରେ ଉଚ୍ଚ କ୍ଷମତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବଡ଼ ଡୁମେରମୁଣ୍ଡା ଗ୍ରାମର ଗଣେଶ ରୋହିଦାସଙ୍କ ପୁଅ ଅନିଲ ରୋହିଦାସ ଶନିବାର ସନ୍ଧ୍ୟାରେ ବିଜୁ ପଟ୍ଟନାୟକ ଛକ ନିକଟରେ ଥିବା ଧନଞ୍ଜୟ ଠାକୁରଙ୍କ ଘର ଛାତରେ ଦୀପାବଳୀ ପାଇଁ ଲାଇଟ୍ ଲଗାଉଥିବା ବେଳେ ଛାତରେ ଯାଇଥିବା ଉଚ୍ଚ କ୍ଷମତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯାଇଥିଲେ। ଫଳରେ ତାଙ୍କ ଛାତି ଓ ପେଟ ସମେତ ଶରୀରର ବିଭିନ୍ନ ସ୍ଥାନ ପୋଡ଼ି ଯାଇ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରି ଗୋବିନ୍ଦପୁର ଡାକ୍ତରଖାନା ରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କ ପ୍ରାଥମିକ ଚିକିତ୍ସା ପରେ ସୁନ୍ଦରଗଡ଼ ମେଡ଼ିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଛି।

## ଚାକିରି ବିକ୍ରି ନେଇ ସ୍ୱଷ୍ଟୋକ୍ତି ଜାରି କଲା ଏସ୍ଏମସି

**ସମ୍ବଲପୁର, ୧୯।୧୦(ସମିସ):** ଟଙ୍କା ଦେଲେ ଚାକିରି ମିଳୁଛି। ତାହା ପୁଣି ଏସଏମସିରେ ସଫେଇ କର୍ମଚାରୀ। ଜଣକ ପିଛା ୧୨ ହଜାର ଟଙ୍କା ନେଇ ଏକ ସଂସ୍ଥା ଚାକିରି ଦେଉଛି। ଏ ନେଇ ଖବର ବ୍ୟାପିବା ପରେ ସମ୍ବଲପୁର ମହାନଗର ନିଗମ ପକ୍ଷରୁ ସ୍ୱଷ୍ଟୋକ୍ତି ଜାରି କରିଛି। ଏଭଳି ଠକାମୀର ଶିକାର ନ ହେବାକୁ ଏସ୍ଏମସି ବାରଣ କରିଛି। ଏସ୍ଏମସି ପକ୍ଷରୁ କୁହାଯାଇଛି, କିଛି ଅନଧିକୃତ ବ୍ୟକ୍ତି ନା ଗୋଷ୍ଠୀ ସମ୍ବଲପୁର ମହାନଗର ନିଗମ ନାମରେ ଭୁଲ ଧାରଣ ସୃଷ୍ଟି କରି ଲୋକମାନଙ୍କୁ ଠକୁଛି। ସଫାଇ, ପରିଚ୍ଛନତା ଓ ଅନ୍ୟାନ ଶୌଚାଳୟ ସମ୍ବନ୍ଧିତ କାର୍ଯ୍ୟରେ ନିଯୁକ୍ତି ଦେବା ନାମରେ ଜଣକ ପିଛା ୧୨ ହଜାର ଟଙ୍କା ନେଉଛି। ତେଣୁ ଏପରି କୌଣସି ନିଯୁକ୍ତ ଏସ୍ଏମସି ପକ୍ଷରୁ ହେଉନଥିବା ସ୍ୱଷ୍ଟୋକ୍ତି ପ୍ରକାଶ ପାଇଛି। ଲୋକଙ୍କ ପାଖରୁ ଟଙ୍କା ସଂଗ୍ରହ କରି ନିଯୁକ୍ତି କରିବା ପାଇଁ କାହାକୁ ଅନୁମତି ଦିଆଯାଇନାହି। ଏସ୍ଏମସିରେ ସମସ୍ତ ନିଯୁକ୍ତି ବା ଠିକା କାର୍ଯ୍ୟ ଅଧିକାରୀଙ୍କ ନୋଟିସ, ଏସ୍ଏମସି ୱେବସାଇଟ, ସୂଚନାପଟ କିମ୍ବା ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଜାରି ହୋଇଥାଏ। ଯଦି ବା କେହି ନିଯୁକ୍ତି ବାବଦକୁ ଟଙ୍କା ମାଗୁଥାଏ ତାହାଲେ ଦିଅନ୍ତୁ ନାହି ବୋଲି ପ୍ରକାଶ ପାଇଛି। ଯଦି କେହି ଏଭଳି ଠକାମୀର ଶିକର ହୋଇଥିବେ ତାହାଲେ ଥାନାରେ ଅଭିଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

## ଘଣ୍ଟେଶ୍ୱରୀରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା




**ସମ୍ବଲପୁର, ୧୯।୧୦(ସମିସ):** ସମ୍ବଲପୁର ରୋଟାରି କ୍ଲବ ପକ୍ଷରୁ ସାଧାରଣ ଜନତାଙ୍କ ପାଇଁ ଘଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଥଣ୍ଡା ପାନୀୟ ଜଳ ମେସିନ ସ୍ଥାପନ କରାଯାଇଛି। କାର୍ଯ୍ୟକ୍ରମରେ ରୋଟାରି କ୍ଲବ ସଭାପତି ରୋଟାରୀୟନ ରଶ୍ମି ରଞ୍ଜନ ମହାପାତ୍ର, ସମ୍ପାଦକ ଦେବାଶିଷ ରାୟଗୁରୁ, ଆରକେ ଦାସ, ସୁଧୀର ପଣ୍ଡା, ବେଣୁଧର ତ୍ରିପାଠୀ, ସୁବ୍ରତ ନାଏକ, ତୃଷାରକାନ୍ତି ପ୍ରଧାନ, ଅଂଶୁମାନ ମିଶ୍ର, ଅନିମା ପାଢ଼ୀ, ରବି ପଣ୍ଡାଙ୍କ ସହ ଘଣ୍ଟେଶ୍ୱରୀ ମନ୍ଦିର କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସମ୍ବଲପୁର ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳ ଭାବରେ ବେଶ ପ୍ରସିଦ୍ଧ ମାଁ ଘଣ୍ଟେଶ୍ୱରୀ ମନ୍ଦିରରେ ବର୍ଷ ସାରା ହଜାର ହଜାର ଲୋକଙ୍କ ଭିଡ଼ ଜମିଥାଏ। ଲୋକେ ସ୍ୱଚ୍ଛ ଥଣ୍ଡା ପାନୀୟ ଜଳ ସୁବିଧାରେ ପାଇ ଉପକୃତ ହୋଇ ପାରିବେ ସେନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଥିବା ରୋଟାରି ସଭାପତି ସୂଚନା ଦେଇଛନ୍ତି।

## ରାଜ୍ୟସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ ସମାରୋହ

### ଡା .ରାଜାରାମଙ୍କୁ ଜାତୀୟ ସମ୍ମାନ

**ସମ୍ବଲପୁର, ୧୯।୧୦(ସମିସ):** ସ୍ୱାସ୍ଥ୍ୟ ସେବା ସହିତ ସମାଜ ସେବାରେ ସକାରାତ୍ମକ ମନୋଭାବ ପାଇଁ ସମ୍ବଲପୁର ଜିଲ୍ଲା ପଡ଼ିଆବାହଲର ଆୟୁର୍ବେଦ ଡାକ୍ତର ରାଜାରାମ ଷଡ଼ଙ୍ଗୀଙ୍କୁ ଆଜି ଧନ୍ୱନ୍ତରୀ ଜୟନ୍ତୀ ଅବସରରେ ଜାତୀୟ ଧନ୍ୱନ୍ତରୀ ସମ୍ମାନ-୨୦୨୫ ପ୍ରଦାନ କରାଯାଇଛି। ସ୍ଥାନୀୟ ଶ୍ରୀରାମ ଚନ୍ଦ୍ର ଭବନ, ଟାଉନହଲ ଠାରେ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥା ପକ୍ଷରୁ ରାଜ୍ୟ ସ୍ତରୀୟ ଧନ୍ୱନ୍ତରୀ ଜୟନ୍ତୀ ସମାରୋହ ଓ ଆଲୋଚନା ଚକ୍ରରେ ଜଷ୍ଟିସ୍ ଡ. ବିଦ୍ୟୁତ୍‌ରଞ୍ଜନ ଷଡ଼ଙ୍ଗୀ, ଆଧ୍ୟାତ୍ମିକ ଗୁରୁ ଶ୍ରୀମଦ୍ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ ଓ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର କମଳଜିତ୍ ସିଂହ ପ୍ରଦାନ କରିଥିଲେ। ପ୍ରାକ୍ତନ କୁଳପତି ପ୍ରଫେସର କୁମରବର ଦାସ, ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ସାମଲ, ଅବସର ପ୍ରାପ୍ତ ଅତିରିକ୍ତ ଆରକ୍ଷୀ ଅଧିକାରୀ ରାଜକିଶୋର ସ୍ୱାଇଁ, ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ରାଜୀବ ଷଡ଼ଙ୍ଗୀ, ଆଡ୍‌ଭୋକେଟ୍ ଅଜିତ କୁମାର ମହାପାତ୍ର ଓ ଓଡ଼ିଶା ଆୟୁର୍ବେଦ ସେବା ସଂସ୍ଥାର ଅଧ୍ୟକ୍ଷ ଡା. ଦୀନବନ୍ଧୁ ମହାରଣା ଉପସ୍ଥିତ ଥିଲେ।

## ୨୬ରେ ମିସ୍ ଟିନ୍ ଓ ମାଷ୍ଟର ଟିନ୍ ଅଡିସନ୍




**ସମ୍ବଲପୁର, ୧୯।୧୦ (ସମିସ):** ଲିଟିଲ୍ ମିସ୍ ଲିଟିଲ୍ ମାଷ୍ଟର୍ ଅଡିସନ୍ କାର୍ଯ୍ୟକ୍ରମ ଜଗନ୍ନାଥ କଲୋନୀସ୍ଥିତ ହମ୍ପଟି ଡମ୍ପଟି ସ୍କୁଲରେ ଅନୁଷ୍ଠିତ ହୋଇଛି। ଅଡିସନ୍‌ରେ ସମ୍ବଲପୁର ସହିତ ବିଭିନ୍ନ ସ୍କୁଲର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ (୬ରୁ ୧୩ ବର୍ଷ) ବୟସ ବର୍ଗରେ ଯୋଗ ଦେଇଥିଲେ।ବିଚାରକ ଭାବେ ବିଶିଷ୍ଟ ନୃତ୍ୟ ନିର୍ଦ୍ଦେଶକ ଅସିମ ପ୍ରଧାନ, ମିସେସ୍ ଓଡ଼ିଶା ୨୦୨୧-୨୨ର ରାଣୀ ଦାସ ଓ ପ୍ରସିଦ୍ଧ ଡିଜାଇନର୍ ହେମନ୍ତ ପ୍ରଧାନ ଯୋଗ ଦେଇଥିଲେ।କାର୍ଯ୍ୟକ୍ରମରେ ଆୟୋଜନ ସମିତି ପକ୍ଷରୁ ଚେୟାରମ୍ୟାନ୍ ଭକ୍ତପ୍ରସାଦ ନନ୍ଦ, ସୁଶାନ୍ତ ଗୁରୁ, ସଂଯୋଜକ ମହମ୍ମଦ ପରୱେଜ୍ ଅଲି ଖାନ୍ ଓ ତ୍ରିଲୋଚନ ତ୍ରିପାଠୀ, ଶଙ୍କର ବେହେରା, ଭୋଳାଶଙ୍କର ମହନ୍ତମ, ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ, ପାୟଲ୍ ଭୋଇ, ବିପ୍ଳବ ତନସେନା, ଉମେଶ ମାଝି, ଗୁରୁକୃଷ୍ଣ ବାଘ, ସରୋଜ ମିଶ୍ର, ଚନ୍ଦ୍ରକାନ୍ତ ଭୋଇ, ତର୍ପଣ ପ୍ରଧାନ, ସୋମନାଥ ଜାଲ ଓ ଧରଣୀଧର ନାଥ ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ମିସ୍ ଟିନ୍ ଓ ମାଷ୍ଟର୍ ଟିନ୍ ଅଡିସନ୍ ୨୬ ଅକ୍ଟୋବରରେ ଆୟୋଜିତ ହେବାକୁ ଯାଉଛି।

## ଭୀମଭୋଇ କଲେଜରେ ଇତିହାସ ବିଭାଗର ନବୀନବରଣ ଉତ୍ସବ

**ରେଢ଼ାଖୋଲ, ୧୯ ।୧୦(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟରେ ଇତିହାସ ବିଭାଗ ତରଫରୁ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ନବୀନବରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ଼ଃ. ଅମୂଲ୍ୟ କୃଷ୍ଣ ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ।ସେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ସହ ଇତିହାସର ମହତ୍ତ୍ୱ ଓ ଭବିଷ୍ୟତ ବିଷୟରେ ଆଲୋକପାତ କରିଥିଲେ।ବିଭାଗୀୟ ମୁଖ୍ୟ ଶ୍ରୀମତୀ ସୁଧାମୟୀ ଦାସ ନବୀନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କୁ ଅଧ୍ୟୟନରେ ଅଧିକ ଯତ୍ନବାନ ହେବା ପାଇଁ ପ୍ରେରଣା ଦେଇଥିଲେ।ବିଭାଗର ନୂତନ ଅଧ୍ୟାପିକା ବିଶ୍ୱ କଳ୍ପିତା ସାହୁ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଉପାଦେୟ ଉପଦେଶ ପ୍ରଦାନ କରିଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଦୁଇଟି ପର୍ଯ୍ୟାୟରେ ବିଭକ୍ତ ହୋଇଥିଲା।ପ୍ରଥମ ପର୍ଯ୍ୟାୟରେ ନବୀନ ଛାତ୍ରଛାତ୍ରୀଙ୍କୁ ଆନୁଷ୍ଠାନିକ ସ୍ୱାଗତ ସମ୍ବର୍ଦ୍ଧନାଜ୍ଞାପନ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସହିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭାଗର ତିନି ବର୍ଷର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଫାଇନାଲ ଏବଂ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ସୁଚାରୁ ରୂପେ ପରିଚାଳନା କରିଥିଲେ।




### ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ ତୃତୀୟ ଦିବସ

## ସେମିଫାଇନାଲରେ କେବିଏଫ୍‌ସି ଭୋଇପାଲି

**କୁଚିଣ୍ଡା, ୧୯ ।୧୦(ସମିସ):** କୁଚିଣ୍ଡା ବ୍ଲକ ମନ୍ତ୍ରୀମୁଣ୍ଡା ଯୁବକ ସଂଘ ପକ୍ଷରୁ ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ଚାଲିଥିବା ୧୨ତମ ମନ୍ତ୍ରୀମୁଣ୍ଡା କପ୍ ଫୁଟବଲ୍ ଶନିବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ରବିବାର ମଧ୍ୟ ୩ଟି ମ୍ୟାଚ୍ ଖେଳ ହୋଇଥିଲା। ପ୍ରଥମ ମ୍ୟାଚ୍‌ର ଖେଳ ଝାଡେଶ୍ୱର ଏଫସି ଝାରସୁଗୁଡ଼ା ଓ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ମଧ୍ୟରେ ହୋଇଥିଲା। ଏଥିରେ ୧-୦ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ବିଜେତା ହୋଇଥିଲା। ଦ୍ୱିତୀୟ ମ୍ୟାଚର ଖେଳ ଉମେଶ ବ୍ରଦର୍ସ ରାଉଲକେଲା ଓ ଆୟୁଷ ଏକାଦଶ ମଧ୍ୟରେ ହୋଇଥିବା ବେଳେ ୨-୦ ଗୋଲରେ ଉମେଶ ବ୍ରଦର୍ସ ରାଉଲକେଲା ବିଜେତା ହୋଇଥିଲା। ସେହିପରି ତୃତୀୟ ମ୍ୟାଚ୍‌ରେ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ଓଉମେଶ ବ୍ରଦର୍ସ ରାଉଲକେଲା ପରସ୍ପରକୁ ଭେଟିଥିଲେ। ୪-୩ ଗୋଲରେ କେବିଏଫସି ଭୋଇପାଲି ସୁନ୍ଦରଗଡ଼ ଉମେଶ ବ୍ରଦର୍ସ ରାଉଲକେଲାକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ଏଡିଏମଓ ସୁବୋଧ ନାୟକ, କୁଚିଣ୍ଡା ଏସ୍‌ଡିପିଓ ପ୍ରଦୀପ କୁମାର ଦାସ, ପିଡବ୍ଲୁଡ଼ି ଜେଇ ଟିକନ୍ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ରେଫରୀ ଭବେ ଶିବଶଙ୍କର ପଣ୍ଡା, ପଞ୍ଚାନନ ପାତ୍ର, ସଲିଲ ବେହେରା, ସୁଜିତ ରାଜହଂସ, ରାଜେଶ ଜୟପୁରିଆ ଖେଳ ପରିଚାଳନା କରିଥିଲେ। ମନ୍ତ୍ରୀମୁଣ୍ଡା ଯୁବକ ସଂଘ ସଭାପତି ତାପସ କୁମାର ନାଏକ, ଉପସଭାପତି ଗୌତମ ମିଶ୍ର, ସମ୍ପାଦକ ଅକ୍ଷୟ କିଷାନ, କୋଷାଧ୍ୟକ୍ଷ ଭବାନୀ କିଷାନ, ଉପଦେଷ୍ଟା ପ୍ରଣବ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳନା ହୋଇଥିଲା।



## ଛଟ ପୂଜାର ବିଭିନ୍ନ ପ୍ରସ୍ତୁତି ନେଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ସମ୍ବଲପୁର, ୧୯।୧୦(ସମିସ):** ଆସନ୍ତା ଛଠ ପୂଜାକୁ ଧୁମଧାମ, ଭକ୍ତିଭାବ ଓ ସୁଚାରୁ ଭାବେ ପାଳନ କରିବା ପାଇଁ ସମ୍ବଲପୁରର ବିଭିନ୍ନ ଛଠ ପୂଜା କମିଟି ତରଫରୁ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦାରଙ୍କ ସହ ପ୍ରତିନିଧି ଦଳ ଭେଟି ଆଲୋଚନା କରିଛି। ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱ ନେଇଥିଲେ। ଛଠ ପୂଜା ସମୟରେ ସହର ଓ ପରିସରର ବିଭିନ୍ନ ଘାଟ ଗୁଡ଼ିକରେ ହେଉଥିବା ଆବଶ୍ୟକୀୟ ପ୍ରସ୍ତୁତି ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଭାବରେ ନୂତନ ଘାଟ ନିର୍ମାଣ, ପଥ ମରାମତି, ନାଳା ପରିଶୋଧନ, ସ୍ୱଚ୍ଛତା କାର୍ଯ୍ୟ ସମ୍ପର୍କରେ ବିଭିନ୍ନ କମିଟି ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ନିଲମ୍ବର ସିକନ୍ଦର, ସନ୍ତୋଷ କୁମାର ସାହୁ, ମୁନ୍ନା ତିୱାରି, ଜୋଜୁ ତିୱାରି, ସୁଧୀର ପାଲିୱାଲ, ସୁନିଲ ଝା, ମନଦୀପ ସାହୁ ଓ ରଞ୍ଜନ ରାୟ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ନିଜ ଅଞ୍ଚଳର ଘାଟ ଓ ସମ୍ପର୍କିତ ଅବସ୍ଥା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ଜିଲ୍ଲାପାଳ ସମସ୍ତ ପ୍ରସ୍ତାବ ଓ ଆବଶ୍ୟକତା ସହିତ ସହମତ ଜଣାଇ, ସମୟ ସୀମା ମଧ୍ୟରେ ସମସ୍ତ ବ୍ୟବସ୍ଥା ସମ୍ପୂର୍ଣ୍ଣ କରି ଭକ୍ତମାନଙ୍କ ପାଇଁ ସୁବିଧାଜନକ ପରିବେଶ ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସ୍ଥାନୀୟ ପ୍ରଶାସନ, ପୁଲିସ ବିଭାଗ ଓ ନଗରନିଗମ ଅଧିକାରୀମାନଙ୍କୁ ଯାତାୟାତ, ସୁରକ୍ଷା ଓ ପରିଚ୍ଛନ୍ନତା ବିଭାଗରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ କରିଛନ୍ତି।




## ରକ୍ଷଣାବେକ୍ଷଣା ଅଭାବରୁ ନଷ୍ଟ ହେଲାଣି ସମଲେଇ ପ୍ରକଳ୍ପ

**ସମ୍ବଲପୁର, ୧୯।୧୦(ସମିସ)**

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟାରେ ସମଲେଇ ମନ୍ଦିରର ବିକାଶ କରାଯାଇ ସମଲେଶ୍ୱର ପ୍ରକଳ୍ପ ଲୋକାର୍ପିତ ହୋଇଥିଲା। ହେଲେ ଏହାର ରକ୍ଷଣା ବେକ୍ଷଣା ଅଭାବରେ କିଛି ପାଚେରୀ ଭାଙ୍ଗି ନଷ୍ଟ ହେଲାଣି। ଏଥି ପ୍ରତି ଜିଲ୍ଲାପ୍ରଶାସନ କିମ୍ବା ମନ୍ଦିର ପ୍ରଶାସନର ଟିକେ ହେଲ ଦୃଷ୍ଟି ନାହି। ମନ୍ଦିର ପିରସରରେ ଥିବା ରାସ୍ତାକୁ ଲାଗି ପାଚେରୀର କିଛି ସ୍ଥାନ ଭାଙ୍ଗି ଯାଇଛି। ନୂତନ ସରକାର କ୍ଷମତାକୁ ଆସିବା ପରେ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇଛି। ହେଲେ ମରାମତି କାର୍ଯ୍ୟକୁ ଦୃଷ୍ଟି ଦେଉନଥିବା ସ୍ପଷ୍ଟ ଜଣାପଡୁଛି। ସୂଚନା ଅନୁସାରେ ସମଲେଶ୍ୱର ମନ୍ଦିର ଓଡ଼ିଶାର ଏକ ବିଶେଷ ପର୍ଯ୍ୟଟନ କ୍ଷେତ୍ର। ଏହାକୁ ଦୃଷ୍ଟି ରଖି ପୂର୍ବ ସରକାର ମନ୍ଦିର ବିକାଶ କରିଥିଲା। ବିରାଟ ଏକ ସ୍ଥାନକୁ ବିକାଶ କରି ମନ୍ଦିର ପରିସରରେ ଅନେକ କାରୁ କାର୍ଯ୍ୟ କରିଥିଲା। ହେଲେ ନୂତନ ସରକାର କ୍ଷମତାକୁ ଆସିବା ପରେ ଏହାକୁ ଧ୍ୟାନ ଦେଉନାହି। ମନ୍ଦିର ପରିସରରେ କେବଳ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। କିନ୍ତୁ ବାସ୍ତବରେ ରକ୍ଷଣା ବେକ୍ଷଣା ଅଭାବ ରହିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ମନ୍ଦିର ପରିସରରେ ସ୍ୱତନ୍ତ୍ର ପଥରରେ ପାଦଚଲା ନିର୍ମାଣ କରାଯାଇଛି। ପାର୍କ କଡ଼ରେ ଥିବା ପାଦ ଚଲାରେ ଛୋଟ ପାଚେରୀ ମଧ୍ୟ ଦିଆଯାଇଛି। କିନ୍ତୁ ଏବେ ଏହି ପାଚେରୀ ଭାଙ୍ଗିବାକୁ ବସିଲାଣି। କିଛି କିଛି ସ୍ଥାନରେ ପାଚେରୀ ଭାଙ୍ଗି ଘାସ ଉପରେ ସିମେଣ୍ଟ କାନ୍ଥ ପଡ଼ିଛି। ପାଚେରୀରେ ଗ୍ରାନାଇଟ ଲଗାଇଯାଇଛି। କିନ୍ତୁ ଏବେ ତାହା ଭାଙ୍ଗି ଯାଇଛି। ମନ୍ଦିର ପ୍ରଶାସନ ଏଥି ପ୍ରତି ଗୁରୁତ୍ୱ ଦେବା ସହ ଶୀଘ୍ର ମରାମତି କାର୍ଯ୍ୟ କରିବାକୁ ସାଧାରଣରେ ଦାବି ହୋଇଛି।



## ଆରଜିଭିଏମ୍‌ରେ ଦୀପାବଳୀ ପାଇଁ ପ୍ରତିଯୋଗିତା



**ସମ୍ବଲପୁର, ୧୯।୧୦ (ସମିସ):** ସ୍ଥାନୀୟ ରାଷ୍ଟ୍ରୀୟ ଗୋପାଲ ବିଦ୍ୟାମନ୍ଦିର(ଆରଜିଭିଏମ)ରେ ଦୀପାବଳୀ ଅବସରରେ ବିଭିନ୍ନ ପ୍ରତିଯୋଗତି ଅନୁଷ୍ଠିତ ହୋଇଛି। ଛାତ୍ରଛାତ୍ରୀ ରଙ୍ଗୋଲି, ମାଟିପାତ୍ର ତୋରଣ ଆଦି ପ୍ରସ୍ତୁତ କରିଥିଲେ। ଭାରତୀୟ କଳା ଏବଂ ପରମ୍ପରାକୁ ଦୃଷ୍ଟିରେ ରଖି ରଙ୍ଗୋଲି ଆଙ୍କିଥିଲେ।ବିଚାରକ ଭାବେ ଶୁଭା ଦେବନାଥ ଏ ଧୃତି ବୋରକକୋଟି ହଜାରିକ ଉପସ୍ଥିତ ଥିଲେ। ସ୍କୁଲ ପ୍ରିନ୍ସପାଲ ଶାଲୁ ଚାନ୍ଦେଲ ମଧ୍ୟ ଛାତ୍ରଛାତ୍ରୀଙ୍କ ସୃଜନଶୀଳତାକୁ ପ୍ରଶଂସା କରିଥିଲେ।

## ମାଣ୍ଡୋସିଲ ଭାଗବତ କଥାମୃତ ସମ୍ପନ୍ନ

**ପାଇକମାଳ, ୧୯।୧୦(ସମିସ):** ପାଇକମାଳ ବ୍ଲକ ମାଣ୍ଡୋସିଲ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଗାଁବାସୀଙ୍କ ତରଫରୁ ଭାଗବତ କଥାମୃତ ଶନିବାର ପୂର୍ଣ୍ଣାହୁତି ହୋଇଛି । କର୍ତ୍ତା ଭାବେ ଶରତ ଚନ୍ଦ୍ର ହଂସ ଓ ଲିଳା ହଂସ ଥିବା ବେଳେ ମୁଖ୍ୟ ଆଚାର୍ଯ୍ୟ ଭାବେ ଲୋକେଶ୍ୱର ସାବତ ଓ ଟିକେଶ୍ୱର ନନ୍ଦ ପୂଜା କାର୍ଯ୍ୟ ସମ୍ପାଦନା କରୁଥିଲେ । ଭଗବାନ ଶ୍ରୀକୃଷ୍ଣଙ୍କ ସହ ରୁକ୍ମିଣୀ ବିବାହ ହୋଇଥିଲା । ଶନିବାର ପୂର୍ଣ୍ଣାହୁତି ହୋଇ ସମ୍ପନ୍ନ ହୋଇଥିଲା । ସମସ୍ତ ଭକ୍ତମାନଙ୍କ ପାଇଁ ଅନ୍ନଭୋଗ ଦିଆଯାଇଥିଲା ।

## ବନଦୁର୍ଗା ମନ୍ଦିର ସାପ୍ତାହିକ ଭାଗବତ ପାରାୟଣ ଓ ପ୍ରବଚନ

**ପଦ୍ମପୁର, ୧୯।୧୦(ସମିସ):** ବନଦୁର୍ଗା ଓ ଲକ୍ଷ୍ମୀନାରାୟଣ ମନ୍ଦିରର ଆୟୋଜନରେ ସାପ୍ତାହିକ ଭାଗବତ ପାରାୟଣ ଓ ପ୍ରବଚନ ପ୍ରତ୍ୟହ ସନ୍ଧ୍ୟା ୬ ଘଟିକାରୁ ୯ ଘଟିକା ପର୍ଯ୍ୟନ୍ତ ୧୫ ଅକ୍ଟୋବରରୁ ଆରମ୍ଭ ହୋଇ ୨୧ ଅକ୍ଟୋବରରେ ସମାପନ ହେବ । ଅଧିକରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇ ହରିକଥା ଶ୍ରବଣ କରିବାକୁ ଆୟୋଜନ ସମିତି ତରଫରୁ ନିବେଦନ କରାଯାଇଛି ।

## ସମଲେଶ୍ୱରୀ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ

**ବରଗଡ଼, ୧୯।୧୦(ସମିସ):** ତଳିପଡ଼ା ସ୍ଥିତ ସମଲେଶ୍ୱରୀ ପ୍ରାଥମିକ ବିଦ୍ୟାଳୟରେ ସ୍କୁଲ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି । ଏଥିରେ ବରଗଡ଼ ଜିଲ୍ଲା ଓଡ଼ିଶା ଅଭିଭାବକ ମହାସଂଘର ସଭାପତି ବିମଳ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ସ୍କୁଲ ପୋଷାକ ବିତରଣ କରିଛନ୍ତି । ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ସୁଗ୍ରିବର୍ ବିଶି, ସଦାନନ୍ଦ ମହାପାତ୍ର, ବାଲ୍ମିକୀ ଷଡଙ୍ଗୀ, ବିଶ୍ୱନାଥ ସାହୁ, ସୁଦାମ ମହାପାତ୍ର ଓ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ସ୍କୁଲର ପ୍ରଧାନଶିକ୍ଷକ ପ୍ରଦୀପ ଶତପଥୀ ସଭା ପରିଚାଳନା କରିଥିବା ବେଳେ ସହାୟକ ଶିକ୍ଷକ ପ୍ରମୋଦ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ରକ୍ତଦାନ ଶିବିର; ୪୩ ୟୁନିଟ୍ ସଂଗ୍ରହ

**ଥୁଆପାଲି, ୧୯ ।୧୦(ସମିସ):** ବରଗଡ଼ ଜିଲ୍ଲାର ରକ୍ତ ଅଭାବ କିଛି ପରିମାଣରେ ପୂରଣ କରିବା ପାଇଁ ଭେଡେନ ବ୍ଲକ ତାଲମେଣ୍ଡା ପଞ୍ଚାୟତ ବହଲପାଲି ଗ୍ରାମ ଠାରେ ବିଜୟ କ୍ଲବ ଓ ନିଷ୍ଠା ପରିବାର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟଅତିଥି ଭାବରେ ବହଲ ପାଲି ସ୍କୁଲର ପ୍ରଧାନଶିକ୍ଷକ ବାଲକୃଷ୍ଣ ପଣ୍ଡା ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବରେ ନିଷ୍ଠା ପରିବାରର ଉପଦେଷ୍ଟା କ୍ଷୀରୋଦ୍ର ସାହୁ ଓ ସଭାପତି ଅଶ୍ୱିନୀ ତ୍ରିପାଠୀ ଯୋଗଦେଇ ଥିଲେ । ବୀରସୁରେନ୍ଦ୍ର ସାଏ ମେଡିକାଲ ହସ୍ପିଟାଲ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ୪୩ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଏହି ଶିବିରକୁ ବିଜୟ କ୍ଲବର ସଭାପତି ମାନଭଞ୍ଜନ ସାହୁ ସମ୍ପାଦକ ସୁବ୍ରତ ପଧାନ, ଉମାକାନ୍ତ ସାହୁ, ସୁଧୀର ପଧାନ, ଯୋଗେଶ୍ୱର ରଥ ବିଜୟ କ୍ଲବର ସ୍ୱେଚ୍ଛାସେବୀ ଓ ନିଷ୍ଠା ପରିବାର ର ସଦସ୍ୟ ମାନେ ସୁପରିଚାଳନା କରିଥିଲେ । ରକ୍ତ ଦାନ ଶିବିର ଆୟୋଜନ ପାଇଁ ବିଜୟ କ୍ଲବ କୁ ନିଷ୍ଠା ପରିବାର ତରଫ ରୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଦହିଗାଁ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’

**ଦହିତା, ୧୯।୧୦(ସମିସ):** ପଦ୍ମପୁର ଗୋଷ୍ଠୀ ଶିକ୍ଷା ଜିଲ୍ଲା ଅଧୀନରେ ଥିବା ଦହିଗାଁ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ ଦହିଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ପ୍ରଧାନଶିକ୍ଷକ ନାରାୟଣ ପାଣ୍ଡେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ସନାତନ ଭୋଇ, ସମ୍ମାନିତ ଅତିଥି ଭାବେ ଦହିଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଭୋଜମତି ଭୋଇ ଯୋଗ ଦେଇଥିଲେ । ଆଞ୍ଚଳିକ ସାଧନକର୍ମୀ ରାଜ ସାହୁ ସୁରଭିର ଉପାଦେୟତା ଉପରେ ବର୍ଣ୍ଣନା କରିଥିଲେ । ରୂପଧର ନାୟକ ଓ ରଘୁନାଥ ପୁରୀ ମଞ୍ଚ ପରିଚାଳନା କରିଥିଲେ । ପୂର୍ବତନ ଆଞ୍ଚଳିକ ସାଧନ କର୍ମୀ ସଞ୍ଜୟ ପଟେଲଙ୍କୁ ବିଦାୟ ସମ୍ବର୍ଦ୍ଧନା ଓ ସିଆରସିସି ରାଜ ସାହୁଙ୍କୁ ସ୍ୱାଗତ କରାଯାଇଥିଲା । ସର୍ବମୋଟ ୧୧ଟି ବିଭାଗରେ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମରେ ମକୁନ୍ଦ ଭୋଇ, ମଞ୍ଜୁଲତା ସାହୁ, ସୁବର୍ଣ୍ଣ ରଏ, ସୁସ୍ମିତା ଭୋଇ, କ୍ଷୀରୋଦନି ଭୋଇ, ସମ୍ପଦ ମେହେର, ରତିରଞ୍ଜନ ବରିହା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ମାୟାଧର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଦ୍ମପୁରରେ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ

**ପଦ୍ମପୁର, ୧୯।୧୦(ସମିସ):** ବରଗଡ଼ ଜିଲ୍ଲା ପଦ୍ମପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ବରଗଡ଼ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଦ୍ମପୁର ବିଇଓ ଲୋକନାଥ ଭୋଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ବରଗଡ଼ ଡିଆଇଇଟି ପକ୍ଷରୁ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ଗଗନ ବେହେରା, ରିମାରାଣୀ ଭୋଇ ଯୋଗ ଦେଇ ସାଧନା କର୍ମୀ ଭାବେ ପ୍ରଶିକ୍ଷଣ ଦେଇଥିଲେ । ବିଇଓ ଲୋକନାଥ ଭୋଇ, ଏବିଇଓ ଜୟ ସାହୁ, ଏବିଇଓ ରାମସିଂ ଭୋଇ ଉପସ୍ଥିତ ଥିଲେ । ଅକ୍ଟୋବର ମାସର ଶୈକ୍ଷିକ କ୍ୟାଲେଣ୍ଡର, ବହୁ ଶ୍ରେଣୀ ଶ୍ରେଣୀ ପରିଚାଳନା ଭାଷା ଓ ସଂଖ୍ୟାଜ୍ଞାନ, ବିଦ୍ୟାଳୟ ପରିଦର୍ଶନ ଓ ଆଲୋଚନା, ଶିକ୍ଷଣ ସୋପାନ ରେଜିଷ୍ଟ୍ରର, ବିଦ୍ୟାଳୟ ସ୍ତରୀୟ ପ୍ରୋତ୍ସାହନ ଅଭିଯାନ ପଢ଼ିବା ଗଢ଼ିବା ଓଡ଼ିଶା, ବର୍ଣ୍ଣାଳି କାର୍ଯ୍ୟକ୍ରମ ଉପରେ ଆଲୋଚନା ହୋଇଥିଲା । ସିଆରସିସି ସୁରେଶ ଚୌହାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏଥିରେ ଗାଇସିଲେଟ, ପାଇକମାଳ, ଝାରବନ୍ଧ ଓ ରାଜବୋଡାସମ୍ବର ବ୍ଲକର ୫୦ ଜଣ ସିଆରସିସି ମାନେ ଅଂଶଗ୍ରହଣ କରିଥିଲେ । ଶେଷରେ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା ଧନ୍ୟବାଦ ଦେଇଥିଲେ ।

### ଧନଲକ୍ଷ୍ମୀ ପୂଜାର କଳସ ଶୋଭାଯାତ୍ରା

# ମା’ଙ୍କ ଆଗମନରେ ଉତ୍ସବମୁଖର ଗୋବିନ୍ଦପାଲି

**ବରଗଡ଼, ୧୯ ।୧୦(ସମିସ)**

ରବିବାର ଦିନଠାରୁ ଧୁମ୍‌ଧାମ୍‌ରେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଛି ବରଗଡ଼ ଗୋବିନ୍ଦପାଲିସ୍ଥିତ ମାଁ ଧନଲକ୍ଷ୍ମୀ ଦେବୀଙ୍କ ପୂଜା । ଏହି କଳସ ଶୋଭାଯାତ୍ରାରେ ଗୋବିନ୍ଦପାଲି, ମାଷ୍ଟରଟିକ୍ରା, ସୁବାସ ନଗର, ଗଙ୍ଗାଧର ନଗର, ରେଳଷ୍ଟେସନ ପଡ଼ା ତଥା ଆଖପାଖ ଅଞ୍ଚଳର ୨୫୦ରୁ ଊର୍ଦ୍ଧ୍ୱ ମହିଳା ଭାଗ ନେଇଥିଲେ । ରୀତିବିଧିରେ ଗୋବିନ୍ଦପାଲି ସ୍ଥିତ କୁମ୍ଭାରବନ୍ଧଠାରେ ପୂଜା ଅର୍ଚ୍ଚନା ପରେ ଘଣ୍ଟପାର୍ଟି, ଦୁଲଦୁଲି ବଜା ତଥା ସଂକୀର୍ତ୍ତନଦ୍ୱାରା ଗୋବିନ୍ଦପାଲି ପରିକ୍ରମା ସହ ଏକ ବିଶାଳ ଶୋଭାଯାତ୍ରାରେ କଳସରେ ପୂଜା ପାଇଁ ପାଣି ମଣ୍ଡପକୁ ଅଣାଯାଇଛି । ଏହି କଳସ ପାଣିରେ ଆସନ୍ତାକାଲି ମା’ ଧନଲକ୍ଷ୍ମୀଙ୍କର ମହାସ୍ନାନ କରାଯିବାପରେ ଆରମ୍ଭ ହେବ ଷୋଡ଼ଶ ଉପଚାର ପୂଜା । ଚଳିତବର୍ଷ ସରିତା ମହାପାତ୍ର ଓ ଜାପାନ ମହାପାତ୍ର କର୍ତ୍ତା ଦାୟିତ୍ୱ ତୁଲାଉଥିବାବେଳେ ପଣ୍ଡିତ ରୂପେଶ୍ୱର ଷଡ଼ଙ୍ଗୀ,



ଚିତ୍ତରଞ୍ଜନ ଦାଶ ଓ ଆଲୋକ ଷଡ଼ଙ୍ଗୀଙ୍କ ଦ୍ୱାରା ମା’ଙ୍କ ପୂଜାର୍ଚ୍ଚନା ଆରମ୍ଭ ହେବ । ଏହାସହିତ ଧବଳେଶ୍ୱର ବାବା ମନ୍ଦିରର ପୂଜକ ସୋନୁ ମହାପାତ୍ର ଓ କୁଳମଣି ମହାପାତ୍ର ଏହି ପୂଜାକାର୍ଯ୍ୟରେ ସହଯୋଗ କରିଥାନ୍ତି । ଏହାଦ୍ୱାରା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ଚଳିତବର୍ଷ ସଭାପତି ଭାବେ ତ୍ରିବିକ୍ରମ ମହାପାତ୍ର, ସମ୍ପାଦକ- ଦିବ୍ୟକିଶୋର ପ୍ରଧାନ, ସହ-ସମ୍ପାଦକ- କେଦାର ସାହୁ, କୋଷାଧ୍ୟକ୍ଷ- ସଂକୀର୍ତ୍ତନ ଜାଲ, ସ୍ୱାମୀ ବିବେକାନନ୍ଦ ସ୍ମାରକ କ୍ଲବର ସଭାପତି ରବୀନ୍ଦ୍ର ସାହୁ, ହରିହର ମହାକୁର, ବିଜୟ ଭୋଇ, ଅକ୍ଷୟ ଭୋଇ, ଗୋବିନ୍ଦ ସାହୁ, ପୁରୁଷୋତ୍ତମ ବିଶି, ହୃଷିକେଶ ବାରିକ, ସଞ୍ଜୀବ ପଣ୍ଡା, ବୀରବର ଶତପଥୀ, ସୁଶାନ୍ତ ଦାଶ, ରାକେଶ ପଟ୍ଟନାୟକ, ଅମୀୟ ଭୋଇ, ସୁନିଲ ସାହୁ ଆଦି ଉପଦେଷ୍ଟା ମଣ୍ଡଳୀ ପୂଜାକୁ ଅଧିକରୁ ଅଧିକ ସଂଖ୍ୟକ ଭକ୍ତ ଓ ଶ୍ରଦ୍ଧାଳୁ ମା’ଙ୍କ ଆର୍ଶୀବାଦ ପାଇପାରିବେ ତଥା ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ସୁରୁଖୁରରେ ପାଳନ କରିବା ପାଇଁ ପରାମର୍ଶ ଦେଇଥିବା ବେଳେ ଚଳିତ ବର୍ଷ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ, କୃଷ୍ଣଗୁରୁ, ଦଣ୍ଡନୃତ୍ୟ, ସଂକୀର୍ତ୍ତନ, ନୃତ୍ୟ ପ୍ରତିଯୋଗିତା ଆଦି ପରିବେଷଣ କରାଯିବାକୁ ସ୍ଥିର ହୋଇଛି ।

## ମାନକ କ୍ଲବ୍‌ର ସଦସ୍ୟଙ୍କ ଶପଥ ପାଠ

**ଅମ୍ବାଭୋନା, ୧୯।୧୦(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଧୀନ ଜନତା ସରକାରୀ ହାଇସ୍କୁଲ ଭୁକ୍ତାରେ ବିଦ୍ୟାଳୟର ସମସ୍ତ ମାନକ କ୍ଲବ୍‌ର ସଦସ୍ୟ ଭାରତୀୟ ମାନକ ବ୍ୟୁରୋ ଦ୍ୱାରା ‘ଜନ ହିତରେ ଜାରି’ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ମାନକ କ୍ଲବ୍‌ର ମାର୍ଗଦର୍ଶକ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀଙ୍କ ସଂଯୋଜନାରେ ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକ ବିଦ୍ୟାଳୟର ମାନକ କ୍ଲବ୍‌ର ସଦସ୍ୟମାନଙ୍କୁ ଶପଥ ପାଠ କରାଇଥିଲେ । କ୍ଲବ୍‌ର ସଦସ୍ୟଗଣ ନିଜେ ଓ ନିଜ ପରିବାରର ସମସ୍ତ ସଦସ୍ୟ ଯେପରି ଦୈନନ୍ଦିନ ଜୀବନରେ ମାନକର ବ୍ୟବହାରକୁ ପ୍ରୋତ୍ସାହିତ କରିବା ସହିତ ଅନ୍ୟ ମାନଙ୍କୁ ପ୍ରେରଣା ଯୋଗାଇବା, ନିଜେ ଗୁଣାତ୍ମକ ଉତ୍ପାଦ ଏବଂ ସେବା ଦାବି କରିବା ସହ ଦେଶର ଜଣେ ଦାୟିତ୍ୱବାନ ନାଗରିକ ଭାବେ ଏ ଦିଗରେ ଜନ ସଚେତନତା ସୃଷ୍ଟି କରିବା ତଥା ଭାରତୀୟ ମାନକ ବ୍ୟୁରୋ ମାଧ୍ୟମରେ ଦେଶରେ ଚାଲିଥିବା ଗୁଣାତ୍ମକ ମିଶନରେ ଅଂଶଗ୍ରହଣ କରିବା ସହିତ ସର୍ବଦା ମାନକ ପ୍ରତି ପ୍ରତିବଦ୍ଧ ରହିବା ପାଇଁ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବୋଧରାମ ବିଶ୍ୱାଳ, ତେଜରାମ ସା, ସୁବାସ ଚନ୍ଦ୍ର ଖମାରୀ, ଅଙ୍କିତ ମହନ୍ତ, ଶ୍ରୀପତି ସାହୁ, ଶିକ୍ଷୟିତ୍ରୀ ଅନୀତା ପଧାନ ସହଯୋଗ କରିଥିଲେ ।

## ଶିକ୍ଷା ଓ ସେବା ପାଇଁ ଆପ୍ରାଇଜ ଗ୍ରୁପ୍ ସମ୍ମାନିତ



**ବରଗଡ଼, ୧୯ ।୧୦(ସମିସ):** ପଶ୍ଚିମ ଓଡ଼ିଶାର ଶିକ୍ଷା ଅନୁଷ୍ଠାନ ଆପ୍ରାଇଜ ଗ୍ରୁପର ଗୁରୁକୁଳ ପଠପଢ଼ା ଓ ବିଭିନ୍ନ ପ୍ରକାର ସଚେତନତା ସହିତ ସାମାଜିକ କାର୍ଯ୍ୟକ୍ରମ ପାଇଁ ଆଜି ଜଗତସିଂହପୁର ଜିଲ୍ଲାର କଲ୍ୟାଣ ମଣ୍ଡପ ଠାରେ ଇଂ ଜଗଦିଶ ଚନ୍ଦ୍ର ବେହେରାଙ୍କ ସେବା କାର୍ଯ୍ୟ ପାଇଁ ମା ଶାରଳା ସେବାଟ୍ରଷ୍ଟ ଦ୍ୱାରା ସମ୍ମାନିତ କରାଯାଇଛି । ଏହି ସମ୍ମାନ ପତ୍ରକୁ ଗ୍ରୁପର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ମୁକୁନ୍ଦ ଦାଶ ଅତିଥିମାନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି । ଅନୁଷ୍ଠାନର ପ୍ରାଣ ପ୍ରତିଷ୍ଠା ଗୀତା ବାରିକ ଗ୍ରୁପକୁ ପ୍ରଶଂଶା କରିବା ସହିତ ଆପ୍ରାଇଜ ଗ୍ରୁପର ଉନ୍ନତି କାମନା କରିଥିଲେ । ପ୍ରକାଶ ଥାଉକି କାର୍ଯ୍ୟକ୍ରମରେ ଶହେରୁ ଊର୍ଦ୍ଧ୍ୱ ସାମାଜିକ ଅନୁଷ୍ଠାନ ଯୋଗଦାନ କରି ପ୍ରଶଂସାର ପାତ୍ର ହେବା ସହିତ ମିଳିମିଶି ସେବା କାର୍ଯ୍ୟକଲେ ରାଷ୍ଟ୍ର ଗଠନ ହେବ ବୋଲି ବିଭିନ୍ନ ଅନୁଷ୍ଠାନରୁ ଆସିଥିବା ସଭାପତିମାନେ ମତବ୍ୟକ୍ତ କରିଥିଲେ ।

## ଜୋନାଲସ୍ତରୀୟ କଳା ଉତ୍ସବ

**ବରଗଡ଼, ୧୯।୧୦(ସମିସ):** ସ୍ଥାନୀୟ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବଲପୁର, ସୁନ୍ଦରଗଡ଼, ଦେବଗଡ଼, ଝାରସୁଗୁଡା ଓ ବରଗଡ଼ ଜିଲ୍ଲାର କୃତି ପ୍ରତିଯୋଗୀ ମାନଙ୍କୁ ନେଇ ଜୋନାଲ ସ୍ତରୀୟ କଳା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ବରଗଡ଼ ବିଡିଓ ବ୍ରେସିଅସ ଡୁଙ୍ଗ ଡୁଙ୍ଗ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର ସାହୁ, ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ବିଚାରକ ଭାବେ ନୃତ୍ୟ ଗୁରୁ ଶଙ୍କର ପଟ୍ଟନାୟକ, ଅଭିନେତ୍ରୀ ଡ.ତପସ୍ୱିନୀ ଗୁରୁ, ନାଟ୍ୟ ନିର୍ଦ୍ଦେଶକ ସଞ୍ଜୟ ବେହେରା, ସନ୍ତୋଷ ପଣ୍ଡା, ସଙ୍ଗୀତଜ୍ଞ ଗୋପାଳ ପ୍ରସାଦ ମିଶ୍ର, ଗୁରୁ ପ୍ରମୋଦ ଦାଶ, ଚିତ୍ରଶିଳ୍ପୀ ମନୋଜ ଜେନା, ଆଶୁତୋଷ ଛତର, ଶିକ୍ଷକ ଅରବିନ୍ଦ ଗୁପ୍ତା, ଜ୍ୟୋତ୍ସ୍ନାରାଣୀ ସାହୁ ପ୍ରମୁଖ ପ୍ରତିଯୋଗୀ ମାନଙ୍କ କଳାକୁ ମୂଲ୍ୟାଙ୍କନ କରିଥିଲେ । ଶିକ୍ଷୟିତ୍ରୀ ଜୟ ଲକ୍ଷ୍ମୀ ସାହୁ ଓ ଗୋବିନ୍ଦ ସେଟ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ସର୍ବ ଭାରତୀୟ କଳା ସଂସ୍କୃତି ଫେଡେରେଶନର ଅଧ୍ୟକ୍ଷ ଚୈତନ୍ୟ ପାଇକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିଥିଲେ । କାର୍ଯ୍ୟକ୍ରମରେ ଅନୁସୂଚିତ ଜନ ଜାତି ସଂଯୋଜକ ମିଥୁନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ସମ୍ପାଦନା ହୋଇଥିବା ବେଳେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବୃନ୍ଦ ଓ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଜୋନାଲ ସ୍ତରୀୟ ଏହି ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ମାନେ ରାଜ୍ୟ ସ୍ତରୀୟ କଳା ଉତ୍ସବରେ ଅଂଶଗ୍ରହଣ କରିବେ ବୋଲି ସୂଚନା ପ୍ରଦାନ କରାଯାଇଥିଲା । ଶିକ୍ଷକ ସୁଶାନ୍ତ ମଙ୍ଗୁଆଲ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କୋଶଳ ରାଇଜ ମିଳିତ କ୍ରିୟାନୁଷ୍ଠାନ କମିଟିର ବୈଠକ

**ବରଗଡ଼, ୧୯ ।୧୦(ସମିସ):** ଯୁବକ ସଂଘ ଠାରେ ଅଜିତ ଶତପଥୀଙ୍କର ସଭାପତିତ୍ୱରେ କୋଶଳ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟିର ପ୍ରଥମ ବୈଠକ ବସିଥିଲା । ବୈଠକରେ କୋଶଳାଞ୍ଚଳର କୋଶଳ ବାଦୀ, ସାମାଜିକ, ଜାତି, ଚାଷୀ ଛାତ୍ର, ମହିଳା, ଯୁବ ସଙ୍ଗଠନମାନଙ୍କର ପ୍ରତିନିଧି ମାନେ ଯୋଗ ଦେଇଥିଲେ । ବୈଠକରେ କୋଶଳ ପିତାମହ ବାଳ ଗୋପାଳ ମିଶ୍ର ଯୋଗ ଦେଇ ସରକାରଙ୍କ ଆଞ୍ଚଳିକ ବିଷମତା ବିରୋଧରେ ଏକାଠି ଲଢ଼େଇ କରିବା ପାଇଁ ଆହ୍ୱାନ ଦେଇଥିଲେ । ସେହିପରି ପ୍ରମୋଦ ମିଶ୍ର ସ୍ୱାସ୍ଥ୍ୟ ଗତ କାରଣ ରୁ ଆସି ପାରି ନ ଥିବାରୁ ପଠେଇ ଥିବା ବାର୍ତ୍ତା ସର୍ବ ସମ୍ମୁଖ ରେ ପଠନ କରାଗଲା । ବୈଠକରେ ପାଖା ପାଖି ୩୩ ଟା ସଂଗଠନ କୋଶଳ ସମନ୍ୱୟ ସମିତି, କୋଶଳ ସେନା, କୋଶଳ ମୁକ୍ତି ମୋର୍ଚ୍ଚା, କୋଶଳ କ୍ରାନ୍ତି ସେନା, ପଶ୍ଚିମ ଓଡ଼ିଶା ଯୁବାମଞ୍ଚ, ସଂଯୁକ୍ତ କୃଷକ ସଂଗଠନ, ଆମ୍ବେଦକର ଯୁବା ସଂଘ, ବଗେଇ ବିରା ମିଲିଟାରୀ ଏକାଡେମୀ, ଦୃଷ୍ଟି ସେବା ସଂଗଠନ, ସମ୍ବିଧାନ ସୁରକ୍ଷା ମଞ୍ଚ, ଆଦିବାସୀ ସଂଘ, ସହଁରା ସମାଜ, ଅଭିଭାବକ ମହାସଂଘ, ମାହେଶ୍ୱରୀ ସେନା, ଅଟୋ ରିକ୍ସା ମାଲିକ ସଂଘ, ଯାଦବ ସମାଜ, ଅଲ ଓଡ଼ିଶା ଆଶା ସଂଘ, ଏକଲବ୍ୟ ଯୁବ ମୋର୍ଚ୍ଚା, ଲକ୍ଷେ ଘର ଗଣ୍ଡା ସମାଜ, ସାହୁ ସମାଜ, ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ, କୋଶଳ ସମାଜ, ଜୟ ଭାରତୀ ଶ୍ରମିକ ସଂଗଠନ, ନାଗାର୍ଜୁନ ବୁଦ୍ଧ ବିହାର କମିଟି, ଆମେ ଡୁମାଲ୍, ଭୀମ ଆର୍ମୀ, ଓଡ଼ିଶା ରାଜ୍ୟ କୃଷକ ସଂଗଠନ, ଷ୍ଟୁଡେଣ୍ଟ ୟୁନିଅନ ଅଫ୍ କୋଶଳ, ଗନ୍ଧ ମାର୍ଦ୍ଦନ ଯୁବ ପରିଷଦ ଅନୁଷ୍ଠାନ ମାନଙ୍କର ନେତୃ ମଣ୍ଡଳୀ ମାନଙ୍କ ସର୍ବସମ୍ମତିକ୍ରମେ ଚାରି ଜଣିଆ ଉପଦେଷ୍ଟା ମଣ୍ଡଳୀ, ବାଳ ଗୋପାଳ ମିଶ୍ର, ପ୍ରମୋଦ ମିଶ୍ର, ଅଜିତ ଶତପଥୀ, ନରେନ୍ଦ୍ର ହୋତା ଗଠନ କରି ସାତଟି ପ୍ରସ୍ତାବ ପାରିତ କରାଗଲା । ପ୍ରତେକ ସଂଗଠନର ଜଣ ଜଣକୁ ନେଇ କୋଶଳ ସେନାପତି ଦାୟିତ୍ୱ ଦେବା ସହିତ ବିଧି ବଦ୍ଧ ଭାବେ କୋଶଳ ରାଏଜ ମିଳିତ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଥିଲା । କୋଶଳ ବିଷୟରେ ମତାମତ କିମ୍ବା ପ୍ରେସ୍ ବାର୍ତ୍ତା କେବଳ ଉଭୟ କମିଟି ର ସହମତି ରେ ପ୍ରବକ୍ତା କେବଳ ପ୍ରେସ୍ ବାର୍ତ୍ତା ସୋସିଆଲ୍ ମିଡିଆରେ ପୋଷ୍ଟ କରିପାରିବେ । ଆସନ୍ତା ଡିସେମ୍ବର ମାସରେ ସଂଗଠନର ବୃହତ୍ କାର୍ଯ୍ୟକ୍ରମ ଭାବେ ମହା ବନ୍ଦ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହି ବୈଠକକୁ ଜଗନ ମେହେର ପରିଚାଳନା କରୁଥିବା ବେଳେ ବୀର୍ବଳ ମହାକୁର୍ ସଞ୍ଚାଳନ କରୁଥିବାବେଳେ ସୁନ୍ଦର୍ ଗଡ଼୍‌ରୁ ଦିଲ୍ଲୀପ ପଣ୍ଡା ସମ୍ବଲପୁରରୁ ବିରେନ୍ଦ୍ର ପାଣିଗ୍ରାହୀ ବଲାଙ୍ଗିରରୁ ଜନ୍‌ସନ୍ ନାଗ ସୋନପୁରରୁ ସରୋଜ ପଧାନ, ଝାରସୁଗୁଡ଼ାରୁ ଗଣେଶ ମଟାରି, ବରଗଡ଼ରୁ ସୁଦାମ ଚରଣ ପାତ୍ର, ଅଶୋକ ଛତର, ଅବିନାଶ ବିଶି ଏବଂ ମହିଳା ମାନଙ୍କ ମଧ୍ୟରେ ସୁନିତା ବାଗ, ବାସନ୍ତୀ ମେହେର୍, ରୀତା ବେହେରାଙ୍କ ସମେତ ଶହ ଶହ କୋଶଳ କର୍ମୀ ଯୋଗ ଦେଇଥିଲେ । ସୁଶୀଲ ଗୁରୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ରକ୍ତଦାନ ଶିବିର; ୪୩ ୟୁନିଟ୍ ସଂଗ୍ରହ

**ବରଗଡ଼, ୧୯ ।୧୦(ସମିସ):** ଉତ୍କଟ ରକ୍ତ ଅଭାବକୁ କିଛି କାଂଶରେ ଦୂର କରିବା ପାଇଁ ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅଧୀନ ବହଲପାଲି ଗ୍ରାମର ବିଜୟ କ୍ଲବ ଓ ନିଷ୍ଠା ପରିବାର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଭାବରେ ବହଲ ପାଲି ସ୍କୁଲର ପ୍ରଧାନ ଶିକ୍ଷକ ବାଲକୃଷ୍ଣ ପଣ୍ଡା ଯୋଗ ଦେଇ ଥିବାବେଳେ ନିମନ୍ତ୍ରିତ ଅତିଥି ଭାବରେ ନିଷ୍ଠା ପରିବାରର ଉପଦେଷ୍ଟା କ୍ଷୀରୋଦ୍ର ସାହୁ ଓ ସଭାପତି ଅଶ୍ୱିନୀ ତ୍ରିପାଠୀ ଯୋଗଦେଇ ଥିଲେ । ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ମୋଟ ୪୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା । ଶିବିର କୁ ବିଜୟ କ୍ଲବ ର ସଭାପତି ମାନଭଞ୍ଜନ ସାହୁ ସମ୍ପାଦକ ସୁବ୍ରତ ପଧାନ, ଉମାକାନ୍ତ ସାହୁ, ସୁଧୀର ପଧାନ, ଯୋଗେଶ୍ୱର ରଥ ବିଜୟ କ୍ଲବର ସ୍ୱେଚ୍ଛାସେବୀ ଓ ନିଷ୍ଠା ପରିବାର ର ସଦସ୍ୟ ମାନେ ସୁପରିଚାଳନା କରିଥିଲେ । ରକ୍ତଦାନ ଶିବିର ଆୟୋଜନ ପାଇଁ ବିଜୟ କ୍ଲବ କୁ ନିଷ୍ଠା ପରିବାର ତରଫରୁ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ରକ୍ତ ଦାତା, ସହଯୋଗୀ, ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା ।

## ପାଇକମାଳ ବ୍ଲକସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି

**ପାଇକମାଳ, ୧୯।୧୦ (ସମିସ):** ପାଇକମାଳ ବ୍ଲକ ଠାରେ ପ୍ରଥମ ଥର ପାଇଁ ଟାଉନ୍ କ୍ଲବ୍ ତରଫରୁ ପାଇକମାଳ ବ୍ଲକ ନୃସିଂନାଥରେ ବିକେଏସଏସ ଉପ ସଭାପତି ତଥା ବରିଷ୍ଠ ଗବେଷକ ଡ.ଲଳିତ ଜଗତଙ୍କ ସଭାପତିତ୍ୱରେ ଲୋକ ମହୋତ୍ସବର ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ବୈଠକରେ ଟାଉନ୍ କ୍ଲବ୍ ପଦ୍ମପୁର ତରଫରୁ ପଦ୍ମପୁର ଲୋକ ମହୋତ୍ସବ କମିଟି ବୋଡାସମ୍ବର କଳାକାରଙ୍କୁ ସୁଯୋଗ ପ୍ରଦାନ ଉଦ୍ଦେଶ୍ୟରେ ପଦ୍ମପୁର ଲୋକ ମହୋତ୍ସବ କମିଟିର ଆବାହକ ଅଶୋକ ମିଶ୍ର, ଟାଉନ୍ କ୍ଲବ୍ ସମ୍ପାଦକ କୁନାଲ ପାଣିଗ୍ରାହୀ, ଉପସଭାପତି ନରେଶ ସାହୁ, ଦିନେଶ ବାରିକ, ଅଖିଳ ପଟ୍ଟନାୟକ, ଗବେଷକ କେଶରଞ୍ଜନ ପ୍ରଧାନ, ସୁରେନ୍ଦ୍ର ସାହୁ ଓ ରମେଶ ଗୁର୍ଲା, ନାଟ୍ୟକାର ଅଶୋକ ବହିଦାର, ସାମ୍ବାଦିକ ଗୋପବନ୍ଧୁ ଶିକା, ବିଜୟ ସାହୁ ପ୍ରମୁଖଙ୍କ ସମେତ ବ୍ଲକର ୨୨ଟି ପଞ୍ଚାୟତର କଳାକାର ଉପସ୍ଥିତ ଥିଲେ । ଆବାହକ ଅଶୋକ ମିଶ୍ର ଆସନ୍ତା ନଭେମ୍ବର ୨୨ ତାରିଖରେ ଲୋକ ମହୋତ୍ସବ ହେବ ବୋଲି ଜଣାଇଥିଲେ । ଏହାପରେ ୯ ଜଣିଆ କମିଟି ଗଠନ କରାଯାଇଥିଲା । କଳାକାର ମହାସଂଘ ସଭାପତି ତଥା ସର୍ଟ ଫିଲ୍ମ ନିର୍ଦ୍ଦେଶକ ପ୍ରେମସାଗର ଫୌଜଦାର ସଭାପତି, ବିକେଏସଏସ ଉପସଭାପତି ଡ.ଲଳିତ ଜଗତ, ଟାଇଲ ଚନ୍ଦ୍ର ଭୋଇ, ଶୁକଦେବ ବେରିଆ, ଗଣେଶ ସୁନା, କପୁରଚନ ଛତର, ସନାତନ ଦୀପ, ଲାଲ ସିଂ ବରିହା, ତାରଚନ୍ଦ ସୁନା, ସୁଶାନ୍ତ ନାଗ, ଯୋଗୀନ୍ଦ୍ର ଭୋଇ, ଦୁର୍ଲଭ ହରିପାଳ, ଫୁଲସିଂ ସୁନା, ବିଭୀଷଣ ସାହୁ, ଶାନ୍ତିଲାଲ ପ୍ରଧାନ, ସୁରେନ୍ଦ୍ର ପାତ୍ର, ଲୁକୁ ବାଗ, ଦିଆରୀ ତାଣ୍ତି, ହରିହର ଭୋଇ, ଆଶାରାଣୀ ସୁନା, ଗଣେଶ କୁମ୍ଭାର, ଦୋଳମଣୀ କୁମ୍ଭାର ଉପସ୍ଥିତ ଥିଲେ । ଶେଷରେ ସୁରେନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ ।

## ମମତା ପ୍ରକଳ୍ପ ଜାଗୃତି ପକ୍ଷରୁ ‘ମୁନି ଅଭିଯାନ’ ସଚେତନତା

**ବରପାଲି, ୧୯ ।୧୦ (ସମିସ)**

ବରଗଡ଼ ଜିଲ୍ଲାର ବିଭିନ୍ନ ବ୍ଲକରେ ମମତା ପ୍ରକଳ୍ପ ଜାଗୃତି ଏଚ୍‌ଆଇଏମ୍‌ଏସ୍ ପକ୍ଷରୁ ‘ମୁନି ଅଭିଯାନ’ ସଚେତନତା ଆରମ୍ଭ ହୋଇଛି । ବରପାଲି ସହ ସୋହେଲା



ବ୍ଲକର ୨୫ଟି ଗ୍ରାମରେ ଅଭିଯାନର ଆୟୋଜନ ହୋଇଥିଲା । କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଗର୍ଭବତୀ, ପ୍ରସୂତୀ ଏବଂ କିଶୋରୀ ବାଳିକାଙ୍କୁ ଉପଯୁକ୍ତ ପୋଷଣ ବିଷୟ ଉପରେ ସାମ୍ୟକ୍ ଧାରଣା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ପୋଷଣ ବଗିଚା ଉପରେ ୨୦ ଟି ଗ୍ରାମର ଲୋକଙ୍କୁ ଚିହ୍ନଟ କରାଯିବା ସହିତ ପ୍ରଶିକ୍ଷଣ ମଧ୍ୟ ଦିଆଯାଇଥିଲା । ମମତା ସଂସ୍ଥା ଜେନେରାଲ ମ୍ୟାନେଜର ମି. ରୋହିତଙ୍କ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥିଲା । ଆଜିର ଦିନରେ ଆମେ କେମିତି ଭାବରେ ଜୈବିକ ଉପାୟରେ ପନିପରିବା ଜମିରେ ଉତ୍ପାଦନ କରାଯିବା ଶୈଳି, ରାସାୟନିକ ସାରକୁ ବର୍ଜନ କରିବା, ରାସାୟନିକ ସାର ବ୍ୟବହୃତ ପନି ପରିବା ଖାଇଲେ ଆମ ଶରୀର ଓ ସ୍ୱାସ୍ଥ୍ୟର ଅବନତି ସମ୍ବନ୍ଧିତ ହୃଦ୍‌ଘାତ, ସୁଗର, ରକ୍ତଚାପ ରୋଗର ଉତ୍ପତ୍ତି ଉପରେ ବୁଝାଇଥିଲେ । ରାସାୟନିକ ସାର ବ୍ୟବହାର ଉପରେ ଅଙ୍କୁଶ ଲଗାଇବା ସହ ଜୈବିକ ଖତକୁ ଗୁରୁତ୍ୱ ଦେବାକୁ ପ୍ରବର୍ତ୍ତାଇଥିଲେ । ସେହିପରି ଜୈବିକ ଖତ ତିଆରି ସମ୍ପର୍କରେ ତାଲିମ ମଧ୍ୟ ଦିଆଯାଇଥିଲା । ଏହି ଅବସରରେ ୨୦ ପ୍ରକାର ମଞ୍ଜି ଦିଆଯିବା ସହିତ ନିଜ ବାଡ଼ିରେ ଲଗାଇବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା । ସେହିପରି ତାଲିମ ଦେବା ଅବସରରେ ପଥ ପ୍ରାନ୍ତ ନାଟକ ମାଧ୍ୟମ ରେ ମଧ୍ୟ ଲୋକ ମାନଙ୍କୁ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମ କୁ ମମତା ର ଜିଲ୍ଲା ସଂଯୋଜକ ଅଦିତି ଜାନାଙ୍କ ସହିତ ମମତାର ସମସ୍ତ ବିଏସ ଯଶୋବନ୍ତ ପୂଜାରୀ, ସୋମ୍ୟ ବାରିକ ଓ କ୍ଷୀରସିନ୍ଧୁ ଭୋଇ, କ୍ଷୀରୋଦ୍ରୀ ପଧାନ, ମହାଦେବ ଭୋଇ, ପ୍ରହଲ୍ଲାଦ ପାଣିଗ୍ରାହୀ, ଆଲୋକ ମେହେର, ମୁକେଶ ଚୌହାନ, ଘନଶ୍ୟାମ ଭୋଇ, ଜୀବର୍ଦ୍ଧନ ସାହା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।






■ ଜେସିବି ଲଗାଇ ୧ ଏକର କପା ଚାଷ ନଷ୍ଟ କରିଦେବା ଘଟଣା

# କମ୍ପାନୀକୁ ଜମି ଟେକିଦେବାକୁ ମସୁଧା

**ବଲାଙ୍ଗିର/ପାଟଣାଗଡ଼, ୧୯ ।୧୦(ସମିସ)**

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ମାଲପଡ଼ା ଗାଁର ଆଦିବାସୀ ଚାଷୀ ବୈଷ୍ଣବ ବରିହାଙ୍କ ଗୋଟିଏ ଏକରର କପା ଚାଷ ଦୁର୍ବୃତ୍ତ ଜେସିବି ଲଗାଇ ଉପାଡି ଦେଇଛନ୍ତି। ଜାଲିଆତି କରି ଏକ କମ୍ପାନୀକୁ ଏହି ଜମି ଟେକିଦେବାକୁ ମସୁଧା ହୋଇଛି। ଏଥିରେ ରାଜସ୍ୱ ବିଭାଗର ହାତ ରହିଥିବା ଜଳ ଜଳ ଦିଶୁଛି। ଏହି ଘଟଣାକୁ ନେଇ 'ସକାଳ' ଲଗାତାର ଖବର ପ୍ରକାଶ କରି ଚାଲିଛି। ତେବେ ଭାରତୀୟ କିଷାନ ୟୁନିୟନ ରାଜ୍ୟ ସଭାପତି ସୌରୀ ସାହୁ କ୍ଷତିଗ୍ରସ୍ତ ଚାଷୀ ବୈଷ୍ଣବଙ୍କ ଘରକୁ ଯାଇ ଭେଟିଛନ୍ତି। ଶ୍ରୀ ସାହୁ କହିଛନ୍ତି ଯେ 'ସକାଳ'ରେ ଖବର ପ୍ରକାଶିତ ହେବା ପରେ ସେ ଏଭଳି ଏକ ଘଟଣା ବିଷୟରେ ଜାଣିଲେ। ନଷ୍ଟ କରାଯାଇଥିବା କପା ଚାଷ ଜମି ଦେଖିଛନ୍ତି। ଜଣେ ଗରିବ ତଥା ଆଦିବାସୀ ଲୋକଙ୍କ ପ୍ରତି ଘୋର ଅନ୍ୟାୟ କରାଯାଇଛି। ରକ୍ଷକ ଭକ୍ଷକ ସାଜିଛନ୍ତି। ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ସହଯୋଗୀମାନେ ନିରୀହ ଚାଷୀଙ୍କ ଜମିକୁ ଜାଲିଆତି କରି ଏକ କମ୍ପାନୀ ହାତରେ ଟେକିଦେଇଛନ୍ତି। ଜମିରେ ଅଂଶୀଦାର ଥିବା ଚାଷୀଙ୍କ ଅଜାଣତରେ କମ୍ପାନୀକୁ ବିକ୍ରି କରିଦିଆଯାଇଛି। ନ୍ୟାୟ ପାଇଁ କ୍ଷତିଗ୍ରସ୍ତ ଚାଷୀ ଶ୍ରୀ ବରିହା ଏସପି, ଜିଲ୍ଲାପାଳ, ଥାନା ଅଧିକାରୀ, ତହସିଲଦାରଙ୍କଠୁ ଆରମ୍ଭ କରି କୃଷିମନ୍ତ୍ରୀଙ୍କ ନିକଟକୁ ମଧ୍ୟ ଯାଇଥିଲେ; କିନ୍ତୁ ପରିତାପର ବିଷୟ ଯେ କେହି ତାଙ୍କ ଗୁହାରି ଶୁଣିଲେ ନାହିଁ। ଓଲଟା ପୁଲିସ ଉପସ୍ଥିତିରେ କପାଚାଷ ନଷ୍ଟ କରିଦିଆଯାଗଲା। ଏହା ଏକ ମିଳିତ ଷଡଯନ୍ତ୍ର। ଉଚିତ କ୍ଷତିପୂରଣ ସହ ଚାଷ ନଷ୍ଟ କରିଥିବା



ଉପେନ୍ଦ୍ର ଭୋଇଙ୍କୁ ତୁରନ୍ତ ଗିରଫ କରାଯାଉ। ଜେସିବିକୁ ଜବତ କରାଯାଉ। ଭାରତୀୟ କିଷାନ ୟୁନିୟନ କ୍ଷତିଗ୍ରସ୍ତ ଚାଷୀ ସହ ଅଛି। ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଲଢେଇ ଜାରି ରହିବ ବୋଲି ସେ 'ସକାଳ'କୁ ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପଟେ ହୋଇଥିବା ଜମି ଜାଲିଆତିର ଅନେକ ଦାସ୍ତାବିଜ 'ସକାଳ' ହାତରେ ଲାଗିଛି। ଜମି ଖତିଆନରେ ନାମାଙ୍କିତ ବ୍ୟକ୍ତିଙ୍କ ଅଜାଣତରେ ଜାଲିଆତି କରି ବିକ୍ରି ହୋଇଥିବା ଜମିର ଅଂଶୀଦାର ଚନ୍ଦ୍ରକାନ୍ତ ସାହୁ ଅଭିଯୋଗ ଆଣିଛନ୍ତି। ପ୍ରଥମେ ସୁନାଧର ସାହୁ ଚଞ୍ଚକତା କରି ୧୬.୨୭ ଏକର ଜମିକୁ ନିଜ ନାମ, ସ୍ତ୍ରୀ ଓ ପୁଅଙ୍କ ନାମରେ କରି ନେଇଥିଲେ। ପରେ ଉକ୍ତ ଜମିକୁ ଗତ ୨୦୦୯ରେ ସମ୍ବଲପୁରର ମହମ୍ମଦ ଶିରାଜଙ୍କୁ ବିକ୍ରି କରିଦେଇଥିଲେ। ୬।୮।୨୫ରେ ମହମ୍ମଦ ଶିରାଜ ପୁଣି ଉକ୍ତ ଜମିକୁ ଏନଭାଇରୋ କେୟାର ଇନଫ୍ରା ସଲୁସନ ପ୍ରାଇଭେଟ ଲିମିଟେଡ୍ କମ୍ପାନୀକୁ ୧୩.୧୪୦୦ ଡେସିମିଲ ଜମି ଓ ଦୀପିକା ଜୈନଙ୍କୁ କିଛି ଜମି ବିକ୍ରି କରିଛନ୍ତି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ଯେ ସୁନାଧରଙ୍କ ନାମରେ ଥିବା ଜମି ପଟ୍ଟା ଅନୁସାରେ ବିକ୍ରି ନ ହୋଇ ଚନ୍ଦ୍ରକାନ୍ତ ସାହୁ ଓ ରସିକ ସାହୁଙ୍କ ଭାଗ ଥିବା ଜମିକୁ କମ୍ପାନୀକୁ ବିକ୍ରି କରିଦିଆଯାଇଛି। ତେବେ ଏହି ଜମି ଜାଲିଆତି ମାମଲାରେ ଆରଆଇ ଓ ତହସିଲଦାର ତଦନ୍ତ ପରିସରଭୁକ୍ତ ହେବାସହ ଏନେଇ ଥାନାରେ ଅପରାଧିକ ମାମଲା ରୁଜୁ ହେବାକଥା ବୋଲି ବରିଷ୍ଠ ଆଇନଜୀବୀ ଆଶିଷ ଚନ୍ଦନ କହିଛନ୍ତି। ସୂଚନାଯୋଗ୍ୟ, ଏହି ଜମି ଜାଲିଆତିକୁ ନେଇ କୋର୍ଟରେ ସିଭିଲ୍ ସୁଟ୍ (ନଂ ୧୮୬/୨୫) ହୋଇଛି। କପାଚାଷ ନଷ୍ଟ ଅଭିଯୋଗରେ ମହୁରୁଣୀର ଉପେନ୍ଦ୍ରଙ୍କ ନାମରେ ଖପ୍ରାଖୋଲ

**ଆରଆଇ, ତହସିଲଦାର କିଆଁ ତଦନ୍ତ ପରିସର ଭୁକ୍ତ ନ ହେବେ?**

**କ୍ଷତିପୂରଣ ସହ ଚାଷ ନଷ୍ଟ କରିଥିବା ବ୍ୟକ୍ତିକୁ ଗିରଫ, ଜେସିବି ଜବତ କରାଯାଉ**

ଥାନାରେ ଏକ ମାମଲା ମଧ୍ୟ ରୁଜୁ ହୋଇଛି; କିନ୍ତୁ ଉପେନ୍ଦ୍ର ଶାସକ ଦଳର କର୍ମୀ ହୋଇଥିବାରୁ ପୁଲିସ ଏପର୍ଯ୍ୟନ୍ତ ତାକୁ ହାତ ମାରିବାକୁ ସାହସ ଜୁଟାଇ ପାରୁନାହିଁ। ପୁଲିସ ଉପସ୍ଥିତିରେ ସେ କପା ଚାଷକୁ ଡୋଜର ଲଗାଇ ନଷ୍ଟ ସମୟର ଦୃଶ୍ୟ 'ସକାଳ' ହାତରେ ଲାଗିଛି। ଏହାସତ୍ତ୍ୱେ ତାଙ୍କ ବିରୋଧରେ ପୁଲିସ ଏ ପର୍ଯ୍ୟନ୍ତ କାହିଁକି ପଦକ୍ଷେପ ନ ନେଇ ଚୁପ୍ ରହିଛି ତାହା ପ୍ରଶ୍ନ ସୃଷ୍ଟି କରିଛି।



ରାଜ୍ୟସ୍ତରୀୟ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ଏବଂ ଅନ୍ତ୍ୟୋଦୟ ଗୃହ ଯୋଜନାର ତୃତୀୟ ପର୍ଯ୍ୟାୟ ହିତାଧିକାରୀଙ୍କୁ ଗୃହ ନିର୍ମାଣର ପ୍ରଥମ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ପ୍ରଶାସନ ଆଭାଷୀ ମାଧ୍ୟମରେ ଯୋଡି ହୋଇଛି।

# ୩୮ ନୂଆ ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଭିତ୍ତିପ୍ରସ୍ତର

**ବଲାଙ୍ଗିର, ୧୯ ।୧୦(ସମିସ):** ବଲାଙ୍ଗିର ଜିଲ୍ଲାର ୩୮ଟି ନୂତନ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାସହ ଅନ୍ତ୍ୟୋଦୟ ଗୃହ ଯୋଜନାରେ ତୃତୀୟ ପର୍ଯ୍ୟାୟର ୧୦୪୪ ଜଣ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ଜିଲ୍ଲାପାଳ ଗୌରଓ ଶିଓାଜୀ ଇସଲୱାର, ଦିନେଶ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପବିତ୍ର ବେହେରା, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲ୍ଲା ପଞ୍ଚାୟତ ଅଧିକାରୀ ସରୋଜ ମେହେର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝି, ବିଭିନ୍ନ ବ୍ଲକ ଓ ପଞ୍ଚାୟତ ଅଧିକାରୀଙ୍କ ସହ କର୍ମଚାରୀମାନେ ଯୋଗ ଦେଇଥିଲେ।

ଜିଲ୍ଲାସ୍ତରୀୟ କଳା ଉତ୍ସବ

# ଶିଶୁମାନେ ହିଁ ସାହିତ୍ୟ, ସଙ୍ଗୀତ ଓ କଳାର ଗର୍ବ ଗୌରବ

**ଭବାନୀପାଟଣା, ୧୮ ।୧୦(ସମିସ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ କଳା ଉତ୍ସବ-୨୫ ପାଳନ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଦୀନକୃଷ୍ଣ ଯୋଷୀ ମଞ୍ଚାସୀନ ଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଦୁଷ୍ମନ୍ତ ଶେଖର ପାଢ଼ୀ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ ୧୩ଟି ବ୍ଲକରୁ ଚୟନ ହୋଇ ଆସିଥିବା ଛାତ୍ରଛାତ୍ରୀଙ୍କୁ ନେଇ ନାଟକ, ନୃତ୍ୟ, ଚିତ୍ରାଙ୍କନ, ମୃଣ୍ମୟ, ଗଳ୍ପ କଥନ, ଉଭୟ ଲୋକ ଓ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ ଆଦି ୧୨ ବିଭାଗରେ ପ୍ରତିଯୋଗିତା କରାଯାଇଥିଲା। ଏଥିପାଇଁ ୨୪ ଜଣ ଅନୁଭବୀ ବିଚାରକଙ୍କ ଦ୍ୱାରା ଜୋନାଲ ସ୍ତରରେ ଅଂଶ ଗ୍ରହଣ ସକାଶେ ଶ୍ରେଷ୍ଠ ପ୍ରତିଯୋଗୀ ବଛାଯାଇଥିଲା।ଉଦ୍‌ଯାପନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଜାତୀୟ ବିସ୍ମିଲ୍ଲାହ ଖାନ ପୁରସ୍କାର ପ୍ରାପ୍ତ କଳାକାର ଧାନନନ୍ଦ ପଣ୍ଡା, ମୁଖ୍ୟବକ୍ତା ଭାବେ ଡ. ଶିବ ପ୍ରସାଦ ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ପବିତ୍ର ମୋହନ ସାହୁ ଓ ବରିଷ୍ଠ ଶିକ୍ଷାବିତ ପ୍ରଭାସ ଚନ୍ଦ୍ର ମିଶ୍ର ତଥା ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷକ ବିରଞ୍ଚି



ନାରାୟଣ ମୁଣ୍ଡ ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷକ ନୀଳାଞ୍ଚଳ ପାନ, ଯୁଧିଷ୍ଠିର ସାହୁ, ଶୁଭମଜ୍ୟୋତି ରାଉତ, ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଡ଼କ୍ଟର ଦୀନକୃଷ୍ଣ ଯୋଷୀ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ସହଯୋଗ କରିଥିଲେ। ଜିଲ୍ଲା ବିଜ୍ଞାନ ପରିଦର୍ଶକ ଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

ବୀରମହାରାଜପୁର ମହାବିଦ୍ୟାଳୟରେ ଆଞ୍ଚଳିକ ସାହିତ୍ୟ ଉତ୍ସବ

# 'ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ'

**ବୀରମହାରାଜପୁର, ୧୯।୧୦(ସମିସ):** ଜୀବନର ଶ୍ରେଷ୍ଠ ଭାବନାର ପରିପ୍ରକାଶ ହେଉଛି ସାହିତ୍ୟ। ସମାଜର ଦର୍ପଣ ହେଉଛି ସାହିତ୍ୟ। ସାହିତ୍ୟ ଜୀବନଦର୍ଶନ ଶିଖାଏ। ଜୀବନକୁ ଆଲୋକିତ କରେ। ସେହିପରି ଏକ ଜାତିର ପରିଚୟ ହେଉଛି ଭାଷା। ଭାଷା ବଞ୍ଚିଲେ ସାହିତ୍ୟ ବଞ୍ଚିବ। ସାହିତ୍ୟ, ସମାଜ ଓ ସଂସ୍କୃତି ନଥିଲେ ଜୀବନ ନିରର୍ଥକ। ରବିବାର କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦ, କଟକର ସୁବର୍ଣ୍ଣପୁର ଜିଲ୍ଲା ଶାଖା ଆନୁକୂଲ୍ୟରେ ବୀରମହାରାଜପୁର ମହାବିଦ୍ୟାଳୟର କନଫରେନ୍ସ ହଲ୍ ପରିସରରେ ଆଞ୍ଚଳିକ ସାହିତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଳ୍ପନା ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିଷଦର ସାଧାରଣ ସମ୍ପାଦକ ଡ. ଗୋପାଳଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ପ୍ରଧାପକ ତଥା ଅଧ୍ୟକ୍ଷ ଡ. ହିମାଂଶୁ ଶେଖର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହିପରି ଓଡ଼ିଆ ଭାଷା



ଓ ସାହିତ୍ୟ ବିଭାଗର ଅଧାପିକା ଯାମିନୀ ଦାଶ ମୁଖ୍ୟବକ୍ତା, ସିଦ୍ଧାର୍ଥ ସ୍ନାତକ ମହାବିଦ୍ୟାଳୟ, ବିନିକାର ଅଧ୍ୟକ୍ଷ ଡ. ଧୀରେନ୍ଦ୍ର କୁମାର ନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସାହିତ୍ୟ ଉତ୍ସବର ପ୍ରଥମ ଭାଗରେ ସାଧାରଣ ଅଧିବେଶନ ଅନୁଷ୍ଠିତ ହେବା ସହିତ ସାହିତ୍ୟ ଆଲୋଚନା ହୋଇଥିଲା। ଏହି ଅବସରରେ ସୁଧୀର କୁମାର ବିଶ୍ୱାଳଙ୍କୁ କଳ୍ପନା ସାମ୍ବାଦିକ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଯୁଗଳ କିଶୋର ମିଶ୍ର ଓ ରାଧାକାନ୍ତ ବାଘଙ୍କୁ କଳ୍ପନା ସାମ୍ବାଦିକ ସୌରଭ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ବିନୋଦ କୁମାର ପାଣ୍ଡେଙ୍କୁ କଳ୍ପନା ସାମ୍ବାଦିକ ଭାସ୍କର ସମ୍ମାନରେ ସମ୍ମାନିତ କରାଯାଇଥିଲା। ସ୍ୱର୍ଣ୍ଣପ୍ରଭା ମହାପାତ୍ର, ଲକ୍ଷ୍ମୀନାରାୟଣ ସାହୁ ଓ ଯାମିନୀ ଦାଶଙ୍କୁ କଳ୍ପନା ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କୁ କଳ୍ପନା ଭାଷା ଗଙ୍ଗୋତ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଡ. ହିମାଂଶୁ ଶେଖର ପାଢ଼ୀ, ଲଳିତା ନାୟକ ଓ ମନୋଜ ମଞ୍ଜରୀ ଦେଓଙ୍କୁ କଳ୍ପନା ସାରସ୍ୱତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅଧାପିକା ଡ. ବନ୍ଦିତା ବିଶ୍ୱାଳ ସଭା ସଂଯୋଜନା କରିଥିବା ବେଳେ ଅଧାପକ ସଞ୍ଜୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଭାଗରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

# 'ସୁରଭି'ରେ ଭାଗନେଲେ ତିନିଶହ ପ୍ରତିଯୋଗୀ

**ମୁରିବାହାଲ, ୧୯ ।୧୦ (ସମିସ):** ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ହଲଦୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ ପଡ଼ିହାରୀ ମାଁ ବାଗଦେବୀଙ୍କଠାରେ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈଳାଶ ଚନ୍ଦ୍ର ଭୋଇ, କାନ୍ତାରାମ ଧରୁଆ, ପ୍ରଧାନଶିକ୍ଷକ ଶ୍ରୀମନ୍ତ ନାୟକ, ପୁରୁଷୋତ୍ତମ ବାଗ, ପଞ୍ଚାନନ ରଣା ଓ ସିଆରସିସି ପ୍ରିୟଦର୍ଶନ ମୁଗ୍ରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିବୃନ୍ଦ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରି ଶିଶୁମାନଙ୍କ ଲୁପ୍ତ ଓ ସୁପ୍ତ ପ୍ରତିଭାର ବିକାଶ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା ବିତର୍କ, ରଚନା ଲିଖନ, ଚିତ୍ରାଙ୍କନ, କୁଇଜ, ସୃଜନଶୀଳ ଲିଖନ, ବକ୍ତୃତା, ଶୃତଲିଖନ, ପିଏମ ପୋଷଣ ଶିଳ୍ପ ଓ ଚିତ୍ରକଳା, ସଙ୍ଗୀତ ଓ ସାଂସ୍କୃତିକ ପ୍ରତିଯୋଗିତାରେ ସମସ୍ତ ବର୍ଗରୁ ପ୍ରାୟ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ୩୦ ଜଣ ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପାଇଁ ମନୋନୀତ ହୋଇଥିଲେ। ଦିବ୍ୟାଙ୍ଗ ବର୍ଗର ପ୍ରତିଯୋଗୀମାନେ ମଧ ଭାଗ ନେଇଥିଲେ। ଉଦ୍‌ଯାପନୀ ସଭାରେ ମୁଖ୍ୟ ଅତିଥି ଭାବେ ହଲଦୀ ସରପଞ୍ଚ ସୌମିନୀ ସେଠ୍ ଓ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଟୁନାମଣି ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ବିଇଓ ଶ୍ରୀ ପଡ଼ିହାରୀ ସଭାର ସଭାପତିତ୍ୱ କରି ସମସ୍ତ ପ୍ରତିଯୋଗୀଙ୍କୁ ସୁରଭିର ମହତ୍ତ୍ୱ ବିଷୟରେ ଜଣାଇଥିଲେ। ଅତିଥିବୃନ୍ଦ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତ୍ୟେକ ବର୍ଗର ପ୍ରତିଯୋଗୀଙ୍କୁ କୃତିତ୍ୱ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରି ସମ୍ମାନିତ କରିଥିଲେ। ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶିଷ୍ଟ ସୁନାମଧନ୍ୟ କଣ୍ଠଶିଳ୍ପୀ ଓ ଭାରତୀୟ ସ୍ତରରେ ରେକର୍ଡ ସ୍ଥାପନ କରିଥିବା ନୃତ୍ୟ ପ୍ରଶିକ୍ଷକମାନେ ବିଚାରକ ଭାବରେ ଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ, ଶିକ୍ଷୟିତ୍ରୀ ତଥା ସାଧନ କେନ୍ଦ୍ର ସଂଯୋଜକ ପ୍ରମୁଖ ସହଯୋଗ କରିଥିଲେ। ପ୍ରଧାନ ଶିକ୍ଷକ ସତ୍ୟ କୁମ୍ଭାର ଓ ଲିଲୁମୋହନ ପଧାନ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ତୋଷ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।




# ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା; ବେଲପଡ଼ା ବ୍ଲକ ଛାତ୍ରୀଛାତ୍ରଙ୍କ ସଫଳତା




**ବେଲପଡ଼ା, ୧୯ ।୧୦(ସମିସ):** ବଲାଙ୍ଗୀର ଜିଲ୍ଲା ସଇଁତଳା ବ୍ଲକ ବିଜୟାନନ୍ଦ ହାଇସ୍କୁଲ ଖେଳ ପଡ଼ିଆରେ ୪ଦିନ ଧରି ଜିଲ୍ଲାସ୍ତରୀୟ ଖେଳକୁଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହିପ୍ରତିଯୋଗିତାରେକୃତୀଛାତ୍ରୀଛାତ୍ରମାନେ ରାଜ୍ୟସ୍ତରରେ ହେବାକୁ ଥିବା ଖେଳ ପ୍ରତିଯୋଗିତାରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ଏଥିରେ ବେଲପଡ଼ା ବ୍ଲକର ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ସଫଳତା ପାଇଛନ୍ତି। ବେଲପଡ଼ା ବ୍ଲକ କ୍ରୀଡା ସମ୍ପାଦକ ପ୍ରମୋଦ ଠାକୁରଙ୍କ ତତ୍ତ୍ୱାବଧାନରେ ୪ଟି ଗ୍ରୁପର ୧୯ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ସିନିୟର୍ ବାଳକ ବିଭାଗରେ ରୋସନ ନାୟକ ୩୦୦୦ ମିଟର ଦୌଡ଼ରେ ପ୍ରଥମ ହୋଇଛନ୍ତି। ସେହିଭଳି ୧୫୦୦ ମିଟର ଦୌଡରେ ଦ୍ୱିତୀୟ ହୋଇଛନ୍ତି। ସେହିପରି ବାଳିକା ବିଭାଗରେ ଅର୍ପିତା ମଲ୍ଲିକ ୩୦୦୦ ମିଟର ଦୌଡ଼ରେ ପ୍ରଥମ ହୋଇଛନ୍ତି। ୪୦୦ମିଟର ଦୌଡରେ ମଧ ପ୍ରଥମ ହୋଇଛନ୍ତି। ଲିପ୍ସା ଛତ୍ରିଆ ୧୫୦୦ ମିଟର ଦୌଡରେ ପ୍ରଥମ ହୋଇଛନ୍ତି। ଗାୟତ୍ରୀ ମାଝୀ ୩୦୦୦ ମିଟର ଦୌଡରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ୧୪ ବର୍ଷରୁ କମ୍ ବର୍ଗରୁ ବାଳକ ବିଭାଗରେ ଦେବରାଜ ବରିହା ୬୦୦ ମିଟର ଦୌଡରେ ଦ୍ୱିତୀୟ ହୋଇଥିବାବେଳେ ୪୦୦ ମିଟର ଦୌଡରେ ଦ୍ୱିତୀୟ ହୋଇଛନ୍ତି। ୨୦୦ ମିଟରରେ ତୃତୀୟ ହୋଇଛନ୍ତି। ବାଳିକା ବିଭାଗ ୬୦୦ ମିଟର ଦୌଡରେ ଯଶୋଦା ଥାପା ତୃତୀୟ ସ୍ଥାନ ହାସଲ କରିଛନ୍ତି। କ୍ରୀଡା ଶିକ୍ଷକ ସରୋଜ ବିଶ୍ୱାଳ, ସୁଦାମ ସୁନା, ଲକ୍ଷ୍ମୀ ମଲ୍ଲିକ, ଅମ୍ବରେସ ପଧାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ର ନଭେମ୍ବରରେ ବାଲେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଭାଗ ନେବେ। ଏହି ସଫଳତା ପାଇଁ ବ୍ଲକ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର, ଏବିଇଓ ଚତୁର୍ଭୁଜ ମିର୍ଦ୍ଧା, ନୋଡାଲ ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା, ତରଙ୍ଗିଣୀ ହୋତା, ବିଶ୍ୱମ୍ବର ବୁଡେକ୍ ଏମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

**ସିନାପାଲି, ୧୮ ।୧୦(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ରାଣିମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ସିଆରସିସି ଭୀମସେନ ମେହେରଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି।କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ମୁଖ୍ୟଅତିଥି ଭାବେ ସମଲେଶ୍ୱରୀ ଉଚ୍ଚ ବିଦ୍ୟାଳୟ, ଟିମନପୁରର ପ୍ରଧାନ ଶିକ୍ଷକ ପ୍ରଦୀପ ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ସିଆରସିସି ଅତୁଲ୍ ସୂପକାର, ଟିଓ୍ୟୁପିଏସ, ଟିମନପୁରର ପ୍ରଧାନଶିକ୍ଷକ କୁଳଚନ୍ଦ୍ର ନାଏକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୁରନ୍ଦର ହୋତା, ବିଦ୍ୟାଳୟର ପ୍ରଧାନଶିକ୍ଷକ ଟିକେମଣି ହରିଜନ ଏବଂ ଓଏଭି ଶିକ୍ଷକ ନରେନ୍ଦ୍ର ନାଏକ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନ ମୁଖ୍ୟଅତିଥି ଭାବେ ସିନାପାଲି ଏବିଡିଓ ସୁବ୍ରତ ପରିଡ଼ା, ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଶିକ୍ଷକ ସଂଘ ସଭାପତି ପଞ୍ଚାନନ ଖମାରୀ, ସମ୍ମାନିତ ଅତିଥି ଭାବେ ସିନାପାଲି ଆଇଏସଆଇ ତରୁଣ ସାହୁ, ବୋଡ଼େନ ବିଇଓ ରୁଦ୍ରେଶ୍ୱର ମେହେର, ଓଏଭି, ଟିମନପୁରର ଅଧ୍ୟକ୍ଷ ଶିବୁ ବିଶ୍ୱାଳ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।ଶିକ୍ଷକ ପରେଶନାଥ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ





କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

ସେହିପରି ସିନାପାଲି ବ୍ଲକ ଅନ୍ତର୍ଗତ ପୋର୍ଟିପଡ଼ା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଭଟ୍ଟାପାଣି କ୍ଲଷ୍ଟର ସ୍ତରୀୟ ସୁରଭି ସିଆରସିସି ତରୁଣ କୁମାର ମେହେରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଶ୍ରୀ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ବୈଲୋଚନ ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜ୍ୟୋତ୍ସ୍ନାରାଣୀ ମାଝୀ ନେତ୍ରା ନାୟକ, କୂଳଚନ୍ଦ୍ର ମାଝୀ ଉପସ୍ଥିତ ରହି ଦୀପ ପ୍ରଜ୍ୱଳନ ପୂର୍ବକ ସୁରଭି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବରିଷ୍ଠ ଓ କନିଷ୍ଠ ବିଭାଗ ସ୍ତରୀୟ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ତର୍କ, କୁଇଜ, ନୃତ୍ୟ, ସଙ୍ଗୀତ ଭଳି ବିଭିନ୍ନ ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ଅପରାହ୍ଣରେ ସିଆରସିସି ତରୁଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ପ୍ରଧାନଶିକ୍ଷକ ପଞ୍ଚୁରାମ ମାଝୀ ଓ ମୁଖ୍ୟବକ୍ତା ଭାବରେ ସ୍ଥାନୀୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମହାଯା ଗିରି ଓ ସମ୍ମାନିତ ଅତିଥି ଭାବରେ ହରିଶ୍ଚନ୍ଦ୍ର ମହାପାତ୍ର, ଡାଳେଶ୍ୱର ମାଝୀ, ମୋହନ ବାଗ, କ୍ଷିରସିନ୍ଧୁ ପୋଡ, ଲକ୍ଷ୍ମଣ ମାଝୀ ଯୋଗ ଦେଇଥିଲେ।ପ୍ରାରମ୍ଭରେ ଝସକେତନ ମେହେର ସ୍ୱାଗତ କରିଥିବା ବେଳେ ଶେଷରେ ଉପାସୁ ବାଗ ଧନ୍ୟବାଦ ଦେଇଥିଲେ। ଏ ଅବସରରେ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବୌମକେଶ ସାହୁ, ସରୋଜ ପାଢ଼ୀ, ସବିତା ମେହେର, କୃଷ୍ଣଚନ୍ଦ୍ର ଧାକଡ, ହରେକୃଷ୍ଣ ମେହେର, ରୋସନ ସେଠୀ, ଶୁଭଲକ୍ଷ୍ମୀ ଜେନା, ତ୍ରିଲୋଚନ ମେହେର ପ୍ରମୁଖ ସହଯୋଗ କରିଥିଲେ।

# କାରରୁ ଗଞ୍ଜେଇ ଜବତ, ଜଣେ ଗିରଫ

**ଶଗଡ଼ା, ୧୯ ।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ଏକ କାରରୁ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ଜଣେ ମାଫିଆକୁ ଗିରଫ କରିଛି । ଗିରଫ ମାଫିଆ ଜଣକ ହେଲେ କନ୍ଧମାଳ ଜିଲ୍ଲା ଗୋଛାପଡ଼ା ଥାନା ବାଲାନ୍ଦାପଡ଼ା ଗ୍ରାମର ସଞ୍ଜୟ ଦିଗାଲ (୪୨) । ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଉଦେପୁର ଛକ ନିକଟରେ ଏକ କାର (ଓ ଆର ୦୨ ବିଏଲ ୮୧୧୬)କୁ ଅଟକାଇ ଯାଞ୍ଚ କରିଥିଲା । ଯାଞ୍ଚ ପରେ କାରରୁ ଗଞ୍ଜେଇ ବାହାରି ଥିଲା । ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କଲା ପରେ ୧୦ କେଜି ହୋଇଥିଲା । ଅବକାରୀ ଟିମ୍ ଗାଡି, ଗଞ୍ଜେଇ ସହ ଜଣେ ମାଫିଆକୁ ଗିରଫ କରିଛି । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ୧୦୫/୨୫ରେ ଏକ ମାମଲା ରୁଜୁ କରି ସଞ୍ଜୟକୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି ।



# ବିନା ଅନୁମତିରେ ବାଣ ବିକିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ

**କେସିଙ୍ଗା, ୧୯ ।୧୦(ସମିସ)**

ଦୀପାବଳି ପାଇଁ ଗାଁ ଠାରୁ ସହର ସବୁଠି ବିଭିନ୍ନ ଦୋକାନରେ ସମ୍ମୁଖରେ ଭିଡ ଦେଖିବାକୁ ମିଳୁଛି । ଆଜି ପର୍ଯ୍ୟନ୍ତ ଗୋଟିଏ ବି ବାଣ ଦୋକାନ ଖୋଲିନାହିଁ । ଅନ୍ୟ ବର୍ଷମାନଙ୍କରେ ଦୀପାବଳୀର ୧୫ ଦିନ ଆଗରୁ ବାଣ ଦୋକାନ ଖୋଲି ଯାଇଥାଏ । କିନ୍ତୁ ଚଳିତ ବର୍ଷ ପ୍ରଶାସନର ଚଢ଼ାଉ ପାଇଁ ବେପାରିମାନେ ବ୍ୟବସାୟ ଆରମ୍ଭ କରି ନାହାନ୍ତି ।ବିଗତ ଦିନରେ ବୌଦ୍ଧ ଜିଲ୍ଲାରେ ହୋଇଥିବା ବାଣ ବିସ୍ଫୋରଣ ଯୋଗୁଁ ହୋଇଥିବା କ୍ଷୟକ୍ଷତିକୁ ଆଖି ଆଗରେ ରଖି ରାଜ୍ୟ ସରକାର ଆଗୁଆ ସତର୍କ ଅବଲମ୍ବନ କରୁଛନ୍ତି ।ତେଣୁ କିଛିଦିନ ତଳେ ସାରା ଜିଲ୍ଲାରେ ଥିବା ବାଣ ବ୍ୟବସାୟୀଙ୍କ ଘରେ ପୁଲିସ ପକ୍ଷରୁ ରେଡ କରାଯାଇ ବିପୁଳ ପରିମାଣର ବାଣ ଜବତ ହୋଇଛି । ଗୁରୁବାର ନର୍ଲାରେ ମଧ ଲକ୍ଷାଧିକ ଟଙ୍କାର ବାଣ ଜବତ ହୋଇଛି ।କଳାହାଣ୍ଡି ଜିଲ୍ଲା କେସିଙ୍ଗାରେ ମଧ ୧୫ ଦିନ ତଳେ ପୁଲିସ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରି ବିପୁଳ ପରିମାଣର ବାଣ ଜବତ କରିଥିଲା ।ଅନ୍ୟପଟେ ଶବ୍ଦ ପ୍ରଦୂଷଣ ଓ ବାୟୁ ପ୍ରଦୂଷଣକୁ ରୋକିବା ପାଇଁ ମାନ୍ୟବର ଅଦାଲତ ମଧ ଦୀପାବଳୀ ଦିନ ମାତ୍ର ୨ ଘଣ୍ଟା ସନ୍ଧ୍ୟା ୭ରୁ ରାତ୍ର ୯ ପର୍ଯ୍ୟନ୍ତ ବାଣ ଫୁଟାଇବା ପାଇଁ ଅନୁମତି ପ୍ରଦାନ କରିଥିବା ବେଳେ ବିନା ପ୍ରଦୂଷିତ ଫଟକରା ଫୁଟାଇବା ଉପରେ ରୋକ ଲଗାଇ ନାହାନ୍ତି । ହେଲେ ବଡ଼ ବଡ଼ ବାଣ ବ୍ୟବସାୟୀଙ୍କ ଠାରୁ ଛୋଟ ଛୋଟ ବ୍ୟବସାୟୀ ମାନେ ଦୀପାବଳୀରେ କିପରି ବିକିବେ ଚିନ୍ତାରେ ପଡ଼ିଯାଇଛନ୍ତି । ଏ ବିଷୟ ଉପରେ କେସିଙ୍ଗା ଥାନା ଅଧିକାରୀ ଜୀତେନ୍ଦ୍ର ବିଶ୍ୱାଳଙ୍କ ସହିତ ଆଲୋଚନା କରିବାରୁ ଆଜି ପର୍ଯ୍ୟନ୍ତ କେସିଙ୍ଗାରେ କେତେ ଜଣ ବ୍ୟବସାୟୀ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଅନୁମତି ପାଇଛନ୍ତି ଆମ ପାଖରେ ଖବର ନାହିଁ ।କିନ୍ତୁ ବିନା ଅନୁମତିରେ ଯେ କୌଣସି ବ୍ୟବସାୟୀ ଦୋକାନରେ ବାଣ ବିକ୍ରୟ କରେ ଧରାପଡ଼ିଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।



# ସଫେଇ କର୍ମଚାରୀ ଚାକିରି ନାଁରେ ଠକେଇ

**ବୀରମହାରାଜପୁର, ୧୯ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅଞ୍ଚଳରେ ସଫେଇ କର୍ମଚାରୀ ଅଭିଯାନରେ ଚାକିରି କରାଇଦେବା ନାଁରେ ଏକ ବଡ଼ ଠକ ରାକେଟ ସକ୍ରିୟ ହୋଇଛି । ରାକେଟରେ ସମ୍ପୃକ୍ତ ବ୍ୟକ୍ତିମାନେ ବିଭିନ୍ନ ଗ୍ରାମରେ ପ୍ରଥମେ ଏଜେଣ୍ଟ ନିଯୁକ୍ତ କରୁଛନ୍ତି । ଏହାପରେ ଏଜେଣ୍ଟମାନେ ଆଶାୟୀ ସଫେଇ କର୍ମଚାରୀଙ୍କଠାରୁ ଜଣପିଛା ୧୨ହାଜର ଟଙ୍କା ଅସୁଲ କରୁଛନ୍ତି । ଯିଏ ୧୩ ହାଜର ଦେବେ ତାଙ୍କୁ ସଫେଇ ଅଭିଯାନରେ କର୍ମଚାରୀ ନିଯୁକ୍ତି ମିଳିବ । ଦୈନିକ ୪୦୦ଟଙ୍କା ଆଧାରରେ ମାସିକ ୧୨ହଜାର ଟଙ୍କା ଦରମା ଦିଆଯିବ ବୋଲି ଆଶାୟୀଙ୍କୁ କଥା ଦେଇ ଏଜେଣ୍ଟମାନେ ଠକେଇ କରୁଛନ୍ତି । ଯେଉଁମାନେ ଚାକିରି ଲୋଭରେ ପଡ଼ି ଟଙ୍କା ଦେଉଛନ୍ତି ତାଙ୍କୁ ସ୍ଥାନୀୟ ଏଜେଣ୍ଟ ରାତି ୩ଟାରୁ ୪ଟା ପର୍ଯ୍ୟନ୍ତ ଏକ ଗାଡ଼ି ଭଡା କରି ଆଣି ମୁଖ୍ୟ ରାସ୍ତାରେ ଛିଡ଼ାକରି ଏକ ଫଟୋ ଉଠାଉଛନ୍ତି । ପରେ ତାଙ୍କୁ କାମ ସରିଗଲା ବୋଲି କହି ପୁଣି ଗାଡ଼ିରେ ନେଇ ଘରେ ଦେଉଛନ୍ତି । ଏଥିରେ ଶହ ଶହ ଆଶାୟୀ ଯୁବକ ଠକାମିର ଶିକାର ହେଉଛନ୍ତି । ଏହି ଠକ ରାକେଟ ଉଲୁଣ୍ଡା ଓ ଆଖପାଖ ଅଞ୍ଚଳରୁ ପ୍ରାୟ ୫୦ ଲକ୍ଷରୁ ଅଧିକ ଆଦାୟ କଲେଣି । ତେବେ ଏ ନେଇ ଥାନା ଅଧିକାରୀ ଲିଙ୍ଗରାଜ ସେଠୀଙ୍କୁ ପଚାରିବାରୁ ପୁଲିସରେ ସେଭଳି କିଛି ଅଭିଯୋଗ ହୋଇନାହିଁ । ଅଭିଯୋଗ ଆସିଲେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

# କଣ୍ଟାମାଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା

**ଶଗଡ଼ା, ୧୯ ।୧୦ (ସମିସ):** କଣ୍ଟାମାଳ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କଣ୍ଟାମାଳ ପୁଲିସ ପକ୍ଷରୁ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଣ୍ଟାମାଳ ଥାନା ଅଧିକାରୀ ରଞ୍ଜିତ ମୁନି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସହ ସାଇବର ସୁରକ୍ଷା ସଚେତନତା ଉପରେ ଆଲୋଚନା କରିଥିଲେ । କେମିତି ସାଇବର ଠକେଇରୁ ଦୂରେଇ ରହିବେ ସେ ଉପରେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ । ଏହି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ସହଯୋଗ କରିଥିଲେ । ମାସେ ଧରି ସାରା ରାଜ୍ୟରେ ସାଇବର ସୁରକ୍ଷା ନେଇ ଜନ ସାଧାରଣଙ୍କୁ ସଚେତନ କରାଯିବ । ସୁରକ୍ଷିତ ଓଡ଼ିଶା ଗଠନ ପାଇଁ ଅନ ଲାଇନ ଠକେଇ ପ୍ରତି ସାବଧାନ ରହିବା ପାଇଁ ଲୋକଙ୍କୁ ସତର୍କ କରାଯିବ । ସାଇବର ସୁରକ୍ଷା କ୍ୟାମ୍ପେନ ମାଧ୍ୟମରେ ସାଇବର ଅପରାଧକୁ ରୋକାଯାଇ ପାରିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି ।

# ୩ ପଞ୍ଚାୟତ ଭବନର ଭିତ୍ତିପ୍ରସ୍ତର ସ୍ଥାପନ

**ଶଗଡ଼ା, ୧୯ ।୧୦(ସମିସ):** ବୌଦ୍ଧ ଜିଲ୍ଲା କଣ୍ଟାମାଳ ସମେତ ବ୍ଲକର ୩ଟି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ଭବନର ଭିତ୍ତି ପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ଏହି ପ୍ରକଳ୍ପର ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି । କଣ୍ଟାମାଳରେ ବିଡ଼ିଓ ସାମି ରେଡି ଜୟଶ୍ରୀ, ସରପଞ୍ଚ ଦୀପାଞ୍ଜଳି ଖଟୁଆ, ପଞ୍ଚାୟତ ନିର୍ବାହୀ ଅଧିକାରୀ ମଧୁସ୍ମିତା ମହାକୁଲ, ନାରାୟଣ ପ୍ରସାଦରେ ସରପଞ୍ଚ ରୀତାକାନ୍ତୀ ମାଝୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଭୁଲେଶ୍ୱର ନାଗ ଓ ବିଳାସପୁରରେ ସରପଞ୍ଚ ଅମ୍ବିକା ସୁନା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । କଣ୍ଟାମାଳ ବ୍ଲକର ଏହି ୩ଟି ପଞ୍ଚାୟତରେ ୩୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ପଞ୍ଚାୟତ ଭବନ ନିର୍ମାଣ କରାଯିବ ।

# ହରିଣ ମାଂସ ଜବତ; ଶିକାରୀ ଗିରଫ



**ବୀରମହାରାଜପୁର, ୧୯।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ରେଞ୍ଜ ଅନ୍ତର୍ଗତ ଖରାପୁରା ଶୁଲିଆ ରାସ୍ତାରେ ବନବିଭାଗ ଚଢ଼ଉକରି ହରିଣମାଂସ ଜବତ କରିବା ସହ ଜଣେ ଶିକାରୀକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲା ଧମା ଥାନା ଅନ୍ତର୍ଗତ ତବଲେଇର ଅରୁଣ ଭୁଏ । ଅଭିଯୁକ୍ତ ଶିକାରୀ ଜଣକ ଏକ ସାଇକଲରେ ହରିଣ ମାଂସ ଧରି ସାଗଜୁରି ଅଞ୍ଚଳକୁ ଯାଉଥିବାବେଳେ ଫରେଷ୍ଟର ବିନୋଦ ସାହୁ, ଉଲୁଣ୍ଡା ଫରେଷ୍ଟର ଦୀନେଶ ମାଝୀ, ଗାର୍ଡ ଆଶୁତୋଷ ହୋତାଙ୍କ ସମେତ ସ୍କ୍ୱାଡ୍ ଟିମ୍ ରାସ୍ତାରେ ଚଢ଼ଉ କରିଥିଲେ । ଫଳରେ ସାଇକଲ ସହ ୨ କେଜି ହରିଣ ମାଂସ ଜବତ କରିଥିଲେ । ଏଥିସହ ଅଭିଯୁକ୍ତ ଅରୁଣଙ୍କୁ ଗିରଫ କରିଥିଲେ । ଏ ନେଇ ବନ ବିଭାଗ ଏକ ମାମାଲା ରୁଜୁକରି ଅଭିଯୁକ୍ତ ଶିକାରୀ ଅରୁଣ ଭୁଏକୁ କୋର୍ଟ ଚାଲାଣ କରିଥିବା ଜଣାଯାଇଛି ।

# ମଦ କାରବାରରେ ୨ ଗିରଫ

**ଡୁଙ୍ଗୁରିପାଲି, ୧୯ ।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ପକ୍ଷରୁ ପୃଥକ୍ ପୃଥକ୍ ଦୁଇ ଦିନର ଚଢ଼ଉରେ ୫୦ ଲିଟର ଦେଶୀ ମଦ ଜବତ କରିବା ସହ ୨ଜଣକୁ ଗିରଫ୍ କରି କୋଟ ଚାଲାଣ କରିଛି । ରାମପୁର ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ପଣ୍ଡକିଟାଲ ଛକରେ ଏକ ଗାଡ଼ିରୁ ୩୦ ଲିଟର ଦେଶୀ ମଦ ଜବତ କରିଛି । ବରଗଡ଼ ଜିଲ୍ଲା ବରପାଲି ଥାନା ରକଶା ଗ୍ରାମର କୁବେର ନାଏକକୁ ଗିରଫ କରିଛି । ସେହିଭଳି ବାଙ୍କିପାଲି ଛକରୁ ୨୦ ଲିଟର ଦେଶୀ ମଦ ଜବତ କରିବା ସହ ବଡ଼ଭାଲୁପାଲି ଗ୍ରାମର ରବୀନ୍ଦ୍ର ମାଝୀକୁ ଗିରଫ କରିଛି । ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପଦ୍ମାସିନୀ ମେହେର ସୂଚନା ଦେଇଛନ୍ତି ।





# ଗଞ୍ଜେଇ କାରବାରରେ ଦମ୍ପତି ଗିରଫ

**ଡୁଙ୍ଗୁରିପାଲି, ୧୯ ।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ପୁଲିସ ୨୧କେଜି ୫୮୧ ଗ୍ରାମ ଗଞ୍ଜେଇ ଜବତ କରି ଦୁଇ ଜଣକୁ ଗିରଫ କରିଛି । ଏମାନେ ହେଲେ ମଧ୍ୟପ୍ରଦେଶ ରାଧାକ୍ରିଷ୍ଣ ଜବଲପୁରର ହିମାଂଶୁ ବଡେଲ (୨୦) ଓ ତାଙ୍କ ପତ୍ନୀ ଆସିକା ବଡେଲ । ଶନିବାର ସନ୍ଧ୍ୟାରେ ୨୬ ନମ୍ବର ଜାତୀୟ ରାଜପଥ ଖୁଣ୍ଟପାଲି ଷ୍ଟେସନ ରୋଡ୍‌ରେ ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ସ୍ୱାମୀ, ସ୍ତ୍ରୀକୁ ସନ୍ଦେହ କରିଥିଲା । ସେମାନେ ଧରିଥିବ ବ୍ୟାଗ ଯାଞ୍ଚ କରିବାରୁ ଗଞ୍ଜେଇ ମିଳିଥିଲା । ଜବତ ଗଞ୍ଜେଇର ମୂଲ୍ୟ ୨, ୧୫, ୮୨୦ ଟଙ୍କା ହେବ । ଏହାସହ ସେମାନଙ୍କ ପାଖରୁ ୨ଟି ମୋବାଇଲ୍, ଗୋଟିଏ ଆଇଫୋନ୍-୭ ଓ ୪୦୦ ଟଙ୍କା ଜବତ କରାଯାଇଛି । ଏହା ବାହାର ରାଜ୍ୟକୁକୁ ଚାଲାଣ ହେଉଥିଲା । ଏ ନେଇ ଡୁଙ୍ଗୁରିପାଲି ପୁଲିସ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ରୋଜାଲିନ ପଟେଲ ସୂଚନା ଦେଇଛନ୍ତି ।



# ଲାଞ୍ଜିଗଡ଼ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା

**ଲାଞ୍ଜିଗଡ଼, ୧୯ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ସାମାଜିକ ବିଜ୍ଞାନ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜମ୍ବେଶ୍ୱର ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଜାତୀୟସ୍ତରରେ ପୁରସ୍କାରପ୍ରାପ୍ତ ଶିକ୍ଷକ ସନ୍ତୋଷ କର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲ୍ଲା ଶିକ୍ଷା ବିଭାଗର ଯୁକ୍ତ-୨ କଡିନେଟର ବିରେନ୍ଦ୍ର ଆଚାର୍ଯ୍ୟ ଓ ପଞ୍ଚସଖା ଶିକ୍ଷା ସେତୁର ଜିଲ୍ଲା ସଂଯୋଜକ ପ୍ରଶାନ୍ତ ନନ୍ଦ, ଲାଞ୍ଜିଗଡ଼ ବ୍ଲକ ଅତିରିକ୍ତ ଗୋଷ୍ଠି ଶିକ୍ଷା ଅଧିକାରୀ ଭରତ ଭୂଷଣ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।ଇତିହାସ ଓ ଭୂଗୋଳ ବିଷୟ ପ୍ରତି ପିଲାଙ୍କ ଆଗ୍ରହ ନିମନ୍ତେ ବିଦ୍ୟାଳୟର ସାମାଜିକ ବିଜ୍ଞାନ ଶିକ୍ଷକ ବିନୋଦ ବାତ୍ରାଙ୍କ ସହାୟତାରେ ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ଇତିହାସ ଓ ଭୂଗୋଳ ବିଷୟର ୫୦ରୁ ଉର୍ଦ୍ଧ୍ୱ ମଡେଲ ପ୍ରସ୍ତୁତ କରି ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଥମ ସ୍ଥାନ ରଞ୍ଜିତା ଆଚରି, ଦ୍ୱିତୀୟ ସ୍ଥାନ ପୁନମ ଗହିର ଓ ତୃତୀୟ ସ୍ଥାନ ସ୍ମୃତି ସେଠୀ ଅଧିକାର କରିଥିବା ପୁରସ୍କୃତ କରିବା ସହ ଶ୍ରେଷ୍ଠ ୧୦ ଜଣଙ୍କୁ ମାନପତ୍ର ଓ ପୁରସ୍କାର ସହ ସମ୍ମାନିତ କରିବା ସହ ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ବିଷ୍ଣୁ ପ୍ରସାଦ ରାଉତ, ସୁନିଲ କୁମାର ପାଠକ, କାହ୍ନୁ ଚରଣ ଡାକୁଆ, ସିରିପୁରମ ମୋହନା ରାଓ, ରୋଜାଲିନ ପାଢ଼ୀ, ଅମିତା ସ୍ୱାଇଁ, ବନିତା ଧଙ୍ଗଡ଼ାମାଝୀ ପ୍ରମୁଖ ସହଯୋଗ କରିଥିଲେ ।ଶେଷରେ ଶିକ୍ଷକ ନାଗେଶ୍ୱର ସା ଧନ୍ୟବାଦ ଅର୍ପଣ କରିଥିଲେ ।




# କେପାସିଟି ବିଲ୍ଡିଂ ଫର୍ ୟୁଥ୍ ଅନ୍ ଇକୋ-କ୍ଲାସ୍ କର୍ମଶାଳା



**ଭବାନୀପାଟଣା, ୧୯ ।୧୦(ସମିସ):** କଳାହାଣ୍ଡି ଚାରୁକଳା ଓ ଗବେଷଣା ମହାବିଦ୍ୟାଳୟରେ ସେଣ୍ଟର ଅଫ୍ ଏନ୍‌ଭାର୍‌ମେଣ୍ଟ ଷ୍ଟଡିସ ଫରେଷ୍ଟ ଏନ୍‌ଭାର୍‌ମେଣ୍ଟ ଏଣ୍ଡ କ୍ଲାଇମେଟ୍ ଚେଞ୍ଜ ଡିପାର୍ଟମେଣ୍ଟ ତରଫରୁ କେପାସିଟି ବିଲ୍ଡିଂ ଫର୍ ୟୁଥ୍ ଅନ୍ ଇକୋ-କ୍ଲାସ୍ କର୍ମଶାଳା ଆୟୋଜନ କରାଯାଇଥିଲା । ଉକ୍ତ କର୍ମଶାଳାରେ ବିଶିଷ୍ଟ କଳାକାର ସ୍ଥାପତ୍ୟ ଜୟନ୍ତ ଦାସ, ଭୁବନେଶ୍ୱର, ପ୍ରାକ୍ତନ ଅଧ୍ୟକ୍ଷ ଖଲିକୋଟ, ମୁଖ୍ୟ ଅତିଥି ଭାବେ, ଡ. ଉମେଶ ଚନ୍ଦ୍ର ଶତପଥି (ଶିକ୍ଷାବିତ୍), ଶିକ୍ଷକ, ସର୍ବେଶ୍ୱର ଭୋଇ ଏବଂ ଚିଣ୍ଟୁ ପ୍ରସାଦ ନାଏକ(ଅଧ୍ୟକ୍ଷ, କେସିଏଆର୍) ବିଶିଷ୍ଟ ଲୋକ ଓ ସ୍ଥାପତ୍ୟ କଳାକାର ସଭାପତିତ୍ୱ କରିଥିଲେ ଓ ଉକ୍ତ କର୍ମଶାଳାରେ ଜଗଦିସ୍ ପାଣିଗ୍ରାହି ଓ ଡ.ବିପ୍ର ଚରଣ ନାଏକ କଣ୍ଢେଇ କଳାକାର, ଗଞ୍ଜାମ, କୌବଲ୍ୟ ରଣା, ଭଙ୍ଗାବାରି (ଟେରାକୋଟା କଳାକାର), ରାଜେଶ ମହାରଣା (କାମଠଣା) ଉଡ୍ କାରଭିଂଗ୍ ଭବାନୀପାଟଣା, ଘାସିରାମ ନାଗ, ବାଉଁଶ କାମ, ଐଶ୍ୱରୟା ପାଢି ପେପର୍ କ୍ରାଫ୍ଟ, ପରି ସାହୁ, ପେପର୍ କ୍ରାଫ୍ଟ, ରିସର୍ଚ୍ଚ୍ ପର୍ସନ୍ ଥିଲେ ଥବୁର ପ୍ରସାଦ ଯାଦବ, ମନୋଜ ରାଉତ, ସସ୍ମିତା ପଟେଲ ସହଯୋଗ କରିଥିଲେ । ଶେଷରେ କେସିଏଆର୍‌ର ସମ୍ପାଦକ କମଲ କିଶୋର ଶତପଥି ଧନ୍ୟବାଦ ଅର୍ପଣ କରିଥିଲେ ।







# ନୂଆଁ ବ୍ଲକ୍ ଗଠନ ପାଇଁ ଅଙ୍କକଷା

**ସିନାପାଲି, ୧୯ ।୧୦(ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକର ବିଭିନ୍ନ ପଞ୍ଚାୟତଗୁଡ଼ିକ ନୂତନ ବ୍ଲକ ଗଠନ ନେଇ ଅଙ୍କକଷା ଆରମ୍ଭ କରିଛନ୍ତି । କେଉଁଠାରେ ହେଲେ ଲୋକେ ଉପକୃତ ହେବେ ତାକୁ ନେଇ ପରସ୍ପର ପଞ୍ଚାୟତ ମଧ୍ୟରେ ଲାଗି ରହିଛି ଚର୍ଚ୍ଚା ଚାଲିଛି । ତେବେ ଏହି ନୂତନ ବ୍ଲକ ଗଠନ ଦାବି ପ୍ରକ୍ରିୟାରେ କେତେଦୂର ସଫଳ ହେଉଛନ୍ତି ଓ ନୂତନ ବ୍ଲକ ଗଠନ କେଉଁ ଠାରେ ହେଉଛି ତାକୁ ନେଇ ଅଞ୍ଚଳର ଜନସାଧାରଣ ଅପେକ୍ଷା କରି ରହିଛନ୍ତି । ପ୍ରକାଶ ଯୋଗ୍ୟ ଯେ, ସିନାପାଲି ବ୍ଲକର ସର୍ବପୁରାତନ ପଞ୍ଚାୟତ କେନ୍ଦୁମୁଣ୍ଡାରେ ନୂତନ ବ୍ଲକ ଗଠନ ନେଇ ଅଙ୍କ କଷା ଆରମ୍ଭ ହୋଇଛି । କେନ୍ଦୁମୁଣ୍ଡା ଗ୍ରାମର ଜନସାଧାରଣ ତଥା ବୁଦ୍ଧିଜୀବୀ କହିବା ଅନୁସାରେ ପଞ୍ଚାୟତରେ ବ୍ଲକ ହେବା ନେଇ ୨୦୦୮ ରୁ ଦାବି ଜଣାଇ ଆସୁଥିବା ବେଳେ ବର୍ତ୍ତମାନ ୨୦୨୪ ପର୍ଯ୍ୟନ୍ତ ଅନେକଥର ସରକାରଙ୍କ ନିକଟରେ ଦାବି ଜଣାଇ ସାରିଛି । ଏପରିକି ଏହି ସ୍ଥାନରେ ବ୍ୟାଙ୍କ, ରାଜସ୍ୱ କାର୍ଯ୍ୟାଳୟ, ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଆୟୁର୍ବେଦ, ସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚ ବିଦ୍ୟାଳୟ ସମେତ ଅନେକ କାର୍ଯ୍ୟାଳୟ ରହିଛି । ତେଣୁ କେନ୍ଦୁମୁଣ୍ଡା ପଞ୍ଚାୟତ ସମେତ ନଙ୍ଗଲବୋର୍ଡ, ଘାଟମାଳ, ନୁଆମାଳପଡ଼ା, ଖଇରପଦର, କଇଁଟପଦର, କରଣ ବାହାଲି, ଝାରବନ୍ଧକୁ ମିଶାଇ ନୂତନ ବ୍ଲକ ଗଠନର ଯଥାର୍ଥ ରହିଛି ବୋଲି କେଶରି ମାଝୀ, କୈଳାଶ ବାଗ, ସ୍ଥାନୀୟ ସରପଞ୍ଚ ମଦନ ଦଣ୍ଡସେନା, ଡିଙ୍ଗର ନାଏକ, ଖଗେଶ୍ୱର ମାଝୀଙ୍କ ସମେତ ଅନେକ ବୁଦ୍ଧିଜୀବୀ ପ୍ରକାଶ କରିଥିବା ବେଳେ କେନ୍ଦୁମୁଣ୍ଡା ଗୋଟିଏ ପଞ୍ଚାୟତରେ ଏହି ଅଞ୍ଚଳ ରହିଥିଲା ପରବର୍ତ୍ତୀ ସମୟରେ ବିଭାଜନ ହୋଇ ନୂତନ ପଞ୍ଚାୟତ ହୋଇଛି ତେଣୁ ଏହି ସ୍ଥାନ ଉପଯୁକ୍ତ ବୋଲି କହିଛନ୍ତି । ସେହିପରି ଖଇରପଦର ଠାରେ ଉପରୋକ୍ତ ପଞ୍ଚାୟତକୁ ନେଇ ଦାବିନେଇ ଗତ କିଛି ଦିନ ତଳେ ବୈଠକ ଆୟୋଜନ କରି ନୂତନ ବ୍ଲକ ଗଠନ କମିଟି ଓ କ୍ରୀୟାନ୍ୱୟନ୍ କମିଟି ଗଠନ କରି ସରକାର ତଥା ପ୍ରଶାସନ ନିକଟରେ ଦାବି ଜଣାଇବା ପାଇଁ ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଗିରିରାଜ ମାଝୀ, ଜୟପାଲ ନାଗ, ସୁରେନ୍ଦ୍ର ସୁନାନୀ ସମେତ ଅନେକ ମତ ପୋଷଣ କରିଛନ୍ତି । ସେହିପରି ସିନାପାଲି ବ୍ଲକର ସୀମାନ୍ତ ଖଡିଆଳ ବ୍ଲକର କିରିକିଟା ପଞ୍ଚାୟତ ଠାରେ ନୂତନ ବ୍ଲକ ଗଠନ ନେଇ ଦୀର୍ଘ ବର୍ଷ ଧରି ଦାବି କରି ଆସୁଥିବା ବେଳେ କିରିକିଟା ପଞ୍ଚାୟତ, ସୁନାରି ସିକୁଆଁ, ରାଣୀମୁଣ୍ଡା (କୋଟାମାଲ), ଖୁଦପେଜ, ଡୁଆଝର ରହିଥିବା ବେଳେ ସିନାପାଲି ବ୍ଲକର ଗଣ୍ଡାବହାଲି, ମଖାପଦର, ବରଗାଁ ଓ ବୋଡ଼େନ ବ୍ଲକର ଲର୍କା, ରୋକାଲ ପ୍ରମୁଖ ୩ଟି ବ୍ଲକର ମିଶ୍ରଣ ପଞ୍ଚାୟତକୁ ନେଇ ଦାବି କରାଯାଉଛି । ସେହିପରି ସିଙ୍ଗଝର ଠାରେ ନୂତନ ବ୍ଲକ ଗଠନ ନେଇ ସରକାରଙ୍କ ନିକଟରେ ଦାବି ଜଣାଇଥିବା ବେଳେ ସିଙ୍ଗଝର ସମେତ ଭରୁଆମୁଣ୍ଡା, ନୂଆପଡ଼ା, କୁସୁମଯୋର, ଝାରବନ୍ଧ, ଗୋଡାଲକୁ ନେଇ ନୂତନ ବ୍ଲକ ଦାବି ରଖୁଛି । ଏପରିକି ଏଠାରେ ଷ୍ଟେଟ ବ୍ୟାଙ୍କ, ପ୍ରାଣୀ ଚିକିତ୍ସା କେନ୍ଦ୍ର, ରାଜସ୍ୱ କାର୍ଯ୍ୟାଳୟ, ଓ ଉଚ୍ଚ ଇଂରାଜୀ ବିଦ୍ୟାଳୟ ରହିଛି । ତେଣୁ ଏହା ଉପଯୁକ୍ତ ସ୍ଥାନ ବୋଲି ଦାବି ଉପସ୍ଥାପନ କରିଛନ୍ତି । ସେହିପରି ବୋଡ଼େନ ବ୍ଲକ ର କରଙ୍ଗାମାଲ ଠାରେ ମଧ ନୂତନ ବ୍ଲକ ନେଇ ବାବେବିର, ଲର୍କା, ରୋକାଲ, ଲିଟିସର୍ଗି, ରାଣୀମୁଣ୍ଡା, ଟିମନପୁର ପଞ୍ଚାୟତ ସମେତ ଆଉ କିଛି ପଞ୍ଚାୟତକୁ ନେଇ ଦାବି ହେଉଛି । ତେବେ ନୂତନ ବ୍ଲକ ଗଠନ କେବେ ହେବ ଓ କାର୍ଯ୍ୟକାରୀ ହେବ ତାହା ସମୟକୁ ନେଇ ଅପେକ୍ଷା ରହିଥିବା ବେଳେ ପରସ୍ପର ପଞ୍ଚାୟତ ଦାବି ଉଠାଇଛନ୍ତି ଆଗାମୀ ଦିନରେ କେଉଁ ସ୍ଥାନ ବିବେଚିତ ହେବ ତାକୁ ନେଇ ଅପେକ୍ଷା କରିଛନ୍ତି ଅଞ୍ଚଳର ଜନସାଧାରଣ ଓ ବୁଦ୍ଧିଜୀବି । ସିନାପାଲି ବ୍ଲକ ୨୭ଟି ପଞ୍ଚାୟତକୁ ନେଇ ଗଠିତ ହୋଇ ଥିବା ବେଳେ ବୋଡ଼େନ ବ୍ଲକ ୧୫ ପଞ୍ଚାୟତ ଓ ଖଡିଆଳ ବ୍ଲକ ୧୮ଟି ପଞ୍ଚାୟତକୁ ନେଇ ଗଠିତ । ହେଲେ ସିନାପାଲି ବ୍ଲକ ଅଞ୍ଚଳ ୨୭ଟି ପଞ୍ଚାୟତ ଥିବରୁ ଅନେକ ସମୟରେ ବିକାଶମୂଳକ କାର୍ଯ୍ୟରେ ଆବଶ୍ୟକ ସରକାରୀ ଅନୁଦାନ ପ୍ରଦାନରେ ଅବ୍ୟବସ୍ଥା ଲାଗି ରହିଥିବା ବେଳେ ସେଭଳି ବିକାଶ ହୋଇ ପାରୁନାହିଁ । ଛୋଟ ଭାବରେ ନୂତନ ବ୍ଲକ ଗଠନ ହେବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।